ପ୍ରମୋଦ-ଭାରତୀ-ଗ୍ରନ୍ଥମାଳା--୨

ଚାଣକ୍ୟ

ଶ୍ରୀ ଈଶ୍ୱର ସାହୁ

ପ୍ରକାଶକ :—

ଗଞ୍ଜାମ ଷ୍ଟୋର, ବ୍ରହ୍ମପୁର

ପ୍ରଥମ ମୁଦ୍ରଣ

CHANAKYA

By

ISWARA SAHU

Publishers :

The Ganjam Sto.

BERHAMPUR

Printed by S. B. Rath

The ASHA Press.

Berhampur

1927

Price Rs. 1—5—0 [illegible] ଟଙ୍କା

Digitized by srujanika@gmail.com

ପ୍ରମୋଦ-ଭାରତୀ

ଗ୍ରନ୍ଥମାଳା

ପ୍ରବେଶିକା ସ୍ୱଧା—ଏକକାଳୀନ ସ୍ମରଣୀ ମାତ୍ର

ପ୍ରଥମ ପୁସ୍ତକ

ହିନ୍ଦୁ ରମଣୀ

ଲେଖକ—ଶ୍ରୀ ଅଶ୍ୱିନୀକୁମାର ଘୋଷ, ଏମ୍. ଏ, ମୂଲ୍ୟ ୲ ୶

ଗ୍ରାହକମାନଙ୍କ ପାଇଁ ୲ ୵ ମାତ୍ର ।

ଦ୍ୱିତୀୟ ପୁସ୍ତକ

ଚାଣକ୍ୟ

ମୂଲ୍ୟ ୲୵, ଗ୍ରାହକମାନଙ୍କ ପାଇଁ ଏକ ଟଙ୍କା ମାତ୍ର

ତୃତୀୟ ଖଣ୍ଡ

ନେପୋଲିଅନ

ଶ୍ରୀ [illegible] ମିଶ୍ର ଏମ୍. ଏ. ଙ୍କ ଲିଖିତ—ଭିନ୍ନ ଶତାଧିକ ପୁସ୍ତକାଦି [illegible] । ଇଉରୋପର ରଣକେଶରୀ ନେପୋଲିଅନଙ୍କ ଅଦ୍ଭୁତ ଜୀବନୀ [illegible] ଶୀଘ୍ର ପ୍ରକାଶିତ ହେବ ।

ଚତୁର୍ଥ ଖଣ୍ଡ

ଶକୁନି

ଲେଖକ—ପଣ୍ଡିତ [illegible], ଏମ୍. ଏ,

ମହାଭାରତର [illegible] ବିଖ୍ୟାତ ସୂତ୍ରଧାର—

[illegible]ଙ୍କ ଅଦ୍ଭୁତ ପ୍ରତିଭା ।

—∘○∘—

Digitized by srujanika@gmail.com

ଉତ୍ସର୍ଗ

ସ୍ୱର୍ଗତ ପିତା,

ଶ୍ରୀ ରାମଚନ୍ଦ୍ର ଦେବ ଶର୍ମାଙ୍କ

ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ—

*

ଯାହାଙ୍କ

ଯୌବନ-ସ୍ୱପ୍ନତନ୍ଦ୍ରେ, ଜନକର ପ୍ରତିଜ୍ଞା,

ତାଙ୍କ

ଉଚ୍ଛୃଙ୍ଖଳ ଜୀବନକୁ

ସରସ, ସଂଯତ, ଏକନିଷ୍ଠ

କରିଥିଲା—

ଏବଂ

ଯାହାଙ୍କ

ତରୁଣ ଶିଶୁ ଉପରେ

ନିର୍ଦ୍ଦୋଷ ସଂସାର-ଯାତ୍ରା

ଅଛ

ଏ ସ୍ୱାର୍ଥ- ଅନଭିଜ୍ଞ ଯାତ୍ରୀର

ଏକମାତ୍ର

ପାପ-ସ୍ମୃତି ଭୁଲେଇ

ଦେଲା ।

ପ୍ରମୋଦ-ଭାରତୀ ଗ୍ରନ୍ଥମାଳା

ଉଦ୍ଦେଶ୍ୟ—ସାହିତ୍ୟ-ଭଣ୍ଡାରର ଲୁପ୍ତରତ୍ନ ଉଦ୍ଧାର କରି ଦେଶବାସିଙ୍କୁ ଉପହାର ଦେବା ଏହି ଗ୍ରନ୍ଥମାଳାର ଉଦ୍ଦେଶ୍ୟ । ଅର୍ଥାତ୍ ଇତିହାସ, ପ୍ରତ୍ନତତ୍ତ୍ୱ, ସମାଜ-ବିଜ୍ଞାନ, ଭାଷା-ବିଜ୍ଞାନ, ଅର୍ଥଶାସ୍ତ୍ର, ଧର୍ମ-ମତ, ଜୀବନୀ ଇତ୍ୟାଦି ସହ ସାହିତ୍ୟ-ପ୍ରକାଶ କରି ସାହିତ୍ୟର ନାନା ଦିଗର ଅଭାବ କିଞ୍ଚିତ୍ ପରିମାଣରେ ମୋଚନ କରିବା ।

ନିୟମାବଳୀ :—

[୧] ଯେଉଁମାନେ ଏକକାଳୀନ ଚାରିଅଣା ମାତ୍ର ଦର୍ଶନୀ ଦେଇ ଗ୍ରାହକ ଶ୍ରେଣୀଭୁକ୍ତ ହୋଇଅଛନ୍ତି କିମ୍ବା ହେବେ ଏବଂ ଆରମ୍ଭରୁ ପ୍ରକାଶିତ ପୁସ୍ତକ ଗ୍ରହଣ କରିବେ, ସେମାନଙ୍କୁ 'ଗ୍ରନ୍ଥମାଳା'ର ସମସ୍ତ ପ୍ରକାଶିତ ଗ୍ରନ୍ଥ ନିରୂପିତ ମୂଲ୍ୟ[illegible] ଦରରେ ଦିଆଯିବ ।

[୨] ଯେଉଁମାନେ କେବଳ 'ଦ୍ୱିତୀୟ' ସଂଖ୍ୟା ପ୍ରକାଶନ-ସଂଖ୍ୟା ଏହିଠାରୁ ଗ୍ରାହକ ହେବେ, ସେମାନେ ପ୍ରବେଶିକା ସୁଦ୍ଧା ଆଠ-ଅଣା ଦେବେ ।

[୩] ପ୍ରତିବର୍ଷ ଅନ୍ୟୂନ ଦୁଇଖଣ୍ଡ ଗ୍ରନ୍ଥ ପ୍ରକାଶିତ ହେବ ।

[୪] ଯେଉଁମାନେ 'ଗ୍ରନ୍ଥମାଳା'ରେ ପ୍ରକାଶ କରିବା ପାଇଁ ପୁସ୍ତକ [illegible] ଦେବାକୁ ଇଚ୍ଛୁକ, ସେମାନେ ନିମ୍ନ ଠିକଣାରେ ପତ୍ର ଲେଖି ଜ୍ଞାତବ୍ୟ ବିଷୟ ଅବଗତ ହୋଇପାରିବେ ।

[୫] 'ଗ୍ରନ୍ଥମାଳା' ପ୍ରକାଶେ ପୁସ୍ତକ ନିର୍ବାଚନର ସମସ୍ତ ସ୍ୱତ୍ୱ ପରିଚାଳକଙ୍କ ଦ୍ୱାରା ସୁରକ୍ଷିତ ।

ନିବେଦକ—ପଣ୍ଡିତ [illegible] ଲବଣ୍ୟ ମୂଳକ ଗ୍ରନ୍ଥ ପ୍ରତିଷ୍ଠାତାଙ୍କ ମହାଶୟଙ୍କ [illegible] ଏ 'ଗ୍ରନ୍ଥମାଳା'ର ଗୁଚ୍ଛି ନିୟମ ।

[illegible] ପରିଚାଳକ,

ପ୍ରମୋଦ ଭାରତୀ-ଗ୍ରନ୍ଥମାଳା

Digitized by srujanika@gmail.com

ପ୍ରାରମ୍ଭ କଥା

ଗୁଣଜ୍ଞ ପ୍ରକାଶିତ 'ଶ୍ରୀଶ୍ରୀ-ତ୍ରୈଲୋକ୍ୟନାଥ-ପ୍ରଭୃତିର ଲୋକଟିଏ ପୁନ୍ ଅଳ୍ପ ସଫଳ ହେବ'। ପ୍ରଥମ ଜୀବନରୁ ଗୁଣଜ୍ଞଙ୍କ ଅଶେଷ ସଦ୍‌ଗୁଣାବଳୀର ଉପାସକ ଥିବାରୁ ପ୍ରଥମେହିଁ ଏହି ପୁସ୍ତକ ଲେଖିଅଛି। କେତେ ଦୂର କୃତକାର୍ଯ୍ୟ ହୋଇଅଛି, ବିଚାରର ଭାର ସହୃଦୟ ପାଠକଗଣଙ୍କ ଉପରେ। ଏତକ କହି ରଖିବା ଉଚିତ, ଏହାର ଭାଷା ଆଦ୍ୟନ୍ତ ମାର୍ଜିତ, ସଂଯତ ହୋଇଥାନ୍ତା, ଯଦି ଦାରିଦ୍ର୍ୟ-କଶାଘାତରେ ମୋର ସମୟର ଅଭାବ ଘଟନ୍ତା ନାହିଁ। କେବଳ ଏତିକି ନୁହେଁ, ପୁସ୍ତକରେ ସ୍ଥାନେ ସ୍ଥାନେ କେତେ ବ୍ୟାକରଣଗତ ଦୋଷ ଅସାବଧାନତାରୁ ରହିଯାଇ ଅଛି।

ପିତାଙ୍କ ପ୍ରଚଣ୍ଡ ଅସୁସ୍ଥତା ଏ ଜୀବନରେ ତାଙ୍କ ଶେଷ ଗ୍ରନ୍ଥ ରଖି ନଦେଇ ଥିବାରୁ, 'ପୁସ୍ତକ ଖଣ୍ଡି' ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଅଛି। ଉତ୍କଳରେ ଏପରି ବୃହତ୍ ପୁସ୍ତକ ପ୍ରକାଶ କରିବା ଏବଂ ସେହି କାର୍ଯ୍ୟରୁ ଲେଖିବାକୁ ସାହସ କରିବା ଅତି ଅଳ୍ପଙ୍କ ଭାଗ୍ୟରେ ଘଟେ। ଏହାର ଏହି ମୁଦ୍ରଣ ଭାର ସଙ୍ଗ୍ରାମ ଓସ୍ତାର ଗ୍ରହଣ କରିଥିବାରୁ ତାଙ୍କ ନିକଟରେ କୃତଜ୍ଞତା ସ୍ୱୀକାର କରୁଅଛି।

ଏ ପୁସ୍ତକ ଲେଖିବା ପାଇଁ ମୋର ସହୃଦୟ ବନ୍ଧୁ ଶ୍ରୀଯୁକ୍ତ ସାରଥି ସାହୁଙ୍କଠାରୁ ସିଏ ପ୍ରଥମେ ଉତ୍ସାହ ପାଇଅଛି। ମାନନୀୟ ବନ୍ଧୁ ବାବୁ ବୈକୁଣ୍ଠନାଥ ମିଶ୍ର ବି.ଏ. ଏଲ୍.ଟି. ସମସ୍ତ ପାଣ୍ଡୁଲିପି ଅନୁଗ୍ରହପୂର୍ବକ ଶ୍ରବଣ କରି ଯଥାସାଧ୍ୟ ସଂଶୋଧନ ଓ ସ୍ଥାନେ [illegible] ପରିବର୍ତ୍ତନ ଦେଇଅଛନ୍ତି। ଏ ଅନୁଗ୍ରହ ନିକଟରେ ମୁଁ [illegible] ରହିଲି।

ଗ୍ରନ୍ଥକାର

୩ । ୮ । ୬୨

Digitized by srujanika@gmail.com

ସୂଚୀ

ବିଷୟ	ପୃଷ୍ଠା	ବିଷୟ	ପୃଷ୍ଠା
ଅବତାରଣା	୧	ଚନ୍ଦନ ଦାସ	୯୮
ବାଲ୍ୟଜୀବନ	୪	ପ୍ରତିଜ୍ଞା	୧୦୫
ମାଁ	୭	ଲକ୍ଷ୍ୟଭ୍ରଷ୍ଟ	୧୧୪
ମହାପଦ୍ମ ନନ୍ଦ	୧୧	ସଙ୍ଗମିତ୍ର	୧୧୭
ମୁକ୍ତିର ଉପାୟ	୧୩	ଚକ୍ଷୁ ଉନ୍ମୀଳନ	୧୨୫
ମୁକ୍ତ ଅଜାଣ ଫଟକ	୨୧	ପ୍ରତି-ଚକ୍ଷୁ	୧୩୦
ନନ୍ଦଭ୍ରାତୃଗଣ	୨୭	ସହ୍ୟାଦ୍ରିମାନ	୧୩୭
ଶକଟାରଙ୍କ ଶିବିର ଗ୍ରହଣ	୩୧	ଶକ୍ତି-ଦନ୍ତ	୧୪୫
ଭ୍ରାତୃ ହତ୍ୟା	୩୬	ନୂତନ ଅଭିମତ	୧୫୧
ଗୀତ ଅଭିଯାନ	୪୦	ଅଲ୍ଡବର ହାଣ୍ଟି	୧୫୮
ଦେବୀର ପୂର୍ବାଭାସ	୪୬	ସତ୍ୟବନ୍ଧନ	୧୬୨
[illegible]ଲେଲରୁ	୫୩	ଜାଲପତ୍ର	୧୬୮
ସୁଦ[illegible] ଖାଡାତ	୬୩	ଚନ୍ଦ୍ରଗୁପ୍ତଙ୍କ ଉପରଣାମ	୧୭୩
ସନ[illegible]ଲା	୬୫	ସ୍ୱାର୍ଥ-ସ୍ୱୀକାର	୧୮୧
ପୁଥିନି	୭୦	ଶୁଦ୍ଧ ସୁମ	୧୯୦
ନନ୍ଦ ବଧ	୭୭	ପୂର୍ଣ୍ଣ ଅନ୍ତିମ	୧୯୫
ସାମ୍ରାଜ୍ୟ [illegible]ନ	୮୩	ଟୀକାପୁସ୍ତ	୨୦୩
ସଦ୍ୱର	୮୭	ପରିଶିଷ୍ଟ	ଚ
[illegible]ଣେଙ୍କ ମୂର୍ତ୍ତି	୯୨	[illegible]	ଛ

Digitized by srujanika@gmail.com

ଚାଣକ୍ୟଙ୍କ ଶିଖ ପ୍ରତିଜ୍ଞା

Digitized by srujanika@gmail.com

ଗୁମ୍ଫା ଗାଥା

ଅବତାରଣା

"The Gods of fable are the shining moments of great men."

Emerson.

ଯେଉଁ ଯୁଗଜନ୍ମା ମନୀଷିଗଣ କାଳର ସନ୍ଧିସ୍ଥଳରେ ଅବତୀର୍ଣ୍ଣ ହୋଇ ସଙ୍କଟଗ୍ରସ୍ତ ସମାଜର ରକ୍ଷା କରି ଯାଇଅଛନ୍ତି, ଯେଉଁ ରାମ, କୃଷ୍ଣ, ଖ୍ରୀଷ୍ଟ, ଅର୍ଜୁନ, ଖାରବେଳ, ପ୍ରତାପ, ମୁକୁନ୍ଦଦେବ, ଚଣ୍ଡ ଜଣେ ଜଣେ ବ୍ୟକ୍ତି ପରିବର୍ତ୍ତେ ଆଜି ଗୋଟିଏ ଗୋଟିଏ ଭାବ ହୋଇ ଆର୍ଯ୍ୟ ସଭ୍ୟତାରେ ସୁପ୍ରତିଷ୍ଠିତ ଆସନ ଗ୍ରହଣ କରି, ଉଜ୍ଜ୍ୱଳ ଜ୍ୟୋତିର୍ମୟ ପିଣ୍ଡ ପରି ଯୁଗେ ଯୁଗେ ବିରାଜିତ ଅଛନ୍ତି, ଯେଉଁ ପ୍ରଖ୍ୟାତ ମହାଯଶାଗଣ ନିଜର ସୁଦୃଢ଼ ନିଷ୍କଳଙ୍କ ଚରିତ୍ରବଳରେ ଭାରତର ଅବହମାନ ଯୁଗରୁ ପ୍ରତିଷ୍ଠିତ, ପ୍ରଶଂସିତ ଆର୍ଯ୍ୟ ସଭ୍ୟତାର ଟେକ ରଖି ଯାଇଅଛନ୍ତି, ସେମାନଙ୍କ ସଙ୍ଗେ ମହାତ୍ମା ଚାଣକ୍ୟଙ୍କୁ ଜଗତର ରାଷ୍ଟ୍ରନୀତିଜ୍ଞଗଣ ସଭ୍ୟତାର ଶେଷ ପର୍ଯ୍ୟନ୍ତ ସମୁଚ୍ଚ ଆସନରେ ଅଭିଷିକ୍ତ କରି ରଖିବେ ।

ଯାହାଙ୍କ ଯୋଗୁଁ ଇତିହାସ ପବିତ୍ର ହୋଇଅଛି, ଭାରତଭୂମି ଗରବିଣୀ ହୋଇଅଛି, ସଭ୍ୟତା ଧନ୍ୟ ହୋଇଅଛି, ରାଜନୀତି ଜୀବନ ପାଇଅଛି, ମୁମୂର୍ଷୁ ଉଜ୍ଜୀବିତ, ବୀର ଉତ୍ସାହିତ, ଜାତି ଉଦ୍‌ବୁଦ୍ଧ ହୋଇ-

Digitized by srujanika@gmail.com

ଅଛି, ଦେଖୁଅଛି ଏବଂ ଦେଖୁଥିବ, ଯାହାଙ୍କ-ଶକ୍ତିମନ୍ତ୍ର ସାଧନାରେ ସମଗ୍ର ଅଙ୍ଗପ୍ରତ୍ୟଙ୍ଗ ଓ ତାର ଶରଣାଗତଙ୍କୁ ଲାଭ କରିଅଛି, ଜାତି ବଶିଷ୍ଠତା ଓ [illegible] ଅଟଳତା ରକ୍ଷା କରିପାରିଅଛି, ତାହାଙ୍କର ନୈତିକତା-ବର୍ଜିତ ନୀତି ଯେ କୌଣସି ଦେଶ ଓ ଜାତି ପକ୍ଷରେ ଗୌରବର ବସ୍ତୁ ହୋଇ ଚିରଦିନ ରହିବ । କେହି ଯେବେ କୂଟନୀତି ଓ ରକ୍ଷଣଶୀଳତାକୁ ମାର୍ଜିତ, କ୍ଷୁଦ୍ର ସଙ୍କୀର୍ଣ୍ଣତାକୁ ବରଂ ଉନ୍ନତ କରି ନୂତନ ଆଲୋକ ଦେଖାଇଥାନ୍ତି, ତେବେ ସେ ଭଗବାନ ଶ୍ରୀକୃଷ୍ଣ ବା ମହାତ୍ମା ଚାଣକ୍ୟ । ଯାହାଙ୍କ ଅଙ୍ଗୁଳି ସଞ୍ଚାଳନାରେ ସୃଷ୍ଟି ଓଲଟି ଯିବ, ଯାହାଙ୍କ ଶ୍ଳେଷ-ହସା-ସ୍ମିତ କମ୍ପନ ସମ୍ମୁଖରେ ବରଂ ଭୌତିକତା ଏକତ୍ରରେ ଥରହର କମ୍ପିଥିଲା, ଯାହାଙ୍କର ସାମାନ୍ୟ ଇଙ୍ଗିତ ମାତ୍ରରେ ରାଜ୍ୟର ଉତ୍ଥାନ ଓ ପତନ ସମ୍ଭବ ଥିଲା, ଯାହାଙ୍କ ମସ୍ତିଷ୍କର ଲେଶ ମାତ୍ର ସଞ୍ଚାଳନାରେ ଭୀଷଣ ଚକ୍ରାନ୍ତ ଛାର-ଖାର ହେଉଥିଲା, ଯାହାଙ୍କ ଦୃଷ୍ଟିର ତୀବ୍ରତା ଶତ ଗୁପ୍ତଚରଙ୍କ ହୃଦୟ ଭେଦ କରିଥିଲା, ଯାହାଙ୍କ ପ୍ରତି ଚକ୍ରାନ୍ତ ଅକାଟ୍ୟ, ଅମୋଘ ଥିଲା, ଯାହାଙ୍କ ପ୍ରତିଶୋଧ-ଲିପ୍ସା ଅତ୍ୟାଚାରର ଉନ୍ମୂଳନ କରିବା ପାଇଁ ମୂର୍ତ୍ତିମନ୍ତ ମୂର୍ତ୍ତି ହୋଇଥିଲା, ଯାହାଙ୍କ ମୃଦୁହାସ ରହସ୍ୟମୟ ପ୍ରହେଳିକା, ଯାହାଙ୍କ ଲେଖନୀ ମୁନରେ ଧ୍ୱଂସର ଅବସ୍ଥାନ, ବରଂ ଧ୍ୱଂସ ଉପରେ ଯାହାଙ୍କର ନବ ସୃଷ୍ଟିର ପ୍ରତିଷ୍ଠା, ସେହି ଚାଣକ୍ୟଙ୍କ ଜୀବନର ପ୍ରତ୍ୟେକ କ୍ରିୟା-କଳାପ ଯେ ମହା ଉପଦେଶପୂର୍ଣ୍ଣ, ଏକଥାର ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ।

ଭାରତର ରାଜନୀତି କ୍ଷେତ୍ରରେ ଯୋଉ ସଙ୍କଟମୟ ପଞ୍ଚ ସ୍ଥଳରେ ମହାମନସ୍ୱୀ ଚାଣକ୍ୟଙ୍କର ଆବିର୍ଭାବ ହୋଇଥିଲା । ସ୍ୱେଚ୍ଛାଚାରୀ ନନ୍ଦରାଜା [illegible] ଅଲଙ୍ଘ୍ୟ ପରାକ୍ରମ—ନାନା ଅନ୍ୟାୟ ଅତ୍ୟାଚାର ଦ୍ୱାରା ଚଞ୍ଚଳ ଦିଗନ୍ତ [illegible] ଶୃଙ୍ଖଳାରେ ସମାଜ ବିଧ୍ୱସ୍ତ; ଶାନ୍ତି, ମୈତ୍ରୀ;

Digitized by srujanika@gmail.com

ପ୍ରୀତି ପଦଦଳିତ; ଅନ୍ଧ-କୁସଂସ୍କାର ମୂର୍ତ୍ତି ଏବଂ ସମାଜ ଗ୍ରାସ କରିବାକୁ ଉଦ୍ୟତ, ମାତୃଜାତି ପ୍ରପୀଡ଼ିତ—ଏପରି ସୁଦୃଢ଼ ପ୍ରତିଷ୍ଠିତ ପାଶବିକ ରାଜତ୍ୱ ମଧ୍ୟରେ ଚାଣକ୍ୟ, ନିଜର ଅପୂର୍ବ ସୃଷ୍ଟି କୌଶଳ ଦ୍ୱାରା ଗୋଟିଏ ସମୃଦ୍ଧିଶାଳୀ, ଶାନ୍ତିପୂର୍ଣ୍ଣ ସାମ୍ରାଜ୍ୟର ପ୍ରତିଷ୍ଠା କରିଥିଲେ; ପ୍ରଭୂତ ବଳଶାଳୀ, ଅଗଣିତ ସୈନ୍ୟ ବିଶିଷ୍ଟ ଦୁର୍ଦ୍ଧର୍ଷ ବାହ୍ୟଶତ୍ରୁର ଆକ୍ରମଣ ଓ ଆଧିପତ୍ୟରୁ ଭାରତକୁ ରକ୍ଷା କରିଥିଲେ । ଧ୍ୱଂସ-ସୃଷ୍ଟି-ପାଳନ, ଏ ତିନୋଟି କ୍ରମାନୁସାରେ ଚାଣକ୍ୟଙ୍କ ଜୀବନର କାର୍ଯ୍ୟ । ସ୍ୱେଚ୍ଛାଚାରୀ ରାଜତ୍ୱ ଧ୍ୱଂସ ଓ ସେଥିରେ ସ୍ୱାଧୀନ ଆଦର୍ଶ ଧର୍ମରାଜ୍ୟ ସୃଷ୍ଟି କରି, ତାର ପାଳନ ଓ ସଂରକ୍ଷଣ ସକାଶେ ସେ ଯେଉଁ ସବୁ ବିଧି-ବ୍ୟବସ୍ଥା ପ୍ରଣୟନ କରିଅଛନ୍ତି, ଆଜି ତାହା ପୃଥିବୀର ଶ୍ରେଷ୍ଠ ରାଷ୍ଟ୍ରନୀତିଜ୍ଞଙ୍କ ଚିନ୍ତା ଓ ସାଧନାର ଅମୂଲ୍ୟ ଉପାଦାନ ହୋଇ ରହିଅଛି ଏବଂ ଆର୍ଯ୍ୟ ସଭ୍ୟତାକୁ ବୈଶିଷ୍ଟ୍ୟ ପ୍ରଦାନ କରିଅଛି ।

ଚାଣକ୍ୟ ବ୍ରାହ୍ମଣ—ସୁତରାଂ ଆର୍ଯ୍ୟବିଧାନ ଅନୁସାରେ ମନ୍ତ୍ରୀ । କିନ୍ତୁ କେବଳ ସେ ସେ ମନ୍ତ୍ରିତ୍ୱ କରିଥିଲେ, ତାହା ନୁହେଁ । ତାଙ୍କର ଅସାଧାରଣ ମେଧାଶକ୍ତି ଭାରତର ରାଜନୀତିକ ଜୀବନରେ ବହୁ ଶତାବ୍ଦୀଠାରୁ ପଥପ୍ରଦର୍ଶନ କରି ଆସୁଅଛି । ରାଜାର ନିତ୍ୟକର୍ମଠାରୁ ଆରମ୍ଭ କରି, ତାର ବ୍ୟକ୍ତିଗତ କାର୍ଯ୍ୟକଳାପ ଓ କର୍ତ୍ତବ୍ୟଠାରୁ ଆରମ୍ଭ କରି ସାମାଜିକ ଓ ରାଜନୈତିକ ଜୀବନରେ ତାର କପରି ବ୍ୟବସ୍ଥା ବାଞ୍ଛନୀୟ, ନଗର-ବିନ୍ୟାସ ଓ ଶାସନକୁ ଆରମ୍ଭ କରି ଗୂଢ଼ ରାଜନୀତିକ ତତ୍ତ୍ୱ, ଯୁଦ୍ଧରେ କପରି ନିୟମ ଓ ଶୃଙ୍ଖଳା ଆବଶ୍ୟକ, ସାମନ୍ୟ ଦ୍ୱାର-ରକ୍ଷକର କାର୍ଯ୍ୟଠାରୁ ଆରମ୍ଭ କରି ଉଚ୍ଚ ସେନା ନିବେଶରେ ସେନାପତିର ଉକ୍ତି କଅଣ, ତନ୍ନ ତନ୍ନ କରି ସମସ୍ତ ବିଷୟ ଦର୍ଶାଇ [illegible]

Digitized by srujanika@gmail.com

ଲୁପ୍ତପ୍ରାୟ କରି ଯାଉଅଛନ୍ତି ଏବଂ ସେଥିପାଇଁ ଭାରତର ଜ୍ୟୋତିଷର ପ୍ରଣାଳୀ ବୈଶିଷ୍ଟ୍ୟ ଲୋପ କରିଅଛନ୍ତି ।

ବାଲ୍ୟ ଜୀବନ

"He is great who is what he is from nature and who never reminds us of others."

—*Emerson.*

ପ୍ରକୃତ ଉଦ୍ଦେଶ୍ୟନିଷ୍ଠ । ତାର ପ୍ରତ୍ୟେକ ଚେଷ୍ଟା ଧୀର, ସ୍ଥିର, କିନ୍ତୁ ଅକାଟ୍ୟ । ଯେ ପ୍ରକୃତିର ସନ୍ତାନ, ସେ ପ୍ରାକୃତିକ ନିୟମ ସଙ୍ଗେ ସମତା ରକ୍ଷି ଯାହା କରିଯାଏ, ଜଗତ-ଚକ୍ଷୁରେ ତାହା ଦୁଃସାଧ୍ୟ ଓ ଅଭାବନୀୟ ନିଶ୍ଚିତରୂପେ ପ୍ରତିଷ୍ଠିତ ହୁଏ । ପ୍ରକୃତି ଗଣିତର ଜନନୀ । ସୁତରାଂ ପ୍ରକୃତିର ସନ୍ତାନ ଗଣନା ଅନୁଯାୟୀ କାର୍ଯ୍ୟ କରିବ ଏବଂ ଉଚିତର ଫଳ ପାଏ ତାର ଫଳ ସୁନିଶ୍ଚିତ । ଚନ୍ଦ୍ରଶେଖରଙ୍କ ଜୀବନୀରୁ ଜଣାଯାଏ, କୌଣସି ନୂତନ କ୍ଷେତ୍ରରେ ପ୍ରବେଶ କରିବା ପୂର୍ବରୁ ସେ ଗଣନା କରି ଦେଖୁଥିଲେ ଏବଂ ଗାଣିତିକ ନିୟମ ଅନୁସାରେ ଫଳାଫଳର ନିଶ୍ଚିତତା ସ୍ଥିର କରୁଥିଲେ । ଫଳରେ ପ୍ରକୃତ ସୁବ୍ୟବସ୍ଥାର ଉପଲବ୍ଧ କରିବା ବହୁପୂର୍ବରୁ ଗଣନାରେ [illegible] ଉପଲବ୍ଧି କରୁଥିଲେ । ଏହା ଜଗତଙ୍କୁ ଦୃଷ୍ଟାନ୍ତ ପ୍ରକୃତିପାଠର ତାତ୍ପର୍ଯ୍ୟ ମାତ୍ର ।

[illegible] ଗଣନା ପ୍ରକୃତିର ସନ୍ତାନ—ପ୍ରକୃତି କୋଳରେ ଲାଳିତ, ପାଳିତ । [illegible] ଅର୍ଥ ବିଦ୍ୟାପୀଠ, ତ୍ରିବିଧ ତକ୍ଷଶିଳା ନଗର

Digitized by srujanika@gmail.com

ପାର୍ଶ୍ୱସ୍ଥ ପଣ୍ଡିତକୁଟୀରରେ ସେ ଜନ୍ମଗ୍ରହଣ କରିଥିଲେ । ତାହାଙ୍କ ପିତା ଚଣକ ଋଷି ତିନି ଗୋଟି ବେଦରେ ପାରଦର୍ଶୀ ଥିବାରୁ ତ୍ରିବେଦୀ ନାମରେ ଖ୍ୟାତ ଥିଲେ । କିନ୍ତୁ ଏହି ବେଦଜ୍ଞ ପିତାଙ୍କର ସ୍ନେହ, ଶିକ୍ଷା ଚାଣକ୍ୟ ଲାଭ କରିନଥିଲେ, ଯେହେତୁ ତାଙ୍କର ଅତି ଶୈଶବକାଳରେ ଚଣକ ଇହଲୀଳା ସାଙ୍ଗ କରିଥିଲେ । ସୁତରାଂ ନିଜର ଅଜ୍ଞାତସାରରେ ଚାଣକ୍ୟ ପ୍ରକୃତିର ହସ୍ତରେ ଆତ୍ମ ସମର୍ପଣ କରି ତାହାରି ଇଙ୍ଗିତରେ ଚାଳିତ ହୋଇଥିଲେ । ଫଳରେ ବାଳକର ବିକାଶ ମାନବର ତଥାକଥିତ ଶାସନ ଓ ପରିଚାଳନା ରୂପ ପ୍ରତିବନ୍ଧକ ଅଭାବରେ ପୂର୍ଣ୍ଣ ଏବଂ ତାଙ୍କ ମେଧା ସୁତୀକ୍ଷ୍ଣ ହେବାକୁ ଲାଗିଲା । ଚାଣକ୍ୟଙ୍କର ବାଲ୍ୟ କ୍ରୀଡ଼ାଦିରେ ସ୍ୱାତନ୍ତ୍ର୍ୟ ଥିଲା । ସୁତରାଂ ତାଙ୍କ ବାଲ୍ୟ ଚପଳତା ଭିତରେ ଭବିଷ୍ୟତ ନେତାର ସମସ୍ତ ମହତ୍ତ୍ୱର ସୂଚନା ମିଳୁଥିଲା ଏବଂ ସେଥିରେ ଭବିଷ୍ୟତ ଉଚ୍ଚଗୁଣ ସମୂହର ଯଥେଷ୍ଟ ଆଭାସ ରହିଥିଲା । ଭବିଷ୍ୟତରେ ଯେଉଁ ମହାଯଜ୍ଞର ସେ ପୁରୋଧା ହୋଇଥିଲେ ସେଥିପାଇଁ ଅଜ୍ଞାତସାରରେ ବାଲ୍ୟଜୀବନରୁ ପ୍ରକୃତିର ଇଙ୍ଗିତରେ ନିଜକୁ ପ୍ରସ୍ତୁତ କରୁଥିଲେ । କିମ୍ବଦନ୍ତୀ ଅଛି, କ୍ରୀଡ଼ା ସଙ୍ଗୀ ବାଳକଙ୍କ ସଙ୍ଗେ ଖେଳିଲାବେଳେ ଚାଣକ୍ୟ ଆପେ ରାଜାର ମନ୍ତ୍ରୀ ହେଉଥିଲେ ଏବଂ ଶତ୍ରୁ ଆକ୍ରମଣ, ଦମନଚେଷ୍ଟା, ରାଜ୍ୟସ୍ଥାପନ ଇତ୍ୟାଦି କଳ୍ପନା କରି, ସେଥିରେ କିପରି କଅଣ କରିବାକୁ ହେବ ସବୁଥିରେ ପଥପ୍ରଦର୍ଶକ ଥିଲେ ଏବଂ ନିଜର ଅସାଧାରଣ ମେଧା ବଳରେ ସଙ୍ଗୀମାନଙ୍କୁ ବିସ୍ମୟ ମୁଗ୍ଧ କରୁଥିଲେ । ତାଙ୍କ ବୁଦ୍ଧିର କ୍ଷିପ୍ରତା ଦେଖି ସଙ୍ଗୀ ବାଳକମାନେ ସର୍ବଦା ତାଙ୍କ ଆଦେଶ ଓ ଇଙ୍ଗିତର ଅପେକ୍ଷା କରୁଥିଲେ । ଖେଳରେ ମନ୍ତ୍ରୀ ହୋଇ ସେ ଯେଉଁସବୁ ବୁଦ୍ଧି-ବଳ ପ୍ରକାଶ କରୁଥିଲେ, ସେଥିରେ ପ୍ରବୀଣ ଲୋକେ ମଧ୍ୟ ବିସ୍ମିତ ହେଉଥିଲେ । ସାଧାରଣ ବାଳକମାନେ ଯେପରି ଧୂଳିଘର କରି ଘୁଡ଼ି ଉଡ଼ାଇ ଛେଳି, ବାଲି କୁଡ଼ କଡ଼ ଇତ୍ୟାଦି ଖେଳନ୍ତି, ଚାଣକ୍ୟ ସେ

କେବେ ବ୍ୟସ୍ତ ହେଉନଥିଲେ । ନିଜର ବଡଭାଇଟା ବଳରେ ସମସ୍ତଙ୍କୁ ସେଥିରୁ ଆକର୍ଷଣ କରି ସେମାନଙ୍କରେ ରାଜକାର୍ଯ୍ୟ ପରିଚାଳନା କରୁଥିଲେ । ସେମାନଙ୍କ ମଧ୍ୟରୁ ବୁଦ୍ଧିମାନ ଓ ବଳଶାଳୀ କାହାରିକୁ ବାଛି ତାଙ୍କୁ ରଜା କରୁଥିଲେ ଏବଂ ଯୁଦ୍ଧ ସଙ୍ଗେ ସଙ୍ଗେ ଅସ୍ତ୍ର ଚାଳନ ଶିକ୍ଷା ତାଙ୍କୁ ଦେଉ-ଥିଲେ । ଶୁଭମୁହୂର୍ତ୍ତରେ ପୁଣି ତାଙ୍କୁ ଉଚ୍ଚ ରାଜ-ଆସନରେ ବସାଇ ନିଜେ ମନ୍ତ୍ରୀ ସ୍ୱରୂପରେ ରାଜକାର୍ଯ୍ୟର ନାନା ମନ୍ତ୍ରଣା ଓ ଶିକ୍ଷା ଦେଉଥିଲେ । କେତେବେଳେ ବା ବାଳକମାନଙ୍କୁ ନେଇ ପଣ୍ଡିତ ସଭା ଗଠନ କରି ଶାସ୍ତ୍ରାଲୋଚନା କରୁଥିଲେ ଏବଂ ନିଜେ ଗୁରୁ ହୋଇ ନାନା ଧର୍ମୋ-ପଦେଶ ପ୍ରଦାନ କରୁଥିଲେ । କୌଣସି ନୂତନ ଖେଳ ଆରମ୍ଭରେ କେଉଁ ବାଳକ କେଉଁ କାର୍ଯ୍ୟର ଉପଯୋଗୀ, ଆଗ ଦେଖି ସେ ତାହା ଆବିଷ୍କାର କରି ତଦନୁଯାୟୀ କାର୍ଯ୍ୟଭାର ବଣ୍ଟନ କରୁଥିଲେ ।

ମା

"There is no chance and no anarchy, in the universe. All is system & gradation."

—*Emerson.*

ପ୍ରକୃତି ରାଜ୍ୟରେ ଅର୍ଥ ଶୃଙ୍ଖଳା ଦେଖାଯାଏ । ସେଥିରେ [illegible] ଲେଖେ ଲକ୍ଷଣ ବର୍ଣ୍ଣରେ ଲେଖି ହୋଇ ଯାଇଛି; କ୍ରମେ ଦେଖିଲେ [illegible] ଅବୋଧ୍ୟ ରହସ୍ୟ ପ୍ରକାଶ ହୋଇ ପଡ଼େ । [illegible] କାହାକୁ କେଉଁ ପ୍ରକାରେ କରି ରହିବାରେ ରାଜି,

Digitized by srujanika@gmail.com

ସେପରି ଶୃଙ୍ଖଳାରେ ନିଜସ୍ୱ ହରାଇବା ଆଶଙ୍କା ମଧ୍ୟ ନାହିଁ—କାରଣ ସେଠାରେ ଶୃଙ୍ଖଳା ମାତ୍ର ସ୍ୱାଭାବିକ । ଯେ ପ୍ରକୃତ ହସ୍ତରେ ବର୍ଦ୍ଧିତ ସେ ତାର ପାରିପାର୍ଶ୍ୱିକ ଦେଶର ମଧ୍ୟରେ ପାଇବା ସମସ୍ତ ଉପାଦାନ ବା ପ୍ରତିବନ୍ଧକ ନିଜର ଉପଯୋଗୀ କରିନିଏ ଏବଂ ପ୍ରକୃତିର କ୍ରମ-ବିକାଶ ଗତିରେ ଆପେ ବିକଶିତ ଓ ପରିପୁଷ୍ଟ ହୁଏ । ପ୍ରକୃତିସନ୍ତ୍ରେ ପ୍ରକୃତିରେ ଯେଉଁ ନିୟମ ଦେଖି ଅଘଟନ ଘଟନ ବୋଲି ମାନବ ସାଧା-ରଣଙ୍କୁ ଭ୍ରମ ଥାଏ ତାହା ବହୁ ସମ୍ମିଳିତ ଚିନ୍ତାପ୍ରସୂତ ନିୟମ ଓ ଶୃଙ୍ଖଳାର ଅଙ୍ଗବିଶେଷ ମାତ୍ର । ସୁତରାଂ ପିତା ଭ୍ରାତା ବନ୍ଧୁ ପରି ଅଭିଭାବକ ଅଭାବରେ କେହି ନିଜସ୍ୱ ହରାଇ ମୃତ୍ପିଣ୍ଡରେ ପରିଣତ ହେବାର ଆଶଙ୍କା କରିବା ହାସ୍ୟାସ୍ପଦ ମାତ୍ର । ଯେଉଁମାନେ ଏପରି ଆଶଙ୍କା କରନ୍ତି, ସେମାନଙ୍କୁ ପ୍ରକୃତ ତାର ସମସ୍ତ ମୁଖରେ କହେ "ଭୟ ନାହିଁ, ଆତ୍ମସମର୍ପଣ କର ।"

ଚାଣକ୍ୟ କେବଳ ଯେ ପ୍ରକୃତ ହସ୍ତରେ ଲାଳିତ ହୋଇ-ଥିଲେ, କୌଣସି ଶାସନାର ପ୍ରଭାବରେ ଆସି ନଥିଲେ, ନୁହେଁ । ସ୍ନେହମୟୀ ଜନନୀଙ୍କର ବାତ୍ସଲ୍ୟ ରଜ୍ଜୁରେ ସେ ବନ୍ଧା ହୋଇଥିଲେ ଏବଂ ତାଙ୍କର ବିକାଶ ଓ ସ୍ୱାଧୀନତା କେତେକ ପରିମାଣରେ ମାତାଙ୍କ ଶାସନାଧୀନ ବାଧା ପାଇଥିଲା । ତଥାପି ସେ କ୍ଷୀଣ-ପ୍ରଖର-ସ୍ରୋତା ପ୍ରାବୃଟ ସ୍ରୋତସ୍ୱତୀ ପରି ନହୋଇ ସ୍ଥିରସ୍ରୋତା, ଗଭୀର ଓ ବଳବତୀ ମହାନଦୀ ପରି ସଂଯତ ହୋଇଥିଲେ । ଅତଏବ ମାତୃଭକ୍ତି ଶୈଶବ ଜୀବ-ନରୁ ଚାଣକ୍ୟଙ୍କଠାରେ ପରିସ୍ଫୁଟ ହୋଇଥିଲା । ତାଙ୍କ ଦେହରେ ରାଜଲକ୍ଷଣ ଦେଖି ଜନନୀ ଥରେ କାନ୍ଦୁଥିଲେ । ଚାଣକ୍ୟ ଏହାର କାରଣ ଜାଣିବାକ୍ଷଣି କହିଲେ, "ମା, ମୁଁ ରାଜା ହେଲେ ତୋର ଆନନ୍ଦ ଛଡ଼ା ନିରାନନ୍ଦର କାରଣ କଅଣ ଅଛି ?" ମାତା ଉତ୍ତର ଦେଲେ,

Digitized by srujanika@gmail.com

"ମୋର ଭୟ ହେଉଛି, ରାଜାହେଲେ କାଟିଛ୍ରୁ ମତେ ଯାତଣାର ଦେବୁ, ତାହାହେଲେ ମୁ ଯଉ ବଞ୍ଚି ପାରିବି ନାହିଁ ।" ଏତ ମାତ୍ରାରେ ମାତୃଭକ୍ତ ଚାଣକ୍ୟ ଏହା ଶ୍ରବଣ ମାତ୍ରେ ନିଜର ରାଜ-ଚିହ୍ନ, ସମ୍ମୁଖସ୍ଥ ଦନ୍ତ ଦଣ୍ଡଟି ଉତ୍ପାଟିତ କରି ଦ୍ୱିଧାହୀନ ଭାବରେ ଦୂରକୁ ତାହା ନିକ୍ଷେପ କଲେ ଏବଂ ମାତାଙ୍କୁ ସମ୍ବୋଧନ କରି କହିଲେ, "ମା, ଏଣିକି ତୋର ଭୟର କାରଣ ଦୂର ହେଲା, ତୁ ନିଶ୍ଚିନ୍ତ ହୁଅ ।" ଏହି କାର୍ଯ୍ୟ ଦ୍ୱାରା ସେ ଯେ କେବଳ ରାଜ ଚିହ୍ନ ବର୍ଜିତ ହେଲେ, ନୁହେଁ—ଅଙ୍ଗସ୍ପୃ କୁତ୍ସିତ ଓ କଦାକାର ମଧ୍ୟ ଦେଖାଗଲେ ।

ଶୈଶବ-ଜୀବନରେ ଚାଣକ୍ୟ ଅତିଶୟ ଚପଳ ଥିଲେ—କେବଳ ତାହା ନୁହେଁ, ସେ ଜଣେ ଅଦ୍ଭୁତ ପ୍ରକାର ତେଜସ୍ୱୀ ବାଳକ ମଧ୍ୟ ଥିଲେ । ଅତି ବାଲ୍ୟକାଳରୁ ତାଙ୍କର ଆତ୍ମସମ୍ମାନ ଜ୍ଞାନ ପରିସ୍ଫୁଟ ହୋଇଥିଲା । ସେ ଇଚ୍ଛା ପୂର୍ବକ କୌଣସି ଅନ୍ୟାୟ କରୁ ନଥିଲେ—ହଠାତ୍ କଦାଚିତ୍ ସେପରି କିଛି କଲେ ବଡ଼ ଲଜ୍ଜିତ ହେଉଥିଲେ । କିନ୍ତୁ ସେ ଥିଲେ ସ୍ୱାଧୀନଚେତା । ଯାହା ନ୍ୟାଯ୍ୟ ବୋଲି ଭାବୁଥିଲେ, ଯେ କୌଣସି କ୍ଷତି ସତ୍ତ୍ୱେ, ସେ ତାହା କରୁଥିଲେ ଏବଂ କାହାର ବାଧା ସେଥିରେ ମାନୁ ନଥିଲେ । ସେଥି ଦ୍ୱାରା ଅନେକ ସମୟରେ ଅନ୍ୟାୟ ମଧ୍ୟ କରୁଥିଲେ । ନିଜର ଚିତ୍ତ ଉତ୍ତେଜନ ଏହାର ଗୋଟିଏ ନିଦର୍ଶନ ମାତ୍ର ।

[illegible] ପ୍ରଖ୍ୟାତ ଅଧିନେତାଗଣ ବାଲ୍ୟଜୀବନରେ ଅତିଶୟ ଚପଳ ଓ ଉଦ୍ଧତ ଥିବାର କଥିତ ଅଛି । ଏହି ସବୁ ଉପଦ୍ରବ ପ୍ରାଣର ପ୍ରଚୁରତାର ଲକ୍ଷଣ ମାତ୍ର । ଶାନ୍ତ, ଧୀର, ଅର୍ଥାତ୍ ନିସ୍ତେଜ ପିଲାମାନେ ସାଧାରଣତଃ ବଡ଼ ହୋଇ ଆଳସ୍ୟପରାୟଣ ହୋଇଥାନ୍ତି । ପ୍ରକୃତିର ନିୟମ, ଯାହାର ପ୍ରାଣ ଅଛି, ସେ ପ୍ରାଣ କୌଣସି ନା କୌଣସି

Digitized by srujanika@gmail.com

ଭାବରେ ପରସ୍ପରେ ଓ ବଳକ୍ଷୀଣ ହେବ । ଅସ୍ଥିର ଚପଳ ଚାଣକ୍ୟ ସ୍ୱୀ
ବାଳକ ଯେ କେହି ମୃତ୍ତିକା କୁମ୍ଭରେ ଜଳ ଆଣିବାବେଳେ ପ୍ରସ୍ତରଖଣ୍ଡ
ନିକ୍ଷେପ କରି ମଥା ବା କାଖର କୁମ୍ଭ ଭାଙ୍ଗି ଦେଉଥିଲେ । ଥରେ
ବାଳକଟିଏ ଏପଥରୁ ଜଳ ନେବାବେଳେ କୁମ୍ଭ ଲକ୍ଷକରି ଚାଣକ୍ୟ
ଖଣ୍ଡେ ପଥର ଫିଙ୍ଗିଲେ । ଲକ୍ଷ୍ୟଭ୍ରଷ୍ଟ ହୋଇ ତାହା କୁମ୍ଭ ପରିବର୍ତ୍ତେ
ବାଳକର ଲଲାଟରେ ଆଘାତ ଓ ରକ୍ତପାତ କଲା । ରୋରୁଦ୍ୟମାନ
ବାଳକ ତ୍ରିବେଣୀ ଗୃହରେ ଉପସ୍ଥିତ ହୋଇ ଚାଣକ୍ୟ-ମାତା ନିକଟରେ
ସମସ୍ତ ଘଟଣା ପ୍ରକାଶ କଲା । ଜନନୀ ତାହାର ସେବା ଶୁଶ୍ରୂଷା କରି,
ତାକୁ ସାନ୍ତ୍ୱନା ଓ ଅର୍ଥ ଦେଇ କୌଣସି ପ୍ରକାରେ ବିଦାୟ କଲେ ।
ଏହି ଅନ୍ୟାୟ କାର୍ଯ୍ୟରେ ଚାଣକ୍ୟ ତୀବ୍ର ଯନ୍ତ୍ରଣା ଅନୁଭବ କଲେ ।
କିପରି ମା'ଙ୍କୁ ମୁଖ ଦେଖାଇବେ, ଏହି ଚିନ୍ତାରେ ସେ ମ୍ରିୟମାଣ
ହୋଇ ରହିଲେ । ଦୁଃଖ ଓ ଲଜ୍ଜାରେ ସେ ଘରେ ପ୍ରବେଶ କରିବା
କ୍ଷଣି ମା'ଙ୍କର ତିରସ୍କାର ଶୁଣିବାକୁ ପାଇଲେ । ଏ ତିରସ୍କାର ତାଙ୍କର
ସହଣୀୟ ହେଲନାହିଁ, ଯେପରି ଗୌରବ ଭାବନା ଏ [illegible]ରେ ହୋଇ
ଥାଏ । ତେଜସ୍ୱୀ ବାଳକର ସମସ୍ତ ସଙ୍କୋଚ ଦୂର ହୋଇ, ବିଶାଳ
ନୟନରୁ କ୍ରୋଧାଗ୍ନିର ସ୍ଫୁରଣ ହେଲା । ନିଃସଙ୍କୋଚ ମନରେ ସେ ମା'
ନିକଟରେ ଉପସ୍ଥିତ ହୋଇ କହିଲେ, "ଏ କାର୍ଯ୍ୟ ପାଇଁ ମୁଁ ଦୁଃଖିତ
ଓ ଅନୁତପ୍ତ । ଆଉ ତୁ ମତେ କାହିଁକି ବୃଥା ତିରସ୍କାର କରୁଅଛୁ ?"
ନିଜ ଦୋଷ ସହଜ ଭାବରେ ସ୍ୱୀକାର କରିବା ସାହସ ଅତି ଅଳ୍ପ
ଲୋକଙ୍କଠାରେ ଦେଖାଯାଇଥାଏ । ଚାଣକ୍ୟଙ୍କର ଏ ସ୍ୱୀକାର ଉକ୍ତିରେ
ମାତା ତାଙ୍କୁ ଆଉ କେବେହେଁ କିଛି କହି ନଥିଲେ ।

କିନ୍ତୁ ପୁତ୍ରର ସ୍ୱଭାବ ପରିବର୍ତ୍ତନ ପାଇଁ ସେ ଚିନ୍ତିତା ହେଲେ ।
ସେ ବଡ଼ ଦୃଢ଼ପ୍ରତିଜ୍ଞ ଥିଲେ । ମାତାଙ୍କ ସ୍ୱଭାବରୁ ଏହି ଦୃଢ଼ତା ଚାଣକ୍ୟ

Digitized by srujanika@gmail.com

ଲାଭ କରିଥିଲେ । ଜନନୀ ସ୍ଥିର କଲେ, ପୁତ୍ରର ବିବାହ କରିଦେଲେ ତାଙ୍କ ସ୍ୱଭାବରେ ଅବଶ୍ୟ ପରିବର୍ତ୍ତନ ଆସିବ । ଏ ସଙ୍କଳ୍ପ ସେ ପୁତ୍ରକୁ ଜଣାଇଲେ । ପୁତ୍ର ଏଥିପ୍ରତି ବିରକ୍ତି ପ୍ରକାଶ କଲେ । ଜନନୀ ପୁନଃ ପୁନଃ ଅନୁରୋଧ କରି ବିବାହ ପାଇଁ ଧରି ବସିଲେ । ଚାଣକ୍ୟ କୌଣସିମତେ ସ୍ୱୀକୃତ ନହେବାରୁ ଜନନୀ ଅବଶେଷରେ କହିଲେ, "ତୁ ବିବାହ ପାଇଁ ରାଜି ନହେଲେ ମୁଁ ଅବଶ୍ୟ ପ୍ରାଣ ତ୍ୟାଗିବି ।" ପୁତ୍ରଙ୍କ ସ୍ୱୀୟ ଇଚ୍ଛା ବିରୁଦ୍ଧରେ ଚାଣକ୍ୟ ବିବାହ ପାଇଁ ସମ୍ମତି ଜ୍ଞାପନ କଲେ । ଜନନୀ ପାତ୍ରୀ ଅନ୍ୱେଷଣର ଆୟୋଜନ କଲେ । ଚାଣକ୍ୟଙ୍କର ବିଦ୍ୟାକାର, କୁତ୍ସିତ ରୂପ ଯୋଗୁଁ ସଜ୍ଜନମାନଙ୍କର ସମସ୍ତ ଉଦ୍ୟମ ବ୍ୟର୍ଥ ହେଲା । ଅବଶେଷରେ ଜଣେ ଦରିଦ୍ର ବ୍ରାହ୍ମଣ ତାଙ୍କ ନିଜ କନ୍ୟା ଦାନ କରି ସ୍ୱୀକୃତ ହେଲେ । ବିବାହ ଦିନ ସ୍ଥିର ଓ କ୍ରମେ ନିକଟବର୍ତ୍ତୀ ହେଲା । ଆତ୍ମୀୟ ସ୍ୱଜନଗଣ ଚାଣକ୍ୟଙ୍କୁ ବରବେଶରେ ନେଇ କନ୍ୟା ପିତାଙ୍କ ଗୃହ ଅଭିମୁଖରେ ଯାତ୍ରା କଲେ । ମାର୍ଗରେ ଚାଣକ୍ୟଙ୍କ ପଦ କୁଶାଙ୍କୁର ବିଦ୍ଧ ଓ ରକ୍ତାକ୍ତ ହେଲା । ସୁହୃଦ୍‌ଗଣ ଏପରି ରକ୍ତପାତ-ରୂପ ଅଶୁଭ ଦେଖି ଶୁଭ କାର୍ଯ୍ୟ ସମ୍ପାଦିତ ହୋଇ ନପାରେ । ବ୍ୟର୍ଥ ମନୋରଥ ବରଯାତ୍ରୀଗଣ ଚାଣକ୍ୟଙ୍କ ସହ ମାର୍ଗରୁ ପ୍ରତ୍ୟାଗତ ହେଲେ ।

ଚାଣକ୍ୟଙ୍କର ବିବାହପ୍ରତି ପ୍ରଥମେ ଅନୁକୂଳ ମତ ନଥିଲା । କିନ୍ତୁ ଯେବେ ସେ ମନରେ ଭାବି ଭାବି କଳ୍ପିତ ଗୃହିଣୀଙ୍କ ଚିତ୍ର କଳ୍ପନା-ପ୍ରସୂତ ନେତ୍ରରେ ଜୀବନର ସୁନ୍ଦର ସ୍ୱପ୍ନ ଚିତ୍ର ଦେଖିବାକୁ ଆରମ୍ଭ କଲେ, ଗୃହରେ ସେହି ନବୀନ ସ୍ନେହମୟୀ ନାରୀଙ୍କର କେତେ ଆନନ୍ଦ ଓ ସୁଖ ସେ କଳ୍ପନା କରୁଥିଲେ, ମାତ୍ର ଏହି ଦୈବ ଘଟଣାରେ ସେ ଚଞ୍ଚଳ ହୋଇ ଗଲେ । ଏ ଘଟଣାରେ ଜନନୀ ମର୍ମାହତ ହେଲେ । ଏତାଦୃଶ କୁତ୍ସି-ତ ପୁତ୍ରର ସୁନ୍ଦର ବଧୂ ସେ ଦେଖି ପାରିବେ ନାହିଁ, ପୁଣି ତାଙ୍କ ବଂଶ ରକ୍ଷା ହେବ ନାହିଁ, ଏ କଥା ଚିନ୍ତା କରି ସେ ମନରେ ଅତ୍ୟ-

Digitized by srujanika@gmail.com

ଘାତ କଲେ, କିନ୍ତୁ ବିବାହ ପ୍ରସଙ୍ଗ ନେଇ ପୁଣି ଉପରେ ଆଉ ଉତ୍ପୀଡ଼ନ କଲେ ନାହିଁ । ଯୁବକୋଚିତ ଉତ୍ସାହ ଉଚ୍ଛ୍ୱାସ ସବୁ ବିବାହ-ବନ୍ଧନ ଅନେକ ପରିମାଣରେ ରୁଦ୍ଧ କରିଥାଏ । ବିବାହ ବନ୍ଧନ ମାନବକୁ ଉଚ୍ଛୃଙ୍ଖଳତାବିହୀନ ଓ ନିୟନ୍ତ୍ରିତ କରି ରଖେ । ଜୀବନର ଅବାଧ ଗତିରେ ବିବାହ ଏକମାତ୍ର ପ୍ରତିବନ୍ଧକ । ଗୁଣାଢ୍ୟଙ୍କର ଏ ବନ୍ଧନ, ଏ ପ୍ରତିବନ୍ଧକ ଜୀବନରେ ଆଉ ଘଟିଲା ନାହିଁ । ରୂପ ପ୍ରକୃତିଙ୍କ ନିଭୃତ କୋଳରେ ସୁଦୂର ପଲ୍ଲୀକୋଣରେ ଅବସ୍ଥାନ କରି କାଳର ପ୍ରତୀକ୍ଷା କଲେ । ନିଭୃତ ଚିନ୍ତା ମଧ୍ୟରେ ପ୍ରକୃତିର ଅପୂର୍ବ ଦୈନନ୍ଦିନ ଲୀଳା ତାଙ୍କର ସାନ୍ତ୍ୱନା ହୋଇଥିଲା । ସେ କେବଳ ପ୍ରକୃତିର ସମ୍ପଦ ପ୍ରାଚୁର୍ଯ୍ୟରେ ବିମୋହିତ ହୋଇ ସ୍ୱପ୍ନ ବିହ୍ୱଳ ଜୀବନ ଯାପନ କଲେ ।

ମହାପଦ୍ମ ନନ୍ଦ ।

"Nature never spares the individual"
—*Emerson.*

ସ୍ୱେଚ୍ଛାଚାରିତାର ସଜନ୍ମ ଅଚିରସ୍ଥାୟୀ, ନିୟତି କେବେହେଁ ତାର ଅନୁମୋଦନ କରେନାହିଁ,—ଏକଥା ଯୁଗେ ଯୁଗେ ଇତିହାସ ବିର୍ଦ୍ଧ ଗମ୍ଭୀର ସ୍ୱରରେ ଘୋଷଣା କରି ଆସିଅଛି । ଅତ୍ୟାଚାରୀ ନିଜ ମାନବକ୍ଷେତ୍ରରେ ନିଜକୁ ବଡ଼ ମଣିଲେ ମଧ୍ୟ, ଅଥବା ସ୍ୱାର୍ଥସିଦ୍ଧିର ଅଭ୍ୟସ୍ତ ହୋଇ ଅତ୍ୟାଚାରକୁ ସୂକ୍ଷ୍ମ ଓ ପ୍ରଣାଳୀବଦ୍ଧ କଲେ ମଧ୍ୟ ନିୟତିର ହସ୍ତ ଏଡ଼ାଇ ପାରେ ନାହିଁ । ତାହା ନହେଲେ ସ୍ୱର୍ଣ୍ଣମୟୀ ଲଙ୍କା, ଦର୍ପଶାଳୀ ହସ୍ତିନା,

Digitized by srujanika@gmail.com

ଏକ ମନସ୍ବୀ ବ୍ୟକ୍ତି ଆଜି ମଧ୍ୟ ଭାରତଭୂମିରେ ଗର୍ବୋନ୍ନତ ମସ୍ତକ ଉତ୍ତୋଳନ କରି ରହିଥାନ୍ତି ।

ସେ ଅନେକ ଦେଢ଼ ହଜାର ବର୍ଷର କଥା, ସେତେବେଳେ ମଗଧ ସାମ୍ରାଜ୍ୟରେ ମହାପଦ୍ମ ନନ୍ଦ ମହାଶକ୍ତିଶାଳୀ ସମ୍ରାଟ ଥିଲେ । ସେ ତାଙ୍କ ପିତା ମହାନନ୍ଦୀଙ୍କ ରକ୍ଷିତା ଶୂଦ୍ରାଣୀ ଗର୍ଭଜାତ ସନ୍ତାନ । ସୁକୌଶଳ ନୀତି ପିତା ଓ ବୈମାତ୍ରେୟ ଭ୍ରାତାଙ୍କୁ ହତ୍ୟାକରି ସେ ମଗଧ ସିଂହାସନ ଅଧିକାର କରିଥିଲେ । କେବଳ ସମ୍ପଦ ଲୋଭରେ ପିତାଙ୍କୁ ହତ୍ୟା କରିଥିବାରୁ ନିଶ୍ଚୟ ଜନତା ତାଙ୍କର ନିନ୍ଦାରତ ହୋଇଥିଲେ । ସୁନନ୍ଦା ଓ ମୁରା ନାମରେ ତାଙ୍କର ଦୁଇ ରାଣୀ ଥିଲେ । ସୁନନ୍ଦାଙ୍କ ସୁମାଲ୍ୟ ପ୍ରଭୃତି ନଅ ପୁଅ ନନ୍ଦ ନାମରେ ପରିଚିତ ଥିଲେ । ସେମାନେ ସମସ୍ତେ ସ୍ବାସ୍ଥ୍ୟ ଆଳସ୍ୟପରିପୂର୍ଣ୍ଣ, ସ୍ଥୂଳବୁଦ୍ଧି ଓ ବିଳାସପ୍ରିୟ । ମୁରା ଶୂଦ୍ରାଣୀ ହେଲେ-ହେଁ ଅତ୍ୟନ୍ତ ରୂପ ଓ ଗୁଣବତୀ ଥିଲେ । ତାଙ୍କର ଏକମାତ୍ର ପୁତ୍ର ଚନ୍ଦ୍ରଗୁପ୍ତ ସଦାଗୁଣ, ବୁଦ୍ଧି ଓ ଶକ୍ତିରେ ଅନ୍ୟ ନଅ ଭାଇଙ୍କଠାରୁ ବହୁତ ଅଧିକ ଥିଲେ । ମହାପଦ୍ମ ନନ୍ଦ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ ସତ୍ୟ, କିନ୍ତୁ ତାଙ୍କର ଦୁର୍ବ୍ୟବହାର ହେତୁରୁ ପ୍ରଜାମାନେ କେହି ତାଙ୍କୁ ସୁଖ ପାଉ-ନଥିଲେ । ସେ ଥିଲେ ସ୍ବେଚ୍ଛାଚାରୀ; ନାରୀର ସମ୍ମାନ, 'ଅସହାୟଙ୍କୁ ସାହାଯ୍ୟ' ଦାନ ଏସବୁ ପ୍ରାୟ ଜାଣି ନଥିଲେ । ସେ ପ୍ରଚୁର ଅର୍ଥ ସଞ୍ଚୟ କରିଥିଲେ । କିନ୍ତୁ ସତ୍କାର୍ଯ୍ୟରେ ଦେଖିବାକୁ ଏକ କପର୍ଦ୍ଦକ ମଧ୍ୟ ଲାଗୁ-[illegible] । କଳିଙ୍ଗ ସମ୍ରାଟ ଖାରବେଳ ମହାପଦ୍ମଙ୍କ ଅମଳର ମଗଧରୁ ଶୋଷିତ କଳିଙ୍ଗ [illegible] ବହୁ ଦେଖି, ତାହା ଫେରି ଅଧିକାର କରିଥିବା କଥା ଉଦୟଗିରିର ହାତୀଗୁମ୍ଫାରେ ଖୋଦିତ [illegible] । ଏଥିରୁ ଅନୁମିତ ହୁଏ ଖାରବେଳ ଅପଚାରିତ ଜିନ ପର୍ଯ୍ୟନ୍ତ ମଗଧ ସହିତ [illegible] କଳିଙ୍ଗ ସମ୍ମୁଖରେ ଯୁକ୍ତ ଜନ

Digitized by srujanika@gmail.com

ଭଣ୍ଡାରର ସଂସ୍କାର ହୋଇଥିଲା । ମହାପଦ୍ମ ଥିଲେ ସ୍ୱାର୍ଥାନ୍ଧ ଓ ଅତିଶୟ ନିଷ୍ଠୁର ପ୍ରକୃତିକ ।

ମହାପଦ୍ମ ନନ୍ଦଙ୍କର ଦୁଇଜଣ ମନ୍ତ୍ରୀ ଶକଟାର ଓ ରାକ୍ଷସ । ଶକଟାର ବୟୋଜ୍ୟେଷ୍ଠ, ପ୍ରବୀଣ, ବୁଦ୍ଧିମାନ, ବିଚକ୍ଷଣ, ଦୂରଦର୍ଶୀ ଓ ଅସାଧାରଣ କ୍ଷମତାସମ୍ପନ୍ନ ଥିଲେ । ପ୍ରକୃତ ପକ୍ଷରେ ସମସ୍ତ ସାମ୍ରାଜ୍ୟ ସେ କେବଳ ଶାସନ କରୁଥିଲେ । ତାଙ୍କୁ ଦ୍ୱିତୀୟ ଶୁକ୍ରାଚାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ଅତୁଳ ପ୍ରତିଭା ଓ ଅସାଧାରଣ ବୁଦ୍ଧି ଦେଖି ରାକ୍ଷସ ଈର୍ଷ୍ୟାନ୍ୱିତ ହୋଇ ତାଙ୍କୁ ମନ୍ତ୍ରୀ ପଦଚ୍ୟୁତ କରିବା ପାଇଁ କୃତସଙ୍କଳ୍ପ ହେଲେ । ଶକଟାର କିନ୍ତୁ ରାକ୍ଷସଙ୍କୁ ଜଣେ ଉପଯୁକ୍ତ ମନ୍ତ୍ରୀ କରିବା ପାଇଁ ଶିକ୍ଷା ଦେଉଥିଲେ ଏବଂ ଶିକ୍ଷା ଦେଲାବେଳେ ଯେତିକି କଠୋରତା ଅବଲମ୍ବନ କରିବାକୁ ହୁଏ, ବ୍ୟବହାରରେ ଶିକ୍ଷକ ଭାବରେ ସେ ପ୍ରୟୋଗ କରୁଥିଲେ । ସେ ହୃଦୟରୁ ଉଦ୍ଧତ ରାକ୍ଷସଙ୍କୁ ସ୍ନେହ କରୁଥିଲେ । ରାକ୍ଷସଙ୍କୁ ସମ୍ପୂର୍ଣ୍ଣ ଶିକ୍ଷା ଦେଇ ସେ ନିଜେ ରାଜକାର୍ଯ୍ୟରୁ ଅବସର ଗ୍ରହଣ କରିବା ଇଚ୍ଛା କରୁଥିଲେ । ରାକ୍ଷସ କିନ୍ତୁ ବିଳମ୍ବ ସହିଲେ ନାହିଁ । ସେ ଗୋଟିଏ ଭୀଷଣ ଷଡ଼ଯନ୍ତ୍ରର ଆୟୋଜନ କଲେ । ଜଣେ ଚତୁର ବ୍ରାହ୍ମଣଙ୍କୁ ଗୁପ୍ତଚର ନିଯୁକ୍ତ କରି କୌଶଳରେ ଶକଟାରଙ୍କ ଅଙ୍ଗୁରୀୟ ଆତ୍ମସାତ୍ କଲେ । ତା' ପରେ ପ୍ରତିବେଶୀ ମ୍ଳେଚ୍ଛ ରାଜା ପର୍ବତକଙ୍କ ନିକଟରେ ଗୁହ୍ୟ ଗୋଟିଏ ଜାଲପତ୍ର ଲେଖାଇ ତାହା ଶକଟାରଙ୍କ ଅଙ୍ଗୁରୀୟ-ମୋହରାଙ୍କିତ କଲେ । ନନ୍ଦ ବଂଶ ଧ୍ୱଂସ କରି ଶକଟାର ପର୍ବତକଙ୍କୁ ମଗଧ ସିଂହାସନାରୂଢ଼ କରାଇବେ, ଏହି ମର୍ମରେ ପତ୍ର ଲେଖା ଯାଇଥିଲା । ଉକ୍ତ ବ୍ରାହ୍ମଣ ଦ୍ୱାରା କୌଶଳରେ ପତ୍ରଟି ମହାପଦ୍ମ ନନ୍ଦଙ୍କ ହସ୍ତଗତ କରାଇଲେ । ମହାରାଜ ଉକ୍ତ ପତ୍ର ପାଠ କରି ଏପରି କ୍ରୋଧାନ୍ଧ ହେଲେ ଯେ, ପତ୍ରର ସତ୍ୟାସତ୍ୟ ସମ୍ବନ୍ଧେ

କୌଣସି ବସ୍ତୁର ବା ଅନୁସନ୍ଧାନ ନକରି ବୃଦ୍ଧ ମନ୍ତ୍ରୀ ଶକଟାରଙ୍କୁ ସ-ପରିବାର, ସବଂଶ ଯାବଜ୍ଜୀବନ କାରାଦଣ୍ଡ ପ୍ରଦାନ କଲେ । ଶକଟାରଙ୍କ ବଂଶର ଏକଶତ ଲୋକ ଏ ନିଷ୍ଠୁର ଆଦେଶରେ ମୃତ୍ତିକା ଅଭ୍ୟନ୍ତରସ୍ଥ ରେଖା ମାତ୍ର ଆଲୋକ ବର୍ଜ୍ଜିତ; କଠିନ ପ୍ରସ୍ତର ନିର୍ମିତ କାରାଗାରରେ ଶୃଙ୍ଖଳବଦ୍ଧ ଅବରୁଦ୍ଧ ହେଲେ । କେବଳ ଏତିକି ନୁହେଁ, ମହାରାଜ ନିଷ୍ଠୁରତାର ସୀମା ଲଙ୍ଘନ କରି ସେହି ଏକଶତ ଲୋକଙ୍କ ଖାଦ୍ୟ ପାଇଁ ପ୍ରତ୍ୟହ ଏକସେର ମାତ୍ର ତଣ୍ଡୁଳର ବ୍ୟବସ୍ଥା କରିଦେଲେ । ଏକଶତ ଲୋକ ଏକସେର ମାତ୍ର ତଣ୍ଡୁଳରେ ଜୀବନ ଧାରଣ କରିପାରିବେ ନାହିଁ । ଏକଥା ହୃଦ୍‌ବୋଧ କରି ବୃଦ୍ଧ ମନ୍ତ୍ରୀ ସମସ୍ତ ପରିବାର ବର୍ଗଙ୍କୁ ଏକତ୍ର କରି କହିଲେ “ବୋଧହୁଏ, ସମସ୍ତେ ଅନୁମାନ କରିଥିବ, ସ୍ୱୟଂ ବୁଦ୍ଧି ରାକ୍ଷସଙ୍କ କୁଚକ୍ର ପରାମର୍ଶରେ ମହାରାଜ ଆମ୍ଭମାନଙ୍କୁ ଏକାଥରକେ ହତ୍ୟା ନକରି ତିଳେ ତିଳେ ନିଷ୍ଠୁର ଭାବରେ ମାରିବାକୁ ଇଚ୍ଛା କରିଅଛନ୍ତି । ଏ ସଙ୍କଟ ସମୟରେ ସମସ୍ତେ ଅନାହାରରେ ମରିବା ଅପେକ୍ଷା ଏହାର ପ୍ରତିଶୋଧ ନେବାପାଇଁ ପଥ ପ୍ରଶସ୍ତ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । ତୁମ୍ଭମାନଙ୍କ ମଧ୍ୟରେ ଯିଏ କେହି ବୁଦ୍ଧିମାନ୍, ଧୁରନ୍ଧର, ଦୃଢ଼ପ୍ରତିଜ୍ଞ ଥାଅ, ଯେ ନିଜ ବୁଦ୍ଧି ଓ କୌଶଳରେ ସ୍ୱେଚ୍ଛାଚାରୀ, ବ୍ୟଭିଚାରୀ କ୍ଷତ୍ରିୟ ନନ୍ଦ ବଂଶ ଧ୍ୱଂସ କରିପାରିବ, ସେହି କେବଳ ଏହି ଏକସେର ତଣ୍ଡୁଳରେ ଜୀବନଧାରଣ କରୁ । ଅନ୍ୟ ସମସ୍ତେ ସହାସ୍ୟ ବଦନରେ ମୃତ୍ୟୁକୁ ଆଲିଙ୍ଗନ କରିବା ।” ସମସ୍ତେ ଏହି କଥାର ଏକ ବାକ୍ୟରେ ଅନୁମୋଦନ କଲେ । ପୁତ୍ରଙ୍କ ମଧ୍ୟରେ ଶକଟାରହିଁ ସେହି କାର୍ଯ୍ୟ ସାଧନ ନିମନ୍ତେ ଉପଯୁକ୍ତ ବିବେଚିତ ହେଲେ । ତହିଁ ସମସ୍ତେ କହିଲେ “ଅତ୍ୟାଚାରୀ ବଂଶ ଧ୍ୱଂସ କରି କ୍ଷତ୍ରିୟ ଧର୍ମର ପୁନଃ ପ୍ରତିଷ୍ଠା ପାଇଁ ଆପଣହିଁ ଉପଯୁକ୍ତ । ସୁତରାଂ ଆପଣହିଁ ଜୀବନ ଧାରଣ କରନ୍ତୁ । ଆମ୍ଭ-ମାନଙ୍କର ସମ୍ମିଳିତ ଅଭିଶାପ ଆପଣଙ୍କ ପ୍ରଶ୍ୱାସରେ ପ୍ରବାହିତ ହୋଇ

Digitized by srujanika@gmail.com

ସୁବ

Digitized by srujanika@gmail.com

ନନ୍ଦ ବଂଶ ଛାରଖାର କରୁ ।” ଏହା ପରେ ବୃଦ୍ଧ ଶକଟାର ଅତି-ନିଦାରୁଣ ହୃଦୟରେ, ଅଶ୍ରୁଶୁଷ୍କ ନୟନରେ ଜଣକ ପରେ ଜଣକର ନିର୍ମମ ମରଣ ଅବଲୋକନ କଲେ; ଜଣକ ପରେ ଜଣକର ଅନ୍ତ୍ୟେଷ୍ଟି-କ୍ରିୟା ଏକ ମୁଷ୍ଟି ତଣ୍ଡୁଳରେ ଏବଂ ତର୍ପଣ ଅବାଧ ପ୍ରବାହିତ ଶୋକାଶ୍ରୁରେ ଶେଷ କରି ସେ ପ୍ରତିଜ୍ଞା କଲେ, ନନ୍ଦ ବଂଶ ରକ୍ତରେ ଅତୃପ୍ତ ବଂଶଧରଗଣଙ୍କର ଉପଯୁକ୍ତ ତର୍ପଣ ନକରିବା ପର୍ଯ୍ୟନ୍ତ ସେ ସ୍ଥିରହୋଇ ରହିବେ ନାହିଁ । ସେହି ଅଳ୍ପ ସମୟରେ ବୃଦ୍ଧଙ୍କର ସ୍ନେହ-ବାତ୍ସଲ୍ୟ-କରୁଣା-ପରିପକ୍ୱ ହୃଦୟ ଅଲକ୍ଷ୍ୟ ନିୟତିଙ୍କ ଉପହାସ [illegible] ସ୍ନେହ, ଦୟା, କରୁଣାର୍ଦ୍ରତା ପ୍ରଭୃତି ସମସ୍ତ କୋମଳ ପ୍ରବୃତ୍ତି ଉତ୍ପାଟିତ ପରେ ଗୋଟିଏ ବର୍ଜ୍ଜନ ଭଳି ଓ ପ୍ରଳୟର ସମସ୍ତ ତୀକ୍ଷ୍ଣତାରେ ପରିପୂର୍ଣ୍ଣ ହେଲା । ସେଦିନଠାରୁ ତାଙ୍କ ନୟନରେ ଧ୍ୱଂସବହ୍ନି ଶ୍ୱାସରେ ଝଞ୍ଜା, ହୃଦୟରେ ପ୍ରଳୟ, ରସନାରେ ଅଭିଶାପ, ବଦନମଣ୍ଡଳରେ ଦୃଢ଼ ପ୍ରତିଜ୍ଞା ଅବସ୍ଥାନ କରୁଥିଲା । ସମିଧ ସଂଗ୍ରହ ପୂର୍ଣ୍ଣ ହେଲା ।

ଏଣେ ମହାରାଜ ନନ୍ଦ ରାକ୍ଷସଙ୍କୁ ପ୍ରଧାନମନ୍ତ୍ରୀତ୍ୱ ପ୍ରଦାନ କଲେ । ରାକ୍ଷସଙ୍କ ପ୍ରଜନ୍ମ ବୃଥା ନିର୍ବାପିତ ହେଲା ।

କଥାରେ ଅଛି, 'ରଜା ଅନ୍ଧ, ପାଣି ଅନ୍ଧ' । ଅନେକ ରଜା ଆଗ ପଛ ବିଚାର ନକରି ସାମାନ୍ୟ କଥା ନେଇ ଲୋକଙ୍କୁ ପ୍ରାଣଦଣ୍ଡ ପର୍ଯ୍ୟନ୍ତ ଦେବା କଥା ଅନେକଙ୍କ ଦେଖାଯାଏ । ତାହାର ଏକମାତ୍ର କାରଣ ସେମାନଙ୍କର ଅନ୍ଧ ମଦ । ମଦାନ୍ଧ ମହାପଦ୍ମ ନନ୍ଦ ଦିନେ ପ୍ରଫୁଲ୍ଲ-ମନ୍ତ୍ରୀ ମୁରାଙ୍କ ସହିତ ଉଦ୍ୟାନଭ୍ରମଣ କରୁଥିଲେ । ସେ ଉଦ୍ୟାନ ଶୃଙ୍ଖଳାଗ୍ରସ୍ତ ପଶୁ-ପ୍ରଭୃତିର ଉଦ୍ୟାନ । ସୁତରାଂ ସାନ୍ଧ୍ୟକାଳୀନ ପ୍ରକୃତିର ହାସ୍ୟମୟ ସୌନ୍ଦର୍ଯ୍ୟରେ ମଧ୍ୟ ସେ ସେହି ପଶୁବୀର ଅଙ୍କୁଶ-ମାର ଦେଖୁ

Digitized by srujanika@gmail.com

ମୁଗ୍ଧ

Digitized by srujanika@gmail.com

ଥିଲେ । ମୁରାଙ୍କ ହୃଦୟର ଉନ୍ମାଦନାଶୂନ୍ୟ ଅଙ୍କଳଙ୍କ ପ୍ରୀତି-ସମ୍ଭାଳନରେ ସେ ଅବଗାହନ କରିପାରି ନଥିଲେ । ସେ ପାଇଥିଲେ, ମୁରାଙ୍କର ରକ୍ତ-ମାଂସ-ଗଠିତ କମନୀୟ ଶରୀର, କିନ୍ତୁ ତାଙ୍କ ଅଭ୍ୟନ୍ତରର ସ୍ୱଚ୍ଛ ସୁ-ଶୀତଳ ପ୍ରେମବାରିଧିର ପରିଚୟ ଲାଭ କରିନଥିଲେ । ନାରୀ ତାଙ୍କର ବିଳାସର କ୍ରୀଡ଼ନକ । ତେଣୁ ସେ ସୌନ୍ଦର୍ଯ୍ୟମୟୀ ମୁରାଙ୍କୁ ଇନ୍ଦ୍ରିୟ ପିପାସା ଚରିତାର୍ଥତାର ଦାସୀ ରୂପେ ମାତ୍ର ଉପଭୋଗ କରୁଥିଲେ । ମହାପଦ୍ମଙ୍କ ମୂଢ଼ ହୃଦୟ ନାରୀର ଅଭ୍ୟନ୍ତରର ପବିତ୍ରତା ଆସ୍ୱାଦନ କରିବାକୁ ଅସମର୍ଥ ଥିଲା ।

ଉଦ୍ୟାନ ଭ୍ରମଣ କାଳରେ ମହାରାଜ ଦେଖିଲେ ଗୋଟିଏ ବୃନ୍ତ ପତ୍ର ଉପରେ ଫଳଟିଏ ପଡ଼ିଅଛି । ଫଳସହ ପତ୍ରଟିକୁ ପିପୀଲିକା-ଶ୍ରେଣୀ ବହନ କରି ନେଉଅଛନ୍ତି । ସେଥିରେ ନନ୍ଦ ହସି ଉଠିଲେ । ନନ୍ଦଗତପ୍ରାଣା ମୁରା ସେହି ହସରେ ନିଜ ମୁଖ ଯୋଗି ଦେଲେ । ନନ୍ଦ ମୁରାଙ୍କୁ ତାଙ୍କ ହସର କାରଣ ଜିଜ୍ଞାସା କରିବାରୁ ମୁରା ଅବାକ୍ ହେଲେ । କାହିଁକି ଯେ ସେ ହସିଲେ ମୁରା ନିଜେ ତାହା ଜାଣି ନ ଥିଲେ; ସୁତରାଂ ସେ କୌଣସି ଉତ୍ତର ଦେଇ ପାରିଲେ ନାହିଁ । ଏଥିରେ ମୂଢ଼ ରାଜା କ୍ରୋଧାନ୍ଧ ହୋଇ କହିଲେ, "ମୁରା, ଏକ ସପ୍ତାହ ମଧ୍ୟରେ ତୁମେ ହସର କାରଣ ଜଣାଇ ନପାରିଲେ, ତୁମ ବଂଶରେ କଳାଙ୍ଗୁଳି ଦେବାପାଇଁ କେହି ରହିବେ ନାହିଁ । ଏହା କହିବା ସଙ୍ଗେ ସଙ୍ଗେ ସେ ସେସ୍ଥାନରୁ ପ୍ରସ୍ଥାନ କଲେ । ମୁରାଙ୍କର କିଛି କହିବା ପାଇଁ ଅବକାଶ ରହିଲା ନାହିଁ । ସେ କିଂକର୍ତ୍ତବ୍ୟବିମୂଢ଼ା ହୋଇ ନୀରବ ରହିଲେ ।

ମୁକ୍ତିର ଉପାୟ ।

"And my soul was a stagnent tide."

—*Poe*

କର୍ମ କୋଳାହଳମୟ ମଗଧ ରାଜଧାନୀରେ ଆଜ ଦୁଇଜଣ ମାତ୍ର ପ୍ରାଣୀଙ୍କ, ଦୁର୍ବର୍ତ୍ତିତ, ଚିନ୍ତିତ । ସେଥି ମଧ୍ୟରୁ ଜଣେ ମୁରା । ବଂଶଲୋପ ଭୟରେ କପଟ ହୃଦୟର ନିଧି, ପ୍ରାଣର ସାର୍ଥକତା, ଜୀବନର ଉଦ୍ଦେଶ୍ୟ, ମରଣର ଶାନ୍ତି ଏକମାତ୍ର କୁଳଚନ୍ଦ୍ର ଚନ୍ଦ୍ରଗୁପ୍ତଙ୍କ ପ୍ରାଣରକ୍ଷା କରିପାରିବେ, ଏହି ବିଷୟ ନେଇ ମୁରା ଚିନ୍ତିତା । କି ଉତ୍ତର ଦେଇ ରାଜାଙ୍କର ସନ୍ତୋଷ-ବିଧାନ କରିବେ ଭାବି ପାଉ ନାହାନ୍ତି । ଦିନଦିନ ବଢ଼ୁଥିବା ଦେଖି ମୁରା ଯେପରି ନରକର ସୀମାବର୍ତ୍ତୀ ହେଉଛନ୍ତି, ଏପରି ଦୁଃସହ କଲ୍ପନାରେ ମଧ୍ୟ ଅନ୍ଧ, ଅଧୀରା । ନିଜର ତୁଚ୍ଛ ପ୍ରାଣ ଦାନ କରି ଚନ୍ଦ୍ରଗୁପ୍ତଙ୍କ ପ୍ରାଣ ରଖିପାରିଲେ, ସେ ତାହା ଆନନ୍ଦରେ କରନ୍ତେ । କିନ୍ତୁ ଅବିବେକୀ ନନ୍ଦ କି ସେ କଥା ଶୁଣିବେ ? କିଏ ଏ ବିପଦରେ ତାଙ୍କର ସହାୟ ହେବ ? ମୁରା ଅବିରତ ଚିନ୍ତିଲେ, ଭାବି ଭାବି ନିବିଷ୍ଟ ମନରେ ଚିନ୍ତା କଲେ । ମୂର୍ଖ କାଳିଦାସ ମଧ୍ୟ ଏକାଗ୍ରମନରେ ଚିନ୍ତାକରି ଜ୍ଞାନରାଜ୍ୟର ସୀମା ସ୍ପର୍ଶ କରିପାରିଥିଲେ । ତାହାର ଫଳରେ ତାଙ୍କର ଅଗାଧ ପାଣ୍ଡିତ୍ୟ । ସେହି ଏକାଗ୍ରତା ମଧ୍ୟରେ ମୁରା ଦୀନର ଶରଣାଶ୍ରୟ ଭଗବାନଙ୍କୁ କାତର ହୃଦୟରେ ଥରେ ଡାକ ଦେଲେ, ତତ୍କ୍ଷଣାତ୍ ଯେପରି ତାଙ୍କ ହୃଦୟର ଗୁରୁଭାର ଲାଘବ ହେଲା, ସେ ଆଶ୍ୱସ୍ତା ହେଲେ । କିଛିକ୍ଷଣ ପରେ ପୁଣି ଭାବନାରେ ଅସ୍ଥିର ହେଲେ । ସାଧାରଣ ରମଣୀଙ୍କ ପରି ସାମାନ୍ୟ ବିପଦରେ କାନ୍ଦିବା ତାଙ୍କର ସ୍ୱଭାବବିରୁଦ୍ଧ ଥିଲା । ସୁତରାଂ ଦୁର୍ଭାବନା ମଧ୍ୟରେ ମଧ୍ୟ ବେଳେ ବେଳେ ଚଳିତ ଆଶାର ଆଲୋକ ଦେଖି ସେ ସାନ୍ତ୍ୱନା ଲାଭ କରୁଥିଲେ । ହୃଦୟର ସର୍ବାନ୍ତ

Digitized by srujanika@gmail.com

ତାଙ୍କ ସୁନ୍ଦର ମୁଖରେ ପ୍ରତିଭାତ ହେଉଥିଲା । ଥରେ ଥରେ ସଶଙ୍କିତ ଚାହାଣୀରେ ସେ ଦୂରକୁ ଅନାଇ ରହୁଥିଲେ, କେତେବେଳେ ବା ଅଧର ଦଂଶନ କରି ହଠାତ୍ କିଛି ଗୋଟାଏ କାର୍ଯ୍ୟ କରିବାକୁ ଉଦ୍ୟତ ହେଉଥିଲେ । ଏହିପରି ନାନା ଚିନ୍ତା ମଧ୍ୟରେ ହଠାତ୍ ଆଶାର ଆଲୋକ ଦେଖାଗଲା । ଏକାଗ୍ର ମନରେ ସମଗ୍ର ମଗଧ ପରିଦର୍ଶନ କରି ତାଙ୍କର ଅନ୍ତର୍ଦୃଷ୍ଟି ମୃତ୍ତିକା ଗର୍ଭସ୍ଥିତ ପ୍ରସ୍ତର କାରାଗୃହରେ ନିପତିତ ହେବା ମାତ୍ରେ ବୃଦ୍ଧ ମନ୍ତ୍ରୀ ତାଙ୍କ ସ୍ମରଣ ପଥରେ ଆବିର୍ଭୂତ ହେଲେ । ମୁନିଙ୍କ କମନୀୟ ମୁଖ ମଣ୍ଡଳରେ କ୍ଷୀଣହାସ୍ୟଚ୍ଛଟା ଦେଖାଗଲା । ଏକମାତ୍ର ବୃଦ୍ଧ ଶକଟାର ମୁନିଙ୍କ ସମସ୍ୟାର ସଦୁତ୍ତର ଦେଇପାରନ୍ତି । ମୁନି ଆଉ ଅପେକ୍ଷା କରିପାରିଲେ ନାହିଁ । ଚଞ୍ଚଳ ପଦ ବିକ୍ଷେପରେ ମହାପଦ୍ମଙ୍କ ସମ୍ମୁଖରେ ଉପସ୍ଥିତ ହୋଇ, ଯେପରି କିଛି ଅସାଧାରଣ ଘଟି ନାହିଁ, ଏପରି ଭାବରେ ତାଙ୍କ ସହ ଆଳାପ କଲେ । କଥାଚ୍ଛଳରେ ଅତି କୌଶଳରେ ସେ ଶକଟାରଙ୍କ ବିଷୟର ଅବତାରଣା କରି ସେ ଦିନ ସକାଳେ ନିଜେ ଯାଇ ତାଙ୍କୁ ତଣ୍ଡୁଳ ଦେଇ ଆସିବା ପାଇଁ ଅନୁମତି ପ୍ରାର୍ଥନା କଲେ । ରାଜା ବିନା ଆପତ୍ତିରେ ସ୍ୱୀକୃତ ହେଲେ ।

ପାଠକମାନେ ବୋଧହୁଏ ଅନୁମାନ କରିଥିବେ, ହିଁ ଶାସ୍ତ ଚିନ୍ତିତ ମୁନି କିଏ । ଯେତେବେ ଅକସ୍ମାତ୍ କ୍ଳେଶ କରି ନଥାନ୍ତି, ତାହାହେଲେ ଏହି ପେଟିକା ବାସର ଅନୁପଯୁକ୍ତ, ଭୂଗର୍ଭସ୍ଥ ନିବିଡ଼ ଅନ୍ଧକାରମୟ ପ୍ରସ୍ତର ଗୃହକୁ ଥରେ ଆସନ୍ତୁ, ଦେଖିବେ ବୃଦ୍ଧ ଶକଟାର କିପରି ନିବିଷ୍ଟ ମନରେ ଚିନ୍ତାମଗ୍ନ । ଲଲାଟରେ ଗଭୀର ଚିନ୍ତାରେଖା, ନୟନ ସ୍ଥିର, ମୁଖ ପାଣ୍ଡୁ ବର୍ଣ୍ଣ—ଦେଖିଲେ ଜଣାଯାଏ, କେଉଁ ଅଦୃଶ୍ୟ ଜଗତରେ ମନ ଭ୍ରମଣ କରୁଅଛି । ରୁକ୍ଷ କେଶ, ଶୀର୍ଣ୍ଣ ଅଙ୍ଗ, ଶିଥିଳ ଚର୍ମ ସତ୍ତ୍ୱେ ତାଙ୍କ ହୃଦୟ ଦୃଢ଼, ସବଳ । ବୃଦ୍ଧ ସ୍ଥିରଲକ୍ଷ୍ୟ—ତାଙ୍କର ଏକମାତ୍ର

Digitized by srujanika@gmail.com

ଚିନ୍ତା କିପରି ଅକ୍ଷତ୍ରିୟ ନନ୍ଦବଂଶର ଉଚ୍ଛେଦ ସାଧନ କରି କ୍ଷତ୍ରିୟ ରାଜତ୍ୱ, ଧର୍ମ ରାଜତ୍ୱର ପୁନଃ ପ୍ରତିଷ୍ଠା କରିବେ । ଏକାନ୍ତ ଭାବରେ କର୍ତ୍ତବ୍ୟ ଚିନ୍ତା ସେତେବେଳେ ଶକଟାରଙ୍କ ହୃଦୟ, ମନ, ସୁତରାଂ ସମସ୍ତ ଜ୍ଞାନେନ୍ଦ୍ରିୟ ସମ୍ପୂର୍ଣ୍ଣ ଅଧିକାର କରିଥିଲା । ବୃଦ୍ଧ ବାହ୍ୟ-ଚେତନା ଶୂନ୍ୟ ପ୍ରାୟ ।

ମୁରା କିଛିକ୍ଷଣ ଶକଟାରଙ୍କ ସମ୍ମୁଖରେ ଦଣ୍ଡାୟମାନା, ତଥାପି ବୃଦ୍ଧ ତାଙ୍କ ଉପସ୍ଥିତି କୌଣସି ପ୍ରକାରେ ହୃଦୟଙ୍ଗମ କରି ପାରିଲେ ନାହିଁ । ମୁରା ଏଥିରେ ବିସ୍ମିତ ହୋଇ କିଛି ସମୟ ନିବିଷ୍ଟମନରେ ତାଙ୍କ ଭାବ ଭଙ୍ଗୀ ଲକ୍ଷ୍ୟ କରି କହିଲେ "ମନ୍ତ୍ରୀବର, ମୋର ପ୍ରଣାମ ଗ୍ରହଣ କରନ୍ତୁ ।" ବୃଦ୍ଧଙ୍କର ଚୈତନ୍ୟୋଦୟ ହେଲା । ସେ ମୁରାଙ୍କୁ ଅକସ୍ମାତ୍ ସେଠାରେ ଉପସ୍ଥିତ ଦେଖି ଚମକି ପଡ଼ି କହିଲେ, "ସ୍ୱୟଂ ରାଣୀ ଆଜି ଏଠାରେ ! ଚନ୍ଦ୍ରଗୁପ୍ତର ସମସ୍ତ କୁଶଳ ତ ! ମହାରାଜାଙ୍କର ସବୁ ମଙ୍ଗଳ ତ ?" ମୁରା ଉତ୍ତର ଦେଲେ "ଆପଣଙ୍କ ଆଶୀର୍ବାଦରୁ ସମସ୍ତେ ସୁଖରେ ଅଛନ୍ତି । ଅଚ୍ଛା, ଆପଣ କଅଣ ଭାବୁଥିଲେ କହନ୍ତୁ ଦେଖି ।" ମନ୍ତ୍ରୀ ଉତ୍ତର କଲେ, "କାହିଁ ସେପରି କୌଣସି ଭାବନା ତ ମୁଁ କରୁ ନ ଥିଲି ।" ଏକଥା କହିବା ସଙ୍ଗେ ସଙ୍ଗେ ଭିତର ଥଂଚୁଦ୍ଧକାଶି ମନ୍ତ୍ରୀ ମୁଖରେ ପ୍ରଫୁଲ୍ଲତାର ଅବତାରଣା କଲେ । ଅଦ୍ଭୁତ କୌଶଳରେ ସେ ଯେ ପୁଣି କ୍ଷଣକ ମଧ୍ୟରେ ହସପ୍ରଫୁଲ୍ଲ ହୋଇ ଉଠିଲେ, ତାହା ବୋଧକରୁ ଅଗମ୍ୟ । ଶକଟାର ତାଙ୍କ ଆଗମନର ଉଦ୍ଦେଶ୍ୟ ଜିଜ୍ଞାସା କରିବାରୁ ମୁରା କହିଲେ, "ମନ୍ତ୍ରୀ ମହାଶୟ, ଆଜି ମୋର ଭୟଙ୍କର ବିପଦ । ଆପଣଙ୍କ ଉପଦେଶ ବ୍ୟତିରେକେ ଅନ୍ୟ ପ୍ରତିକାର ନାହିଁ ଜାଣି, ଆପଣଙ୍କ ନିକଟକୁ ବଡ଼ ଆଶାରେ ଆସିଅଛି ।" ସନମ୍ର ମୁରା ଶକଟାରଙ୍କ ହାବଭାବ ପ୍ରତୀକ୍ଷା କଲେ । ଶକଟାର

Digitized by srujanika@gmail.com

ଜିଜ୍ଞାସା କଲେ "କଥା କଅଣ ?" ମୁରା ଉତ୍ତର କଲେ, "ଆଜକୁ ଛଅ ଦିନ ପୂର୍ବେ ମୁଁ ମହାରାଜାଙ୍କ ସହିତ ଉଦ୍ୟାନ ଭ୍ରମଣ କରୁଥିଲି । ଗୋଟିଏ ବଟପତ୍ର ଉପରେ ବଟଫଳଟିଏ ଥିଲା । କେତେଗୁଡ଼ିଏ ପିପୀ-ଲିକା ଫଳ ସହ ପତ୍ରଟିକୁ ବହି ନେଉଥିଲେ । ତାହା ଦେଖି ରାଜା ହଠାତ୍ ହସିବାରୁ ମୁଁ ମଧ୍ୟ କିଛି ଚିନ୍ତା ନକରି ହସିଦେଲି । ରାଜା ମୋର ହସର କାରଣ ପଚାରିବାରୁ ମୁଁ ନୀରବ ରହିଲି । ଏଥିରେ ରାଜା ଉତ୍ତ୍ୟକ୍ତ ହୋଇ ଆଦେଶ କରିଛନ୍ତି ଯେ, ମୁଁ ହସର କାରଣ ସାତଦିନ ମଧ୍ୟରେ କହି ନପାରିଲେ ମୋର ବଂଶରେ କେହି ରହିବେ ନାହିଁ । ମୋ ନିଜ ସକାଶେ ମୁଁ ଆଦୌ ଚିନ୍ତିତା ନୁହେଁ । କେବଳ ମୋର ପ୍ରାଣର ପୁତ୍ତଳି ଚନ୍ଦ୍ରଗୁପ୍ତର କାଳେ ଅମଙ୍ଗଳ ହେବ, ମୋର କୁଳଚନ୍ଦ୍ରମା ଚନ୍ଦ୍ରଗୁପ୍ତକୁ କାଳେ ହରାଇବି, ଏହି ଭୟରେ ଆଜି ଜଗତ ମୋତେ ଅନ୍ଧାର ଦିଶୁ-ଅଛି । ତେଣୁ ଆଜି ଆପଣଙ୍କର ଶରଣ ନେବାକୁ ଆସିଅଛି ।"

ବୁଦ୍ଧିମାନ୍ ମନ୍ତ୍ରୀ ନଖ-ଦର୍ପଣରେ ନିଜ ଉଦ୍ଦେଶ୍ୟ-ସିଦ୍ଧି-ପଥ ସ୍ପଷ୍ଟ ଦେଖିପାରିଲେ । ମନେ ମନେ ହସି, ବାହାରେ ଦୁଃଖ ପ୍ରକାଶ କରି କହିଲେ, "ରାଣି, କିଛି ଭୟ ନାହିଁ । ମୁଁ ଏହାର ଉତ୍ତର ଦେଉଅଛି । ତାଙ୍କ ହସର କାରଣ, ଯେଉଁ ବଟ ଫଳରୁ ବିରାଟ ମହାମହୀରୁହ ଉତ୍ପନ୍ନ ହୁଏ, କାଳ ଦୋଷରେ ସାମାନ୍ୟ ପିପୀଲିକା ମଧ୍ୟ ତାହା ବହିନେବାକୁ ସମର୍ଥ ହେଉଅଛି ।" ମୁରା ବିସ୍ମୟାବିଷ୍ଟ ହେଲେ । ଆନନ୍ଦ ଜ୍ୟୋତି ନେତ୍ରରୁ ତାଙ୍କ ନୟନରେ, ଗଣ୍ଡଦେଶରେ ବିକଶିତ ହେଲା । ସେ ନିଜେ ନାହିଁ କିନ୍ତୁ ସବନାଶେଂ ବୁଝିପାରିନଥିଲେ, ଶୁଣିବା କ୍ଷଣି ମନ୍ତ୍ରୀ ସେ ରହସ୍ୟ ଭେଦକଲେ । ସୁତରାଂ ବର୍ତ୍ତମାନ ଶକଟାରହିଁ ତାଙ୍କ ବଂଶର ଉଦ୍ଧାରକର୍ତ୍ତା । ରାଣୀ ତାଙ୍କୁ ହୃଦୟର କୃତଜ୍ଞତା ଜ୍ଞାପନ କରି 'ଶତ ସାଧୁବାଦ କଲେ । ମନ୍ତ୍ରୀ ଏହି ଅବସରରେ କହିଲେ, "ରାଣି, ବିପଦରୁ

Digitized by srujanika@gmail.com

ଆପଣଙ୍କ ବଂଶ ମୁଁ ରକ୍ଷା କରୁଅଛି । ଆପଣ ମୋର କିଛି ପ୍ରତ୍ୟୁପକାର କରିବେ କି ?" ମୁରା ଉତ୍ତର କଲେ, "ଅବଶ୍ୟ କରିବି; ମୋର ପ୍ରାଣ ବିନିମୟରେ, ମୋର ସୁଖ ଶାନ୍ତି ବଳିଦାନରେ ମଧ୍ୟ ଆପଣଙ୍କର ଯଦି କିଛି ଉପକାର ହୋଇପାରେ, ମୁଁ ତାହା ପ୍ରଫୁଲ୍ଲ ଅନ୍ତରରେ କରିବି । ମୁରା ଅକୃତଜ୍ଞ ନୁହେଁ ।" ଶକଟାର କହିଲେ "ମହାରାଜ ଆପଣଙ୍କ ଏ ଆଚରଣରେ ସନ୍ତୁଷ୍ଟ ହୋଇ ଆପଣଙ୍କୁ ବର ପ୍ରାର୍ଥନା କରିବା ପାଇଁ ଯେତେବେଳେ କହିବେ, ସେତେବେଳେ ଆପଣ ମୋର ମୁକ୍ତିର ଉପାୟ କରିବେ । ଆପଣ କେବଳ ଏତିକି କହିବେ ଯେ, ଶକଟାର-ବଂଶର ସମସ୍ତେ ମୃତ ହୋଇଅଛନ୍ତି । ଶକଟାର ବୃଦ୍ଧ, କ୍ଷମତାହୀନ, ଅସହାୟ; ସୁତରାଂ ରାଜ୍ୟର କୌଣସି ଅନିଷ୍ଟ କରିପାରିବେ ନାହିଁ । ତାଙ୍କୁ କାରାମୁକ୍ତ କରିଦେଇ ମହାରାଜ ବଂଶଗୌରବ ରକ୍ଷା କରନ୍ତୁ ।" ମୁରା ସମ୍ମତି ଜ୍ଞାପନ କରି ସସମ୍ଭ୍ରମ ପ୍ରଣାମ ପୂର୍ବକ ଶକଟାରଙ୍କ ନିକଟରୁ ବିଦାୟ ନେଇ ଆସିଲେ । ଶକଟାରଙ୍କ ଭବିଷ୍ୟତ ଅନ୍ଧକାରଶୂନ୍ୟ ହେଲା ? ସେ ଆଶାରେ ନିର୍ଭର କରି ସେହି ନିରାନନ୍ଦମୟ ନିର୍ଜନ ଅନ୍ଧକାରରେ ଯେପରି କି ଆଲୋକରେଖା ଦେଖିବାକୁ ପାଇଲେ ।

—∘○∘—

ମୁକ୍ତ ଆକାଶ ତଳେ

"Held, we fall to rise,
Are baffled to fight better."

—*Browning*

ସପ୍ତମ ଦିବସ ପ୍ରଭାତ । ବାଳ ସୂର୍ଯ୍ୟର କନକ କିରଣ ମଣ୍ଡିତ ବୃକ୍ଷ ଶିଖା ମୃଦୁବାୟୁରେ ଅଳ୍ପ ଅଳ୍ପ ଆନ୍ଦୋଳିତ ହେଉଅଛି—ଶାଖା ଉପରେ

Digitized by srujanika@gmail.com

ବିହଙ୍ଗମାନଙ୍କ ମଧୁର କାକଳିରେ ନଗରୀ ହୃଦୟରେ ଅପାର ଆନନ୍ଦ ଜାଗରୂକ ହେଉଅଛି । ପ୍ରକୃତି ହାସ୍ୟମୟୀ, ଜ୍ୟୋତିର୍ମୟୀ । ନିର୍ମଳ, ବିଶାଳ ଆକାଶ ତଳେ ଆଜି ସମସ୍ତେ ଆଶା ଓ ଆନନ୍ଦରେ ମୁକ୍ତ, ସ୍ୱାଧୀନ । ମହାପଦ୍ମ ନନ୍ଦ ଆଜି ସ୍ଥିର କରିଛନ୍ତି, ପୁତ୍ରଗଣଙ୍କୁ ରାଜ୍ୟପ୍ରଦାନ କରି ସେ ବାନପ୍ରସ୍ଥାବଲମ୍ବନ କରିବେ । ଉଜ୍ଜ୍ୱଳ ପ୍ରଭାତର ସୂକ୍ଷ୍ମ ସ୍ପର୍ଶରେ ସେ ଆଜି ପ୍ରଫୁଲ୍ଲମନରେ ସମସ୍ତ ସଂସାରକୁ ଶାନ୍ତିମୟ ଦେଖୁଅଛନ୍ତି । ହାସ୍ୟମୟୀ ମୁରା ଧୀରେ ଧୀରେ ଯାଇ ତାଙ୍କ ସମ୍ମୁଖରେ ଦଣ୍ଡାୟମାନା ହେଲେ ।

ମହାରାଜ ପଚାରିଲେ, "ମୁରା, ଆଜି ଏ ସକାଳେ କାହିଁକି ?" ମୁରା ଉତ୍ତର କଲେ, "ମହାରାଜ, ଆଜି ଯେ ମୋର ଉତ୍ତର ଦେବା ଦିନ ଉପସ୍ଥିତ ।" ରାଜା ସହାସ୍ୟମୁଖରେ କହିଲେ "ହଁ, ସ୍ମରଣ ହେଲା । ତୁମେ ସେଦିନ କହିଥିଲ—" ମୁରା ସଙ୍ଗେ ସଙ୍ଗେ ଉତ୍ତର କଲେ, "ଯେହେତୁ ସାମାନ୍ୟ ପତଙ୍ଗିକା ମଧ୍ୟ କାଳ ପ୍ରଭାବରେ ଭବିଷ୍ୟତର ବିରାଟ ମହୀରୁହକୁ ବହନ କରି ନେଇପାରେ ।" ରାଜା ପ୍ରୀତ ହେଲେ । ସେ ମୁରାଙ୍କ ବୁଦ୍ଧିମତ୍ତାର ବହୁ ପ୍ରଶଂସା କରି କହିଲେ "ମୁରା, ମୁଁ ତୁମ ଉତ୍ତରରେ ବିଶେଷ ପ୍ରୀତ ହୋଇଅଛି । ତୁମେ ସେ କଥା ଭାବି ଚିନ୍ତି ଏତେଦିନରେ ବାହାର କରିଅଛ, ସେଥିପାଇଁ ମୁଁ ତୁମର ଇଚ୍ଛାନୁରୂପ ବରପ୍ରଦାନ କରିବି ।" ମୁରାଙ୍କ ଜିହ୍ୱାଗ୍ରରେ ଶକଟାରଙ୍କ କଥା ଥିଲା, ସେ ତାହା କହିବାକୁ ଏପରି ଉଦ୍‌ବିଗ୍ନ, ଅଧୀର ହେଉଥିଲେ ଯେ, ରାଜା ବର ପ୍ରାର୍ଥନା ପାଇଁ କହିନଥିଲେ ମଧ୍ୟ, ସେ ପ୍ରକାଶ କରି ଦେଇଥାନ୍ତେ । ସୁବିଧା ସମୟ ଉପସ୍ଥିତ ଦେଖି ମୁରା କହିଲେ "ମହାରାଜ, ମୋର ଆଉ କି ଅଭାବ ଅଛି ଯେ ମୁଁ ବର ପ୍ରାର୍ଥନା କରିବି । ତେବେ ଟିକିଏ ଅସୁଖ ମୋ ମନରେ ରହିଯାଇଛି । ବୃଦ୍ଧ ଶକଟାର ଆଜି ପରିବାର, ବଂଶ, ସମ୍ବଳ, ସମ୍ମାନହୀନ ହୋଇ ଅନ୍ଧକାରମୟ ଗର୍ତ୍ତରେ ପଡ଼ିଅଛନ୍ତି ।

Digitized by srujanika@gmail.com

ସେ ବର୍ତ୍ତମାନ ଆମର କୌଣସି କ୍ଷତି କରିପାରିବେ ନାହିଁ । ତାଙ୍କୁ ମୁକ୍ତ କରିଦେଇ ବଂଶମର୍ଯ୍ୟାଦା ରକ୍ଷା କରନ୍ତୁ ।" ରାଜା ଭାବିଲେ; କିନ୍ତୁ ସମସ୍ତ ପରେ କହିଲେ "ତୁମକୁ ଅଦେୟ ହୋଇ ମୋର ବା କଅଣ ଅଛି ? ତୁମ ପ୍ରାର୍ଥନାରେ ଆଜି ଶକଟାର ମୁକ୍ତ ।" ସଙ୍ଗେ ସଙ୍ଗେ ପ୍ରହରୀଙ୍କ ଦ୍ୱାରା କାରା-ଅଧ୍ୟକ୍ଷଙ୍କୁ ଆବଶ୍ୟକ ଆଦେଶ ପ୍ରେରଣ କଲେ ।

ମୁକ୍ତ ଆକାଶ ତଳେ, ମୁକ୍ତ ସମୀରଣରେ, ଆଲୋକ ବିହିତ ଧରାପୃଷ୍ଠରେ ଉନ୍ମୁକ୍ତ ପ୍ରାଙ୍ଗଣରେ ବୃଦ୍ଧ ଶକଟାର ଦଣ୍ଡାୟମାନ । ବନ୍ଦୀ-ଭବନର ରୁଦ୍ଧ ବାୟୁ ପରିବର୍ତ୍ତେ ଆଜି ମୁକ୍ତ ବାୟୁ, ମୁକ୍ତ ପ୍ରକୃତି ତାଙ୍କୁ ଯେପରି ଶତ ଶତ ବର୍ଷର ଦାସତ୍ୱ ବନ୍ଧନରୁ ସ୍ୱାଧୀନତା ଆଣିଦେଲା । ଯେ ଏ ବିରାଟ ଉନ୍ମୁକ୍ତ ଶୋଭାର କର୍ତ୍ତା, ସେହି ଅଚିନ୍ତ୍ୟ ଅଜ୍ଞେୟ ଶକ୍ତିଙ୍କ ଉଦ୍ଦେଶ୍ୟରେ ଭୂମିଷ୍ଠ ହୋଇ ସେ ପ୍ରଣାମ କଲେ । ବର୍ତ୍ତମାନ ସେ ନିଜକୁ ଆଉ ସମ୍ମାନହୀନ, ଅସହାୟ ମନେ କଲେ ନାହିଁ । ସେ ଅସହାୟ କିପରି, ହୀନ ଦରିଦ୍ର କିପରି ? ପ୍ରକୃତି ଏତେ ସମ୍ପଦରେ ପୂର୍ଣ୍ଣ ଥିଲାବେଳେ ସେ ବିଶ୍ୱବିଧାତାଙ୍କର ସନ୍ତାନ ହୋଇ କାହିଁକି ବା ସମ୍ପଦଶୂନ୍ୟ ହେବେ ? ଆଜି ସେ ବନ୍ଧନଶୂନ୍ୟ, ମୁକ୍ତ, ସ୍ୱାଧୀନ । ଆଜି ସେ ମୁକ୍ତିର ନିଶାଣ ଉଡ଼ାଇ ଜଗତରେ ମୁକ୍ତି ଘୋଷଣା କରିବେ । ଆଜି ସେ ବିନ୍ଧ୍ୟ ଶିଖରରୁ ଲମ୍ଫ ପ୍ରଦାନ କରିବେ, ନର୍ମଦାର ପ୍ରବାହ ଅବରୋଧ କରିବେ ସାଗର ବକ୍ଷରେ ସେତୁ ନିର୍ମାଣ କରିବେ; ଆଜି ସେ ଶକ୍ତି-ମନ୍ତ୍ରରେ ବାୟୁ ଜଗତ ନିଷ୍କମ୍ପ କରିବେ; ସୌର ମଣ୍ଡଳ ସ୍ତମ୍ଭିତ କରିବେ; ଜାଗତିକ ନିୟମ ସୂତ୍ର ପରିବର୍ତ୍ତନ କରିବେ । ଆଜି ସେ ଘୋଷଣା କରିବେ, "ମାନବ—ଜଗତରେ ଅସାଧ୍ୟ, ଅଜେୟ ହୋଇ କିଛି ନାହିଁ ସବୁ ସମ୍ଭବ, ସବୁ ସମ୍ଭବ । ଆତ୍ମପ୍ରତ୍ୟୟ ଜାଗ୍ରତ ହେଲେ ମାନବ ଶକ୍ତିରେ ସମସ୍ତ ସୁସାଧ୍ୟ ହୁଏ ।"

Digitized by srujanika@gmail.com

ନିବିଡ଼-ତାମସ କୋଷ ଉନ୍ମୁକ୍ତ ଶକଟାର ମୁକ୍ତ ଆଲୋକ ସଂସ୍ପର୍ଶରେ ଆଜି ଶତ ଯୁବକର ଉତ୍ସାହରେ ନିଜର ଜରା ଓ ଦୌର୍ବଲ୍ୟ ବିସ୍ମୃତ ହୋଇଅଛନ୍ତି । ନନ୍ଦ ବଂଶ ଧ୍ୱଂସ କରିବାପାଇଁ ତାଙ୍କର ସଂକଳ୍ପ ଜାଗ୍ରତ, ଉଦ୍ୟତ । ସେ ସଂକଳ୍ପ ସମ୍ମୁଖରେ ଶତ କଳ୍ପିତ ବାଧା ବିଘ୍ନ ଦଣ୍ଡାୟମାନ ହୋଇପାରୁନାହିଁ । ଆଜି ମତ୍ତହସ୍ତୀ ଅଙ୍କୁଶ ବନ୍ଧନ—ଶକଟାର ପରିବାର ବନ୍ଧନ ଛିନ୍ନ । ସୁତରାଂ ତାଙ୍କ ଗତିରୋଧ କରିବ, ସାଧ୍ୟ କାହାର ? ସେ ଜାଗ୍ରତର ଚିନ୍ତା, ଭାବନାର ସ୍ୱପ୍ନ, ସେହି ଗୋଟିଏ ମାତ୍ର ସଂକଳ୍ପକୁ ମୂର୍ତ୍ତିକରି ଧାରଣ କରିଛନ୍ତି । ତାଙ୍କର ସେ ଅସୀମ ବଳଶାଳୀ ସଂକଳ୍ପ ଯେପରି ସମସ୍ତ ନାଗରିକମାନଙ୍କର କ୍ଷୁଦ୍ର ଚିନ୍ତା ସମୂହକୁ ଚାପି କରି ଆଜି ସମସ୍ତଙ୍କ ମସ୍ତିଷ୍କ ଆଲୋଡ଼ିତ କରୁଅଛି ।

ବୃଦ୍ଧ ନନ୍ଦ ମହାରାଜ ସଂକଳ୍ପ ଅନୁସାରେ କାର୍ଯ୍ୟ କଲେ । ନଅଜଣ ରାଜକୁମାରଙ୍କ ଉପରେ ଶାସନ ଭାର ଅର୍ପଣ କରି ଚନ୍ଦ୍ରଗୁପ୍ତଙ୍କୁ ମଗଧ-ବାହିନୀର ପ୍ରଧାନ ନାୟକ ନିଯୁକ୍ତ କରି ନିଜେ ବାନପ୍ରସ୍ଥାଶ୍ରମକୁ ପ୍ରସ୍ଥାନ କଲେ । ଭାରତର ବର୍ଣ୍ଣାଶ୍ରମ ଧର୍ମ ସମାଜ ଓ ଧର୍ମଗତ ଭିତ୍ତି ଉପରେ ପ୍ରତିଷ୍ଠିତ । ଜୀବନର ଚତୁର୍ଥ ସମୟରେ ମୁନିସଯଜ୍ଞ ସମ୍ପାଦନ ପାଇଁ ବାନପ୍ରସ୍ଥାଶ୍ରମ ପ୍ରଶସ୍ତ । ଆର୍ଯ୍ୟମାନେ ତାହା ଅବଲମ୍ବନ କରୁଥିଲେ । କେବଳ ଏକାଳିଆ ରାଜନ୍ୟବର୍ଗ ଏ ଦେଶରେ ଭାରତରେ ଏକ ମହତ୍ ନୂତନ ପନ୍ଥା ଆବିଷ୍କାର କରି ଯାଇଅଛନ୍ତି । ସେମାନେ ବାନପ୍ରସ୍ଥାଶ୍ରମ ସ୍ଥାନରେ [illegible]ରି* ବ୍ୟବସ୍ଥା କରି ଜଗତରେ ଆଦର୍ଶ [illegible] ହୋଇଅଛନ୍ତି । ବାନପ୍ରସ୍ଥାଶ୍ରମକୁ ସେମାନେ ସମ୍ପୂର୍ଣ୍ଣ ଅନୁମୋଦନ କରିନାହାନ୍ତି ।

---

* '[illegible] ଭାରତ' ପୁସ୍ତକର 'ଯୁଦ୍ଧଯାଗ' ଅଧ୍ୟାୟ ଦେଖ ।

Digitized by srujanika@gmail.com

ଚନ୍ଦ୍ରଗୁପ୍ତ ସେନା ବିଭାଗର ପରିଚାଳକ ହୋଇ ନାନା ଶୃଙ୍ଖଳା-ବଦ୍ଧ ପ୍ରଣାଳୀରେ ସୈନ୍ୟମାନଙ୍କୁ ସାହସ-ନିର୍ଭରତା ପ୍ରଥମେ ଶିକ୍ଷା ଦେଲେ । ସେ ନବୀନ ଯୁବକ, ପ୍ରବଳ ଅଧ୍ୟବସାୟୀ । ସୁତରାଂ ସର୍ବଦା କର୍ମରତ ରହିପାରିଲେ ତାଙ୍କର ତାହା ସୁଖକର ହେଉଥିଲା । ପ୍ରାଚୀନ ମଗଧ-ବାହିନୀରେ ସେ ଯେଉଁ ନୂତନ ସଂସ୍କାର କରିପାରିଲେ, ସେଥିପାଇଁ ସେ କାହାର ଉପଦେଶ ବା ଅନୁମତି ଲୋଡ଼ି ନଥିଲେ । ସେ କ୍ଷତ୍ରିୟ; କ୍ଷତ୍ରିୟ ଯୁଦ୍ଧର ପ୍ରଣାଳୀ ନିଜେ ଆବିଷ୍କାର କରେ ଏବଂ ବୁଦ୍ଧି ବିବେଚନା ବ୍ୟବହାର କରି ଯୁଦ୍ଧ ପ୍ରଣାଳୀକୁ ମାର୍ଜିତ କରେ । ସେ ଯୁବକର ଆଶାମୟ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଗୋଟିଏ ସୁଶିକ୍ଷିତ, ସୁନିୟନ୍ତ୍ରିତ, ପ୍ରଭୁଭକ୍ତ, ସୁଦୃଢ଼ ବାହିନୀ ଦଣ୍ଡାୟମାନ କଲେ । ସୈନ୍ୟମାନଙ୍କ ମଧ୍ୟରେ ସେ ଏତେ ପ୍ରିୟ ହୋଇଥିଲେ ଯେ, ସେମାନେ ରାଜଗଣଙ୍କ ଅସ୍ତିତ୍ୱ ମଧ୍ୟ ଅନୁଭବ କରୁ ନଥିଲେ ।

ଚନ୍ଦ୍ରଗୁପ୍ତଙ୍କ ଲୋକ-ପ୍ରିୟତାରେ ବିଶେଷତଃ ମଗଧ ବାହିନୀ ମଧ୍ୟରେ ତାଙ୍କର ପ୍ରତିଜାପମ ସମ୍ମାନରେ ନନ୍ଦରାଜଗଣଙ୍କର ଈର୍ଷା ଓ କ୍ରମେ ମହାଭୀତି ଜାତ ହେଲା । ସେମାନେ ପରାମର୍ଶ କରି ଚନ୍ଦ୍ରଗୁପ୍ତଙ୍କ ଦମନ ପାଇଁ ଗୋଟିଏ ଉପାୟ ସ୍ଥିର କଲେ । ଦିନେ ଅତିଶୟ ସ୍ନେହାଦର ଦେଖାଇ ସରଳ ବିଶ୍ୱାସୀ, ଭ୍ରାତୃବତ୍ସଳ ଚନ୍ଦ୍ରଗୁପ୍ତଙ୍କୁ ନାନା ଛଳନା ମଧ୍ୟରେ ଡାକନେଇ ମୃତ୍ତିକା ଗର୍ଭସ୍ଥ ଗୋଟିଏ ପ୍ରସ୍ତର ନିର୍ମିତ କାରା ଗୃହରେ ବନ୍ଦୀ କରିଦେଲେ । ସେଠାରେ ଆଲୋକ ଓ ବାୟୁର ପ୍ରବେଶ ମାର୍ଗ ନଥିଲା । ଜୀବର ଜନ୍ମଗତ ଅଧିକାର, ଆଲୋକ ଓ ବାୟୁରୁ ଚନ୍ଦ୍ରଗୁପ୍ତ ହଠାତ୍ ବଞ୍ଚିତ ହୋଇ ରହିବା ଅସହ୍ୟ ବୋଧ କଲେ । ସୁକୁମାର ରାଜକୁମାରଙ୍କ ପକ୍ଷେ ଏକ ମୁହୂର୍ତ୍ତରେ ଏ ପରିବର୍ତ୍ତନରେ ଯେଉଁ କଠୋର ଯନ୍ତ୍ରଣା ଭୋଗ କରିବାକୁ ହୋଇଥିଲା, ତାହା ଅନୁ-

Digitized by srujanika@gmail.com

ଭଣ କେବଳ ହୃଦୟଙ୍ଗମ କରିପାରେ । ତଥାପି ଦୃଢମନା ଚନ୍ଦ୍ରଗୁପ୍ତ, ଆତ୍ମ ଶୋଧନ ନିମନ୍ତେ, ଜନ୍ମଭୂମିର ଉନ୍ନତ ଭବିଷ୍ୟତ ଉଦ୍ଦେଶ୍ୟରେ ଏ ପ୍ରାଣାନ୍ତକ ଯନ୍ତ୍ରଣା ସହିବା ଅଭ୍ୟାସ କଲେ । ଦୁଇ ଗୃଷ୍ମ ଦିନର ଅଭ୍ୟାସ ପରେ ସେ ତାହା ଅଦୌ କଷ୍ଟକର ମନେ କଲେ ନାହିଁ । ତେବେ ସେ ମୁକ୍ତିର ଉପାୟ ଉଦ୍ଭାବନରେ ଗଭୀର ମନୋନିବେଶ କଲେ । ସେ ସେହି ହ୍ରନ୍ତାରେ ଏତେ ନିବିଷ୍ଟ ରହିଲେ ଯେ କାରା ଯନ୍ତ୍ରଣାକୁ ଜୀବନର ସାଧନାଲବ୍ଧ ଉପାଦେୟ ଅନୁଭୂତି ଜ୍ଞାନ କଲେ । ମୁକ୍ତବାୟୁ ଓ ଆଲୋକ ଅଭାବରେ ସ୍ୱାସ୍ଥ୍ୟହାନି, ସୁଖାଦ୍ୟ ପେୟର ଅଭାବ, ଆତ୍ମୀୟ ସାକ୍ଷାତ ବଞ୍ଚନତା, ଏସମସ୍ତ ତୁଚ୍ଛ କରି ଦୁର୍ଦ୍ଧର୍ଷ ତେଜସ୍ୱୀ ପ୍ରତିଜ୍ଞାକୁ ସମସ୍ତ ପ୍ରକାର କଠୋରତା ଓ ଦୃଢ଼ତାର ଆବରଣ ଦେଇ ଜଗତ ସମ୍ମୁଖରେ ଅତ୍ୟାଚାରର ବିରୁଦ୍ଧରେ ଦଣ୍ଡାୟମାନ କଲେ । ସେତେବେଳେ କାରାଯାତନା ଆତ୍ମକୃତ ପ୍ରାରବ୍ଧ ଓ ପାପରାଶିର ସଂଶୋଧନ ପାଇଁ ପ୍ରାୟଶ୍ଚିତ୍ତ ମାତ୍ର ବୋଲି ସେ ହୃଦୟଙ୍ଗମ କରିଥିଲେ ।

ନନ୍ଦ ଭ୍ରାତଗଣ

"My kingdom for a horse"

Richard iii

ମ୍ନାହହାର ବୃତ୍ତିକ ପ୍ରକାଶେ, ଅସହ୍ୟ ଶୀତ ବା ଗ୍ରୀଷ୍ମ ଋତୁର ସଙ୍କୀର୍ଣ୍ଣ । ଦୁର୍ଦ୍ଦିନ ଚିରଦିନ ପାଇଁ ନୁହେଁ । ଧୀର ଉଦ୍ବେଳିତ ବିପଦରେ ଧୈର୍ଯ୍ୟଚ୍ୟୁତ ହୁଏ ନାହିଁ, ତେଣୁ ସେ ଆତ୍ମସମ୍ମାନ ହରାଏ ନାହିଁ । ଦୁର୍ବଳ-ମନା ବ୍ୟକ୍ତି ସାମାନ୍ୟ ମାତ୍ର ସଙ୍କଟରେ ହତବୁଦ୍ଧି ହୋଇ ମାନବ ଗର୍ହିତ

Digitized by srujanika@gmail.com

କୁକର୍ମ ପର୍ଯ୍ୟନ୍ତ କରି ମୁକ୍ତିର ଉପାୟ ଖୋଜିବସେ । ବିପଦହିଁ ମାନବର ଅଗ୍ନିର ପରୀକ୍ଷାର ସ୍ଥଳ । ଚନ୍ଦ୍ରଗୁପ୍ତ ଅଦ୍ଭୁତ ବଳଶାଳୀ ଥିଲେ । ସେ ଅମ୍ଳାନ ବଦନରେ କାରା ଯନ୍ତ୍ରଣା ସହ୍ୟ କରି ସମୟର ପ୍ରତୀକ୍ଷା କରିବାକୁ ଲାଗିଲେ । କାକୁତି ମିନତି କରି ମଗଧ ପରିତ୍ୟାଗ ସ୍ୱୀକାର କରିଥିଲେ ସେ ସହଜରେ ମୁକ୍ତି ଲାଭ କରିଥାନ୍ତେ । କିନ୍ତୁ ମଗଧ ତାଙ୍କ ଜନ୍ମଭୂମି —ସେ ତାହା ପରିତ୍ୟାଗ କରି ଶ୍ମଶାନରେ ବାସ କରିବାକୁ ଯିବେ କାହିଁକି ?

ଏବେ ସିଂହଳରାଜ ପିଞ୍ଜରବଦ୍ଧ ଗୋଟିଏ ମହମ ସିଂହ ନନ୍ଦରାଜଧାନୀକୁ ପଠାଇଲେ । ସେଥି ସଙ୍ଗେ ସେ କହିପଠାଇଲେ ଯେ ପିଞ୍ଜର ଦ୍ୱାର ନ ଫିଟାଇ କିମ୍ବା ପିଞ୍ଜର ନ ଭାଙ୍ଗି ସିଂହଟି ବାହାର କରିବା ପାଇଁ କେହି ବୁଦ୍ଧିମାନ ବ୍ୟକ୍ତି ନନ୍ଦ ରାଜ୍ୟରେ ଅଛନ୍ତି କି ନା, ପରୀକ୍ଷା କରିବା ତାଙ୍କ ଉଦ୍ଦେଶ୍ୟ । ନନ୍ଦଭ୍ରାତଗଣ ସିଂହଟି ବାହାର କରିବା ଉପାୟ ଭାବି ଭାବି ହତବୁଦ୍ଧି ହେଲେ । ନିଜର ବୁଦ୍ଧି ବିଦ୍ୟାର ଉପଯୋଗୀ ନହେବାରୁ ସେମାନେ ଆକାଶକୁ ଚାହିଁ କପାଳରେ କର ଦେଇ ବସିଲେ । ପ୍ରସିଦ୍ଧ ମଗଧରେ କି କେହି ନାହାନ୍ତି, ଯେ ରାଜବଂଶକୁ ଆଜ ଅପମାନ ହସ୍ତରୁ ଉଦ୍ଧାର କରିବ ! ସେ ଯଦି ରାଜ୍ୟର ସର୍ବୋଚ୍ଚ ସମ୍ମାନ, ଶ୍ରେଷ୍ଠ ସମ୍ପଦ ଲୋଡ଼ନ୍ତି ନନ୍ଦଗଣ ତାହା ଦେବାକୁ ପ୍ରସ୍ତୁତ; ସେ ଯଦି ରାଜ୍ୟର ଅର୍ଦ୍ଧେକ ଆକାଂକ୍ଷା କରନ୍ତି, ନନ୍ଦଗଣ ସେଥିରେ ଦ୍ୱିରୁକ୍ତି କରିବେ ନାହିଁ; କିନ୍ତୁ ଉପସ୍ଥିତ ବିପଦରୁ ସେମାନେ [illegible] ଯେ କୌଣସି ମତେ ଆବଶ୍ୟକ । ମୂର୍ଖ ଭ୍ରାତଗଣ ଏକତ୍ର ବସି ଏସମ୍ବନ୍ଧେ ନାନା ଆଲୋଚନା, ତର୍କ ବିତର୍କରେ ପ୍ରବୃତ୍ତ ହେଲେ । ସେମାନଙ୍କରୁ ଜଣେ କହିଲେ, ସମସ୍ତ ମଗଧ ଯାଉ, ରାଜ୍ୟ ଐଶ୍ୱର୍ଯ୍ୟ ଯାଉ, ସୁଖ ସମ୍ପଦ ଯାଉ, କିନ୍ତୁ ଏହାର ସମାଧାନ ହେବା ପ୍ରୟୋଜନ । ଆଜ

Digitized by srujanika@gmail.com

ସାମ୍ରାଜ୍ୟ ବିନାଶମୁହୂର୍ତ୍ତରେ କେହି ତାଙ୍କ ବୁଦ୍ଧିମତ୍ତାର ସମ୍ମାନ ରକ୍ଷା କଲେ, ସେମାନେ ସେଥିପାଇଁ ସ୍ୱୀକୃତ । ଅବଶେଷରେ ସେମାନେ ମନ୍ତ୍ରୀ ରାକ୍ଷସଙ୍କ ସହ ପରାମର୍ଶ କଲେ । ସମସ୍ତ କଥା ଶୁଣି ମନ୍ତ୍ରୀ ଗମ୍ଭୀର ହୋଇ ନିମିଷେ ଚିନ୍ତାକଲେ । ସେମାନଙ୍କର ମନର ଭାବ କଥାବାର୍ତ୍ତାରୁ ଅବଗତ ହୋଇପାରି ରାକ୍ଷସ କହିଲେ, "ଏ ବୁଦ୍ଧି ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ କେବଳ ଆପଣମାନଙ୍କର ନୁହେଁ, ସମଗ୍ର ମଗଧର ତଦ୍ୱାରା ଅପମାନ ହେବ । ଏପରି ସାମାନ୍ୟ କଥା ନେଇ ବ୍ୟତିବ୍ୟସ୍ତ ହେବା ପ୍ରୟୋଜନ କଅଣ ? ସିଂହଳ ରାଜାଙ୍କ ସିଂହ ପିଞ୍ଜରୁ ବାହାରକୁ ଆଣିବା ପାଇଁ ମଗଧରେ ଜଣେ ମାତ୍ର ଅଛନ୍ତି, ଯେ ଆଜ ରାଜାପରାଧରେ କାରାରୁଦ୍ଧ—ସେ ବୁଦ୍ଧିମାନ ଚନ୍ଦ୍ରଗୁପ୍ତ । ଏ ବିପଦରେ ଚନ୍ଦ୍ରଗୁପ୍ତ ଆପଣମାନଙ୍କର ଏକମାତ୍ର ସହାୟ । ଚନ୍ଦ୍ରଗୁପ୍ତ ବିହୀନ ରାଜ୍ୟ ଶ୍ମଶାନ ମାତ୍ର । ବର୍ତ୍ତମାନ ଆପଣମାନଙ୍କର କର୍ତ୍ତବ୍ୟ, ସମସ୍ତେ ଯାଇ ତାଙ୍କୁ ସମ୍ମାନ ସହକାରେ କାରାଗାରରୁ ନେଇ ଆସନ୍ତୁ । ତାହାହେଲେ ସିଂହଳର ସିଂହ ସମସ୍ୟା ଏକ ମୁହୂର୍ତ୍ତରେ ସମାଧାନ ହୋଇଯିବ । ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ନିଜକୃତ ଦୋଷ ସ୍ୱୀକାର କରିବା ସାହସ ପ୍ରତ୍ୟେକ ନିଶ୍ଚୟ ଲାଭ କରିବା ଉଚିତ । ଦୁର୍ବଳ, ସଙ୍କୀର୍ଣ୍ଣମନା ବ୍ୟକ୍ତି ଦୋଷ ସ୍ୱୀକାରରେ ଆତ୍ମମର୍ଯ୍ୟାଦା ହାନି ମାତ୍ର ଦେଖେ—ଯେହେତୁ ସେ ଆତ୍ମବଞ୍ଚନାରେ ପୂର୍ଣ୍ଣ, ଅଥବା ମୂର୍ଖତାର ଅବତାର ମାତ୍ର ।"

କୌଣସି ଭୟଙ୍କର, ବିଶେଷତଃ ସଂକ୍ରାମକ ରୋଗ ଆକ୍ରମଣ କଲେ, ରୋଗୀ ଯେପରି ଯେ କୌଣସି ଲୋକଠାରୁ ଔଷଧ ନାମରେ ଯା' କିଛି ପାଇବାକ୍ଷଣି ରୋଗ ଉପଶମ ଆଶାରେ ଉକ୍ତ ଔଷଧ ବିଶ୍ୱାସରେ ଖାଇଦିଏ, ସେହିପରି ନନ୍ଦ ରାଜଗଣ ମନ୍ତ୍ରୀ ରାକ୍ଷସଙ୍କ କଥାରେ ଅପମାନ ରୋଗର ପ୍ରତିକାର ପାଇଁ ଏକମାତ୍ର ଉପଯୁକ୍ତ ଔଷଧ ଦେଖି

Digitized by srujanika@gmail.com

ତାଙ୍କ ଉପଦେଶ ପାଳନ କଲେ । ସମସ୍ତେ ସମ୍ମାନ ସହିତ ଚନ୍ଦ୍ରଗୁପ୍ତଙ୍କୁ ନେଇ ଆସି କହିଲେ, "ଭାଇ, ଅବିଚାରରେ ତୁମକୁ ବନ୍ଦୀ କରିଥିଲୁ । ଏ ଅସତ୍ ବ୍ୟବହାର ପାଇଁ ଆମମାନଙ୍କୁ କ୍ଷମା କର । ବର୍ତ୍ତମାନ ଆମ-ମାନଙ୍କର ଗୋଟିଏ ବିପଦ ଉପସ୍ଥିତ । ସିଂହଳରାଜ ଗୋଟିଏ ପିଞ୍ଜରା-ବଦ୍ଧ ସିଂହ ଆମମାନଙ୍କଠାକୁ ପଠାଇ ଅଛନ୍ତି । ଦ୍ୱାର ନ ଫିଟାଇ କିମ୍ବା ପିଞ୍ଜରା ନ ଭାଙ୍ଗି ସିଂହକୁ ବାହାର କରିବାକୁ ହେବ । ଏହା ନ ପାରିଲେ ନନ୍ଦବଂଶର ଗୌରବ ନଷ୍ଟ ହେବ । ଏ ବିପଦରେ ତୁମଛଡ଼ା ଆମର ସହାୟ ଆଉ କିଏ ହେବ ?"

ଚନ୍ଦ୍ରଗୁପ୍ତ ଟିକିଏ ହସିଲେ । ଅନ୍ତର କଥା ଗୋପନ ରଖି ସିଂହଟି ପରୀକ୍ଷା କରି ଦେଖିଲେ, ତାହା ମହମରେ ନିର୍ମିତ । ସେ ଗୋଟିଏ ଉତ୍ତପ୍ତ ଲୌହ ଶଳାକା ସାହାଯ୍ୟରେ ସିଂହଟିକୁ ବାହାର କରି-ଦେଲେ । ତାଙ୍କର ଏ କୌଶଳ ଦେଖି ରାଜକୁମାରମାନଙ୍କ ସଙ୍ଗେ ଉପସ୍ଥିତ-ଜନତା ବିସ୍ମିତ ହେଲେ ଏବଂ ଏକମୁଖରେ ତାଙ୍କର ପ୍ରଶଂସା କରିବାକୁ ଲାଗିଲେ । ନନ୍ଦବଂଶଜଗଣ ମୁଖରେ ତାଙ୍କର ପ୍ରଶଂସା କଲେ ସତ୍ୟ, କିନ୍ତୁ ଶୂଦ୍ରାଣୀ-ବିମାତାଙ୍କ ପୁତ୍ର ବୁଦ୍ଧିବିଦ୍ୟାରେ ସେମାନଙ୍କ-ଠାରୁ ବଡ଼, ଏକଥା ମନେକରି ନିଜ ନିଜକୁ ଘୋର ଅପମାନିତ ମନେ କଲେ । ମନ କଥା ମନେ ମାରି ସେମାନେ ନୀରବ ରହିଲେ ।

ମୁକ୍ତି ଲାଭକରି ଚନ୍ଦ୍ରଗୁପ୍ତ ସ୍ଥିର ହେଲେ ନାହିଁ । ତାଙ୍କ ଉପରେ ଯେଉଁ ଅତ୍ୟାଚାର ହୋଇଥିଲା, ତାର ପ୍ରତିଶୋଧ କିପରି ନେବେ ଅହର୍ନିଶ ସେ କଥା ଚିନ୍ତା କଲେ । ବୁଦ୍ଧିମାନ ଚନ୍ଦ୍ରଗୁପ୍ତ ମଗଧରେ ନୀରବ ବିଦ୍ରୋହର ସୃଷ୍ଟି କରିବେ, ସ୍ଥିର କଲେ । ଲୋକପ୍ରିୟ ହେବା ଉଦ୍ଦେଶ୍ୟରେ ସେ ପ୍ରଥମେ ସମ୍ଭ୍ରାନ୍ତ ନାଗରିକମାନଙ୍କ ସହିତ ସାକ୍ଷାତ

Digitized by srujanika@gmail.com

କଲେ, ସମସ୍ତଙ୍କ ସହିତ ମିଳାମିଶା, ଆଳାପ ସାକ୍ଷାତ କରି ଲୋକପ୍ରିୟ ହୋଇ ଉଠିଲେ । ପ୍ରଜାମାନେ ଭକ୍ତି ଓ ଶ୍ରଦ୍ଧାରେ ଚନ୍ଦ୍ରଗୁପ୍ତଙ୍କୁ ଦେବତା ତୁଲ୍ୟ ସମ୍ମାନ ପ୍ରଦର୍ଶନ ଓ ଅହର୍ନିଶ ତାଙ୍କର ଗୁଣ ଗାନ କଲେ । ବିଶେଷତଃ ଚନ୍ଦ୍ରଗୁପ୍ତଙ୍କର ବଳିଷ୍ଠ, ସୁଗଠିତ, ସୁସମାହିତ ଶରୀର, ସୁନ୍ଦର ପ୍ରଶସ୍ତ ଲଲାଟ, ଅଜସ୍ରଦୀର୍ଘକ ଘନକେଶ, ଆକର୍ଣ୍ଣ ବିସ୍ତୃତ ସ୍ନିଗ୍ଧ ସରଳ ନୟନଯୁଗଳ ସୁତୀକ୍ଷ୍ଣ ନାସା, ରକ୍ତାଭ ଅଧରୋଷ୍ଠ, ଆଜାନୁଲମ୍ବିତ ଦେହ ବିଶିଷ୍ଟ ବାହୁଯୁଗ ଏବଂ ସ୍ନେହ ସରସ କମନୀୟ ହାସ୍ୟ ମୁଖରେ ଶୌର୍ଯ୍ୟ, ବୀର୍ଯ୍ୟ, ଗାମ୍ଭୀର୍ଯ୍ୟ, ବିନୟ, କ୍ଷମା, ବୁଦ୍ଧିମତ୍ତା ଇତ୍ୟାଦି ସମସ୍ତ ରାଜୋଚିତ ଗୁଣର ଅଭାସ ଦେଖି ପ୍ରଜାମାନେ ତାଙ୍କୁ ହୃଦୟର ବିମଳ ରାଜଭକ୍ତି ଅର୍ପଣ କଲେ । ପ୍ରଜାରଞ୍ଜନ ରାମଚନ୍ଦ୍ର, ସତ୍ୟବ୍ରତ ଯୁଧିଷ୍ଠିର ଯେଉଁ ସବୁ ସଦ୍‌ଗୁଣ ବଳରେ ଲୋକପ୍ରିୟ ହୋଇ ଯୁଗଯୁଗରୁ ରାଜ୍ୟ ପରିଚାଳନ କରିଥିଲେ, ସେହି ସମସ୍ତ ଗୁଣରେ ଚନ୍ଦ୍ରଗୁପ୍ତ ଭୂଷିତ ଥିଲେ । ତେଣୁ ସେ ଶୂଦ୍ରାଣୀ ଗର୍ଭସମ୍ଭୂତ ହେଲେ ମଧ୍ୟ ଲୋକଙ୍କ ଭିତରେ ଆଦୌ ସେ କଥାର ଉଦୟ ହେଉ ନଥିଲା । ମଗଧର ପ୍ରଜାମାନେ ନନ୍ଦ ରାଜାଗଣଙ୍କୁ ଭୟ କରୁଥିଲେ । କିନ୍ତୁ ଚନ୍ଦ୍ରଗୁପ୍ତଙ୍କୁ ସେମାନେ ପ୍ରକୃତ ସ୍ନେହ ଓ ଭକ୍ତି କରୁଥିଲେ ।

ନନ୍ଦ ଭ୍ରାତୃଗଣଙ୍କର ପୁଣି ଈର୍ଷାର ଉଦୟ ହେଲା । ସେମାନେ ନିଜ ପଥ କଣ୍ଟକଶୂନ୍ୟ କରିବାକୁ ବସିଲେ । ଚନ୍ଦ୍ରଗୁପ୍ତଙ୍କୁ ଗୋପନରେ ହତ୍ୟା କରିବାକୁ ସେମାନେ ନାନା ଷଡ଼ଯନ୍ତ୍ରର ଆୟୋଜନ କଲେ । କିନ୍ତୁ କୌଣସିଟି ଫଳବତୀ ହୋଇପାରିଲା ନାହିଁ । ଏକଥା ଚନ୍ଦ୍ରଗୁପ୍ତ ଜାଣିପାରି ଆଉ ସେଠାରେ ସେପରି ଭାବରେ ରହିବା ଉଚିତ ଭାବିଲେ ନାହିଁ । ପିତୃ ରାଜ୍ୟର ଉଦ୍ଧାର ପାଇଁ, ପ୍ରଜାମାନଙ୍କ ସ୍ଥାୟୀ ସୁଖ ସ୍ୱାଚ୍ଛନ୍ଦ୍ୟର ଉପାୟ ଅନ୍ୱେଷଣରେ ସେ ଗୋପନରେ ମଗଧ ତ୍ୟାଗ କଲେ ।

Digitized by srujanika@gmail.com

ମଗଧ ତ୍ୟାଗ ବେଟିଲ ଚନ୍ଦ୍ରଗୁପ୍ତ

Digitized by srujanika@gmail.com

ହଠାତ୍ ଚନ୍ଦ୍ରଗୁପ୍ତଙ୍କୁ ନଦେଖି ପ୍ରଜାମାନେ ଯେତିକି ବିରକ୍ତ, ଅଧୀର ହେଲେ, ନନ୍ଦ ରାଜଗଣ ସେତିକି ଆନନ୍ଦିତ ହେଲେ । ପୁଣି ମଗଧ-ରାଜଧାନୀରେ ଅବାଧ ବିଳାସର ସ୍ରୋତ ପ୍ରଖର ଗତିରେ ପ୍ରବାହିତ ହେଲା ।

ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟତ୍ୱ ଗ୍ରହଣ ।

'A will new born, a soul at one, a faith with wings'

—*Isben*

ଚିନ୍ତାର ଅନ୍ତ ନାହିଁ । ଚିନ୍ତାକଲେ ତାହା ଶତଧା ବର୍ଦ୍ଧିତହୋଇ ନାନା ପ୍ରକାର ନୂତନ ଶାଖା ବିସ୍ତାର କରେ ଏବଂ ମାନବକୁ ଉନ୍ମତ୍ତ, ସାହସୀ, ଗମ୍ଭୀର କରିଥାଏ । ପ୍ରକୃତିର ନିଭୃତ କୋଳରେ ବସି ଚାଣକ୍ୟ ଚିନ୍ତା କରିବାକୁ ଲାଗିଲେ । ସେହି ଚିନ୍ତାରେ କେତେବେଳେ ଯୁବକର ନୟନ ବିସ୍ଫାରିତ, କେତେବେଳେ ବା ଭ୍ରୂଯୁଗ କୁଞ୍ଚିତ ହେଉଥିଲା । ଚିନ୍ତାରେ ଅଧୀର ହୋଇ ପରିଶେଷରେ କର୍ମହୀନ ଯୁବକ ଦିନେ ଲକ୍ଷ୍ୟ-ହୀନଭାବରେ ଏଣେ ତେଣେ ଭ୍ରମଣ କରିବାକୁ ଲାଗିଲେ । ପ୍ରକୃତିର ଉନ୍ମୁକ୍ତ ଶୋଭା ସଙ୍ଗେ ମୁକ୍ତ ସମୀରର ଶୀତଳ ସ୍ପର୍ଶରେ ଚିନ୍ତାର ଆବେଗ ଅନେକ ପରିମାଣରେ ଉପଶମିତ ହେଲା । ସେ ଗୋଟିଏ ବିସ୍ତୀର୍ଣ୍ଣ ପ୍ରାନ୍ତରରେ ବହୁତ କୁଶ ବୃକ୍ଷ ଦେଖିବାକୁ ପାଇଲେ । ଏହି କୁଶ ଯୋଗୁଁ ତାଙ୍କର ଗତି ବନ୍ଦ ରହିଲା—ସୁତରାଂ ତାଙ୍କ ଗମନରୁଦ୍ଧ ପଥର କଣ୍ଟକ ଏହି କୁଶବଂଶ ନିର୍ମୂଳ କରିବା ପାଇଁ ପ୍ରତିହିଂସା ବହ୍ନି ଯୁବକ ପ୍ରାଣରେ ମୁହୂର୍ତ୍ତକେ ପ୍ରଜ୍ଜ୍ୱଳିତ ହେଲା । ନିର୍ଜ୍ଜନ ଚିନ୍ତା, ବିଶେ-

Digitized by srujanika@gmail.com

ଷତଃ ସେ ଚିନ୍ତାର ବିଷୟ ନେଇ ଅପରଙ୍କ ସଙ୍ଗେ ଆଲୋଚନା ନକଲେ, ବଡ଼ ତୀବ୍ର ହୋଇଥାଏ ଏବଂ ଯୁବକ ମନକୁ ଉଦ୍‌ବେଳିତ କରେ—ଏପରିକି, ସେହି ବଳବତୀ ଚିନ୍ତା ସ୍ରୋତରେ ଭାସି ତନ୍ତୁଳ ହଠାତ୍ ଚିନ୍ତା ଅନୁରୂପ କୌଣସି କାର୍ଯ୍ୟ ନକରି ରହିପାରେ ନାହିଁ । ଚାଣକ୍ୟ ଦ୍ରୁତଗତିରେ ପ୍ରସ୍ଥାନ କରି ମଧୁଭାଣ୍ଡ ନେଇ ଆସିଲେ ଏବଂ କୁଶ ବୃକ୍ଷ ମୂଳରେ ମଧୁ ପ୍ରଦାନ କରିବାକୁ ଲାଗିଲେ ।

ଘଟନାକ୍ରମେ ବୃଦ୍ଧ ଶକଟାର ସେଠାରେ ଉପସ୍ଥିତ ହୋଇ ଦେଖିଲେ, କୋଟରଗତ ଚକ୍ଷୁ, ଲମ୍ବିତ କୃଷ୍ଣ ଶୀର୍ଣ୍ଣକାୟ, କଦାକାର ବ୍ରାହ୍ମଣ ଯୁବକଟିଏ କୁଶବୃକ୍ଷ ମୂଳରେ ମଧୁ ପ୍ରଦାନ କରୁଅଛି । ବିସ୍ମିତ ହୋଇ ପଚାରିଲେ, "କିଏ ତୁମେ ? ଏଠାରେ କଅଣ କରୁଅଛ ?" ଯୁବକ କହିଲେ, "ମୁଁ ଜଣେ ଧନ ଦରିଦ୍ର ବ୍ରାହ୍ମଣ ସନ୍ତାନ—ନାମ ଚାଣକ୍ୟ । ବିବାହ ନିମନ୍ତେ ବନ୍ଧୁ ବାନ୍ଧବ, ବହୁ ପରିଶ୍ରମରେ ଗୋଟିଏ ପାତ୍ରୀ ସ୍ଥିର କରିଥିଲେ । ବିବାହ ଦିନ ପାତ୍ରୀ ଗୃହଠାକୁ ଯିବାବେଳେ ଏହି କୁଶ ମୋ ପଦରେ ବିଦ୍ଧ ହୋଇ ରକ୍ତାକ୍ତ କଲା ଏବଂ ବଂଶରକ୍ଷା ପଥରେ ଅଯଥା ଅନ୍ତରାୟ ହେଲା । ସୁତରାଂ କୁଶ ବଂଶ ଧ୍ୱଂସ କରି ମୁଁ ବଂଶଲୋପର ପ୍ରତିଶୋଧ ନେବି ।" ଶକଟାର ସ୍ଥିର ହେଲେ । ସେ ଦେଖିଲେ, ଏ ସାମାନ୍ୟ ବୁଦ୍ଧିମତ୍ତାର ପରିଚାୟକ ନୁହେଁ । ପ୍ରତିହିଂସା ପରାୟଣ ତୀକ୍ଷ୍ଣଧୀ ବ୍ରାହ୍ମଣ ଯୁବକ କି ଅଟଳ ସଙ୍କଳ୍ପ କରିଅଛି । କୁଶ ମୂଳରେ ମଧୁ ପ୍ରଦାନ କରିବା ଉଦ୍ଦେଶ୍ୟ, ମଧୁ ଲୋଭରେ ପିମ୍ପୁଡ଼ିକା ଗଣ କୁଶମୂଳ ନଷ୍ଟ କରିବେ । ଏହିପରି ତୀକ୍ଷ୍ଣ ମେଧା ସମ୍ପନ୍ନ, ପ୍ରତିଜ୍ଞା ପରାୟଣ ଯୁବକଟିଏର ଅନ୍ୱେଷଣ ସେ କରୁଥିଲେ । ବର୍ତ୍ତମାନ ତାଙ୍କ ଉଦ୍ଦେଶ୍ୟ ସିଦ୍ଧିର ଉପକ୍ରମ ହେବା ଦେଖି ଅତି ଆଦରରେ ଯୁବକଙ୍କୁ କହିଲେ, "ତୁମର ଉଦ୍ଦେଶ୍ୟ ପ୍ରଶଂସନୀୟ । ସେଥିପାଇଁ ବ୍ୟସ୍ତ ହେବା

Digitized by srujanika@gmail.com

ଅବଶ୍ୟକ ନାହିଁ । ମୁଁ ରାଜମନ୍ତ୍ରୀ ଶକଟାର । ମୋ ସଙ୍ଗରେ ଆସ, ତୁମର କାର୍ଯ୍ୟୋଦ୍ଧାର କରିବ ।" ଲକ୍ଷ୍ୟହୀନ ଯୁବକ ତାଙ୍କର ଅନୁ-ଗମନ କଲେ ।

ଶକଟାର ଚାଣକ୍ୟଙ୍କୁ ନିଜ ଆବାସକୁ ନେଇ ଉଚ୍ଚ ଶିକ୍ଷା ପ୍ରଦାନ କଲେ । ବେଦ ବେଦାନ୍ତ, ନ୍ୟାୟ ମୀମାଂସା, ସାଂଖ୍ୟ ପାତଞ୍ଜଳ, ରାଜନୀତି ଅର୍ଥନୀତି, ସ୍ମୃତି ଇତିହାସ ସବୁଥିରେ ଶିକ୍ଷା ଲାଭକଲେ ଚାଣକ୍ୟ । ମେଧାବାନ୍ ଚାଣକ୍ୟ ଅଳ୍ପକାଳ ମଧ୍ୟରେ ଅନାୟାସରେ ଜଣେ ଧୁରନ୍ଧର ପଣ୍ଡିତ ହୋଇ ଉଠିଲେ । ବାଲ୍ୟଜୀବନରେ ତାଙ୍କ ଅସାଧାରଣ ବୁଦ୍ଧିର ବିକାଶ ହୋଇଥିଲା । ବର୍ତ୍ତମାନ ଉପଯୁକ୍ତ ଗୁରୁଙ୍କ ଶିକ୍ଷାରେ ସେ ବିକାଶ ପୂର୍ଣ୍ଣ ହେଲା । ତାଙ୍କ ଦୃଷ୍ଟି ପ୍ରସାରିତ ଓ ଦୂରଭେଦୀ ହେଲା । ନିୟତିର ମହା ଉଦ୍ଦେଶ୍ୟ ଉଦ୍ଦିଷ୍ଟ ଚାଣକ୍ୟ ଜଗତର କାର୍ଯ୍ୟ ପାଇଁ ବର୍ତ୍ତମାନ ପ୍ରସ୍ତୁତ ରହିଲେ । କେତେଜଣ ବିଦ୍ୟାର୍ଥୀ ଶିକ୍ଷା ନିମନ୍ତେ ତାଙ୍କର ଆଶ୍ରୟ ଗ୍ରହଣ କଲେ । ଗୁରୁ ଗୃହରେ ରହି ଶିକ୍ଷା ପାଇବା ପ୍ରଥା ଆର୍ଯ୍ୟ ଜାତିରେ ଅତି ଉପାଦେୟ । ସେଥିରେ ଶିଷ୍ୟମାନଙ୍କର ପୂର୍ଣ୍ଣ ବିକାଶ ହେଉଥିଲା ।

ଯେଉଁ ସମୟର କଥାର ଉଲ୍ଲେଖ କରାଯାଉଅଛି, ସେ ସମୟରେ ସମ୍ବାଦପତ୍ରର ପ୍ରଚଳନ ନ ଥିଲା, ଯଦ୍ଦ୍ୱାରା ବିଜ୍ଞାନ, ପ୍ରତ୍ନତତ୍ତ୍ୱ, ଗବେଷଣା, ଆଲୋଚନାର ଫଳ ଏକ ପ୍ରଦେଶବାସୀ ଘରେ ବସି ଅନ୍ୟ ପ୍ରଦେଶରୁ ଜାଣିପାରୁଥିଲେ । ତଥାପି ସମାଜରେ ଏ ସବୁର ଆଲୋଚନା ଚାଲୁଥିଲା । ଅନେକ ମଧ୍ୟବିତ୍ତ ଓ ସ୍ୱଚ୍ଛଳ ଅବସ୍ଥାର ଲୋକ କ୍ଷୁଦ୍ର ବୃହତ୍ ସମସ୍ୟା ନେଇ ଅନ୍ୟଦ୍ୱାରରେ ଉପସ୍ଥିତ ହେଉଥିଲେ ଏବଂ ତଦ୍ଦ୍ୱାରା ଲୋକଙ୍କୁ ଚିନ୍ତା କରିବାକୁ ହେଉଥିଲା । ବ୍ରାହ୍ମଣମାନେ ପ୍ରାୟଶଃ

Digitized by srujanika@gmail.com

ସମାଜନୀତି, ଅର୍ଥନୀତି, ରାଜନୀତିରେ ଆଲୋଚନା କରୁଥିଲେ । ଏହା ବ୍ୟତୀତ ଅନେକ ଇତର ସାଧାରଣ ମଧ୍ୟ ସେ ଯାହାର ବୁଦ୍ଧି ଅନୁରୂପ ନାନା ନୂତନ ତଥ୍ୟ ଅନ୍ୱେଷଣ ପାଇଁ ପ୍ରଯତ୍ନ କରୁଥିଲେ । ଏହିପରି ଗୋଟିଏ କାଠ ଖଣ୍ଡର ଅଗ୍ର ଓ ମୂଳ କେଉଁ କେଉଁ ପାଖ ଜାଣିବା ପାଇଁ ଜଣେ ବୃଦ୍ଧାର ଔତ୍ସୁକ୍ୟ ଜାତହେଲା । ଅନେକ ଭାବ ଚିନ୍ତା ସେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରିଲା ନାହିଁ—ତଥାପି ସେଥିକରେ ନିଶ୍ଚିନ୍ତ ହେଲା ନାହିଁ । ଅନୁସନ୍ଧାନ ପିପାସା ବଳବତ୍ତର ହେଲା । ସେ ପ୍ରତିବେଶୀ ଜାଣିବା ଶୁଣିବା ଲୋକଙ୍କଠାରୁ ଆରମ୍ଭ କରି ଶେଷେ ମନ୍ତ୍ରୀ ଓ ରାଜାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ସେହି କାଷ୍ଠଖଣ୍ଡ ନେଇ ଉପସ୍ଥିତ ହେଲା । କିନ୍ତୁ କେହି ହେଲେ ତାର କୌତୁହଳ ନିବାରଣ କରିପାରିଲେ ନାହିଁ । ସୁଦକ୍ଷ, ବିଚକ୍ଷଣ ମନ୍ତ୍ରୀ ରାକ୍ଷସ ମଧ୍ୟ ଯେତେବେଳେ ତାର ଉତ୍ତର ଦେଇ ପାରିଲେ ନାହିଁ, ଅନନ୍ୟୋପାୟ ବୃଦ୍ଧା ଚିନ୍ତିତା ହେଲା । ପରିଶେଷରେ ବୃଦ୍ଧ ମନ୍ତ୍ରୀ ଶକଟାର ବୃଦ୍ଧାର ସ୍ମରଣ ପଥରେ ଉଦିତ ହେବାରୁ ସେ ନିଶ୍ଚୟ ଏହାର ସଦୁତ୍ତର ଦେଇ ପାରିବେ, ଏହି ଆଶାରେ ବୃଦ୍ଧା ତାଙ୍କ ଗୃହ ପ୍ରତି ଯାତ୍ରାକଲା ।

ବୃଦ୍ଧ ମନ୍ତ୍ରୀଙ୍କ ପଠନାଗାରରେ ଚାଣକ୍ୟ ଏକାକୀ ବସି ଶାସ୍ତ୍ରାଲୋଚନାରେ ଗଭୀର ମନୋନିବେଶ କରିଅଛନ୍ତି । ଏହିପରି ସମୟରେ ବୃଦ୍ଧା ସେଠାରେ ଉପସ୍ଥିତ ହୋଇ ତାଙ୍କୁ ସେ କଥା ଜଣାଇଲା । ଶୁଣିଲକ୍ଷଣି ଚାଣକ୍ୟ ଈଷତ୍ ହାସ୍ୟ କରି, ସତୃଣ ମାଜ ଚଣ୍ଡାଳକର ଗଣ୍ଡିଟିକୁ ଜଳରେ ନିକ୍ଷେପ କଲେ । ଫଳରେ ଗଣ୍ଡିର ଭାର ଭାଗଟା ତଳକୁ ଏବଂ ଅପର ଭାଗଟା ଭସାଣିଆ ହେବାରୁ ଉପରକୁ ରହିଲା । ତାହା ଦେଖି ଚାଣକ୍ୟ କହିଲେ, ଯେଉଁ ଅଂଶ ଜଳମଗ୍ନ ତାହା ମୂଳ, ଅନ୍ୟ ପାଖଟା ଉପର ଭାଗ । ବୃଦ୍ଧା ଅବାକ୍ ହେଲା ।

Digitized by srujanika@gmail.com

ଏହି ଦରିଦ୍ର, ଅଜ୍ଞାତ, କଦାକାର ବ୍ରାହ୍ମଣ ଆଜ ଉପସ୍ଥିତ ବୁଦ୍ଧି ବଳରେ ସହଜଭାବରେ ଯେଉଁ ଉତ୍ତର ଦେଲେ, ତାହା କେତେ ପଣ୍ଡିତ, ଜ୍ଞାନୀ, ମଗଧ ରାଜଗଣ ମନ୍ତ୍ରୀ ରାକ୍ଷସ ପର୍ଯ୍ୟନ୍ତଙ୍କ ବୁଦ୍ଧିକି ବଳି ଯାଉଁଥିଲା । ବାଲ୍ୟକାଳରେ ଯାହାର ପ୍ରତ୍ୟେକ କାର୍ଯ୍ୟ କଳାପରେ ଅସାଧାରଣ ଧୀଶକ୍ତି, ଏକନିଷ୍ଠ ଅଧ୍ୟବସାୟ, ଗଭୀର ଜ୍ଞାନ ପରିସ୍ଫୁଟ ହେଉଥିଲା, ଯେ ପ୍ରକୃତିର ପ୍ରତ୍ୟେକ ବସ୍ତୁ ସହିତ ନିଜର ସମ୍ବନ୍ଧ ସ୍ଥାପନ କରୁଥିଲେ; ଏପରି କି ଉଦ୍ଭିଦ ଜଗତର କୁଶବୃକ୍ଷ ପର୍ଯ୍ୟନ୍ତର ଉଚ୍ଛେଦ ସାଧନ ପାଇଁ ଯାହାଙ୍କର ପ୍ରତିଶୋଧ ଲିପ୍ସା ଉଦ୍ୟତ ହୋଇଥିଲା, ଯେ ଅନ୍ଧକାର ସହିତ ଆଳାପ କରୁଥିଲେ, ଜ୍ୟୋତ୍ସ୍ନାକୁ ତାଚ୍ଛିଲ୍ୟ କରୁଥିଲେ, ପର୍ବତ ସହିତ ପ୍ରଣୟ ସ୍ଥାପନ କରୁଥିଲେ, ପ୍ରଖର ମଧ୍ୟାହ୍ନ ଗ୍ରୀଷ୍ମରେ ଅପାର ଆନନ୍ଦ ଅନୁଭବ କରୁଥିଲେ, ସାୟଂସମୀରରେ କେତେ ମଧୁର ସ୍ୱପ୍ନ ଭସାଇ ଦେଉଥିଲେ; ଉତ୍ତର ଜୀବନରେ ଯାହାର ଅଙ୍ଗୁଳି ମାତ୍ର ସଞ୍ଚାଳନାରେ ଗୋଟିଏ ରାଜ୍ୟର ପତନ ଏବଂ ତା' ସ୍ଥାନରେ ଦୃଢ଼ଭିତ୍ତି ପ୍ରତିଷ୍ଠିତ ଗୋଟିଏ ବୃହତ୍ ସାମ୍ରାଜ୍ୟର ପ୍ରତିଷ୍ଠା ହୋଇଥିଲା, ଯାହାର ବୁଦ୍ଧି ବଳରେ ଗୋଟିଏ ଅତ୍ୟାଚାରୀ ରାଜବଂଶ ସମୂଳେ ଧ୍ୱଂସ ହୋଇଥିଲା, ଯାହାର କ୍ରୋଧ-ଦୃଷ୍ଟି ସମ୍ମୁଖରେ ଅସଂଖ୍ୟ ଅସଂଖ୍ୟ ଲୋକ ଭୀତତ୍ରସ୍ତ ହେଉଥିଲେ, ଯାହାର ବାହୁଚ୍ଛାୟା ତଳେ ଆଶ୍ରିତ ବ୍ୟକ୍ତି ସମଗ୍ର ଜଗତର ସମ୍ମିଳିତ ଶକ୍ତି କିମ୍ବା ସୁଚିନ୍ତିତ ଷଡ଼ଯନ୍ତ୍ର ପ୍ରତି ଭ୍ରୂକ୍ଷେପ କରୁ ନଥିଲେ, ତାଙ୍କର ସବୁଥିରେ ଅସାଧାରଣତା ଅଙ୍କୁର ସମସ୍ତରୁ ଉଦ୍ଭିତ ହୋଇଥିଲା ।

Digitized by srujanika@gmail.com

ଭୀଷ୍ମ ପ୍ରତିଜ୍ଞା

"One who never turned his back,
But marched breast forward."

Browning.

ନନ୍ଦବଂଶ ଧ୍ୱଂସ ନାଟ୍ୟର କ୍ରିୟା । ତାହାର ସୂତ୍ରଧାର ବା ନିମିତ୍ତ ହୋଇ ଏ ଅଙ୍କରେ ଚନ୍ଦ୍ରଗୁପ୍ତ, ଅପରଦିଗରେ ଶକଟାର ରଙ୍ଗମଞ୍ଚରେ ଦଣ୍ଡାୟମାନ । ସେ ଧ୍ୱଂସ ସମ୍ପନ୍ନ କରିବା ପାଇଁ ଶକ୍ତିର ସାଧକ ଚାଣକ୍ୟ ହିଁ ପୂର୍ଣ୍ଣ ସକ୍ଷମ, ଏକଥା ଶକଟାର ସ୍ପଷ୍ଟ ବୁଝିନେଲେ । ସେ ଅବିଳମ୍ବେ ଧ୍ୱଂସ-ଯଜ୍ଞର ଆୟୋଜନରେ ପ୍ରବୃତ୍ତ ହେଲେ । ମହାରାଜ ସୁମାଲ୍ୟଙ୍କ ସହିତ କୃତ୍ରିମ ଆତ୍ମୀୟତା ସ୍ଥାପନ ପାଇଁ ସେ ଅନବରତ ତାଙ୍କ ନିକଟକୁ ଯାତାୟାତ କରି ତାଙ୍କ ସୁଖ ଦୁଃଖରେ ଆନ୍ତର ସହାନୁଭୂତି ପ୍ରକାଶ କରିବାକୁ ଲାଗିଲେ । ସୁମାଲ୍ୟ ପ୍ରଭୃତି ନନ୍ଦଭ୍ରାତାଗଣଙ୍କ ସ୍ୱଭାବରେ ପରିବର୍ତ୍ତନ ଦେଖିଥିଲେ ସେ ନିଜ ଉତ୍କଟ ସଙ୍କଳ୍ପ ପରିତ୍ୟାଗ କରିଥାନ୍ତେ । କିନ୍ତୁ ନନ୍ଦଭ୍ରାତାଗଣ ପରଲୋକଗତ ମହାପଦ୍ମଙ୍କ ନିକୃଷ୍ଟ ସଂସ୍କରଣ ଥିଲେ । ସୁତରାଂ ଶକଟାରଙ୍କ ସେ ସଙ୍କଳ୍ପ ଦୃଢ଼ରୁ ଦୃଢ଼ତର ହେଲା ।

ରାକ୍ଷସଙ୍କ ସହିତ ସଖ୍ୟ ସ୍ଥାପନ ଉଦ୍ଦେଶ୍ୟରେ ଶକଟାର ସଚେଷ୍ଟ ହେଲେ । ସର୍ବଦା ତାଙ୍କ ନିକଟକୁ ଯାତାୟାତ କରି, ପୂର୍ବ କଥା ସେ ସମସ୍ତ ସମ୍ପୂର୍ଣ୍ଣ ବିସ୍ମୃତ ହୋଇଅଛନ୍ତି, ତତ୍‌ସ୍ୱରୂପ ବ୍ୟବହାର କଲେ । ରାକ୍ଷସ ମଧ୍ୟ ଆନ୍ତରିକ ବନ୍ଧୁଭାବ ଶକଟାରଙ୍କୁ ସ୍ନେହ ଓ ଆଦର କରିବାକୁ ଲାଗିଲେ । କ୍ରମେ ମଗଧରେ ଉଭୟେ ପରସ୍ପରର ଅକୃତ୍ରିମ ବନ୍ଧୁରୂପେ ପରିଚିତ ହେଲେ । ଏଣେ ନନ୍ଦଭ୍ରାତାଗଣ ମଧ୍ୟ

Digitized by srujanika@gmail.com

ଭୌତିକ ଶକ୍ତି ବିବର୍ଜିତ ଶକଟାରଙ୍କ ବିନମ୍ର ବ୍ୟବହାରରେ ପ୍ରୀତହେଲେ । ସ୍ଥୂଳବୁଦ୍ଧି ଭ୍ରାତାଗଣ ବୁଝି ନଥିଲେ ଯେ ସମସ୍ତ ଭୌତିକ ଶକ୍ତି ବୁଦ୍ଧିବିଦ୍ୟାର ଅନୁଗାମୀ । କେବଳ କେତେବ ପାର୍ଥିବ ଉପାଦାନ-ବିଶିଷ୍ଟ ହୋଇ ପୃଥିବୀରେ ଜନ୍ମଗ୍ରହଣ କରନଥାଏ । ବୁଦ୍ଧିମାନ ନିଜ ଉଦ୍ଦେଶ୍ୟସିଦ୍ଧି ସକାଶେ ପରିସର ମଧ୍ୟରେ ଉପଯୋଗୀ ଉପାଦାନ ଅନାୟାସରେ ସଂଗ୍ରହ କରିଥାଏ । ଶକଟାରଙ୍କ ଆତ୍ମୀୟତାରେ ମୁଗ୍ଧ ମହାରାଜ ସୁମାଲ୍ୟ ଦିନେ ଶକଟାରଙ୍କୁ କହିଲେ "ବୁଦ୍ଧିମନ୍ତ, ଆଗାମୀ ଅମାବାସ୍ୟା ଦିନ ମୋର ପିତୃଶ୍ରାଦ୍ଧ ହେବ । ସେଥିରେ ପୁରୋହିତ ହେବା ପାଇଁ ଜଣେ ଉପଯୁକ୍ତ ବ୍ରାହ୍ମଣ ଆବଶ୍ୟକ ।" ଶକଟାର କହିଲେ, "ମହାରାଜ, ନିଶ୍ଚିନ୍ତ ହୁଅନ୍ତୁ । ମୋ ନିକଟରେ ଜଣେ ସୁଯୋଗ୍ୟ ବ୍ରାହ୍ମଣ ଅଛି । ସେ ଆପଣଙ୍କ ପିତୃଶ୍ରାଦ୍ଧ ସୁଷ୍ଠୁରୂପେ ସମ୍ପନ୍ନ କରିବ ।"

ଆଜି ଶକଟାରଙ୍କ ଆନନ୍ଦର ସୀମା ନାହିଁ । ଯେଉଁ ଧ୍ୱଂସଯଜ୍ଞ ନିମନ୍ତେ ଏତେ ଦିନ ସେ ସମିଧ ସଂଗ୍ରହ କରୁଥିଲେ, ବର୍ତ୍ତମାନ ସେଥିରେ ଅଗ୍ନିସଂଯୋଗର ସମୟ ଉପସ୍ଥିତ । ଅବିଳମ୍ବେ ସେ ଚାଣକ୍ୟଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ, "ଆଗାମୀ ଅମାବାସ୍ୟା ମୃତ ମହାପଦ୍ମ ନନ୍ଦଙ୍କ ଶ୍ରାଦ୍ଧ ଦିବସ । ମହାରାଜ ସୁମାଲ୍ୟଙ୍କ ଆଦେଶରେ ତୁମେ ସେଥିରେ ପ୍ରଧାନ ପୁରୋହିତ ରୂପେ ବରିତ ହୋଇ-ଅଛ । ସେଦିନ ଯାଇ ଶ୍ରାଦ୍ଧ କାର୍ଯ୍ୟ ସମ୍ପନ୍ନ କରି ଆସିବ ।" ଚାଣକ୍ୟ ସମ୍ମତ ହେଲେ । ସେହି ଦିନଠୁ ଶକଟାରଙ୍କୁ ବୋଧହେଲା ଯେପରି ଭୀଷଣ ଅଭିଶାପ, ଯାହା ନନ୍ଦବଂଶକୁ ଧରାପୃଷ୍ଠରୁ ଅଚିରେ ଲୋପ କରିବ । ଶକଟାରଙ୍କ ହୃଦୟର ବେଦନାଭାର ଟିକିଏ ଊଣାହେଲା । ପ୍ରକୃତି ତାଙ୍କୁ ସୁନ୍ଦର ଦେଖାଗଲା— ସମୀରଣ ଶୀତଳ ସ୍ପର୍ଶରେ ତାଙ୍କ

Digitized by srujanika@gmail.com

ପ୍ରାଣରେ ଶାନ୍ତିଧାର ଢାଳିଦେଲା । ଟିକିଏ ଅଶ୍ୱସ୍ତ ହୋଇ ସେ ନିଶ୍ୱାସ ଗ୍ରହଣ କଲେ । କ୍ରମେ ଦୃଢ଼ସଂକଳ୍ପ ତାଙ୍କ ସମ୍ମୁଖରେ ସ୍ପଷ୍ଟତର ଉଦିତ ହେଲା । ଶକଟାରଙ୍କ ବୃଦ୍ଧ ଅବଶ ମୁଷ୍ଟି ଦୃଢ଼ବଦ୍ଧ ହେଲା ।

ଅମାବାସ୍ୟା । ପାଟଳୀପୁତ୍ର ରାଜବାଟୀରେ ଚାଣକ୍ୟ ଉପସ୍ଥିତ— ଶକଟାରଙ୍କ ନିର୍ଦ୍ଦେଶମତେ ପ୍ରଧାନ ପୁରୋହିତଙ୍କ ସ୍ଥାନରେ ଆସୀନ । ସନ୍ଧ୍ୟା ସମୟରେ ରାଜଭ୍ରାତାଗଣଙ୍କର ଅପେକ୍ଷା କରୁଅଛନ୍ତି । କିଛି ସମୟ ପରେ ସେମାନେ ଆସି ପ୍ରଧାନ ପୁରୋହିତଙ୍କ ସ୍ଥାନରେ ଜଣେ କୁରୂପ, କଦାକାର, କୃଷ୍ଣକାୟ ବ୍ରାହ୍ମଣଙ୍କ ଆସୀନ ଦେଖି କ୍ରୋଧରେ ଅନ୍ଧ ହୋଇଗଲେ । ମତିଭ୍ରମର ସମ୍ବରଣ କରି ନପାରି ସେ ସୁମାଲ୍ୟ ହଠାତ୍ ରୁକ୍ଷ କର୍କଶ ସ୍ୱରରେ କହିଲେ, "ହେ ଅଭିକ୍ଷୁକ ବ୍ରାହ୍ମଣ—ତୁମେ ଏ ଆସନର ଯୋଗ୍ୟ ନୁହଁ ।" ଦଂଷ୍ଟ୍ରାରଦ୍ୱାର ଦାବି କୁଳ ଚାଣି-ଚାଣିରେ ଚମକେ ନାହିଁ । ରାଜା ହେଉ ବା ଶ୍ରେଷ୍ଠ ଯେ ହେଉ, ଉଣେକର ଶିଷ୍ଟଲ ଅନୁସାରେ ଉଠିବା ବସିବା ବ୍ରାହ୍ମଣ ସେ ନଥିଲେ । ସ୍ୱୟଂ ଈଶ୍ୱରଙ୍କ ରକ୍ତଚକ୍ଷୁ ଦେଖି ମଧ୍ୟ କାତର ହେବା ବ୍ୟକ୍ତି ଚାଣକ୍ୟ ବ୍ୟତୀତ ଅନ୍ୟ କେହି ହୋଇ ପାରନ୍ତି । ସେ ରାଜାଙ୍କ କଥାପ୍ରତି ଅଣୁମାତ୍ର ଖାତିର ନ କରି ଅଟଳଭାବରେ ଦେହକୁ ଆସନରେ ବସି ରହିଲେ । ରାଜାଙ୍କ ଆଦେଶରେ ବଳପ୍ରୟୋଗରେ ତାଙ୍କ ଶିଖା ଧରି ଆସନରୁ ତଳକୁ ଟାଣି ଦିଆଗଲା । ସେତେବେଳେ ସମସ୍ତ ପ୍ରକୃତ ରାଜ୍ୟ କ୍ରୋଧରେ ଟପଟେବେଳେ ପ୍ରବଳ ଭାବରେ ଥରେ ପ୍ରକମ୍ପିତ ହେଲା । ନିଷ୍ଠୁର, ଅପମାନ; ଘୃଣା ଓ କ୍ରୋଧ ମୂର୍ତ୍ତି ହୋଇ ଚାଣକ୍ୟଙ୍କୁ ଅଗ୍ନିଶର୍ମାରେ ପରିଣତ କଲେ । ତାଙ୍କ ଜଟାଗ୍ର ବହ୍ନି ପ୍ରଜ୍ୱଳିତ ହେଲା—ସମ୍ମୁଖରେ ତିଷ୍ଠିବ, ଏପରି ସାଧ୍ୟ ବା କାହାର ? ଚାଣକ୍ୟଙ୍କ ରକ୍ତ ଚକ୍ଷୁଦ୍ୱୟରୁ କ୍ରୋଧାଗ୍ନି ସ୍ଫୁରଣ ହେବା ଦେଖି ନନ୍ଦବଂଶଜଙ୍କର

Digitized by srujanika@gmail.com

ଅନ୍ତରରୁ 'ହାହା' 'ହାହା' ଶବ୍ଦ ଇନ୍ଦ୍ରାଗ୍ର ପର୍ଯ୍ୟନ୍ତ ଉତ୍ଥିତ ହୋଇ ଲୀନ ହେଲା । ଚାଣକ୍ୟଙ୍କ ବାହ୍ୟ ପ୍ରକୃତି କ୍ରୋଧରେ ପ୍ରକମ୍ପିତ ହେଲା । ନନ୍ଦଗଣଙ୍କ ମନରେ, ସଭାସ୍ଥ ସମସ୍ତଙ୍କ ପ୍ରାଣରେ ଭୀତି ସଞ୍ଚାରକ ସ୍ୱରରେ ଚାଣକ୍ୟ କହିଲେ, "କ୍ଷତ୍ରିୟର ଏତେଦୂର ସ୍ପର୍ଦ୍ଧା ! ବ୍ରାହ୍ମଣ ପ୍ରତି ଏତେ ଅବମାନନା, ଏତେ ଅହଙ୍କାର ! ବର୍ଣ୍ଣସୃଷ୍ଟିରେ ଆଜି ଏତେ ବିଭ୍ରାଟ ! ମନେରଖ ମହାରାଜ ! ବ୍ରାହ୍ମଣ ଅଦ୍ୟ ମଧ୍ୟ ମୃତ ନୁହେ—ସେ ଆଜି-ପର୍ଯ୍ୟନ୍ତ କ୍ଷତ୍ରିୟ ନିକଟରେ ଅପମାନ ସହ୍ୟ କରିବା ପାଇଁ ନିକୃଷ୍ଟ ହୋଇନାହିଁ । ସ୍ମରଣ କର ନନ୍ଦ, କାହାର ବୁଦ୍ଧି ବଳରେ କ୍ଷତ୍ରିୟ ରାଜ୍ୟ ଶାସନ କରେ, କାହାର ପଦଧୂଳି ପ୍ରତ୍ୟହ ମସ୍ତକରେ ଗ୍ରହଣ କରିବା ପରେ ରାଜକାର୍ଯ୍ୟର ଉପଯୋଗୀ ହୁଏ । ବୁଝିରଖ ନନ୍ଦ, ବ୍ରାହ୍ମଣର ବିନାସହାୟତାରେ କ୍ଷତ୍ରିୟର ରାଜତିଳକ ମୁହୂର୍ତ୍ତକେ ନଷ୍ଟ ହୋଇ ଯିବ, କ୍ଷତ୍ରିୟ ଅକିଞ୍ଚନ ଶୂଦ୍ରର ଦାସ ହୋଇ ରହିବ । ଶୁଣ କ୍ଷତ୍ରିୟ ଭେକ, ବର୍ତ୍ତମାନ ମୋର ଏହି ପ୍ରତିଜ୍ଞା, ଯେତେଦିନ ଯାଏ ନନ୍ଦବଂଶ ଧ୍ୱଂସ ନକରେ, ପ୍ରକୃତ କ୍ଷତ୍ରିୟ ଏହି ସିଂହାସନ ଅଳଙ୍କୃତ ନକରିବ, ତେତେଦିନ ଏ ଶିଖା ବନ୍ଧନ କରିବି ନାହିଁ । ଅଧିକ ମନେ ରଖ ମହାରାଜ ! ଏହି ପୁରୋହିତ ଅବସରର ଅନୁପଯୁକ୍ତ ଭିକ୍ଷୁକ ବ୍ରାହ୍ମଣର ପଦତଳେ ତୁମକୁ ଦିନେ ପ୍ରାଣଭିକ୍ଷା କରିବାକୁ ହେବ, ସେତେବେଳେ କହିବାକୁ ହେବ — ଅନ୍ଧ, ଏ ବ୍ରାହ୍ମଣ ସେ ଭିକ୍ଷା ଦେବ ନାହିଁ । ସେ ଦିନ କ୍ଷତ୍ରିୟ ବୁଝିବ, ଭୀଷଣ ବାତ୍ୟାର ଧକ୍କାରେ ବୁଝିବ, ବୁଦ୍ଧିବଳ ବର୍ଣ୍ଣଶ୍ରେଷ୍ଠଙ୍କର ଶତ୍ରୁଘାତକ ଚକ୍ରାନ୍ତରେ ବୁଝିବ, ଅତ୍ୟାଚାର-ଧାର୍ମ୍ମିକଙ୍କ ବଂଶର ଧ୍ୱଂସ ମଧ୍ୟରେ ଦେଖିବ, ବିଶ୍ୱ ବ୍ରହ୍ମାଣ୍ଡ ଭେଦୀ କ୍ରନ୍ଦନ ଶବ୍ଦରେ ଶୁଣିବ, ବ୍ରାହ୍ମଣ କ୍ଷତ୍ରିୟର ଉପହାସର ପାତ୍ର ନୁହେ, ଅବଜ୍ଞାର ପାତ୍ର ନୁହେ, ତାଚ୍ଛିଲ୍ୟର ପାତ୍ର ନୁହେ, କ୍ରୋଧର ପାତ୍ର ନୁହେ; କିନ୍ତୁ ଆଦରଣୀୟ, ବରଣୀୟ, ନମସ୍କରଣୀୟ ।

Digitized by srujanika@gmail.com

ଯେ ଦିନ ବିଶ୍ୱ ବିଧାତାଙ୍କ ସୃଷ୍ଟି ବୈଚିତ୍ର୍ୟ ପୂର୍ଣ୍ଣ ହେବ, ସେ ଦିନ ବିରୋଧାତ୍ମକ ଭାବ ସକଳର ଅନନ୍ତ ସମନ୍ୱୟ ହୋଇ ବିଶ୍ୱ-ସୃଷ୍ଟିର ସଂଶୋଧନ ହେବ ।" ପ୍ରଳୟର ଅଣଅଶ ପରି ଚାଣକ୍ୟ ଦ୍ରୁତଗତିରେ ନନ୍ଦପ୍ରାସାଦରୁ ଅଦୃଶ୍ୟ ହେଲେ । ଅଗ୍ନି ସଂଯୋଗରେ ସମିଧ କୁହୁଳିବାକୁ ଲାଗିଲା ।

ଗ୍ରୀକ-ଅଭିଯାନ

ଭାରତୀୟ ଆର୍ଯ୍ୟ ଋଷିଗଣ ସାଧନାଲବ୍ଧ ଦିବ୍ୟଦୃଷ୍ଟି ବଳରେ ଯେଉଁ ଶାନ୍ତି ମନ୍ତ୍ର ଉଚ୍ଚାରଣ କରିଥିଲେ, ଭାରତୀୟ ରାଜାମାନେ ଅନେକ ପରିମାଣରେ ସେଥିରେ ଦୀକ୍ଷିତ ହୋଇ ବିଦେଶ ଆକ୍ରମଣରୁ କ୍ଷାନ୍ତ ରହୁଥିଲେ ଏବଂ ଶାନ୍ତିରେ ରାଜତ୍ୱ କରୁଥିଲେ । ରାଜର୍ଷି ଜନକଙ୍କଠାରେ ଏହି ମନ୍ତ୍ରର ପୂର୍ଣ୍ଣ ସାକ୍ଷା ପ୍ରକଟିତ ହୋଇଥିଲା । କିନ୍ତୁ ପାଶ୍ଚାତ୍ୟ ଜଗତ ସେ ମନ୍ତ୍ର ଗ୍ରହଣରେ ଅସମର୍ଥ ଥିଲା; ସୁତରାଂ ବେଳେ ବେଳେ ସାମ୍ରାଜ୍ୟ ପିପାସା ସେହି ଦେଶୀୟ ରାଜାମାନଙ୍କୁ ଦାରୁଣ ଦୁଶ୍ଚିନ୍ତାରେ ବିବ୍ରତ କରୁଥିଲା । ସେମାନେ ସମସ୍ତ ଉଦାରତା ବର୍ଜ୍ଜନ କରି ପରସ୍ୱ ଅପହରଣ ପାଇଁ ଜୀବନର ସାର୍ଥକତା ବଳି ଦେଉଥିଲେ । ଯେ କୌଣସି ମତେ ସାମ୍ରାଜ୍ୟ ବିସ୍ତାର କରିପାରିଲେ ନିଜକୁ ଧନ୍ୟ ମଣୁଥିଲେ ।

ମାସିଡ଼ୋନ ଅଧିପତି ସେକେନ୍ଦର ପୃଥିବୀ ବିଜୟ କରିବା ଉଦ୍ଦେଶ୍ୟରେ ବିରାଟ ଗ୍ରୀକ୍ ବାହିନୀ ଧରି ୟୁଫ୍ରେଟିସ୍ ପାରସ୍ୟ ପର୍ଯ୍ୟନ୍ତ ଜୟପତାକା ଉଡ଼ାଇ ଆସିଥିଲେ ଏବଂ କ୍ରମେ ଅଫଗାନ ସ୍ଥାନ

Digitized by srujanika@gmail.com

ଅଢ଼ଙ୍କମ-କର ସୀମାନ୍ତ ପ୍ରଦେଶ ପାର ହେଲେ, ଯେତେବେଳେ ସେ ଭାବଲେ ଯେ ପୃଥିବୀରେ ଗ୍ରୀକ ବ୍ୟତୀତ ଅନ୍ୟ ସମସ୍ତ ଜାତି ବର୍ବର—ଏପରିକି ଅସ୍ତ୍ରରକ୍ଷାପର୍ଯ୍ୟନ୍ତ ସେମାନେ କୌଣସିଟିର ଅସ୍ତ୍ରଚାଳନା କରି ମଧ୍ୟ ଜାଣନ୍ତି ନାହିଁ । କିନ୍ତୁ ସିନ୍ଧୁନଦ ପାର ହେବାକ୍ଷଣି ତାଙ୍କର ସେ ଭ୍ରମ ସଂଶୋଧିତ ହେଲା । ପୁରୁରାଜ ନେତେବେଳେ ପରିପୂର୍ଣ୍ଣ ସୁଶିକ୍ଷିତ, ଧର୍ମଯୁକ୍ତ ଅସ୍ତ୍ରଶସ୍ତ୍ର ଅଥଚ କୃଷ୍ଣ ଜାତି ଅନେକ ସୈନ୍ୟ ନେଇ ଶତଦ୍ରୁ ତୀରରେ ପ୍ରଥମ ଥରକପାଇଁ ଗ୍ରୀକବାହିନୀର ଅବାଧ ଗତି ରୋଧ କଲେ * ଏବଂ ଅପୂର୍ବ ସମର ନୈପୁଣ୍ୟରେ ଗ୍ରୀକ ସୈନ୍ୟଙ୍କ ମନରେ ଅଭୂତପୂର୍ବ ଭୀତିର ସଞ୍ଚାର କଲେ, ଆଲେକ୍‌ଜାଣ୍ଡର ସେତେବେଳେ ବୁଝିଲେ, ପୃଥିବୀରେ ଦୁଇଟି ଜାତି ଅଛନ୍ତି, ଏକ ଗ୍ରୀକ, ଦ୍ୱିତୀୟ ଭାରତୀୟ ଆର୍ଯ୍ୟ ।

ପୁରୁରାଜଙ୍କ ସଙ୍ଗେ ସମ୍ମୁଖ ସମରରେ ଯୁଦ୍ଧ କରିଥିଲେ ଆଲେକ୍‌ଜାଣ୍ଡରଙ୍କ ଗର୍ବ ଧୂଳି ହୋଇ ଯାଇଥାନ୍ତା । କିନ୍ତୁ ଭାରତ ଦୁର୍ଭାଗ୍ୟରେ ଗୃହବିବାଦ ଛିଦ୍ର ତାହା କରାଇ ଦେଲା ନାହିଁ । ତକ୍ଷଶିଳାର ରାଜା ପୁରୁଙ୍କ ବିରୋଧୀ ଥିବାରୁ ସେକନ୍ଦରଙ୍କ ସହିତ ନିଜ ସୈନ୍ୟ ସାମନ୍ତ ନେଇ ଯୋଗଦେଲେ । ସେକନ୍ଦର ତା ନହେଲେ ଶ୍ରାନ୍ତ ଗ୍ରୀକ ସୈନ୍ୟ ସହ ପୁରୁଙ୍କ ହସ୍ତିବାହିନୀର ପଦତଳେ ନିଷ୍ପେଷିତ ହୋଇଥାନ୍ତେ । ପ୍ରଧାନତଃ ଭାରତୀୟ ସୈନ୍ୟ ସାହାଯ୍ୟରେ ସେ ପ୍ରାକୃତିକ ପରୀକ୍ଷା ପାର

---

* "A stately force it was with which the Indian Monarch moved forth to defend his country against the audacious invader from the West." V. A. smith's Early History of India P 58

Digitized by srujanika@gmail.com

ହୋଇଥିଲେ । ଗ୍ରୀକ ସୈନ୍ୟଙ୍କ କଟକ୍ଟ ସ୍ତମ୍ଭରେ ଚଳାଯୋଗ କରି ମଧ୍ୟ ଦେଶ ରକ୍ଷା ପାଇ ନଥାନ୍ତେ, ଯଦି ଶେଷ ମୁହୂର୍ତ୍ତରେ ତକ୍ଷଶିଳା ରାଜା ଓ ତାଙ୍କ ସାମନ୍ତମାନଙ୍କ ସୈନ୍ୟ ସେମାନଙ୍କୁ ଉଦ୍ଧାର କରନ୍ତେ ନାହିଁ । ତା' ପରେ ପୁରୁଙ୍କୁ ବନ୍ଦୀକରି ଯେତେବେଳେ ସେ ପଚାରିଥିଲେ "ମୋଠାରୁ ତୁମେ କପରି ବ୍ୟବହାର ଆଶାକର," ପୁରୁ ପ୍ରାଣଭିକ୍ଷା କଲେନାହିଁ, କାକୁତି ମିନତି କଲେ ନାହିଁ, କେବଳ ନମ୍ର, ସ୍ଥିର, ଦୃଢ଼ ଉତ୍ତର ଦେଲେ, "କ୍ଷତ୍ରିୟ ପ୍ରତି କ୍ଷତ୍ରିୟର ବ୍ୟବହାର ।" ସେତେବେଳେ ସେକନ୍ଦର ଅର୍ଦ୍ଧ ସଭ୍ୟତା ପ୍ରତି ମସ୍ତକ ନୁଆଁଇ ସମ୍ମାନ ପ୍ରଦର୍ଶନ କଲେ ଏବଂ ବୁଝିଲେ, ଏ ଜାତି ଶିକ୍ଷା ସଭ୍ୟତାରେ ଜଗତରେ ଆଦର୍ଶ ସ୍ଥାନୀୟ । ସମ୍ରାଜ୍ୟ ଚନ୍ଦ୍ରା ବଢ଼ୁଥ ସେକେନ୍ଦର ଅଧିକୃତ ପ୍ରଦେଶ ସମୂହରେ ନିୟମିତ ସୁଦୃଢ଼ ଶାସନତନ୍ତ୍ରର ପ୍ରତିଷ୍ଠା ଏବଂ ଶ୍ରାନ୍ତକ୍ଳାନ୍ତ ସୈନ୍ୟମାନଙ୍କ ବିଶ୍ରାମ ନିମନ୍ତେ ଓକେଟେକ ସମୟ ପଞ୍ଜାବରେ ଅବସ୍ଥାନ କଲେ ।

ସେହି ଅବସରରେ ପୁରୁଙ୍କ ବନ୍ଧୁଭାବରେ ପାଇ ସେ ସୁଖରେ କାଳଯାପନ କଲେ । ପୁରୁଙ୍କ କ୍ଷାତ୍ରତେଜ ସଙ୍ଗେ ସତତାର ସ୍ନିଗ୍ଧ ମିଳନ ଦେଖି ସେ ମୁଗ୍ଧହୋଇଲେ ଏବଂ ପୁରୁଙ୍କୁ ତାଙ୍କ ପଦଲେହୀ ସାମନ୍ତ ରାଜାଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ମାନ ପ୍ରଦର୍ଶନ କରୁଥିଲେ । ତକ୍ଷଶିଳାର ରାଜା ସେଥିରେ ତୀବ୍ର ଅପମାନର ଦଂଶନ ଜ୍ୱାଳାରେ ବ୍ୟଥିତ ହୋଇ ନୀରବ କ୍ରନ୍ଦନ କଲେ । ପୁରୁଙ୍କ ଦମନ ପାଇଁ ବିନା ବାକ୍ୟବ୍ୟୟରେ ସେକେନ୍ଦରଙ୍କ ଅଧୀନତା ସ୍ୱୀକାର କରି ସୈନ୍ୟ ସାମନ୍ତ ସହ ପୁରୁଙ୍କୁ ପରାଜିତ କରି ମଧ୍ୟ ପୁରୁଙ୍କ ପରି ଆସନରେ ସେ ସମ୍ମାନିତ ହେଲେନାହିଁ । ଯେ କୌଣସି ଅବସ୍ଥାରେ କାପୁରୁଷ ବନ୍ଧୁର ଆସନ ବୀର ଶତ୍ରୁର ବହୁ ନିମ୍ନରେ ଏହାହିଁ ବିଧିର ବଡ଼ମ୍ବନା, ନିୟତିର କୁସୁମ ।

Digitized by srujanika@gmail.com

ACHARYA

ଏହି ଅବସରରେ ନାନା ଦେଶ ଭ୍ରମି ଭ୍ରମି ଚନ୍ଦ୍ରଗୁପ୍ତ ପଞ୍ଜାବରେ ଗ୍ରୀକ୍ ଶିବିରରେ ଉପନୀତ ହେଲେ । ଜଣେ ସେନାପତି ସହିତ ସଖ୍ୟ ସ୍ଥାପନ କରି ତାଙ୍କ ସାହାଯ୍ୟରେ ସେ ଗ୍ରୀକ ଭାଷା ଶିକ୍ଷା କଲେ ଏବଂ ଗୋପନରେ ଗ୍ରୀକ ସେନା ନିବେଶ, ବ୍ୟୂହ ରଚନା, ଯୁଦ୍ଧପ୍ରଣାଳୀ ପର୍ଯ୍ୟବେକ୍ଷଣ କରିବାକୁ ଲାଗିଲେ । ସେ କ୍ରମେ ଶୁଣିବାକୁ ପାଇଲେ, ଗ୍ରୀକ ସେନାର ପ୍ରଧାନ ନାୟକ ସେଲୁକସ ଅତିଶୟ ରଣପଣ୍ଡିତ ଓ ହୃଦୟବାନ୍ ବ୍ୟକ୍ତି । ଚନ୍ଦ୍ରଗୁପ୍ତଙ୍କର ଅତିଶୟ କୌତୁହଳ ଜାତହେଲା, ତାଙ୍କର ବନ୍ଧୁତ୍ୱ ସମ୍ପାଦନ ସକାଶେ । ତାଙ୍କ ସହିତ ପ୍ରଥମ ସାକ୍ଷାତ ପାଇଁ ସେ ଅବସର ଖୋଜି ବସିଲେ । ଭବିଷ୍ୟ ସବୁବେଳେ ନିଜ ପ୍ରାଣକୁ ମୁଷ୍ଟିଗତ କରି ଅଦ୍ଭୁତ ଖେଳା କରେ । ଚନ୍ଦ୍ରଗୁପ୍ତ କେବଳ ସାହସ ଉପରେ ନିର୍ଭର କରି ଦିନେ ସେଲୁକସଙ୍କ ଶିବିରରେ ଉପସ୍ଥିତ ହେଲେ ।

ସେଲୁକସ ସେତେବେଳେ ତାଙ୍କ ମାତୃହୀନା, ଆଦରଣୀ, ନବୀନଯୌବନା କନ୍ୟା ହେଲେନଙ୍କ ସହିତ ତାସ ଖେଳୁଥିଲେ । ଅନ୍ୟମନସ୍କ ସେଲୁକସ ହଠାତ ଅପରିଚିତ, ବିଦେଶୀୟ ସୁନ୍ଦର ଯୁବକ ଜଣକୁ ସମ୍ମୁଖରେ ଦେଖି ବିସ୍ମୟରେ ପଚାରିଲେ, "କିଏ ତୁମେ, କହେତୁ ଏଠାକୁ ଆସିଛ ?" ଚନ୍ଦ୍ରଗୁପ୍ତ ସହଜଭାବରେ ଉତ୍ତର ଦେଲେ "ମଗଧର ଭୂତପୂର୍ବ ମହାରାଜ ମହାପଦ୍ମ ନନ୍ଦଙ୍କର ମୁଁ ପୁତ୍ର, ମୋ ନାମ ଚନ୍ଦ୍ରଗୁପ୍ତ । ମୋର ବୈମାତ୍ରେୟ ଭ୍ରାତାଗଣ ପିତାଙ୍କର ସିଂହାସନ ଲାଭ କରି ମୋତେ ଅଯଥା ନିର୍ବାସିତ କରିଅଛନ୍ତି । ମୁଁ ସମସ୍ତ ମଗଧ-ବାହିନୀର ସେନାପତି ଥିବାରୁ ସେମାନେ ମୋ ପ୍ରତି ଈର୍ଷାପରାୟଣ ହୋଇ ମୋର ଉଚ୍ଛେଦ ସାଧନ ପାଇଁ ସର୍ବଦା ସଚେଷ୍ଟ । ସେ ଅନ୍ୟାୟର ପ୍ରତିଶୋଧ ନେବା ପାଇଁ ମୁଁ ଦୃଢ଼ସଙ୍କଳ୍ପ । ଆପଣ ଦୟା

Digitized by srujanika@gmail.com

କର ମୋତେ ଯୁଦ୍ଧ କୌଶଳ ଶିକ୍ଷା ଦେବେ ତ ମୁଁ ଆପଣଙ୍କଠାରେ କୃତଜ୍ଞ ଓ ଋଣୀ ହୋଇ ରହିବି ଏବଂ ଭ୍ରାତାମାନଙ୍କ ଅନ୍ୟାୟ ରାଜତ୍ୱ ବିରୁଦ୍ଧରେ ଯୁଦ୍ଧ କରି ସେମାନଙ୍କୁ ସିଂହାସନ ଚ୍ୟୁତ ଓ ପ୍ରଜାଙ୍କ ରାଜ୍ୟର ପୁନରୁଦ୍ଧାର କରିବି, ଅତ୍ୟାଚାର ପ୍ରପୀଡ଼ିତ ମଗଧ ପ୍ରଜାଙ୍କୁ ନେଇ ଶାନ୍ତି ସମୃଦ୍ଧିଶାଳୀ ନବଶାସନ ସଂସ୍ଥାପନ କରିବି ।”

ସେଲୁକସ କହିଲେ, ‘ଯୁବକ, ତୁମର ଉଦ୍ଦେଶ୍ୟ ସାଧୁ । କିନ୍ତୁ ତୁମେ ଅସହାୟ, ଏକାକୀ । ବିନା ସୈନ୍ୟସାମନ୍ତରେ ଏକାକୀ ବିପୁଳ ମଗଧବାହିନୀ ସମ୍ମୁଖରେ ଦଣ୍ଡାୟମାନ ହୋଇ ପାରିବ ନାହିଁ ।” ଏତିକି କହୁ କହୁ ଚନ୍ଦ୍ରଗୁପ୍ତ ଅଧୀର ହୋଇ ତାଙ୍କୁ ଆଉ କହିବାକୁ ଅବସର ଦେଲେ ନାହିଁ । ସେ ଚଞ୍ଚଳ ହୋଇ କହିଲେ, “ମୋତେ ଏକାକୀ ମନେକରିବେ ନାହିଁ, କାରଣ ମୁଁ ପ୍ରବାସୀ ନୁହେଁ । ମୋର ଜନ୍ମଭୂମି ଜନଶୂନ୍ୟ ଅଥବା ମନୁଷ୍ୟ ଶୂନ୍ୟ ନୁହେଁ. ମୁଁ କାହିଁକି ଅସହାୟ ମନେ କରିବି ?” ସେଲୁକସ କିଛିକ୍ଷଣ ନୀରବ ରହି କହିଲେ, “ଯୁବକ, ତୁମର ଆତ୍ମ ନିର୍ଭରତା ପ୍ରଶଂସନୀୟ । କିନ୍ତୁ କେବଳ କଳ୍ପନାର ଦାସ ହୋଇ କେହି କେବେ ଜୀବନରେ ଯଶସ୍ୱୀ ହୋଇନାହିଁ । ତରଳ ଭାବନା ଅନଭିଜ୍ଞ ଯୁବକଙ୍କୁ ଛଳନା କରିପାରେ, କିନ୍ତୁ ପ୍ରବୀଣ ଅଭିଜ୍ଞ ବ୍ୟକ୍ତି ସେଥିରେ କେବେ ବିମୋହିତ ହୋଇଯାଏ ନାହିଁ କି ଭୁଲିଯାଏ ନାହିଁ ।” ଚନ୍ଦ୍ରଗୁପ୍ତ ବିଦ୍ୱାନ୍, ଚତୁର ! ସୁତରାଂ ଉତ୍ତର ଦେଲେ “ଯୁବକ ଯେପରି ଆଶାର ଉପାସକ, ବୟୋବୃଦ୍ଧ ସେପରି ନିରାଶାରେ କର୍ଣ୍ଣଧର—କାରଣ ତାହାର ଭବିଷ୍ୟତ ନାହିଁ । ଯୁବକଙ୍କ କଥା ସ୍ୱତନ୍ତ୍ର । ସେ ଆଶାର ଆଲୋକ ଦେଖି ଦେଖି ପଥମଧ୍ୟରେ ସମସ୍ତ ଶୋକ କ୍ଳେଶ ଭୁଲିଯାଇ ଲକ୍ଷ୍ୟ ସ୍ଥାନରେ ଉପନୀତ ହୋଇଥାଏ । ପୁଣି ଆଜି ମୋର ଜନ୍ମଭୂମି ଶ୍ମଶାନ ନୁହେ, ମୁଁ ସ୍ୱାନ ଶୂନ୍ୟ ନୁହେଁ ।

Digitized by srujanika@gmail.com

ଯେତେବେଳେ ଯୁଦ୍ଧ ଘୋଷଣା କରି ତରବାରି ହସ୍ତରେ ମୁଁ ଦଣ୍ଡାୟମାନ ହେବି, ଶ୍ରାନ୍ତକ୍ଲାନ୍ତ ପଥିକଗଣ ମଧ୍ୟ ମୋ ସହିତ ଯୋଗ ଦେବେ ।" ସେଲୁକସ ତଥାପି କହିଲେ, "କିନ୍ତୁ ସେ କଳ୍ପନାର ଆଶାରେ ଆସ୍ଥା ସ୍ଥାପନ ନକରି ବାସ୍ତବତାର ଆଶ୍ରୟ ନେବା ଉଚିତ । ଶୁଣ, ମୁଁ ଗୋଟିଏ ଉପାୟ କହିବି, ଯାହା ଅବଲମ୍ବନ କଲେ ତୁମ ଉଦ୍ଦେଶ୍ୟ ଅକ୍ଲେଶରେ ସିଦ୍ଧ ହୋଇପାରିବ । ମୋହର ଏ ବିପୁଳ ଗ୍ରୀକ ସେନା ନେଇ ମଗଧ ଜୟ କରିପାର ।" ଚନ୍ଦ୍ରଗୁପ୍ତଙ୍କ ମୁଖରେ ଈଷତ୍ ଅସୂୟାର ଭାବ ସ୍ଫୁଟ ହେଲା । ସେ କହିଲେ "ମହାଶୟ କ୍ଷମା କରିବେ । ମୁଁ ତାହା ପାରିବି ନାହିଁ । ବିଦେଶୀୟ ହସ୍ତରେ ଆର୍ଯ୍ୟ ସନ୍ତାନଙ୍କ ରକ୍ତପାତର ଉପାୟ ମୁଁ ଅବଲମ୍ବନ କରି ନପାରେ ।" ସେଲୁକସ ଟିକିଏ ଚକିତ ହେଲେ, କିନ୍ତୁ ତାହା ସମ୍ବରଣ କରି ସହଜ ସରଳକଣ୍ଠରେ କହିଲେ—"ତାହା ହେଲେ ତୁମେ ମଗଧ ଜୟ କରିବ, ଏକଥା ମୁଁ ବିଶ୍ୱାସ କରିପାରୁ ନାହିଁ ।" ଚନ୍ଦ୍ରଗୁପ୍ତ କହିଲେ, "ଯାହାର ଆତ୍ମବିଶ୍ୱାସ ଜାଗରୂକ ହୋଇ ଅଛି, ସେ ଅପରର ସାହାଯ୍ୟ ନନେଇ ମଧ୍ୟ କାର୍ଯ୍ୟ ସିଦ୍ଧ କରିପାରେ । କାରଣ ସେ ସୁଖ ସୃଷ୍ଟି କରିପାରେ । ତଥାପି ମୁଁ ଯଦି ମଗଧ ସିଂହାସନ ଲାଭ ନକରେ, କ୍ଷତି ନାହିଁ; କିନ୍ତୁ ବିଦେଶୀ ଦ୍ୱାରରେ ସାହାଯ୍ୟ ଭିକ୍ଷା କରି ଜନ୍ମଭୂମିକୁ କଳଙ୍କିତ କରିବି ନାହିଁ । ସେଥିଯୋଗୁଁ ଯଦି ମୁଁ ନିଃସ୍ୱ ହୋଇଯାଏ, ଶ୍ମଶାନରେ ପଡ଼ି ବାସ କରିବି, ସେଥିରେ ଲେଶ କ୍ଷୋଭ ନାହିଁ । କିନ୍ତୁ ଚିରଦିନ ପାଇଁ କଳଙ୍କର ବୋଝ ବହନ କରି ମୁଁ ସନ୍ତୁଷ୍ଟ, ଚୁପ ହୋଇ ପାରିବି ନାହିଁ ।" ସେଲୁକସ ସେଥିରେ ବିସ୍ମୟାବିଷ୍ଟ ହୋଇ କହିଲେ—"ସାଧୁ ଯୁବକ, ତୁମ ଦେଶପ୍ରୀତିରେ ମୁଁ ପରମ ପ୍ରୀତ ହୋଇଅଛି । ତୁମର ଆତ୍ମନିର୍ଭରଶୀଳତା ପ୍ରଶଂସନୀୟ । ବର୍ତ୍ତମାନ ସାନନ୍ଦେ ମୋ ଶିବିରରେ ବାସ କର । ପରେ ତୁମ୍ଭକୁ ନେଇ ସେକନ୍ଦରଙ୍କ ସହିତ ଆଳାପ ପରିଚୟ କରାଇବି ।"

Digitized by srujanika@gmail.com

ପ୍ରେମର ପୂର୍ବାଭାସ

"I was as a gem concealed;
Me my burning ray revealed"

—*Koran.*

ସାନ୍ଧ୍ୟ ଗଗନର ଅରକ୍ତିମ ଛଟା ପ୍ରକୃତି ସତୀଙ୍କ ଗଣ୍ଡ ପ୍ରଦେଶରେ ଲଜ୍ଜାପାଟଳିତ ଆଭା ପ୍ରଦାନ କରୁଅଛି । ସୁନୀଳ ଗଗନର ସ୍ଥାନେ ସ୍ଥାନେ ଶୁଭ୍ରବାରିଦ ଗାତ୍ରରେ ସେ ରଙ୍ଗ ଟିକିଏ ବିକ୍ଷିପ୍ତ ହୋଇପଡ଼ିଅଛି । ସାୟଂ ସମୀରଣ କେତେ ସୁକୁମାର ସୁକୁମାରୀଙ୍କ ବିରହ ବ୍ୟଥିତ ମୁଖର ଏବଂ ଅଜ୍ଞାତ ଅଭାବଗ୍ରସ୍ତ ନବୀନ ନବୀନାଙ୍କ ସୁକୁମାର ଚିବୁକର କୋମଳପରଶ ଦଗଙ୍ଗନା ନିକଟକୁ ଧୀରେ ଧୀରେ ବହାଇ ନେଉଅଛି । ସନ୍ଧ୍ୟା ସୁନ୍ଦରୀ ଅଭିସାର ସଜ୍ଜାରେ ନକ୍ଷତ୍ରହାର ଖଚିତ ପ୍ରଶାନ୍ତ ନିଶୀଥିନୀ ପାଇଁ ପ୍ରସ୍ତୁତ ହେଉଅଛି । ସିନ୍ଧୁ ତୀରରେ ସେଲୁକସଙ୍କ ଅନିନ୍ଦ୍ୟା ସୁନ୍ଦରୀ କନ୍ୟା ନିର୍ମଳ ନୀଳ ଗଗନ ପଟରେ ସନ୍ଧ୍ୟାରୁଣ ରାଗ ଦେଇ କଳ୍ପନା-ତୂଳିକାରେ ଗୋଟିଏ ମାନସୀ-ଛବି ସମ୍ପୂର୍ଣ୍ଣ ଅନିଚ୍ଛାସତ୍ତ୍ୱେ ଅଙ୍କନ କରୁଅଛନ୍ତି । ଅର୍ଦ୍ଧାଙ୍କିତ ଛବି ପ୍ରବାହିତ ନୀଳମେଘ ସ୍ତରରେ କେବେକେବେ ଭାସିଯାଉଅଛି, କେତେବେଳେ ତା'ଉପରେ ପୁନର ସ୍ପଷ୍ଟୀଭୂତ ହେଉଅଛି ।

ଅପ୍ରତ୍ୟାଶିତ ଭାବରେ ଭାରତୀୟ ଯୁବକଙ୍କୁ ଦେଖି ଯେପରି ବହୁଶତ ବର୍ଷର ଭାରତୀୟ ଗରିମାର ପରିଚୟ ସେ ପାଇଅଛନ୍ତି । ଚନ୍ଦ୍ରଗୁପ୍ତଙ୍କ

Digitized by srujanika@gmail.com

ନିର୍ଦ୍ଦୋଷ ରହସ୍ୟମୟ ଆଳାପରେ ସେ ଭାରତ ଆର୍ଯ୍ୟ ଚରିତ୍ରର ମଧୁର ପରିଚୟ ଲାଭ କରି ଆର୍ଯ୍ୟ-ସଭ୍ୟତାକୁ ଆଜି ଆଦର କରିବାକୁ ଶିଖି-ଛନ୍ତି । ଯୁବକଙ୍କ ଭଦ୍ରୋଚିତ ବ୍ୟବହାର ସେ ଅନ୍ୟତ୍ର ଅନୁଭବ କରି-ନାହାନ୍ତି । ଯୁବକଙ୍କ ସୁହାଣିରେ ଚୌର୍ଯ୍ୟାପରାଧର ଆଭାସ ନାହିଁ, ବ୍ୟବହାରରେ ସଙ୍କୋଚ ବୋଧ ନାହିଁ, ପରିହାସ୍ୟରେ ଛଳନା ନାହିଁ, ଆଳାପରେ ବ୍ୟଙ୍ଗ କିମ୍ବା ଅଳଙ୍କାର ନାହିଁ, ମିଳାମିଶାରେ କୃତ୍ରିମତା ନାହିଁ, ଏହା କି ମାନବଠାରେ ସମ୍ଭବ ? ହେଲେନ ଗ୍ରୀକ ଦେବ-ଦେବୀଙ୍କ କଥା ପିଲାବେଳେ ପଢ଼ିଥିଲେ । ସେ ଶୁଣିଲେ, ଏହିପରି ସେମାନେ ଚତୁର୍ଦ୍ଦିଗରେ ଆନନ୍ଦ ଓ ସୌନ୍ଦର୍ଯ୍ୟର ହସ ଖେଳାଇ ପୃଥିବୀରେ ବିହାର କରୁଥିଲେ ।

ହେଲେନ ଜାଣନ୍ତି, ସେ ଚନ୍ଦ୍ରଗୁପ୍ତଙ୍କ ପ୍ରତି ଆକୃଷ୍ଟା ନୁହନ୍ତି, ତାଙ୍କ ଅସାମାନ୍ୟ ସୌନ୍ଦର୍ଯ୍ୟରେ ମୁଗ୍ଧା ନୁହନ୍ତି— ଚନ୍ଦ୍ରଗୁପ୍ତଙ୍କୁ ସେ ଜୀବନର ସଖା ରୂପେ ବରଣ କରିବାକୁ ପ୍ରସ୍ତୁତ ନୁହନ୍ତି । କିନ୍ତୁ କେବଳ ସେଥିପାଇଁ କି ପୁରୁଷ ଓ ନାରୀ ମଧ୍ୟରେ ପ୍ରଣୟ ସଂସ୍ଥାପିତ ହୋଇଥାଏ ? ବିଶ୍ୱମାନବ ପ୍ରୀତି ବୋଲି କି କିଛି ପଦାର୍ଥ ନାହିଁ ? ଗୁଣର ଆଦର କି ମାନବ ଶିଖିବ ନାହିଁ ? ପ୍ରତିଭାର ସମ୍ମାନ କି ଜଗତରେ ବିରଳ ? ହେଲେନ୍ ଚନ୍ଦ୍ରଗୁପ୍ତଙ୍କ ସହିତ ତାଙ୍କ ଜାତିର ସମ୍ମାନ, ସ୍ନେହ କରିବାକୁ ମାତ୍ର ଶିଖିଅଛନ୍ତି; ଭାରତୀୟ ପ୍ରକୃତିର ମୁକ୍ତ ଶୋଭାର ଉପାସନା କରି ଶିଖିଅଛନ୍ତି, ଚନ୍ଦ୍ରଗୁପ୍ତଙ୍କ ମୁଖ ମଣ୍ଡଳରେ ଭାରତୀୟ ଯୁବକର କମନୀୟ ଅତୁଳନୀୟ ସୌନ୍ଦର୍ଯ୍ୟ ମାତ୍ର ସେ ଦେଖିଅଛନ୍ତି । ଚନ୍ଦ୍ରଗୁପ୍ତଙ୍କ ହେତୁ ସେ ଭାରତର ଅନ୍ତରର ସୌନ୍ଦର୍ଯ୍ୟ ଓ କମନୀୟତାର ପରିଚୟ ଲାଭ କରିଥିବାରୁ ଆଜି ସେ ଚନ୍ଦ୍ରଗୁପ୍ତଙ୍କୁ ଦେବୋପମ ଆସନରେ ଅଭିଷିକ୍ତ କରିଅଛନ୍ତି ।

Digitized by srujanika@gmail.com

ହେଲେନଙ୍କର ସ୍ମରଣ ହେଲା, ସେହି ପ୍ରଥମ ସନ୍ଧ୍ୟା, ଯେଉଁ ଦିନ ପିତାଙ୍କ ସହିତ ସେ ଚନ୍ଦ୍ରଗୁପ୍ତଙ୍କର ପ୍ରଥମ ସାକ୍ଷାତ ପାଇଥିଲେ । ସେଦିନ ମାତ୍ର ସେ ଭାରତର ସାନ୍ଧ୍ୟ ଶ୍ରୀ ସମୃଦ୍ଧି ଗୌରବରେ ଦେଖିବାକୁ ପାଇଲେ ! ସେଦିନ ମାତ୍ର, ସନ୍ଧ୍ୟାର ପ୍ରୀତିମୟ କୋଡ଼ରେ ଶ୍ରାନ୍ତ ହୃଦୟ ପାଇ ବିଶ୍ରାମର ସ୍ଥାନ ପାଇଲେ । ତା'ପରେ ଯେତେ ସନ୍ଧ୍ୟା ଆସିଲା, କାହିଁ ସେ ସମ୍ପଦ ନେଇ ହେଲେନଙ୍କୁ ବାଉଳା ନାହିଁ, ସେ ଉନ୍ମାଦନାରେ ତାଙ୍କୁ ବିହ୍ୱଳ କରିପାରିଲାନାହିଁ ! ଆସିଲା କେବଳ ସେହି ଯୁବକଙ୍କ ସୌନ୍ଦର୍ଯ୍ୟ ଉପଭୋଗ କରିବା ନିମନ୍ତେ, ନିଜ ଶ୍ରୀ ସମ୍ପଦରେ ଯୁବକର ଚତୁର୍ଦ୍ଦିଗ ବେଷ୍ଟନ କରିବା ନିମନ୍ତେ । ହେଲେନଙ୍କ ଇଚ୍ଛା ହେଲା, ଭାରତ ସାହିତ୍ୟର ଉତ୍କର୍ଷତା କିଅଣ ଅଛି ଦେଖିବାପାଇଁ ସେ ସଂସ୍କୃତ, ଶିକ୍ଷା କରିବେ । ସେଲ୍ୟୁକସଙ୍କ ଆଦେଶରେ ଜଣେ ସଂସ୍କୃତଜ୍ଞ ପଣ୍ଡିତ ନିଯୁକ୍ତ ହେଲେ ।

ସେଲ୍ୟୁକସଙ୍କ ଅଧୀନସ୍ଥ ଏଣ୍ଟିଗୋନସ୍ ନାମକ ଜଣେ ଅଧିନାୟକ ବୀରତ୍ୱରେ ଚିହ୍ନିତ ହୋଇଥିଲେ । ସେ ହେଲେନଙ୍କ ପ୍ରଣୟପ୍ରାର୍ଥୀ ଥିଲେ । ଏଣ୍ଟିଗୋନସ ସମସ୍ତ ଯଥୋଚିତ ଶୌର୍ଯ୍ୟ ବୀର୍ଯ୍ୟରେ ପୂର୍ଣ୍ଣ ଥିଲେ ମଧ୍ୟ ତାଙ୍କ ପିତାଙ୍କ ପରିଚୟ କେହି ପାଇନଥିବାରୁ ସେଲ୍ୟୁକସ ତାଙ୍କୁ ଘୃଣା ଚକ୍ଷୁରେ ଦେଖୁଥିଲେ । ପିତାଙ୍କ ମନୋଭାବ ବୁଝି ହେଲେନ ସେ ପ୍ରସ୍ତାବ ଗ୍ରହଣ କଲେନାହିଁ । ତଥାପି ଏଣ୍ଟିଗୋନସ୍ ବେଳେ ବେଳେ ଆସି ଏକାକିନୀ-ହେଲେନଙ୍କୁ ନିଜର ପ୍ରାର୍ଥନା ଅତି ବିନମ୍ର, କରୁଣାର୍ଦ୍ର ସ୍ୱରରେ ଜ୍ଞାପନ କରୁଥିଲେ । ହେଲେନଙ୍କର ଏକ ଉତ୍ତର, ପିତାଙ୍କ ଅନୁମତି ବ୍ୟତିରେକେ ସେ କାହାରିକି ନିଜ ମୃତ ବନ୍ଧୁ ବରିବେନାହିଁ !

ଦିନେ ଏଣ୍ଟିଗୋନସ ହେଲେନଙ୍କ ନିକଟରେ ଉପସ୍ଥିତ ହୋଇ ଦେଖିଲେ, ଚନ୍ଦ୍ରଗୁପ୍ତଙ୍କ ସ୍ୱହସ୍ତ ଅଙ୍କିତ ସାନ୍ଧ୍ୟ ପ୍ରକୃତିର ଚିତ୍ରଟିଏ

Digitized by srujanika@gmail.com

ଦେଖାଉଅଛନ୍ତି । ଚନ୍ଦ୍ରଗୁପ୍ତଙ୍କ ସହିତ ଏତେ ଘନିଷ୍ଠ ଭାବରେ ସେ ମିଳାମିଶା କରୁଥିବା ଦେଖି ଏଣ୍ଟିଗୋନସଙ୍କର ଈର୍ଷା ଜାତ ହେଲା । ସେ ସମସ୍ତ ଭଦ୍ରତା ବିସ୍ମୃତ ହୋଇ ଚନ୍ଦ୍ରଗୁପ୍ତଙ୍କ ସମକ୍ଷରେ ନିଜର ପ୍ରସ୍ତାବ ପୁଣି ଉପସ୍ଥାପନ କଲେ । ହେଲେନ ପ୍ରଥମେ ନିଜର ରମଣୀ ସୁଲଭ କୋମଳତା ହେତୁ ନୀରବ ରହିଲେ । କିନ୍ତୁ ପୁନଃ ପୁନଃ ଅନୁରୋଧରେ ସେ ପ୍ରସ୍ତାବ ଘୃଣା ସହକାରେ ପ୍ରତ୍ୟାଖ୍ୟାନ କଲେ । ଚନ୍ଦ୍ରଗୁପ୍ତଙ୍କ ସମକ୍ଷରେ ଏ ପ୍ରତ୍ୟାଖ୍ୟାନ ତାଙ୍କ ଅପମାନର ଚୂଡ଼ାନ୍ତ ବୋଧ ହେଲା । ସେଲୁକସଙ୍କ ଉଦ୍ଦେଶ୍ୟରେ ସେଠାରୁ ସେ ତ୍ୱରିତ ପ୍ରସ୍ଥାନ କଲେ ।

ସେତେବେଳେ ସେଲୁକସ୍ ସେକନ୍ଦର ସାହାଙ୍କ ନିକଟରେ ବସି ଯୁଦ୍ଧ ସମ୍ବନ୍ଧୀୟ ନାନା କଥାବାର୍ତ୍ତା କରୁଅଛନ୍ତି । ଉଚିତ, ଅନୁଚିତ ଏଣ୍ଟିଗୋନସ୍ ସେଠାରେ ନିଜର ପ୍ରସ୍ତାବ ବିନା ସଙ୍କୋଚରେ ଉପସ୍ଥାପିତ କରିବାରୁ ସେଲୁକସ୍ କ୍ରୁଦ୍ଧ ହୋଇ ତାଙ୍କ ପିତାଙ୍କ ପରିଚୟ ଜିଜ୍ଞାସା କଲେ ।

ଏଣ୍ଟିଗୋନସ ଉତ୍ତ୍ୟକ୍ତ ହୋଇ ତରବାରୀ ନିଷ୍କୋସିତ କରି ଏକାବେଳକେ ସେଲୁକସଙ୍କ ମସ୍ତକ ଲକ୍ଷ୍ୟ କଲେ । ସୁଚତୁର ଚନ୍ଦ୍ରଗୁପ୍ତ ଏଣ୍ଟିଗୋନସ୍‌ର ଭାବ ଭଙ୍ଗୀ ପର୍ଯ୍ୟବେକ୍ଷଣ କରିବା ପାଇଁ ଆଗରୁ ଆସି ସେକନ୍ଦରଙ୍କ ଶିବିର ବାହାରେ ରହି ସମସ୍ତ ଘଟଣା ଦେଖୁଥିଲେ । ବର୍ତ୍ତମାନ ଉତ୍ତେଜିତ ଏଣ୍ଟିଗୋନସଙ୍କ ବ୍ୟବହାରରେ ସ୍ୱୟଂ ସେକନ୍ଦର ସାହା ପର୍ଯ୍ୟନ୍ତ କିଂକର୍ତ୍ତବ୍ୟବିମୂଢ଼ ହେବା ବେଳେ ପ୍ରତ୍ୟୁତ୍ପନ୍ନମତି ଚନ୍ଦ୍ରଗୁପ୍ତ ଏକ ନିମିଷରେ ଏଣ୍ଟିଗୋନସ ନିକଟରେ ଉପସ୍ଥିତ ହୋଇ ନିଜ ତରବାରୀର ପ୍ରତିଘାତରେ ସେ ଲକ୍ଷ୍ୟ ବ୍ୟର୍ଥ କରିଥିଲେ । ଭଗ୍ନ ଖଡ୍ଗ ହେବାରୁ ଏଣ୍ଟିଗୋନସ୍ ତଟସ୍ଥ ହେଲେ । ଏକଦଣ୍ଡରେ ସେଲୁକସ୍,

Digitized by srujanika@gmail.com

ଅପର ଦମଟିରେ ସ୍ୱୟଂ ସେକେନ୍ଦର ସାହା ଯୁବକର ଉକ୍ତ ସାଧୁବାଦ କଲେ । ସେକେନ୍ଦରଙ୍କ ଆଦେଶରେ ଏଣ୍ଟିଗୋନସଙ୍କୁ ସେହିକ୍ଷଣି ପଦଚ୍ୟୁତ ଓ ନିର୍ବାସିତ କରି ଦିଆଗଲା ।

ସେଲୁକସଙ୍କୁ ସମ୍ବୋଧନ କରି ସେକେନ୍ଦର ସାହା ଆଗନ୍ତୁକ ଯୁବକଙ୍କର ପରିଚୟ ଜିଜ୍ଞାସା କଲେ । ସେଲୁକସ କହିଲେ, "ଯୁବକଟି ମଗଧର ନିର୍ବାସିତ ରାଜପୁତ୍ର । ମୋ ଶିବିରରେ ରହି ମୋଠାରୁ ସମର-ଶିକ୍ଷା କରୁଅଛନ୍ତି, ସେ ବୈମାତ୍ରେୟ ଭ୍ରାତାଙ୍କ ଅଧିକୃତ ପିତୃରାଜ୍ୟର ପୁନରୁଦ୍ଧାର ସଙ୍କଳ୍ପ କରିଅଛନ୍ତି ।" ସେକନ୍ଦର ପରିହାସ ଛଳରେ କହିଲେ, "କିନ୍ତୁ ଗୁପ୍ତଚର ନୁହେଁ, ଏକଥା ବୋଧହୁଏ ସତ୍ୟ ।" ଚନ୍ଦ୍ରଗୁପ୍ତଙ୍କର ହୃଦୟ ଭେଦି ତାହା ଶତ ତାଚ୍ଛଲ୍ୟ-ଶୂଳ ପରି ବୋଧ-ହେଲା । ସେ ତତ୍କ୍ଷଣାତ୍ କହିଲେ, "ବୋଧହୁଏ ଗ୍ରୀକସମ୍ରାଟଙ୍କର ବାକ୍ୟର ଖଣ୍ଡନ କେହି କରନ୍ତିନାହିଁ । କିନ୍ତୁ ସମ୍ରାଟ, ଏକଥା ସ୍ମରଣ ରଖନ୍ତୁ, ସମସ୍ତ ଜଗତର ସମ୍ପଦ ବିନିମୟରେ 'ଭାରତବାସୀ' କେବେ ମିଥ୍ୟାଚରଣ କରେନାହିଁ ।" ସେକେନ୍ଦର ସାହା ଟିକିଏ ଭ୍ରୂକୁଞ୍ଚନ କରି କହିଲେ, "ଯୁବକ ତୁମର ଉତ୍ସାହ ଉତ୍ତେଜନା ଯଥେଷ୍ଟ ଅଛି । କିନ୍ତୁ ତୁମେ ଯଦି ପିତୃରାଜ୍ୟ ଉଦ୍ଧାର କାମନା କର, ତେବେ ମୋର ସାହାଯ୍ୟ ନେଇପାର ।" ଚନ୍ଦ୍ରଗୁପ୍ତ ଟିକିଏ ନୀରବ ହେଲେ । ପରେ କହିଲେ, "ସମ୍ରାଟ ଆପଣଙ୍କ ଅଯାଚିତ ଅନୁଗ୍ରହ ଯୋଗୁଁ ମୁଁ ଆପଣଙ୍କ ଠାରେ କୃତଜ୍ଞ ରହିଲି । କିନ୍ତୁ ଏ ଦେଶୀୟ କ୍ଷତ୍ରିୟ ବିଦେଶୀୟ ନିକଟରେ ଭିକ୍ଷାପାତ୍ର ଧରି ଦଣ୍ଡାୟମାନ ହେବା ଆର୍ଯ୍ୟଧର୍ମ ବିରୁଦ୍ଧ । ସମ୍ଭବ ହେଲେ ନିଜ ତରବାରି ସହାୟ୍ୟରେ ଉଦ୍ଦେଶ୍ୟ ସିଦ୍ଧ କରିବି, ନଚେତ୍ ବନବାସହିଁ ଚିରଦିନ ମୋ ଭାଗ୍ୟଲେଖା ।" ସେକେନ୍ଦର ଚିନ୍ତା କଲେ, ସମରନୀତି ଅନୁସାରେ ଅପରିଚିତ ବ୍ୟକ୍ତି

Digitized by srujanika@gmail.com

ଶିବର ମୁଖରେ ଚଢ଼ିବା ନାସ୍ଥମଚରୁକ । ସେ କହିଲେ, "ତୁମେ ମଗଧ ସିଂହାସନ ପାଇଁ ସଚେଷ୍ଟ, ସେଥିରେ କାହାର କୌଣସି ଆପତ୍ତି ନାହିଁ । କିନ୍ତୁ ତୁମେ ଯେ ଦିନେ ମୋ ଅଧିକୃତ ପ୍ରଦେଶ ବିରୁଦ୍ଧରେ ଦଣ୍ଡାୟମାନ ନହେବ, ସେଥିରେ ନିଶ୍ଚୟତା କଅଣ ଅଛି ? ସୁତରାଂ ତୁମେ ମୋର ବନ୍ଦୀ ।" ଚନ୍ଦ୍ରଗୁପ୍ତ ଉତ୍ତର ଦେଲେ "ଠିକ୍ ଅନୁମାନ କରିଛନ୍ତି ସମ୍ରାଟ । ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ ସେ କଳ୍ପନା କରିନଥିଲେହେଁ, ହୁଏତ ଦିନେ ବାଧ ହୋଇ ତାହା କରିପାରେ । ତାହାତ ସ୍ୱାଭାବିକ । ସେଥି ପାଇଁ କ'ଣ ଗ୍ରୀକସମ୍ରାଟ ବର୍ତ୍ତମାନ ସହାୟ-ସମ୍ବଳ-ହୀନ ଚନ୍ଦ୍ରଗୁପ୍ତଙ୍କୁ ଭୟ କରନ୍ତି ?" ଗ୍ରୀକ ସମ୍ରାଟ ଲଜ୍ଜିତ ହେଲେ । ତାଙ୍କ ବୀର ହୃଦୟ ଉପରେ ଏହାହିଁ ପ୍ରଥମ ଆଘାତ, ତାଙ୍କ ଅଖଣ୍ଡ କୀର୍ତ୍ତି ରାଶିରେ ଏହାହିଁ ପ୍ରଥମ କଳଙ୍କରେଖା । ଚନ୍ଦ୍ରଗୁପ୍ତ ପୁଣି କହିଲେ, "ମୁଁ ଯଦି ଆପଣଙ୍କୁ ଆକ୍ରମଣ କରିବା ଭୟର ଅବକାଶ ଅଛି, ତାହାହେଲେ ଆପଣ ସୈନ୍ୟ ସାମନ୍ତ ଦେଇ ମୋ 'ସାହାଯ୍ୟରେ' ମଗଧ ଜୟ କଲାପରେ ତାହା ଗ୍ରୀକ ସାମ୍ରାଜ୍ୟ ଭୁକ୍ତ ନକରିବେ, ସେଥିର ସ୍ଥିରତା ବା କଅଣ ? ସମ୍ରାଟ, ଏଦେଶର ରାଜନୀତି ଆଧ୍ୟାତ୍ମିକ ଭିତ୍ତି ଉପରେ ପ୍ରତିଷ୍ଠିତ । ତେଣୁ ନ୍ୟାୟ ବର୍ଜିତ ବିଦେଶ ଆକ୍ରମଣ କିମ୍ବା ବିଦେଶୀୟଙ୍କ ସାହାଯ୍ୟଗ୍ରହଣ ନକରିବା ଏ ଦେଶର ରୀତି । ବିଦେଶୀୟ ସାହାଯ୍ୟ ଗ୍ରହଣ କରିବା ଅର୍ଥ, ଶତ୍ରୁକୁ ନିମନ୍ତ୍ରଣ କରି ଆଣି ନିଜର ସିଂହାସନ ପ୍ରଦାନ କରିବା ।" ସେକେନ୍ଦର କିଂକର୍ତ୍ତବ୍ୟବିମୂଢ଼ ହେଲେ । ସେ କହିଲେ, "ତାହାହେଲେ ତୁମର ଉଦ୍ଦେଶ୍ୟ, ପ୍ରଥମେ ମଗଧ ଜୟ କରି ପରେ ସମଗ୍ର ଭାରତ ନିଜର ଶାସନାଧୀନ କରିବା ।" ଚନ୍ଦ୍ରଗୁପ୍ତ କହିଲେ, "ଆପଣ ଯେପରି ଅନୁମାନ କରିପାରନ୍ତି । ମନୋରାଜ୍ୟରେ ପ୍ରତ୍ୟେକ ସ୍ୱାଧୀନ । ମୁଁ ସେପରି କରିବି, ଏଥିରେ ଆଶ୍ଚର୍ଯ୍ୟ ବା କଅଣ ଅଛି ? ତେବେ ବର୍ତ୍ତମାନ ଅବସ୍ଥାରେ ସୁଦୂର କଳ୍ପନାର ଆଲୋଚନାର ସ୍ଥାନ ନାହିଁ ।" ଯୁବକର

Digitized by srujanika@gmail.com

ସ୍ପଷ୍ଟବାଦିତା ଏବଂ ଓଜସ୍ୱିତାର ବିସ୍ମୟ ମୁଗ୍ଧ ହୋଇ ସେକେନ୍ଦର ସାହା କହିଲେ, "ସାଧୁ ଯୁବକ, ସାଧୁ ! ତୁମର ସାହସ, ଶୌର୍ଯ୍ୟ, ଆତ୍ମନିର୍ଭର-ଶୀଳତା, ସତତାରେ ମୁଁ ପ୍ରୀତ ହୋଇଅଛି । ଏହିସବୁ ଗୁଣ ବଳରେ ଦିନେ ତୁମେ ଏହି ଭାରତର ଏକଚ୍ଛତ୍ର ସମ୍ରାଟ ହେବ ଏବଂ ଗୋଟିଏ ଅଖଣ୍ଡ ଶାନ୍ତ ସମୃଦ୍ଧିଶାଳୀ ସାମ୍ରାଜ୍ୟ ସ୍ଥାପନ କରିବ ।" ଚନ୍ଦ୍ରଗୁପ୍ତ, ସମ୍ମାନ ପ୍ରଦର୍ଶନ କରି ବିଦାୟ ନେଲେ ।

ସେକେନ୍ଦର କିଛିକ୍ଷଣ ଗମ୍ଭୀର ଚିନ୍ତାରେ ନୀରବ ହେଲେ । ପରେ ସେଲୁକସଙ୍କୁ କହିଲେ, "ସେନାପତି ! ବର୍ତ୍ତମାନ ସସୈନ୍ୟ ପ୍ରତ୍ୟାବର୍ତ୍ତନହିଁ ମୁଁ ଉପଯୁକ୍ତ ମନେ କରେ । ଏ ଜାତି ଗରିମାମୟ, ଶକ୍ତିମୟ । ଏ ଜାତି କେବେହେଁ ପରାଧୀନତା ସହ୍ୟ କରିପାରିବନାହିଁ । ଏ ଜାତିର ସଭ୍ୟତା ଜଗତରେ ଅତୁଳନୀୟ । ଏ ଜାତିର ଭବିଷ୍ୟତ ଉଜ୍ଜ୍ୱଳ ।"

ଗ୍ରୀକ ବାହିନୀ ହିରାଟ ଯିବା ସମୟରୁ ଉପସ୍ଥିତ ହେଲା । ସେକେନ୍ଦର ପୁରୁଙ୍କୁ ତାଙ୍କ ଅଧିକୃତ ସ୍ଥାନର ପରିଚାଳନ ଭାର ଦେଇ ଏବଂ ଆଭ୍ୟନ୍ତରୀଣ ଓ ଅନ୍ୟାନ୍ୟ ଶାସନପାଇଁ ଉପଯୁକ୍ତ ଗ୍ରୀକ ସେନାପତି ନିଯୁକ୍ତ କରି ସୈନ୍ୟସହ ପ୍ରତ୍ୟାବୃତ୍ତ ହେଲେ । ତାଙ୍କର ବିଦାୟ ସଙ୍ଗେ ସଙ୍ଗେ ସମସ୍ତ ସ୍ୱାଧୀନତାପ୍ରିୟ ପାର୍ବତ୍ୟ ଜାତି ଭୀଷଣ ବିଦ୍ରୋହବହ୍ନି ପ୍ରଜ୍ଜ୍ୱଳିତ କଲେ । ଅବସର ଖୋଜି ଚନ୍ଦ୍ରଗୁପ୍ତ ସେ ବିଦ୍ରୋହର ଅଧିନାୟକତ୍ୱ ଗ୍ରହଣ କଲେ । ସେ ସମସ୍ତ ପାର୍ବତ୍ୟ ପ୍ରଦେଶ ଭ୍ରମଣ କରି ପ୍ରତ୍ୟେକଦଳ ସହ ପରିଚିତ ହେଲେ ଏବଂ ନିଜର ସରଳତା ହେତୁ ଅତି ଅଳ୍ପ ସମୟ ମଧ୍ୟରେ ଲୋକପ୍ରିୟ ହୋଇଉଠିଲେ । ବିଦ୍ରୋହ ବୀଜ ବପନ କରି ଅଳ୍ପ ସମୟ ପରେ ଫେରିବେ ବୋଲି ସେମାନଙ୍କୁ ବାକ୍ଦାନ କରି ଚନ୍ଦ୍ରଗୁପ୍ତ ମଗଧ ଉଦ୍ଦେଶ୍ୟରେ ପ୍ରତ୍ୟାବୃତ୍ତ ହେଲେ ।

Digitized by srujanika@gmail.com

ମଳୟକେତୁ

"All things through thee take nobler form,
And look beyond the earth"

× × × ×

"The fountains of my hidden life
Are through thy friendship fair."
—Emerson.

ପାର୍ବତ୍ୟ ପ୍ରଦେଶ ସମୂହ ମଧ୍ୟରେ ମଳୟପୁର ଗୋଟିଏ କ୍ଷୁଦ୍ର ଅଥଚ ଶକ୍ତିଶାଳୀ ରାଜ୍ୟ । ସ୍ୱୟଂ ସେକନ୍ଦର ସାହା ମଧ୍ୟ ମଳୟପୁର-ରାଜ ପର୍ବତକଙ୍କୁ ନିଜ ଅଧୀନତା ସ୍ୱୀକାର କରାଇ ପାରି ନ ଥିଲେ । ରାଜା ପର୍ବତକ ପ୍ରଭୃତି ବଳଶାଳୀ ଓ ଧର୍ମପରାୟଣ ଥିଲେ । ସାଧାରଣ ରାଜ୍ୟପରି ସେଠାରେ ନିୟମିତ ରାଜସ୍ୱ ଆଦାୟ ହେଉ ନ ଥିଲା ଏବଂ ନିୟମିତ ଶାସନର ଆବଶ୍ୟକତା ମଧ୍ୟ ନ ଥିଲା । ଅଧିବାସୀ ଅଧିକାଂଶ ପାର୍ବତ୍ୟ ଜାତି—ସେମାନେ ରାଜାଙ୍କୁ ଦେବତା ତୁଲ୍ୟ ଭକ୍ତି କରୁଥିଲେ । ପ୍ରକୃତି କୋଳରେ ବର୍ଦ୍ଧିତ ଯେଉଁମାନଙ୍କୁ ସଭ୍ୟ ଜଗତରେ ଅସଭ୍ୟ ବର୍ବର କହନ୍ତି, ସେମାନେହିଁ ଏକତାର ମୂଲ୍ୟ, ସତତାର ମହତ୍ତ୍ୱ ଅକ୍ଷୁଣ୍ଣ ରକ୍ଷା କରିଥାନ୍ତି । ମଳୟପୁରବାସୀ ପ୍ରଜା ସମସ୍ତେ ପ୍ରାୟ ଏକାଧାରରେ କୃଷିଜୀବୀ ଏବଂ ସମରନିପୁଣ ଯୋଦ୍ଧା । ଯେ ଯାହାର ଆୟ ଅନୁସାରେ ଶସ୍ୟାଦି ଏବଂ ବନ୍ୟଜାତ ଦ୍ରବ୍ୟ ରାଜାଙ୍କୁ 'ଭେଟି' ଦେଉଥିଲେ । ତାହାହିଁ ଥିଲା ରାଜସ୍ୱ । କିନ୍ତୁ ଆବଶ୍ୟକବେଳେ ସମସ୍ତେ ପ୍ରାଣ ଦେଇ ରାଜାଙ୍କ ନିମନ୍ତେ ଯୁଦ୍ଧ କରିବା ପ୍ରଧାନ ଧର୍ମ ବୋଲି ମନେ କରୁଥିଲେ । ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ ସେମାନେ ନ୍ୟାୟାନ୍ୟାୟ ବିଚାର ନ କରି ରାଜାଙ୍କ ଇଚ୍ଛାନୁଯାୟୀ ଚାଳିତ ହେଉଥିଲେ ।

Digitized by srujanika@gmail.com

ପର୍ବତକଙ୍କ ସହାୟ୍ୟ ଭିକ୍ଷା ହତାଶ ଚନ୍ଦ୍ରଗୁପ୍ତ ମଳୟ ରାଜଧାନୀରେ ଉପସ୍ଥିତ ହେଲେ । ଚତୁର୍ଦ୍ଦିଗରେ ପର୍ବତବେଷ୍ଟିତ କ୍ଷୁଦ୍ର ରାଜଧାନୀର ନଗର-ବିନ୍ୟାସ ପ୍ରଣାଳୀରେ କିଛି ବିଶେଷତ୍ୱ ନଥିଲା—ନାଗରିକ ସଭ୍ୟତାର ଆଲୋକ ସେଠାରେ ପ୍ରବେଶ ନଥିଲା । ରାଜବାଟୀ ମଧ୍ୟ ବିଶେଷତ୍ୱବିହୀନ—ପୂର୍ବଦିଗରେ ବିସ୍ତୀର୍ଣ୍ଣ ପରିଷ୍କୃତ ଜଙ୍ଗଲ ମଧ୍ୟରେ ଅନୁଚ୍ଚ ବୃହତ୍ ମୃତ୍ତିକାଭବନ ରାଜବାଟୀ ରୂପରେ ସ୍ୱତନ୍ତ୍ର ନିର୍ମିତ ହୋଇଥିଲା । ଗୋଟିଏ ଅନୁଚ୍ଚ ମୃତ୍ତିକା ପ୍ରାଚୀର ଚତୁର୍ଦ୍ଦିଗସ୍ଥ କ୍ଷୁଦ୍ର କ୍ଷୁଦ୍ର ପୁଷ୍ପ ବୃକ୍ଷ ଲତାଦିଙ୍କୁ ବେଷ୍ଟନ କରିଥିଲା । ଦ୍ୱାରଦେଶରେ ଦୁଇଜଣ ଭୀଷଣକାୟ ଧନୁର୍ବାଣହସ୍ତ ରକ୍ଷକ ଦଣ୍ଡାୟମାନ ଥିଲେ । ତଥାପି ଦ୍ୱାର ଅବାରିତ—ଚନ୍ଦ୍ରଗୁପ୍ତ ବିନାବାଧାରେ ଭିତରେ ପ୍ରବେଶ କଲେ ।

ସମ୍ମୁଖ ଗୃହରେ ଯୁବରାଜ ମଳୟକେତୁ ଗୋଟିଏ ମାନଚିତ୍ର ଧରି କନିଷ୍ଠା ଭଗିନୀ ମଳୟ ସୁନ୍ଦରୀଙ୍କୁ ଗ୍ରୀକ ଓ ପୁରୁଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ବର୍ଣ୍ଣନ କରୁଅଛନ୍ତି । ପିତାଙ୍କ ଚରଣଠାରୁ ଯାହା ଶୁଣିଥିଲେ, ମୋଟାମୋଟି ସେ ତାହା ଭଗିନୀଙ୍କୁ ବୁଝାଉ ଅଛନ୍ତି । ଅଗରୁ କୁହାଯାଇଅଛି, ସେଠାରେ ନଗରର ସଭ୍ୟତାଲୋକ ପ୍ରବେଶ କରି ନଥିଲା । ସୁତରାଂ ସେଠାରେ ଭଦ୍ରଶ୍ରେଣୀ ବୋଲି କେହି ନଥିଲେ । ଯେ ପାରୁ, ଇଚ୍ଛାକଲେ ମାତ୍ରେ ନୃପରଙ୍କୁ ଯାଇପାରୁ ଥିଲେ ଏବଂ ରାଜକନ୍ୟାଙ୍କୁ ସମସ୍ତେ ଭଗିନୀ, ରାଣୀଙ୍କୁ ମାତା ପରି ବ୍ୟବହାର କରୁଥିଲେ । ରାଜବାଟୀରେ ଅନ୍ତଃପୁର ବୋଲି ସ୍ୱତନ୍ତ୍ର କଡ଼ା ନିୟମର କିଛି ଗୋଟାଏ ପରଦା ନଥିଲା । ମଳୟସୁନ୍ଦରୀ ଯୁଦ୍ଧ ବୃତ୍ତାନ୍ତ ଶୁଣିବାକୁ ସର୍ବଦା ଔତ୍ସୁକ୍ୟ ଦେଖାଉଥିଲେ—ମଧ୍ୟ ସୁବିଧା ମିଳିଲେ ଯୁଦ୍ଧ ଭୂମିରେ ନିଜେ ଯୁଦ୍ଧ କରିବା ଇଚ୍ଛା ଅନେକ ଥର

Digitized by srujanika@gmail.com

ତାଙ୍କଠାରେ ପ୍ରକାଶ କରିଥିଲେ । ସେ ପ୍ରଶ୍ନ କଲେ, "ଅଚ୍ଛା, ମଗଧର ମହାରାଜ ଯଦି ଅନ୍ୟାନ୍ୟ ରାଜାମାନଙ୍କୁ ମିଳାଇ ସେକନ୍ଦରଙ୍କ ବିରୁଦ୍ଧରେ ଯୁଦ୍ଧ କରନ୍ତି, ତାହା ହେଲେ କ'ଣ ସେ ହଟିଯିବେ ନାହିଁ ?" ମଳୟକେତୁ କହିଲେ "ନାମ ମାତ୍ର ମଗଧରେ ଆଜି ନଅଜଣ ରାଜା ଅଛନ୍ତି । ସେମାନେ ସମସ୍ତେ ବିଳାସପ୍ରିୟ —ମନ୍ତ୍ରୀ ରାକ୍ଷସଙ୍କ ଶାସନା ମାନି ଚଳନ୍ତି ନାହିଁ । ଶାସନତନ୍ତ୍ର ପ୍ରତି ସେମାନେ ଏକାବେଳକେ ଉଦାସୀନ । ଆଉ ମଗଧରେ କିଏ ବା ଯୋଦ୍ଧା ଅଛି ଯେ ଗ୍ରୀକମାନଙ୍କ ସହିତ ଯୁଦ୍ଧ କରିବ ? ମଗଧ ସୈନ୍ୟ ଆଜି ବିଶୃଙ୍ଖଳ, ନିର୍ଜୀବ ।" ମଳୟସୁନ୍ଦରୀ ପ୍ରଶ୍ନ କଲେ "ତାଙ୍କର କି କେହି ଉପଯୁକ୍ତ ନାୟକ ନାହାନ୍ତି ?" ମଳୟକେତୁ କହିଲେ—"ବର୍ତ୍ତମାନ ସେନାପତି ଭଗ୍ନସ୍ୱାସ୍ଥ୍ୟ—ସାମାନ୍ୟ ସୈନିକରୁ ଉପଯୁକ୍ତ କର୍ମକୁଶଳ ଅଭାବରେ ସେନାପତି ପଦକୁ ଉନ୍ନୀତ ହୋଇଅଛନ୍ତି । ମଗଧ ରାଜପୁତ୍ର ଚନ୍ଦ୍ରଗୁପ୍ତ ଯେତେବେଳେ ନାୟକ ଥିଲେ, ନନ୍ଦଙ୍କ ମୃତପ୍ରାୟ ସୈନ୍ୟଙ୍କ ମଧ୍ୟରେ ସେ ମୃତସଞ୍ଜୀବନୀ ମନ୍ତ୍ର ଉଚ୍ଚାରଣ କରିଥିଲେ । ସେମାନଙ୍କୁ ନୂତନ ଶିକ୍ଷା ଦେଇ ଗୋଟିଏ ଅଜେୟ ବାହିନୀ ସଂଗଠନ କରିଥିଲେ । ସେ ଭ୍ରାତାମାନଙ୍କ ଅନ୍ୟାୟାଚରଣ ଯୋଗୁଁ ମଗଧ ତ୍ୟାଗ କରି କେଉଁଠାରେ ଅଦୃଶ୍ୟ ହୋଇଅଛନ୍ତି । ଆଜି ଚନ୍ଦ୍ରଗୁପ୍ତ ଥିଲେ ଗ୍ରୀକଗଣଙ୍କୁ ପରାଜିତ କରିବା ପାଇଁ ଅନ୍ୟ ରାଜାଙ୍କ ସାହାଯ୍ୟର ପ୍ରୟୋଜନ ନଥାନ୍ତା ।" ମଳୟସୁନ୍ଦରୀ ଆତୁର ଔତ୍ସୁକ୍ୟ ପ୍ରଦର୍ଶନ କରି କହିଲେ, "ତେବେ ଚନ୍ଦ୍ରଗୁପ୍ତ କି ମଗଧକୁ ଫେରିବେ ନାହିଁ ?"

ଏହି ସମୟରେ, ଚନ୍ଦ୍ରଗୁପ୍ତ ଦ୍ୱାରଦେଶରେ ପହଞ୍ଚି ଟିକିଏ ଭିତରକୁ ଚାହିଁଲେ । ହଠାତ୍ ଅପରିଚିତ ଯୁବକଙ୍କୁ ଦେଖି ମଳୟସୁନ୍ଦରୀ ଅନ୍ତଃପୁରକୁ ପ୍ରସ୍ଥାନ କଲେ । ମଳୟକେତୁ ମଧ୍ୟ

ଟିକିଏ ବିସ୍ମିତ ହୋଇ ଆସନରୁ ଉଠି ଆଗନ୍ତୁକଙ୍କୁ ପ୍ରଣାମପୂର୍ବକ ଅଭ୍ୟର୍ଥନା କଲେ ଏବଂ ଗୋଟିଏ ସମୁଚ୍ଚ ଆସନରେ ବସାଇଲେ । ଅଧିରଥ ଅରଣ୍ୟ ପର୍ବତରେ ପରିଭ୍ରମଣ କରି ଶୀର୍ଣ୍ଣ ଦେଖାଗଲେ ମୁଦ୍ଧା ଚନ୍ଦ୍ରଗୁପ୍ତଙ୍କ ବଳିଷ୍ଠ ସୁନ୍ଦର ଶରୀର ଦେଖି, ବିଶେଷତଃ ତାଙ୍କ ମୁଖରେ ସରଳତାର ପରିଚୟ ପାଇ ମଳୟକେତୁ ମୁଗ୍ଧ ହେଲେ । ଚନ୍ଦ୍ରଗୁପ୍ତଙ୍କ ତୁଳନାରେ ସେ ଖର୍ବକାୟ, ଅଳ୍ପବୟସ୍କ; ଦେଖିଲେ ଯେ କେହି ତାଙ୍କୁ ବାଳକ ମନେ କରିବେ, ଯେହେତୁ ତାଙ୍କ ଅଙ୍ଗସୌଷ୍ଠବର ପୂର୍ଣ୍ଣତା ସେତେବେଳକୁ ସମ୍ପାଦିତ ହୋଇ ନଥିଲା । ନବଜାତ ବାଳଶ୍ମଶ୍ରୁ ନବୀନ ଯୌବନର ପ୍ରଥମ ମୁଦ୍ରା ମୁଖମଣ୍ଡଳରେ ସଦ୍ୟ ଅଙ୍କିତ କରିଥିଲା । ଶ୍ୟାମଳ, ସୁସମାହିତ ବଦନରେ ବାଳସୁଲଭ ଅକୁଣ୍ଠିମନା ପ୍ରବୃତ୍ତି ମାତ୍ରାରେ ପ୍ରକଟିତ ହେଉଥିଲା । ଏପର୍ଯ୍ୟନ୍ତ ମଳୟକେତୁ ସଂସାରର କୌଣସି କଣ୍ଟକମୟ ପଥର ପରିଚୟ ପାଇ ନଥିଲେ—ଏପରିକି ସ୍ତ୍ରୀ ଓ ପୁରୁଷ ଏ ଉଭୟବିଧ ସୃଷ୍ଟିର ଉଦ୍ଦେଶ୍ୟ ପର୍ଯ୍ୟନ୍ତ ସେ ବୁଝି ନଥିଲେ ।

ଉଭୟେ ଉଭୟଙ୍କ ରୂପ ଯୌବନରେ ମୁଗ୍ଧ ହୋଇ ପରସ୍ପର ସ୍ନେହପାଶରେ ପ୍ରଥମ ସାକ୍ଷାତରେ ଆବଦ୍ଧ ହେଲେ । କିଛି ସମୟ ମଧ୍ୟରେ ଉଭୟେ ଉଭୟଙ୍କର ପରିଚୟ ଲାଭ କରି ପରିତୃପ୍ତ ହେଲେ । ଜଣେ ଭୃତ୍ୟ ଗୋଟିଏ ପାତ୍ରରେ କେତେଗୁଡ଼ିଏ ଉତ୍କୃଷ୍ଟ ଫଳମୂଳ ଆଣି ଆଗନ୍ତୁକଙ୍କ ସମ୍ମୁଖରେ ଉପସ୍ଥାପିତ କଲା । ଏହା ପାର୍ବତ୍ୟ ଜାତିର ପାରମ୍ପରିକ ଅଭ୍ୟର୍ଥନା । ଚନ୍ଦ୍ରଗୁପ୍ତ କହିଲେ "ମୋ ପିତାଙ୍କ ରାଜ୍ୟର ପୁନରୁଦ୍ଧାର ନିମନ୍ତେ ମୁଁ ମଗଧ 'ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବି, ଆପଣ ମୋତେ ସହାୟ ହେବେ' ବୋଲି ଆପଣଙ୍କ ପିତା ମହୋଦୟଙ୍କ ସାକ୍ଷାତ ଓ ସହାୟ ଭିକ୍ଷା ପାଇଁ ମୁଁ ଆସିଛି ଆପଣଙ୍କ

Digitized by srujanika@gmail.com



ରଣାଙ୍ଗନରେ ସୁଭଦ୍ରାଙ୍କ ରଥ .

Digitized by srujanika@gmail.com

ଦ୍ୱାରସ୍ଥ ।" ମଳୟକେତୁ କହିଲେ "ଆପଣ ଆଜି ଆମର ନବୀନ ଅତିଥି ହେଲେ ସୁଦ୍ଧା ଏ ଗୃହ, ଏ ରାଜ୍ୟ ସବୁ ଆପଣଙ୍କର ବୋଲି ମନେ କରନ୍ତୁ । ମୁଁ ଆପଣଙ୍କ ହାତରେ ମୋର ସମସ୍ତ ପାଦାତ୍ୟ ସୈନ୍ୟ ଅର୍ପଣ କରିବି ଏବଂ ନିଜେ ପ୍ରାଣପଣ କରି ଯୁଦ୍ଧରେ ସାହାଯ୍ୟ କରିବି । ବନ୍ଧୁ ପ୍ରତି ବନ୍ଧୁର ଅଦେୟ କିଛି ନାହିଁ ।"

ମଳୟସୁନ୍ଦରୀ କାନ୍ଥ ଆଢ଼ୁଆଳରେ ରହି ସମସ୍ତ କଥାବାର୍ତ୍ତା ଶୁଣୁଥିଲେ । ସେ ଅଲକ୍ଷିତ ଭାବରେ ଚନ୍ଦ୍ରଗୁପ୍ତଙ୍କୁ ପୁଣି ପୁଣି ନିରୀକ୍ଷଣ କରିବାକୁ ଲାଗିଲେ । ଥରେ ଚାହିଁ ଆଉ ଥରେ ଚାହିଁଲେ ମଧ୍ୟ ପୁଣି ଚାହିଁବାକୁ ଇଚ୍ଛା ହେଉଥିଲା । ଚାହିଁବାରେ ଏତେ ସୁଖ, ଆଜି ସେ ଅନୁଭବ କଲେ । ଚନ୍ଦ୍ରଗୁପ୍ତଙ୍କ ବୀରତ୍ୱ ସମ୍ବନ୍ଧରେ ସେ ଭାଇଙ୍କଠାରୁ ଯାହା ଶୁଣିଥିଲେ, ଆଜି ସେ କଥାର ପ୍ରମାଣ ମିଳିଲା । ଚନ୍ଦ୍ରଗୁପ୍ତଙ୍କ ବୀରତ୍ୱ ସହିତ ନିଜ ବୀରତ୍ୱର ପ୍ରତିଯୋଗିତା ଓ ପରୀକ୍ଷା କରିବା ପାଇଁ କପରି ମନ ଅସ୍ଥିର ହେଲା; ପୁଣି ଭାବିଲେ, ପ୍ରତିଯୋଗିତା ଅପେକ୍ଷା ସହଯୋଗିତାରେ ଅଧିକ ଗୌରବ, ଅଧିକ ସୁଖ । ଅର୍ଜ୍ଜୁନ ଓ ସୁଭଦ୍ରାଙ୍କ ସମ୍ବନ୍ଧର ଚିତ୍ର କାନ୍ଥ ଉପରେ ଝୁଲୁଥିଲା । ପ୍ରଧାନତଃ ସେ ଚିତ୍ର ଦେଖି ମଳୟସୁନ୍ଦରୀଙ୍କ ମନରେ ବୀର ରମଣୀ ହେବା ସଙ୍କଳ୍ପ ବହୁ ଦିନରୁ ଉଦିତ ହୋଇଥିଲା । ଆଜି ଚନ୍ଦ୍ରଗୁପ୍ତଙ୍କୁ ଦେଖି ସେ କଳ୍ପନା ଯେପରି ରକ୍ତମାଂସ ଶରୀର ଧାରଣ କରି ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ହେଲା । ଚନ୍ଦ୍ରଗୁପ୍ତ ବୟୋଜ୍ୟେଷ୍ଠ, ତାଙ୍କୁ ସମ୍ମାନ ଦେଖାଇ ନ ଥିବାରୁ ସେ ମନେ ମନେ ଲଜ୍ଜିତା ହୋଇ ସେ ସ୍ଥାନରୁ ପ୍ରସ୍ଥାନ କଲେ । କିନ୍ତୁ କି ଏକ ଅସ୍ଥିରତା ତାଙ୍କ ପ୍ରାଣରେ ଜାଗରୂକ ହୋଇ ତାଙ୍କୁ କେଉଁଠାରେ ନିଶ୍ଚିନ୍ତ ରଖାଇ ଦେଲା ନାହିଁ ।

Digitized by srujanika@gmail.com

ମଳୟକେତୁଙ୍କ ବାରମ୍ବାର ଅନୁରୋଧରେ ଚନ୍ଦ୍ରଗୁପ୍ତ ଗୋଟିଏ ଫଳ ଗ୍ରହଣ କରି କହିଲେ—"ଆପଣଙ୍କ ପାର୍ବତ୍ୟ ସୈନ୍ୟଙ୍କୁ ମୁଁ ଅପୂର୍ବ ସମର ଶିକ୍ଷା ଦେଇ ଗୋଟିଏ ଦୁର୍ଦ୍ଧର୍ଷ ବାହିନୀ ସଂଗଠନ କରିବି । ବ୍ୟୂହ ଭେଦରେ ସେମାନଙ୍କୁ ଏପରି ପାରଦର୍ଶୀ କରାଇବି, ସେଥିରେ ବିଶୃଙ୍ଖଳିତ ମଗଧ ସୈନ୍ୟଙ୍କ କଥା ଛାଡ଼, କୁଟ ଯୁଦ୍ଧପଟୁ ଗ୍ରୀକ ବାହିନୀ ମଧ୍ୟ ଅଳ୍ପ ସମୟ ମଧ୍ୟରେ ବିଧ୍ୱସ୍ତ ହୋଇଯିବ ।" ମଳୟକେତୁ ଟିକିଏ ଚିନ୍ତାକରି କହିଲେ "କିନ୍ତୁ ମନ୍ତ୍ରୀ ରାକ୍ଷସ ବଡ଼ କୁଟ ନୀତିଜ୍ଞ । ସେ ସେନାପତି ହେଲେ ମଗଧ ବିଜୟ କରିବା ଆମ୍ଭ ପକ୍ଷେ ସହଜ ହେବନାହିଁ ।" ଚନ୍ଦ୍ରଗୁପ୍ତ ହାସ୍ୟ ମୁଖରେ କହିଲେ 'ଭୟନାହିଁ ଯୁବରାଜ ! ମୁଁ ବୃଦ୍ଧ-ମନ୍ତ୍ରୀ ଶକଟାରଙ୍କ ସାହାଯ୍ୟ ନେବି । ଶୁଣୁଛି ଯେ ଜଣେ ଅଜ୍ଞାତ ବ୍ରାହ୍ମଣ ଯୁବକ ଚାଣକ୍ୟଙ୍କୁ ଅଳ୍ପ ସମୟ ମଧ୍ୟରେ ରାଜନୀତି ଶିକ୍ଷା ଦେଇ ପଣ୍ଡିତ କରିଅଛନ୍ତି ।"

ଉଭୟେ ସ୍ନାନାହାର ପରେ ବିଶ୍ରାମ କଲେ । ଚନ୍ଦ୍ରଗୁପ୍ତଙ୍କର ଚିନ୍ତା-କ୍ଲିଷ୍ଟ ହୃଦୟରେ ବିଶ୍ରାମ ସୁଖ ଘଟିଲା ନାହିଁ । ସେହି ଚିନ୍ତାର ଉପଶମ କରିବା ପାଇଁ ସେ ଏକାକୀ ରାଜବାଟୀ ଅଦୂରସ୍ଥ ଉପବନରେ ପରିଭ୍ରମଣ କରିବାକୁ ଲାଗିଲେ । ଉଦ୍ୟାନଟି ଗୋଟିଏ କ୍ଷୁଦ୍ର ବେଷ୍ଟିତ ଜଙ୍ଗଲ କହିଲେ ଅତ୍ୟୁକ୍ତି ହେବନାହିଁ । ନାନା ବନ୍ୟ ବୃକ୍ଷଲତାରେ ତାହା ସୁଶୋଭିତ ଥିଲା । ଚନ୍ଦ୍ରଗୁପ୍ତ ଗୋଟିଏ ପ୍ରସ୍ତର ଉପରେ ଉପବେଶନ କରି ପୁଣି ଚିନ୍ତାସ୍ରୋତରେ ଭାସିଲେ । ମଗଧ ସିଂହାସନ ଉଦ୍ଧାର କରିବା ପାଇଁ ସେ ନାନା କଳ୍ପନା କରିବାକୁ ଲାଗିଲେ । ମଗଧ ସୈନ୍ୟ ତାଙ୍କ ଅନୁଗତ । ତଥାପି ସେ ସେମାନଙ୍କୁ ପ୍ରଭୁଭକ୍ତି ଶିକ୍ଷା ଦେଇ ଅଛନ୍ତି, ବିଦ୍ରୋହୀ ହେବା ବିରୁଦ୍ଧରେ କେତେ ସଦୁପଦେଶ ଦେଇ-ଅଛନ୍ତି; ସେନାପତି ମନୁଷ୍ୟ ହେଉ ବା ମୂର୍ତ୍ତିମନ୍ତ ହେଉ, କାଷ୍ଠ ବା

Digitized by srujanika@gmail.com

ପାଷାଣ ହେଉ, ସୈନ୍ୟମାନେ ତାଙ୍କ ଆଜ୍ଞାନୁବର୍ତ୍ତୀ ହେବା କର୍ତ୍ତବ୍ୟ—ଏହି ସାମରିକ ଶୃଙ୍ଖଳାରେ ସେ ସେମାନଙ୍କୁ ଅଭ୍ୟସ୍ତ କରାଇ ଅଛନ୍ତି । ରାଜା ଅତ୍ୟାଗ୍ରହୀ, ସେନାପତି ଅକର୍ମଣ୍ୟ ହେଲେ ସେମାନେ ପ୍ରକାଶ୍ୟ ଭାବରେ କାର୍ଯ୍ୟତ୍ୟାଗ କରିପାରନ୍ତି । କିନ୍ତୁ ଗୋପନ-ବିଦ୍ରୋହ ବା ବିଶ୍ୱାସଘାତକତା ମହାପାପ ଏବଂ ଯୋଦ୍ଧା ପକ୍ଷରେ ନିତାନ୍ତ କଳଙ୍କ ଓ ନିନ୍ଦାର ବିଷୟ ବୋଲି ସେ ବହୁବାର ସେମାନଙ୍କୁ କହିଅଛନ୍ତି । ଆଜି ସେ ନିଜେ ପୁଣି ନୃପର ବିଦ୍ରୋହୀ ହେବା ସକାଶେ ସେମାନଙ୍କୁ ଅନୁରୋଧ କରିବେ ? ଏପରି ନିନ୍ଦ୍ୟ-ଗର୍ହିତ ଆଚରଣରେ ସେମାନଙ୍କୁ ପ୍ରବର୍ତ୍ତାଇବା ସମର-ଶାସ୍ତ୍ରର ଅବମାନନା ହେବ ମାତ୍ର । ସେ ନିଜେ ଯୋଦ୍ଧା ହୋଇ ତାହା କିପରି କରିବେ ? ଚନ୍ଦ୍ରଗୁପ୍ତ ଚିନ୍ତାରେ ଅଧୀର ହେଲେ ।

ମଳୟକେତୁ ଖୋଜି ଖୋଜି ତାଙ୍କୁ ଚିନ୍ତାମଗ୍ନ ଦେଖି ଫେରିଗଲେ । ସେ ନିଜେ ତାଙ୍କ ଚିନ୍ତା ଭଙ୍ଗ କରିବାକୁ ତାଙ୍କର ଇଚ୍ଛା ହେଲା ନାହିଁ । ଗଭୀର ଚିନ୍ତାରେ ମଧ୍ୟ ସୁଖ ଅଛି, ଏକଥା ମଳୟକେତୁ ଜାଣି ନଥିଲେ । ତାଥାପି ତାଙ୍କ ଚିନ୍ତାରେ ସେ ସମୟରେ ଅଯଥା ବାଧା ପ୍ରଦାନ କରିବା ଉଚିତ ମନେ କଲେନାହିଁ ; ମଳୟକେତୁଙ୍କ ପରେ ମଳୟସୁନ୍ଦରୀ ଆସି କେତେଥର ତାଙ୍କ ସମ୍ମୁଖରେ ଯାଆସ କଲେ । ତାଙ୍କୁ ଚିନ୍ତାମଗ୍ନ ଦେଖି ଫେରିଯାଇ ଅଦୂରରେ କେତେଗୁଡ଼ିଏ ବନ ଫୁଲ ତୋଳି ମାଳା ଗୁନ୍ଥି ବସିଲେ । ପଲେ ମୟୂରୀ ଭୟଙ୍କର କେକାରବ କରି ତାଙ୍କ ନିକଟରେ ଦଉଡ଼ିଗଲେ—ଚନ୍ଦ୍ରଗୁପ୍ତଙ୍କର ଚିନ୍ତାଭଙ୍ଗ ହେଲା । ସେଠାରୁ ଉଠି ଧୀରେ ଧୀରେ ସେ ରାଜଧାନୀ ଉଦ୍ଦେଶ୍ୟରେ ଫେରିବାକୁ ଲାଗିଲେ । କିଛି ଦୂର ଯାଇଁ ଦେଖିଲେ, ଜଣେ କିଶୋରୀ ବାଳିକା ନିବିଷ୍ଟ ମନରେ ଫୁଲ ଗୁନ୍ଥୁଅଛି । ରାଜ-

Digitized by srujanika@gmail.com

ତାଙ୍କଠାରେ ଉପସ୍ଥିତ ହେବା ଛଣି ସେ ଥରେ ମାତ୍ର ରାଜକନ୍ୟାଙ୍କୁ ଦେଖିଥିଲେ । ବର୍ତ୍ତମାନ ଜଣାଗଲା ଯେପରି ଶ୍ୟାମଳବରଣୀ ନବତରୁଣୀ ବନଦେବୀ ବନମାଳ ଗୁନ୍ଥୁଅଛନ୍ତି । ନିକଟକୁ ଯାଇ ସେ ପଚାରିଲେ, “ଆପଣ କିଏ ?” ମଳୟସୁନ୍ଦରୀ ଚନ୍ଦ୍ରଗୁପ୍ତଙ୍କ ପ୍ରତି ଲକ୍ଷ୍ୟ କରି ‘ଢଳଢଳ ସୁକୁମାର ମୁଖ ଟେକି ଚାହିଁଲେ । ଟିକିଏ ଗମ୍ଭୀର ହୋଇ କହିଲେ, “ମୁଁ କିଏ, ପରେ ଜାଣିବେ । କିନ୍ତୁ ଆପଣ ପରା ମଗଧର ରାଜପୁତ୍ର, ସଭ୍ୟ ଦେଶର ଲୋକ । ମୋ ପରି ଜଣେ ବାଳିକାକୁ ‘ଆପଣ’ ସମ୍ବୋଧନ କରିବା କଣ ଠିକ୍ ହୋଇଅଛି ?” ଚନ୍ଦ୍ରଗୁପ୍ତ ଉତ୍ତର ଦେଲେ “ନହେବ କାହିଁକି ? ରାଜକନ୍ୟାଙ୍କୁ ଆପଣ ସମ୍ବୋଧନ କରିବାରେ କ’ଣ ଦୋଷାବହ ?” ମଳୟସୁନ୍ଦରୀ ଈଷତ୍ କୃତ୍ରିମ ରାଗ ପ୍ରକାଶ କରି କହିଲେ— “ଆପଣ କେବଳ ଅଭଦ୍ର ବୋଲି ଭାବିଥିଲି, କାରଣ ଆପଣଙ୍କ ନିକଟରେ ମୁଁ କେତେଥର ଯାତାୟାତ କଲେ ସୁଦ୍ଧା ଟିକିଏ ମଧ୍ୟ ଚାହିଁଲେ ନାହିଁ । କିନ୍ତୁ ବର୍ତ୍ତମାନ ଦେଖୁଛି, ଆପଣ କପଟୀ ମଧ୍ୟ; କାରଣ ମୁଁ ରାଜକନ୍ୟା ଜାଣି ସୁଦ୍ଧା ମୋର ପରିଚୟ ଜିଜ୍ଞାସା କରୁଅଛନ୍ତି ।”

ଚନ୍ଦ୍ରଗୁପ୍ତ ଅପ୍ରତିଭ ହେଲେ । ସେ ବିନୀତ କଣ୍ଠରେ କହିଲେ “ରାଜପୁତ୍ରି ! ମୋର ଦୋଷ ମାର୍ଜ୍ଜନା କର ।” ମଳୟସୁନ୍ଦରୀ ପୁଣି କହିଲେ, “ଦୋଷ କରି କ୍ଷମା ମାଗିଲେ ବୋଧହୁଏ ସବୁ କ୍ଷମଣୀୟ । ଏହା ସଭ୍ୟ ଦେଶର ରୀତି ହୋଇପାରେ । ପୁଣି ଆପଣ ପରା ନାରୀକି ଦୁର୍ବଳା କହନ୍ତି ? ଆପଣ ନାରୀଠାରୁ ଦୁର୍ବଳ; କିଆଁ କଥାକେ ଯେ କାନ୍ଦନ୍ତି ।” ଚନ୍ଦ୍ରଗୁପ୍ତ ପ୍ରମାଦ ଗଣିଲେ, କହିଲେ, “ରାଜପୁତ୍ରି, ମୋତେ ଅଧିକ ଲଜ୍ଜିତ କରନାହିଁ । ମୁଁ ଆଉ ତମ ସଙ୍ଗେ ପାରିବି ନାହିଁ ।” ରାଜକନ୍ୟା ଅନୁଚ୍ଚ ସ୍ୱରରେ କହିବାକୁ ଲାଗିଲେ “ତାହାହେଲେ ଆପଣ ସ୍ୱୀକାର କରନ୍ତି ଯେ ନାରୀଠାରୁ ପୁରୁଷ ନ୍ୟୂନ— ଆପଣ ହାରି ମାନନ୍ତି ?”

Digitized by srujanika@gmail.com

ଅଦ୍ଭୁତ ମିଳନ

Digitized by srujanika@gmail.com

ଚନ୍ଦ୍ରଗୁପ୍ତ ନୀରବ ହେଲେ । ମଳୟସୁନ୍ଦରୀ ପୁଣି କହିଲେ "ମୌନ ସମ୍ମତିର ଲକ୍ଷଣ । ଆପଣମାନେ ଶାସ୍ତ୍ରରେ ଲେଖିଛନ୍ତି ଯେ ପୁରୁଷ ନାରୀଠାରୁ ସବୁଗୁଣରେ ଶ୍ରେଷ୍ଠ । କିନ୍ତୁ ମୁଁ ଦେଖୁଛି, ମଗଧର ରାଜପୁତ୍ରଙ୍କ ପରି ବିଖ୍ୟାତ ଶରୀରମଧ୍ୟ ସାମାନ୍ୟ ବାଳିକା ଅପେକ୍ଷା ଦୁର୍ବଳ ।" ଚନ୍ଦ୍ରଗୁପ୍ତ ନୀରବ ହୋଇ କିଛି କ୍ଷଣ ପରେ କହିଲେ "ମୁଁ ଉଦ୍ୟାନରେ ବସିଥିବା ବେଳେ ଦୁଶ୍ଚିନ୍ତାରେ ବାହ୍ୟଜ୍ଞାନଶୂନ୍ୟ ହୋଇଥିଲି । ତେଣୁ ଆପଣଙ୍କୁ ଯାତାୟାତ ବେଳେ ଦେଖିପାରିଲି ନାହିଁ ।"

"ତାହାହେଲେ ଆପଣ ନିଷ୍ଚୟ ବାତୁଳ । ସାଧାରଣତଃ ଲୋକେ ଉଦ୍ୟାନକୁ ଦୁଶ୍ଚିନ୍ତା ଦୂର କରିବାକୁ ଯାଆନ୍ତି, କିନ୍ତୁ ଦୁଶ୍ଚିନ୍ତାରେ ଭାସି ଯିବାକୁ ନୁହେଁ ।" ଚନ୍ଦ୍ରଗୁପ୍ତ କହିଲେ, "ସେ ଯାହାହେଉ, ରାଜକନ୍ୟା ଏ ଦୀନ ପ୍ରତି ଏତେଦୂର ଅନୁରାଗିଣୀ, ଏଥିରେ ମୁଁ ପରମ ଆପ୍ୟାୟିତ ହୋଇଅଛି । ଅନୁରୋଧ କରୁଅଛି, ଏହିପରି ଅନୁଗ୍ରହ ସର୍ବଦା ଦେଖାଇ ଏ ରାଜବଂଶରେ ମୋ ପ୍ରତି ଚିରଦିନ ଅକ୍ଷୁଣ୍ଣ ରହିବ ।" ମଳୟସୁନ୍ଦରୀ ଆଉ ହସିମାନ ପାରିଲେ ନାହିଁ । ସେ ଉଚ୍ଚହାସ କରି କହିଲେ, "ଆପଣ ଅମ୍ଭମାନଙ୍କର ଅତିଥି । ଅତିଥି ସତ୍କାର କରିବାରେ ମୋର ତ୍ରୁଟି ହୋଇଅଛି ।" ଏହା କହି ବନ୍ୟ ଫୁଲହାରଟି ଚନ୍ଦ୍ରଗୁପ୍ତଙ୍କ କଣ୍ଠରେ ସ୍ୱହସ୍ତରେ ନେଇ ଲମ୍ବାଇଦେଲେ । ଚନ୍ଦ୍ରଗୁପ୍ତ ପ୍ରତ୍ୟୁପହାର ସ୍ୱରୂପ ନିଜ ଅଙ୍ଗୁରୀୟ ତାଙ୍କ ହସ୍ତରେ ପ୍ରଦାନ କଲେ । ରାଜକନ୍ୟା ତାହା ଗ୍ରହଣ କଲେ ନାହିଁ । ସେ କହିଲେ ଯେ ତାଙ୍କ ପାର୍ବତ୍ୟ ଜାତି ପ୍ରତ୍ୟୁପକାର ବା ପ୍ରତ୍ୟୁପକାର ଆଶା ରଖନ୍ତି ନାହିଁ । ଚନ୍ଦ୍ରଗୁପ୍ତ ଉପାୟ ପାଇ କହିଲେ, "ତାହାହେଲେ ମୋର ନାରୀଶ୍ରେଷ୍ଠତା ସ୍ୱୀକାରର ନିଦର୍ଶନ ସ୍ୱରୂପ ଏହା ଗ୍ରହଣ କର ।" ଅଗତ୍ୟା ମଳୟସୁନ୍ଦରୀ କମ୍ପିତ ହସ୍ତରେ ତାହା ଗ୍ରହଣ କରି କହିଲେ, "ରାଜପୁତ୍ରଙ୍କର ସ୍ନେହ ନିଦର୍ଶନ

Digitized by srujanika@gmail.com

ଚିରଦିନ ରହିବ, ବନଫୁଲ ଅଳ୍ପକ୍ଷଣରେ ଯେ ଝଡ଼ିପଡ଼ିବ ।” ଚନ୍ଦ୍ରଗୁପ୍ତ କହିଲେ, “କିନ୍ତୁ ବନ ଫୁଲର ପ୍ରାଣ ଅଛି, ଧାତୁ-ରତ୍ନ-ନିର୍ମିତ ଅଙ୍ଗୁରୀୟ ନିର୍ଜୀବ ପଦାର୍ଥ ମାତ୍ର । ସୁତରାଂ କ୍ଷଣକର ହସମୟ ଜୀବନ ଶତବର୍ଷର ନିର୍ଜୀବତାଠାରୁ ବହୁଗୁଣରେ ଶ୍ରେଷ୍ଠ ।”

ଏହି ସମୟରେ ମଳୟକେତୁ ସେଠାରେ ଉପସ୍ଥିତ ହୋଇ ଭଗିନୀ ପ୍ରତି ଈଷତ୍ କ୍ରୋଧ ପ୍ରକାଶ କରି କହିଲେ, “ବୋଧହୁଏ ଯୁଦ୍ଧ ସମ୍ବାଦ ପାଇଁ ସଖାଙ୍କୁ ବିରକ୍ତ କରୁଛ । ତୁମର ଯୁଦ୍ଧ କୌତୂହଳ କି ନିଭିବ ନାହିଁ ? ମଳୟସୁନ୍ଦରୀ ଭାଇଙ୍କ ଉପରେ ଅଭିମାନ କରି କହିଲେ, “ମୁଁ ଯୁଦ୍ଧ କଥା ଜିଜ୍ଞାସା କରୁନଥିଲି, କରୁଥିଲି ମାନଚଣ ଯୁଦ୍ଧର ଗୌରବ ପାଇଁ ମଗଧ ରାଜପୁରୀ କିମ୍ବା ମଳୟ ରାଜପୁରୀ ବିଖ୍ୟାତ । ସେ ଯାହାହେଉ ପୁରୁଷ ଆଜ ଅବଳାର ଆଧିକ୍ୟ ସ୍ୱୀକାର କରିଅଛି ।” ମଳୟକେତୁ କୃତ୍ରିମ ରାଗ ସହକାରେ ଭଗିନୀଙ୍କ ଗଣ୍ଡରେ କୋମଳ ଚୁଟୁକା ପ୍ରହାର କଲେ । ରାଜପୁତ୍ରୀ ସେଥିରେ ରାଗର ଛଳନାରେ ଦଉଡ଼ି ଯାଇ ରାଜବାଟୀରେ ପ୍ରବେଶ କଲେ । ମଳୟକେତୁ କହିଲେ, “ଏ ଗୋଟାଏ ଉନ୍ମାଦିନୀ—ସବୁବେଳେ ଉଦାସୀନ ରହି ବନ୍ୟ ଫୁଲରେ ମାଳ ଗୁନ୍ଥି ଦିନ ନିଏ, ଅଥଚ ମୋତେ ସହଜରେ ପାଇଲେ ଯୁଦ୍ଧକଥା ପଚାରି ବିରକ୍ତ କରେ । ପ୍ରଥମେ କଳ୍ପନା ସହାୟରେ ସ୍ୱର୍ଗର ହାତୀ ଘୋଡ଼ାଙ୍କ ଯୁଦ୍ଧର ବର୍ଣ୍ଣନ କରୁଥିଲି । ଆଜି କାଲି ସେ ଅଧିକ ଚାଲାକ ହେବାରୁ ପ୍ରକୃତ ଯୁଦ୍ଧର କଳ୍ପନା ରଞ୍ଜିତ ଘଟଣାରେ ମୁଗ୍ଧ କରୁଅଛି ।” ଚନ୍ଦ୍ରଗୁପ୍ତ ଏକଥାରେ ହାସ୍ୟ ସମ୍ବରଣ କରିପାରିଲେ ନାହିଁ ।

ପରଦିନ ସମସ୍ତଙ୍କଠାରୁ ବିଦାୟ ଗ୍ରହଣ କରି ଚନ୍ଦ୍ରଗୁପ୍ତ ମଗଧ ଉଦ୍ଦେଶ୍ୟରେ ପ୍ରତ୍ୟାବର୍ତ୍ତନ କଲେ ।

Digitized by srujanika@gmail.com

ଚାଣକ୍ୟଙ୍କ ସାକ୍ଷାତ

"A colossal soul, he lies vast abroad on his times, uncomprehended by them, and requires a long focal distance to be seen—"

—Emerson

ଚନ୍ଦ୍ରଗୁପ୍ତ ମଳୟକେତୁଙ୍କ ସ୍ନେହସିକ୍ତ ହୋଇ ପାଟଳୀ ପୁରରେ ପଦାର୍ପଣ କଲେ । ସେ ପ୍ରଥମେ ବୃଦ୍ଧ ଶକଟାରଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କ ସାହାଯ୍ୟ ପ୍ରାର୍ଥନା କଲେ । ଶକଟାର ତାଙ୍କୁ ଉତ୍ସାହ ଦେଇ କହିଲେ, "ମୁଁ ଆଉ କର୍ମକ୍ଷେତ୍ରରେ ପ୍ରଧାନ ଅଭିନେତା ହେବ-ନାହିଁ ସୁତରାଂ ଚାଣକ୍ୟଙ୍କୁ ସେଥିପାଇଁ ବହୁ ଯତ୍ନରେ ଗଢ଼ି ଅଛି । ତାଙ୍କୁ ତୁମ ସହାୟ ଓ ଉପଦେଷ୍ଟା ରୂପେ ନିଯୁକ୍ତ କରିବ, ସେ ତୁମର କାର୍ଯ୍ୟୋ-ଦ୍ଧାର କରିବେ ।" ଚନ୍ଦ୍ରଗୁପ୍ତଙ୍କୁ ଅପେକ୍ଷା କରିବାକୁ କହି ଶକଟାର ଚାଣକ୍ୟ ସମ୍ମୁଖରେ ଉପସ୍ଥିତ ହେଲେ । ତାଙ୍କୁ ଦେଖି ଚାଣକ୍ୟ ଭୂମିଷ୍ଠ ପ୍ରଣାମ କଲେ । ଶକଟାର କହିଲେ, "ତୁମ କାର୍ଯ୍ୟ-ସିଦ୍ଧିର ସମୟ ଉପ-ସ୍ଥିତ । ଚନ୍ଦ୍ରଗୁପ୍ତ ବର୍ତ୍ତମାନ ଫେରିଅଛନ୍ତି । ସେ ନନ୍ଦରାଜଗଣଙ୍କୁ ସିଂହା-ସନ ଚ୍ୟୁତ କରିବାପାଇଁ କୃତସଂକଳ୍ପ । ତାଙ୍କ ଦ୍ୱାରା ତୁମର କାର୍ଯ୍ୟ ସିଦ୍ଧି ହେବ ।"

ଚାଣକ୍ୟଙ୍କର ଚିନ୍ତାକ୍ଲିଷ୍ଟ ବଦନ କ୍ଷଣକପାଇଁ ଦୀପ୍ତ ହେଲା, ଚକ୍ଷୁ ପ୍ରଜ୍ୱଳିତ ହେଲା, ମୁଖରେ କ୍ଷୀଣ ହାସ୍ୟ ରେଖା ପ୍ରକଟିତ ହେଲା । ଆଜି ତାଙ୍କ ମାନସ-ଯଜ୍ଞରେ ପ୍ରଥମ ଆହୁତି ଦେବାର ସମୟ ଉପସ୍ଥିତ—ମଗଧର ଧ୍ୱଂସ ଆଜି ତାଙ୍କ ମୁଷ୍ଟିଗତ । ସେ ଶକଟାରଙ୍କ ସହିତ ଚନ୍ଦ୍ରଗୁପ୍ତଙ୍କ ସାକ୍ଷାତ ନିମନ୍ତେ ବାହାରିଲେ । ଚାଣକ୍ୟଙ୍କ ପ୍ରତୀକ୍ଷାରେ ଚନ୍ଦ୍ରଗୁପ୍ତ

Digitized by srujanika@gmail.com

ଦୂରକୁ ଚାହିଁ ରହିଥିଲେ—ତାଙ୍କ ଦୃଷ୍ଟି ଦିଗନ୍ତ ପର୍ଯ୍ୟନ୍ତ ସ୍ପର୍ଶ କରି ନପାରି ମଧ୍ୟରେ ବାଧା ପାଉଥିଲା । ବର୍ତ୍ତମାନ ଚାଣକ୍ୟ ସେ ସଂସ୍ପର୍ଶରେ ଆସିବାରୁ ତାଙ୍କ ରୂପ ଦେଖି ଚନ୍ଦ୍ରଗୁପ୍ତଙ୍କ ନୟନ ସ୍ଥିର ହେଲା । ସେ ସ୍ତମ୍ଭୀଭୂତ ପରି ଦଣ୍ଡାୟମାନ ହେଲେ । କୃଷ୍ଣବର୍ଣ୍ଣ ଶରୀର, ସମ୍ମୁଖ ଦନ୍ତ ବିହୀନ ଅଧର, ରୁକ୍ଷ ମୁକୁଳିତ ଶିଖା, ଶୀର୍ଣ୍ଣ ବିକଳାଙ୍ଗ ଚାଣକ୍ୟଙ୍କୁ ଦେଖି ସେ ସ୍ତମ୍ଭିତ ହେଲେ ।

ଚାଣକ୍ୟ ଅଗ୍ରସର ହେଲେ । ଚନ୍ଦ୍ରଗୁପ୍ତ ଦେଖିଲେ ତାଙ୍କ ଲଲାଟରେ ଚିନ୍ତାର ଗଭୀର ରେଖା, ନୟନରେ ତୀକ୍ଷ୍ଣ ଦୃଷ୍ଟି, ଅଧରରେ ଶଙ୍କାହୀନ କୂଟ ବୁଦ୍ଧିର ଅଦ୍ଭୁତ ହାସ୍ୟ-ଗମ୍ଭୀର ଓ ଉଦ୍ଦେଶ୍ୟ ପୂର୍ଣ୍ଣ । ଚନ୍ଦ୍ରଗୁପ୍ତ ପ୍ରଣାମ କଲେ । ଶକଟାର କହିଲେ, "ଏହି ସେହି ମଗଧ ରାଜ-ପୁତ୍ର ଚନ୍ଦ୍ରଗୁପ୍ତ, ଯେ ପିତାଙ୍କ ରାଜ୍ୟୋଦ୍ଧାର ପାଇଁ ତୁମର ସାହାଯ୍ୟ ଭିକ୍ଷା କରୁଅଛନ୍ତି ।" ଚନ୍ଦ୍ରଗୁପ୍ତ କହିଲେ, "ଆପଣଙ୍କ ପରାମର୍ଶରେ ମୁଁ ଅକ୍ଲେଶରେ ନିଜ ଉଦ୍ଦେଶ୍ୟ ସାଧନ କରିବି । ଆପଣ ଅନୁଗ୍ରହ କରି ମୋର ଉପଦେଷ୍ଟା ହୁଅନ୍ତୁ ।" ଚାଣକ୍ୟ ଥରେ ତୀବ୍ର ଅନ୍ତର୍ଭେଦୀ ଦୃଷ୍ଟିରେ ଚନ୍ଦ୍ରଗୁପ୍ତଙ୍କର ଆପାଦମସ୍ତକ ନିରୀକ୍ଷଣ କଲେ । ମେଘ ଦେହରେ ବିଜୁଳି ପରି ଗୋଟିଏ ଜ୍ୟୋତି ତାଙ୍କ ମୁଖରେ ପ୍ରଦୀପ୍ତ ହୋଇ ନିମିଷକେ ପୁଣି ନିଭିଗଲା । ତାଙ୍କ ଶୀର୍ଣ୍ଣ ଶରୀର ଥରେ ପ୍ରକମ୍ପିତ ହୋଇ ସ୍ଥିର ହେଲା । ସେ ତାଙ୍କ ସହଜ କର୍କଶ ସ୍ୱରରେ କହିଲେ, "ସମସ୍ତ କୋମଳତା ବର୍ଜ୍ଜନ କରି, ରମଣୀର କାତର ବଦନ ପ୍ରତି ଭ୍ରୂକ୍ଷେପ ନକରି, ରକ୍ତର ଆକର୍ଷଣ ଓ ତାର ମାୟାମମତା, ସମସ୍ତ ପରିତ୍ୟାଗ କରି, କଠୋର ରାଜନୀତିର ଆଶ୍ରୟ ନେଇ ମୋର ଅନୁଦେଶମତେ କାର୍ଯ୍ୟ କରି-ବାକୁ ହେବ । ଯଦି ସେପରି କରିପାର, ତାହାହେଲେ ଏ ଅତ୍ୟାଚାରୀ ରାଜବଂଶ ଧ୍ୱଂସ କରି ତୁମକୁ ମଗଧ ସିଂହାସନରେ ବସାଇବି । ଯଦି

Digitized by srujanika@gmail.com

ପାର ପ୍ରସ୍ତୁତ ହୁଅ; ମନେରଖ, ବ୍ରାହ୍ମଣର ତେଜ ଅନ୍ୟାୟ ଅତ୍ୟାଚାରକୁ ଭସ୍ମ କରିବ, ଅତ୍ୟାଚାରୀର ରକ୍ତପାତରେ ଧରିତ୍ରୀବକ୍ଷରୁ ପାପକାଳିମା ବିଧୌତ କରିବ । ବ୍ରାହ୍ମଣର ବ୍ୟବସ୍ଥାରେ ସମାଜ ପୁଣି ସୁଶାସିତ ହେବ, କ୍ଷତ୍ରିୟ ମ୍ଳେଚ୍ଛତ୍ୱ ତ୍ୟାଗ କରି କ୍ଷାତ୍ରୋଚିତ କାର୍ଯ୍ୟରେ ନିଯୁକ୍ତ ହେବ । ବ୍ରାହ୍ମଣର ଆଶୀଷ ବାଣୀରେ ଧରଣୀ ସୁଜଳା, ସୁଫଳା ଶସ୍ୟଶ୍ୟାମଳା ହେବ ।"

ଚାଣକ୍ୟଙ୍କର ସମସ୍ତ ଆଦେଶ ପାଳନ ପାଇଁ ଚନ୍ଦ୍ରଗୁପ୍ତ ସ୍ୱୀକୃତ ହେଲେ, ପ୍ରଳୟ ବାୟୁ ବେଗରେ ଚାଣକ୍ୟ ସେଠାରୁ ପ୍ରସ୍ଥାନ କଲେ ।

—[*]—

ସମର ସଜ୍ଜା

"A good intention clothes itself with sudden power."

—Emerson

ଚାଣକ୍ୟଙ୍କ ଏକାଗ୍ରତା ଅତୁଳନୀୟ, ତାଙ୍କ କଳ୍ପନା ବହୁଦୂର ବିସ୍ତୃତ । ସେହି ଏକାଗ୍ରତା ବଳରେ ସମସ୍ତ ମନପ୍ରାଣ ଢାଳି ସେ ଉପସ୍ଥିତ କର୍ତ୍ତବ୍ୟର ଚିନ୍ତା କରି, ସାଧନର ଉପାୟ ଉଦ୍ଭାବନ କରୁଥିଲେ । କଳ୍ପନା ସୁଧାଶ୍ରୀ ସାମ୍ରାଜ୍ୟରେ ସମ୍ମୁଖରେ ସେ କାଳର ଉଗ୍ର କରାଳ ସଂହାର ମୂର୍ତ୍ତି ଦେଖୁଥିଲେ । ସେହି ମାନସୀ-ମୂର୍ତ୍ତି ସଙ୍ଗେ 'ନିର୍ଜ୍ଜନତା ମଧ୍ୟରେ ସେ ସର୍ବଦା ଆଳାପ କରୁଥିଲେ । ଶ୍ମଶାନ ମଧ୍ୟରେ ଉପସ୍ଥିତ ହୋଇ ବୀଭତ୍ସତାର ସୌନ୍ଦର୍ଯ୍ୟରେ ସେ ବିମୋହିତ ହେଉଥିଲେ, ପ୍ରକୃତିର ଭୀଷଣତାରେ ମୁଗ୍ଧ ହେଉଥିଲେ, ଘନାନ୍ଧକାରରେ ପ୍ରଭୃତ

Digitized by srujanika@gmail.com

ଆନନ୍ଦ ଉପଭୋଗ କରୁଥିଲେ, ସେତକାଂଢ଼ ନିଶାଚରଙ୍କ ରବରେ ବଂଶୀ-ସଙ୍ଗୀତର ମଧୁର ମୂର୍ଚ୍ଛନା ଅନୁଭବ କରୁଥିଲେ ।

ଚାଣକ୍ୟ ଯୁଦ୍ଧର ଆୟୋଜନରେ ମାତିଗଲେ । ଚନ୍ଦ୍ରଗୁପ୍ତ ସେଥିର ନିମିତ୍ତ ମାତ୍ର ହେଲେ । ମହାଭାରତ ଯୁଦ୍ଧ ପରି ଚାଣକ୍ୟ ଅନେକ କ୍ଷୁଦ୍ର କ୍ଷୁଦ୍ର ରାଜାଙ୍କୁ ବନ୍ଧୁତାରେ ବନ୍ଧ କରି ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ରଖିଲେ । ରାଜା ପର୍ବତକଙ୍କୁ ଅର୍ଦ୍ଧରାଜ୍ୟ ଦାନ କରିବେ କହି ଆଗରୁ ତାଙ୍କୁ ସ୍ୱପକ୍ଷୀୟ କରିଥିଲେ । ବର୍ତ୍ତମାନ ଚତୁର ଚାଣକ୍ୟ ତାଙ୍କଠାରେ ପ୍ରସ୍ତାବ କଲେ ଯେ ମଳୟ ସୁନ୍ଦରୀଙ୍କ ସହିତ ଚନ୍ଦ୍ରଗୁପ୍ତ ବିବାହ କରିବେ ଏବଂ ସେ ମଗଧର ସାମ୍ରାଜ୍ଞୀ ହେବେ । ପର୍ବତକ ଏ ଅସାମାନ୍ୟ ଗୌରବରେ ଆନନ୍ଦିତ ହୋଇ ସମସ୍ତ ଆତ୍ମକାର୍ଯ୍ୟ ଛାଡ଼ି ସମର ଆୟୋଜନରେ ଲାଗିଲେ ।

ନନ୍ଦରାଜାଙ୍କ କାର୍ଯ୍ୟକଳାପ ପର୍ଯ୍ୟବେକ୍ଷଣ କରିବା ପାଇଁ ସେ ଅନେକ ଗୁପ୍ତଚର ନିଯୁକ୍ତ କଲେ, କିନ୍ତୁ ଚନ୍ଦ୍ରଗୁପ୍ତଙ୍କ ପର୍ଯ୍ୟନ୍ତ ଏକଥା କେହି ଜାଣିଲେ ନାହିଁ । ଚାଣକ୍ୟ ଯାହା କରୁଥିଲେ କାହାରିକି ସେ କଥାର ଅଣୁମାତ୍ର ଆଭାସ ବିନାପ୍ରୟୋଜନରେ ଦେଉନଥିଲେ । ଗୁପ୍ତଚର ନିଯୁକ୍ତ ଏପରି ନିପୁଣ ଭାବରେ ହୋଇଥିଲା ଯେ କୌଣସି ଦୁଇଜଣ ଚର ପରସ୍ପରର ଉଦ୍ଦେଶ୍ୟ ବୁଝିପାରୁ ନଥିଲେ, କିମ୍ବା ପରସ୍ପରକୁ ଚର ବୋଲି ଜାଣିପାରୁ ନଥିଲେ । ସମୟେ ସମୟେ ଜଣେ ଚରର କାର୍ଯ୍ୟକଳାପରେ ସନ୍ଦେହ କରି ଅନ୍ୟଚର ଚାଣକ୍ୟଙ୍କୁ ସୂଚନା ଦେଉଥିଲେ । ସୁତରାଂ ଚାଣକ୍ୟଙ୍କର କୌଣସି କାର୍ଯ୍ୟ କେହି କେତେବେଳେ ବୁଝି-ପାରୁନଥିଲେ ।

Digitized by srujanika@gmail.com

ଏ ସମସ୍ତ ଆୟୋଜନ ପରେ ସେ ଚନ୍ଦ୍ରଗୁପ୍ତଙ୍କୁ କହିଲେ, "ବତ୍ସ, ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୁଅ । ମଳୟକେତୁଙ୍କ ପାର୍ବତ୍ୟ ସୈନ୍ୟଙ୍କୁ ଶୃଙ୍ଖଳାବଦ୍ଧ ସମରକୌଶଳ ଶିକ୍ଷା ଦିଅ । ସେମାନଙ୍କୁ ନେଇ ଗୋଟିଏ ଅଭେଦ୍ୟ ବ୍ୟୂହରଚନା କର ଏବଂ ତାର ଉତ୍ତରକୋଣ ପର୍ଯ୍ୟନ୍ତ ଗୁପ୍ତ ଭାବରେ ସୈନ୍ୟଙ୍କୁ ସ୍ଥାନେ ସ୍ଥାନେ ଲୁକ୍କାୟିତ ରଖ । ଶତ୍ରୁ ପକ୍ଷର ସମ୍ବାଦ ଜାଣିବା ପାଇଁ ବିଶ୍ୱାସୀ ଗୁପ୍ତଚର ନିଯୁକ୍ତ କର, ଯେପରି ଅନାୟାସରେ ତୁମେ ବିପକ୍ଷର ମତିଗତିର ସମ୍ବାଦ ପାଇ ପାରିବ । ଅମ୍ଭମାନଙ୍କୁ ପରାସ୍ତ କରିବା ପାଇଁ ରାକ୍ଷସ ବିଶେଷ ଭାବରେ ଆୟୋଜନ କରୁଅଛି । ମୁଁ ଜାଣେ ସେ ଅତି ବୁଦ୍ଧିମାନ ଓ ଚତୁର । ତଥାପି ସେ ଅବିଳମ୍ବେ ବୁଝିବ, ତା' ଅପେକ୍ଷା ଆମର ଶକ୍ତି କେତେ ବଡ଼, ତାର କୂଟ ଚକ୍ରାନ୍ତଠାରୁ ଆମର ପ୍ରତିକ୍ରିୟା କେତେ ଊର୍ଦ୍ଧ୍ୱରେ ।"

ଚନ୍ଦ୍ରଗୁପ୍ତ କହିଲେ, "ଆର୍ଯ୍ୟଙ୍କର ଅଭିରୁଚି ଅନୁଯାୟୀ ମୁଁ ପୂର୍ବରୁ ସ୍ଥାନେ ସ୍ଥାନେ ଗୁପ୍ତ ସୈନ୍ୟ ରଖିଅଛି । ସେମାନଙ୍କ ଅସ୍ତିତ୍ୱ ପର୍ଯ୍ୟନ୍ତ କେହି ସନ୍ଦେହ କରିବେ ନାହିଁ । ପୁଣି ନାନା ସ୍ଥାନକୁ ବିଶ୍ୱାସୀ ଗୁପ୍ତଚର ପ୍ରେରଣ କରିଅଛି । ମଳୟକେତୁଙ୍କ ସୈନ୍ୟଙ୍କୁ ନୂତନ ସମରରୀତି ଶିକ୍ଷା ଦେଉଅଛି । ବର୍ତ୍ତମାନ ସମର ସମ୍ବନ୍ଧୀୟ କେତେକ ପରାମର୍ଶ କରିବା ପାଇଁ ପର୍ବତକଙ୍କ ନିକଟକୁ ଯାଉଅଛି ।" ପ୍ରଣାମ କରି ମଳୟକେତୁଙ୍କ ସହ ସେ ପ୍ରସ୍ଥାନ କଲେ ।

ସ୍ଫୀତ ରକ୍ତୋତ୍ପଳ ଜିଘାଂସା ସହିତ ଚାଣକ୍ୟ ଯୁଦ୍ଧର ପ୍ରତୀକ୍ଷା କରିବାକୁ ଲାଗିଲେ । ପ୍ରତିହିଂସାର ଉନ୍ମାଦନାରେ ସେ କେତେବେଳେ ଆନନ୍ଦୋଚ୍ଛ୍ୱଳ, କେତେବେଳେ ବା ଭାବଗମ୍ଭୀର ହେଉଥିଲେ । ଟିକ୍ରା ଟାଏ ସାଧୁ କାର୍ଯ୍ୟ କରିବା ଠିକ୍ ପୂର୍ବରୁ ଆୟୋଜକ ଯେପରି ଅସ୍ଥିର

Digitized by srujanika@gmail.com

ହୁଅନ୍ତ, ଚାଣକ୍ୟ ସେପରି ନାନା 'ଅପ୍ରୋଜନ ମୁହୁର୍ମୁହୁ ପର୍ଯ୍ୟବେକ୍ଷଣ କରିବାକୁ ଲାଗିଲେ, ପୁନଃ ପୁନଃ ଗୁପ୍ତଚରଙ୍କ ସାକ୍ଷାତ କରୁଥିଲେ । ଏ ସବୁର ନୀରବ ସାକ୍ଷୀ ଥିଲା ତାଙ୍କ ଶିଷ୍ୟ ଶାର୍ଙ୍ଗରବ । ସେ ତାଙ୍କୁ ଡାକି କହିଲେ, "ବତ୍ସ, ଗୁରୁଦେବଙ୍କୁ ଥରେ ଏଠାକୁ ନେଇ ଆସ ।" ଶାରଙ୍ଗରବ ଯାଇ ଶକଟାରଙ୍କୁ ନେଇ ଆସିଲେ । ପ୍ରଣାମ କରି ଚାଣକ୍ୟ କହିଲେ, "ଗୁରୁଦେବ, ବର୍ତ୍ତମାନ କାର୍ଯ୍ୟର ସମୟ ଉପସ୍ଥିତ । ଯେଉଁ ବିଷୟ ନୀଚ ଭାବରେ ଆପଣଙ୍କ ବଂଶନାଶନ କରିଅଛି, ତେ ଆଜି ପର୍ଯ୍ୟନ୍ତ ନନ୍ଦରାଜ୍ୟର କର୍ତ୍ତାକର୍ତ୍ତା । ବର୍ତ୍ତମାନ ତାହାର ସେ ଆସନଚ୍ୟୁତ ହେବା ସମୟ ଆସିଅଛି । ବିଶେଷ ପରାମର୍ଶ ଦେଇ ଆପଣ ମୋତେ ଏ ସମୟରେ ସାହାଯ୍ୟ କଲେ ମୁଁ ନିଶ୍ଚୟ କୃତକାର୍ଯ୍ୟ ହେବି ।" ଶକଟାର କହିଲେ, "ଚିନ୍ତା ନାହିଁ, ନିଜେ ତୁମେ ରାକ୍ଷସର ସମସ୍ତ କୂଟନୀତି ବ୍ୟର୍ଥ କରିବାକୁ ସମର୍ଥ । କେବଳ କାର୍ଯ୍ୟ ପାଇଁ ପ୍ରୟୋଜନ ହେଲା ବେଳେ ମୁଁ ଯୋଗ ଦେଇପାରେ । ସେ ପର୍ଯ୍ୟନ୍ତ ମୁଁ ଗୋପନରେ ସମସ୍ତ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରୁଥିବି । ତୁମେ ନିଶ୍ଚୟ ଜୟଲାଭ କରିବ ।" ଆଶୀର୍ବାଦ କରି ଶକଟାର ପ୍ରସ୍ଥାନ କଲେ ।

ଚନ୍ଦ୍ରଗୁପ୍ତ ପାର୍ବତ୍ୟ ସୈନ୍ୟଙ୍କୁ ନୂତନ ସମର ଶିକ୍ଷା ଦେବାକୁ ଲାଗିଲେ । ମଳୟକେତୁଙ୍କ ଅନବରତ ସହଯୋଗିତା, ସୈନ୍ୟମାନଙ୍କ ଆଜ୍ଞାନୁବର୍ତ୍ତିତା, ଚନ୍ଦ୍ରଗୁପ୍ତଙ୍କ କ୍ଷିପ୍ରତା, ଏସବୁ କାରଣରୁ ଅତ୍ୟଳ୍ପ ସମୟରେ ଗୋଟିଏ କ୍ଷୁଦ୍ର ଅଥଚ ଶୃଙ୍ଖଳାବଦ୍ଧ, କର୍ମଠ ସେନା ଗଠନ ସମ୍ପନ୍ନ ହେଲା । ଚାଣକ୍ୟଙ୍କ ଆଦେଶରେ ଗୋଟିଏ ଅରଣ୍ୟ ପରିଷ୍କୃତ ହୋଇ ସେଠାରେ ଗୋଟିଏ ସୁଦୃଢ଼ ଦୁର୍ଗ ନିର୍ମିତ ହେଲା । ସେଥିରେ ସମସ୍ତ ସୈନ୍ୟଙ୍କ ସକାଶେ ତିନିମାସର ଆହାର୍ଯ୍ୟ, ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଆବଶ୍ୟକୀୟ ପଦାର୍ଥ ଚନ୍ଦ୍ରଗୁପ୍ତ ସଂଗ୍ରହ କରି ରଖିଲେ ।

Digitized by srujanika@gmail.com

ଯୁଦ୍ଧର ଏ ସମସ୍ତ ଆୟୋଜନ ପରେ ଚନ୍ଦ୍ରଗୁପ୍ତଙ୍କ ଅଭିଷେକ ବାକି ରହିଲା । ଚନ୍ଦ୍ରଗୁପ୍ତ ଏପର୍ଯ୍ୟନ୍ତ ରାଜା ହୋଇନାହାନ୍ତି । ସୁତରାଂ ଅନ୍ୟାନ୍ୟ ରାଜାଗଣ ତାଙ୍କର ଆଜ୍ଞାନୁବର୍ତ୍ତୀ କପରି ହେବେ ? ରାମଚନ୍ଦ୍ର ଯେପରି ବିଭୀଷଣଙ୍କ ଅଭିଷେକ କରିଥିଲେ, ଚାଣକ୍ୟ ମଧ୍ୟ ଚନ୍ଦ୍ରଗୁପ୍ତଙ୍କ ଅଭିଷେକ କରିବା ପାଇଁ ପ୍ରସ୍ତାବ କଲେ । ଏ ସମ୍ବାଦ ଶ୍ରବଣ କରି ଚନ୍ଦ୍ରଗୁପ୍ତ ପ୍ରଥମେ ସ୍ୱୀକୃତ ହେଲେନାହିଁ । ଚାଣକ୍ୟ କିନ୍ତୁ ଛାଡ଼ିବାର ପାତ୍ର ନଥିଲେ । ସେ ଅଭିଷେକ ସମ୍ଭାର ସହିତ ଚନ୍ଦ୍ରଗୁପ୍ତଙ୍କ ନିକଟବର୍ତ୍ତୀ ହେବାରୁ ଗୁରୁଙ୍କ ସ୍ନେହ ଓ ଅନୁରକ୍ତତା ପ୍ରତି ଚନ୍ଦ୍ରଗୁପ୍ତ ବିଶେଷ ଭାବରେ ଆକୃଷ୍ଟ ହେଲେ । ଆଚାର୍ଯ୍ୟଙ୍କ ସ୍ନେହାତିଶଯ୍ୟରେ ମୁଗ୍ଧ ଓ ଉତ୍ସାହିତ ହୋଇ ଚନ୍ଦ୍ରଗୁପ୍ତ କହିଲେ, "ମୁଁ ଆଜି ଗୁରୁଙ୍କ ପଦସ୍ପର୍ଶ କରି ପ୍ରତିଜ୍ଞା କରୁଛି, ନନ୍ଦବଂଶ ଧ୍ୱଂସ ନକରି ସାମାନ୍ୟ ଅବସର ଗ୍ରହଣ କରିବି ନାହିଁ, ଆଚାର୍ଯ୍ୟଙ୍କ ଅପମାନର ପ୍ରତିଶୋଧ ନନେଇ କୌଣସି ପ୍ରକାର ଆମୋଦରେ ମନୋନିବେଶ କରିବିନାହିଁ, ରାକ୍ଷସଙ୍କୁ ପଦଚ୍ୟୁତ ନକରି ପ୍ରାଣଧାରଣ କରିବି ନାହିଁ ।" ସେ ଅତ୍ୟନ୍ତ ଉଦ୍‌ବ୍ୟକ୍ତ ଓ ଅଧୀର ହେଲେ ।

ଚନ୍ଦ୍ରଗୁପ୍ତଙ୍କୁ ଭଦ୍ରସିଂହାସନରେ ବସାଇ ତୀର୍ଥବାରିରେ ତାଙ୍କ ମସ୍ତକ ସିକ୍ତ କରି ଯଥାରୀତି ତାଙ୍କର ଅଭିଷେକ କରାଗଲା । ପ୍ରଥମେ ପର୍ବତକ, ପରେ ଅନ୍ୟାନ୍ୟ ରାଜନ୍ୟବର୍ଗ ଯେ ଯାହାର 'ଭେଟି' ଆଣି ଚନ୍ଦ୍ରଗୁପ୍ତଙ୍କୁ ପ୍ରଦାନ କରି ନିର୍ଦ୍ଦିଷ୍ଟ ଆସନ ଗ୍ରହଣ କଲେ । ସେମାନଙ୍କୁ ନେଇ ମନ୍ତ୍ରଣା ସଭା ଗଠିତ ହେଲା । ସେଥିରେ 'ପ୍ରଧାନ' ରୂପେ ଚାଣକ୍ୟ ସର୍ବସମ୍ମତି କ୍ରମେ ନିର୍ବାଚିତ ହେଲେ । ଚନ୍ଦ୍ରଗୁପ୍ତ ନିଯୁକ୍ତ ହେଲେ ସୈନ୍ୟ-ନାୟକ ଏବଂ ମଲୟକେତୁ ତାଙ୍କ ରକ୍ଷୀ । ପର୍ବତକଙ୍କ ଉପରେ ସୈନ୍ୟର ପଶ୍ଚାଦ୍ ଭାଗ ରକ୍ଷାର ଭାର ଦିଆଗଲା । ଯୁଦ୍ଧର ଦିନ, ପ୍ରଣାଳୀ,

Digitized by srujanika@gmail.com

କପଟର ଭାବରେ ଆକ୍ରମଣ କରିବାକୁ ହେବ, ସବୁ ସ୍ଥିର ହେଲା । ଶ୍ରାବକଗଣ ଚନ୍ଦ୍ରଗୁପ୍ତଙ୍କ ଗୁଣକୀର୍ତ୍ତନ କରିବା ପରେ ଉତ୍ସବ ଶେଷ ହେଲା ।

ସ୍ୱଧର୍ମ

"ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।"

—ଗୀତା

ସ୍ୱଧର୍ମ ପାଳନ ମାନବର ପ୍ରଥମ କର୍ତ୍ତବ୍ୟ । ସ୍ୱଧର୍ମ ପାଳନ କୌଣସି ଯଶ, ଖ୍ୟାତି, ପୁରସ୍କାର ବା ପ୍ରଶଂସାବାଦର ଅପେକ୍ଷା ରଖେ ନାହିଁ । କିନ୍ତୁ ସ୍ୱଧର୍ମ ପାଳନରେ ତିଳକମାତ୍ର ତ୍ରୁଟି ଅନନ୍ତ ନରକର ପଥ ଉନ୍ମୁକ୍ତ କରେ ଏବଂ ମାନବକୁ ଚିର ବିବେକହୀନ ପଶୁତୁଲ୍ୟ ଜୀବନ ଯାପନ କରିବାକୁ ଦିଏ । ଯେ ଯେଉଁ ପରିମାଣରେ ସ୍ୱଧର୍ମପାଳନ କରେ ସାଧନା-ପଥରେ ସେ ସେହି ପରିମାଣରେ ଆତ୍ମୋନ୍ନତିର ଦିବ୍ୟ ଜ୍ୟୋତି ପ୍ରାପ୍ତ ହୁଏ । ସ୍ୱଧର୍ମ ମାନବର ମାନବିକ ସମ୍ପଦ--କର୍ମ ତାହାର ଅଭିବ୍ୟକ୍ତି ।

ଚନ୍ଦ୍ରଗୁପ୍ତ ଚାଣକ୍ୟଙ୍କୁ ଗୁରୁପଦରେ ବରଣ କରି ହୃଦୟ ମଧ୍ୟରେ ଆଦର୍ଶ ପୁରୁଷ ରୂପେ ସ୍ଥାପନ କରିଥିଲେ । ତାଙ୍କ ନିକଟରୁ ପ୍ରାୟଶଃ ନାନା ସଦୁପଦେଶ ପ୍ରାପ୍ତ ହୋଇ ସେହି ଭାବରେ ଜୀବନକୁ ଗଠନ କରୁଥିଲେ । କ୍ରମେ ଚାଣକ୍ୟଙ୍କ ପ୍ରଭାବ ତାଙ୍କ ଉପରେ ଏତେ ପ୍ରବଳ ଓ ସ୍ପଷ୍ଟ ହୋଇ ଉଠିଲା ଯେ ସେ ନିଜର ସମ୍ପୂର୍ଣ୍ଣ ଅଜ୍ଞାତସାରରେ ତାଙ୍କ ହସ୍ତରେ ଏକପ୍ରକାର କ୍ରୀଡ଼ନକ ହେଲେ । ତଦ୍ୱାରା ସେ ଶ୍ରେଣୀ-

Digitized by srujanika@gmail.com

କରଣ ତନ୍ତ୍ର ଅନୁଯାୟୀ ନିଜସ୍ୱ ହ୍ରସ୍ୱଇ ଚାଣକ୍ୟଙ୍କ ଇଙ୍ଗିତ ଅନୁସାରେ ଅକ୍ଷରେ ଅକ୍ଷରେ କାର୍ଯ୍ୟ କରି ଯାଆନ୍ତି—ଦ୍ୱିଧା ନାହିଁ, ବିଗ୍ରହ ନାହିଁ, ବିରାଗ ନାହିଁ, ଶ୍ରମବୋଧ ନାହିଁ । ପ୍ରବଳ ମେଧା ଶକ୍ତି ଅପେକ୍ଷାକୃତ ଦୁର୍ବଳ ମେଧା ଉପରେ ରାଜତ୍ୱ କରେ । ଏକଥା ଆଜି ମଧ୍ୟ ବଶୀକରଣ-ପଟୁ ବ୍ୟକ୍ତିଙ୍କ ବାଳକଙ୍କୁ ନଚାଇବା; ହସାଇବା ଇତ୍ୟାଦିରୁ ଜଣା-ଯାଏ । ମନୋବିଜ୍ଞାନ ମଧ୍ୟ କହେ, ପ୍ରବଳଚିନ୍ତା ପାର୍ଶ୍ୱପାର୍ଶ୍ୱିକ କ୍ଷୁଦ୍ର କ୍ଷୁଦ୍ର ଚିନ୍ତାକୁ ଆକର୍ଷଣ କରି ନିଜ ଅଙ୍ଗରେ ଲୀନ କରେ । ତେଣୁ ଜଣେ ପ୍ରବଳ ଭାବୁକର ଆହ୍ୱାନ ଅର୍ଦ୍ଧ ଜଗତ ଶୁଣିଆନ୍ତି ।

ସ୍ୱଧର୍ମ ପାଳନ ଚାଣକ୍ୟ-ନୀତିରେ ମାନବର ପ୍ରଥମ ଓ ପ୍ରଧାନ କର୍ମ । ଚନ୍ଦ୍ରଗୁପ୍ତ ତାଙ୍କଠାରୁ ଏପରି ଶିକ୍ଷା ପାଇଥିଲେ ଯେ ସେ ସର୍ବଦା କର୍ମରେ ବ୍ୟାପୃତ ରହି ଆତ୍ମବିସ୍ମୃତ ହେଉଥିଲେ । ନାନା ସୂତ୍ରରେ ଲୋକସେବା ତାଙ୍କ ସ୍ୱଧର୍ମ ପାଳନର କେନ୍ଦ୍ରିକ ସତ୍ତା ଥିଲା । ଦେଶର ତଥା ଜାତିର ଉନ୍ନତି ସାଧନ ସ୍ୱଧର୍ମର ପ୍ରଧାନ ଅଙ୍ଗ ବୋଲି ସେ ଶିକ୍ଷା ଲାଭ କରିଥିଲେ । ସେ ସ୍ନେହ ମମତା, କରୁଣା, ପ୍ରୀତି ପ୍ରଭୃତି ତରଳ ଗୁଣ ସମୂହରେ ଭୂଷିତ ଥିଲେ ଏବଂ ଶରଣାଗତକୁ ପ୍ରୟୋଜନାନୁସାରେ କ୍ଷମା ବା ଆଶ୍ରୟ ବା ଅଭୟଦାନ କରିବା ଉଦାରତା ତାଙ୍କର ଯଥେଷ୍ଟ ମାତ୍ରାରେ ଥିଲା । ଚାଣକ୍ୟଙ୍କର ବିଶେଷ ଉପଦେଶ 'ମାତୃବତ୍ ପରଦାରେଷୁ' ସେ ଜୀବନରେ ମିଶାଇ ନେଇଥିଲେ । ନାରୀର ଅବ-ମାନନା ବା ନାରୀ ଉପରେ କୌଣସି ପ୍ରକାର ଅସଙ୍ଗତ ବ୍ୟବହାର ବା ଅତ୍ୟାଚାର ତାଙ୍କ ପକ୍ଷରେ କୌଣସି ମତେ କ୍ଷମଣୀୟ ନଥିଲା । ସେ ନାରୀଙ୍କୁ ମାତୃ ସମ୍ବୋଧନ ଓ ଭକ୍ତି କରୁଥିଲେ । ଜୀବନ ପଣ କରି ମଧ୍ୟ ମାତୃ ଜାତିର ସମ୍ମାନ ରକ୍ଷା ପାଇଁ ସେ ସର୍ବଦା ପ୍ରସ୍ତୁତ ଥିଲେ । ସ୍ୱଧର୍ମ ପାଳନରେ ପ୍ରତ୍ୟେକେ ଯେପରି ବ୍ରତୀ ହେବେ, ସ୍ୱୟଂ ସେ ତାର ଆଦର୍ଶ ହୋଇଥିଲେ ।

Digitized by srujanika@gmail.com

ଚନ୍ଦ୍ରଗୁପ୍ତଙ୍କ ସମର ଆୟୋଜନ ପୂର୍ଣ୍ଣ ହେଲା । ପ୍ରାୟ ପ୍ରତ୍ୟେକ ଆବଶ୍ୟକ ସ୍ଥଳରେ ଗୁପ୍ତ ସୈନ୍ୟ ଓ ଚର ନିୟୋଗ, ବ୍ୟୂହ ରଚନା, ଦୁର୍ଗରକ୍ଷା ଇତ୍ୟାଦି ବନ୍ଦୋବସ୍ତ ପରେ ସେ ନନ୍ଦରାଜଗଣଙ୍କ ସହ ଯୁଦ୍ଧ ଆରମ୍ଭ କଲେ । ପ୍ରଥମ ଦିନ ସୁମାଲ୍ୟ ଥିଲେ ମଗଧ ସେନାପତି, ଚନ୍ଦ୍ରଗୁପ୍ତଙ୍କୁ ନିଜେ ସେନାପତି ହୋଇ ଭାଇଙ୍କ ସହିତ ଯୁଦ୍ଧ କରିବାକୁ ହେବ । ଯେଉଁ ଭାଇଙ୍କ ବାଲ୍ୟ ଜୀବନରେ କେତେ ସ୍ନେହ କରୁଥିଲେ, ଯା' ସହିତ କେତେ ଆମୋଦ ପ୍ରମୋଦରେ ମୃଗୟା ଯାତ୍ରା କରୁଥିଲେ, ଯାର କେତେ ଅଳି ସହି, କେତେ ବାଲ୍ୟ କ୍ରୋଧଜନିତ ପ୍ରହାର ସହ୍ୟ କରି ଅପାର ଆନନ୍ଦ ଅନୁଭବ କରୁଥିଲେ, ତାଙ୍କୁହିଁ ଆକ୍ରମଣ କରିବାକୁ ହେବ, ତାହାର ପ୍ରାଣ ବିନାଶ କରିବାକୁ ହେବ । ଏ ଚିନ୍ତା ଚନ୍ଦ୍ରଗୁପ୍ତଙ୍କୁ ଅତିଶୟ ଅଧୀର କଲା । 'ରଣଶିଙ୍ଗା ବାଜିଲା' ବୀରମାନଙ୍କ ହୃଦୟ ସେଥିରେ ନାଚି ଉଠିଲା, ମତ୍ତହସ୍ତୀର ବୃଂହିତ ଶବ୍ଦରେ ସମରାଙ୍ଗନ ନିନାଦିତ ହେଲା । କାହିଁ ଚନ୍ଦ୍ରଗୁପ୍ତଙ୍କର ବୀର ହୃଦୟ ବୀରମଦରେ ତ ନାଚିଲା ନାହିଁ ! ଚାଣକ୍ୟ ସ୍ତମ୍ଭିତ ହେଲେ । ସେ ଆଗରୁ ଯାହା ଆଶଙ୍କା କରିଥିଲେ ବର୍ତ୍ତମାନ ତାହାହିଁ ସଂଘଟିତ ହେଲା । ଚନ୍ଦ୍ରଗୁପ୍ତ ରକ୍ତର ଆକର୍ଷଣ ଏଡ଼ାଇ ନପାରି ବର୍ତ୍ତମାନ ନିଶ୍ଚେଷ୍ଟ ହୋଇଥିବା ଚାଣକ୍ୟ ସ୍ପଷ୍ଟ ବୁଝିଲେ । ଚନ୍ଦ୍ରଗୁପ୍ତଙ୍କଠାରେ ଏ ଦୁର୍ବଳତା ଆଶଙ୍କା କରି ସେ ସର୍ବଦା ତାଙ୍କ କାର୍ଯ୍ୟକଳାପ, ଗତିବିଧି ସୂକ୍ଷ୍ମ ଦୃଷ୍ଟିରେ ନିରୀକ୍ଷଣ କରି ଆସୁଥିଲେ । ଆଜି ଯୁଦ୍ଧର ଅୟମାରମ୍ଭ ମାତ୍ରେ ତାଙ୍କୁ ଭାବବିଗଳିତ ଦେଖି ସେ ବିପଦ ଗଣିଲେ । ମଗଧସୈନ୍ୟଙ୍କୁ ମଳୟକେତୁ ଚନ୍ଦ୍ରଗୁପ୍ତଙ୍କ ମୟୂର ପତାକା ଧରି ପ୍ରବଳ ବେଗରେ ଆକ୍ରମଣ କରିଅଛନ୍ତି । ତାଙ୍କ ସାହସ ଓ ଉତ୍ସାହରେ ଅପୂର୍ବ ଅଭିମାନ ପ୍ରାପ୍ତ ହୋଇ ପାର୍ବତ୍ୟ ସୈନ୍ୟ 'ଲୁହାର' ଶବ୍ଦ କରି ଶତ୍ରୁ ସୈନ୍ୟ ଉପରେ ଝାମ୍ପ ଦେଉଅଛନ୍ତି । ରଥୀ ଦ୍ରୁତ ଗତିରେ ରଥଚାଳନା କରି

Digitized by srujanika@gmail.com

ଶରଣାପନ୍ନ କରିଛି । ତଥାପି ଚନ୍ଦ୍ରଗୁପ୍ତ ନିଷ୍କ୍ରିୟ ! ଚାଣକ୍ୟ ଜିଜ୍ଞାସା କଲେ "ଏ କଅଣ, ଚନ୍ଦ୍ରଗୁପ୍ତ ?" ଚନ୍ଦ୍ରଗୁପ୍ତ ନୀରବ ।

ଚାଣକ୍ୟଙ୍କ ପୁନଃ ପୁନଃ ଜିଜ୍ଞାସାରେ ଚନ୍ଦ୍ରଗୁପ୍ତ ବାଧ୍ୟ ହୋଇ କହିଲେ, "ଗୁରୁଦେବ, ନନ୍ଦଭ୍ରାତାଗଣ କୃତସର୍ବସ୍ୱ ହେଲେ ସେମାନଙ୍କର ଗତି କଅଣ ହେବ, ପୁଣି ବର୍ତ୍ତମାନ ମଧ୍ୟ ମୁଁ କିପରି ବା ସେମାନଙ୍କୁ ଆକ୍ରମଣ କରିବି, ଏହି ଚିନ୍ତା ମୋତେ ଅବଶ କରିଅଛି । ମୁଁ ଭାବୁଛି ସେମାନଙ୍କୁ, କେଉଁଟି ଠିକ; ସେମାନଙ୍କୁ ଆକ୍ରମଣ ଓ ବଧ କରିବା କିମ୍ବା ନିଜେ ଅବସର ଗ୍ରହଣ କରିବା । ଚାଣକ୍ୟ କହିଲେ, "ବତ୍ସ, ତୁମର ଏ ଦୁର୍ବଳତା ମୁଁ ଆଗରୁ ଲକ୍ଷ୍ୟ କରିଅଛି । ଏହି ମାନସିକ ଦୌର୍ବଲ୍ୟ ମନୁଷ୍ୟକୁ ତାମସିକ ଆଳସ୍ୟରେ ଅଭିଭୂତ କରେ । ଯେଉଁଥିରେ ମନୁଷ୍ୟ କର୍ତ୍ତବ୍ୟଭ୍ରଷ୍ଟ ହୋଇ ଲକ୍ଷ୍ୟ ପଥରୁ ସ୍ଖଳିତ ହୁଏ ଏବଂ ବିପଥଗାମୀ ହୋଇ ସ୍ୱଧର୍ମପାଳନରେ ତ୍ରୁଟି କରେ । ତୁମର ଯେ ମାନସିକ କୁସଂସ୍କାର ରହିଅଛି; ତାହା ବଦ୍ଧମୂଳ ହୋଇଥିବାରୁ ପ୍ରକୃତ ଆଲୋକ ଦେଖିବା ତୁମର କଷ୍ଟକର ହୋଇଅଛି । ତେଣୁ ତୁମେ ଭାଇମାନଙ୍କ ପ୍ରତି ଆସକ୍ତ ହୋଇଅଛ । କିନ୍ତୁ ଜାଣିଛ ସେ ଭାଇମାନେ ତୁମର କେହି ନୁହନ୍ତି ? ଯେଉଁ ଭାଇ ଭାଇର ଗଳାରେ ଛୁରୀ ଦେବାକୁ ପଶ୍ଚାତ୍‌ପଦ ନୁହେ, ସେ କି ପ୍ରକୃତ ଭାଇ ? ପୁଣି ଭାଇ ବନ୍ଧୁ ଏସବୁ ଭାବ ମନୁଷ୍ୟର ମୋହ ଓ ଆସକ୍ତି । ସ୍ୱଧର୍ମ ସାଧନ ପଥରେ ଏରୂପ ଆସକ୍ତି ଅନ୍ତରାୟ ହୁଏ । ତେଣୁ ତାହା ବର୍ଜନ କରିବାକୁ ହେବ । ଋଷିଶ୍ରେଷ୍ଠ ବଶିଷ୍ଠ ଶ୍ରୀରାମଚନ୍ଦ୍ରଙ୍କୁ କହିଛନ୍ତି—

"ପୂର୍ଣ୍ଣାଂ ଦୃଷ୍ଟିଂ ମବଷ୍ଟଭ୍ୟ ଧ୍ୟେୟତ୍ୟାଗ ବିଳାସିନୀଂ
ଜୀବନ୍ମୁକ୍ତ ତୟା ସ୍ୱସ୍ଥୋ ଲୋକେ ବିହର ରାଘବ ।"

ଯୋଗବାଶିଷ୍ଠ ।

Digitized by srujanika@gmail.com

"ଦେହ ଇନ୍ଦ୍ରିୟାଦି ଓ ଅନ୍ନପାନାଦି, ମୋହର ପ୍ରାଣ ସୁହୃତ, ପୁତ୍ରମିତ୍ର କଳତ୍ର ଧନାଦି ମୋର, ଏହିରୂପ ମାନସିକ ଭାବ ଦୂର କରିବାହିଁ ଧ୍ୟେୟ ବାସନାତ୍ୟାଗ । ହେ ରାଘବ, ଧ୍ୟେୟବାସନା ନାଶରେ ଯାହାର ଆନନ୍ଦ ସେ ପୂର୍ଣ୍ଣ ଦୃଷ୍ଟି ଅବଲମ୍ବନ କରି ଜୀବନ୍ମୁକ୍ତ କାରଣରୁ ସ୍ୱ-ସ୍ୱ ରହି ସମ୍ଭାବରେ ବିହାର କରେ ।"

ତୁମେ ଶୁଣ, ବନ୍ଧୁ, ମୁଁ କହୁଛି, ଏରୂପ ମାନସିକ ସଂସ୍କାର ଦୂର କର ଧର୍ମ ନିମନ୍ତେ, ସତ୍ୟ ନିମନ୍ତେ, ଭାଇବନ୍ଧୁ ଯେ କେହି ହେଉନ୍ତୁ. ଅତ୍ୟାବଶ୍ୟ ହୋଇଲେ ସ୍ୱଧର୍ମ ସାଧନପଥରୁ ବିଦୂରିତ କରିବାକୁ ହେବ । ଲୌକିକତା ପ୍ରତି ଆସ୍ଥା ନରଖି ସ୍ୱାଧୀନ ମତାନୁଯାୟୀ କାର୍ଯ୍ୟ କରିବାକୁ ହେବ । ଧର୍ମ ପୃଷ୍ଠରେ ସତ୍ୟର ପ୍ରତିଷ୍ଠା କରିବାକୁ ହେବ । ଭାଇ ବୋଲି କୃତ୍ରିମ ସ୍ନେହ କରିପାର, କାରଣ ତାହା ସ୍ୱଜନଗତ କ୍ଷେତ୍ରରେ ଅତିଶୟ ମୂଲ୍ୟବାନ୍ । ବିନା କୃତ୍ରିମତା ଅବଲମ୍ବନ ନକଲେ ଶାସନ ପରିଚାଳନ କରିପାରିବେନାହିଁ ; ଯୋଗବାଶିଷ୍ଠରେ ଅଛି—

"କୃତ୍ରିମୋଲ୍ଲାସ ହର୍ଷସ୍ଥଃ କୃତ୍ରିମୋ ଦ୍ୱେଷଗର୍ହଣଃ
କୃତ୍ରିମାରମ୍ଭ ସଂରମ୍ଭୋ ଲୋକେ ବିହର ରାଘବ ।"

"କାର୍ଯ୍ୟାନୁସାରେ କେଉଁ କାର୍ଯ୍ୟ ସମ୍ବନ୍ଧେ କୃତ୍ରିମ ଉଲ୍ଲାସ ଓ ହର୍ଷ ଏବଂ କେଉଁ କାର୍ଯ୍ୟ ସମ୍ବନ୍ଧେ କୃତ୍ରିମ ଉଦ୍ବେଗ ଓ ନିନ୍ଦା ପ୍ରକାଶ କରି କର୍ମ ବ୍ୟାପାରରେ କୃତ୍ରିମ ଆବେଗ ଦେଖାଇ, ହେ ରାମଚନ୍ଦ୍ର, ଇହଲୋକରେ ବିହାର କର ।"

ଆତ୍ମରକ୍ଷା ଓ ସେହି ସୂତ୍ରରେ ଜଗତ ରକ୍ଷା ନିମନ୍ତେ ସମସ୍ତେ କର୍ମ କରନ୍ତୁ । ସମସ୍ତ ଜଗତ କର୍ମଚକ୍ରରେ ଘୂର୍ଣ୍ଣାୟମାନ । ନିବୃତ୍ତି-ନିର୍ଦ୍ଦେଶ

Digitized by srujanika@gmail.com

ସଂଘଟନ, ସୁନିଶ୍ଚିତ । ଏ ସଂସାରରେ ନିୟତିର ବିରୁଦ୍ଧାଚରଣ କରି କେହି ତିଷ୍ଠି ପାରନ୍ତି ନାହିଁ । ଚନ୍ଦ୍ରଗୁପ୍ତ ନନ୍ଦଙ୍କ ପ୍ରଶ୍ରୟପ୍ରାର୍ଥୀ ହେଲେ ଅତ୍ୟାଚାରୀର ଲୋପ ସାଧନ ସକାଶେ ନିୟତି ଅନ୍ୟ ନିମିତ୍ତ ଅସ୍ତ୍ର ଧାରଣ କରିବ । ଫଳରେ ନିୟତିର ଉଦ୍ଦେଶ୍ୟ ସାଧିତ ହେବା ସଙ୍ଗେ ସଙ୍ଗେ ଚନ୍ଦ୍ରଗୁପ୍ତ କର୍ତ୍ତବ୍ୟବିମୁଖ ହୋଇ ପୁଣ୍ୟଭୂମି ଭାରତର ଭବିଷ୍ୟତ୍ ବଂଶଧରଙ୍କ ନିମନ୍ତେ ଅକୀର୍ତ୍ତିମାନ ଅର୍ଜ୍ଜନ କରିଯିବ । ସୁତରାଂ ଆସକ୍ତି-ମାୟା ବର୍ଜ୍ଜିତ ହୋଇ କର୍ମ କରିବା ଚନ୍ଦ୍ରଗୁପ୍ତ ପକ୍ଷେ ଏକାନ୍ତ ବିଧେୟ ।

ଚନ୍ଦ୍ରଗୁପ୍ତ ଜିଜ୍ଞାସା କଲେ, "କିନ୍ତୁ ଗୁରୁଦେବ ! ଭ୍ରାତୃଗଣଙ୍କୁ ପରାସ୍ତ କରି ହୁଏତ ନିହତ କରି, କିଏ ଏପରି ମୂଢ଼ାଧମ ଅଛି ଯେ, ସୁଖରେ ରାଜ୍ୟ ସମ୍ଭୋଗ କରିବ ?" ଚାଣକ୍ୟ କହିଲେ, "ଏ ସଂସାର କର୍ମଭୂମି । ଏଥିରେ ଜନ୍ମ ନେଲେ ପ୍ରତ୍ୟେକଙ୍କୁ କର୍ମ କରିବାକୁ ହେବ । କର୍ମ ବ୍ୟତୀତ ଏ ସଂସାରରେ କେହି ତିଷ୍ଠି ପାରନ୍ତି ନାହିଁ । ଯେ ତାମସ, ଆଳସ୍ୟ ଜଡ଼ିତ, ସୁତରାଂ ନିଷ୍କର୍ମଣ୍ୟ, ତାହାର ସ୍ଥାନ ଅଧିକାର କରେ କର୍ମିଷ୍ଠ, ବଳବାନ୍ ବ୍ୟକ୍ତି । ଏହି ହେତୁରୁ କେତେ ଯେ ସାମ୍ରାଜ୍ୟର ଅଭ୍ୟୁଦୟ ଓ ପତନ ଏ ଧରାବକ୍ଷରେ ଅନୁଷ୍ଠିତ ହୁଏ, ତାହା ତୁମ ପରି କର୍ମୀଙ୍କୁ ବୁଝାଇବା ଅନାବଶ୍ୟକ । ଭଗବାନ ଶ୍ରୀକୃଷ୍ଣ କହିଅଛନ୍ତି—

"ନହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ !
କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ॥"

—ଗୀତା

"'କର୍ମ ନ କରି' କେହି କ୍ଷଣେ ମଧ୍ୟ ତିଷ୍ଠି ନ ପାରେ । ପ୍ରାକୃତିକ 'ଗୁଣ ଦ୍ୱାରା ଚାଳିତ ହୋଇ ଅନିଚ୍ଛା ସତ୍ତ୍ୱେ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ହେଉଅଛି ।" ତୁମେ ଏହି ଯେଉଁ କର୍ମ କରିବାକୁ ଯାଉଅଛ, ତାହା ପ୍ରକୃତିର ଇଙ୍ଗିତ ଅନୁସାରେ ମାତ୍ର । ଯଦି ତୁମେ ନନ୍ଦରାଜଗଣଙ୍କୁ

Digitized by srujanika@gmail.com

ସିଂହାସନଚ୍ୟୁତ କରିବାପାଇଁ ପଶ୍ଚାତ୍‌ପଦ ହୁଅ, ତାହାହେଲେ ତୁମର ଇଚ୍ଛା ଯେ, ଅନ୍ୟାୟ ଚିରଦିନ ଅଖଣ୍ଡ ରାଜତ୍ୱ କରିବ । ଏହା ସଦିଚ୍ଛା ନୁହେଁ—ମଧ୍ୟ କ୍ଷତ୍ରିୟର ଇଚ୍ଛା ଅନ୍ୟରୂପ । କ୍ଷତ୍ରିୟର ଇଚ୍ଛା ନିଶ୍ଚୟ ସାଧିତ ହେବ । ସ୍ୱଧର୍ମ ପାଳନ ନିମନ୍ତେ, ସ୍ୱଦେଶର କଲ୍ୟାଣ ନିମନ୍ତେ ପିତାମାତା, ଭ୍ରାତାବନ୍ଧୁ ସମସ୍ତଙ୍କୁ ଆବଶ୍ୟକମତେ ବର୍ଜ୍ଜନ କରିବାକୁ ହେବ । ତା' ନହେଲେ ରାଜାର କର୍ତ୍ତବ୍ୟରେ ହାନି ଘଟିବ । ଶ୍ରୀରାମଚନ୍ଦ୍ର ପ୍ରଜାରଞ୍ଜନ ନିମନ୍ତେ ତୁଚ୍ଛ କାରଣରେ ସାଧ୍ୱୀ ସୀତାଙ୍କୁ ବର୍ଜ୍ଜନ କରିଥିଲେ । ବିଭୀଷଣଙ୍କ ଉଦାହରଣ ଉଦ୍ଧୃତ କରିବେ ଆଜି ଭାରତବାସୀ ଗାନ କରୁଅଛନ୍ତି, କାହିଁକି ? ସେ ସ୍ୱଧର୍ମ ପାଳନ ନିମନ୍ତେ ଜ୍ଞାତି, ସୋଦର, ରାଜ୍ୟ, ସମ୍ପଦ ସମସ୍ତ ତ୍ୟାଗ କରି ଅଧର୍ମର ରାଜତ୍ୱ ଅସ୍ତମିତ କରିବା ପାଇଁ ନାନା କୌଶଳରେ ସ୍ୱବଂଶ ନିଧନ କରିଥିଲେ । ତାଙ୍କର କଣ ରାବଣ, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ ପ୍ରଭୃତିଙ୍କ ପ୍ରତି ସ୍ନେହ ମମତାର ଅଭାବ ଥିଲା ? ଚିରଦିନ ଏ ଭାରତ ଭୂମି ସ୍ୱଧର୍ମ ପାଳନର ଆଦର୍ଶଭୂମି ହୋଇ ଆସିଅଛି । ଆଜି ଚନ୍ଦ୍ରଗୁପ୍ତ ଯଦି ତାର ଅନ୍ୟଥାଚରଣ କରିବ, ଆର୍ଯ୍ୟ ସଭ୍ୟତାର ପରମ୍ପରା ଭାଙ୍ଗି ନୂତନ ହେୟ ପନ୍ଥା ସୃଷ୍ଟି କରିବ, ତେବେ ଚନ୍ଦ୍ରଗୁପ୍ତ ଅନାର୍ଯ୍ୟ ଭାବରେ ଚିରଦିନ କଳଙ୍କିତ ହୋଇ ରହିବ ।”

“କେବଳ ସେତିକି ନୁହେଁ, ଯେଉଁ ଆର୍ଯ୍ୟ ସଭ୍ୟତାର ମହିମା ଧବଳକଣ୍ଠରେ ହିମାଳୟର ଗଗନଚୁମ୍ବୀ ଉତ୍ତୁଙ୍ଗ ଶୃଙ୍ଗ ପରି ମସ୍ତକ ଉତ୍ତୋଳନ କରି ଦଣ୍ଡାୟମାନ ତାର ସେ ଉନ୍ନତ ଶିଖରୁ ଜଣେ ଚନ୍ଦ୍ରଗୁପ୍ତ, ନୀଚ, ହେୟ ମାନସିକ ଦୁର୍ବଳତାରେ ଅବନତ କରିବ—ଆର୍ଯ୍ୟ ଜାତିର ଗୌରବ ପରମ୍ପରା କଳଙ୍କିତ କରିବ ।”

Digitized by srujanika@gmail.com

ଚାଣକ୍ୟଙ୍କ ନୟନ ଦ୍ୱୟ ଅଗ୍ନିବର୍ଷଣ କଲା, ମୁଖ ଉଜ୍ଜ୍ୱଳ ଜ୍ୟୋତିରେ ବିଭୂଷିତ ହେଲା । ଚନ୍ଦ୍ରଗୁପ୍ତଙ୍କର ସମସ୍ତ ଦୌର୍ବଲ୍ୟ, ସମସ୍ତ ଦୁର୍ବଳ ଚିନ୍ତା, ସମସ୍ତ ଆଶଙ୍କା ସେ କ୍ଷଣି ବିଦୂରିତ ହେଲା । ସେ ଭକ୍ତି ଗଦ୍‌ଗଦ କଣ୍ଠରେ ଚାଣକ୍ୟଙ୍କ ପଦ ତଳେ ପଡ଼ି କହିଲେ, "ଆପଣ ଗୁରୁ, ଉପଦେଷ୍ଟା, ରକ୍ଷକ—ଆପଣଙ୍କଠାରେ ମୁଁ ସମ୍ପୂର୍ଣ୍ଣ ଆତ୍ମ-ସମର୍ପଣ କଲି । ମୋତେ ନେଇ ଆପଣ ଯେଉଁ କାର୍ଯ୍ୟରେ ନିଯୁକ୍ତ କରିବେ, ମୁଁ ପ୍ରଫୁଲ୍ଲ ଚିତ୍ତରେ ସେଥିରେ ଯୋଗ ଦେବି ।"

ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କୁ ଆଲିଙ୍ଗନ କରି କହିଲେ, "ଏହି ମୋର ଉପଯୁକ୍ତ ଶିଷ୍ୟ । ବତ୍ସ ! ନିର୍ବିଘ୍ନରେ ରାଜ୍ୟ ଲାଭ କରି ଜୀବନର ସକଳ କର୍ମରେ ଯଶସ୍ୱୀ ହୁଅ । କିନ୍ତୁ କଦାପି ଫଳର କାମନା କର୍ମର ବଡ଼ାଇ କରନାହିଁ ।"

ନନ୍ଦ ବଧ

"Paradise is under the shadow of swords"

—Mahomed

ଚନ୍ଦ୍ରଗୁପ୍ତ ସମସ୍ତ ଦୌର୍ବଲ୍ୟ ପରିତ୍ୟାଗ କରି ଦ୍ୱିଗୁଣ ଉତ୍ସାହରେ ଅଗ୍ରସର ହେଲେ । ଏକ ଅପୂର୍ବ ଗାମ୍ଭୀର୍ଯ୍ୟ ଦୀପ୍ତି ତାଙ୍କ ମୁଖ ଦିବ୍ୟ ଶ୍ରୀରେ ବିମଣ୍ଡିତ କଲା । ତାଙ୍କ ପ୍ରିୟ ଅଶ୍ୱ 'ପବନ' ପୃଷ୍ଠରେ ଆରୋହଣ କରି ସେ ମଲୟକେତୁଙ୍କ ଛାଉଣି ଲକ୍ଷ୍ୟ କରି ଦ୍ରୁତଗମନ କଲେ । ସେହିତବେଳେ ମଲୟକେତୁ ଅପୂର୍ବ ଗୌରବ ଅହଙ୍କାରରେ ଶତ୍ରୁ ମନରେ

Digitized by srujanika@gmail.com

ଭୀତି ସଞ୍ଚାର କରିଥିଲେ । ଚନ୍ଦ୍ରଗୁପ୍ତଙ୍କ ଦର୍ଶନରେ ସୈନ୍ୟଙ୍କ ମନରେ ଅସ୍ଥିରତା ଜାତ ହେଲା । ସୁମାଲ୍ୟ ସୈନ୍ୟଙ୍କୁ ଉଦ୍‌ବୋଧନ କରି ଉତ୍ସାହ ବ୍ୟଞ୍ଜକ ସ୍ୱରରେ କହିଲେ, "ଚନ୍ଦ୍ରଗୁପ୍ତ, ତୁମମାନଙ୍କ ପୂର୍ବ ସେନାପତି ଭବ ଅସ୍ଥିର ହୁଅନାହିଁ । ସେ ବର୍ତ୍ତମାନ ତୁମମାନଙ୍କର ଶତ୍ରୁ, ମଗଧର ଶତ୍ରୁ । ଯେ ତାକୁ ନିହତ ବା ବନ୍ଦୀ କରିବ ସେ ରାଜ୍ୟର ଅର୍ଦ୍ଧେକ ପ୍ରାପ୍ତ ହେବ ।"

ଚନ୍ଦ୍ରଗୁପ୍ତଙ୍କୁ ନିକଟରେ ଦେଖି ମଳୟକେତୁଙ୍କର ଉତ୍ସାହ ଦ୍ୱିଗୁଣିତ ବୃଦ୍ଧି ପାଇଲା । ସେ କେନ୍ଦ୍ରସ୍ଥଳ ଚନ୍ଦ୍ରଗୁପ୍ତଙ୍କୁ ଛାଡ଼ି ଦେଇ ଦକ୍ଷିଣ ପାର୍ଶ୍ୱକୁ ଗତି କରି ଯେଉଁଠାରେ ମଗଧବାହିନୀର ଅକର୍ମଣ୍ୟ ସୈନ୍ୟ ଥିଲେ, ସେଠାରେ ବାତ୍ୟାବେଗରେ ଆକ୍ରମଣ କଲେ । ସେଥିରେ ବାହିନୀ ସମ୍ପୂର୍ଣ୍ଣ ଦୁଇଭାଗରେ ବିଭକ୍ତ ହେଲା । ଏକ ଦିଗରେ ଚନ୍ଦ୍ରଗୁପ୍ତ ଅପର ଦିଗରେ ମଳୟକେତୁଙ୍କ ରଣ ଗର୍ଜନରେ ସୈନ୍ୟମାନେ ଇତସ୍ତତଃ ହୋଇ ଯୁଦ୍ଧ ଭୂମି ଛାଡ଼ି ପଳାୟନ କଲେ ।

ଦ୍ୱିତୀୟ ଦିବସ ମନ୍ତ୍ରୀ ରାକ୍ଷସ ସ୍ୱୟଂ ଯୁଦ୍ଧ ପର୍ଯ୍ୟବେକ୍ଷଣ କଲେ । ସେ ଗୋଟିଏ କୂଟ ଉପାୟ ଚିନ୍ତା କରି ସୈନ୍ୟମାନଙ୍କୁ ଚାରିଭାଗରେ ବିଭକ୍ତ କଲେ । ଏକଭାଗ ମାତ୍ର ଯୁଦ୍ଧକ୍ଷେତ୍ରରେ ସମର ପ୍ରତୀକ୍ଷା କଲେ । ଚାଣକ୍ୟ ଦୂରରୁ ଦେଖି ସେଥିରେ କିଛି କୂଟନୀତି ଥିବା ଅନୁମାନ କଲେ । ସେ କେବଳ ମଳୟକେତୁଙ୍କ ସୈନ୍ୟଙ୍କୁ ଅତର୍କିତ ଭାବରେ ପଠାଇ ଆକ୍ରମଣ କରିଲେ । ପରେ ଅନ୍ୟାନ୍ୟ ସୈନ୍ୟଙ୍କୁ ଜଙ୍ଗଲପାରି କରାଇ ମଗଧସୈନ୍ୟର ପଶ୍ଚାଦ୍‌ଦିଗ ଆକ୍ରମଣ କରିବାରୁ ଅବିଳମ୍ବେ ଏକ ଚତୁର୍ଥାଂଶ ସୈନ୍ୟ ସମରାଙ୍ଗଣରେ ବିଲୁଣ୍ଠିତ ହେଲେ । ସୁଚତୁର ଚାଣକ୍ୟ ଏକ ନିମିଷ ମଧ୍ୟରେ ସମସ୍ତ ସୈନ୍ୟଙ୍କୁ ନେଇ ଚକ୍ରବ୍ୟୂହ

Digitized by srujanika@gmail.com

ଆକାରରେ ରଖିଲେ । ମଗଧ ସୈନ୍ୟ ଲୁକ୍କାୟିତ ଭାବରେ ଥିଲେ । ବର୍ତ୍ତମାନ ସେମାନେ ଚାରିଆଡ଼ୁ ଚନ୍ଦ୍ରଗୁପ୍ତଙ୍କ ସୈନ୍ୟଙ୍କୁ ଆକ୍ରମଣ କଲେ । ବ୍ୟୂହର ସମ୍ମୁଖ ଦିଗରେ, କିନ୍ତୁ କୌଣସି ପାର୍ଶ୍ୱ ପଶ୍ଚାତ୍ ଭାଗ ନୁହେଁ । ମଗଧ ସୈନ୍ୟ ବିପଦ ଆଶଙ୍କା କଲେ । ଭୀଷଣ ସମର ମଧ୍ୟରେ ଦୂରରୁ ରଣଶିଙ୍ଗା ବାଜିବାକୁ ଲାଗିଲା । ସେଥିରେ ବୀର ହୃଦୟ ନାଚ ଉଠିଲା ।

ମଗଧ ସୈନ୍ୟ ଦେଖିଲେ ଚନ୍ଦ୍ରଗୁପ୍ତ ପାଞ୍ଚ ସହସ୍ର ବର୍ଣ୍ଣାଧାରୀ ସୈନ୍ୟ ନେଇ ବୀର ବେଗରେ ଆସୁଅଛନ୍ତି—ସମସ୍ତେ ଅଶ୍ୱାରୋହୀ । ଚକ୍ରବ୍ୟୂହର ଚତୁର୍ଦ୍ଦିଗ ବେଷ୍ଟନ କରି ରାକ୍ଷସ ଯେଉଁ ଅଂଶ ଭେଦ କରିବାକୁ କେତେଜଣ ନିର୍ବାଚିତ ଯୋଦ୍ଧା ନେଇ ପ୍ରାଣପଣେ ଲାଗିଛନ୍ତି, ସେଠାରେ ମଳୟକେତୁ ଅପୂର୍ବ ରଣନୈପୁଣ୍ୟ ଦ୍ୱାରା ବିପକ୍ଷର ସମସ୍ତ ପ୍ରକାର ଆକ୍ରମଣ ପ୍ରତିହତ କରୁଅଛନ୍ତି । ଏହି ସମୟରେ ଚନ୍ଦ୍ରଗୁପ୍ତ ସେଠାରେ ବିପକ୍ଷ ସୈନ୍ୟଙ୍କ ପଶ୍ଚାଦ୍ଦେଶରେ ପତିତ ହୋଇ ବ୍ୟଗ୍ର ଆକ୍ରମଣ କଲେ । ଅଳ୍ପସମୟ ମଧ୍ୟରେ ସମସ୍ତ ନିର୍ବାଚିତ ଯୋଦ୍ଧା ଚନ୍ଦ୍ରଗୁପ୍ତଙ୍କ ତରବାରିରେ ଭୂଶାୟୀ ହେଲେ । ଚନ୍ଦ୍ରଗୁପ୍ତ ସେଠାରୁ ଆରମ୍ଭ କରି ବୃତ୍ତାକାରରେ ମଗଧ ସୈନ୍ୟ ନିଃଶେଷ କରିବାକୁ ଲାଗିଲେ ।

ଏହିପରି କ୍ରମାଗତ ଏକମାସ ଯୁଦ୍ଧ ଲାଗିଲା । ସେଥିରେ ମଗଧର ବହୁ ପ୍ରାଚୀନ ଯୋଦ୍ଧା, ବହୁ ବୀର ଯୁବକ ନିହତ ହେଲେ । ମଳୟକେତୁଙ୍କ ଅନବରତ ପରିଶ୍ରମ ବଳରେ ଚନ୍ଦ୍ରଗୁପ୍ତ ଅବଶେଷରେ ମଗଧ ସୈନ୍ୟଙ୍କୁ ଭୀତ ତ୍ରସ୍ତ କଲେ । ନନ୍ଦଗଣ ଏକେ ଏକେ ନିହତ ହେଲେ, ଅବଶିଷ୍ଟ ରହିଲେ ସୁମାଲ୍ୟ । ସେ ଭ୍ରାତୃଗଣଙ୍କ ଶୋକରେ ଅଧୀର

Digitized by srujanika@gmail.com

ଓ ସେମାନଙ୍କ ପ୍ରତିହିଂସାରେ ଜର୍ଜରିତ ହେଲେ । ସେ ଦିନର ସମର ଅତି ଆଶ୍ଚର୍ଯ୍ୟ ଘଟଣାର । ଉଭୟ ପକ୍ଷୀୟ ସୈନ୍ୟ ସର୍ବଶ ବିଷ୍ଟି ହୋଇ ପଡ଼ିଥିଲେ । କିଏ କାହାକୁ ହଠାତ୍ ଚିହ୍ନିବାର ସମସ୍ତ ନଥିଲା । ସୁମାଲ୍ୟ ଚନ୍ଦ୍ରଗୁପ୍ତଙ୍କ ମସ୍ତକ ଲକ୍ଷ୍ୟକରି ବର୍ଶା ନିକ୍ଷେପ କଲେ । ରଣନିପୁଣ ଚନ୍ଦ୍ରଗୁପ୍ତ ପାର୍ଶ୍ୱକୁ ଅଶ୍ୱଚାଳନ କରି ନନ୍ଦଙ୍କ ଶିରଚ୍ଛେଦନ କରିବାକୁ ତରବାରି ଉତ୍ତୋଳନ କଲାକ୍ଷଣି, ସୁମାଲ୍ୟ ହସ୍ତସଙ୍କେତ କରି ସେଥିରୁ ତାଙ୍କୁ ନିବୃତ୍ତ କଲେ ଏବଂ କହିଲେ, "ଭାଇ, ମୋର ସମସ୍ତ ଭାଇ ନିହତ ହୋଇଅଛନ୍ତି । ମୋର ପ୍ରାଣଦାନ କର । ଭାଇ ନିକଟରେ ଭାଇର ଏତିକିମାତ୍ର ଭିକ୍ଷା ।" ଚନ୍ଦ୍ରଗୁପ୍ତ ତରବାରି ନିକ୍ଷେପ କରି ପ୍ରେମ ବିହ୍ୱଳ, ଲୋତକ ପୂର୍ଣ୍ଣ ନୟନରେ ସୁମାଲ୍ୟଙ୍କୁ ଆଲିଙ୍ଗନ କରି ରହିଲେ । ସେ ବୁଝି ନଥିଲେ, ଏହା ସୁମାଲ୍ୟଙ୍କ କୂଟ ପ୍ରକୃତିର ଛଳନା ମାତ୍ର ।

ଏହି ସୁଯୋଗ ବୁଝି ମଗଧ ସୈନ୍ୟ ନିରସ୍ତ୍ର ଚନ୍ଦ୍ରଗୁପ୍ତଙ୍କୁ ଆକ୍ରମଣ କଲେ । ଅଦୂରରେ ସତର୍କ ମଳୟକେତୁ ଏ ସମସ୍ତ ନିରୀକ୍ଷଣ କରୁଥିଲେ । ସଖାଙ୍କୁ ବିପଦ୍‌ଗ୍ରସ୍ତ ଦେଖି କତିପୟ ଦୁର୍ଦ୍ଧର୍ଷ ସୈନ୍ୟସହ ବ୍ୟାଘ୍ରଝମ୍ପରେ ସେଠାରେ ଉପସ୍ଥିତ ହୋଇ ନିର୍ବିଘ୍ନରେ ମଗଧ ସୈନ୍ୟ ହନନ କରିବାକୁ ଲାଗିଲେ । ତାଙ୍କ ଭୀମ ବିକ୍ରମରେ ସୈନ୍ୟଗଣ ପ୍ରାଣଭୟରେ ପଳାୟନ କଲେ । ମଳୟକେତୁ ସୁମାଲ୍ୟଙ୍କ ଶିରଲକ୍ଷ୍ୟ କରି ଅସି ଉତ୍ତୋଳନ କରିବା ମାତ୍ରେ ଚାଣକ୍ୟ ଦୂରରୁ ଡାକ ଦେଲେ, "ବଧ କରନାହିଁ, ବନ୍ଦୀକର ।" ନନ୍ଦ ବନ୍ଦୀ ହେଲେ ।

ଚନ୍ଦ୍ରଗୁପ୍ତ ଚାଣକ୍ୟଙ୍କ ନିକଟକୁ ଯାଇ କହିଲେ, "ଗୁରୁଦେବ, ନନ୍ଦ ବର୍ତ୍ତମାନ ବନ୍ଦୀ—ରାଜ୍ୟହୀନ, ସହାୟ ସମ୍ବଳ ହୀନ, କ୍ଷମତା ହୀନ । ସୁତରାଂ ସେ ଆମର କୌଣସି ଅନିଷ୍ଟ କରିପାରିବେନାହିଁ । ତାଙ୍କୁ ମୁକ୍ତ

Digitized by srujanika@gmail.com

ଚନ୍ଦ୍ରଗୁପ୍ତ ଓ ସୁମାଲ୍ୟ

Digitized by srujanika@gmail.com

କଲେ କ କୌଣସି କ୍ଷତି ସମ୍ଭବ ?” ଚାଣକ୍ୟ ଅସମ୍ମତ ହେଲେ । ଯେ କୌଣସି ରାଜନୀତିକ ଉଦ୍ଦେଶ୍ୟ ସାଧନ ସଙ୍ଗେ ସଙ୍ଗେ କୋମଳ ପ୍ରବୃତ୍ତିର ଆଶ୍ରୟ, ପ୍ରାୟଶଃ ଅସମ୍ଭବ । କଠୋରତା ଅବଲମ୍ବନ କରିବାକୁ ହେବ । ରାଜନୀତି ଛଳନା-କୌଶଳ-ଚାତୁରୀ ହିଂସା-ସାପେକ୍ଷ । ପ୍ରୟୋଜନାନୁସାରେ ରାଜନୀତି କ୍ଷେତ୍ରରେ କୁଟିଳତା ଅବଲମ୍ବନ ଓ ନରହତ୍ୟା କରିବାକୁ ହୁଏ । ଏପରି ସମୟରେ ସମୟୋପଯୋଗୀ ଭାବରେ, ଶତ୍ରୁ ସହିତ ମୌଖିକ ମିଷ୍ଟ ବ୍ୟବହାର କରି ବଶ କରିବ ଏବଂ ସୁବିଧା ଦେଖି ନିଜ ପଥରୁ ସେ କଣ୍ଟକ ଦୂର କରିବ । କୌଣସି ପ୍ରକାର ଦୁର୍ବଳତାକୁ ହୃଦୟରେ ସ୍ଥାନ ନଦେଇ ନନ୍ଦଙ୍କୁ ବଧ କରିବାକୁ ହେବ । ତାହା ରାଜନୀତିର ଆବଶ୍ୟକତା ।

ଚାଣକ୍ୟ କାହାର ନିନ୍ଦା ବା ପ୍ରଶଂସା କିମ୍ବା ଅଭିମତ ପ୍ରତି ଏ କ୍ଷେତ୍ରରେ କର୍ଣ୍ଣପାତ କରିବା ଲୋକ ନଥିଲେ । ତାଙ୍କ ଆଦେଶରେ ନନ୍ଦ ବଧଭୂମିକୁ ନୀତ ହେଲେ । ବଧଭୂମିରେ ଉପସ୍ଥିତ ହୋଇ ଚାଣକ୍ୟ ନନ୍ଦଙ୍କୁ ସମ୍ବୋଧନ କରି କହିଲେ, “ମନେ କରନ୍ତୁ ଥରେ ମହାରାଜ, ଏ ଭିକ୍ଷୁକ ବ୍ରାହ୍ମଣର କଥା—ଯାହାକୁ ସାନହାନ ଅସହାୟ ମନେକରି ଆପଣ ଅନାବଶ୍ୟକ ଅପମାନ ଦେଇଥିଲେ, କୁକୁର ପରି ତଡ଼ି ଦେଇଥିଲେ । ଅଭି ମନେ ଅଛି ସେ ଦିନର ପ୍ରତିଜ୍ଞା ? ଯଦି ମନେ ନଥାଏ, ତେବେ ସ୍ମରଣ କରାଇ ଦେଉଅଛି । ଆଜି ମଧ୍ୟ ବ୍ରାହ୍ମଣ ସମାଜର ଶାସକ ଓ ବ୍ୟବସ୍ଥା ଦାତା । ବ୍ରାହ୍ମଣ ପରିତ୍ୟକ୍ତ ସମାଜ ବକ୍ଷ ବିହୀନ ଶରୀର ମାତ୍ର । ବ୍ରାହ୍ମଣର ମସ୍ତିଷ୍କ ସହିତ କ୍ଷତ୍ରିୟର ବାହୁର ସମ୍ମିଶ୍ରଣରେ ସମାଜ ହୃଷ୍ଟ ପୁଷ୍ଟ ବଳିଷ୍ଠ ହେବ, ଦେଶ ସ୍ୱାଧୀନ ରହିବ । ଆର୍ଯ୍ୟ ସଭ୍ୟତା ଯେଉଁ ଦିନ ଭାରତର ଗର୍ବର ସମ୍ପଦ ହୋଇରହିଥିବ, ସେତେଦିନ ବ୍ରାହ୍ମଣ—ସେ ଯାନ ଦରିଦ୍ର ଭିକ୍ଷୁକ ହେଉ, ସହାୟ ସମ୍ବଳ-

Digitized by srujanika@gmail.com

ସ୍ଥାନ ହେଉପଛେ, ସମାଜର ଶୀର୍ଷସ୍ଥାନ ଅଧିକାର କରିବସିଥିବ । ଆଉ ମନେ ରଖ, ବ୍ରାହ୍ମଣର ମସ୍ତିଷ୍କ ଦ୍ୱାରହିଁ କ୍ଷତ୍ରିୟର ବାହୁ ଚାଳିତ । ଯେଉଁଦିନ ଏ ସହଯୋଗିତାରେ ବ୍ୟାଘାତ ଘଟିବ, ସେଦିନ ବ୍ରାହ୍ମଣ ସମାଜ ପରିଚାଳନରୁ ଅବସର ଗ୍ରହଣ କରିବ, ଆଉ ସଙ୍ଗେ ସଙ୍ଗେ କ୍ଷତ୍ରିୟର ଅସ୍ତିତ୍ୱ ଲୋପ ହେବ । ସେତେବେଳେ ସମାଜରେ ଅରାଜକତା ଓ ବିଶୃଙ୍ଖଳା ଦେଖାଦେବ । ନଚେତ୍ ଜଣେ ମାତ୍ର ବ୍ରାହ୍ମଣ ବିଦ୍ୟମାନ ଥିଲେ ସମାଜକୁ ବ୍ୟତିକ୍ରମ, ବିଶୃଙ୍ଖଳା ହସ୍ତରୁ ରକ୍ଷା କରିବା ପାଇଁ ଯଥେଷ୍ଟ ।"

ନନ୍ଦ ଅନେକ କାକୁତି ମିନତି କରି ପ୍ରାଣଭିକ୍ଷା କଲେ । କିନ୍ତୁ ଚାଣକ୍ୟ ସେଥିରେ ଅଟ୍ଟହାସ କରି ଉନ୍ମାଦ ପ୍ରାୟ ତାଙ୍କ ବଧ ପାଇଁ ଘାତୁକମାନଙ୍କୁ ଆଦେଶ ଦେଲେ । ନନ୍ଦଙ୍କ ମସ୍ତକ ସ୍କନ୍ଧଚ୍ୟୁତ ହୋଇ ଭୂପୃଷ୍ଠରେ ଲୁଣ୍ଠିତ ହେଲା । ଚାଣକ୍ୟ ପର୍ବତକ ଓ ମଳୟକେତୁଙ୍କ ସହ ଚନ୍ଦ୍ରଗୁପ୍ତଙ୍କ ସିଂହାସନ ଆରୋହଣ ପାଇଁ ଆୟୋଜନରେ ଲାଗିଲେ । ରାଜମନ୍ତ୍ରଣା ଗୃହରେ ମଗଧର ସମସ୍ତ ପ୍ରଜା, ଜାତିବର୍ଣ୍ଣ ନିର୍ବିଶେଷରେ ସମବେତ ହେଲେ । ଚନ୍ଦ୍ରଗୁପ୍ତ ରାଜପରିଚ୍ଛଦ ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସୁରଙ୍କ ସହିତ ମନ୍ତ୍ରଣା ଗୃହରେ ପ୍ରବେଶ କଲେ । ସିଂହାସନ ଆରୋହଣ କଲାବେଳେ ଚନ୍ଦ୍ରଗୁପ୍ତ ତରବାରି ସ୍ପର୍ଶ କରି ଆର୍ଯ୍ୟ ବିଧାନ ଅନୁସାରେ ଶପଥ କଲେ—"ମଗଧବାସୀ ପ୍ରଜାଗଣ, ତୁମମାନଙ୍କ ମଙ୍ଗଳ ନିମନ୍ତେ ଆଜଠାରୁ ଏ ଶରୀର, ମନ, ପ୍ରାଣ ନିୟୋଜିତ କଲି । ତୁମମାନଙ୍କ ପ୍ରତି କୌଣସି ମତେ ଅଧର୍ମାଚରଣ କଲେ ମୁ ସ୍ୱର୍ଗ, ଜୀବନ ଓ କଳତ୍ର ବଞ୍ଚିତ ହେବ ।"

ସମସ୍ତ ମଗଧପ୍ରଜା 'ଜୟ ମହାରାଜ ଚନ୍ଦ୍ରଗୁପ୍ତଙ୍କର ଜୟ' ଧ୍ୱନିରେ ଆକାଶ ନିନାଦିତ କଲେ । ରାଜାଙ୍କର ସିଂହାସନାରୋହଣ ସୂଚକ ଘୋର

Digitized by srujanika@gmail.com

ନୂଆ ରାଜ୍ୟ ଉଠିଲା । ଚାଣକ୍ୟ ଶିଖାବନ୍ଧ କରୁ କରୁ କହିଲେ, "ଆଜି ପୃଥିବୀରେ ପ୍ରତିଷ୍ଠିତ ଧର୍ମ ରାଜ୍ୟର ଆରମ୍ଭ, ଆଜି ମୋ ପ୍ରତିଜ୍ଞା ପୂର୍ଣ୍ଣ ହେଲା ।"

ସାମ୍ରାଜ୍ୟ ବିସ୍ତାର

"When the means of Loo are heard of, the stupid become intelligent, and the wavering determined."

—Chinese Mencius

ଚାଣକ୍ୟ ଧର୍ମରାଜ୍ୟ ପ୍ରତିଷ୍ଠା ପାଇଁ ସଙ୍କଳ୍ପ କରିଥିଲେ । ତାଙ୍କର ଏ ସଙ୍କଳ୍ପ କ୍ଷଣିକ ଉତ୍ତେଜନା ପ୍ରସୂତ ନଥିଲା । ସଙ୍କଳ୍ପ ଧୈର୍ଯ୍ୟ ଓ ସଂଯମସାପେକ୍ଷ । ଉତ୍ତେଜନା ଅନ୍ଧ, ହିତାହିତ-ଜ୍ଞାନ ରହିତ । ତାର ପ୍ରଭାବରେ ଉନ୍ମତ୍ତ ହୋଇ ମନୁଷ୍ୟ ସମୟେ ସମୟେ ନାନା ଦୂଷଣୀୟ କାର୍ଯ୍ୟ କରିଥାଏ । ଚାଣକ୍ୟ କେବେ ଉତ୍ତେଜନାର ସ୍ରୋତରେ ଭାସି ନଯାଇ ବିବେଚନା ଶକ୍ତି ଦ୍ୱାରା ତାହା ଦମନ କରୁଥିଲେ । ବିକାରଗ୍ରସ୍ତ ମାନବ ଯେପରି ସମୟେ ସମୟେ ଅମ୍ବବଢ଼ିମାରେ ଅନ୍ଧ ହୋଇ ନିଜକୁ ସର୍ବେସର୍ବା ମନେକରେ, ଏତେବଡ଼ ଧ୍ୱଂସ ଯଜ୍ଞର ପୁରୋହିତ ସେପରି ନଥିଲେ । ବିକାରକୁ ପ୍ରବଳ ଯୁକ୍ତି ଦ୍ୱାରା ସେ ନିବାରିତ କରୁଥିଲେ ଏବଂ ଉଚ୍ଚ ଉତ୍ତେଜନା ସମୟରେ ମଧ୍ୟ ତାଙ୍କର ହିତାହିତ ଜ୍ଞାନ ଅଟଳ ରହୁଥିଲା । ସୁତରାଂ କେବଳ ନିଜ ଅପମାନର ପ୍ରତିଶୋଧ ନେବାପାଇଁ ସେ ଏ ଯଜ୍ଞର ଆୟୋଜନ କରି ନଥିଲେ । ତାଙ୍କ ବିବେଚନା ଶକ୍ତି ଦ୍ୱାରା

Digitized by srujanika@gmail.com

ମାର୍ଜିତ ପ୍ରତିଶୋଧ ସ୍ପୃହା ତାଙ୍କୁ ଲକ୍ଷ୍ୟ ପଥରେ ସୁନିଶ୍ଚିତ ପଥିକ କରିଥିଲା । ତାଙ୍କ ପ୍ରତିଶୋଧ ବ୍ୟକ୍ତିବିଶେଷଙ୍କ ପ୍ରତି ନୁହେଁ, କିନ୍ତୁ ଗୋଟିଏ ଶୃଙ୍ଖଳାବଦ୍ଧ ଅତ୍ୟାଚାର ପ୍ରତି ଜାଗ୍ରତ ହୋଇଥିଲା । ସେ ଜଣେ ଅଦମ୍ୟ ଇଚ୍ଛାବିଶିଷ୍ଟ, ସୁଦୃଢ଼ ସ୍ୱାଧୀନଚେତା ବ୍ୟକ୍ତି ଥିଲେ । ସେଥିପାଇଁ 'ମନ୍ତ୍ରର ସାଧନ'-ରେ ଜୀବନର ସିଦ୍ଧି କରିଥିଲେ । ଏହି ଯେ ତାଙ୍କର ପ୍ରବଳ ଇଚ୍ଛା-ଶକ୍ତି, ଏହାହିଁ କେତେ ନିରାଶ ଦୁର୍ବଳ ପ୍ରାଣରେ ଆଶା ଓ ଆତ୍ମ-ବିଶ୍ୱାସର ସ୍ଥୈର୍ଯ୍ୟ ଆଣି ଦେଉଥିଲା । ଏହି ଇଚ୍ଛାଶକ୍ତି ଯୋଗୁଁ ସେ ଜଗତର ଅଦ୍ୱିତୀୟ ଚିନ୍ତାବୀର ବୋଲି ପରିଚିତ । ଏହି ଇଚ୍ଛାରେ ଦୃଢ଼ ପ୍ରତିଜ୍ଞା ଜାତ ହୁଏ । ଏହି ଦୃଢ଼ ପ୍ରତିଜ୍ଞତା ଦ୍ୱାରା ମନୁଷ୍ୟତା ଫୁଟି ଉଠେ । ଏହି ତେଜସ୍ୱିତା ଦ୍ୱାରା ଚାଣକ୍ୟ ସ୍ୱାର୍ଥ ମେଧ ଯଜ୍ଞରେ ଆତ୍ମୋତ୍ସର୍ଗ କରିଥିଲେ । ଏହା ଜଗତର ଶ୍ରେଷ୍ଠ ଯଜ୍ଞ । ସେ ଯେଉଁ ଯଜ୍ଞ ସକାଶେ ଆତ୍ମୋତ୍ସର୍ଗ କରିଥିଲେ ତାହା ଅନ୍ଧ ଉନ୍ମାଦନାର ବଶବର୍ତ୍ତୀ ହୋଇ ନୁହେଁ । ତାହା ସ୍ୱାଧୀନମନାର ସ୍ୱାଧୀନ ଚିନ୍ତା ପ୍ରସୂତ ।

ମାସିଡୋନ ଅଧିପତି ସେକନ୍ଦର ପୃଥିବୀ ବିଜୟ କରିବା ଉଦ୍ଦେଶ୍ୟରେ ଯେଉଁ ଅଭିଯାନ କରିଥିଲେ, ପଞ୍ଜାବ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିବା ପରେ ସେ ତାର ଚକ୍ରତା ଅନୁଧାବନ କରିବାକୁ ବାଧ୍ୟ ହୋଇଥିଲେ । ସବଂଶ ହତ୍ୟା ଓ ଲୁଣ୍ଠନର ଦୃଶ୍ୟ ତାଙ୍କୁ ଅଧୀର କଲା । ପୁଣି ତାଙ୍କ ବିଶାଳ ସାମ୍ରାଜ୍ୟ ଶାସନ କରିବା ପାଇଁ କେହି ଅପଥ୍ୟାଦ ନଥିଲେ । ସେ ସେନାପତିମାନଙ୍କ ଅଧୀନରେ ଶାସିତ ହେବା ପାଇଁ ତାଙ୍କ ବିଜିତ ପ୍ରଦେଶ ସମୂହ ବିଭକ୍ତ କରିଦେଇ ଇହଲୀଳା ସାଙ୍ଗ କଲେ । ନିୟତିର ଗତି ବଡ଼ ବିଚିତ୍ର । ସେ କାହାକୁ ଅଖଣ୍ଡ ପ୍ରଭୁତ୍ୱ ଚଳାଇବା ପାଇଁ ଦିଏ ନାହିଁ । ସେକନ୍ଦର ଏକଥା ଇତିହାସ ପୃଷ୍ଠାରେ

Digitized by srujanika@gmail.com

ସ୍ୱର୍ଣ୍ଣାକ୍ଷରରେ ଲେଖି ବିଦାୟ ନେଲେ । ତାଙ୍କ ବିଦାୟ ସଙ୍ଗେ ସଙ୍ଗେ ସାମ୍ରାଜ୍ୟର ଆଧିପତ୍ୟ ନେଇ ତାଙ୍କ ସେନାପତିମାନଙ୍କ ମଧ୍ୟରେ ପ୍ରତି-ଦ୍ୱନ୍ଦ୍ୱିତା ଆରମ୍ଭ ହେଲା ।

ମଳୟକେତୁ ଓ ଚନ୍ଦ୍ରଗୁପ୍ତଙ୍କୁ ନିକଟକୁ ଡାକି ଚାଣକ୍ୟ କହିଲେ– "ତାହାହେଲେ ବର୍ତ୍ତମାନ ଗ୍ରୀକମାନଙ୍କୁ ଭାରତରୁ ତଡ଼ିଦେବା ସମୟ ଆସି ଅଛି । ଆମମାନଙ୍କ ସୈନ୍ୟସହ ମୁଁ ମଗଧର ଶାନ୍ତି ରକ୍ଷା କରିବି । ତୁମେ ଦୁହେଁ ସମସ୍ତ ସୈନ୍ୟ ନେଇ ପଞ୍ଜାବ ବିଜୟ କର ।" ସଙ୍କଳ୍ପ କାର୍ଯ୍ୟରେ ପରିଣତ ହେଲା । ମଳୟକେତୁଙ୍କ ସୈନ୍ୟ ମଗଧର ଶାନ୍ତି ରକ୍ଷା ସକାଶେ ଚାଣକ୍ୟଙ୍କ ଅଧୀନରେ ରହିଲେ । ମଗଧ ଓ ଅନ୍ୟାନ୍ୟ ସୈନ୍ୟ ଚନ୍ଦ୍ରଗୁପ୍ତଙ୍କ ସହିତ ପଞ୍ଜାବ ଯାତ୍ରା କଲେ । ଏଥିର ଦ୍ୱିବିଧ ଉଦ୍ଦେଶ୍ୟ ଥିଲା । ମଗଧ ସୈନ୍ୟ ରାକ୍ଷସଭକ୍ତ ହୋଇଥିଲେ, ରାକ୍ଷସ ସେମାନଙ୍କ ସାହାଯ୍ୟରେ କୌଣସି ଉପଦ୍ରବ କରିପାରେ । ପୁଣି ଚନ୍ଦ୍ରଗୁପ୍ତଙ୍କ ଅଧୀନତା ଅଭ୍ୟସ୍ତ କରାଇବା ସକାଶେ ସେମାନଙ୍କୁ ଅନ୍ୟତ୍ର ଯୁଦ୍ଧରେ ପ୍ରବୃତ୍ତ କରାଇବାକୁ ହେବ । ଏଣେ ପୁରାତନ ଶାସନ ପରେ ନୂତନ ଶାସନର ପ୍ରାରମ୍ଭର ସନ୍ଧିସ୍ଥଳରେ ଯେଉଁ ବିଶୃଙ୍ଖଳା ଜାତହୁଏ, ତାହାର ଦମନ ପାଇଁ ବିଜାତୀୟ ସୈନ୍ୟ ପ୍ରଶସ୍ତ । ଚାଣକ୍ୟଙ୍କର ଏ ରାଜନୀତି ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇଥିଲା । ପାଟଳୀପୁତ୍ରର ସବୁଠି ସୁସଜ୍ଜିତ ପାର୍ବତ୍ୟ ସୈନ୍ୟ ଶାନ୍ତିରକ୍ଷା କରୁଥିଲେ । କୌଣସି ବିଶୃଙ୍ଖଳା ଉଦ୍ଭବ ସମ୍ଭବ ହେଉନାହିଁ । କିନ୍ତୁ ରାକ୍ଷସ ଛାଡ଼ିବା ପାତ୍ର ନଥିଲେ ।

ପଞ୍ଜାବର ସମସ୍ତ ରାଜା ପୂର୍ବରୁ ଚନ୍ଦ୍ରଗୁପ୍ତଙ୍କ ଅନୁଗତ ଥିଲେ । ବର୍ତ୍ତମାନ ଚାଣକ୍ୟଙ୍କ ମଗଧ ବିଜୟ ବାର୍ତ୍ତାରେ ସେମାନେ ଉତ୍ସାହିତ

Digitized by srujanika@gmail.com

ହେଲେ । ସେହି ଗୋଟିଏ କାର୍ଯ୍ୟ ସେମାନଙ୍କୁ ଯେପରି ଶତ ବିଜୟ ଗୌରବର ଶକ୍ତି ଆଣି ଦେଲା । ସେମାନେ ଚାଣକ୍ୟଙ୍କ ଉପଦେଶ ଓ ଉଦାହରଣ ଅନୁଯାୟୀ ସଂହତ ହୋଇ ସ୍ୱାଧୀନ ହେବାର ସଂକଳ୍ପ କଲେ । ଚନ୍ଦ୍ରଗୁପ୍ତଙ୍କୁ ସୈନ୍ୟ ସହ ଉପସ୍ଥିତ ହେବା ଦେଖି ସେମାନେ ତାଙ୍କୁ ସାଦର ଅଭ୍ୟର୍ଥନା କଲେ ଏବଂ ନିଜ ନିଜ ସୈନ୍ୟ ମିଳିତ କରି ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ଯାଏ ପ୍ରତ୍ୟେକ ସ୍ଥାନରେ ସ୍ୱାଧୀନତା ଘୋଷଣା କଲେ । ସର୍ବତ୍ର ମୌର୍ଯ୍ୟ ନିଶାଣ ଉଡ଼ାଇ, ଆବଶ୍ୟକ ସ୍ଥଳରେ ଗ୍ରୀକ ଆକ୍ରମଣ ଦମନ କରି, ଅଳ୍ପକାଳ ମଧ୍ୟରେ ଚନ୍ଦ୍ରଗୁପ୍ତ ସମଗ୍ର ଉତ୍ତର ଭାରତ ନିଜ ସାମ୍ରାଜ୍ୟଭୁକ୍ତ କଲେ । ପ୍ରତ୍ୟେକ ପ୍ରଦେଶର ରଜା ସେହି ପ୍ରଦେଶ ନିମନ୍ତେ ମୌର୍ଯ୍ୟ ପ୍ରତିନିଧି ରୂପେ ଶାସନ କରିବା କ୍ଷମତା ଲାଭ କଲେ । ବିଜୟ ଗୌରବସହ ଚନ୍ଦ୍ରଗୁପ୍ତ ପାଟଳୀ ପୁତ୍ର ଠାକୁ ଫେରି ଆସିଲେ ।

ଏଣେ ରାକ୍ଷସ ମଗଧରେ ନାନା କୂଟ ଷଡ଼ଯନ୍ତ୍ରର ଆୟୋଜନ କରିବାକୁ ଲାଗିଲେ । ମଗଧର ପ୍ରଜାଙ୍କୁ ମନ୍ତ୍ରାଇ ମୌର୍ଯ୍ୟ ରାଜତ୍ୱ ଅସ୍ୱୀକାର କରି ନାନା ଆନ୍ଦୋଳନ କରାଇଲେ । ସେଥିରେ କେତେ ଧନୀ ଓ ଉଚ୍ଚ ରାଜକର୍ମଚାରୀ ବ୍ୟତୀତ ଇତର ସାଧାରଣ ଯୋଗ ଦେଇ ନଥିଲେ । ଚାଣକ୍ୟ ସର୍ବତ୍ର ସାମରିକ ଶାସନ ପ୍ରଚଳନ କରି ସମସ୍ତ ପ୍ରକାର ଅଶାନ୍ତି କଠୋର ଭାବରେ ଦମନ କଲେ—କିନ୍ତୁ ଜଣେ ମଧ୍ୟ ପ୍ରଜାର ପ୍ରାଣନାଶ କଲେ ନାହିଁ । ଏହା ଦେଖି ପାଟଳୀପୁତ୍ରବାସୀ ଚାଣକ୍ୟଙ୍କର ବହୁ ପ୍ରଶଂସା କରିବାକୁ ଲାଗିଲେ । ଚାଣକ୍ୟ ଯେତେବେଳେ ସମ୍ବାଦ ପାଇଲେ ଚନ୍ଦ୍ରଗୁପ୍ତ ପଞ୍ଜାବ ଓ ଉତ୍ତରଭାରତ ଜୟ କରି ଫେରୁ ଅଛନ୍ତି, ସେ ମଗଧ ଅଶାନ୍ତି ଦମନର ନୂତନ ଉପାୟ ଉଦ୍ଭାବନ କଲେ ।

Digitized by srujanika@gmail.com

ରାକ୍ଷସ

"He that can endure
To follow with allegiance a fallen lord."
—Shakespeare

ନନ୍ଦଙ୍କ ରାଜତ୍ୱ କାଳରେ ମଗଧର ପ୍ରକୃତ ଶାସକ ଥିଲେ ରାକ୍ଷସ । ସେ ପ୍ରାୟ ସମସ୍ତ ରାଜକାର୍ଯ୍ୟ ଦକ୍ଷତା ସହକାରେ ସଂପନ୍ନ କରୁଥିଲେ । ସେ ମହାପଦ୍ମ ନନ୍ଦଙ୍କ ପ୍ରତି ବଡ଼ ଅନୁରକ୍ତ ଥିଲେ ଏବଂ ପ୍ରଭୁପୁତ୍ରଗଣଙ୍କୁ ଅକୃତ୍ରିମ ସ୍ନେହ କରୁଥିଲେ । ସେଥିପାଇଁ ସେମାନଙ୍କ ସାମ୍ରାଜ୍ୟ ରକ୍ଷା ନିମନ୍ତେ ତାଙ୍କର ପ୍ରବଳ ଚେଷ୍ଟା । ନନ୍ଦଙ୍କ ହତ୍ୟାପରେ ପ୍ରଭୁପୁତ୍ରଙ୍କ ପ୍ରତିଶୋଧ ଲିପ୍ସା ତାଙ୍କ ପ୍ରାଣରେ ଭୟଙ୍କର ଭାବରେ ଜାଗରୂକ ହେଲା । ସେ ଛଳେ ବଳେ କୌଶଳେ ଚନ୍ଦ୍ରଗୁପ୍ତଙ୍କ ପତନ ନିମନ୍ତେ ଅନବରତ ଚେଷ୍ଟା କରିବାକୁ ଲାଗିଲେ । ରାକ୍ଷସ ନ୍ୟାୟଦର୍ଶୀ ଓ କୌଶଳୀ । ସୁତରାଂ ପ୍ରଜାମାନେ ତାଙ୍କୁ ଭକ୍ତି ଓ ସ୍ନେହ କରୁଥିଲେ । ନନ୍ଦଗଣଙ୍କ ଅତ୍ୟାଚାର ରାକ୍ଷସଙ୍କ ସୁବନ୍ଦୋବସ୍ତର ଯୋଗୁଁ ପ୍ରାୟ ଲୁକ୍କାୟିତ ରହୁଥିଲା । ଚନ୍ଦ୍ରଗୁପ୍ତଙ୍କୁ ସେ କାରାଗାରରୁ କୌଶଳରେ ମୁକ୍ତ କରିଥିବା ଏହାର ପ୍ରମାଣ । ରାକ୍ଷସଙ୍କ ପରାମର୍ଶ ଓ ପରିଚାଳନା ଅଭାବରେ ନନ୍ଦରାଜତ୍ୱ ଏକ ଦିବସ ମଧ୍ୟ ତିଷ୍ଠି ପାରନ୍ତା ନାହିଁ ।

ଚନ୍ଦ୍ରଗୁପ୍ତଙ୍କ ପ୍ରତ୍ୟାବର୍ତ୍ତନ ସଙ୍ଗେ ସଙ୍ଗେ ମଗଧରେ ଭୟଙ୍କର ବିଦ୍ରୋହର ସୃଷ୍ଟି ହେଲା । ନନ୍ଦରାଜଗଣ ଅତ୍ୟାଚାରୀ, ପ୍ରଜା ପୀଡ଼କ, ନିଷ୍ଠୁର ପ୍ରକୃତିକ, ସ୍ୱାର୍ଥପର ଥିଲେ ମଧ୍ୟ କେତେକ ଧନୀ ତାଙ୍କର ଅନୁଗତ ଥିଲେ । ସେମାନଙ୍କର ନାନା ସୂତ୍ରରେ ଶାସନତନ୍ତ୍ର ସହିତ ସ୍ୱାର୍ଥ ଜଡ଼ିତ

Digitized by srujanika@gmail.com

ଥିବାରୁ ପରସ୍ପର ସାହାଯ୍ୟରେ ସ୍ୱାର୍ଥସିଦ୍ଧି କରୁଥାଉଥିଲେ । ସଂଖ୍ୟାରେ ମୁଷ୍ଟିମେୟ ହେଲେ ମଧ୍ୟ ପ୍ରଜାସାଧାରଣଙ୍କ ଉପରେ ସେମାନଙ୍କ ପ୍ରଭାବ ନ୍ୟୂନ ନଥିଲା । ପ୍ରଜାସାଧାରଣ ଏପରି ପ୍ରଭାବରେ ପଡ଼ି ସାଧାରଣତଃ ମୂକ ହୋଇଥାନ୍ତି । 'ତଳେ ମାରିଲେ ଗୋ ହତ୍ୟା, ଉପରେ ମାରିଲେ ବ୍ରହ୍ମହତ୍ୟା ।' ଉପଯୁକ୍ତ ଚାଳକ ଅଭାବରେ ସେମାନେ ଶାସକ ଓ ମଧ୍ୟସ୍ଥ ଉଭୟଙ୍କ ଅତ୍ୟାଚାର ଭୋଗ କରୁଥାନ୍ତି । ରାକ୍ଷସ ଏହି ଧନିକ ଗଣଙ୍କ ଆଶ୍ରୟ କରି ଗୁପ୍ତ ଷଡ଼ଯନ୍ତ୍ର ଆରମ୍ଭ କଲେ । ସେ ଯେଉଁ ସବୁ ଷଡ଼ଯନ୍ତ୍ର କରୁଥିଲେ, ସବୁଥିରେ ତାଙ୍କ ଉଦ୍ଦେଶ୍ୟର ବିପରୀତ ଫଳ ହୋଇଥିଲା । ତାଙ୍କ ନିତାନ୍ତ ରହସ୍ୟ ଆଉ କେହି ଜାଣୁ ନଥିଲେ ସୁଦ୍ଧା ଚାଣକ୍ୟ ଯେ କୌଣସି ସୂତ୍ରରେ ସମସ୍ତ ବୁଝିପାରି ଅଙ୍କୁରରେ ତାହା ବିନଷ୍ଟ କରୁଥିଲେ ।

ବିଷ୍ଣୁଶର୍ମା ଜଣେ ବିଚକ୍ଷଣ ପଣ୍ଡିତ ଓ ଜ୍ୟୋତିଷୀ, ଚାଣକ୍ୟଙ୍କ ସହାଧ୍ୟାୟୀ । ସେ ରାଜନୀତି, ପ୍ରଧାନତଃ ଭେଦନୀତିରେ ଅତିଶୟ ପାରଦର୍ଶୀ । ଚାଣକ୍ୟ ତାଙ୍କୁ ବୌଦ୍ଧ ସନ୍ନ୍ୟାସୀ ବେଶରେ ରାକ୍ଷସଙ୍କ ନିକଟକୁ ପ୍ରେରଣ କଲେ । ବୁଦ୍ଧି କୌଶଳରେ ରାକ୍ଷସଙ୍କ ସଙ୍ଗେ ସୌହାର୍ଦ୍ଦ୍ୟ ସ୍ଥାପନ କରି ତାଙ୍କ ନିକଟରେ ସେ ଅବସ୍ଥାନ କଲେ । ବିଷ୍ଣୁଶର୍ମାଙ୍କ ଠାରୁ ସମ୍ବାଦ ଆଣିବା ପାଇଁ ଚାଣକ୍ୟ ଜୀବସିଦ୍ଧି ନାମକ ତାଙ୍କ ଶିଷ୍ୟକୁ ରାକ୍ଷସଙ୍କ ନିକଟକୁ ପୁଣି ପ୍ରେରଣ କଲେ । ସେ କ୍ଷପଣକ ନାମରେ ପରିଚିତ ହୋଇ ସେଠାରେ ତାଙ୍କ କର୍ମଚାରୀ ଭାବରେ ବାସ କଲେ । ବିଷ୍ଣୁଶର୍ମାଙ୍କ ସହ ରାକ୍ଷସଙ୍କ ଅନ୍ତରଙ୍ଗତା ବୃଦ୍ଧି ପାଇବାରୁ, ରାକ୍ଷସ ସମସ୍ତ ଚକ୍ରାନ୍ତ ତାଙ୍କ ପରାମର୍ଶରେ କରୁଥିଲେ ।

ରାକ୍ଷସ ଗୋଟିଏ ବିଷକନ୍ୟା ପ୍ରସ୍ତୁତ କରାଇ ଜଣଙ୍କ ହସ୍ତରେ ତାହା ଚନ୍ଦ୍ରଗୁପ୍ତଙ୍କ ଠାକୁ ପଠାଇଲେ । ଯେ କେହି ତାହାର ସ୍ପର୍ଶ କଲା

Digitized by srujanika@gmail.com

ମାନେ ବିଷାକ୍ତ ହୋଇ ଅଳ୍ପ ସମୟରେ ମୃତ୍ୟୁ ଲାଭ କରିବେ । ଚାଣକ୍ୟ ଏ ସମ୍ବାଦ ପ୍ରାପ୍ତ ହୋଇ ଅର୍ଦ୍ଧପଥରୁ ତାହା ସେହି ଚର ଦ୍ୱାରା ଅର୍ଦ୍ଧରାଜ୍ୟ ଅଭିଳାଷୀ ପର୍ବତକଙ୍କ ଶିବିରକୁ ପ୍ରେରଣ କଲେ । ତଦ୍ୱାରା ନିରୀହ ପର୍ବତକଙ୍କର ମୃତ୍ୟୁ ସଂଘଟିତ ହେଲା । ଏ ସମ୍ବାଦ ପ୍ରଚାର ହେବାକ୍ଷଣି କ୍ରୋଧାନ୍ଧ ମଳୟକେତୁ ରାକ୍ଷସଙ୍କୁ ବଧ କରିବା ଉଦ୍ଦେଶ୍ୟରେ ଖଡ୍ଗ ହସ୍ତରେ ତାଙ୍କ ନିକଟରେ ଉପସ୍ଥିତ ହେଲେ । ନନ୍ଦ ସେନାପତି ସିଂହବଳଙ୍କ ଭାଇ ଭାଗୁରାୟଣଙ୍କୁ ଚାଣକ୍ୟ ବହୁ ଅର୍ଥଦାନରେ ବଶ କରିଥିଲେ । ସେ ଥିଲେ ରାକ୍ଷସଙ୍କ ଶରୀରରକ୍ଷୀ । ତାଙ୍କ ପ୍ରତି ଚାଣକ୍ୟଙ୍କ ବିଶେଷ ଆଦେଶ ଥିଲା, ସେ ଯେ କୌଣସି ପ୍ରକାରେ ରାକ୍ଷସଙ୍କ ପ୍ରାଣ ରକ୍ଷା କରିବେ । ବର୍ତ୍ତମାନ କ୍ରୁଦ୍ଧ ମଳୟକେତୁଙ୍କୁ ବାରଣ କରି ଭାଗୁରାୟଣ କହିଲେ, "ଚାଣକ୍ୟ କୁଟିଳ ମନ୍ତ୍ରୀ । ସେ କାଳେ ଆପଣଙ୍କ ପିତାଙ୍କୁ ମୃତ୍ୟୁ ସଂଘଟନ କରି ଥାଇପାରନ୍ତି । ସୁତରାଂ ଆପଣ ଏ କଥାର ଅନୁସନ୍ଧାନ ନକରି ହଠାତ୍ କୌଣସି କାର୍ଯ୍ୟ କରିବା ଉଚିତ ନୁହେଁ ।" ମଳୟକେତୁ ଅନୁସନ୍ଧାନ ନିମନ୍ତେ ଫେରିଲେ । ଏଣେ ରାକ୍ଷସ ଭାଗୁରାୟଣଙ୍କୁ ନିଜର ଅକୃତ୍ରିମ ବନ୍ଧୁ ମନେ କଲେ ।

ଚାଣକ୍ୟ ବର୍ତ୍ତମାନ ଦୁଇଟି ଉପାୟ ସ୍ଥିର କଲେ । ପର୍ବତକଙ୍କୁ ମଗଧର ଅର୍ଦ୍ଧେକ ଦେବା ସର୍ତ୍ତ ସ୍ଥିର ହୋଇଥିଲା । ତାହା ମଳୟକେତୁଙ୍କ ପ୍ରାପ୍ୟ, ସୁତରାଂ ମଳୟକେତୁ ତାହା ଦାବି କରିବେ । ମଳୟକେତୁଙ୍କୁ ମଗଧର ଶତ୍ରୁ କରିବାକୁ ହେବ । ତାହାହେଲେ ରାକ୍ଷସ ମଳୟକେତୁଙ୍କ ଆଶ୍ରୟ କରିବେ । ଏଣେ ରାକ୍ଷସ ପାଟଳୀପୁତ୍ରରେ ରହିବା ବିପଜ୍ଜନକ । ରାକ୍ଷସଙ୍କ ପାଟଳୀପୁତ୍ର ତ୍ୟାଗ ସକାଶେ ପ୍ରଥମେ ମଳୟକେତୁ ରାଜଧାନୀ ତ୍ୟାଗ କରିବା ଆବଶ୍ୟକ । ସେ ଭାଗୁରାୟଣଙ୍କ ଦ୍ୱାରା ମଳୟକେତୁଙ୍କ ଶିବିରରେ ପ୍ରଚାର କଲେ ଯେ, ଚାଣକ୍ୟହିଁ ବିଷ-

Digitized by srujanika@gmail.com

କନ୍ୟା ପ୍ରେରଣ କରି ପର୍ବତକଙ୍କୁ ହତ୍ୟା କରିଅଛନ୍ତି । ସେ ବ୍ରାହ୍ମଣ— ସୁତରାଂ ସ୍ୱହସ୍ତରେ ହତ୍ୟା ନକରି ଏ ଉପାୟରେ କରିଅଛନ୍ତି । ସେଥିରେ ମଳୟକେତୁ ଦଶଦିଗ ଅନ୍ଧାର ଦେଖିଲେ । ସେ ଚନ୍ଦ୍ରଗୁପ୍ତଙ୍କୁ ଅନ୍ତର ସହିତ ଘୃଣା କରି ପିତୃହତ୍ୟାର ପ୍ରତିଶୋଧ ନେବା ସଙ୍କଳ୍ପରେ ଅନ୍ୟାନ୍ୟ ସାମନ୍ତ ରାଜାଗଣଙ୍କ ସହ ସସୈନ୍ୟ କୁସୁମପୁର ତ୍ୟାଗ କଲେ ।

ବର୍ତ୍ତମାନ ରାକ୍ଷସ ରାଜଧାନୀ ତ୍ୟାଗ କରିବା ଆବଶ୍ୟକ । ଏଣେ ବିଷ୍ଣୁଶର୍ମାଙ୍କ ଦ୍ୱାରା ଚାଣକ୍ୟ ରାକ୍ଷସଙ୍କୁ ଶୁଣାଇ ଦେଲେ ଯେ, ସେହିରାତି ରାକ୍ଷସଙ୍କ ଗୃହରେ ପ୍ରବେଶ କରି ଘାତକଗଣ ତାଙ୍କୁ ହତ୍ୟା କରିବେ । ରାକ୍ଷସ ସ୍ତମ୍ଭିତ ହେଲେ । ମଳୟକେତୁ ଚନ୍ଦ୍ରଗୁପ୍ତଙ୍କୁ ତ୍ୟାଗ କରିଥିବା କଥା କହି ଯେ ଅବସ୍ଥାରେ ରାକ୍ଷସଙ୍କର ପଳାୟନହିଁ ଏକାନ୍ତ ବିଧେୟ ବୋଲି ବିଷ୍ଣୁଶର୍ମା ପରାମର୍ଶ ଦେଲେ । ସେ ଗୋପନ ପଳାୟନର ସମସ୍ତ ଆୟୋଜନ ମଧ୍ୟ କରିଦେଲେ । ରାକ୍ଷସ କତିପୟ ଅନୁଚରଙ୍କ ସହ ବୌଦ୍ଧ ସନ୍ନ୍ୟାସୀ ବେଶରେ ସନ୍ଧ୍ୟା ବେଳେ ରାଜଧାନୀ ପରିତ୍ୟାଗ କରି ମଳୟକେତୁଙ୍କ ଶିବିରରେ ଉପସ୍ଥିତ ହେଲେ । ସେ ମଳୟକେତୁଙ୍କ ସହ ମିଳିତ ହେବାକ୍ଷଣି ପରସ୍ପର ପରସ୍ପରଙ୍କୁ ସ୍ନେହ ସମ୍ଭାଷଣ କଲେ । ତା'ପରେ ଉଭୟେ ମିଶି ମୌର୍ଯ୍ୟ ପତନର ନାନା ପରାମର୍ଶ କରିବାକୁ ଲାଗିଲେ ।

ଚାଣକ୍ୟ ଇଚ୍ଛା କରିଥିଲେ ରାକ୍ଷସଙ୍କୁ ବନ୍ଦୀ ବା ବଧ କରିଥାନ୍ତେ, କିନ୍ତୁ ତାହା ନକରି ତାଙ୍କ ଅବାଧ ପଳାୟନର ଉପାୟ କରିଦେଲେ । ସେଥିରେ ଗୂଢ଼ ରାଜନୀତିକ ଉଦ୍ଦେଶ୍ୟ ଥିଲା । ରାକ୍ଷସ ଚତୁର, ପ୍ରବୀଣ ମନ୍ତ୍ରୀ । ଚନ୍ଦ୍ରଗୁପ୍ତଙ୍କର ସେପରି ମନ୍ତ୍ରୀର ଅଭାବ ଥିଲା । ରାକ୍ଷସଙ୍କୁ ବଶ କରି ସେ ତାଙ୍କୁ ମଗଧର ମନ୍ତ୍ରୀ ପଦରେ ବରଣ କରିବେ । କିନ୍ତୁ ସମସ୍ତ

Digitized by srujanika@gmail.com

ଉଦ୍ୟମ ବ୍ୟର୍ଥ ନହେଲେ ରାକ୍ଷସ କଦାପି ଶତ୍ରୁର ମନ୍ତ୍ରୀତ୍ୱ ଗ୍ରହଣ କରିବେ ନାହିଁ । ସେ ବଡ଼ ପ୍ରଭୁଭକ୍ତ । ଶତ୍ରୁ ଦ୍ୱାରରେ କର୍ମଗ୍ରହଣ ହେବାପାଇଁ ସେ କୌଣସି ମତେ ସହଜରେ ସମ୍ମତ ହେବେନାହିଁ । ରାଜଧାନୀରେ ରହିଲେ ତାଙ୍କୁ ବଶ କରି ହେବନାହିଁ—ସେ ନାନା ଷଡ଼ଯନ୍ତ୍ରର ସୂତ୍ର-ପାତ କରିବେ । ସୁତରାଂ ବାହାରେ ରହି ଷଡ଼ଯନ୍ତ୍ର କରିବାପାଇଁ ତାଙ୍କୁ ମାର୍ଗ ଦର୍ଶାଇ ଦିଆଗଲା । ରାକ୍ଷସଙ୍କ ରାଜଧାନୀ ତ୍ୟାଗ ସଙ୍ଗେ ସଙ୍ଗେ ଏକଦଳ ନର୍ତ୍ତକୀ ଓ ବୌଦ୍ଧ ସନ୍ୟାସୀ ପାଟଳୀପୁତ୍ରରୁ ବାହାରି ମଳୟ-କେତୁଙ୍କ ଶିବିରରେ ଉପସ୍ଥିତ ହେଲେ । ସେମାନେ ନାଚ ଗାନ କରି ଭିକ୍ଷା ମାଗି ସେଠାରେ ରହିଲେ ।

ଭାଗୁରାୟଣ ଚାଣକ୍ୟଙ୍କ ପରାମର୍ଶମତେ ରାକ୍ଷସଙ୍କ ପ୍ରାଣରକ୍ଷା ନିମିତ୍ତ ରହିଲେ । ରାକ୍ଷସ ତାଙ୍କର ସମସ୍ତ ଚରଙ୍କୁ ଉପଦେଶ ଦେଇ ପାଟଳୀ-ପୁତ୍ରକୁ ପ୍ରେରଣ କଲେ । ଚନ୍ଦ୍ରଗୁପ୍ତଙ୍କ ମୃତ୍ୟୁ ସକାଶେ ସେ ଯେଉଁସବୁ ବନ୍ଦୋବସ୍ତ କରି ଆସିଥିଲେ, ତାହା କାଳେ କାର୍ଯ୍ୟକାରୀ ନହେଲେ, ଚରଗଣ ଚନ୍ଦ୍ରଗୁପ୍ତ ଓ ଚାଣକ୍ୟଙ୍କ ମଧ୍ୟରେ କଳହ ଜାତ କରିବେ । ତଦ୍ୱାରା ଚାଣକ୍ୟ ଯଦି ମୌର୍ଯ୍ୟ ଧ୍ୱଂସ ସକାଶେ ପ୍ରତିଜ୍ଞା ନକରନ୍ତି, ତଥାପି ଚାଣକ୍ୟବିହୀନ ଚନ୍ଦ୍ରଗୁପ୍ତଙ୍କୁ ଷଡ଼ଯନ୍ତ୍ର ବଳରେ କିମ୍ବା ଯୁଦ୍ଧରେ ଦମନ କରିବା ରାକ୍ଷସଙ୍କ ପକ୍ଷରେ ସାଧାରଣ କଥା । ରାକ୍ଷସଙ୍କ ଷଡ଼ଯନ୍ତ୍ର ବିଷୟ ମଳୟକେତୁ ଓ ଭାଗୁରାୟଣ ଜାଣି ନଥିଲେ । ସୁତରାଂ ରାକ୍ଷସଙ୍କର ଦୃଢ଼ ଧାରଣା, ଏଥର ଚନ୍ଦ୍ରଗୁପ୍ତଙ୍କ ବିନାଶ ଅବଶ୍ୟମ୍ଭାବୀ । ସେ ଅପୂର୍ବ ତୃପ୍ତି ସହକାରେ ସୁସମ୍ବାଦ ପ୍ରତୀକ୍ଷା କରି ରହିଲେ ।

Digitized by srujanika@gmail.com

ଚାଣକ୍ୟଙ୍କ ସୃଷ୍ଟି

"Greatness is not the soldier, not Alexander or Bonaparte * * * who represent the highest force in mankind; not the stronghand, but wisdom & civility, the creation of laws, institutions, letters and art :"

—Emerson.

ନିଜ ପ୍ରକୋଷ୍ଠରେ ଏକାକୀ ଚାଣକ୍ୟ ଗମ୍ଭୀର, ଚିନ୍ତାମଗ୍ନ । ରାକ୍ଷସ ଓ ମଳୟକେତୁଙ୍କ ମିଳନ ଓ ସମ୍ମିଳିତ ଉଦ୍ୟମ ଯୋଗୁଁ ସେ ଅବଗତ । ନନ୍ଦବଂଶ ଧ୍ୱଂସ କରିବା ଯୋଗୁଁ ନନ୍ଦାନୁରକ୍ତ ରାକ୍ଷସ ତାଙ୍କ ପ୍ରତି ଭୟଙ୍କର ଭାବରେ କ୍ରୁଦ୍ଧ ହୋଇଅଛନ୍ତି । ତେଣେ ମଳୟକେତୁ ମଧ୍ୟ ପିତାଙ୍କ ହତ୍ୟାରେ ଉତ୍ତ୍ୟକ୍ତ ହୋଇଅଛନ୍ତି, ପାର୍ବତ୍ୟ ରାଜନ୍ୟବୃନ୍ଦଙ୍କୁ ଦଳଭୁକ୍ତ ଏବଂ ପାର୍ବତ୍ୟ ଜାତି ସମସ୍ତଙ୍କୁ ସୈନ୍ୟଭୁକ୍ତ କରୁଅଛନ୍ତି । ବାସ୍ତବପକ୍ଷେ ସେମାନଙ୍କ ଉଦ୍ୟମ ବ୍ୟର୍ଥ କରିବା ସକାଶେ ମଗଧ ପକ୍ଷରୁ ବିପୁଳ ଆୟୋଜନ ହେବା ନିତାନ୍ତ ଆବଶ୍ୟକ । ସମ୍ମୁଖ ସମରର ଆରମ୍ଭ ହେଲେ ମଗଧ ସୈନ୍ୟଙ୍କର ଶକ୍ତିର ଶେଷ ପର୍ଯ୍ୟନ୍ତ ପରୀକ୍ଷା ହେବ । କିନ୍ତୁ ସେ ପରୀକ୍ଷା ଏଡ଼ାଇ ଷଡ଼ଯନ୍ତ୍ରରେ ରିପୁଙ୍କୁ ହସ୍ତଗତ କରିବା ସର୍ବପ୍ରକାରରେ ବିଧେୟ । ତା'ନ ହେଲେ ମଗଧର ବହୁ ସୈନ୍ୟ କ୍ଷୟ ହେବ— ହୁଏତ ଜୟ କରିବା ଚନ୍ଦ୍ରଗୁପ୍ତ ପକ୍ଷେ କଷ୍ଟକର ହେବ ।

ସାମ, ଦାନ, ଭେଦ, ଦଣ୍ଡ ରାଜନୀତିର ଏହି ଚାରିଗୋଟି ଅଙ୍ଗକୁ ସେ ନୂତନତା ଦେଇ ତାହାର ସାହାଯ୍ୟରେ ସମସ୍ତ ରାଜକାର୍ଯ୍ୟ ଚଳାଇ

Digitized by srujanika@gmail.com

ଆସିଅଛନ୍ତି । ସେଥିପାଇଁ ସେ ପର୍ବତେଶ୍ୱରଙ୍କ ଅଧୀନରେ ମଗଧ ଜୟ କରିଅଛନ୍ତି । ବର୍ତ୍ତମାନ ଭେଦ ଓ ଦଣ୍ଡ ଉଭୟ ଦ୍ୱାରା ପ୍ରଣାଳୀ ଅବଲମ୍ବନ କରି ଉଦ୍ଦେଶ୍ୟ ସିଦ୍ଧ କରିବେ । ନନ୍ଦଙ୍କ ବଧ ଓ ଚନ୍ଦ୍ରଗୁପ୍ତଙ୍କ ସିଂହାସନ ଲାଭ ସଙ୍ଗେ ସଙ୍ଗେ ତାଙ୍କ ପ୍ରତିଜ୍ଞା ପୂର୍ଣ୍ଣ ହୋଇଅଛି, ତାଙ୍କ ଉଦ୍ଦେଶ୍ୟ ସଫଳ ହୋଇଅଛି, ତଥାପି ସେ ରାଜନୀତି କର୍ମରେ ଘାଣ୍ଟି ହେଉଅଛନ୍ତି; ତାହା କେବଳ ଚନ୍ଦ୍ରଗୁପ୍ତଙ୍କ ଅନୁରୋଧରୁ । ଚନ୍ଦ୍ରଗୁପ୍ତଙ୍କ ଜଣେ ଉପଯୁକ୍ତ ଉପଦେଷ୍ଟା ନଦେଇ ସେ ରାଜନୀତି କ୍ଷେତ୍ରରୁ କପରି ବା ଅବସର ଗ୍ରହଣ କରିବେ ? ସେପରି ଉପଦେଷ୍ଟା ମଧ୍ୟ ରାକ୍ଷସ ବ୍ୟତୀତ ଆଉ କେହି ନାହାନ୍ତି । ସୁତରାଂ ରାକ୍ଷସଙ୍କୁ ମନ୍ତ୍ରୀତ୍ୱ ପ୍ରଦାନ ନକଲେ ତାଙ୍କ କାର୍ଯ୍ୟ ଅପୂର୍ଣ୍ଣ ରହିବ—ପୁଣି କାଳେ ଅନ୍ତର୍ବିପ୍ଳବ ଆସି ମଗଧ ସିଂହାସନ ଅଧିକାର କରିବ; ପୁଣି କାଳେ ଗ୍ରୀକମାନେ ଆସି ଭାରତ ଜୟ କରିବେ ।

ମଗଧ ପାଇଁ ଗୋଟିଏ ସୁନିୟନ୍ତ୍ରିତ ଶାସନ-ତନ୍ତ୍ର ଗଠନ କରିବାକୁ ହେବ, ଶିଥିଳିତ ପଲ୍ଲୀ-ସଂଗଠନ ସୁଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ କରିବାକୁ ହେବ, ସାମ୍ରାଜ୍ୟର ଶିଳ୍ପ ଓ ବାଣିଜ୍ୟର ପୁନରୁଦ୍ଧାର କରିବାକୁ ହେବ, ପ୍ରଜାମାନଙ୍କର ଅର୍ଥ ସଂସ୍ଥାନ କରିବାକୁ ହେବ, ଅବାଧ ଯାତାୟାତ ନିରାପଦ କରିବାକୁ ହେବ, ଅବୈଧ ବ୍ୟବସାୟ ସମସ୍ତ ନଷ୍ଟ କରିବାକୁ ହେବ । ଏ ସବୁଥିରେ ନୂତନ ସୃଷ୍ଟି ନକଲେ ଏ ସାମ୍ରାଜ୍ୟ ବହୁଦିନ ତିଷ୍ଠି ପାରିବନାହିଁ । ବୌଦ୍ଧ ନାସ୍ତିକତାରେ ଆକୃଷ୍ଟ ହୋଇ ବର୍ଣ୍ଣାଶ୍ରମ ଧର୍ମ କେହି ଆଉ ଆଶ୍ରୟ କରୁନାହାନ୍ତି । ସମସ୍ତେ 'ନିର୍ବାଣ' ପ୍ରାପ୍ତି ପ୍ରକାଶେ ଇଚ୍ଛୁକ । କିନ୍ତୁ ଦେଶର ବୈଷୟିକ ଉନ୍ନତି ନନହେଲେ, ପ୍ରଜାଗଣ ସୁଖ ସ୍ୱାଚ୍ଛନ୍ଦ୍ୟରେ ସ୍ୱାଧୀନ ଜୀବନଯାପନ ନକଲେ, ମାନସିକ ଉତ୍କର୍ଷତା ସମ୍ପାଦନ କିମ୍ବା ଆଧ୍ୟାତ୍ମିକ-ଜୀବନ ଲାଭ କୌଣସି ମତେ ସମ୍ଭବ ନୁହେ । ସୁତରାଂ ସେ ବର୍ତ୍ତମାନ ଏ ସମସ୍ତର ନିୟମ ପ୍ରଣୟନ କରିବ, ଯେସବୁ ନିୟମ

Digitized by srujanika@gmail.com

ପୁଣି କାର୍ଯ୍ୟ ଭିତରେ ପ୍ରଚଳନ ନକରି ଅବସର ଗ୍ରହଣ କରିବେ କିପରି ?

ଚାଣକ୍ୟଙ୍କ ଦୁଇଟି କାର୍ଯ୍ୟ ବାକୀ ରହିଅଛି । ପ୍ରଥମ ଶାସନ-ନୀତିର ପ୍ରଚଳନ ପାଇଁ ସୁଚିନ୍ତିତ ନିୟମ ପ୍ରଣୟନ, ଦ୍ୱିତୀୟ ସେହି ନିୟମ କାର୍ଯ୍ୟକାରୀ କରିବା ପାଇଁ ଏବଂ ଶାସନ ତନ୍ତ୍ରର ଉଦ୍ଦେଶ୍ୟତା ହୃଦୟଙ୍ଗମ କରିବା ପାଇଁ ଲୋକଶିକ୍ଷା । ଶାସନତନ୍ତ୍ର ସମ୍ବନ୍ଧରେ ସେ ଏଥି ମଧ୍ୟରେ ନିୟମ ସମସ୍ତ ଲିପିବଦ୍ଧ କରିଅଛନ୍ତି, ଏବଂ ତାହାର କାର୍ଯ୍ୟକାରିତା ମଧ୍ୟ ଆରମ୍ଭ ହୋଇଅଛି । ବର୍ତ୍ତମାନ ସେ କେବଳ ଲୋକଶିକ୍ଷା ଛଳରେ ରାଜନୀତି, ସମାଜନୀତି, ଧର୍ମନୀତି ପ୍ରଚାର କରିବେ ପ୍ରତି ପୁରପଲ୍ଲିରେ ସେ ଶିକ୍ଷା ଲୋକମୁଖରେ ବିସ୍ତୃତ ହୋଇ ପ୍ରଜାଗଣଙ୍କ ମଧ୍ୟରେ ସମବାୟ ଉଦ୍ୟମର ସୃଷ୍ଟି କରିବ । ପଲ୍ଲୀ ଶିକ୍ଷାରେ ସଂସ୍କାର ଆବଶ୍ୟକ—ପଲ୍ଲୀ ସନ୍ତାନ ପ୍ରକୃତ ନାଗରିକଭାବ ହୃଦୟଙ୍ଗମ ନକଲେ ସାମ୍ରାଜ୍ୟର ଭିତ୍ତି ସୁଦୃଢ଼ ହେବ ନାହିଁ । ପ୍ରତ୍ୟେକ ପଲ୍ଲୀବାସୀ ନିଜ ସାମ୍ରାଜ୍ୟ ବିଷୟ ନେଇ ଗର୍ବ ନକଲେ ଶିକ୍ଷାର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ସାଧିତ ହେବନାହିଁ । ପଲ୍ଲୀର ଗଣତନ୍ତ୍ର ଯେପରି ଅବସ୍ଥାରେ ଅଛି, ସେଥିରେ ସମାଜ କ୍ରମେ ଶିଥିଳ ହେଉଅଛି । ଗଣତନ୍ତ୍ର ଉପରେ ହସ୍ତକ୍ଷେପ ନକରି ସାମ୍ରାଜ୍ୟ ଭାବ ସମସ୍ତଙ୍କ ଭିତରେ ସୂକ୍ଷ୍ମଭାବରେ ପ୍ରବେଶ କରାଇବାକୁ ହେବ । ତାହାହେଲେ ଲୋକଶକ୍ତି ପୁଣି ଜାଗରିତ ହେବ, ଦେଶ ସ୍ୱାଧୀନତା ରକ୍ଷା କରିବ ।

ଚାଣକ୍ୟଙ୍କ ନିର୍ଜ୍ଜନ ଚିନ୍ତାରେ ବ୍ୟାଘାତ ଘଟିଲା । ତୃଣଟିଏ ହସ୍ତରେ ଧରି କୃଷେ ଲୋକ ତାଙ୍କ ଆବାସ ସମ୍ମୁଖରେ ଗୀତ ଗାଇ ଗାଇ ଏଣେ ତେଣେ ପାଦଚାରଣ କଲା । ଶିଷ୍ୟ ବାରଣ କରିବାରୁ ସେ

Digitized by srujanika@gmail.com

ଆଗ୍ରହୀଙ୍କ ସାକ୍ଷାତ ପ୍ରାର୍ଥନା କଲା । ଶିଷ୍ୟ ସମ୍ମତ ନ ହେବାରୁ ସେ
କହିଲା, ତାଙ୍କ ଗୁରୁଙ୍କୁ ସେ ଗୋଟିଏ ଦରକାରୀ ଉପଦେଶ-ବାକ୍ୟ ଶୁଣାଇବାକୁ
ସେ ଆସିଅଛି । ଶାର୍ଙ୍ଗରବର କ୍ରୋଧ ବଢ଼ିଲା । ସେ ତାକୁ ଦୂର
କରିବାକୁ ଚେଷ୍ଟା କରିବାରୁ ଲୋକଟି କହିଲା, "ଏତେ ରାଗ କାହିଁକି ?
ସମସ୍ତେ କଣ ସବୁ କଥା ଜାଣନ୍ତି ? ଅଜ୍ଞ କହୁଛନ୍ତି, ଚନ୍ଦ୍ର କାହାର
ଅପ୍ରିୟ ?" ଶିଷ୍ୟ କହିଲା, ସେ ସାମାନ୍ୟ କଥାର ଉତ୍ତର ଦେବାକୁ
ଇଚ୍ଛୁକ ନୁହେଁ । ତହୁଁ ଆଗନ୍ତୁକ କହିଲା, "ତେବେ ମନେରଖ, ତୁମ
ଗୁରୁ ଶୁଣିଲେ ବୁଝିବେ ଚନ୍ଦ୍ର କାହାର ଅପ୍ରିୟ ।"

ଚାଣକ୍ୟ ବୁଝିଲେ, ଚନ୍ଦ୍ରଗୁପ୍ତଙ୍କ ଶତ୍ରୁ କିଏ, ଲୋକଟି
ଜାଣେ । ସେ ନିଶ୍ଚୟ ତାଙ୍କ ଚର ହୋଇଥିବ । ସେ ତାକୁ ଗୃହ ମଧ୍ୟକୁ
ନେଇ ସେ କଥା ବୁଝି ପାରିଲେ । ସେ ଜିଜ୍ଞାସା କଲେ, "ଅଚ୍ଛା,
ପାଟଳୀପୁତ୍ରର ସମ୍ବାଦ କଅଣ ? ଚନ୍ଦ୍ରଗୁପ୍ତଙ୍କ ବିରୁଦ୍ଧରେ କିଏ କିଏ
ଅଛନ୍ତି ?" ଚର ଉତ୍ତର କଲା, "ପ୍ରଥମ କ୍ଷପଣକ । ସେ ରାକ୍ଷସଙ୍କ ବିଷ-
କନ୍ୟା ପର୍ବତକଙ୍କ ନିକଟକୁ ନେଇ ତାଙ୍କର ମୃତ୍ୟୁ-ବିଧାନ କଲା ।
ଦ୍ୱିତୀୟ ବ୍ୟକ୍ତି ଶକଟାର । ସେ ରାକ୍ଷସଙ୍କ ସହିତ ମିଶି ସର୍ବଦା ଚନ୍ଦ୍ର-
ଗୁପ୍ତଙ୍କ ଅନିଷ୍ଟସାଧନରେ ତତ୍ପର । ମଧ୍ୟ ସେ ଲୋକଙ୍କ ସହିତ ମିଳା-
ମିଶା କରି ଗୋପନରେ ନାନା ଷଡ଼ଯନ୍ତ୍ର କରିବା ପ୍ରୟାସୀ । ତାଙ୍କର
ପରାମର୍ଶରେ ବିଷକନ୍ୟା ପ୍ରେରିତ ହୋଇଥିବା ପ୍ରକାଶ ।" ଚାଣକ୍ୟ ଅଳ୍ପ
ହସି ଜିଜ୍ଞାସା କଲେ, "ତୃତୀୟ ବ୍ୟକ୍ତି କିଏ ?" ଚର କହିଲା,
"ଚନ୍ଦନ ଦାସ ନାମକ ଜଣେ ମହାଜନ ଏହି ସହରରେ ବାସକରେ ।
ସେ ରାକ୍ଷସଙ୍କ ଅକୃତ୍ରିମ ବନ୍ଧୁ । ପଳାତକ ରାକ୍ଷସଙ୍କ ପରିବାରକୁ ସେ
ଗୋପନରେ ନିଜ ଗୃହଠାରେ ଆଶ୍ରୟ ଦେଇଅଛି ।" ଚାଣକ୍ୟ ତାହାର
ପ୍ରମାଣ ଲୋଡ଼ିବାରୁ ସେ କହିଲା, ସେ ଗୀତ ଗାଇ ଗାଇ ଛବି ଦେଖାଇ

Digitized by srujanika@gmail.com

ଉପନନ୍ଦଙ୍କ ଘରର ଅବାଧ ପ୍ରାଚୀର ମଧ୍ୟରେ ପ୍ରବେଶ କଲା । ସେତେବେଳେ ଜଣେ ବାଳକ ଗୋଟିଏ ଦ୍ୱାରରୁ ବାହାରିବା କ୍ଷଣି ଜଣେ ପ୍ରୌଢ଼ା ରମଣୀ ତାକୁ ମନା କରି ତାର ହାତଧରି ଟାଣି ନେଇଗଲା । ସେତେବେଳେ ରମଣୀ ହସ୍ତରୁ ଅକସ୍ମାତ୍ ଗୋଟିଏ ଅଙ୍ଗୁରୀୟ ଖସି ପଡ଼ିବାରୁ ସେ ବନ୍ଧୁ ନିପୁଣକ ତାହା ନେଇ ଆସିଅଛି । ଏହାକହି ଚାଣକ୍ୟଙ୍କ ହସ୍ତରେ ସେହି ଗୋଟିଏ ବହୁମୂଲ୍ୟ ଅଙ୍ଗୁରୀୟ ପ୍ରଦାନ କଲା ।

ଚାଣକ୍ୟ ଅଙ୍ଗୁରୀୟଟି ସୂକ୍ଷ୍ମ ଭାବରେ ଦେଖିଲେ, ସେଥିରେ ରାକ୍ଷସଙ୍କ ସ୍ୱାକ୍ଷର ଅଙ୍କିତ । ସୁତରାଂ ଚର ଉକ୍ତ ପ୍ରୌଢ଼ା ରମଣୀକୁ ରାକ୍ଷସଙ୍କ ପତ୍ନୀ ଭାବିଥିବା ସଙ୍ଗତ ହୋଇଅଛି । ତାହା ହେଲେ ତ ରାକ୍ଷସ ଚାଣକ୍ୟଙ୍କ ମୁଷ୍ଟିଗତ । ରାକ୍ଷସଙ୍କ ପରିବାର ହସ୍ତଗତ କରିବାକୁ ହେବ । ସେହି ସୂତ୍ରରେ ରାକ୍ଷସ ଧରା ପଡ଼ିବ । ଚାଣକ୍ୟଙ୍କ ମୁଖରେ ପୂର୍ଣ୍ଣ ପ୍ରସନ୍ନତା ପ୍ରକଟିତ ହେଲା । ଚରକୁ ପୁରସ୍କାରର ଆଶା ସହିତ ବିଦାୟ ଦେଇ ସେ ଗୋଟିଏ ପତ୍ର ଲେଖି ବସିଥିଲେ । ଏହି ସମୟରେ ଜଣେ ଲୋକ ଆସି କହିଲା ଯେ ମହାରାଜ ଚନ୍ଦ୍ରଗୁପ୍ତ ତାଙ୍କର କେତେ ସ୍ୱର୍ଣ୍ଣାଳଙ୍କାର ବ୍ରାହ୍ମଣଙ୍କୁ ଦାନ ଦେବା ଅଭିଳାଷ କରୁଅଛନ୍ତି । ଏହି ଲୋକ ସିଦ୍ଧାର୍ଥକ—ଚାଣକ୍ୟଙ୍କ ବଶୀଭୂତ ଚର । ସେ ତାକୁ କହିଲେ "ବିଶ୍ୱାବସୁ ଭାଇଙ୍କୁ ସେହି ଦାନ କାଲି ଦିଅଯାଉ ଏବଂ ଦାନ ପ୍ରାପ୍ତ ହେଲା ପରେ ସେମାନେ ମୋ ସହିତ ସାକ୍ଷାତ କରି ଯାଆନ୍ତୁ ।" ସିଦ୍ଧାର୍ଥକ ତଦନୁରୂପ ସମ୍ବାଦ ଦେଇ ଫେରି ଆସିଲେ ।

ଚାଣକ୍ୟଙ୍କ ପତ୍ରଲେଖା ଶେଷ ହେଲା । ସିଦ୍ଧାର୍ଥକ ହାତରେ ତାହା ଦେଇ ରାକ୍ଷସ ବନ୍ଧୁ ଶକଟ ଦାସ ହାତରେ କୌଶଳରେ

Digitized by srujanika@gmail.com

ତଦନୁରୂପ ଲେଖାଇ ଆଣିଲେ । ସେଥିରେ କୌଣସି ସ୍ଥାନ ବା ଲେଖକର ନାମ ନଥିଲା । ପତ୍ରରେ ରାକ୍ଷସଙ୍କର ସେହି ଅଙ୍ଗୁରୀୟର ମୋହର ଅଙ୍କିତ କରି ଦିଆଗଲା । ସିଦ୍ଧାର୍ଥକ ହାତରେ ପତ୍ର ଓ ଅଙ୍ଗୁରୀୟ ଦେଇ ଚାଣକ୍ୟ କହିଲେ, "ମୋହର ଉପଦେଶ ମତରେ ସମସ୍ତ କାର୍ଯ୍ୟ କରିବ । ମୋ ଆଦେଶକ୍ରମେ ବର୍ତ୍ତମାନ ଶକଟଦାସଙ୍କୁ ବଧ ଭୂମିକି ନିଆଯିବ । ତୁମ୍ଭେ ଯାଇ ଘାତକଗଣଙ୍କୁ ଇଙ୍ଗିତ ଦେଇ ଏବଂ ମୌଖିକ ଭୟ ପ୍ରଦର୍ଶନ କରି କୌଣସି ପ୍ରକାରେ ସେଠାରୁ ତଡ଼ି ଦେବ । ପରେ ଶକଟଦାସଙ୍କୁ ନେଇ ଦ୍ରୁତଗତିରେ ରାକ୍ଷସ ଶିବିରରେ ପହଞ୍ଚିବ । ଶକଟଦାସ ରାକ୍ଷସଙ୍କ ପ୍ରିୟବନ୍ଧୁ—ତାଙ୍କର ପ୍ରାଣରକ୍ଷା ହେତୁ ରାକ୍ଷସ ତୁମକୁ ବିଶ୍ୱାସ ଓ ଆଦର କରିବେ । କୌଣସି ପୁରସ୍କାର ଗ୍ରହଣ ନକରି କେବଳ କୃତଜ୍ଞତା ଦେଖାଇ ତୁମ୍ଭେ ସେଠାରେ ରହିବ ଏବଂ ମୋହର ଆଦେଶ ଅନୁରୂପ କାର୍ଯ୍ୟ କରିବ ।

ଶିଷ୍ୟଙ୍କୁ ଡ଼ାକି ଚାଣକ୍ୟ କହିଲେ, "ଘାତକଗଣଙ୍କୁ କହ ମହାରାଜାଙ୍କ ଆଦେଶ, ଜୀବସିଦ୍ଧି ରାଜା ପର୍ବତକଙ୍କଠାକୁ ରାକ୍ଷସ ପ୍ରେରିତ ବିଷକନ୍ୟା ନେଇ ତାଙ୍କ ପ୍ରାଣ ହରଣ କରି ଥିବା ଅପରାଧରେ ତାଙ୍କୁ ଅପମାନ ଦେଇ ରାଜ୍ୟରୁ ବିତାଡ଼ିତ କରାଯାଉ । ପୁଣି ଶକଟଦାସ ରାକ୍ଷସର ଅନ୍ତରଙ୍ଗ ବନ୍ଧୁ—ମହାରାଜାଙ୍କ ବିରୁଦ୍ଧରେ ରାକ୍ଷସପକ୍ଷ ଅବଲମ୍ବନ କରି ରାଜଧାନୀରେ ନାନା ଷଡ଼ଯନ୍ତ୍ରର ଆୟୋଜନ କରୁଅଛନ୍ତି । ସୁତରାଂ ତାଙ୍କୁ ବନ୍ଦୀ କରି ବଧ ଭୂମିରେ ଅବଲମ୍ବିତ ଶୂଳ ଦିଆଯାଉ ।" ଶିଷ୍ୟ ସମ୍ବାଦ ଦେବା ପାଇଁ ପ୍ରସ୍ଥାନ କରିବା ପରେ ସିଦ୍ଧାର୍ଥକ ଚାଣକ୍ୟଙ୍କ ନିକଟରୁ ଅନ୍ୟାନ୍ୟ ଉପଦେଶ ନେଇ କାର୍ଯ୍ୟୋଦ୍ଧାର ଉଦ୍ଦେଶ୍ୟରେ ବାହାରିଲେ ।

Digitized by srujanika@gmail.com

ଚନ୍ଦନ ଦାସ

A sacrificial joy, that flings
Even to the grave, and not complains."
—Isben

ଚନ୍ଦନ ଦାସ ମଗଧର ଧନ କୁବେର—ରାଜ୍ୟର ପ୍ରଧାନ ବନ୍ଧୁ । ସେ ବଡ଼ ସ୍ୱାଧୀନଚେତା ଓ ଧର୍ମଭୀରୁ । ବ୍ୟବସାୟକ୍ଷେତ୍ରରେ ସାଧୁତା ଅବଲମ୍ବନ କରିବା ତାଙ୍କ ସ୍ୱଭାବ ଥିଲା । ବ୍ୟବହାରରେ ସମସ୍ତଙ୍କୁ ସେ ସମାନ ଦେଖୁଥିଲେ; ଧନୀ, ନିର୍ଦ୍ଧନ ସମସ୍ତଙ୍କୁ ସମାନ ଆଦର କରୁଥିଲେ । ଦୁଃଖୀ ରଙ୍କି ସର୍ବଦା ତାଙ୍କଠାରେ ନିର୍ଭର ରଖିଥିଲେ—ବିପଦ୍‌ଗ୍ରସ୍ତ ପ୍ରଜା ତାଙ୍କ ଦ୍ୱାରରେ ଉପସ୍ଥିତ ହେଲେ ନିରାଶ ହୋଇ କେବେ ଫେରୁ ନଥିଲେ । ଧନ ସମ୍ପଦ ପ୍ରତି ତାଙ୍କର ଆସକ୍ତି ନଥିଲା । ସେ ଅକାତରଭାବରେ ତାହା ସତ୍କାର୍ଯ୍ୟରେ ବ୍ୟୟ କରୁଥିଲେ । ରାଜ୍ୟର ବିପଦରେ ସେ ତାଙ୍କର ସମସ୍ତ ଧନ ଉତ୍ସର୍ଗ କରିବାକୁ ଯେପରି ପ୍ରସ୍ତୁତ ଥିଲେ ଏବଂ ଶାସନ ବ୍ୟୟ ସଙ୍କଟବେଳେ ରାଜକୋଷକୁ ଋଣ ପ୍ରଦାନ କରୁଥିଲେ, ସେପରି ନିର୍ଦ୍ଦୋଷୀ ପ୍ରଜା ରାଜଦ୍ରୋହୀ ଭାବରେ ଦଣ୍ଡିତ ହେଲେ ସେ ତାକୁ ଆଶ୍ରୟ ପ୍ରଦାନ ମଧ୍ୟ କରୁଥିଲେ । ସୁତରାଂ ରାଜା ଓ ପ୍ରଜା ଉଭୟଙ୍କର ସେ ସମ୍ମାନର ପାତ୍ର ଥିଲେ । ମହାପଦ୍ମ ନନ୍ଦଙ୍କ କର୍ତ୍ତୃକ ସେ 'ଧନକୁବେର' ଉପାଧିରେ ଭୂଷିତ ହୋଇଥିଲେ । ମନ୍ତ୍ରୀ ରାକ୍ଷସଙ୍କର ସେ ଅକୃତ୍ରିମ ବନ୍ଧୁ—ଉଭୟେ ପ୍ରାୟ ପ୍ରତ୍ୟହ ବସି ସମଗ୍ର ରାଜ୍ୟର ଉନ୍ନତି କଳ୍ପେ ନାନା ପରାମର୍ଶ କରନ୍ତି ।

ଚାଣକ୍ୟ ଚନ୍ଦନ ଦାସଙ୍କୁ ଡକାଇ ପଠାଇଲେ । ଚାଣକ୍ୟଙ୍କ ନାମ ଶ୍ରବଣମାତ୍ରେ ସମସ୍ତେ ଭୟତ୍ରସ୍ତ ହୁଅନ୍ତି—ଚନ୍ଦନ ଦାସଙ୍କ ବକ୍ଷ

Digitized by srujanika@gmail.com

କମ୍ପିତ ହେଲା । ଅନେକ ଭାବି ଚିନ୍ତି, ନିଜକୁ ନିଜେ ଆଶ୍ୱାସନା ଦେଇ ସେ ଚାଣକ୍ୟଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଚାଣକ୍ୟ ତାଙ୍କୁ ଗୋଟିଏ ସୁସଜ୍ଜିତ ଆସନ ଦେଖାଇ ବସିବାକୁ କହିଲେ— କିନ୍ତୁ ସେ ସମ୍ମତ ହେଲେ ନାହିଁ । ପୁନଃପୁନ ଅନୁରୋଧରେ ସେ ଆସନ ଗ୍ରହଣ କରି ଆହ୍ୱାନର କାରଣ ଜିଜ୍ଞାସା କଲେ । ଚାଣକ୍ୟ ସେଥିର କୌଣସି ଉତ୍ତର ନଦେଇ କେବଳ ପଚାରିଲେ "ଚନ୍ଦନଦାସ, ତୁମର ବ୍ୟବସାୟ ନିର୍ବିଘ୍ନରେ ଚାଲୁଛି ତ ?" ଚନ୍ଦନ ଦାସ କହିଲେ, ଟୀଙ୍କ ଆଶୀର୍ବାଦରୁ ସମସ୍ତ ସୁଖମତ ଚାଲୁଛି । ଚତୁର ଚାଣକ୍ୟ ପ୍ରଶ୍ନ କଲେ "ଅଚ୍ଛା, ଚନ୍ଦ୍ରଗୁପ୍ତଙ୍କ ଶାସନରେ ତୁମର କୌଣସି ଅସୁବିଧା ହେଉଛି ?" ଚନ୍ଦନ ଦାସ ନୀରବ ହୋଇ ମୁଣ୍ଡ ନତ କଲେ । ଚାଣକ୍ୟ ପଚାରିଲେ "ଆଚ୍ଛା, ପ୍ରଜାମାନେ ଯଦି ସୁଖରେ ରହନ୍ତି, ସେମାନଙ୍କ ପକ୍ଷରେ ରାଜ-ଦ୍ରୋହୀ ହେବା ଉଚିତ କି ?" ଚନ୍ଦନଦାସ ବିପଦ ଗଣିଲେ । କପଣ କିନ୍ତୁ କିନ୍ତୁ ଚାଣକ୍ୟ ତାଙ୍କୁ ବି ଅଜ୍ଞାତ ବିପଦରେ ଜଡ଼ିତ କରିବାକୁ କିପରି କୌଶଳରେ ପ୍ରଶ୍ନ କରୁଅଛନ୍ତି ! ସେ କଥା ସ୍ମରି ସେ ଟିକିଏ ଗମ୍ଭୀର ହେଲେ । ପରେ ନିଜ ସାଧୁତା ବଳରେ ଦୁର୍ବଳତା ଦୂରକରି ନିଃଶଙ୍କ ଚିତ୍ତରେ ଉତ୍ତର କଲେ "ଆଜ୍ଞା, ନିଶ୍ଚୟ ନୁହେଁ । ଆପଣ କାହାକୁ ରାଜଦ୍ରୋହୀ ମନେ କରୁଛନ୍ତି ?" ଚାଣକ୍ୟ କହିଲେ, "ତୁମକୁ । ମନେ କରୁନାହିଁ, ପ୍ରମାଣ ପାଉଛି ।"

ଚନ୍ଦନ ଦାସ ଶୁଷ୍କ ମୁଖରେ କହିଲେ, "କି ଆଶ୍ଚର୍ଯ୍ୟ, ମୁଁ ରାଜଦ୍ରୋହୀ ?" ଚାଣକ୍ୟ କହିଲେ, "ଭୟ କାହିଁକି ? ସତ୍ୟ ପ୍ରକାଶରେ ଭୟର ସ୍ଥାନ ମୋଟେ ନାହିଁ । କିନ୍ତୁ ମିଥ୍ୟା କହିବା ଭୟାନକ ଅଧର୍ମ । ରାକ୍ଷସ ମଗଧର ଶତ୍ରୁ, ଏକଥା ଜାଣ । ତାଙ୍କ ପରିବାରକୁ ଆଶ୍ରୟ ଦାନକରି ତୁମେ ରାଜଦ୍ରୋହୀ ହୋଇଅଛ ।" ଚନ୍ଦନ ଦାସ କହିଲେ, ତାଙ୍କୁ କଏ

Digitized by srujanika@gmail.com

ମିଥ୍ୟା ସମ୍ବାଦ ଦେଇ ପ୍ରତାରଣା କରୁଛ । ସେ ସମ୍ବାଦ ସତ୍ୟ ନୁହେ । ରାକ୍ଷସଙ୍କ ପରିବାର ତାଙ୍କ ଘରେ ନାହାନ୍ତି । ଚାଣକ୍ୟ କହିଲେ "ସତ କହି ଆତ୍ମ ମର୍ଯ୍ୟାଦା ରକ୍ଷା କର । ରାକ୍ଷସଙ୍କ ପରିବାର ଆମ୍ଭର ହସ୍ତଗତ କରିଦିଅ । ତୁମର କୌଣସି ବିପଦ ଘଟିବ ନାହିଁ ।" ଚନ୍ଦନ ଦାସ କହିଲେ, "ରାକ୍ଷସଙ୍କ ପରିବାର ଏଥିପୂର୍ବେ କିଛି ସମୟ ମୋ ଘରେ ଥିଲେ, କିନ୍ତୁ ବର୍ତ୍ତମାନ ନାହାନ୍ତି ।" ଚାଣକ୍ୟ ପଚାରିଲେ, "ତାହାଙ୍କର ବର୍ତ୍ତମାନ କେଉଁଠି ଅଛନ୍ତି ?" ଚନ୍ଦନ ଦାସ ଦୃଢ଼ ସ୍ୱରରେ କହିଲେ "ମୁଁ ଜାଣେ ନାହିଁ ।" କ୍ରୋଧରେ ଥରହର କମ୍ପିତ ହୋଇ ଚାଣକ୍ୟ କହିଲେ, "ଚନ୍ଦନ ଦାସ, ତୁମର କି ପ୍ରାଣର ମମତା ନାହିଁ ? ଯେ ଅଙ୍ଗୁଳିଠାରେ ନନ୍ଦବଂଶ ଧ୍ୱଂସ କରିଅଛି ତା'ଠାରେ ମିଥ୍ୟା କଥା ! ମନେରଖ ବଣିକ, ଚାଣକ୍ୟର ଚେଷ୍ଟାକୁ ନିର୍ବାପିତ କରିବ, ଏପରି କ୍ଷମତା କାହାରି ନାହିଁ । ଚାଣକ୍ୟ ଜୀବିତ ଥିବାଯାଏ ଚନ୍ଦ୍ରଗୁପ୍ତଙ୍କ କେଶାଗ୍ର ମଧ୍ୟ କେହି ସ୍ପର୍ଶ କରିପାରିବେ ନାହିଁ । ଚନ୍ଦନଦାସ ! ବାଲୁକା ନିକ୍ଷେପ କରି କେହି କି ଗଭୀର ସାଗର ପୋତିପାରେ, ବିନା ସହାୟରେ ହିମାଳୟ ଶିଖର ଉଲ୍ଲଙ୍ଘନ କରିପାରେ, ପ୍ରଖର ସ୍ରୋତ ଜାହ୍ନବୀର ଗତି ରୋଧ କରିପାରେ ? କେହି କି ଭୂମିକମ୍ପର ଉତ୍ପାତ ଶାନ୍ତ କରିପାରେ, ଜଳ ସେଚନ କରି ଅଗ୍ନେୟଗିରି ଉଦଗୀରଣ ନିର୍ବାପିତ କରିପାରେ ? ଚାଣକ୍ୟର ସୃଷ୍ଟି କି ଶତ ରାକ୍ଷସ, ଶତ ସହସ୍ର ଚନ୍ଦନ ଦାସ ବ୍ୟର୍ଥ କରିପାରନ୍ତି ?"

ଚନ୍ଦନ ଦାସ ନିରୁତ୍ତର । ଏହି ସମୟରେ ବାହାରେ କୋଳାହଳ ଶୁଣାଯିବାରୁ କାରଣ ଜାଣିବା ପାଇଁ ଚାଣକ୍ୟ ଶିଷ୍ୟକୁ ପ୍ରେରଣ କଲେ । ଶିଷ୍ୟ ବୁଝିଆସି କହିଲା—"ଜୀବସିଦ୍ଧି ରାଜଦ୍ରୋହୀ ପ୍ରମାଣିତ ହେବାରୁ ଅପମାନ ସହିତ ତାଙ୍କୁ ରାଜ୍ୟରୁ ବହିଷ୍କୃତ କରିଦିଆଯାଉ-

Digitized by srujanika@gmail.com

ଅଛି ।” ଏହାଶୁଣି ଚନ୍ଦନ ଦାସଙ୍କୁ ଶୁଣାଇ ଶୁଣାଇ ଚାଣକ୍ୟ କହିଲେ— “ଅନ୍ୟାୟକାରୀ ତଦନୁରୂପ ଶାସ୍ତି ପାଇବା ଉଚିତ । ତେବେ ଚନ୍ଦନ ଦାସ ଯଦି ତାଙ୍କ ସଦୁପଦେଶ ପ୍ରତି କର୍ଣ୍ଣପାତ କରି ସୁବିବେଚନାର କାର୍ଯ୍ୟ କରିବେ, ସତ୍ୟ ପ୍ରକାଶ କରିବେ, ତାହାହେଲେ ସେ ମହାରାଜଙ୍କ ଅନୁଗ୍ରହ ଭାଜନ ହୋଇ ଚିରଦିନ ସୁଖରେ ରହିବେ ।”

ବାହାରେ ପୁଣି କୋଳାହଳ ଶୁଣାଗଲା । ଶାରଙ୍ଗରବ ଚାଣକ୍ୟଙ୍କ ଆଦେଶରେ ପୁଣି ବୁଝି ଆସି କହିଲା, “ଶକଟାର ରାଜଦ୍ରୋହୀ ହେବା ଯୋଗୁଁ ତାଙ୍କୁ ଶୂଳଦେବା ସକାଶେ ବଧଭୂମିକୁ ନିଆଯାଉଅଛି ।” ଚାଣକ୍ୟ ମୌର୍ଯ୍ୟ ଶାସନ-ନୀତିର ପ୍ରଶଂସା କରି କହିବାକୁ ଲାଗିଲେ ଯେ, ଦଣ୍ଡ ଠିକ୍ ଅନୁରୂପ ହୋଇଅଛି । ଚନ୍ଦନ ଦାସଙ୍କୁ ଏପରି କଠୋର ଦଣ୍ଡ ବିଧାନରୁ ରକ୍ଷା କରିବା ନିମନ୍ତେ ସେ ଇଚ୍ଛୁକ । ସୁତରାଂ ଚନ୍ଦନ ଦାସ ପ୍ରକୃତ ସମ୍ବାଦ ଗୋପନ ରଖି ମହାରାଜଙ୍କର ନିଗ୍ରହ ଭାଜନ ହେବା କୌଣସି ମତେ ବାଞ୍ଛନୀୟ ନୁହେ ।

ଚନ୍ଦନ ଦାସ ଏ ପର୍ଯ୍ୟନ୍ତ ତରଳ ଚିନ୍ତାରେ ଅଭିଭୂତ ହୋଇଥିଲେ । ବର୍ତ୍ତମାନ ଏହି ଉକ୍ତିରେ ସେ ଅତ୍ୟନ୍ତ ଉତ୍ତ୍ୟକ୍ତ ହେବାରୁ ତାଙ୍କ ଉଷ୍ଣ ରକ୍ତ ଧମନୀରେ ପ୍ରଖର ପ୍ରବାହିତ ହେବାକୁ ଲାଗିଲା, ତାଙ୍କ ଶରୀର କ୍ରୋଧରେ କମ୍ପିବାକୁ ଲାଗିଲା । ସେ ଦୃଢ଼ତା ଓ ନିର୍ଭୀକତା ବ୍ୟଞ୍ଜକ ସ୍ୱରରେ କହିଲେ, “ବୃଥା ଏ ଭୟ ପ୍ରଦର୍ଶନ ! ଚନ୍ଦନ ଦାସ କଣ ଆତ୍ମ ଓ ସମ୍ମାନରେ ବନ୍ଧୁର ପରିବାରକୁ ବିପଦ୍‌ଗ୍ରସ୍ତ କରିବ ? ମୋ ଗୃହରେ ରାକ୍ଷସଙ୍କର କେହି ନାହାନ୍ତି — କେଉଁଠାରୁ ବା ଆଣି ଆପଣଙ୍କୁ ସମର୍ପଣ କରିଦେବି ? ଥିଲେ ମଧ୍ୟ ସେକଥା ସ୍ୱୀକାର କରିବି ନାହିଁ ।”

Digitized by srujanika@gmail.com

ଚାଣକ୍ୟ—ଏହାକି ତୁମର ଶେଷ କଥା ?

ଚନ୍ଦନ ଦାସ—ଏହାହିଁ ମୋର ପ୍ରତିଜ୍ଞା ।

ଚାଣକ୍ୟ ବାହାରେ ଯେତିକି କ୍ରୋଧ ପ୍ରକାଶ କରନ୍ତୁ ପଛେ, ଚନ୍ଦନ ଦାସଙ୍କ ବନ୍ଧୁ ପ୍ରୀତି, ସ୍ୱାଧୀନ ଉକ୍ତି ଓ ନିର୍ଭୀକତାରେ ପ୍ରୀତ ହେଲେ । ସେ ଭାବିଲେ, ଏହିପରି ସ୍ୱାଧୀନଚେତା, ନିଃସ୍ୱାର୍ଥପର ବନ୍ଧୁ ଅନୁରକ୍ତ ନାଗରିକ ମଗଧର ଗର୍ବର କାରଣ । ଏହିପରି ଗର୍ବର ସମ୍ପଦ ନଥିଲେ ରାଜ୍ୟ ଲୋକାଳୟ ନାମରେ ଅଭିହିତ ହେବା ଉଚିତ ନୁହେ—କେବଳ ହିଂସ୍ର କମ୍ରା ମୃତ ପଶୁମାନଙ୍କ ଆବାସ ବୋଲି ଧରା-ଯିବା କଥା । ଚନ୍ଦନ ଦାସଙ୍କ ଭଳି ନାଗରିକଗଣ ନଥିଲେ ଚାଣକ୍ୟଙ୍କର କୌଶଳ ସୃଷ୍ଟି, ନୂତନ ଉଦ୍ଭାବନ, ସତର୍କତା ଅବଲମ୍ବନର ଆବଶ୍ୟକତା ରହିବ ନାହିଁ—ତାଙ୍କ କାର୍ଯ୍ୟ ଅତିଶୟ ଦୁଃସାଧ ହେବ-ନାହିଁ । ସୁତରାଂ କାର୍ଯ୍ୟରେ ଗୌରବବୋଧ ମଧ୍ୟ ରହିବ ନାହିଁ ।

ଚାଣକ୍ୟ ପୁଣି ପ୍ରଶ୍ନ କଲେ, "ଏହାକି ତୁମର ସ୍ଥିର ସଙ୍କଳ୍ପ ?"

ଚନ୍ଦନ ଦାସ କହିଲେ, "ହାଁ, ଏହାହିଁ ମୋର ଅଟଳ ପ୍ରତିଜ୍ଞା ।" ଚାଣକ୍ୟ କୃତ୍ରିମ କ୍ରୋଧ ପ୍ରକାଶ କରି ଶିଷ୍ୟକୁ ଡାକି ଆଦେଶ ଦେଲେ ଯେ, ସେ ଯାଇ ରକ୍ଷୀଦଳକୁ ଯାଇ ଜଣାଇ ଦେବ, ଦୁଷ୍ଟ ଚନ୍ଦନ ଦାସର ସର୍ବସ୍ୱ ଲୁଣ୍ଠନ କରି ସ୍ତ୍ରୀ ପୁତ୍ର ସହ ତାକୁ ବନ୍ଦୀ କରି ରଖାଯିବ । ତାହାର ପ୍ରାଣଦଣ୍ଡର ଆଦେଶ ପାଇଁ ସେ ମହାରାଜାଙ୍କୁ ପରେ ଅନୁରୋଧ କରିବେ । ଦେଖାଯିବ, ବନ୍ଧୁପ୍ରୀତି କେତେକାଳ ସ୍ଥାୟୀ ହୋଇପାରେ ।

ଚନ୍ଦନ ଦାସ ଅଟଳ, ଗମ୍ଭୀର । ଆଶ୍ରିତକୁ ଆଶ୍ରୟ ପ୍ରଦାନ ମାନବର ପ୍ରଥମ କର୍ତ୍ତବ୍ୟ, ସ୍ୱଧର୍ମ । ସେହି ଆଶ୍ରିତ ଯଦି ପ୍ରାଣର ବନ୍ଧୁ

Digitized by srujanika@gmail.com

କିମ୍ବା ତାଙ୍କ ସମ୍ପର୍କୀୟ କେହି ହୋଇଥାନ୍ତି, ତାହାହେଲେ ଅଦ୍ୱିତୀୟ କଥା ଭାବିବା ପାଇଁ ଅବକାଶ ରହେ ନାହିଁ—ସର୍ବସ୍ୱ ତ୍ୟାଗ କରି, ପ୍ରାଣ ପର୍ଯ୍ୟନ୍ତ ପଣକରି ତାଙ୍କୁ ରକ୍ଷା କରିବାକୁ ହୁଏ । ସେଥି-ପାଇଁ ମୃତ୍ୟୁ ଘଟିଲେ, ସେହି ମୃତ୍ୟୁ ଅନନ୍ତ ଗୌରବମୟ, ଅମୃତମୟ । ତେବେ ତୁଚ୍ଛ ପ୍ରାଣ ଭୟରେ ସେ ସ୍ୱଧର୍ମ ଭ୍ରଷ୍ଟ ହେବେ କାହିଁକି ? ଏହି ଦଣ୍ଡଲାଭ ବଧ୍ୟ ନିର୍ବନ୍ଧ ବୋଲି ସ୍ଥିରକରି ଚନ୍ଦନ ଦାସ ଅଗ୍ରସର ହେଲେ । ଚାଣକ୍ୟଙ୍କ ଆଦେଶାନୁସାରେ ଶାରଙ୍ଗରବ ଚନ୍ଦନ-ଦାସଙ୍କୁ ଧରି ବାହାରକୁ ଗଲେ ।

ଚାଣକ୍ୟଙ୍କ କପାଳରୁ ମୁହୂର୍ତ୍ତକ ପାଇଁ ଚିନ୍ତାରେଖା ଅପସାରିତ ହେଲା । ସେ ପ୍ରଫୁଲ୍ଲମନରେ ଭାବିଲେ—ରାକ୍ଷସର ପରିବାର ରକ୍ଷା କରିବା ପାଇଁ ଚନ୍ଦନ ଦାସ ଯେପରି ପ୍ରାଣ ପର୍ଯ୍ୟନ୍ତ ଉତ୍ସର୍ଗ କରିବାକୁ ଉଦ୍ୟତ, ସେପରି ରାକ୍ଷସ ନିଜ ବନ୍ଧୁର ପ୍ରାଣରକ୍ଷା ପାଇଁ ପଶ୍ଚାତ୍‌ପଦ ହେବ ନାହିଁ । ସେତେବେଳେ ରାକ୍ଷସ ଧରା ପଡ଼ିବ, ଚାଣକ୍ୟର ଅଭିଳାଷ ପୂର୍ଣ୍ଣ ହେବ ।

ଚାଣକ୍ୟଙ୍କ ଚକ୍ରାନ୍ତ ବୁଝିବାପାଇଁ କାହାର ସାଧ୍ୟ ନଥିଲା । ତାଙ୍କର ପ୍ରତିକାର୍ଯ୍ୟ ଗୋଟିଏ ଗୋଟିଏ ରହସ୍ୟ—ତାଙ୍କ ବାକ୍ୟ ପ୍ରହେଳିକା । ସେ ଚନ୍ଦନ ଦାସକୁ ଯେଉଁ ଭୟ ପ୍ରଦର୍ଶନ କଲେ ତାହା କୁଟିଳତା ବର୍ଜ୍ଜିତ, କୃତ୍ରିମ ଓ ମୌଖିକ ମାତ୍ର । ରାଜନୀତି କ୍ଷେତ୍ରରେ ଏପରି କୃତ୍ରିମତା ଅବଲମ୍ବନ କରିବା ସକାଶେ ସେ ଚନ୍ଦ୍ରଗୁପ୍ତଙ୍କୁ ଉପଦେଶ ଦେଇଥାନ୍ତି ।

ପୁଣି କୋଳାହଳ ଶୁଭିଲା । ଚାଣକ୍ୟ ଜିଜ୍ଞାସା କରି ଜାଣିଲେ, ବଧଭୂମିରୁ ଶକଟାରଙ୍କୁ ଘାତକଗଣଙ୍କ ହସ୍ତରୁ ମୁକ୍ତ କରି ସିଦ୍ଧାର୍ଥକ

Digitized by srujanika@gmail.com

ତାଙ୍କ ସହିତ ପଳାୟନ କରିଅଛି । ଚାଣକ୍ୟ ପୁଣି ମନେମନେ ହସିଲେ, କାରଣ ତାଙ୍କ ନିର୍ଦ୍ଦେଶମତେ କାର୍ଯ୍ୟ ଚାଲିଥିଲା, କୌଣସିଠାରେ ଟିକିଏ ମାତ୍ର ବିଶୃଙ୍ଖଳା ନଥିଲା । ପ୍ରକାଶ୍ୟରେ ଶିଷ୍ୟଙ୍କୁ କହିଲେ "କି ସର୍ବ-ନାଶ ! ଭଗୁରାୟଣଙ୍କୁ ସମ୍ବାଦ ଦିଅ, ସେ ସେମାନଙ୍କୁ ଧରି ନେଇ ଆସିବ ।" ଶିଷ୍ୟ କହିଲା, "ଭଗୁରାୟଣ ମଧ୍ୟ ଗୋପନରେ ପଳାୟନ କରି ଅଛି ।" ଚାଣକ୍ୟ କ୍ରୋଧ ପ୍ରକାଶ କରି କହିଲେ, "ଯେତେବେଳେ ସେ ମଧ୍ୟ ବିଦ୍ରୋହୀ ହେଲାଣି ସୈନ୍ୟମାନଙ୍କୁ ଆଦେଶ ଦିଆଯାଉ, ସେମାନେ ପଳାତକଗଣଙ୍କୁ ଧରି ଆଣନ୍ତୁ ।" ଶିଷ୍ୟ ଚାଲି ଆସି କହିଲା, "ସୈନ୍ୟ-ମାନେ କେଉଁଠାରେ ନାହାନ୍ତି, ସମସ୍ତ ରାଜଧାନୀରେ କୋଳାହଳ, ସର୍ବତ୍ର ବିଶୃଙ୍ଖଳା । ଯେଉଁଠାରେ ଦେଖିବାକୁ ଗଲେ ଦଳେ ଦଳେ ଲୋକ ଏକତ୍ର ହୋଇ ଇତସ୍ତତଃ ଶଙ୍କିତଭାବରେ ଘୂରୁଛନ୍ତି । କେହି କାହାରିକୁ ବିଶ୍ୱାସ କରି କିଛି କହୁ ନାହାନ୍ତି । ସମସ୍ତ ନଗର ଭୟ ତ୍ରସ୍ତ ।" ଚାଣକ୍ୟ କ୍ରୋଧରେ ଆଦେଶ କଲେ, "ତେବେ ବୃଦ୍ଧମାନେ ଅଛନ୍ତି, ସେମାନଙ୍କୁ କହ, ପଳାତକଗଣଙ୍କୁ ସେମାନେ ଧରିନେଇ ଆସନ୍ତୁ ।" ଶିଷ୍ୟ ପ୍ରସ୍ଥାନ କଲା ।

ଚାଣକ୍ୟ ମନେ ମନେ ଅପାର ଆନନ୍ଦ ଲାଭକଲେ । କିଛିକ୍ଷଣ ସନ୍ତୋଷ-ହାସ ପ୍ରକାଶ କରି ଅନୁଚ୍ଚସ୍ୱରରେ କହିବାକୁ ଲାଗିଲେ— "ଯାଏ କି ରାକ୍ଷସର ଚାଣକ୍ୟର ଏ ଜାଲ ଭେଦ କରିବ ! ତାହାର ଗୁପ୍ତ-ଚରଗଣ ଦେଖିଯିବେ—ମଗଧରେ ଅଶାନ୍ତି, ଅରାଜକତା ବିଦ୍ୟମାନ । କିନ୍ତୁ ରାକ୍ଷସ ଜାଣିବନି, ଏହା ଛଳନା ନିମନ୍ତେ 'ମାତ୍ର' ଚାଣକ୍ୟର ସୃଷ୍ଟି । ଆଜି ଚାଣକ୍ୟ ଯେଉଁ କୌଶଳ-ମାୟା-ଜାଲ ବିସ୍ତାର କରିଅଛି, ସମସ୍ତେ ସେଥିରେ ପଡ଼ିବେ, କିନ୍ତୁ ମୁକ୍ତି ଲାଭ କରିବେ ନାହିଁ । ପ୍ରକୃତି କାର୍ଯ୍ୟର ପୁରୁଷ ସାକ୍ଷୀ ମାତ୍ର । କିନ୍ତୁ ଚାଣକ୍ୟ ନିଜ ସୃଷ୍ଟିର ସାକ୍ଷୀ ଓ

Digitized by srujanika@gmail.com

ଶେକ୍ତା । ଚାଣକ୍ୟ କେବଳ କୌଶଳ-ସୃଷ୍ଟି ପରସ୍ଖଳନ କରିବ ନାହିଁ, ନିଜେ କିଛି ସମସ୍ତ ସେଥିରେ ଘୂର୍ଣ୍ଣାୟମାନ ହେବ, ଅଥଚ ମୂଳସୂତ୍ର ଦୃଢ଼ଭାବରେ ଧାରଣ କରିଥିବ । ଚାଣକ୍ୟ ହସ୍ତରୁ ସେ ସୂତ୍ର କେହି ଛିନ୍ନ କରିପାରିବେ ନାହିଁ । ଏହା କଳ୍ପନାର ମରୀଚିକା ନୁହେଁ, ଦୀର୍ଘ ସୂତ୍ରର ସ୍ୱପ୍ନ ନୁହେଁ, କିନ୍ତୁ ପ୍ରତ୍ୟକ୍ଷୀଭୂତ ବାସ୍ତବ ସୃଷ୍ଟି । ଭାଗ୍ୟ-ହସ୍ତରୁ ମାନବ ଆତ୍ମଶକ୍ତି ପ୍ରତି ଅନ୍ଧ ହୋଇ ନିଜକୁ ଅକ୍ଷମ ମନେକରେ । ଅକ୍ଷମତା ଅଜ୍ଞତା ମାତ୍ର, ମୂଢ଼ତାର କୁସଂସ୍କାର ମାତ୍ର । ମାନବ ସମସ୍ତ କରିପାରେ । ଅସମ୍ଭବ ହୋଇ ସୃଷ୍ଟିରେ କିଛି ନାହିଁ । ମାନବ ଇଚ୍ଛା କଲେ ସୂର୍ଯ୍ୟ ଚନ୍ଦ୍ରକୁ କକ୍ଷଚ୍ୟୁତ କରିପାରେ, ସୌର-ମଣ୍ଡଳକୁ ଘୂର୍ଣ୍ଣାୟମାନ କରିପାରେ, ବିଶ୍ୱବ୍ୟାପୀ ବିପ୍ଳବର ସୃଷ୍ଟି କରି-ପାରେ, ସାଗର ଲଙ୍ଘନ କରିପାରେ, ଆକାଶ ଭ୍ରମଣ କରିପାରେ, ଅସମ୍ଭବ କିଛି ନାହିଁ, କିଛି ନାହିଁ !”

ପ୍ରତିକ୍ରିୟା

‘It makes no difference how many tons’ weight of atmosphere presses on our heads, so long as the same pressure resists it within the lungs.”

— Emerson

ସଂସାରରେ ସମସ୍ତ କ୍ରିୟାର ପ୍ରତିକ୍ରିୟା ଅଛି, ଧ୍ୱଂସର ସୃଷ୍ଟି ଅଛି, ବେଗର ପ୍ରତିକାର ଅଛି—ଯେ କୌଣସି କ୍ଷତର ପୂରଣ ଅଛି । ତା’ ନହେଲେ ସଂସାର ମୁହୂର୍ତ୍ତେ ତିଷ୍ଠି ପାରନ୍ତା ନାହିଁ । ପ୍ରକାରାନ୍ତରରେ

Digitized by srujanika@gmail.com

ଏହି ସବୁ ପ୍ରତିକ୍ରିୟା ଯୋଗୁଁ ସୃଷ୍ଟି ମନୋହର, ମଧୁର, ରମଣୀୟ ହୋଇଅଛି । ପ୍ରକୃତିର କାର୍ଯ୍ୟ ମଧୁମୟ —ସେଥିରେ କାହାରି କେବେ କ୍ଷତି ହୋଇ ନାହିଁ, ପୁଣି ଯାହା କ୍ଷତି ରୂପେ ଦୃଷ୍ଟ ହୁଏ, ତାହା ମାନବର କୌଣସି ପ୍ରକାର ବ୍ୟତିକ୍ରମର ମଙ୍ଗଳକର ପ୍ରତିକ୍ରିୟା ମାତ୍ର । ସୂକ୍ଷ୍ମ-ଦର୍ଶୀ ମାନବ ଏକଥା ବୁଝି ସୃଷ୍ଟି-ରହସ୍ୟରେ ମୁଗ୍ଧ ଓ ବିସ୍ମିତ ହୁଏ ।

ନନ୍ଦଗଣ ଭୌତିକ ଶକ୍ତିର ଅବତାର—ରାକ୍ଷସ ଭୌତିକତାର ସମର୍ଥକ । ସୁତରାଂ ରାକ୍ଷସଙ୍କ ଚକ୍ରାନ୍ତ ପ୍ରକୃତିର ଇଙ୍ଗିତ ବିରୁଦ୍ଧରେ । ତାହା କୌଣସି ମତେ ଫଳବତୀ ହେଲେ ଭୌତିକତାର ବିଜୟ ଚିରନ୍ତନ ହୁଅନ୍ତା । ସେଥିପାଇଁ ରାକ୍ଷସଙ୍କ ପ୍ରତିକ୍ରିୟାର ଅବତାର ରୂପେ ଚାଣକ୍ୟ ନିୟତିର ନିର୍ଦ୍ଦେଶରେ ଭୌତିକତା-ସମର୍ଥକ ସମସ୍ତ ଷଡ଼ଯନ୍ତ୍ର ବ୍ୟର୍ଥ କରନ୍ତି । ଏକଥା ରାକ୍ଷସ ବୁଝି ପାରନ୍ତି ନାହିଁ । ରାକ୍ଷସ କୁସଂସ୍କାର, ଅନ୍ଧ ବିଶ୍ୱାସର ଦାସ ନ ଥିଲେ । ସେ ଆତ୍ମ-ଶକ୍ତିରେ ବିଶ୍ୱାସ ସ୍ଥାପନ କରିଥିଲେ । କିନ୍ତୁ ସେ ଏତିକି ବୁଝି ନଥିଲେ, ନନ୍ଦବଂଶର ଉଚ୍ଛେଦ ସାଧନ ଅର୍ଥାତ୍ ଭୌତିକ ଶକ୍ତିର ଏକଚ୍ଛତ୍ର ଆଧିପତ୍ୟର ଧ୍ୱଂସ ସାଧନ ନିୟତିର ଅନୁମୋଦିତ, ସୁତରାଂ ଅବଶ୍ୟମ୍ଭାବୀ । ସେ କେବଳ ନନ୍ଦାନୁରକ୍ତ, ପ୍ରଭୁଭକ୍ତ, ଅନ୍ଧ । ସେ ନନ୍ଦଗଣଙ୍କ ପ୍ରତିଶୋଧ ଗ୍ରହଣ ସକାଶେ ଜୀବନ ପଣ କରିଥିଲେ ।

ଚାଣକ୍ୟ ଜାଣନ୍ତି, ରାକ୍ଷସ କେବଳ ଅନ୍ଧ ପ୍ରଭୁଭକ୍ତିର ବଶବର୍ତ୍ତୀ ହୋଇ ନନ୍ଦାନୁରକ୍ତ । ତାଙ୍କର ସେ ଅଜ୍ଞତା ପ୍ରତିପନ୍ନ କରାଇବାକୁ ଯିବା ମୂର୍ଖତା ହେବ, କାରଣ ରାକ୍ଷସ ଜାଣନ୍ତି, ଚାଣକ୍ୟ ନନ୍ଦ ବିରୋଧୀ । ସୁତରାଂ ସେ ପ୍ରକୃତିର କାର୍ଯ୍ୟରେ ସହାୟ ହୋଇ ରାକ୍ଷସଙ୍କର ସମସ୍ତ ଷଡ଼ଯନ୍ତ୍ର ବିଫଳ କରିବା ପର୍ଯ୍ୟନ୍ତ ପ୍ରତୀକ୍ଷା କରିବାକୁ ଲାଗିଲେ । ଏତେ

Digitized by srujanika@gmail.com

ପରିଶ୍ରମ ସତ୍ତ୍ୱେ, ରାକ୍ଷସଙ୍କୁ ହସ୍ତଗତ କରିବା ସ୍ପୃହଣୀୟ, କାରଣ ରାକ୍ଷସ ଉପଯୁକ୍ତ ମନ୍ତ୍ରୀ ।

ମଳୟକେତୁଙ୍କ ଶିବିର କୋଳାହଳମୟ, କର୍ମମୟ—ସର୍ବତ୍ର ସମର ସଜ୍ଜାର ତୁମୁଳ ଆୟୋଜନ ଲାଗିଅଛି । ବ୍ୟବସାୟୀଗଣ ଯେ, ଯୋଦ୍ଧାମାନେ ବ୍ୟସ୍ତ—ନାନା ପ୍ରକାର ଗୀତ ନାଚ କରି ଖାଁଟି ଚଳ ଦେଖାଇ ନାଚବାଲା ସେମାନଙ୍କଠାରୁ ପଇସା ଆଦାୟରେ ବ୍ୟସ୍ତ । ଏହି ନାଚବାଲାଙ୍କ ମଧ୍ୟରୁ ଅଧିକାଂଶ ଚାଣକ୍ୟଙ୍କ ଚର, ଏକଥା ପାଠକଗଣ ସ୍ମରଣ ରଖିବେ । ନାଚବାଲାଗଣ ଅତି ଦକ୍ଷତା ସହିତ ଅତିଶୟ ପଟୁପାଣ୍ଠୀ ସହକାରେ ଲୋକଙ୍କୁ ନିଜ ନିଜ ବ୍ୟବସାୟରୁ ଆକର୍ଷଣ କରି ମଜାଇ ରଖିଛନ୍ତି । ସମସ୍ତେ ପ୍ରାୟ ଅନ୍ୟମନସ୍କ । ରାକ୍ଷସଙ୍କ ଆବାସ ସମ୍ମୁଖରେ ଗୋଟିଏ ସାପୁଆ ସାପ ଗୀତ ଗାଇ ଦଣ୍ଡାୟମାନ ।

ସାପୁଆର ନାମ ଜୀର୍ଣ୍ଣବିଷ । ସେ ସାପ ଖେଳାଇ ଅର୍ଥୋପାର୍ଜ୍ଜନ କରେ । ରାକ୍ଷସଙ୍କ ଦ୍ୱାରରେ ଉପସ୍ଥିତ ହେବା କ୍ଷଣି ସାପଖେଳ ଦେଖାଇବା ପାଇଁ ସେ ଦ୍ୱାରରକ୍ଷକକୁ ଜଣାଇଲା । ସଙ୍ଗେ ସଙ୍ଗେ କୁମାର ମଳୟକେତୁଙ୍କ ଭୃତ୍ୟ କେତେକ ଅଳଙ୍କାର ଧରି ରାକ୍ଷସଙ୍କ ସାକ୍ଷାତ ଉଦ୍ଦେଶ୍ୟରେ ଭିତରକୁ ଗଲା । ଚନ୍ଦ୍ରଗୁପ୍ତଙ୍କୁ କିପରି ପରାଜିତ କରିବେ, ଏହି ଚିନ୍ତାରେ ରାକ୍ଷସ ନିମଗ୍ନ ଥିଲାବେଳେ ମଳୟକେତୁଙ୍କ ପ୍ରେରିତ ଅଳଙ୍କାର ଦେଖି କହିଲେ ଯେ କୁମାରଙ୍କ ଉପହାରରେ ସେ ବାଧିତ । କିନ୍ତୁ ଯେତେଦିନ ଯାଏଁ ସେ ଶତ୍ରୁବଂଶ ନିର୍ମୂଳ ନ କରନ୍ତି, ତେତେଦିନ କୌଣସି ସ୍ୱର୍ଣ୍ଣାଳଙ୍କାର ଧାରଣ କରିବେ ନାହିଁ । ଭୃତ୍ୟ କିନ୍ତୁ କ୍ଷାନ୍ତ ନହୋଇ ଜଣାଇଲା, କୁମାରଙ୍କ ବିଶେଷ ଅନୁରୋଧ, ସେ ଯେ କୌଣସି ଆପତ୍ତି ସତ୍ତ୍ୱେ ତାହା ଧାରଣ କରିବେ । ଅଗତ୍ୟା ମନ୍ତ୍ରୀ ଇଚ୍ଛା ବିରୁଦ୍ଧରେ ସେ ଅଳଙ୍କାର ଗ୍ରହଣ କଲେ ।

Digitized by srujanika@gmail.com

ଭୃତ୍ୟଠାରୁ ସାପୁଅ ବିଷୟ ଶୁଣି କିଛି ଅର୍ଥ ଦେଇ ତାଙ୍କୁ ବିଦାୟ କରିବା ନିମନ୍ତେ ରାକ୍ଷସ ଆଦେଶ କଲେ । ସାପୁଅ କହିଲା, ସେ କେବଳ ଅର୍ଥ ନିମନ୍ତେ ଆସି ନାହିଁ, ସେ ଜଣେ କବି । ମନ୍ତ୍ରୀଙ୍କ ପାଠ ସକାଶେ ଖଣ୍ଡେ କବିତା ଲେଖାଥିବା କାଗଜ ଭୃତ୍ୟ ହାତରେ ଦେଲା । ମନ୍ତ୍ରୀ ତାହା ପାଠକଲେ —ତାର ସାର ମର୍ମ "କୁସୁମ-ମକରନ୍ଦ ପାନକରି ମଧୁମକ୍ଷୀ ଯାହା ଉଦ୍‌ଗୀରଣ କରେ, ମାନବକୁଳ ସେଥିରେ ଉପକୃତ ହୁଅନ୍ତି ।" ରାକ୍ଷସ ବୁଝିଲେ, ସେ ଜଣେ ତାଙ୍କ ନିଯୁକ୍ତ ଚର, କୁସୁମପୁରଠାରୁ ବିଶେଷ ସମ୍ବାଦ ନେଇ ଆସିଅଛି । ତତ୍‌କ୍ଷଣାତ୍ ତାଙ୍କୁ ଭିତରକୁ ଆଣିବା ପାଇଁ ଭୃତ୍ୟକୁ କହିଲେ । ସେ ପ୍ରବେଶ ହେବା ମାତ୍ରେ ଅନ୍ୟ ସମସ୍ତଙ୍କୁ ବିଦାୟ କରି ଜିଜ୍ଞାସା କଲେ, "ବିରାଧ ଗୁପ୍ତ, ପାଟଳୀପୁତ୍ରର କି ସମ୍ବାଦ ?" ବିରାଧଗୁପ୍ତ କହିଲା—"ରାଜଧାନୀର ସର୍ବତ୍ର ବିଦ୍ରୋହ, ସର୍ବତ୍ର ବିଶୃଙ୍ଖଳା, ସମ୍ବାଦ କୌଣସି ମତେ ଶୁଭକର ନୁହେଁ ।" ରାକ୍ଷସ ସବୁ ବିଶଦ ଭାବରେ କହିବା ସକାଶେ ଆଦେଶ କଲେ ।

ତହୁଁ ବିରାଧଗୁପ୍ତ କହିଲା—ମନ୍ତ୍ରି ମହାଶୟ, ଆପଣ ଯେଉଁ ବିଷକନ୍ୟା ପ୍ରେରଣ କରିଥିଲେ, ତଦ୍ଦ୍ୱାରା କର୍ତ୍ତିଙ୍କ ଅମୋଘ ଶକ୍ତିରେ ନିର୍ବୋଧ ହତମ୍ଭାସୁତ ପ୍ରାଣ ହରାଇଲା ପରେ ଚନ୍ଦ୍ରଗୁପ୍ତଙ୍କ ପରିବର୍ତ୍ତେ ପର୍ବତକଙ୍କ ମୃତ୍ୟୁ ଘଟିଲା । ସେଥିରେ ବିଚଳିତ ହୋଇ ମଳୟକେତୁ ସୈନ୍ୟ ସାମନ୍ତ ସହ ମଗଧରୁ ପଳାୟନ କଲେ । ଚାଣକ୍ୟ ସେ ଦିନ ଘୋଷଣା କରାଇଲେ ଯେ ମହାରାଜ ଚନ୍ଦ୍ରଗୁପ୍ତ ନିଶୀଥ ସମୟରେ ପ୍ରାସାଦରେ ପ୍ରବେଶ କରିବେ । ସେଥିପାଇଁ ନଗରର ରାଜରାସ୍ତା ସଫା ଏବଂ ରାଜଭବନ ସୁସଜ୍ଜିତ କରିବା ପାଇଁ ଦାରୁବର୍ମାଙ୍କୁ ସେ ଆଦେଶ କଲେ । ଦାରୁବର୍ମା ଆଗପଛ ନ ବିଚାରି ହଠାତ୍ କହିପକାଇଲା, ସେ·

Digitized by srujanika@gmail.com

ମହାରାଜାଙ୍କ ପ୍ରାସାଦକୁ ଆଗମନ ସମ୍ବାଦ ପତ୍ରପୂର୍ବରୁ ଜ୍ଞାତ ହୋଇ ସିଂହଦ୍ୱାର ତୋରଣ ସୁସଜ୍ଜିତ କରି ରଖିଅଛି । ଚାଣକ୍ୟ ଅତିମାତ୍ରାରେ ସନ୍ତୋଷ ପ୍ରକାଶ କରି ତାଙ୍କୁ ଉପଯୁକ୍ତ ପୁରସ୍କାର ଯଥା ସମୟରେ ଦେବେ ବୋଲି ପ୍ରକାଶ କଲେ ।

ରାକ୍ଷସ ଚଞ୍ଚଳ ହୋଇ କହିଲେ, "ହାୟ ; ମତ୍ତ ଦାରୁବର୍ମା ! ସମସ୍ତ ପଣ୍ଡ କରିଦେଲା, ଅତି ସତର୍କ ହୋଇ ବିଷ୍ଣୁଗୁପ୍ତର ସନ୍ଦେହ ମାତ୍ର ବୃଦ୍ଧି କଲା । ମୂଢ କ'ଣ ସ୍ୱତଃ ପ୍ରବୃତ୍ତ ହୋଇ ସଜ୍ଜିତ କରିଥିବା କଥା ଗୋପନ ରଖି ପାରିଲା ନାହିଁ ? ସେ ଯାହାହେଉ ଚନ୍ଦ୍ରାକଲେ ଆଉ କଅଣ୍ଟ ହେବ ? ସେଠାରୁ କଅଣ ହେଲା !" ବିରାଧ ଗୁପ୍ତ କହିଲା ଯେ, ବିଷ୍ଣୁଗୁପ୍ତ ନନ୍ଦ ପର୍ବତକଙ୍କ ଭ୍ରାତା ବୈରୋଧକଙ୍କୁ କୌଶଳ ମନ୍ତ୍ରରେ ବଶୀଭୂତ କରି ରାଜକୀୟ ସମ୍ମାନ ସହକାରେ ମଗଧରେ ରଖିଲେ । ପୁଣି ସେହି ଦିନ ସନ୍ଧ୍ୟାବେଳେ ବୈରୋଧକଙ୍କୁ ଚନ୍ଦ୍ରଗୁପ୍ତଙ୍କ ସହ ସିଂହାସନରେ ବସାଇ ସମସ୍ତ ଉପସ୍ଥିତ ନାଗରିକଙ୍କ ସମକ୍ଷରେ ଚାଣକ୍ୟ ଘୋଷଣା କଲେ ଯେ--ଯେହେତୁ ରାଜା ପର୍ବତକଙ୍କ ସହ ମହାରାଜ ଚନ୍ଦ୍ରଗୁପ୍ତ ସନ୍ଧିସୂତ୍ରରେ ଆବଦ୍ଧ ହୋଇଥିଲେ, ମଗଧର ଅର୍ଦ୍ଧରାଜ୍ୟ ସେ ପାଇବେ ବୋଲି ଏବଂ ଯେହେତୁ ମହାରାଜଙ୍କର ସେ ପ୍ରତିଜ୍ଞା ପାଳନ ପୂର୍ବେ ମଲୟରାଜ ଦୈବ ଦୁର୍ଘଟଣାରେ କୂଟ ରାକ୍ଷସଙ୍କ ଚକ୍ରାନ୍ତରେ ବିଷକନ୍ୟା ଦ୍ୱାରା ପ୍ରାଣତ୍ୟାଗ କଲେ ଏବଂ ଯେହେତୁ କୁମାର ମଲୟକେତୁ ଅର୍ଦ୍ଧ ରାଜ୍ୟର ଅଧିକାରୀ ଥିବା ସ୍ଥଳେ ରାକ୍ଷସଙ୍କ କୂଟମନ୍ତ୍ରଣାରେ ପଡ଼ି ଗୋପନରେ ମଗଧ ତ୍ୟାଗ କରି ଚନ୍ଦ୍ରଗୁପ୍ତଙ୍କର ଶତ୍ରୁତା ଆଚରଣ କରୁଅଛନ୍ତି, ସେହି ହେତୁ ମୌର୍ଯ୍ୟ ମହାରାଜ ଚନ୍ଦ୍ରଗୁପ୍ତଙ୍କର ବର୍ତ୍ତମାନ ଆଦେଶ ଏହି ଯେ, ପର୍ବତକଙ୍କ ନ୍ୟାଯ୍ୟ ଉତ୍ତରାଧିକାରୀ ତାଙ୍କ ଭ୍ରାତା ବୈରୋଧକ ଆଜି ଅର୍ଦ୍ଧ ମଗଧ ଅଧିକାରୀ

Digitized by srujanika@gmail.com

ଏବଂ ଚନ୍ଦ୍ରଗୁପ୍ତଙ୍କ ସହିତ ସମାନ ଆସନରେ ଅଭିଷିକ୍ତ ହେବେ । ମଗଧ-ବାସୀଙ୍କଠାରେ ସେ ଏଣିକି ମହାରାଜ ବୈରୋଧକ ବୋଲି ପରିଚିତ ହେବେ । ଏହା କହିବା ପରେ ନାନା ମଣିମୁକ୍ତା ଆଦି ବିଭୂଷିତ, ମନୋହର ମଣିମୟ ମୁକୁଟ ଶୋଭିତ ବୈରୋଧକଙ୍କୁ ମହାରାଜଙ୍କ ପ୍ରିୟ ହସ୍ତିନୀ ଚନ୍ଦ୍ରଲେଖା ପୃଷ୍ଠରେ ଉପବେଶନ କରାଇ ବହୁ ଆଡ଼-ମ୍ବରରେ ନଗର ପରିଭ୍ରମଣ କରାଇଲେ । ପ୍ରାସାଦର ସିଂହଦ୍ୱାରରେ ଉପସ୍ଥିତ ହେବା ମାତ୍ରେ ତାଙ୍କୁ ଚନ୍ଦ୍ରଗୁପ୍ତ ଭ୍ରମ ଦାରୁବର୍ମା ତୋରଣ ଯନ୍ତ୍ର ସଜ୍ଜିତ କଲା । ସେତେବେଳେ ଚହୁ ଜନସମାଗମ ହେତୁ କୋଳାହଳ ବୃଦ୍ଧି ପାଇଲା । ମାହୁନ୍ତ ବର୍ବରକ ମଧ୍ୟ ତାଙ୍କୁ ଚନ୍ଦ୍ରଗୁପ୍ତ ଭ୍ରମ କରି ଉପଦେଶ ମତେ ସ୍ୱର୍ଣ୍ଣ ଗୁପ୍ତି ବାହାର କଲା ।

ରାକ୍ଷସ ଦୁଃଖ ପ୍ରକାଶ କରି କହିଲେ—"ତାହାହେଲେ ଉଭୟଙ୍କର ଚେଷ୍ଟା ଅସ୍ଥାନରେ ମାତ୍ର ହେଲା ! ହେଉ, ସେଠାରୁ କଅଣ ଘଟିଲା ?" ବିରାଧଗୁପ୍ତ କହିଲା ଯେ, ହସ୍ତିନୀ ଚଞ୍ଚଳ ଥିବାରୁ ବର୍ବରକର ଲକ୍ଷ୍ୟ ଭଙ୍ଗ ହେଲା, ସଙ୍ଗେ ସଙ୍ଗେ ମୌର୍ଯ୍ୟ ରୂପୀ ବୈରୋଧକଙ୍କୁ ଚିହ୍ନି ନପାରି ଦାରୁବର୍ମା ଯନ୍ତ୍ରମୁଖ ଟିପିବାରୁ ବର୍ବରକ ପେଟରେ ନିହତ ହେଲା । ତାହାଦେଖି ଦାରୁବର୍ମା ହତବୁଦ୍ଧି ହେଲା । ନିଜେ ଧରା ପଡ଼ିବ, ସୁତରାଂ ଅଭି ଅଗ୍ର ପଶ୍ଚାତ୍ ନ ଭାବି ସେ ତୋରଣାଗ୍ରରୁ ଉଡ଼ି ହସ୍ତି ମାତ୍ର ଲକ୍ଷ୍ୟ କରି ଲୌହକୀଳକ ପେଷଣ କଲା । ସେଥିରେ ନିରୀହ ବୈରୋଧକ ଜୀବନ ହରାଇଲେ । ଏହି ବ୍ୟାପାର ଦେଖି ପଦାତିକଗଣ କ୍ରୋଧରେ ଦାରୁବର୍ମାକୁ ଖଣ୍ଡଣ ପ୍ରହାର କରି ନିହତ କଲେ ।

ରାକ୍ଷସ ଅସ୍ଥିର ହୋଇ ପଚାରିଲେ—"ତାହା ହେଲେ ବୈଦ୍ୟ ଅଭୟଦତ୍ତ କଅଣ କଲେ ?" ବିରାଧଗୁପ୍ତ ଉତ୍ତର କଲା ଯେ,

Digitized by srujanika@gmail.com

ସେହି ଉପଦେଶ ମତେ ଠିକ୍ କାର୍ଯ୍ୟ କଲେ । ଚନ୍ଦ୍ରଗୁପ୍ତଙ୍କ ପ୍ରବେଶ ମାତ୍ରେ ସେବନାର୍ଥେ ତାଙ୍କ ସମକ୍ଷରେ ସୁବର୍ଣ୍ଣପାତ୍ରରେ ସେ ଔଷଧ ଧାରଣ କଲେ । କିନ୍ତୁ ଚତୁର ଚାଣକ୍ୟ ସୁବର୍ଣ୍ଣପାତ୍ରରେ ଔଷଧ ବିବର୍ଣ୍ଣ ଦେଖାଯିବାରୁ ତାହା ନିଶ୍ଚୟ ବିଷମିଶ୍ରିତ କହି ପରୀକ୍ଷା ସ୍ୱରୂପ ଅଭୟଦତ୍ତଙ୍କୁ ସେବନ କରିବା ପାଇଁ କହିଲେ । ଅଗତ୍ୟା ସେ ଔଷଧ ଭକ୍ଷଣ କରି ସମସ୍ତଙ୍କ ସମକ୍ଷରେ ଧରାଶାୟୀ ହେଲେ ।

ରାକ୍ଷସ ହତାଶ ହୋଇ ପଚାରିଲେ—"ତାହାହେଲେ ଶଯ୍ୟାପାଳ ପ୍ରମୋଦକ କଅଣ କଲା ? ସେ କି ବିଷାକ୍ତ ବସ୍ତ୍ର ଦ୍ୱାରା ଶଯ୍ୟା ଆଚ୍ଛାଦନ କଲା ନାହିଁ ?" ବିରାଧଗୁପ୍ତ କହିଲେ, "ସେ ଆପଣଙ୍କ ପ୍ରଦତ୍ତ ପ୍ରଚୁର ଧନ ବହୁ ଆଡ଼ମ୍ବରରେ ବ୍ୟୟ କରିବାରୁ ଚାଣକ୍ୟ ତାକୁ ପ୍ରଶ୍ନ କଲେ ସେ କିପରି ଏତେ ଧନ ପ୍ରାପ୍ତ ହେଲା । ଚାଣକ୍ୟଙ୍କ କୌଶଳ ପ୍ରଶ୍ନରେ ସେ ପଦେ ପଦେ ଛନ୍ଦିଲା । ସେ ତା'ଠାରେ ସନ୍ଦେହ କରି ଶୀଘ୍ର ବିନାଶ କରିବା ପାଇଁ ଆଦେଶ ପ୍ରଦାନ କଲେ ।

ରାକ୍ଷସ ପୁଣି ଜିଜ୍ଞାସା କଲେ—"ଆମ୍ଭ ଯେଉଁ ଚରମାନେ ପ୍ରାସାଦର ସୁଡ଼ଙ୍ଗ ଭିତରେ ଲୁଚିଥିଲେ, ସେମାନେକି କିଛି କଲେ ନାହିଁ ? ରାତ୍ରିରେ ତ ନିଶ୍ଚୟ ଚନ୍ଦ୍ରଗୁପ୍ତଙ୍କୁ ହତ୍ୟା କରିଥିବ ।" ବିରାଧଗୁପ୍ତ କହିଲା ଯେ, ଚାଣକ୍ୟ ସେଠାରେ ଉପସ୍ଥିତ ହୋଇ ଚତୁର୍ଦ୍ଦିଗ ଅତି ସତର୍କ ଭାବରେ ନିରୀକ୍ଷଣ କଲେ । ସେ ଦେଖିଲେ, ପିପୀଲିକାଗଣ ସେ ଭିତରକୁ ତଣ୍ଡୁଳ କଣା ଧରି ଯା'ଆସ କରୁଅଛନ୍ତି । ତହୁଁ ସେ ଗୃହରେ ଅଗ୍ନି ସଂଯୋଗର ଆଦେଶ ଦେଲେ । ଘାତକଗଣ ଧୂମରେ ଅନ୍ଧ ଓ ରୁଦ୍ଧଶ୍ୱାସ ହୋଇ ବାହାରକୁ ଆସି ପାରିଲେ ନାହିଁ । ସମସ୍ତେ ଜୀବନ୍ତ ଭାବରେ ଅଗ୍ନିରେ ଦଗ୍ଧ ହେଲେ ।

Digitized by srujanika@gmail.com

ରାକ୍ଷସ ଗଭୀର ଚକ୍ରାନ୍ତ ଦେଖିଲେ । ତାଙ୍କର ସମସ୍ତ ଉଦ୍ୟମ ବ୍ୟର୍ଥ ହେଲା । ତାଙ୍କ ସମସ୍ତ ଚକ୍ରାନ୍ତର ବିଷମୟ ବିପରୀତ ଫଳ ହେଲା, ତାଙ୍କ ବିଷକନ୍ୟା, ପାଷାଣ-ଯନ୍ତ୍ର, ବିଷମିଶ୍ରିତ ଔଷଧ, ଗୁପ୍ତହତ୍ୟା ସମସ୍ତ ଉଦ୍ୟମ ପଣ୍ଡ ହେଲା । ସେ ଯେତେ ଚାହିଁଲେ, ଚନ୍ଦ୍ରଗୁପ୍ତଙ୍କୁ ବିନାଶ କରିବା ପାଇଁ, ତାଙ୍କ ଇଚ୍ଛା ସେତେ ବଳବତୀ ହେଲା, ଚାଣକ୍ୟଙ୍କୁ ଥରେ ଉଚିତ ଶାସନା ପ୍ରଦାନ କରିବା ପାଇଁ ମନ ସେତେ ଉତ୍ସୁକ ହେଲା । ସେ ଭାବିଲେ ବୋଧହୁଏ, ଚନ୍ଦ୍ରଗୁପ୍ତ ଦୈବ ରକ୍ଷିତ । ପୁଣି ଭାବିଲେ ଦୈବରକ୍ଷା ଇତ୍ୟାଦି ବିଶ୍ୱାସ ଅଜ୍ଞତାର ସଂସ୍କାର ବିଶେଷ । ଦୁର୍ବଳମନା, ସାର୍ଥ ସୃଷ୍ଟୀହିଁ ଦୈବ ଦୁର୍ବିପାକରେ ବିଶ୍ୱାସ କରେ । ସେ ତାହା କେବେ ସ୍ୱୀକାର କରିବେ ନାହିଁ—ନା, ଜୀବନ ବିନିମୟରେ ନୁହେ । ସେ ଜଗତକୁ ଦେଖାଇବେ, ନିଶ୍ଚିତ ବୋଲି କିଛି ନାହିଁ; ଯଦି ଥାଏ, ତାହା ମାନବ କଳ୍ପିତ; ମାନବ ବୁଦ୍ଧିର ବହିର୍ଗତ ନୁହେ । ସେ ଚନ୍ଦ୍ରଗୁପ୍ତଙ୍କୁ ସିଂହାସନଚ୍ୟୁତ ନକରି ନିଶ୍ଚିନ୍ତ ହେବେ ନାହିଁ — ନନ୍ଦଗଣଙ୍କ ପ୍ରତିଶୋଧ ନନେଇ ସ୍ଥିର ହେବେ ନାହିଁ, ମଗଧ ସୈନ୍ୟଙ୍କ ରକ୍ତପାତ ନକରି ନିରସ୍ତ ହେବେ ନାହିଁ ।

ଲକ୍ଷ୍ୟଭ୍ରଷ୍ଟ

"We aim above the mark, to hit the mark"
—Emerson

ଭାଗ୍ୟ ! ଭାଗ୍ୟ କଅଣ ? ଭାଗ୍ୟ ହୋଇ କିଛି ଅଦୃଶ୍ୟ ଶକ୍ତି ବିଦ୍ୟମାନ ? ଅସମ୍ଭବ । ଭାଗ୍ୟ ନିଜେ ଗଢ଼ିବାକୁ ହେବ ଆତ୍ମ ଶକ୍ତିରେ ।

Digitized by srujanika@gmail.com

ଉଦ୍ଧାର ଲକ୍ଷଣ ଆଦେ ଲେଖିବାକୁ ହେବ, ଅହିଧ ବରେ । ଭାଗ୍ୟକୁ ଟାଣି ଆଣି ଆୟତ୍ତ କରିବାକୁ ହେବ, ବୁଦ୍ଧି-ପ୍ରଭାବରେ । ରାକ୍ଷସ ସ୍ଥିର କଲେ, ସେ ନିଶ୍ଚୟ ସଫଳ ସାଧନ କରିବେ, ଚାଣକ୍ୟଙ୍କୁ ଅନ୍ଧ କରିବେ, ଚନ୍ଦ୍ରଗୁପ୍ତଙ୍କ ଚାଣକ୍ୟ ହସ୍ତଚ୍ୟୁତ କରିବେ । ଭାବ ଭାବ ସେ ମୁଷ୍ଟି ଦୃଢ଼-ବଦ୍ଧ କଲେ । କିଛିକ୍ଷଣ ପରେ ପ୍ରକୃତିସ୍ଥ ହେଲେ ।

ରାକ୍ଷସଙ୍କୁ ଆଶ୍ୱସ୍ତ କରିବା ପାଇଁ ସିଦ୍ଧାର୍ଥଗୁପ୍ତ କହିଲା, "ଆର୍ଯ୍ୟ, ଆଉ ବୃଥା ଭାବନାରେ ପ୍ରୟୋଜନ କଅଣ ? ଯେଉଁ କାର୍ଯ୍ୟରେ ହାତ ଦେଇଛନ୍ତି, ତାହା ପୂର୍ଣ୍ଣ କରିବାକୁ ହେବ । ବର୍ତ୍ତମାନ ମଧ୍ୟ ସମସ୍ତ ଅଜ୍ଞାତ ହୋଇନାହିଁ । ସ୍ଥିର ହୋଇ କାର୍ଯ୍ୟ କଲେ ନିଶ୍ଚୟ ଫଳ ଲାଭ ହେବ । ଚାଣକ୍ୟ ବହୁ ସତର୍କତା ଅବଲମ୍ବନ କରିଅଛନ୍ତି । ରାଜ୍ୟର ଯେଉଁମାନେ ନନ୍ଦାନୁରକ୍ତ, ସେମାନଙ୍କୁ କଠୋର ଦଣ୍ଡ ଦିଆଯାଉଅଛି । ବିଷ-କନ୍ୟା ନେଇ ପର୍ବତକଙ୍କୁ ହତ୍ୟା କରିଥିବା ଅପରାଧରେ ଜୀବସିଦ୍ଧିଙ୍କୁ ରାଜ୍ୟରୁ ନିର୍ବାସିତ କରାଯାଇଅଛି । ଦାରୁବର୍ମା ପ୍ରଭୃତିଙ୍କ ଦ୍ୱାରା ଚନ୍ଦ୍ରଗୁପ୍ତଙ୍କ ହତ୍ୟା ଷଡ଼ଯନ୍ତ୍ରରେ ସହଯୋଗିତା କରିଥିବା ମିଥ୍ୟା ଅଭି-ଯୋଗରେ ଶକଟାରଙ୍କୁ ଶୂଳ ଦିଆଯାଇଅଛି ।

ରାକ୍ଷସ ପୁଣି ଅସ୍ଥିର ହେଲେ । ସିଦ୍ଧାର୍ଥଗୁପ୍ତ କହିବାକୁ ଲାଗିଲା "ଆପଣଙ୍କ ପରିବାର ଚନ୍ଦନଦାସଙ୍କ ଗୃହଠାରେ ଥିବା ଅବଗତ ହୋଇ ଚାଣକ୍ୟ ତାଙ୍କୁ ନାନା ଧମକ ଦେଲେ । ସେ କୌଣସି ମତେ ଆପଣଙ୍କ ପରିବାର ତାଙ୍କ ହାତରେ ଅର୍ପଣ କରିବା ପାଇଁ ସ୍ୱୀକୃତ ନହେବାରୁ ଚାଣକ୍ୟ ଅତ୍ୟନ୍ତ ରୁଷ୍ଟ ହୋଇ ତାଙ୍କର ସର୍ବସ୍ୱ ଲୁଣ୍ଠନ କରି ସପରିବାର ତାଙ୍କୁ ବନ୍ଦୀ କରିଅଛନ୍ତି ।" ରାକ୍ଷସ ଆଉ ସ୍ଥିର ହୋଇ ରହି-ପାରିଲେ ନାହିଁ, ତରବାରି ବାହାର କରି ଦଣ୍ଡାୟମାନ ହେଲେ ।

Digitized by srujanika@gmail.com

ବୃଦ୍ଧଗୁପ୍ତ ତାଙ୍କୁ ଆଶ୍ୱାସନା ଦେଇ ସ୍ଥିର ଭାବରେ ଉପାୟ ଚିନ୍ତା ପାଇଁ ଅନୁରୋଧ କଲା । ଏତିକି ବେଳେ ପ୍ରହରୀ ଆସି ସମ୍ବାଦ ଦେଲା, ବୃଦ୍ଧ ଶକଟାର ଦ୍ୱାର ଦେଶରେ ମନ୍ତ୍ରୀଙ୍କ ସାକ୍ଷାତ ପାଇଁ ଦଣ୍ଡାୟମାନ । ଦୁହେଁ ବିସ୍ମିତ ହେଲେ । ଶକଟାରଙ୍କୁ ଅବିଳମ୍ବେ ଆଣିବା ପାଇଁ ଆଦେଶ ପ୍ରାପ୍ତ ହୋଇ ପ୍ରହରୀ ବାହାରକୁ ଗଲା ।

ଶକଟାର ସିଦ୍ଧାର୍ଥକ ସହ କମ୍ପିତ ଶରୀର, ଦ୍ରୁତନିଶ୍ୱାସ ହୋଇ ରାକ୍ଷସ ସମ୍ମୁଖରେ ଉପସ୍ଥିତ ହେଲେ । ରାକ୍ଷସ ଭୂମିଷ୍ଠ ପ୍ରଣାମ କରି ଜିଜ୍ଞାସା କଲେ, "ଆପଣ ଏଠାକୁ ଆସିଲେ କପରି ? ଏ ଯେ ଅତି ଅଦ୍ଭୁତ ।"

ସିଦ୍ଧାର୍ଥକଙ୍କୁ ଦେଖାଇ ଶକଟାର କହିଲେ, "ଏହାଙ୍କ ଯୋଗୁଁ ମୁଁ ମୁକ୍ତି ଲାଭ କରିଅଛି ।" ତହୁଁ ରାକ୍ଷସଙ୍କ ଅନୁରୋଧରେ ସିଦ୍ଧାର୍ଥକ ସକଳ ବୃତ୍ତାନ୍ତ ଆମୂଳଚୂଳ ବର୍ଣ୍ଣିତ କରି ରାକ୍ଷସଙ୍କ କୌତୁହଳ ନିବାରଣ କଲେ । ତାହା ଶ୍ରବଣରେ ରାକ୍ଷସ ପରମ ପ୍ରୀତ ହୋଇ ମଳୟକେତୁଙ୍କ ପ୍ରଦତ୍ତ ନିଜ ଶରୀରରୁ ସମସ୍ତ ଅଳଙ୍କାର ବାହାର କରି ସିଦ୍ଧାର୍ଥକଙ୍କୁ ଦେଇ କହିଲେ, "ମୋର କୃତଜ୍ଞତାର ନିଦର୍ଶନ ସ୍ୱରୂପ ଏହିସବୁ ଅଳଙ୍କାର ଗ୍ରହଣ କର ।" ବିନୟ ସହକାରେ ସିଦ୍ଧାର୍ଥକ କହିଲେ— "କ୍ଷମା କରନ୍ତୁ, ମୁଁ ଏହିସବୁ ବହୁମୂଲ୍ୟ ଅଳଙ୍କାର କେଉଁଠାରେ ରଖିବି ? ବର୍ତ୍ତମାନ ସମସ୍ତ ଆପଣଙ୍କ ନିକଟରେ ଥାଉ, ପରେ ସୁବିଧା ଦେଖି ମାଗି ନେବି ।" ଏହି ସମୟରେ ରାକ୍ଷସଙ୍କ ଦୃଷ୍ଟି ସିଦ୍ଧାର୍ଥକଙ୍କ ଅଙ୍ଗୁରୀୟ ଉପରେ ପତିତ ହେଲା । ଚତୁର ସିଦ୍ଧାର୍ଥକ ଅଙ୍ଗୁରୀୟଟି ବାହାର କରି ରାକ୍ଷସଙ୍କୁ ଦେଲେ । ସେତେବେଳେ ଶକଟାର କହିଲେ ଯେ, ମନ୍ତ୍ରୀଙ୍କ ନାମ ସେଥିରେ ଅଙ୍କିତ ଥିବାରୁ ତାହା ତାଙ୍କୁହିଁ ଦେବା ଉଚିତ । ଅଙ୍ଗୁ-

Digitized by srujanika@gmail.com

ମୁଦ୍ରାରେ ନିଜ ନାମ ଅଙ୍କିତ ଦେଖି ସେ ତାହା କେଉଁଠାରୁ ପାଇଲେ ବୋଲି ରାକ୍ଷସ ଜିଜ୍ଞାସା କଲେ । ସିଦ୍ଧାର୍ଥକ କହିଲେ, ତାହା ଚନ୍ଦନଦାସଙ୍କ ଗୃହଠାରେ ପଡ଼ିଥିଲା । ସେ ଦେଖି ନେଇ ଆସିଛନ୍ତି । କଥା ଗୋପନ କରିବାକୁ ରାକ୍ଷସ କହିଲେ "ଧନୀ ଲୋକଙ୍କ ଘର ତ, କେଉଁଠାରେ କେତେ ମୂଲ୍ୟବାନ ପଦାର୍ଥ ବା ପଡ଼ି ନଥାଏ ? ତାଙ୍କର ଅପୂର୍ବ କଣ ?" ଶକଟାର କହିଲେ, "ମନ୍ତ୍ରୀଙ୍କ ନାମ ଏଥିରେ ଖୋଦିତ ଥିବାରୁ ଏହା ତାଙ୍କୁ ପ୍ରଦାନ କର, ତୁମେ ବହୁତ ପୁରସ୍କାର ପାଇବ ।" କିନ୍ତୁ ସିଦ୍ଧାର୍ଥକ ପୁରସ୍କାରର ଆଶା ନକରି ତାହା ମନ୍ତ୍ରୀଙ୍କି ପ୍ରଦାନ କଲେ । ମନ୍ତ୍ରୀ ଗ୍ରହଣ କଲେ ତାଙ୍କର ଯଥେଷ୍ଟ ପୁରସ୍କାର ହେଲା ବୋଲି ସେ କହିବାରୁ ରାକ୍ଷସ ପରମ ପରିତୃପ୍ତ ହୋଇ ଶକଟାରଙ୍କ ଅଙ୍ଗୁରୀୟଟି ଦେଇ କହିଲେ, "ବୟସ୍ୟ ଶକଟାର, ଆମ୍ଭ ଉଭୟଙ୍କର ଏ ଅପୂର୍ବ ମିଳନର ପବିତ୍ର ସ୍ମୃତି ସ୍ୱରୂପ ଏ ଅଙ୍ଗୁରୀୟଟି ଆପଣ ଧାରଣ କରନ୍ତୁ ।" ଶକଟାର ସନ୍ତୁଷ୍ଟ ଚିତ୍ତରେ ତାହା ଗ୍ରହଣ କଲେ ।

ଏହି ଅବସରରେ ସିଦ୍ଧାର୍ଥକ କହିଲେ ଯେ ସେ ଦେଶର ବିଦ୍ରୋହୀ ଭାବରେ ଦେଶଠାରୁ ବିଦାୟ ନେଇ ଚାଲି ଆସିଅଛନ୍ତି ସେଥିରେ ଚାଣକ୍ୟ ତାଙ୍କ ଉପରେ ଭୟଙ୍କର ରାଗିଥିବେ । ସୁତରାଂ ସେ ଆଉ ପୁଷ୍ପପୁର ଯାଇ ରହିପାରିବେ ନାହିଁ, ତାଙ୍କର ଇଚ୍ଛା ସେଠାରେ ମନ୍ତ୍ରୀଙ୍କର ସେବା କରି କିଛି କାଳ ରହିବେ । ସିଦ୍ଧାର୍ଥକଙ୍କ ପ୍ରସ୍ତାବ ସ୍ୱୀକୃତ ହେଲା ସେମାନଙ୍କ ସଙ୍ଗେ ପରେ ଅନ୍ୟାନ୍ୟ କଥାବାର୍ତ୍ତା କରିବେ କହି ରାକ୍ଷସ ବିଦାୟ ଦେଲେ ଏବଂ ଶକଟାରଙ୍କ ସହିତ ପୁଣି ଗୋପନ ପରାମର୍ଶ କଲେ । ଏଥର ଅତି ମୃଦୁ ମଧୁର ଅସ୍ପଷ୍ଟ ସ୍ୱରରେ ଉଭୟଙ୍କର କଥାବାର୍ତ୍ତା ଚାଲିଲା ।

Digitized by srujanika@gmail.com

ବିରାଧଗୁପ୍ତ କହିଲେ—ପାଟଳୀପୁତ୍ରରେ ଜନରବ ହୁଏ ଚନ୍ଦ୍ରଗୁପ୍ତ ଚାଣକ୍ୟଙ୍କ ପ୍ରଭୁତ୍ୱରେ ଅତିଷ୍ଠ ଭାବରେ ଉତ୍ତ୍ୟକ୍ତ ଓ ବିରକ୍ତ ହୋଇଅଛନ୍ତି। ତେବେ ପୁଣି ଚନ୍ଦ୍ରଗୁପ୍ତଙ୍କର ଅତ୍ୟଧିକ କ୍ଷମତା ପ୍ରିୟତା ଚାଣକ୍ୟଙ୍କର ଅସହ୍ୟ ହେଉଅଛି। ତେଣୁ ସେ ଚନ୍ଦ୍ରଗୁପ୍ତଙ୍କୁ ଅପମାନ ଦେବାପାଇଁ ଚେଷ୍ଟା କରୁଅଛନ୍ତି। ରାକ୍ଷସ କହିଲେ, 'ପ୍ରତ୍ୟେକ କାର୍ଯ୍ୟର ଭିତ୍ତି ଯେ କୌଣସି ଆଚରଣର କିଛି ଉଦ୍ଦେଶ୍ୟ ନିଶ୍ଚୟ ଅଛି। ଚାଣକ୍ୟ ବଡ଼ କୁଟିଳ। ତାଙ୍କର ପ୍ରତ୍ୟେକ କାର୍ଯ୍ୟ ଘଟଣା ଦୈବମାତ୍ର ବୋଲି ସମସ୍ତେ ସ୍ଥିର କରିବେ, ଚାଣକ୍ୟଙ୍କ ଇଚ୍ଛାର ସୃଷ୍ଟି ବୋଲି କେହି ଘୁଣାକ୍ଷରରେ ଅନୁମାନ କରିବେ ନାହିଁ। ଚାଣକ୍ୟଙ୍କ ପରିସ୍ଥିତି ଏହିଠାରେ। ସେ ଯାହା ହେଉ, ତୁମେ ସାଧୁ ବେଶରେ ପୁଣି ପାଟଳୀପୁତ୍ରକୁ ଯାଇ ଅବସ୍ଥାର ପର୍ଯ୍ୟବେକ୍ଷଣ କର। ଆମର ଅନେକ ଚର ନୃତ୍ୟଗୀତାଦି କରି ସେଠାରେ ଅଛନ୍ତି। ସେଠାରେ କରଭକଙ୍କୁ ଗୋପନ ଭାବରେ ଏକଥା କହିବ, କୌଣସି ସମୟରେ ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କ ମଧ୍ୟରେ ଉଚ୍ଚବାଚ ହେଲେ, ସେ ସ୍ତନକଳସ ଓ ଅନ୍ୟାନ୍ୟ ଚରଙ୍କ ସହିତ ଚନ୍ଦ୍ରଗୁପ୍ତଙ୍କର ସ୍ତବଗାନ କରି ତାଙ୍କୁ ଉତ୍ସାହିତ କରିବ। ତଦ୍ୱାରା ଚନ୍ଦ୍ରଗୁପ୍ତ ଚାଣକ୍ୟଙ୍କ ଉପରେ ଅଧିକ ବିରକ୍ତ ହେବ, ସନ୍ଦେହ ନାହିଁ। କାରଣ ଚନ୍ଦ୍ରଗୁପ୍ତ ଚାଣକ୍ୟ ନୁହେ।

ଅତଃପର ଗୋପନରେ ଉପଦେଶ ଦେଇ ବିରାଧଗୁପ୍ତଙ୍କୁ ବିଦାୟ କଲେ। ଭୃତ୍ୟ ଆସି ରାକ୍ଷସଙ୍କ ହାତରେ ତିନୋଟି ବହୁମୂଲ୍ୟ ଅଳଙ୍କାର ଦେଇ କହିଲା, ତାହା ବିକୀ ସକାଶେ ଆସିଅଛି। ସେ ତାହା ଶକଟଦାସଙ୍କ ନିକଟକୁ ପଠାଇ ଉପଯୁକ୍ତ ମୂଲ୍ୟରେ କ୍ରୟ କରିବାକୁ ଅନୁରୋଧ କଲେ। ଭୃତ୍ୟ ପ୍ରସ୍ଥାନ କଲାକ୍ଷଣି ସେ ବୁଦ୍ଧିର ଦର୍ପ ପ୍ରକାଶ କରି କହିଲେ—ବିନା ଭେଦନୀତିରେ ଏ କାର୍ଯ୍ୟ ସିଦ୍ଧ ହେବ

Digitized by srujanika@gmail.com

ନାହିଁ । ଚାଣକ୍ୟ ଅତଏବ ବୁଦ୍ଧିମାନ୍ ବୋଲି ଦାନ ଓ ଦଣ୍ଡନୀତିରେ ଏତେଦୂର ପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇଅଛି । କିନ୍ତୁ ଏଥର ଦେଖିବ, ରାକ୍ଷସର ଭେଦନୀତି ଅତୁଳନୀୟ, ଚାଣକ୍ୟର ଶିକ୍ଷଣୀୟ । ଚାଣକ୍ୟ କି ଏ ଭେଦନୀତିର ରହସ୍ୟ ଭେଦ କରିବାକୁ ସମର୍ଥ ହେବ ? ନା, ନା, କଦାପି ନୁହେ । ଚାଣକ୍ୟ ସ୍ଥିରବୁଦ୍ଧିସମ୍ପନ୍ନ ନୁହେ, ଚାଣକ୍ୟ ବାଚାଳ । ଏଥର, ରାକ୍ଷସର ଲକ୍ଷ୍ୟଭେଦ ହେବ, ଚାଣକ୍ୟର ମଧୁର ସ୍ୱପ୍ନ ମୁହୂର୍ତ୍ତକେ ଭାଙ୍ଗିଯିବ, ଚାଣକ୍ୟ ବାନପ୍ରସ୍ଥାବଲମ୍ବନ କରିବ । ସେତେବେଳେ ରାକ୍ଷସର ଅର୍ଥ 'ଭେଦନୀତି' ଭାବରେ ସର୍ବତ୍ର ଖ୍ୟାତ ହେବ ।

ରାଜନୀତି

Leave sensibility to women: but men should be firm in heart and purpose, or they should have nothing to do with war and Government."

—Emerson

ଶରତର ଚିହ୍ନିତ ଶ୍ୟାମଳ ବସନ ପରିଧାନ କରି ପ୍ରକୃତି ସୁନ୍ଦରୀ ଶେଫାଳି ବିକାଶରେ ଶୁଭ୍ର ଆକାଶକୁ ଅନାଇ ହସୁଅଛି । ସ୍ୱଚ୍ଛତୋୟା ତରଙ୍ଗିଣୀ ନାଚି ନାଚି ତାର କୁଳୁ କୁଳୁ ଶବ୍ଦ ସଙ୍ଗୀତ ଗାଇ ବହି ଯାଉଅଛି । ଶୁଭ୍ର ବାରିଦ ବାହନରେ ଶରତ୍ ରାଣୀଙ୍କ ଆବାହନ ପାଇଁ ଧରା ନିର୍ମଳ ଶ୍ୟାମଳ ଅଞ୍ଚଳ ପାତି ସୃଷ୍ଟି ରହିଅଛି । ଶରତ ସମ୍ପଦରେ ସଂସାର ଅମୃହର । ମହାରାଜ ଚନ୍ଦ୍ରଗୁପ୍ତ ଆଦେଶ କଲେ, ରାଜଧାନୀରେ ଶରତ୍ ଉତ୍ସବ ହେଉ ଏବଂ ନଗରବାସୀ ଯେଥିପାଇଁ ପତ୍ର ପୁଷ୍ପ ତୋରଣ

Digitized by srujanika@gmail.com

ପତାକାଦ୍ୱାରେ ନଗର ସୁସଜ୍ଜିତ କରନ୍ତୁ ଏବଂ ଦୀପମାଳାରେ ଅଲଙ୍କୃତ କରନ୍ତୁ; ସୁଗାଙ୍ଗ ପ୍ରାସାଦ ସୁସଜ୍ଜିତ ହେଉ, ମହାରାଜ ସେଥିରେ ବସି କରି ନଗରବାସିଙ୍କ ଶାରଦୋତ୍ସବ ଦେଖିବେ । ଏହି ସମ୍ବାଦ ଘୋଷିତ ହେବା ପରେ ଚାଣକ୍ୟଙ୍କ କର୍ଣ୍ଣଗୋଚର ହେଲା । ସେ ତତ୍କ୍ଷଣାତ୍ ଘୋଷଣା କରାଇଲେ ଯେ, ରାଜଧାନୀରେ କୌଣସି ପ୍ରକାର ଉତ୍ସବ ହେବନାହିଁ । ଉତ୍ସବ ବନ୍ଦ ରହିଲା ।

ଚନ୍ଦ୍ରଗୁପ୍ତ ସୁଗାଙ୍ଗ ପ୍ରାସାଦରେ ପ୍ରବେଶ କରି ଦେଖିଲେ, କାହିଁ, ନଗରରେ ଉତ୍ସବର କୌଣସି ଚିହ୍ନ ମାତ୍ର ନାହିଁ ! ସେ ଭାବିଲେ, ତାଙ୍କ ଆଦେଶ ଅମାନ୍ୟ କରାଯାଇଛି । ସେ ସ୍ୱଭାବତଃ କ୍ରୁଦ୍ଧ ହେଲେ । କଞ୍ଚୁକୀଙ୍କ ଜିଜ୍ଞାସା କରି ଜାଣିଲେ, ଆର୍ଯ୍ୟଙ୍କ ଆଜ୍ଞାରେ ଉତ୍ସବ ବନ୍ଦ କରାଯାଇଛି । ସେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଆଣିବା ପାଇଁ କଞ୍ଚୁକୀଙ୍କ ପ୍ରେରଣ କଲେ ।

ରାକ୍ଷସଙ୍କ ଷଡ଼ଯନ୍ତ୍ର ବ୍ୟର୍ଥ କରିବା ପାଇଁ ଚାଣକ୍ୟ ଚିନ୍ତିତ । ସେ ଭାବୁଛନ୍ତି--ନନ୍ଦବଂଶ ଯେତେବେଳେ ଧ୍ୱଂସ କରିଛନ୍ତି, କ୍ଷମତାହୀନ ରାକ୍ଷସଙ୍କୁ ଯେତେବେଳେ ପଦଚ୍ୟୁତ, କ୍ଷମତାଚ୍ୟୁତ କରିଛନ୍ତି, ଆଉ ପରାଶ୍ରିତ ରାକ୍ଷସର ଦମନ କ'ଣ କରିପାରିବେ ନାହିଁ ? କାର୍ଯ୍ୟ ସିଦ୍ଧି ପାଇଁ ସିଦ୍ଧାର୍ଥକ ଶତ୍ରୁ ଶିବିରରେ ରହିଅଛି । ସାମାନ୍ୟ ଚେଷ୍ଟାରେ ରାକ୍ଷସ ଚରିତ୍ରର ଧୂଳି ନିକ୍ଷେପ କରାଯାଇପାରେ । ଚନ୍ଦ୍ରଗୁପ୍ତଙ୍କ ସହିତ କପଟ କଳହ କରି ମଳୟକେତୁ ଦଳରୁ ରାକ୍ଷସଙ୍କୁ ହଟାଇବେ । ସେତେବେଳେ ଷଡ଼ଯନ୍ତ୍ର ନଷ୍ଟ ହେବ । ବର୍ତ୍ତମାନ ସେ ତାହାର ଅଭିନବ ସୃଷ୍ଟି ରଚନା କରି ନିଜେ ସେଥିରେ ଅଭିନୟ କରିବେ । ରାକ୍ଷସ ପରି ଶତ ଶତ ରାଷ୍ଟ୍ରନୀତିଜ୍ଞ ଘୂର୍ଣ୍ଣାବର୍ତ୍ତରେ ଏକାଠି ବୁଡ଼ି ପାରିବେନାହିଁ ।

Digitized by srujanika@gmail.com

କଞ୍ଚୁକୀ ସେଠାରେ ଉପସ୍ଥିତ ହୋଇ ଚିନ୍ତାମଗ୍ନ ଚାଣକ୍ୟଙ୍କୁ ଦେଖି କିଛି ସମୟ ଅପେକ୍ଷା କଲା । ପରେ ସମ୍ମୁଖକୁ ଯାଇ ପ୍ରଣାମ କରି କହିଲା "ଆର୍ଯ୍ୟ, ମହାରାଜ ଆପଣଙ୍କ ସାକ୍ଷାତ ପ୍ରାର୍ଥନା କରୁଅଛନ୍ତି । ଯଦି କିଛି ଅନ୍ୟ କାର୍ଯ୍ୟ ନଥାଏ—" ଏତିକି ଶୁଣି ଚାଣକ୍ୟ କହିଲେ, "ବୁଝିଲି, ବୁଝିଲି । ମୁଁ ଉତ୍ସବ ବନ୍ଦ କରିଥିବା କଥା ମହାରାଜ ଶୁଣି-ଛନ୍ତି ତ ?" କଞ୍ଚୁକୀଠାରୁ ସେ ଶୁଣିଥିବା ସମ୍ବନ୍ଧ ପାଇ ପଚାରିଲେ, "କିପରି ଶୁଣିଲେ ?" କଞ୍ଚୁକୀ ଉତ୍ତର କଲା, "ମହାରାଜ ସ୍ୱୟଂ ପ୍ରାସାଦ·ର ଉପରେ ହୋଇ ନଗରରେ ଉତ୍ସବର ଚିହ୍ନ ନଦେଖି ବୁଝି-ପାରିଛନ୍ତି ।" କଞ୍ଚୁକୀ ମସ୍ତକ ଅବନତ କରି ଦଣ୍ଡାୟମାନ ହେଲା ।

ଚାଣକ୍ୟ ଦ୍ରୁତଗତିରେ ଚନ୍ଦ୍ରଗୁପ୍ତ ନିକଟରେ ଉପସ୍ଥିତ ହେଲେ । ଚନ୍ଦ୍ରଗୁପ୍ତ ଆସନରୁ ଉଠି ସସମ୍ଭ୍ରମ ପ୍ରଣାମ କଲେ । ଚାଣକ୍ୟ ଆଶୀର୍ବାଦ କଲେ, "ହିମାଚଳଠାରୁ ଦକ୍ଷିଣ ସାଗର ପର୍ଯ୍ୟନ୍ତ ସମସ୍ତ ଭୂଖଣ୍ଡର ନରପତିଗଣ ତୁମ ସିଂହାସନ ତଳେ ମସ୍ତକ ନତ କରନ୍ତୁ ।" ତା'ପରେ ଆସନ ଗ୍ରହଣ କରି ସେ ପଚାରିଲେ, "ଚନ୍ଦ୍ରଗୁପ୍ତ, ମୋତେ ଆହ୍ୱାନ କରିଛ ?" ଅତି ନମ୍ରଭାବରେ ଚନ୍ଦ୍ରଗୁପ୍ତ କହିଲେ, "ଆଜ୍ଞା, ଆପଣଙ୍କ ଆଗମନରେ ପ୍ରୀତ ହୋଇଅଛୁ ।"

ଚାଣକ୍ୟ—ବିନୟରେ ପ୍ରୟୋଜନ ନାହିଁ, ଚନ୍ଦ୍ରଗୁପ୍ତ ! କିନ୍ତୁ କାର୍ଯ୍ୟରେ କି ମୋତେ ଆହ୍ୱାନ କରିଛ ? କଥା କ'ଣ ଶୀଘ୍ର କହ ।

ଚନ୍ଦ୍ରଗୁପ୍ତ—ଆର୍ଯ୍ୟ, କୌମୁଦୀ ଉତ୍ସବ ବନ୍ଦ କଲେ କାହିଁକି ?

ଚାଣକ୍ୟ—ତାହା ହେଲେ ଉତ୍ତରଦାର ପରି ମୁଁ ଆହୂତ ହୋଇଅଛି ?

Digitized by srujanika@gmail.com

ଚନ୍ଦ୍ରଗୁପ୍ତ—ନାହିଁ, ଗୁରୁଦେବ କେବଳ କାରଣ ଜାଣିବାକୁ ମୋର ଇଚ୍ଛା ।

ଚାଣକ୍ୟ—ତାହାହେଲେ ଜାଣିରଖ, ତାହା ମୋର ଅରୁଚି ।

ଚନ୍ଦ୍ରଗୁପ୍ତ—ମୁଁ ତାହା ଜାଣେ; କିନ୍ତୁ ପ୍ରୟୋଜନ ନହେଲେ ଆପଣଙ୍କର ଅଭିରୁଚି ହୁଏ ନାହିଁ ।

ଚାଣକ୍ୟ—ଯଥାର୍ଥ ବୁଝିଛ । ବନ୍ଦ କରିବାର ପ୍ରୟୋଜନ ହେଲା ।

ଚନ୍ଦ୍ରଗୁପ୍ତ—କି ପ୍ରୟୋଜନ, ମୁଁ ଜାଣିବାକୁ ଇଚ୍ଛୁକ ।

ଚାଣକ୍ୟ—ଜାଣିବା ଅବଶ୍ୟକ ନାହିଁ--ଚାଣକ୍ୟ ବିନା ପ୍ରୟୋଜନରେ କୌଣସି କାର୍ଯ୍ୟ କରେ 'ନାହିଁ, ଏହା ଜାଣିଛ, ଯଥେଷ୍ଟ ।

ମନର ବିରକ୍ତି ଭାବ ଗୋପନ ରଖି ଚନ୍ଦ୍ରଗୁପ୍ତ ନୀରବ ରହିଲେ । କିନ୍ତୁ ତାଙ୍କ ଧମନୀର ଉଷ୍ଣ କ୍ଷାତ୍ରରକ୍ତ ଉତ୍ତପ୍ତ ହୋଇ ଅଙ୍ଗରେ ଅଗ୍ନି ଖେଳାଇ ଦେଲା । ତାଙ୍କର ଆତ୍ମଦର୍ପ ଏହି ପ୍ରଥମଥର ଖର୍ବ ହେଲା । ଚନ୍ଦ୍ରଗୁପ୍ତଙ୍କର ଏ ନୂତନ ଅନୁଭୂତି । ମନ୍ତ୍ରାହତ ବିଷଧର ପରି ସେ ନୀରବ କ୍ରୋଧକୁ ଦମନ କରି ମାତ୍ର ରହିଲେ । ଏହି ସମୟରେ ରାକ୍ଷସଙ୍କ ଗୁପ୍ତଚରଗଣ ସ୍ତାବକ ବେଶରେ ଚନ୍ଦ୍ରଗୁପ୍ତଙ୍କର ପ୍ରଶଂସା ସୂଚକ ସ୍ତବ ଗାନ କଲେ --

"ବଳୀୟାନ କେଶରୀ, ତା' ବିଧାତା ବିଧାନ
ପାରେ କି ସେ ସହି ଦଂଷ୍ଟ୍ରା-ଭଙ୍ଗ-ଅପମାନ ?
ସମ୍ପୃଷୀ ଭାରତର ରାଜା ଏକଛତ୍ର
ସହିବେକି ଆଜ୍ଞା-ଭଙ୍ଗ, ଯୋଦ୍ଧୃ କରିପତ୍ର ?
ବେଶ-ଭୂଷାରେ କି ରାଜା ରହନ୍ତି ଭୂପତେ ?
(ନହିଁ ସେ) ନୃପତି ଯା' ଆଜ୍ଞା କେହି ନଲଙ୍ଘେ ଜଗତେ ।"

Digitized by srujanika@gmail.com

ଚାଣକ୍ୟଙ୍କର ବୁଝିବାକୁ ଆଉ ବାକି ରହିଲା ନାହିଁ ଯେ, ଏହା ରାକ୍ଷସର କୌଶଳ । ସେ ମନେ ମନେ ପ୍ରବଳ ଭାବରେ ହସି ଅସ୍ପଷ୍ଟ ଭାଷାରେ କହିଲେ, "ରାକ୍ଷସ ବୁଝିନାହିଁ କୌଟିଲ୍ୟର ଗମ୍ଭୀରତା, କୌଟିଲ୍ୟର ରଚନା କୌଶଳ । ବୁଝି ନପାରି ନିଜ ରଚିତ ଜାଲରେ ନିଜେ ଧରା ଦେବ । ଦେଖାଯାଉ କଅଣ ହେଉଛି ।" ସେହି ସ୍ତବଗାନରେ ଚନ୍ଦ୍ରଗୁପ୍ତଙ୍କର କ୍ରୋଧ ଜାତ ହେଲା । ସ୍ତବର ପ୍ରଶଂସାରେ ନିଜକୁ ବଡ଼ ମଣିବା ସଙ୍ଗେ ସଙ୍ଗେ ତାଙ୍କ ଆତ୍ମମ୍ଭରିତା ସୀମା ଲଙ୍ଘନ କଲା । ସେ ସ୍ତାବକମାନଙ୍କୁ ବହୁ ପ୍ରଶଂସା କରି ପୁରସ୍କାର ଆଦେଶ ଦେଲେ । ଚାଣକ୍ୟ ସେହି ଆଦେଶ ଉପରେ ନିଷେଧାଜ୍ଞା ଅବଧାରିତ କଲେ । ଏଥିରେ ଚନ୍ଦ୍ରଗୁପ୍ତ ଉତ୍ତ୍ୟକ୍ତ ହୋଇ କହିଲେ ଯେ, ଏପରି ପ୍ରତ୍ୟେକ କଥାରେ ସେ ଆର୍ଯ୍ୟଙ୍କ ଆଜ୍ଞାଧୀନ ହେଲେ ତାଙ୍କ ରାଜତ୍ୱ ବନ୍ଧନ ଅପେକ୍ଷା ବଳିଯିବ । ଚାଣକ୍ୟ କହିଲେ, ଯେଉଁ ରାଜା ନିଜେ ରାଜକାର୍ଯ୍ୟ ବୁଝେ ନାହିଁ, ତାହାର ଅବସ୍ଥା ସେପରିହିଁ ହୋଇଥାଏ । ଚନ୍ଦ୍ରଗୁପ୍ତ ଇଚ୍ଛା କଲେ ନିଜ ରାଜ କାର୍ଯ୍ୟ ନିଜେ ବୁଝିପାରନ୍ତି ।

ଚନ୍ଦ୍ରଗୁପ୍ତ ହଠାତ୍ କହି ପକାଇଲେ, "ଆଜ୍ଞା ଏଣିକି ବୁଝିବି ।"

ଚାଣକ୍ୟ—ଉତ୍ତମ ହେଲା, ମୋ ନିଜକାର୍ଯ୍ୟ ମୁଁ ତାହାହେଲେ କରିବି ।

ଚନ୍ଦ୍ରଗୁପ୍ତ—ଶାରଦୋତ୍ସବ ବନ୍ଦ କରିବା କାରଣ କଣ ?

ଚାଣକ୍ୟ—ଆଗେ କହ, ଉତ୍ସବ କାହିଁକି ହେବ ?

ଚନ୍ଦ୍ରଗୁପ୍ତ—ମୋର ଇଚ୍ଛା ମୋ ଆଦେଶ ସମସ୍ତେ ପାଳନ୍ତୁ ।

ଚାଣକ୍ୟ— ତାହାହେଲେ ମୋର ଇଚ୍ଛା, ସମସ୍ତେ ସେହି ଆଦେଶ ଅମାନ୍ୟ କରନ୍ତୁ । ଭାରତର ଏକଛତ୍ର ସମ୍ରାଟଙ୍କର ଆଦେଶ ଆଜି ମୋ ନିକଟରେହିଁ ଅବହେଳିତ, ସ୍ଖଳିତ ।

Digitized by srujanika@gmail.com

ଚନ୍ଦ୍ରଗୁପ୍ତ---କେବଳ ଏହାର ଏକମାତ୍ର କାରଣ !

ଚାଣକ୍ୟ—ନାନା, ଯଦ୍ୟପି ତାହା ନୁହେ ତୁମର ଆଦେଶ ପାଳିତ ହେଲେ, ଏ ଉତ୍ସବ ଅସମୟରେ ହୁଅନ୍ତା, ଅଉ ମହାରାଜ ଚନ୍ଦ୍ରଗୁପ୍ତ ସମସ୍ତଙ୍କର ଉପହାସର ପାତ୍ର ହୁଅନ୍ତେ । ନେଇ ଆସ, ପ୍ରତିହାରୀ ! ଅଚଳଦତ୍ତଙ୍କ ପତ୍ର ।

ପ୍ରତିହାରୀ ଅଚଳଦତ୍ତଙ୍କ ଲିଖିତ ଗୋଟିଏ ପତ୍ର ନେଇ ଆସିଲା । ଚନ୍ଦ୍ରଗୁପ୍ତ ତାହା ପାଠ କଲେ---"ଯେଉଁମାନେ ମୌର୍ଯ୍ୟ ମହାରାଜାଙ୍କ ତ୍ୟାଗ କରି ମଳୟକେତୁଙ୍କ ଆଶ୍ରୟ କରିଛନ୍ତି, ତାଙ୍କର ତାଲିକା ଏଠାରେ ପ୍ରଦତ୍ତ ହେଲା । ସେଠାରେ ଭଦ୍ରଭଟ ଗଜାଧ୍ୟକ୍ଷ, ପୁରୁଷଦତ୍ତ ଅଶ୍ୱାଧ୍ୟକ୍ଷ, ଚନ୍ଦ୍ରଭାନୁ ଓ ହିଙ୍ଗୁରାତ ଦୌବାରିକ, ରାଜା ବଳଗୁପ୍ତ ମଳୟକେତୁଙ୍କ ଅନ୍ତରଙ୍ଗ ବନ୍ଧୁ, ରାଜସେନ ତାଙ୍କ ପ୍ରିୟ ହୋଇଅଛନ୍ତି । ସେନାପତି ସିଂହବଳଙ୍କ କନିଷ୍ଠ ଭାଗୁରାୟଣ, ମାଳବକୁମାର ରୋହିତାକ୍ଷ, ମନ୍ତ୍ରୀ ବିଜୟବର୍ମା, ଏ ସମସ୍ତେ ତାଙ୍କ ସପକ୍ଷରେ ଅଛନ୍ତି—"

ଚନ୍ଦ୍ରଗୁପ୍ତ—ଏତେ ଲୋକ କାହିଁକି ବିରକ୍ତ ହେଲେ ?

ଚାଣକ୍ୟ— ଶୁଣ ଚନ୍ଦ୍ରଗୁପ୍ତ ! ଭଦ୍ରଭଟ ଓ ପୁରୁଷଦତ୍ତ ଅତି ମାତ୍ରାରେ ପାନ ଓ ବେଶ୍ୟାସକ୍ତ—ତେଣୁ ସେମାନଙ୍କୁ ପଦଚ୍ୟୁତ କରିଅଛୁ । ସେମାନେ ଅର୍ଥ ନିମନ୍ତେ ମଳୟକେତୁର ଆଶ୍ରୟ ନେଇଅଛନ୍ତି । ହିଙ୍ଗୁରାତ ଓ ବଳଗୁପ୍ତ ଅତିଶୟ ଲୋଭୀ, ତେଣୁ ବହୁ ଅର୍ଥ ଲୋଭରେ ଶତ୍ରୁର ଆଶ୍ରୟ କରିଥିବେ । ରାଜସେନ ଏଠାରେ ବିପୁଳ ଐଶ୍ୱର୍ଯ୍ୟ ଉପଭୋଗ କରି ପୁଣି କାଳେ ତାର ଉଚ୍ଛେଦ ଘଟିବ, ଏହି ଆଶଙ୍କାରେ ବିପକ୍ଷ ଅବଲମ୍ବନ କରିଅଛି । ଭାଗୁରାୟଣ ପୂର୍ବରୁ ପର୍ବତକର ବନ୍ଧୁ । ସେ ହିଁ ପର୍ବତକ ହତ୍ୟା ଅପରାଧ ମୋ ନାମରେ ରଟନା କରିଥିଲା ।

Digitized by srujanika@gmail.com

ବର୍ତ୍ତମାନ ଦୋଷିମାନଙ୍କ ଦଣ୍ଡବିଧାନ ଦେଖି ନିଜେ ଶାନ୍ତି ପାଇବା ଉଦ୍ଦେଶ୍ୟରେ ମଳୟକେତୁଙ୍କ ଆଶ୍ରୟ ନେଇ ଅମାତ୍ୟ ପଦ ଲାଭକରିଅଛନ୍ତି । ରୋହିତ ଓ ବିଜୟବର୍ମା ଆମଠାରୁ ବହୁମାନ ପାଇ ସୁଦ୍ଧା ଅଭିମାନ ଦେଖିବା ପାଇଁ ଶତ୍ରୁ ଶିବିରକୁ ଯାଇଅଛନ୍ତି ।

ଚନ୍ଦ୍ରଗୁପ୍ତ—ଆଚ୍ଛା, ସେମାନେ ବିରକ୍ତ ହେବା ଜାଣି ସୁଦ୍ଧା ପ୍ରତୀକାର କରିଲ ନାହିଁ କାହିଁକି ?

ଚାଣକ୍ୟଙ୍କ କ୍ରୋଧ ଶତଗୁଣ ବୃଦ୍ଧି ପାଇଲା । ସେ କହିଲେ, "ଚନ୍ଦ୍ରଗୁପ୍ତ, ମୁଁ ଏତେ କଥାର ଉତ୍ତର ଦେବାକୁ ଅନିଚ୍ଛୁକ । ତେବେ ଶୁଣ, ମୁଁ ସେଥିର ପ୍ରତୀକାର କରିପାରିଲି ନାହିଁ ।"

ଚନ୍ଦ୍ରଗୁପ୍ତ—ପାରିଲ ନାହିଁ ? ପ୍ରୟୋଜନ ଦୃଷ୍ଟିରେ, କିମ୍ବା କୌଶଳ ଅଭାବରେ ?

ଚାଣକ୍ୟ—ତୁମର ଧୃଷ୍ଟତା ବେଳକୁବେଳ ସୀମାତିରିକ୍ତ କରୁ-ଅଛି । ମୋର କୌଶଳ ଅଛି କି ନାହିଁ, ତୁମ ବଂଶ ତାହା ଜାଣେ । ରାଜା ହୋଇ ତୁମର ମୂଢ଼ୋଚିତ ପ୍ରଶ୍ନ ଶୁଣିଲେ ବାଳକ ମଧ୍ୟ ନହସି ରହିପାରିବ ନାହିଁ । ରାଜନୀତିରେ, ବିରକ୍ତ ଲୋକଙ୍କ ପ୍ରତି ଦ୍ୱିବିଧ ଉପାୟ ଅବଲମ୍ବନ କରିବାକୁ ହୁଏ - ଅନୁଗ୍ରହ କିବା ପଦଚ୍ୟୁତ । ଭଦ୍ରଭଟ୍ଟ ଓ ଏହାଙ୍କୁ ଅଧିକାର ଦେଉଥିଲେ ବ୍ୟସନ ଦୋଷରେ ସେମାନେ ରାଜ୍ୟ ନଷ୍ଟ କରନ୍ତେ । ହୀନ ଭଗ୍ନସମ୍ପୂର୍ଣ ଓ ରାଜସେନଙ୍କୁ ଅନୁଗ୍ରହ କଲେ ଲାଭ ନାହିଁ । ନିଗ୍ରହ କିବା ଦଣ୍ଡ ପ୍ରଦାନ କଲେ ନନ୍ଦାନୁରକ୍ତ ପ୍ରଜାଗଣ ଅଯଥା ଉତ୍ତ୍ୟକ୍ତ ହୁଅନ୍ତେ । ସେଥିରେ ଅନାବଶ୍ୟକ ବିଦ୍ରୋହର ସୃଷ୍ଟି ହୁଅନ୍ତା ।

Digitized by srujanika@gmail.com

ରାକ୍ଷସର ଶିକ୍ଷାରେ ମଳୟକେତୁ ବର୍ତ୍ତମାନ ଏ ସମସ୍ତଙ୍କ ସହିତ ମିଳିତ ହୋଇ ସେଲୁକସଙ୍କ ସାହାଯ୍ୟ ଭିକ୍ଷା କରୁଅଛି । ସମସ୍ତେ ମିଳି-ମିଶି ମଗଧ ଅଭିଯାନ ପାଇଁ ପ୍ରସ୍ତୁତ ପ୍ରାୟ । ବର୍ତ୍ତମାନ ତୁମର ଚତୁର୍ଦ୍ଦିଗରେ ଶତ୍ରୁ—ଏମନ୍ତକି ତୁମର ପାର୍ଶ୍ୱଚର ପର୍ଯ୍ୟନ୍ତ ବିଶ୍ୱାସଯୋଗ୍ୟ ନୁହନ୍ତି । ସୁଯୋଗ ପାଇବା ମାତ୍ରେ ସେମାନେ ତୁମର ସର୍ବନାଶ କରିବେ । ସୁତରାଂ ଯୁଦ୍ଧ ପାଇଁ ଏହିକ୍ଷଣି ତୁମକୁ ପ୍ରସ୍ତୁତ ହେବାକୁ ହେବ । ଉତ୍ସବ, ଆମୋଦ ପ୍ରମୋଦର କି ଏ ସମୟ ? ଶୁଣ ଚନ୍ଦ୍ରଗୁପ୍ତ, ରାଜନୀତି ବିଳାସୀର ରୁଚି ବିଳାସ ନୁହେଁ, ପ୍ରଣୟୀର ହୃଦୟ-ଅନୁଚିନ୍ତା ନୁହେଁ, ନାରୀର କାତର କ୍ରନ୍ଦନ କି ତରଳ ସ୍ୱପ୍ନ ନୁହେଁ ଲଘୁଚିତ୍ତ ବ୍ୟକ୍ତିର କ୍ରୀଡ଼ା କୌତୁକ ନୁହେଁ; ରାଜନୀତି ମୂଢ଼ ବ୍ୟକ୍ତିର ମୂଢ଼ତା ନୁହେ, **ଅଥ** ବଡ଼ମାଣିଷର **ଅ**ସ୍ଥିରତା ନୁହେ । ରାଜନୀତି କୌଶଳୀର ତନ୍ତୁବାୟୁ ଜାଲ, ତୀକ୍ଷ୍ଣ ମେଧାବୀର ପୁଙ୍ଖଳ-ଦୃଷ୍ଟି, ଜ୍ଞାନୀର ଜ୍ଞାନ ପରିଚାଳନା, କର୍ମୀର **ଆ**ତ୍ମତ୍ୟାଗ । ରାଜନୀତି କୁଣ୍ଠାର କଥା ନୁହେଁ, କିନ୍ତୁ ଗଭୀର ଚିନ୍ତା ଓ କୌଶଳ ସାପେକ୍ଷ । ରାଜନୀତି ସାଧନାର ସିଦ୍ଧି ।

ଚନ୍ଦ୍ରଗୁପ୍ତ— **ଅଚ୍ଛା**, ମଳୟକେତୁ କାହିଁକି ଉପେକ୍ଷିତ ହେଲେ ?

ଚାଣକ୍ୟ —ଅନୁଗ୍ରହ କଲେ ଅର୍ଦ୍ଧରାଜ୍ୟ ଦେବାକୁ ପଡ଼ନ୍ତା, ଦେଇ ମଧ୍ୟ ପର୍ବତକ-ବଧ ଅପବାଦ **ଆ**ମର ଲିଭନ୍ତା ନାହିଁ । ନିଗ୍ରହ କଲେ ତ ବଳେବଳେ ସେ ଅପବାଦ **ଆ**ମର ଉପରେ ପଡ଼ନ୍ତା ।

ଚନ୍ଦ୍ରଗୁପ୍ତ — କିନ୍ତୁ ରାକ୍ଷସ ଯେତେବେଳେ ଏ ସମସ୍ତ ଷଡ଼ଯନ୍ତ୍ରର ସୂତ୍ରଧାର, ସେ ବା ଉପେକ୍ଷିତ ହେଲେ କାହିଁକି ?

ଚାଣକ୍ୟ—ରାକ୍ଷସ ଅତ୍ୟନ୍ତ ବିଜ୍ଞ, କୌଶଳୀ ଓ ଅନୁଭବ-ପ୍ରବୀଣ । ସମସ୍ତ ମଗଧ ତାଙ୍କୁ ସ୍ନେହ ଓ ସମ୍ମାନ କରେ । ତାଙ୍କୁ ବଳ ପ୍ରୟୋଗରେ ଧରିବାକୁ ଗଲେ ହୁଏତ ତାହାର ପ୍ରାଣନାଶ ଘଟନ୍ତା,

Digitized by srujanika@gmail.com

ନଚେତ୍ ତୁମର ବନ୍ଧୁ ସୈନ୍ୟକ୍ଷୟ ହୁଅନ୍ତା । ସେ ରାଜ୍ୟରେ ରହିଲେ ଲୋକଙ୍କୁ ମିଳାଇ ଅନ୍ତର୍ବାଦର ସୃଷ୍ଟି କରନ୍ତା । ସୁତରାଂ ସେ ରାଜ୍ୟ ମଧ୍ୟରେ ରହିବା ନିରାପଦ ନୁହେ ଭାବି ଅବାଧ ପଳାୟନର ଉପାୟ କରିଅଛି । କୌଶଳରେ ତାଙ୍କୁ ବଶ କରି ଅଣି ମଗଧର ମନ୍ତ୍ରିତ୍ୱ ପ୍ରଦାନ କଲେ ତୁମର ପ୍ରଭୂତ ଉପକାର ହେବ ଜାଣି ତାହାର ବିନାଶ ଘଟାଇ ନାହିଁ । ସେ ବାହାରେ ନାନା ଷଡ଼ଯନ୍ତ୍ର କରିଲ ମଧ୍ୟ, ଏବଂ ସେସବୁ ବିନଷ୍ଟ କରିବା ପାଇଁ ଆମର ବନ୍ଧୁ ଶକ୍ତି କ୍ଷୟ ହୋଇଲେ ମଧ୍ୟ, ସେ ସର୍ବତୋଭାବେ ଗ୍ରହଣୀୟ । ବର୍ତ୍ତମାନ ରାକ୍ଷସର ନାନା ଷଡ଼ଯନ୍ତ୍ରର ଲକ୍ଷ୍ୟ ତୁମେ । ସୁତରାଂ ଏ ସମୟ ବ୍ୟାୟାମର, ମୃଗୟାର, ଦୁର୍ଗ ସଂସ୍କାରର, ସୈନ୍ୟସଂସ୍କାର, କିନ୍ତୁ ଆଳସ୍ୟ ବିଳାସମୟ ତୁଚ୍ଛ ଉତ୍ସବର ନୁହେ ।

ଚକ୍ଷୁ-ଉନ୍ମୀଳନ

I see the future stretch
All dark and barren as a rainy sea."
—Alexander Smith.

ଚନ୍ଦ୍ରଗୁପ୍ତ ସ୍ଥିର କଲେ ଚାଣକ୍ୟଙ୍କ ଏ ଔଦ୍ଧତ୍ୟ ସେ କଦାପି ସହ୍ୟ କରିବେ ନାହିଁ —ତାଙ୍କୁ ତାର ପ୍ରତିଫଳ ପ୍ରଦାନ କରିବେ । ସେ ଅଧୀର ଉତ୍ତ୍ୟକ୍ତ ହୋଇ କହିଲେ, "ତାହାହେଲେ ମୁଁ ଦେଖୁଛି, ରାକ୍ଷସ ସର୍ବପ୍ରକାରେ ଯୋଗ୍ୟ ଓ ବିଚକ୍ଷଣ ବ୍ୟକ୍ତି ।"

ଚାଣକ୍ୟ—ଅର୍ଥାତ୍ ମୁଁ ଅଯୋଗ୍ୟ ଓ ଅକର୍ମଣ୍ୟ । କୃତଘ୍ନ ଚନ୍ଦ୍ରଗୁପ୍ତ ! ତୁମର କେଉଁ ଉପକାର ବା କରିନାହିଁ ? ମନେ ଅଛି କି ଚନ୍ଦ୍ରଗୁପ୍ତ, କାହା ଯୋଗୁଁ ଆଜି ତୁମେ ସମଗ୍ର ଭାରତର ଏକଚ୍ଛତ୍ର ଅଧୀଶ୍ୱର ? ସ୍ମରଣ କରିବ, ତୁମର ପୈତୃକ ରାଜ୍ୟ କିଏ ଉଦ୍ଧାର କରି-

Digitized by srujanika@gmail.com

ଅଛି ? ମଗଧ ପଟ୍ଟେଶ୍ୱର, ତୁମର ବନ୍ଦୀକର୍ତ୍ତା ନନ୍ଦଗଣଙ୍କୁ କିଏ ଧ୍ୱଂସ କରିଅଛି ? ଜାଣ କି, କାହାର ବୁଦ୍ଧି ବଳରେ ତୁମେ ରାକ୍ଷସର ଷଡ଼ଯନ୍ତ୍ରରୁ ରକ୍ଷା ପାଇଅଛ ?

ଚନ୍ଦ୍ରଗୁପ୍ତ—ସେ ସମସ୍ତ ବିଧି ନିର୍ବନ୍ଧ । ଆପଣଙ୍କର କୃତିତ୍ୱ ସେଥିରେ କଅଣ ଅଛି ? ଦୁରଦୃଷ୍ଟ ଯୋଗୁଁ ନନ୍ଦଭ୍ରାତୃଗଣ ସିଂହାସନ ଓ ଜୀବନ ହରାଇଲେ । ଘଟଣା ବଶରୁ ରାକ୍ଷସଙ୍କ ଷଡ଼ଯନ୍ତ୍ର ସବୁ ବିଫଳ ହେଲା । କିନ୍ତୁ ନନ୍ଦବଂଶ ଧ୍ୱଂସ ହେବାରୁ ରାକ୍ଷସ ଆମ୍ଭର ଯଶ କୀର୍ତ୍ତନରେ ନାନା ବ୍ୟାଘାତ ଘଟାଇ ସାମନ୍ତ ରାଜନ୍ୟବର୍ଗଙ୍କୁ କୌଶଳରେ ଆମ୍ଭର ହସ୍ତଚ୍ୟୁତ କରି ମଳୟକେତୁ ସହିତ ଯୋଗ କରାଇଅଛନ୍ତି ।

ଚାଣକ୍ୟ--ଓହୋ ! ମୁଁ ଭାବିଥିଲି ନନ୍ଦ ପରି ଚନ୍ଦ୍ରଗୁପ୍ତଙ୍କୁ ସିଂହାସନଚ୍ୟୁତ କରି ସେହି ସ୍ଥାନରେ ମଳୟକେତୁଙ୍କୁ ବସାଇଅଛି ।

ଚନ୍ଦ୍ରଗୁପ୍ତ—ବୃଥା ଏ ବ୍ୟଙ୍ଗ, ବୃଥା ତିରସ୍କାର । ଦୈବ-ଘଟଣାକୁ ନିଜର କୃତିତ୍ୱ ମନେ କରିବା ବୃଥା ଗର୍ବ ମାତ୍ର ।

ଚାଣକ୍ୟ—ମୂର୍ଖହିଁ ଭାଗ୍ୟ-ଦେବୀର ଉପାସନା କରେ; ମୂଢ଼, ଅନ୍ଧ, ଅଜ୍ଞ ବ୍ୟକ୍ତିର ଆତ୍ମଶକ୍ତିରେ ପ୍ରତ୍ୟୟ ନଥାଏ, ସେ ଆତ୍ମପ୍ରତ୍ୟୟ ଅଭାବରେ କାପୁରୁଷ ହୋଇ ଅଦୃଷ୍ଟରେ ବିଶ୍ୱାସ ଓ ନିର୍ଭର କରେ

ଚନ୍ଦ୍ରଗୁପ୍ତ—କିନ୍ତୁ ବିଦ୍ୱାନ୍ ବ୍ୟକ୍ତି ଅହଙ୍କାର କରେନା, ମିଥ୍ୟା ଦମ୍ଭକୁ ପ୍ରଶ୍ରୟ ଦିଏନା, ଘଟଣା ବିଶେଷକୁ ନିଜର କୃତିତ୍ୱ ବୋଲି ବଢ଼ାଇ କରେ ନା ।

Digitized by srujanika@gmail.com

ଚାଣକ୍ୟଙ୍କ ଶରୀରର ସମସ୍ତ ଲୋମ ଟାଙ୍କୁରି ଉଠିଲା--ନୟନରୁ ଅଗ୍ନି ସ୍ଫୁଲିଙ୍ଗ ନିର୍ଗତ ହେଲା, ଦନ୍ତରେ ଦନ୍ତ ସ୍ଥାପିତ ହେଲା, ସର୍ବାଙ୍ଗ ଥରହର ପ୍ରକମ୍ପିତ ହେଲା । ସେ ରୂକ୍ଷ କର୍କଶ ସ୍ୱରରେ କହିଲେ--"ସାବଧାନ ହୋଇ କଥା କହ, ଚନ୍ଦ୍ରଗୁପ୍ତ ! ଜାଣକି କାହା ସମ୍ମୁଖରେ ଅସାର ବଡ଼ିମା ପ୍ରକାଶ କରୁଛ ? ଜାଣକି କାହା ପ୍ରତି ଅଜ୍ଞ ସାମାନ୍ୟ ଭୃତ୍ୟ ପରି ବ୍ୟବହାର କରୁଛ ? ତୁମର ଏ ନୀଚ ଅକୃତଜ୍ଞତା ଯୋଗୁଁ ବଦ୍ଧଶିଖା ମୁକ୍ତ କରିବାକୁ ପୁଣି ହସ୍ତ ଉଦ୍ଦ୍ୟତ ହେଉଅଛି, ପ୍ରତିଜ୍ଞା କରିବାକୁ ପୁଣି ଇଚ୍ଛା ହେଉଅଛି । ନନ୍ଦବଂଶର ଶୋଣିତରେ ଯେଉଁ ପ୍ରତିହିଂସା ବହ୍ନି ନିର୍ବାପିତ ହୋଇଥିଲା, ପୁଣି ତାହା ପ୍ରଚଣ୍ଡ ମୂର୍ତ୍ତି ଧାରଣ କରି ଉଗ୍ର ଶିଖାରେ ଜ୍ୱଳି ଉଠିବ । ଜାଣି ରଖ, ଚାଣକ୍ୟ କାହାର ଅଧୀନ ନୁହେ, କାହାର ଦାସ ନୁହେ । ଜାଣିରଖ, ଚାଣକ୍ୟ ଚନ୍ଦ୍ରଗୁପ୍ତର ଶରଣରକ୍ଷକ, ମନ୍ତ୍ରୀତ୍ୱ ପ୍ରାର୍ଥୀ ନୁହେ । ଚାଣକ୍ୟ ଅସୀମ ଶକ୍ତିମାନ୍, ଚାଣକ୍ୟ ଦୁର୍ଦ୍ଧର୍ଷ ଅନଳ ଶିଖା, ଚାଣକ୍ୟ ଭୀଷଣ ଆଗ୍ନେୟଗିରି, ଚାଣକ୍ୟ ପ୍ରଳୟଙ୍କର ଭୂମିକମ୍ପ, ଚାଣକ୍ୟ ପ୍ରଦୀପ୍ତ ଧୂମକେତୁ, ଅସୀନ, ଅପରାଜେୟ ବ୍ରାହ୍ମଣ । ରାକ୍ଷସ ଯଦି ଉପଯୁକ୍ତ, ତାକୁ ମନ୍ତ୍ରୀ କରି ଶାସନ ଚଳାଅ । ମୁଁ ତାଚ୍ଛିଲ୍ୟ ଓ ଘୃଣାର ସହିତ ତୁମର ଦତ୍ତ ମନ୍ତ୍ରୀତ୍ୱରେ ପଦାଘାତ କରୁଅଛି ।"

ଚାଣକ୍ୟ ପଦାଘାତ କରି ତାଙ୍କ ତରବାରି ଖଣ୍ଡିକ ଭୂତଳେ ନିକ୍ଷେପ କଲେ । ସେ ମୁଖ ଫେରାଇବା ଉପକ୍ରମ କରୁଅଛନ୍ତି, ମୁରା ହଠାତ୍ ସେ ସ୍ଥାନରେ ଉପସ୍ଥିତ ହୋଇ ତାଙ୍କ ପଦଦ୍ୱୟ ଧାରଣ କଲେ ଏବଂ ତରବାରି ଗ୍ରହଣ କରିବାକୁ କାତର ଭାବରେ ଅନୁରୋଧ କଲେ । ଚାଣକ୍ୟ କହିଲେ, "ମାଆ, ଚାଣକ୍ୟାଧୀନ ଜଗତ, ଜଗତାଧୀନ ଚାଣକ୍ୟ ନୁହେ । ସମଜାପି ଦେଇ ଯାଉ ଚାଣକ୍ୟ ଆଉ ମନ୍ତ୍ରୀତ୍ୱ ଗ୍ରହଣ କରିବ ନାହିଁ ।" ଉପସ୍ଥିତ ସମସ୍ତଙ୍କୁ ଭୀତ, ସ୍ତମ୍ଭିତ କରି ଚାଣକ୍ୟ ସେଠାରୁ ଦ୍ରୁତବେଗରେ ଅନ୍ତର୍ହିତ ହେଲେ ।

Digitized by srujanika@gmail.com

ରାକ୍ଷସଙ୍କ ଚରଗଣ ପୁଣି ସ୍ତୁତି ଆରମ୍ଭ କଲେ—

"ନଜାଣଇ ସିଂହ ଯେବେ ଅସ୍ତ୍ର-ଶକ୍ତି ବଳେ
ଦେଖିଛୁଏ ହସ୍ତ ବୃଦ୍ଧକାୟ୍ଯ ବନ୍ଦ ଗଜେ
ତଥାପି ସେ ପଶୁରାଜ ଜଗତେ ବିଦିତ" ଏତକ ଶୁଣିବା

ପରେ ଅସ୍ଥିର ଚନ୍ଦ୍ରଗୁପ୍ତ ସେ ସ୍ଥାନରୁ ଦ୍ରୁତ ପ୍ରସ୍ଥାନ କଲେ । ରାକ୍ଷସଙ୍କ ଗୁପ୍ତଚରଗଣ ମଧ୍ୟ ସ୍ଥାନରୁ ରାକ୍ଷସଙ୍କ ନିକଟକୁ ତ୍ୱରିତ ଯାତ୍ରା କଲେ ।

ପୁଷ୍ପପୁର ରାଜଧାନୀରେ ଘୋଷଣା ହୋଇଗଲା, ସ୍ୱୟଂ ମହାରାଜ ଏଣିକି ସମସ୍ତ ରାଜକାର୍ଯ୍ୟ ପରିଚାଳନ କରିବେ । କୌଣସି ନୂତନ କଥାରେ ଲୋକେ ଅତ୍ୟଧିକ ଆଗ୍ରହ ଦେଖାଇଥାନ୍ତି । ଯେଉଁମାନଙ୍କର ଶାସନ ପଦ୍ଧତି ନାନାପ୍ରକାରରେ ସମ୍ପର୍କ ଥିଲା, ପରଦିନ ସେମାନେ କୌତୂହଳ ପରବଶ ହୋଇ ରାଜାଙ୍କ ବ୍ୟବସ୍ଥାରେ କ ବିଶେଷତ୍ୱ ଥାଇପାରେ ଜାଣିବା ଉଦ୍ଦେଶ୍ୟରେ ପ୍ରାସାଦରେ ଆସି ଉପସ୍ଥିତ ହେଲେ । ପ୍ରଥମେ କୋଷ-ରକ୍ଷକ ଆସି ପ୍ରଣାମ କରି କହିଲା, "ମହାରାଜ, ଆଜି ସୈନ୍ୟଙ୍କ ବୃତ୍ତି ଦିଆଯିବ । କୋଷରେ ଅର୍ଥାଭାବ । ଏକଲକ୍ଷ ମୁଦ୍ରାର ବ୍ୟବସ୍ଥା କରନ୍ତୁ ।" ଚନ୍ଦ୍ରଗୁପ୍ତ ବିସ୍ମିତ ହେଲେ । ଚନ୍ଦ୍ରଗୁପ୍ତଙ୍କ ଜିଜ୍ଞାସା ନିକଟେ କୋଷରକ୍ଷକ କହିଲା ଯେ, ୨୦ ଲକ୍ଷ ମୁଦ୍ରା ରାଜସ୍ୱ ଆଜି ପହଞ୍ଚି-ଥାନ୍ତା—ମାର୍ଗରେ ମଳୟକେତୁଙ୍କ ସୈନ୍ୟ ସମସ୍ତ ଲୁଟି ନେଇଛନ୍ତି । ଚନ୍ଦ୍ରଗୁପ୍ତ କହିଲେ, "କାହିଁ ପୂର୍ବେ ତ ଏପରି କିଛି ଘଟି ନଥିଲା ।" କୋଷ ରକ୍ଷକ କହିଲା, "ଆର୍ଯ୍ୟ କାଲିଠାରୁ ଶାସନ କାର୍ଯ୍ୟ ପ୍ରତି ଉଦାସୀନ । ଏଣୁ ଜନକମଧ୍ୟରେ ସମସ୍ତ ଯନ୍ତ୍ର ଯେପରି ଅକର୍ମଣ୍ୟ ହୋଇଅଛି, ସବୁଠାରେ ଶୃଙ୍ଖଳାର ଅଭାବ —ରାଜଧାନୀ ବାହାରେ ଶାନ୍ତିର ଅଭାବ । ସେହିମତ ବାଣିଜ୍ୟ ଏକପ୍ରକାର ଶିଥିଳ ହୋଇଅଛି— ଦସ୍ୟୁ ଉତ୍ପାତ ସମ୍ବାଦ ପାଇ ପଥିକ ପର୍ଯ୍ୟନ୍ତ ରାତିରେ ଯାତାୟାତ ବନ୍ଦ କରି ଅଛନ୍ତି ।"

Digitized by srujanika@gmail.com

ରାଜଧାନୀର ପ୍ରଧାନ ଅଧି କହିଲା, "ମହାରାଜ, ଆର୍ଯ୍ୟଙ୍କ ଆଦେଶ ଅନୁଯାୟୀ ସମସ୍ତ ଖାଦ୍ୟ ଦ୍ରବ୍ୟ ସଂଗୃହୀତ ହୋଇଅଛି । ବଣିକମାନଙ୍କୁ ତାର ମୂଲ୍ୟ ପନ୍ଦର ଲକ୍ଷ ମୁଦ୍ରା ଆଜି ନଦେଲେ ସେମାନେ ସମସ୍ତ ବନ୍ଦ କରିଦେବେ ।" ଚନ୍ଦ୍ରଗୁପ୍ତ ଜିଜ୍ଞାସା କଲେ, "ଏତେ ଖାଦ୍ୟ ଦ୍ରବ୍ୟ କ ସକାଶେ ?" ପ୍ରଧାନ କହିଲା, "ନିକଟରେ ଯୁଦ୍ଧର ସମ୍ଭାବନା ଦେଖି ଆର୍ଯ୍ୟ ଏପରି ସତର୍କତା ଅବଲମ୍ବନ କରନ୍ତି ।" ଚନ୍ଦ୍ରଗୁପ୍ତ ତାଙ୍କୁ ଆଦେଶ କଲେ, "ଋଣ ଗ୍ରହଣ କରି ବର୍ତ୍ତମାନ ଏ ଉଭୟ ବିଧ ବ୍ୟୟ ନିର୍ବାହ କରାଯାଉ ।" କିନ୍ତୁ ପ୍ରଧାନଙ୍କଠାରୁ ବୁଝିଲେ କେବଳ ଚନ୍ଦନଦାସଙ୍କ ବ୍ୟତୀତ ଏତେ ଅର୍ଥ ଋଣ ଦେବାପାଇଁ କେହି ସକ୍ଷମ ନୁହନ୍ତି । ଚନ୍ଦ୍ରଗୁପ୍ତ ଚିନ୍ତିତ ହେଲେ । ଠିକ୍ ଏହି ସମୟରେ ସେନାପତି ସମ୍ବାଦ ଦେଲା ଯେ ସାତଦିନ ମଧ୍ୟରେ ମଳୟକେତୁ ମ୍ଲେଚ୍ଛ ସୈନ୍ୟସହ ରାଜଧାନୀ ଆକ୍ରମଣ କରିବେ । ସୁତରାଂ ସୈନ୍ୟ ସଜ୍ଜା ତିନଦିନ ମଧ୍ୟରେ ସଂପୂର୍ଣ୍ଣ କରିବାକୁ ହେବ । ଆବଶ୍ୟକୀୟ ବ୍ୟୟ ସକାଶେ ପାଞ୍ଚଲକ୍ଷ ମୁଦ୍ରା କୋଷାଗାରରେ ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ହେଉ ।"

ସେ ସ୍ୱୟଂ ସେକଥା ବୁଝିବେ କହି ସମସ୍ତଙ୍କୁ ବିଦାୟ ଦେଇ ଚିନ୍ତାମଗ୍ନ ହେଲେ । କରଗତ ରତ୍ନର ମୂଲ୍ୟ ମାନବ ସେତେ ବୁଝି-ପାରେନାହିଁ, ଯେତେ ବୁଝିପାରେ କରଚ୍ୟୁତ ରତ୍ନର ମୂଲ୍ୟ ! ଚନ୍ଦ୍ର-ଗୁପ୍ତଙ୍କର ସ୍ୱାଧୀନତାର ଗର୍ବ ଚିରକାଳ ଅତିମାତ୍ରାରେ ଥିବାରୁ ସେ ସ୍ୱେଚ୍ଛା-ଚାରିତାକୁ ସ୍ୱାଧୀନତା ନାମରେ ଅଭିହିତ କରୁଥିଲେ । କିନ୍ତୁ ବର୍ତ୍ତମାନ ବୁଝିଲେ ସ୍ୱାଧୀନତା ଅ-ନିୟମ ନୁହେଁ, ବିଶୃଙ୍ଖଳା ନୁହେଁ—ତାହା ସୃଷ୍ଟିର ଚରମ ଉଦ୍ଦେଶ୍ୟ, କଠୋର ନିୟମାନୁବର୍ତ୍ତିତା, ପରିଶ୍ରମ ଯାତିଯୁକ୍ତ କର୍ତ୍ତବ୍ୟନିଷ୍ଠା । ସେ ମନେ ମନେ ଚାଣକ୍ୟଙ୍କ ପ୍ରତି ନିଜର ଦୁର୍ବ୍ୟବହାର ପାଇଁ ସଙ୍କୁଚିତ ଓ ଲଜ୍ଜିତ ହେଲେ । ଚତୁର୍ଦ୍ଦିଗ ତାଙ୍କୁ

Digitized by srujanika@gmail.com

ଶୂନ୍ୟ ଦେଖାଗଲା । କିପରି ଏ ସଙ୍କଟରୁ ସେ ଶାସନ ରକ୍ଷା କରିବେ, ସେହି ଚିନ୍ତାରେ ମ୍ରିୟମାଣ ହୋଇ ସ୍ଥିର କଲେ—ରାଜପ୍ରାସାଦରେ ସଞ୍ଚିତ କେତେକ ସ୍ୱର୍ଣ୍ଣାଳଙ୍କାର ବିକ୍ରୟ କରି ବର୍ତ୍ତମାନର ବ୍ୟୟ ନିର୍ବାହ କରିବେ, କିନ୍ତୁ ପ୍ରଚୁର ଅର୍ଥ ସଙ୍କୋଚେ କୌଣସି ନୂତନ ବ୍ୟବସ୍ଥା ନକଲେ ଚଳିବ ନାହିଁ । ଆହା ! ଉତ୍ତ୍ୟକ୍ତ ହୋଇ ଯଦି ସେ ଚାଣକ୍ୟଙ୍କୁ ଅପମାନ ଦେଇ ନ ଥାନ୍ତେ !

ପ୍ରତିଚକ୍ଷୁ

"Eyes are better, on the whole, than telescopes or microscopes."

—Emerson.

'ଚିତା ଚିନ୍ତା ଦ୍ୱୟୋର୍ମଧ୍ୟେ ଚିନ୍ତାଏବ ଗରୀୟସୀ:' ବଳବତୀ ଚିନ୍ତାରେ ଅଭିଭୂତ ହୋଇ ରାକ୍ଷସ କ୍ରମେ ଆହାର ପାନ, ବିଶ୍ରାମ ନିଦ୍ରା, ରହସ୍ୟ ଆଳାପ ତ୍ୟାଗ କରି ସ୍ୱାସ୍ଥ୍ୟ ଭଙ୍ଗ କଲେ—ନିଜର ଅଜ୍ଞାତ-ସାରରେ । ଅହର୍ନିଶ କେବଳ ଗୋଟିଏ ଚିନ୍ତା, କିପରି ଚାଣକ୍ୟଙ୍କ ସମସ୍ତ କୂଟ ଜାଲ ନଷ୍ଟ କରି ଚନ୍ଦ୍ରଗୁପ୍ତଙ୍କୁ ସିଂହାସନଚ୍ୟୁତ ଏବଂ ମଳୟକେତୁଙ୍କୁ ତାଙ୍କ ସ୍ଥାନରେ ଅଭିଷିକ୍ତ କରିବେ । ରାତ୍ରିରେ ନିଦ୍ରା ନ ହେବାରୁ କ୍ରମେ ତାଙ୍କର ଉତ୍କଟ ଶିରଃପୀଡ଼ା ଆରମ୍ଭ ହେଲା ।

ଚିନ୍ତିତ ରାକ୍ଷସ ଉଦ୍ୟାନରେ ଆସୀନ । ଶକଟାର ନିକଟରେ ଉପ-ବେଶନ କରିଅଛନ୍ତି । ପାଟଳୀପୁତ୍ରଠାରୁ କରଭକ ଆସି ସାକ୍ଷାତ କଲା ।

Digitized by srujanika@gmail.com

ରାକ୍ଷସ ଚାଣକ୍ୟଙ୍କ ସମ୍ବାଦ ଜିଜ୍ଞାସା କରିବାରୁ, ସେ କହିଲା—ବର୍ତ୍ତମାନ ଚାଣକ୍ୟ ଓ ଚନ୍ଦ୍ରଗୁପ୍ତ ମଧ୍ୟରେ ଅହି-ନକୁଳ ସମ୍ବନ୍ଧ । ରାକ୍ଷସ ବିଶଦ ବିବରଣ ଜାଣିବାକୁ ଇଚ୍ଛାକଲେ । କରଭକ କହିଲା, "ଆପଣଙ୍କ ଆଦେଶ ମତେ ସ୍ତନକଲସଙ୍କୁ ସବୁ କଥା କହି ରଖିଥିଲି । ଚନ୍ଦ୍ରଗୁପ୍ତଙ୍କ ଶାରଦୋତ୍ସବ ବନ୍ଦ କରିବାରୁ ଚାଣକ୍ୟଙ୍କୁ ସେ କାରଣ ପଚାରିଲେ । ଚାଣକ୍ୟ ରୁଷ୍ଟ ହେଲେ । ଏହି ସମୟରେ ସ୍ତନକଲସ ଉତ୍ତେଜକ ସ୍ତୁତିଗାନ କରି ଚନ୍ଦ୍ରଗୁପ୍ତଙ୍କୁ ତେଜାଇବାରୁ ସେ ଚାଣକ୍ୟଙ୍କ କାର୍ଯ୍ୟରେ ବିରକ୍ତ ହୋଇ ତାଙ୍କୁ ପଦଚ୍ୟୁତ କଲେ ଏବଂ ଶାସନଭାର ସ୍ୱହସ୍ତରେ ଗ୍ରହଣ କଲେ ।

ରାକ୍ଷସ ମନେ ମନେ ସନ୍ତୁଷ୍ଟ ହେଲେ ସତ୍ୟ, କିନ୍ତୁ କେଉଁଠାରେ ଟିକିଏ ସନ୍ଦେହର ମାତ୍ରା ରହିଗଲା । ଚାଣକ୍ୟଙ୍କ ପରି କୂଟନୀତିପୂର୍ଣ୍ଣ ମାନ୍ୟାଙ୍କ କାର୍ଯ୍ୟକଳାପ ସାଧାରଣ ଦୃଷ୍ଟିରେ ଦେଖିବା ଭ୍ରମପୂର୍ଣ୍ଣ—ଏକଥା ଅଳ୍ପ କେହି ଅନୁମାନ ନକରନ୍ତୁ ପଛେ, ରାକ୍ଷସ ସୁସ୍ପଷ୍ଟ ବୁଝିଥିଲେ । ସେ ତେଣୁ କରଭକକୁ ଜିଜ୍ଞାସା କଲେ, "ଚନ୍ଦ୍ରଗୁପ୍ତଙ୍କ ସେତେବ କାରଣ କେବଳ କି ଉତ୍ସବ ନିଷେଧ ଆଜ୍ଞା ?" ଶକଟାର କହିଲେ, "ଚନ୍ଦ୍ରଗୁପ୍ତ କ୍ଷମତା ପ୍ରିୟ—ସର୍ବଦା ଚାଣକ୍ୟହିଁ ଶାସନ ପରିଚାଳନା କରିବାରୁ ତାଙ୍କ କ୍ଷମତାର ଖର୍ବ ହେଲା ବୋଲି ସେ ଚାଣକ୍ୟଙ୍କ ପ୍ରତି ବିରକ୍ତ ହୋଇ-ଥିଲେ ; ବର୍ତ୍ତମାନ ପୁଣି ସମସ୍ତ ରାଜନ୍ୟବର୍ଗ ତାଙ୍କ ଅଧୀନରେ—ମଗଧ ବାହିନୀ ତାଙ୍କ ହସ୍ତରେ । ଆଜ୍ଞା-ଭଙ୍ଗ ସେ କାହିଁକି ସହନ୍ତେ ?"

ତଥାପି ରାକ୍ଷସଙ୍କର ସନ୍ଦେହ ମୋଚନ ହେଲାନାହିଁ । ସେ ଜାଣନ୍ତି ଚାଣକ୍ୟ ବିନା କାରଣରେ ଚନ୍ଦ୍ରଗୁପ୍ତଙ୍କୁ କେବେହେଁ ରୁଷ୍ଟ କରିବେ ନାହିଁ । ସୁତରାଂ ଏହି କଳହ ମୂଳରେ ନିଶ୍ଚୟ କୌଣସି ଗୂଢ଼ ଉଦ୍ଦେଶ୍ୟ ଥିବ ।

Digitized by srujanika@gmail.com

ସେ କରଭକକୁ ଜିଜ୍ଞାସା କଲେ, "ଅଚ୍ଛା, ଦୁହିଁଙ୍କର କଳହ ମଧ୍ୟରେ କ କ ପ୍ରସଙ୍ଗ ଉତ୍ଥାପିତ ହୋଇଥିଲା ?" କରଭକ ଉତ୍ତର ଦେଲା ଯେ, ସ୍ୱୟଂ ମନ୍ତ୍ରୀ ରାକ୍ଷସ ଓ ମଳୟକେତୁ ଅବାଧ ପଳାୟନ କରିଥିବା ଏବଂ ଚାଣକ୍ୟ ସେଥିରେ ବାଧା ପ୍ରଦାନ କରି ନପାରିବା କାରଣରୁ ତାଙ୍କୁ ଅଯୋଗ୍ୟ କହି ଚନ୍ଦ୍ରଗୁପ୍ତ କଟୂକ୍ତି ପ୍ରକାଶ କଲେ । ଚାଣକ୍ୟ ରାଗରେ ମନ୍ତ୍ରୀତ୍ୱ ତ୍ୟାଗ କଲେ । ଏହା ଶୁଣି ରାକ୍ଷସ ଚନ୍ଦ୍ରଗୁପ୍ତଙ୍କ ମୂର୍ଖତାରେ ନୀରବ ହସ ସମ୍ବରଣ କରିପାରିଲେନାହିଁ । ସେ ଶକଟଦାରଙ୍କୁ କହିଲେ, ଏଣିକ ତାଙ୍କ ମନୋବାଞ୍ଛା ନିଶ୍ଚୟ ପୂର୍ଣ୍ଣ ହେବ—ଚାଣକ୍ୟଙ୍କ କାର୍ଯ୍ୟ-ତ୍ୟାଗରେ ଚନ୍ଦ୍ରଗୁପ୍ତଙ୍କ ପତନ ଅବଶ୍ୟମ୍ଭାବୀ । ଶକଟଦାର ମଧ୍ୟ ସେ କଥାର ଅନୁମୋଦନ କଲେ ।

ରାକ୍ଷସ ସମସ୍ତ ସମ୍ବାଦର ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ । ନିଜର ମନୋଗତ ସନ୍ଦେହର ସମ୍ପୂର୍ଣ୍ଣ ଦୂରୀକରଣ ଆଶାରେ ସେ ପଚାରିଲେ, "ଚାଣକ୍ୟ ବର୍ତ୍ତମାନ କେଉଁଠାରେ ?" କରଭକ କହିଲା, "ଆଜ୍ଞା, ସେ ସ୍ୱ-ଆବାସରେ ଅଛନ୍ତି ।"

ରାକ୍ଷସ--କ'ଣ ସେ ବାନପ୍ରସ୍ଥ ଯାତ୍ରା କରିନାହାନ୍ତି କିମ୍ବା ପ୍ରତିଜ୍ଞା ମଧ୍ୟ କରିନାହାନ୍ତି ?

କରଭକ--ନା, ସେ କୌଣସି ସ୍ଥାନକୁ ଯାଇନାହାନ୍ତି । ତେବେ ଅଚିରେ ବନକୁ ଯିବେ ବୋଲି ଜନରବ ହୁଏ ।

ରାକ୍ଷସ--ତା' ହେଲେ ତ ସନ୍ଦେହର ଯଥେଷ୍ଟ କାରଣ ଅଛି । ଯେଉଁ ଚନ୍ଦ୍ରଗୁପ୍ତଙ୍କୁ ସେ ସ୍ୱହସ୍ତରେ ରାଜା କରିଅଛନ୍ତି, ତାଙ୍କଠାରୁ

Digitized by srujanika@gmail.com

ଅପମାନ୍ ସହ୍ୟ କରି ଚାଣକ୍ୟ ବର୍ତ୍ତମାନ ମଧ୍ୟ ରାଜଧାନୀରେ ଅଛନ୍ତି, ଏକଥା କପରି ଅସ୍ୱାଭାବିକ ଜଣାଯାଏ । ପ୍ରକୃତରେ ସେ ଯଦି ଅପମାନିତ ଓ କ୍ରୁଦ୍ଧ ହୋଇଥାନ୍ତେ, ତାହାହେଲେ ପୁଣି ପ୍ରତିଜ୍ଞା ନିଶ୍ଚୟ କରିଥାନ୍ତେ କିମ୍ବା ବନକୁ ଯାଇଥାନ୍ତେ ।

ଶକଟାର କହିଲେ- କାଳେ ପ୍ରତିଜ୍ଞା ଭଙ୍ଗ ହେବ, ତେଣୁ ସମ୍ଭବତଃ ପୁନଃ ପ୍ରତିଜ୍ଞା ପାଇଁ ସାହସ କଲେ ନାହିଁ । ସୁତରାଂ ଆପଣଙ୍କ ସନ୍ଦେହର କୌଣସି କାରଣ ନାହିଁ ।

କଥାରେ ଅଛି, 'ଜନ ଅଖିରେ ଛେଳି କୁକୁର ।' ଶକଟାରଙ୍କ ତର୍କ ଯୁକ୍ତିରେ ରାକ୍ଷସଙ୍କ ସନ୍ଦେହ ସମ୍ପୂର୍ଣ୍ଣ ଦୂର ହେଲା । ସେ ଶକଟାରଙ୍କ ସଙ୍ଗେ ସମର ସମ୍ବନ୍ଧୀୟ ଆଲୋଚନାରେ ପ୍ରବୃତ୍ତ ହେଲେ । ସେତିକି ବେଳେ କୁମାର ମଳୟକେତୁ ରକ୍ଷୀସହ ସେଠାରେ ଉପସ୍ଥିତ ହୋଇ ରାକ୍ଷସ ଓ ଶକଟାର ଉଭୟଙ୍କୁ ପ୍ରଣାମ କଲେ ।

ମଳୟକେତୁ ଉପବେଶନ କଲାପରେ ରାକ୍ଷସ କହିଲେ, "କୁମାର ଆପଣଙ୍କର ସୁଯୋଗ ଉପସ୍ଥିତ । ଚନ୍ଦ୍ରଗୁପ୍ତ ବର୍ତ୍ତମାନ ଚାଣକ୍ୟ ହସ୍ତ-ଚ୍ୟୁତ । ଚନ୍ଦ୍ରଗୁପ୍ତ ମନ୍ତ୍ରୀଙ୍କ ଅନୁବର୍ତ୍ତୀ । ମନ୍ତ୍ରୀ ବ୍ୟତିରେକେ ସେ ମୁହୂର୍ତ୍ତେ ମଧ୍ୟ ତିଷ୍ଠି ନପାରେ । ଏହି ସୁଯୋଗରେ ଆମ୍ଭେମାନେ ମଗଧ ଆକ୍ରମଣ କଲେ ଫଳ ସୁନିଶ୍ଚିତ । ଗ୍ରୀକ ସେନାପତି ସେଲୁକସଙ୍କଠାକୁ ଦୂତ ପ୍ରେରଣ କରିଅଛି । ତାଙ୍କ ସଙ୍ଗେ ଆପଣ ମିଶି ସମ୍ମିଳିତ ଆକ୍ରମଣ କଲେ ମଗଧ ସିଂହାସନ ନିଶ୍ଚୟ ଆମ୍ଭର ହସ୍ତଗତ ହେବ ।

ମଳୟକେତୁ ସମସ୍ତ ଘଟଣା ଶୁଣି ଅନ୍ୟରୂପ ଆଶଙ୍କା କରି କହିଲେ "ମନ୍ତ୍ରିନ୍, ମୁଁ ଅନ୍ୟରୂପ ଅନୁମାନ କରୁଛି । କେବଳ

Digitized by srujanika@gmail.com

ଚାଣକ୍ୟଙ୍କ ବ୍ୟବହାରରେ ସମସ୍ତ ପ୍ରଜା ଚନ୍ଦ୍ରଗୁପ୍ତଙ୍କ ପ୍ରତି ବିରକ୍ତ ଥିଲେ । ବର୍ତ୍ତମାନ ଚାଣକ୍ୟଙ୍କ କାର୍ଯ୍ୟ-ତ୍ୟାଗରେ ସେମାନେ ଚନ୍ଦ୍ରଗୁପ୍ତଙ୍କୁ ଆଶ୍ରୟ କରିପାରନ୍ତି । ତାହା ଆମ୍ଭର କୌଣସି ସ୍ଥଳରେ ମଙ୍ଗଳକର ହେବନାହିଁ ।"

ରାକ୍ଷସ କହିଲେ—କୁମାର, ଆପଣଙ୍କ ଅନୁମାନ ଠିକ୍ ନୁହେ । ମଗଧରେ ବର୍ତ୍ତମାନ ଦୁଇଦଳ ପ୍ରଜା ଅଛନ୍ତି । ଏକଦଳ ନନ୍ଦ ଅନୁରକ୍ତ ଅନ୍ୟ ଯେଉଁମାନେ ମୌର୍ଯ୍ୟଭକ୍ତ ସେମାନେ ଚାଣକ୍ୟଙ୍କ ଦୁର୍ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଚନ୍ଦ୍ରଗୁପ୍ତଙ୍କୁ ଛାଡି ଯାଇଅଛନ୍ତି । କିନ୍ତୁ ନନ୍ଦାନୁରକ୍ତ ପ୍ରଜାଗଣ ନନ୍ଦବଧ ପ୍ରତିହିଂସା ମନରେ ଧାରଣ କରି ସୁଦ୍ଧା ଅନ୍ୟ ଆଶ୍ରୟ ନପାଇବାରୁ ବିରକ୍ତ ହୋଇ ଚନ୍ଦ୍ରଗୁପ୍ତଙ୍କୁ ଆଶ୍ରୟ କରିଅଛନ୍ତି । ସେମାନେ ଯେତେବେଳେ ଆପଣଙ୍କ ନିସ୍ତାରକ୍ଷମ ଦେଖିବେ, ନିଶ୍ଚୟ ଚନ୍ଦ୍ରଗୁପ୍ତଙ୍କୁ ପରିତ୍ୟାଗ କରି ଆପଣଙ୍କ ପକ୍ଷ ନେବେ; ତାର ପ୍ରମାଣ ଏଠିକି ମୁଁ ।

ମଳୟକେତୁ—କିନ୍ତୁ ଏହି ମନ୍ତ୍ରୀ କଥା ନେଇ ଚନ୍ଦ୍ରଗୁପ୍ତଙ୍କ ଅଭିଯୋଗ, କିମ୍ବା ଅନ୍ୟ କିଛି କାରଣ ଅଛି ?

ରାକ୍ଷସ—ଏହାହିଁ ପ୍ରଧାନ କାରଣ । ଅନ୍ୟ ସମସ୍ତ ନଗଣ୍ୟ ମାତ୍ର ।

ମଳୟକେତୁ—କିନ୍ତୁ ଚନ୍ଦ୍ରଗୁପ୍ତ କି ଅନ୍ୟ ମନ୍ତ୍ରୀ ନିୟୋଗ କରି ରାଜକାର୍ଯ୍ୟ ପରିଚାଳନ ପାଇଁ ଅସମର୍ଥ ?

ରାକ୍ଷସ—ନିଶ୍ଚୟ ଅସମର୍ଥ । ଯେଉଁ ରାଜା ଆତ୍ମନିର୍ଭରଶୀଳ, ସେ ସେପରି କରିପାରେ । କିନ୍ତୁ ଚନ୍ଦ୍ରଗୁପ୍ତ ସର୍ବଦା ସଚିବ-ନିର୍ଭର । ସେ

Digitized by srujanika@gmail.com

ଚାଣକ୍ୟ ବିନା ଦୁଷ୍ଟନିହନ, ଅସହାୟ । ସ୍ତନ୍ୟଦାୟୀ ଶିଶୁ ସ୍ତନ୍ୟପାନ ଅଭାବରେ ଯେପରି କ୍ଷଣେ ତିଷ୍ଠିବା ସମ୍ଭବ ନୁହେଁ, ମନ୍ତ୍ରୀ-ବୁଦ୍ଧି ପରାହତ ରାଜା ମନ୍ତ୍ରୀ ଅଭାବରେ ସେପରି ନିମିଷେ ବର୍ତ୍ତିବା ଅସମ୍ଭବ । କୁମାର, ଏଥର ଆମ୍ଭର ଜୟ ସୁନିଶ୍ଚିତ । ତାହାର କାରଣ—ପ୍ରଥମ ଆପଣଙ୍କ ପରି ବଳଶାଳୀ ପ୍ରତିପକ୍ଷ ଗ୍ରୀକ ସେନା ସଙ୍ଗେ ମିଳିତ ହୋଇ ତାଙ୍କୁ ଆକ୍ରମଣ କରିବେ; ଦ୍ୱିତୀୟ—ପୁରବାସୀ ପ୍ରାୟ ସମସ୍ତେ ନନ୍ଦ ଅନୁରକ୍ତ; ତୃତୀୟ ଚାଣକ୍ୟ ମନ୍ତ୍ରୀ ପଦଚ୍ୟୁତ; ଚତୁର୍ଥ—ଚନ୍ଦ୍ରଗୁପ୍ତ ରାଜନୀତି ଅନଭିଜ୍ଞ ଏବଂ ପଞ୍ଚମ—ରିପୁ ଛିଦ୍ରାନ୍ୱେଷୀ ରାକ୍ଷସ ଆପଣଙ୍କ ସପକ୍ଷରେ ।

ମଳୟକେତୁ କହିଲେ, ଆଉ ବିଳମ୍ବ ନକରି ମଗଧ-ଅଭିଯାନର ସେ ଆୟୋଜନ କରିବେ । ମଳୟକେତୁ ଶିବିରକୁ ପ୍ରସ୍ଥାନ କଲା ପରେ ରାକ୍ଷସଙ୍କ ଗୁରୁଚିନ୍ତାଭାର ଲାଘବ ହେଲା । ସେ ଶଯ୍ୟାରୁ ଉଠି ଇତସ୍ତତଃ ପାଦଚାରଣ କଲେ । ଅପୂର୍ବ ତୃପ୍ତିର ପ୍ରସନ୍ନତା ତାଙ୍କ ଚିନ୍ତାଗମ୍ଭୀର ମୁଖରେ ବହୁଦିନ ପରେ ଆଜି ଖେଳିଗଲା । ସେ ପ୍ରଫୁଲ୍ଲ ମନରେ ସ୍ନାନାହାର କରି ବିଶ୍ରାମ କଲେ । ଅଳ୍ପ ସମୟରେ ଗଭୀର ନିଦ୍ରା କୋଳରେ ସେ ବିମଳ ଶାନ୍ତି ଉପଭୋଗ କଲେ । କିନ୍ତୁ ଏରୂପ ଶାନ୍ତି ଆଉ ଥରେ ଶରୀର ତ୍ୟାଗ ପୂର୍ବରୁ ତାଙ୍କର ଘଟିନାହିଁ । କାରଣ ନିଜେ ସେ ପାଟଳିପୁତ୍ରରେ ରହିଥିଲେ, ଚାଣକ୍ୟଙ୍କ କୂଟ କଳହର ମୂଳ ଯେପରି ଦେଖିପାରି ଥାନ୍ତେ, ବର୍ତ୍ତମାନ ତାହା ପାରିଲେ ନାହିଁ, କିମ୍ବା ଦୂତ ମୁଖ ସମ୍ବାଦରୁ ପ୍ରକୃତ ତଥ୍ୟ ହୃଦୟଙ୍ଗମ କରିପାରିଲେ ନାହିଁ । ତହିଁପରେ ତାହା ଶକଟାରଙ୍କ ଦ୍ୱାରା ଅତିରଞ୍ଜିତ ହୋଇ ବିଚକ୍ଷଣ ରାକ୍ଷସଙ୍କ ଦୃଷ୍ଟିରୋଧ କରିଥିଲା ।

Digitized by srujanika@gmail.com

ଶତ୍ରୁର ଗତିବିଧି ପର୍ଯ୍ୟବେକ୍ଷଣ କରିବା ଛଳନାରେ ଶକଟାର ରାକ୍ଷସଙ୍କଠାରୁ ବିଦାୟ ନେଇ ଛଦ୍ମବେଶରେ ପାଟଳୀପୁତ୍ର ଗମନ କଲେ ।

ସଭ୍ୟତାଭିମାନ

"We think our civilization near its meridian but we are yet only at the cock-crowing and the morning star."

—Emerson.

ଅଲେକ୍‌ଜାଣ୍ଡରଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ଗ୍ରୀକ ସେନାପତି-ମାନଙ୍କ ମଧ୍ୟରେ ସାମ୍ରାଜ୍ୟ ବିଭାଗ ନେଇ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଲା । ତାଙ୍କର ଏସିଆ ମହାଦେଶର ଅଧିକୃତ ପ୍ରଦେଶଗୁଡ଼ିକ ସକାଶେ ସେଲୁକସ୍ ଓ ତାଙ୍କ ପୁତ୍ର ଏଣ୍ଟିଗୋନସ୍ ପ୍ରବଳ ପ୍ରତିଦ୍ୱନ୍ଦ୍ୱୀ ହୋଇ ଦଣ୍ଡାୟମାନ ହେଲେ । ଦୁହିଙ୍କ ମଧ୍ୟରେ ତୁମୁଳ ସଂଗ୍ରାମ ଲାଗିଲା, କେତେକ ସୈନ୍ୟ କ୍ଷୟ ହେଲେ । ପରିଶେଷରେ ସେଲୁକସଙ୍କ ହସ୍ତରେ ଏଣ୍ଟିଗୋନସ ନିହତ ହେଲେ । ମୃତ୍ୟୁ ପୂର୍ବେ ଏଣ୍ଟିଗୋନସ ସେଲୁକସଙ୍କୁ ସେ ତାଙ୍କ ପୁତ୍ର ଥିବା କଥା ଜଣାଇ ଦେଇଥିଲେ । ଏଥିରେ ସେଲୁକସ ଦୁଃଖିତ ହେଲେ ସତ୍ୟ, କିନ୍ତୁ ସାମ୍ରାଜ୍ୟ ପିପାସାରେ ସେ ତାହା ଅଚିରେ ବିସ୍ମୃତ ହୋଇଥିଲେ । ସେଲୁକସ ପୁଣି ଭାରତରେ ସାମ୍ରାଜ୍ୟ ସ୍ଥାପନ ଉଦ୍ଦେଶ୍ୟରେ ପଞ୍ଜାବରେ ସସୈନ୍ୟ ପଦାର୍ପଣ କରି ଦେଖିଲେ, ସମସ୍ତ ଗ୍ରୀକ ଅଧିକୃତ ସ୍ଥାନରେ ମୟୂରଚନ୍ଦ୍ରିକାଙ୍କିତ ମୌର୍ଯ୍ୟ ପତାକା ଉଡ୍ଡୀୟମାନ । ଗ୍ରୀକମାନେ ପଞ୍ଜାବର ଯେଉଁ ସବୁ

Digitized by srujanika@gmail.com

ପ୍ରଦେଶ ଅଧିକାର କରିବା ଗର୍ବ କରୁଥିଲେ, ସେହି ସବୁ ନାମମାତ୍ର ସେକେନ୍ଦରଙ୍କ ଅଧୀନତା ସ୍ୱୀକାର କରୁଥିଲେ । ଗ୍ରୀକ ସୈନ୍ୟଗଣ ଯେଉଁ ସ୍ଥାନରେ ଅବସ୍ଥାନ କରୁଥିଲେ, ପ୍ରକୃତ ପକ୍ଷରେ ସେହି ସ୍ଥାନଟି ସେମାନଙ୍କ ଅଧିକାରରେ ଥିଲା ବୋଲି ହଣ୍ଟର ସାହେବ କହନ୍ତି । ସେଲୁକସ୍ ବିସ୍ମିତ ହୋଇ ଚନ୍ଦ୍ରଗୁପ୍ତଙ୍କ ଧୃଷ୍ଟତାରେ କ୍ରୋଧାନ୍ୱିତ ହେଲେ ।

ମୌର୍ଯ୍ୟ ରାଜଧାନୀକୁ ଦୂତ ପ୍ରେରଣ କରି ସେଠାର ବିଦ୍ରୋହର ସମସ୍ତ ସମ୍ବାଦ ସେ ଜ୍ଞାତ ହେଲେ । କପର ମଳୟକେତୁ ଓ ରାକ୍ଷସ ସମ୍ମିଳିତ ହୋଇ ଚନ୍ଦ୍ରଗୁପ୍ତଙ୍କୁ ସିଂହାସନଚ୍ୟୁତ କରିବା ପାଇଁ ପ୍ରବଳ ଉଦ୍ୟମ କରୁଅଛନ୍ତି, କପର ସେମାନେ ଅପରର ସାହାଯ୍ୟ ପାଇଲେ ଆଗ୍ରହ ସହକାରେ ଗ୍ରହଣ କରିବେ, ଏ ସମସ୍ତ ବିଷୟ ଅବଗତ ହୋଇ ସେଲୁକସ ଅସ୍ୱସ୍ତ ହେଲେ । କେବଳ ବେଳେ ବେଳେ ଚନ୍ଦ୍ରଗୁପ୍ତଙ୍କ ଅମାର୍ଜନୀୟ ଧୃଷ୍ଟତାରେ ଅତିମାତ୍ରାରେ ବିଚଳିତ ହୋଇ ତାଙ୍କୁ ସ୍ୱହସ୍ତରେ କଠୋର ଦଣ୍ଡ ପ୍ରଦାନ କରିବେ, ତାଙ୍କୁ ବନ୍ଦୀକରି କପର ପୂର୍ବ କଥା ସ୍ମରଣ କରାଇ ଅପମାନ ଦେବେ, ଭାରତର ଅସଭ୍ୟତା ପ୍ରମାଣିତ କରାଇ ଗ୍ରୀକ ସଭ୍ୟତାର ଉତ୍କର୍ଷତା କପର ତାଙ୍କୁ ଦେଖାଇବେ, ଏହି କଥା ତାଙ୍କ ଜାଗରଣ ଧ୍ୟାନ ଓ ରାତ୍ରିର ସ୍ୱପ୍ନ ହୋଇଥିଲା । ଏହି ଚିନ୍ତା ମଧ୍ୟରେ ସେ ଟିକିଏ ତୃପ୍ତି ଲାଭ କରୁଥିଲେ ।

ଦିନେ ଶିବିରରେ ହେଲେନଙ୍କ ସହ ସେଲୁକସ ତାଙ୍କ ଭବିଷ୍ୟତ ସାମ୍ରାଜ୍ୟ କଥା ନେଇ ଗଳ୍ପ-ସଳ୍ପ କରୁଅଛନ୍ତି, ରାକ୍ଷସଙ୍କ ପ୍ରେରିତ ଦୂତ ଦ୍ୱାରରେ ଉପସ୍ଥିତ ହୋଇ ରାକ୍ଷସଙ୍କ ପ୍ରେରିତ ଉପହାର ସ୍ୱରୂପ ବହୁମୂଲ୍ୟ ସ୍ୱର୍ଣ୍ଣାଳଙ୍କାର ଓ ଖଣ୍ଡିଏ ପତ୍ର ତାଙ୍କୁ ପ୍ରଦାନ କଲା । ପାଠ କରିବା ନିମନ୍ତେ ସେଲୁକସ ଉକ୍ତ ପତ୍ର ହେଲେନଙ୍କୁ ଦେଲେ ।

Digitized by srujanika@gmail.com

ହେଲେନ ପାଠ କରି ପିତାଙ୍କୁ ବୁଝାଇଲେ ଯେ, ଚନ୍ଦ୍ରଗୁପ୍ତ ବର୍ତ୍ତମାନ ଚାଣକ୍ୟଙ୍କ ହସ୍ତଚ୍ୟୁତ, ନିରୁପାୟ, ଅସହାୟ, ଦୁର୍ବଳ । ସୁତରାଂ ମଗଧ ପତନ ସମ୍ଭବ । ମଳୟକେତୁ ଓ ରାକ୍ଷସ ଚନ୍ଦ୍ରଗୁପ୍ତଙ୍କ ପତନ ନିମନ୍ତେ ସମର ଆୟୋଜନ କରୁଅଛନ୍ତି । ଏହି ଦୁର୍ଲଭ ଅବସରରେ ସେଲୁକସ ସେମାନଙ୍କୁ ଗ୍ରୀକ ସୈନ୍ୟ ସହ ସାହାଯ୍ୟ କଲେ, ଚନ୍ଦ୍ରଗୁପ୍ତଙ୍କ ପରାଜୟ ସୁନିଶ୍ଚିତ । ସୁତରାଂ ସେଲୁକସ ଅଜି ମୁହୂର୍ତ୍ତେ ମଧ୍ୟ ବିଳମ୍ବ ନକରି ଗ୍ରୀକ ସୈନ୍ୟ ସଜ୍ଜିତ କରି ମଳୟକେତୁ ସହ ଯୋଗ ଦିଅନ୍ତୁ । ରାକ୍ଷସ ଓ ମଳୟକେତୁ ତାଙ୍କ ଆଗମନ ପାଇଁ ଅଧୀର ହୋଇ ଅପେକ୍ଷା କରୁ-ଅଛନ୍ତି । ନାନା ବକ୍ତୃର, ନାନା ଯୁକ୍ତିରେ ସେ ଅତିଶୀଘ୍ର ସେମାନଙ୍କ ସଙ୍ଗେ ମିଳିତ ହେବା ପାଇଁ ବାରମ୍ବାର ଅନୁରୋଧ କରାଯାଇ ଅଛି ।

ବୃଦ୍ଧ ସେଲୁକସ ଆସନରୁ ଲମ୍ଫ ପ୍ରଦାନ କରି କୋଷରୁ ଅସି ବାହାର କଲେ । ମନର ଆବେଗ ସମ୍ବରଣ କରି ନପାରି ସେ କହି ପକାଇଥିଲେ, "ସାବଧାନ ଚନ୍ଦ୍ରଗୁପ୍ତ ! ଏଥର ତୁମ ବିଶ୍ୱାସଘାତକତାର ପ୍ରତିଫଳ ମିଳିବ । ତୁମର ସମୁଚିତ ଶାସ୍ତି ନହେଲେ ଗ୍ରୀକ ମସ୍ତକ ଉନ୍ନତ ହେବ ନାହିଁ ।" ପରେ ସେ ହେଲେନଙ୍କୁ ଲକ୍ଷ୍ୟ କରି କହିଲେ—"ଦେଖ ହେଲେନ୍, ଏ ବର୍ବର ଜାତି କପରି ବିଶ୍ୱାସଘାତକ ! ଚନ୍ଦ୍ରଗୁପ୍ତ ମୋ ଶିବିରରେ ଆଶ୍ରୟ ଗ୍ରହଣ କରି, ମୋଠାରୁ ସମର କୌଶଳ ଶିକ୍ଷା କରି, ପରିଶେଷରେ ମୋହର ରାଜ୍ୟ ମୋ ଅନୁପସ୍ଥିତିରେ ତସ୍କର ପରି କପଟରେ ଅପହରଣ କରି ନେଇଅଛି । ଅଉ ଏ ବର୍ବର ଜାତିରେ ମଧ୍ୟ କମର ରାକ୍ଷସଙ୍କ ପରି ଧର୍ମଭୀରୁ, ସ୍ୱାର୍ଥତ୍ୟାଗୀ, ପରୋପକାରୀ ଲୋକ ଅଛନ୍ତି । ତା' ନହେଲେ ଏ ଦେଶ ବନ୍ୟ ପଶୁଙ୍କର ଭୀଷଣ ଅରଣ୍ୟ ମାତ୍ର ହୋଇଥାନ୍ତା ।"

Digitized by srujanika@gmail.com

ବିସ୍ମୟାଭିଭୂତା ହେଲେନ ଏତେବେଳ ନୀରବରେ ସବୁ ଶ୍ରବଣ କରୁଥିଲେ । ପିତାଙ୍କର ଚନ୍ଦ୍ରଗୁପ୍ତଙ୍କ ପ୍ରତି ଅସଙ୍ଗତ ମନ୍ତବ୍ୟରେ ଏବଂ ତାଙ୍କ ଯୋଗୁଁ ଭାରତଜାତି ପ୍ରତି ଗୋଟାଏ ସାଧାରଣ ଅଭଦ୍ର-ଉକ୍ତିରେ ସେ ଅତିଶୟ ବିଚଳିତ ହୋଇ ଆଉ ସଂଯମ ମାନ ରକ୍ଷିପାରିଲେ ନାହିଁ । କଥଞ୍ଚିତ୍ ରୁଷ୍ଟ ସ୍ୱରରେ ସେ କହିଲେ, "ପିତା, ଆପଣଙ୍କର କଥା ମୁଁ କିଛି ବୁଝିପାରୁ ନାହିଁ । ବୁଝୁଛି କେବଳ ଏତିକି, ଆପଣ ଅଯଥା ରୁଷ୍ଟ ହେଲେ ସଙ୍ଗେ ସଙ୍ଗେ ଅନ୍ଧ ହୋଇଯାନ୍ତି, ଆଉ ହିତାହିତ ବିବେଚନା କରନ୍ତି ନାହିଁ ।" ସମ୍ରାଟ ସେଲୁକସ କହିଲେ, "କିପରି ?" ହେଲେନ୍ ପଚାରିଲେ, "ଆପଣଙ୍କ ମତରେ ବର୍ବର କିଏ ?" ସେଲୁକସ କହିଲେ "ଯେ ଗ୍ରୀକ୍ ନୁହେ, ସେ ବର୍ବର । ବିଶେଷତଃ ଯେ ଉପକାରୀ ପ୍ରତି କୃତଘ୍ନ ହୁଏ, ସେ ବର୍ବର । ଭାରତ ଜାତି ବର୍ବର ।"

ହେଲେନ୍—ତାହା ହେଲେ ପିତା, ମୁଁ ଚିରଦିନ ବର୍ବର ହୋଇ ରହିବି । ଆପଣ ଭାରତବାସୀଙ୍କି ବର୍ବର ଆଖ୍ୟା ଦିଅନ୍ତି । ମୁଁ ଜାଣେ ନାହିଁ, ବର୍ବରତ୍ୱର ପରିମାପକ କଅଣ, ଚିହ୍ନ କଅଣ । ତେବେ, ଯେଉଁ ଭାରତ ସନ୍ତାନ ଶ୍ରେଷ୍ଠ ମାନବିକତାର ବିକାଶ ତାର ବେଦରେ ଦେଖାଇ ଅଛି, ଯାହାର ଗଣିତ, ଜ୍ୟୋତିଷ, ଶିଳ୍ପ-କଳା ଶିକ୍ଷା କରିବା ପାଇଁ ସ୍ୱୟଂ ସେକନ୍ଦରଙ୍କ ଉତ୍ସାହରେ ଗ୍ରୀକ ପଣ୍ଡିତଗଣ ଅନବରତ ପରିଶ୍ରମ କରୁଅଛନ୍ତି, ଯେଉଁ ଆର୍ଯ୍ୟଙ୍କର ଆତ୍ମୋତ୍ସର୍ଗ ତାଙ୍କ ପ୍ରଣୀତ ବିବିଧ ଆଶ୍ରମ-ଜୀବନରେ ପ୍ରକଟିତ, ଯାହାର ନାରୀ କଠୋର କର୍ତ୍ତବ୍ୟନିଷ୍ଠା ଓ ସତୀତ୍ୱର ମନୋରମ ପ୍ରତିମା, ଯାହାର ବୀର ସନ୍ତାନ ହସି ହସି ସମ୍ମୁଖ ସମରରେ ପ୍ରାଣବଳି ଦିଏ କିନ୍ତୁ ଶତ୍ରୁପକ୍ଷକୁ ସମର କ୍ଷେତ୍ରରେ ପୃଷ୍ଠ ପ୍ରଦର୍ଶନ କରେ ନାହିଁ; ସେହି ଭାରତ ଯଦି ବର୍ବରଙ୍କ ଦେଶ, ତେବେ ପିତା, ମୁଁ ଚିରଦିନ ବର୍ବର ହୋଇ ରହିବାକୁ ଇଚ୍ଛା କରେ;

Digitized by srujanika@gmail.com

ଆଜି ଭଗବାନଙ୍କୁ ଏକାନ୍ତ ନିଷ୍ଠା ସହକାରେ ପ୍ରାର୍ଥନା କରେ, ମୁଁ ଜନ୍ମ-ଜନ୍ମାନ୍ତରେ ଭାରତ ଭୂମିରେ ଜନ୍ମ ଗ୍ରହଣ କରି ଜୀବନ ସାର୍ଥକ କରିବି ।

ସେଲୁକସଙ୍କ କ୍ରୋଧ ଆହୁରି ବୃଦ୍ଧି ପାଇଲା । ସେ କହିଲେ "ବୋଧହୁଏ ତୁ ଶତ୍ରୁ ପକ୍ଷର ପରାଜୟରେ ଦୁଃଖିତ ହେଉଛୁ । ତୋର ଗ୍ରୀକତ୍ୱ ଶେଷ ହୋଇଅଛି ।" ହେଲେନ କ୍ଷୋଭରେ, ଲଜ୍ଜାରେ ମୁଖ ଅବନତ କଲେ । ସେଲୁକସ ସେଥିରେ ନିଜେ ଲଜ୍ଜିତ ହୋଇ କହିଲେ—"ତାହା ହେଲେ ହେଲେନ୍, ରାକ୍ଷସଙ୍କ ପରୋପକାରିତାରେ କି ଆଉ ଚନ୍ଦ୍ରଗୁପ୍ତଙ୍କ ବିଶ୍ୱାସଘାତକତାରେ କି ସନ୍ଦେହ ଥାଇପାରେ ?" ଗ୍ରୀକତ୍ୱ ସ୍ମରଣ କରାଇ ଦେଇ ସେଲୁକସ ହେଲେନଙ୍କୁ ଯେତିକି ଲଜ୍ଜିତ କରାଇଥିଲେ, ରାକ୍ଷସ ଓ ଚନ୍ଦ୍ରଗୁପ୍ତ ବିଷୟର ପୁନରୁତ୍ଥାନ କରି ସେତିକି ଉତ୍ତେଜିତ କରାଇଦେଲେ । ବାଲ୍ୟ ଜୀବନରେ ହେଲେନ ପିତାଙ୍କଠାରୁ ଅନ୍ୟ ଗ୍ରୀକତ୍ୱ ଯାହା ଶିକ୍ଷା କରିଥିଲେ, ସେ ଅବସ୍ଥାରେ ହେଉ ଗ୍ରୀକର ସମ୍ମାନ ଅକ୍ଷୁଣ୍ଣ ରଖିବା ଗ୍ରୀସବାସୀଙ୍କ କର୍ତ୍ତବ୍ୟ ବୋଲି ଯାହା ଅନ୍ତରସ୍ଥ କରିଥିଲେ, ଆଜି ସେ ବଦ୍ଧମୂଳ ଧାରଣା କେଉଁ ଆଡ଼େ ଅନ୍ତର୍ହିତ ହୋଇଗଲା । ଚନ୍ଦ୍ରଗୁପ୍ତଙ୍କ ନାମରେ କି ବିଦ୍ୟୁତ ଥିଲା କେଜାଣି—ହେଲେନ କିନ୍ତୁ ସେ ନାମ ଶ୍ରବଣରେ ଅପୂର୍ବ ଚେତନା ଲାଭ କଲେ । ଗ୍ରୀକତ୍ୱ ପରିବର୍ତ୍ତେ ବିଶାଳ ମାନବିକତା ତାଙ୍କ ହୃଦୟ ସ୍ପର୍ଶ କଲା ! ସେଥିରେ ମୁହୂର୍ତ୍ତକେ ଶାଣିତ ହୋଇ ସେ କହିଲେ—"ପିତା, କ୍ଷମା କରିବେ । ଅପ୍ରିୟ ହେବା ପାଇଁ ମୁଁ ଆଜି ଭୟ କରେ ନାହିଁ । ଆପଣଙ୍କ ଉକ୍ତି ଅନୁସାରେ ଚନ୍ଦ୍ରଗୁପ୍ତ ବିଶ୍ୱାସଘାତକ କି ରାକ୍ଷସ ବିଶ୍ୱାସଘାତକ ମୁଁ ସ୍ଥିର କରିପାରୁ ନାହିଁ ।"

Digitized by srujanika@gmail.com

ସେଲୁକସ—ନିଷ୍ଠୁର ବିଶ୍ୱାସଘାତକ ! ହେଟିଲନ୍, ତୁମ୍ଭେ ସତ୍ୟର କଥା କହ ।

ହେଲେନ—ପିତା ସତ୍ୟ ଗୋପନରେ କି ଫଳ ? ସ୍ୱୀକାର କରିବାକୁ ହେବ, ଚନ୍ଦ୍ରଗୁପ୍ତ କର୍ତ୍ତବ୍ୟନିଷ୍ଠ, ଆଉ ଗ୍ରୀକ ନୀଚ ।

ସେଲୁକସ—କିନ୍ତୁ ସେ ଯେ ବିଦ୍ରୋହକାରୀ, ଏକଥାରେ ସନ୍ଦେହ ମାତ୍ର ନାହିଁ ।

ହେଲେନ—କିପରି ?

ସେଲୁକସ—ଯେହେତୁ ସେ ମୋର ହସ୍ତଗତ ରାଜ୍ୟର ପୁନରୁଦ୍ଧାର ସକାଶେ ପୁନଃ ପ୍ରରୋଚିତ ହୋଇ ମୋତେ ଆହ୍ୱାନ କରୁଅଛି ।

ହେଲେନ—ଏ ରାଜ୍ୟ ଆପଣଙ୍କର କିପରି ହେଲା ?

ସେଲୁକସ—ଯେହେତୁ ମୁଁ ବାହୁବଳରେ ଏହା ଜୟ କରିଅଛି ।

ହେଲେନ—ପିତା, ପରର ରାଜ୍ୟ ବାହୁ ବଳରେ ଜୟକଲେ ବୋଲି ଯଦି ଏ ରାଜ୍ୟ ଆପଣଙ୍କର ହେଲା, ଚନ୍ଦ୍ରଗୁପ୍ତ ଏ ଦେଶର ସନ୍ତାନ ହୋଇ ସ୍ୱ-ରାଜ୍ୟର ପୁନରୁଦ୍ଧାର କରିଥିବା ସ୍ଥଳେ ଏ ରାଜ୍ୟ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କର ନହେବ କାହିଁକି ? ଗ୍ରୀକ ଜାତି ପରସ୍ୱ ଅପହରଣ ପାଇଁ, ଅନ୍ୟ ରାଜ୍ୟଲୋଲୁପ ହୋଇ, ସୁନ୍ଦର ସମ୍ପଦଶାଳୀ ସ୍ୱର୍ଣ୍ଣପ୍ରସୂ ଭାରତକୁ ହତ୍ୟା ଓ ଲୁଣ୍ଠନରେ ଶ୍ମଶାନ ସମ କରି ସ୍ୱତ୍ୱ ଅଧିକାର କରି ଥିବାରୁ ଦସ୍ୟୁ ବୋଲି ପରିଚିତ ! ଆଉ ଚନ୍ଦ୍ରଗୁପ୍ତ ସ୍ୱଦେଶକୁ ପରାଧୀନତାରୁ ମୁକ୍ତ କରି ପ୍ରଜାଙ୍କୁ ସୁଖଶାନ୍ତିରେ ରଖିବା

Digitized by srujanika@gmail.com

ଯୋଗୁଁ ବର୍ବର, ବିଶ୍ୱାସଘାତକ !! ଆଉ ସ୍ୱଦେଶର ବହୁ କଷ୍ଟରେ ପୁନରୁଦ୍ଧୃତ ସ୍ୱାଧୀନତା, ଯେପରି ଗୁରୁତର କାରଣରୁ ହେଉ ନିଜର ନୀଚ ସ୍ୱାର୍ଥ କାମନା ଚରିତାର୍ଥ ପାଇଁ କରିବାକୁ ଚେଷ୍ଟା କର ରାକ୍ଷସ ଦେଶଦ୍ରୋହୀଙ୍କର, ଧର୍ମଭୀରୁ !!' ପିତା, ଅଜ୍ଞ ମୂର୍ଖବତ୍ ଆସନରେ ଥିଲେ—

ସେଲୁକସ—କଣ କହିଲୁ ? ବସିବ ଆସନରେ ଏଥରେ—

ହେଲେନ—ଚନ୍ଦ୍ରଗୁପ୍ତଙ୍କୁ ପୁରସ୍କୃତ, ଅପଣଙ୍କୁ ଅଉ ରାକ୍ଷସଙ୍କୁ ଗୁରୁତର ଅପରାଧରେ ଅଭିଯୁକ୍ତ କରନ୍ତି ।

ସେଲୁକସ—କାହିଁକି ?

ହେଲେନ—ପିତା, ଆଜି ଯଦି ଗ୍ରୀସର ସ୍ୱାଧୀନତା ହରଣ ମାନସରେ ଚନ୍ଦ୍ରଗୁପ୍ତ ସସୈନ୍ୟ ଆକ୍ରମଣ କରନ୍ତେ, ଅଉ ଅପଣ ତାଙ୍କର ସାହାଯ୍ୟ କରନ୍ତେ, ତାହାହେଲେ ଅପଣଙ୍କୁ ଗ୍ରୀକମାନେ କଅଣ କହନ୍ତେ ?

ସେଲୁକସ ଅବାକ୍ ହେଲେ । ତାଙ୍କର ଆଉ ଯୁକ୍ତି ସ୍ଫୁରିଲା ନାହିଁ । ନିଜର ଦୁହିତା କର୍ତ୍ତୃକ ପ୍ରତିହତ ହୋଇ ସେ ନିଜକୁ ଅପମାନିତ ମନେ କଲେ । ନୂତନ ଯୁକ୍ତି ବାହାର କରିବା ପାଇଁ କହିଲେ—ତାହାହେଲେ ତୁ କଅଣ କହୁଛୁ ?

ହେଲେନ—ପିତା, ଜୀବନ କେହି କାହା ଉପରେ ଭରକରେ ନାହିଁ । ଭଗବାନଙ୍କ ରାଜ୍ୟରେ ସମସ୍ତ ପ୍ରାଣୀ ସ୍ୱାଧୀନ—

Digitized by srujanika@gmail.com

ଶ୍ରେଷ୍ଠ ଭୃତିଜୀବୀ ମାନଙ୍କ କଥାତ ସ୍ୱତନ୍ତ୍ର । ଆଜି ଆପଣ ଗ୍ରୀକ ସହିତ ଯୁଦ୍ଧରେ ଚନ୍ଦ୍ରଗୁପ୍ତଙ୍କୁ ସାହାଯ୍ୟ କରିବାକୁ ଯେଉଁ ସୈନ୍ୟ ଡାକିଥିଲେ ସନ୍ଧିକାଳରେ ଆପଣଙ୍କର ସେ ସାହାଯ୍ୟ ପରିତ୍ୟାଗ କରନ୍ତି । ଯେ ନିଜର ସ୍ୱାର୍ଥସିଦ୍ଧି ନିମନ୍ତେ, ସ୍ୱଦେଶର ସ୍ୱାଧୀନତା ଅପରକୁ ବିକ୍ରୟ କରନ୍ତି, ସେ ସ୍ୱଦେଶଦ୍ରୋହୀ, ନରକର କୀଟ । ରାକ୍ଷସ ଅତ୍ୟାନ୍ତ ନନ୍ଦବଂଶର ମନ୍ତ୍ରୀ । ଅଂତ୍ୟୀଗୃହର ଅବସାନ ପରେ ସେ ଚନ୍ଦ୍ରଗୁପ୍ତଙ୍କର ମନ୍ତ୍ରୀତ୍ୱ ଗ୍ରହଣ କରି ଗର୍ବ ଅନୁଭବ କରିବା କଥା ଦୂରେ ଥାଉ, ତାଙ୍କର ଉଚ୍ଛେଦ ସାଧନ କରିବାକୁ ଷଡଯନ୍ତ୍ର କରୁଅଛି । ରାକ୍ଷସ ପରି ଦେଶଦ୍ରୋହୀ କି ପୃଥିବୀରେ ଆଉ କିଏ ଅଛି ?

ସେଲୁକସ ବିରକ୍ତ ହୋଇ କହିଲେ — ମୂ ତୋ ସହିତ ତର୍କ କରିବା ମୂର୍ଖତା ମାତ୍ର । ରାଜନୀତି ତର୍କ ନୁହେଁ, କାହାଣୀ ପାଠ ନୁହେ; ରାଜନୀତି ପୁରୁଷର ଚର୍ଚ୍ଚା—ସ୍ତ୍ରୀର ନୁହେ ।

ହେଲେନ ନାରୀଜାତିର ଅପମାନରେ କ୍ଷିପ୍ତ ହୋଇ କହିଲେ—ଠିକ୍ କହୁଛନ୍ତି ପିତା । ରାଜନୀତି ସ୍ତ୍ରୀର ଚର୍ଚ୍ଚା ନୁହେ । ଆଜି ତାହା ସ୍ତ୍ରୀର ଚର୍ଚ୍ଚା ହୋଇଥିଲେ ଆପଣ ଦସ୍ୟୁ ବୋଲି ଦଣ୍ଡିତ, ଆଉ ଚନ୍ଦ୍ରଗୁପ୍ତ ଦେବସମ ପୂଜିତ ହୁଅନ୍ତେ । ଆଉ ନରକର କୀଟ ରାକ୍ଷସ —ତାହାଙ୍କୁ ଶୃଗାଳ କୁକ୍କୁର ମୁଖରେ ନିକ୍ଷେପ କରାଯାନ୍ତା । ରାଜନୀତି ସ୍ତ୍ରୀର ଅଧିକାରରେ ଥିଲେ, ସାମ୍ରାଜ୍ୟ-ଲୋଲୁପ ଗ୍ରୀକ ଜାତି ବର୍ବର, ଆଉ ଶାନ୍ତ, ଉଦାର, ଧୀର ଭାରତବାସୀ ସଭ୍ୟ ବୋଲି ଆପଣେହିଁ ବାଧ୍ୟ ହୋଇ ଗର୍ବ କରନ୍ତେ ।

Digitized by srujanika@gmail.com

ସେଲୁକସ— ସାମ୍ରାଜ୍ୟ ଲୋଲୁପତା ଶକ୍ତିର ପରିଚାୟକ । ଭାରତ-ବାସୀର ସେ ଶକ୍ତି ନାହିଁ ବୋଲି ସେ ଅନ୍ୟ ରାଜ୍ୟରେ ସାମ୍ରାଜ୍ୟ ବିସ୍ତାର କରିପାରି ନାହିଁ ।

ହେଲେନ— ପିତା ଏତେଶୀଘ୍ର ବିସ୍ମୃତ ହୋଇଗଲେ ! କାହାର ସାହାଯ୍ୟରେ ଆପଣ ପୁରୁଙ୍କୁ ପରାଜିତ କଲେ ? କାହାର ସହାଯ୍ୟରେ ଭାରତରେ ଶାସନ ପ୍ରତିଷ୍ଠା କଲେ ? ଭାରତବାସୀଙ୍କ ଶକ୍ତି ନାହିଁ ? ତାହାହେଲେ ଏ ଜାତିର ଜ୍ଞାନଚର୍ଚ୍ଚାରେ ଆପଣଙ୍କ ପଣ୍ଡିତଗଣ ଈର୍ଷାନ୍ୱିତ କାହିଁକି ? ଏ ଜାତିର ଶିଳ୍ପକଳା ଶିକ୍ଷା କରିବାକୁ ଆପଣଂକର ଏତେ ପ୍ରବୃତ୍ତି କାହିଁକି ? ପିତା, ଏ ଜାତିର ଶକ୍ତି ରୁକ୍ଷ ପାଶବିକତାରେ ପରିସ୍ଫୁଟ ନ ହୋଇ ସୂକ୍ଷ୍ମ ଦିବ୍ୟାଲୋକରେ ଉଦ୍ଭାସିତ, ଜର୍ଜିତ ମନରେ ସାମ୍ରାଜ୍ୟ ବିସ୍ତାର ପାଇଁ ଉଦ୍ୟତ ନୁ । ଏ ଜାତି ଇଚ୍ଛା କଲେ ଏକ ବର୍ଷରେ ସମଗ୍ର ଜଗତ ଅଧିକାର କରିବ । କିନ୍ତୁ ଏହା ଋଷିମାନଙ୍କ ଦେଶ, ଯେଉଁଠାରେ ବେଦର ବିକାଶ ହୋଇଅଛି । ଏ ଜାତି ଭଗବାନଙ୍କ ବରଟର ମହାପ୍ରାଣ, ଉଦାର । ଏ ଜାତି କେବେ ପରସ୍ୱ ହରଣ କରିବ ନାହିଁ । ଏ ଜାତିର ସଭ୍ୟତା ସମଗ୍ର ପୃଥିବୀରେ ଚିରନ୍ତନ ଅଖଣ୍ଡ ସାମ୍ରାଜ୍ୟ ବିସ୍ତାର କରି ରହିଥିବ । ଏ ଜାତି ଲଲାଟରେ ଶକ୍ତିମୟୀଙ୍କର ବିଜୟ ଟୀକା ଚନ୍ଦନ ଦୀପ୍ୟମାନ । ଏ ଜାତି ଶକ୍ତି ମନ୍ତ୍ରପୂତ । ପିତା, ଆପଣଙ୍କ ବାହୁବଳର ଚିହ୍ନ ଆପଣଙ୍କ ପରେ ଅଦୃଶ୍ୟ ହେବ । କିନ୍ତୁ ଏ ଜାତିର ଶକ୍ତି ଚିରନ୍ତନ ଗ୍ରୀକ ଉପରେ ଆଧିପତ୍ୟ ବିସ୍ତାର କରିବ ଏବଂ ଜଗତର ଅନୁସରଣୀୟ ହେବ । ଗ୍ରୀକଜାତି ମୃତ ହେବ, ଗ୍ରୀକ ପରମ୍ପରା ଭଙ୍ଗହେବ, ଗ୍ରୀକ ବୀରତ୍ୱ କଥନ୍ତି କଥା ହେବ, ତାହା ଜନକ ବୋଲି ଗର୍ବ କରିବା ପାଇଁ ଗ୍ରୀସରେ କେହି ରହିବେ ନାହିଁ । କିନ୍ତୁ ଗ୍ରୀକ ଜାତିର ମୃତ୍ୟୁପରେ, ସୁଦୂର ଅଦୃଶ୍ୟ

Digitized by srujanika@gmail.com

ଭବିଷ୍ୟତରେ ଏ ଜାତି ଯେପରି ଋଷିଗଣଙ୍କ ପରମ୍ପରା ରକ୍ଷା କରି ପୃଥିବୀ ବକ୍ଷରେ ଅଟଳଭାବରେ ଦଣ୍ଡାୟମାନ ହୋଇଥିବ ।

ହେଲେନଙ୍କର ସ୍ଥିର ଯୁକ୍ତି ସେଲୁକସଙ୍କର ଭ୍ରାନ୍ତଧାରଣା ବିଦୂରିତ କଲା ସତ୍ୟ । କିନ୍ତୁ ସ୍ୱ ଆଧିପତ୍ୟର ପୁନରୁଦ୍ଧାର ପାଇଁ ତାଙ୍କ ପିପାସା କ୍ଷାନ୍ତ ହେଲା ନାହିଁ । ସେ ରାକ୍ଷସଙ୍କ ଦୂତ ସହ ଅନ୍ୟତ୍ର ଗମନ କଲେ । ଚିନ୍ତିତା ହେଲେନ୍ ନୀରବରେ ଅଶ୍ରୁ ବର୍ଷଣ କରିବାକୁ ଲାଗିଲେ ।

ରାକ୍ଷସ ଓ ମଳୟକେତୁଙ୍କଠାକୁ ଅବଶ୍ୟକୀୟ ସମ୍ବାଦ ପ୍ରେରଣ କରି ସେଲୁକସ ସୈନ୍ୟ ସହ ସେହିଦିନ ଯୁଦ୍ଧ ନିମନ୍ତେ ମଗଧ ଉଦ୍ଦେଶ୍ୟରେ ଯାତ୍ରା କଲେ ।

—o(*)o—

ଶକ୍ତି ମନ୍ତ୍ର

Take my heart in thy hand
O beautiful boy of Shiraz!
I would give for the mole on thy cheek,
Samarcand and Buchara!
—Persian Poetry.

ପ୍ରକୃତିର ସମ୍ପଦ-ପ୍ରାଚୁର୍ଯ୍ୟ ମଧ୍ୟରେ ମଳୟସୁନ୍ଦରୀ ଗଭୀର ନିର୍ଜ୍ଜନତା ଅନୁଭବ କରୁଅଛନ୍ତି । ତାଙ୍କର କ୍ରୀଡ଼ା ସଙ୍ଗୀ ସେହି ଉଦ୍ୟାନ କାନନ, ବୃକ୍ଷଲତା, ପଶୁପକ୍ଷୀ ସବୁ ଯେପରି ଅପୂର୍ଣ୍ଣ । ସବୁଥିରେ ଯେପରି

Digitized by srujanika@gmail.com

କିଛି ଗୋଟାଏ ନାହିଁ, ଯାହା ଅଭାବରେ ସମସ୍ତେ ମ୍ରିୟମାଣ, ନିଷ୍ପ୍ରଭ। ମଗଧ ରାଜପୁତ୍ରଙ୍କ ଆଗମନରେ ସେମାନେ ସେହି ଜୀବନର ସଙ୍କୀର୍ଣ୍ଣତା କରୁ ନୂତନତା ଲାଭ କରିଥିଲେ। ତାଙ୍କ ପ୍ରସ୍ଥାନ ସଙ୍ଗେ ସଙ୍ଗେ ସେ ମୋହନ ଶ୍ରୀ ଅନ୍ତର୍ହିତ ହୋଇଅଛି। ସେମାନଙ୍କ ଶୋଚନୀୟ ଦଶାରେ ମଳୟସୁନ୍ଦରୀ ସମବେଦନା ପ୍ରକାଶ କରୁଅଛନ୍ତି। ଯେଉଁଠାକୁ ଗଲେ ପୁଣି ସେ ସ୍ମୃତି ଜାଗରୂକ ହୋଇ ତାଙ୍କୁ ଯାତନାରତ କରୁଅଛି।

ମଗଧ ରାଜପୁତ୍ର ନନ୍ଦଗଣଙ୍କ ବିରୁଦ୍ଧରେ ଯୁଦ୍ଧ କଲାବେଳେ ପିତା ଓ ଭ୍ରାତା ଯେତେବେଳେ ତାଙ୍କର ସହାୟ ହୋଇଥିଲେ, ମଳୟସୁନ୍ଦରୀଙ୍କର ମନେ ହେଉଥିଲା, ଯେପରି ତାଙ୍କ କର୍ତ୍ତବ୍ୟ ବାକୀ ରହିଗଲା। ବେଳେ ବେଳେ ଅକସ୍ମାତ୍ ସମର କ୍ଷେତ୍ରକୁ ଯାଇ ନିଜେ ଯୁଦ୍ଧ କରିବେ, ଏହି ଭାବ ମନରେ ଉଦିତ ହେବାକୁ ଲାଗିଲା; ରାଜପୁତ୍ର ସିଂହାସନ ପ୍ରାପ୍ତ ହେଲେ ପିତା ଅର୍ଦ୍ଧରାଜ୍ୟ ଲାଭ କରିବେ ଓ ମଗଧ ରାଜକୁମାରଙ୍କୁ ଜାମାତା ରୂପେ ପ୍ରାପ୍ତ ହେବେ। ପିତା ମାତା ସ୍ଥିର କରିଥିଲେ, ସେ ଅର୍ଦ୍ଧରାଜ୍ୟ କନ୍ୟାର ଯୌତୁକ ସ୍ୱରୂପ ଦାନ କରିବେ। ସେତେବେଳେ ମଳୟସୁନ୍ଦରୀଙ୍କର ଆଶା ଆନନ୍ଦରେ ଉତ୍ଫୁଲ୍ଲ ଉଠିଥିଲା; ରାଜକୁମାରଙ୍କୁ ଲାଭ କରିବା ପାଇଁ ତାଙ୍କର ଆଉ କୌଣସି ଅନ୍ତରାୟ ରହିବ ନାହିଁ।

ମଗଧର ରାଣୀ ହୋଇ ଅନ୍ତଃପୁରର କ୍ରୀଡ଼ାପୁତ୍ତଳି ପରି ସେ ରହିବେ କି? ନା, ରାଜାଙ୍କର ସର୍ବ କର୍ମରେ ପରାମର୍ଶ ଦେବେ, ସମ୍ପଦ ବିପଦର ଅର୍ଦ୍ଧାଙ୍ଗିନୀ ହେବେ? ଏ ମଧୁମୟ ଆଶା ସତେ କି ସଫଳ ହେବ? ତାଙ୍କ ସରଳ ହୃଦୟରେ ସଫଳ ଆଶା ଖେଳିଗଲା। ବାଲ୍ୟ-ଜୀବନରୁ ସେ କେବେ ଅପୂର୍ଣ୍ଣ ଆଶା ଅନୁଭବ କରିନାହାନ୍ତି। ସେତେ-.

Digitized by srujanika@gmail.com

ବେଳେ ଯାହା ଲୋଡ଼ୁଛନ୍ତି, ଇଚ୍ଛା ପ୍ରକାଶ ମାତ୍ରେ ତାହା ପାଉଛନ୍ତି । ଅଭାବ ଉପଦ୍ରବର ନଥିବାରୁ ତାଙ୍କର ବିକାଶ ପୂର୍ଣ୍ଣ ହୋଇଅଛି । ଅନାବଶ୍ୟକ ପରିପୂର୍ଣ୍ଣତା ମଧ୍ୟରେ ବଢ଼ି ସେ ସ୍ନେହ ଢଳ ଢଳ ଜୀବନ ଲାଭ କରି ଅଛନ୍ତି ।

ଏହିପରି ସ୍ୱପ୍ନବିହ୍ୱଳ ଜୀବନରେ ସେ, ପ୍ରଥମ ବେଦନା ସଦ୍ୟ ଅଭିଜ୍ଞ ଅନୁଭବ କଲେ । ପିତାଙ୍କ ମୃତ୍ୟୁ ତାଙ୍କ ପକ୍ଷରେ ଅଘଟନ ଘଟନ, ନିୟତିର କ୍ରୂର କଶାଘାତ । ପିତା ଯେ ସବଳ ସତେଜ—ଏତେ ପ୍ରଚୁର ପ୍ରାଣ ଯାହାଙ୍କର, ତାଙ୍କ ମୃତ୍ୟୁ-ସମ୍ବାଦ, ବିଶ୍ୱାସଯୋଗ୍ୟ କି ? ଏପରି ପିତା ଯେ କେବେ ମୃତ୍ୟୁ ଲାଭ କରିବେ, ସେ ଧାରଣା ତାଙ୍କର ଆଦୌ ନଥିଲା । କିନ୍ତୁ ନିମିଷକରେ ସେ ଭ୍ରମ ଦୂର ହେଲା—ନିଷ୍ଠୁର ବାସ୍ତବ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ହେଲା—ପରିବାର ବର୍ଗଙ୍କ ଶୋକୋଚ୍ଛ୍ୱାସ ସଙ୍ଗେ ପିତାଙ୍କ ଅନ୍ତ୍ୟେଷ୍ଟି କ୍ରିୟାର ଆୟୋଜନ । କ୍ରମେ କ୍ରମେ ସେ ଶୋକ ବିସ୍ମୃତି ପ୍ରଲେପରେ ଲିଭିଗଲା । ବ୍ୟଥିତା କନ୍ୟାର ମନ ଭୁଲାଇବା ପାଇଁ ସ୍ନେହମୟୀ ଜନନୀ ସତର୍କ ଥିଲେ—କନ୍ୟାର ଉପସ୍ଥିତିରେ ମୃତ ସ୍ୱାମୀଙ୍କ ସକାଶେ ଅଶ୍ରୁମୋଚନ କରୁନଥିଲେ ।

ପୁଣି ସୁପ୍ତ ସ୍ମୃତି ଜାଗରୁକ ହେଲା । ପୁଣି କୋକିଳ ଗାନ କଲା, ପୁଣି ମଳୟ ବହିବାକୁ ଲାଗିଲା, ପୁଣି ତାଙ୍କ ହୃଦୟ ଅସ୍ଥିର ହେଲା । ଜାଗରର ଧ୍ୟାନ, ସ୍ୱପ୍ନର ସହଚର, ଜୀବନ ଧାରଣର ସାର୍ଥକତା, ସେହି କୁମାରଙ୍କୁ ଥରେ ମାତ୍ର ଦେଖିବା ପାଇଁ ତାଙ୍କର ବଳବତୀ ଇଚ୍ଛା ହେଲା । ତାଙ୍କର ଓ ଭାଇଙ୍କର ସମ୍ବାଦ ଆଣିବା ପାଇଁ ସେ କେତେଜଣ ବିଶ୍ୱସ୍ତ ଚର ପ୍ରେରଣ କଲେ । ପ୍ରଥମ ଚରଠାରୁ ଶୁଣିଲେ, ମଳୟକେତୁ ଓ ରାକ୍ଷସ ମିଳିତ ହୋଇ ମଗଧ ବିରୁଦ୍ଧରେ ଷଡ଼ଯନ୍ତ୍ର

Digitized by srujanika@gmail.com

କରୁଅଛନ୍ତି । ମଳୟସୁନ୍ଦରୀଙ୍କ ହୃଦୟ ଅତ୍ୟନ୍ତ ଅସ୍ଥିର ହେଲା । ତଥାପି ସେ ଘଟଣାକୁ ବଡ଼ କରି ସେ ନେଲେ ନାହିଁ । ପିତାଙ୍କଠାରୁ ଶୁଣିଥିଲେ, ରାଜନୀତି କ୍ଷେତ୍ରରେ ଆଜିର ମିତ୍ର କାଲିର ଶତ୍ରୁ, ଏପରି ଓଲଟ ପାଲଟ ପ୍ରାୟ ଘଟିଥାଏ । କିଛି ଦିନ ପରେ ମଗଧଠାରୁ ଦୂତ ଫେରି ଆସିଲା ।

ମଗଧର ସମ୍ବାଦ ଶୁଭ ନୁହେଁ । ରାଜଧାନୀରେ ଭୟଙ୍କର ବିଦ୍ରୋହ । ଚନ୍ଦ୍ରଗୁପ୍ତ ଚାଣକ୍ୟଙ୍କ ଦ୍ୱାରା ପରିତ୍ୟକ୍ତ । ଏ ସୁଯୋଗରେ ମଳୟକେତୁ ଅନ୍ୟାନ୍ୟ ରାଜାଗଣଙ୍କ ସହିତ ମଗଧ ଆକ୍ରମଣ ପାଇଁ ଉଦ୍ୟତ । କିନ୍ତୁ ଏ କି ସମ୍ବାଦ ? ସେମାନେ ପୁଣି ମଗଧ ଧ୍ୱଂସ ଉଦ୍ଦେଶ୍ୟରେ ସେଲୁକସଙ୍କ ସାହାଯ୍ୟପ୍ରାର୍ଥୀ ! ମଳୟସୁନ୍ଦରୀଙ୍କର ଜନ୍ମଭୂମି-ପ୍ରୀତିରେ ଝଙ୍କାରର ଏ ଦୁର୍ଗତି ଅସହ୍ୟ ବୋଧ ହେଲା । ଯେ ଦିଗରୁ ଭାବିଲେ ମଧ୍ୟ ସେ କୌଣସି ମତେ ଏକଥାର ଅନୁମୋଦନ କରିପାରିଲେ ନାହିଁ । ତାଙ୍କର ଅନ୍ତଃପ୍ରକୃତି ଏଥିରେ ବିଦ୍ରୋହୀ ହୋଇ ଉଠିଲା । ମନ୍ତ୍ରୀ ରାକ୍ଷସ ଅପରିଣାମଦର୍ଶୀ ହୋଇପାରନ୍ତି । କିନ୍ତୁ ସବୁ କିପରି ବିଦେଶୀଙ୍କ ବନ୍ଧୁ-ସାହାଯ୍ୟରେ ସ୍ୱଦେଶ ଶତ୍ରୁର ଉଚ୍ଛେଦ ସାଧନ କରିବେ ? ସମ୍ଭବ, ରାଜନୀତିରେ ସମସ୍ତ ସମ୍ଭବ ।

ମଳୟସୁନ୍ଦରୀ ଏ ଅବସ୍ଥାରେ କଅଣ କରିବେ ! ସେ କି ନୀରବ, ଉଦାସୀନ ରହିବେ ? ନା, ତାହା ହେବ ନାହିଁ । ସେ ନିଜର କର୍ତ୍ତବ୍ୟ ସାଧନ କରିବେ । କର୍ତ୍ତବ୍ୟ ନିମନ୍ତେ ନିଜ ଭାଇଙ୍କ ଇଚ୍ଛା ବିରୁଦ୍ଧ କାର୍ଯ୍ୟ ମଧ୍ୟ କରିବେ । ଧର୍ମ ସକାଶେ ଭାଇଙ୍କ କଥା ଛାଡ଼, ସମସ୍ତ ଜଗତ ବିରୁଦ୍ଧରେ ଦ୍ୱିଷ ବିଦ୍ରୋହ କରିବେ । ସେ ଅବଳା ନୁହନ୍ତି । ମଗଧ ରାଜପୁତ୍ରଙ୍କୁ ଦେଖାଇବେ, ପୁରୁଷ ସମସ୍ତ ମହତ୍ତ୍ୱ ନୀତି ଭୁଲି ଯାଇ

Digitized by srujanika@gmail.com

ପାଟର, ପରର ସାହାଯ୍ୟରେ ଆପଣାର ସର୍ବନାଶ କରିପାରେ, ସୁବିଧା ଅନୁସାରେ ବିଦେଶୀୟ ଶକ୍ତିର ଆଶ୍ରୟ ନେଇପାରେ । କିନ୍ତୁ ନାଗ ସେପରି ନୁହେଁ । ସେ ଭାରତର ଶକ୍ତି । ଭାରତ ଶକ୍ତିର ସେ ଅପୂର୍ବ ବିଭୂତି । ସେ ଧର୍ମକୁ ବାନ୍ଧି ରଖିବ, ନ୍ୟାୟକୁ ସ୍ଥାନଚ୍ୟୁତ କରିବ ନାହିଁ । ମହିମା ମଣ୍ଡିତା ଭାରତଭୂମିରେ ଅର୍ଥ୍ୟନାଶୀ ଅନ୍ୟାୟ ଅତ୍ୟୀ-ସ୍ଥିର ବକ୍ଷରେ ଦଣ୍ଡାୟମାନ ହୋଇ ଦେଶର ଭାଗ୍ୟ ନିୟନ୍ତ୍ରୀ ରୂପେ କାଳେ କାଳେ ବିରାଜିବ ।

ମଳୟ ପୁନଶ୍ଚ ଭାବିଲେ, ସେ ଭାଇଙ୍କୁ ବୁଝାଇ ଏ ଅର୍ଦ୍ଧ୍ ଉପାୟରୁ ଶାନ୍ତ କରିବେ । କିନ୍ତୁ ଭାଇକି ସେ କାରଣ ମାନିବେ ? ମଧ୍ୟ, ଭାଇଙ୍କୁ କଣ ସେ କଠୋର ଭାବରେ ଏତେ କଥା କହିପାରିବେ; ନା ଭାଇ ସେ କଥାରେ ଆସ୍ଥା ସ୍ଥାପନ କରିବେ ? ତାଙ୍କ କଥା ଶୁଣିଲେ ଭାଇ ହସି ଢଅନ୍ତି ହେବେ, ତାଙ୍କର ସମସ୍ତ ଦମ୍ଭ, ସମସ୍ତ ଦୃଢ଼ତା ତରଳି ଯିବ । ଅଭିମାନରେ ତାଙ୍କ ଉତ୍ସାହ କାହିଁ ଉଭେଇ ଯିବ । ଏସବୁ ଛାଡ଼ି ଅନ୍ୟବିଛି ସଙ୍ଗଳ କାମ କରିବା ଆବଶ୍ୟକ ।

ସେ ନିଜେ ଯୁଦ୍ଧ କଲେ—? ଠିକ ହେବ । ମଳୟଦୁର୍ଗ ରକ୍ଷା ସକାଶେ ଯେଉଁ ପାଞ୍ଚ ସହସ୍ର ଯୋଦ୍ଧା ଅଛନ୍ତି, ତାହା ଧରି ସେ ଗ୍ରୀକ-ବାହିନୀ ଆକ୍ରମଣ କରିବେ । ଅତର୍କିତ ଭାବରେ ଆକ୍ରମଣ କଲେ ବୃହତ୍ ଗ୍ରୀକ ବାହିନୀ ମଧ୍ୟ ଛିନ୍ନଭିନ୍ନ ହେବା ଅସମ୍ଭବ ନୁହେଁ । ସେ ଉଦ୍ଦେଶ୍ୟରେ ପ୍ରଥମେ ସେ ଯୋଦ୍ଧୃବୃନ୍ଦଙ୍କ ଦ୍ୱାବଶିବ ପରୀକ୍ଷା କରିବେ । ସେ ବୀରବଳ ସେନାପତିଙ୍କୁ ଆଦେଶ ଦେଲେ, ସେଦିନ ସୈନ୍ୟଙ୍କ ବ୍ୟାୟାମାଦି ପର୍ଯ୍ୟ-ବେକ୍ଷଣ କରାଯିବ । ଏ ସମ୍ବାଦ ପ୍ରଚାର ମାତ୍ରେ ସୈନ୍ୟଗଣ ଅପୂର୍ବ

Digitized by srujanika@gmail.com

ଉତ୍ସାହରେ ଭୂହାଙ୍କ ଡାକ ଦେଲେ । ମୁହୂର୍ତ୍ତକ ମଧ୍ୟରେ ସମସ୍ତ ସେନା କ୍ରୀଡ଼ାଭୂମିରେ ସମବେତ ହେଲେ ।

ଅଶ୍ୱପୃଷ୍ଠରେ ମଳୟସୁନ୍ଦରୀ ସେମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇ କ୍ରୀଡ଼ାଦି ପ୍ରଦର୍ଶନ କଲେ । କ୍ରୀଡ଼ା ଦେଖିବା ବେଳେ ପ୍ରତ୍ୟେକଙ୍କ ବାହ୍ୟପ୍ରାମର ପ୍ରଶଂସା କରି ଉତ୍ସାହ ଦେବାକୁ ଲାଗିଲେ । ସେମାନେ ଶ୍ରେଣୀବଦ୍ଧ ଭାବରେ ଦଣ୍ଡାୟମାନ ହେବାରୁ ସେ ସମସ୍ତଙ୍କୁ ସମ୍ବୋଧନ କରି କହିଲେ —

"ମଳୟବାସୀ ବୀରଗଣ ! ତୁମ୍ଭମାନଙ୍କ ଦେଶରେ ଶତ୍ରୁ ଉପସ୍ଥିତ । ବର୍ତ୍ତମାନ ତୁମ୍ଭମାନଙ୍କର କର୍ତ୍ତବ୍ୟ କଅଣ ?"

ସମସ୍ତେ ଉତ୍ତର ଦେଲେ—ପ୍ରାଣ ଦେଇ ଶତ୍ରୁ ସଂହାର କରିବୁ ।

ସେ ପ୍ରଶ୍ନ କଲେ—ଯଦି ଶତ୍ରୁର ଶକ୍ତି ତୁମ୍ଭମାନଙ୍କ ଶକ୍ତିଠାରୁ ବହୁଗୁଣ ଅଧିକ ହୁଏ ? ଆଉ ତୁମ୍ଭେମାନେ ସମସ୍ତେ ପ୍ରାଣହରାଇବା ସୁନିଶ୍ଚିତ ହୁଏ ?

ଉତ୍ତର ମିଳିଲା— ତାହାହେଲେ ଶତ୍ରୁର ବ୍ୟୂହ ଭଙ୍ଗ କରିବୁ, ଶତ୍ରୁର ଦଳବଳ ଛିନ୍ନ ଭିନ୍ନ କରିବୁ; ଶତ୍ରୁ ହୃଦୟରେ ଭୀତି ସଞ୍ଚାର କରି ଆବଶ୍ୟକ ହେଲେ ପ୍ରାଣ ଦେବୁ ।

ମଳୟସୁନ୍ଦରୀ ସେମାନଙ୍କୁ ବହୁ ସାଧୁବାଦ କରି କହିଲେ— ଗ୍ରୀକମାନେ ମଗଧ ଆକ୍ରମଣ କରିବାକୁ ଉଦ୍ୟତ । ସୁତରାଂ ସ୍ୱଦେଶର

Digitized by srujanika@gmail.com

ସାହାଯ୍ୟ ପାଇଁ ସେମାନଙ୍କୁ ପରିବର୍ତ୍ତନାର୍ଥେ ମଗଧ ଯାତ୍ରା କରିବାକୁ ହେବ । ସ୍ୱୟଂ ସେ ଅଧିନାୟକତ୍ୱ ଗ୍ରହଣ କରିବେ । ତାଙ୍କ ମଧ୍ୟରେ ସମସ୍ତଙ୍କୁ ପ୍ରସ୍ତୁତ ହେବାକୁ ହେବ । ଏକ ସହସ୍ର ମାତ୍ର ସୈନ୍ୟ ରାଜଧାନୀ ରକ୍ଷା ସକାଶେ ରହିବେ—ଅନ୍ୟ ସମସ୍ତେ ଯୁଦ୍ଧ ଯାତ୍ରା କରିବେ । ସୈନ୍ୟଗଣ ଅପୂର୍ବ ଉତ୍ସାହରେ ମଳୟସୁନ୍ଦରୀଙ୍କର ଜୟଗାନ କରି ଯାତ୍ରା ନିମନ୍ତେ ପ୍ରସ୍ତୁତ ହେଲେ । ମଳୟସୁନ୍ଦରୀ ଅପୂର୍ବ ରଣସାଜରେ ସଜ୍ଜିତ ହେଲେ । ତାଙ୍କର ଅପୂର୍ବ-ଶକ୍ତି ମନ୍ତ୍ରରେ ସମସ୍ତେ ଅନୁପ୍ରାଣିତ ହୋଇ ଉନ୍ମାଦ ସୂଚକ ଜୟ ଧ୍ୱନି କରି ଉନ୍ମତ୍ତ ପ୍ରାୟ ନାଚିବାକୁ ଲାଗିଲେ । ମଳୟସୁନ୍ଦରୀଙ୍କର ଅପୂର୍ବ ପୁରୁଷ ସାଜ ସମସ୍ତଙ୍କର ପସନ୍ଦ ହୋଇଥିଲା ।

ମସ୍ତକ ଅବନତ

"Unless above himself he can
Erect him-self, how poor a thing is man."

—Daniel

ଚନ୍ଦ୍ରଗୁପ୍ତଙ୍କର ଭୟଙ୍କର ବିପଦ । ଏକ ଦିଗରେ ଅଦ୍ୱିତୀୟ ଉପଦେଷ୍ଟା ଚାଣକ୍ୟଙ୍କ ପରାମର୍ଶରୁ ସେ ଏକାନ୍ତ ବଞ୍ଚିତ । ଅପର ଦିଗରେ କୂଟନୀତିପଟୁ ରାକ୍ଷସଙ୍କ ସହିତ ଅସୀମ ସାହସିକ ମଳୟକେତୁ ଓ ପ୍ରବୀଣ ଯୁଦ୍ଧ ବିଶାରଦ ସେଲୁକସ ତାଙ୍କ ବିରୁଦ୍ଧରେ ଦଣ୍ଡାୟମାନ । ଏଣେ ପୁଣି ମଗଧ ସୈନ୍ୟ ପ୍ରକାଶ୍ୟରେ ତାଙ୍କ ଆଦେଶ ଅମାନ୍ୟ କରୁ ନାହାନ୍ତି ସତ୍ୟ, କିନ୍ତୁ ଚାଣକ୍ୟଙ୍କ କାର୍ଯ୍ୟତ୍ୟାଗ ଦିନରୁ ସେମାନେ କପଟ ଯୁଦ୍ଧ ନାମରେ ନିରୁତ୍ସାହିତ ହୋଇଅଛନ୍ତି । ସେ ଯାହାହେଉ, ଯେତେବେଳେ

Digitized by srujanika@gmail.com

ପ୍ରଜାଙ୍କ ନିକଟରେ ଶପଥ କରି ଯେଉଁ ସିଂହାସନ ଅନ୍ୱେଷଣ କରିଅଛନ୍ତି, ବର୍ତ୍ତମାନ ପ୍ରଜାମାନଙ୍କର ସେ ସିଂହାସନ ବିଦେଶୀୟ କବଳରୁ ରକ୍ଷା କରିବାକୁ ହେବ ।

ଚନ୍ଦ୍ରଗୁପ୍ତ ଯୋଦ୍ଧା । ନୈରାଶ୍ୟରେ କମ୍ପିତ ସେହି ଅଜ୍ଞାତ ବିପଦର ଧୈର୍ଯ୍ୟଚ୍ୟୁତ ହେବା ବ୍ୟକ୍ତି ସେ ନୁହନ୍ତି, ସେ ଯୁଦ୍ଧ କରିବେ । କିନ୍ତୁ ଗ୍ରୀକ ସୈନ୍ୟଙ୍କ କୂଟ ଯୁଦ୍ଧରେ ସେନାପତିଙ୍କୁ ସାହାଯ୍ୟ କରିବା ସକାଶେ ଆଜି ସେ ମନ୍ତ୍ରୀହୀନ । କେବଳ ଯୁଦ୍ଧ ଉପରେ ଜୟ ପରାଜୟ ନିର୍ଭର କରୁଥିଲେ, ସେ କଥା ସ୍ୱତନ୍ତ୍ର ହୋଇଥାନ୍ତା । ବିପକ୍ଷର କୁଟିଳ ଚକ୍ରାନ୍ତ ବ୍ୟର୍ଥ କରିବାକୁ ଆଜି ଆଚାର୍ଯ୍ୟ ଥିଲେ, ତାଙ୍କୁ ଏତେ ଅନୁଶୋଚନା କରିବାକୁ ହୁଅନ୍ତା ନାହିଁ । ଆଜି ତାଙ୍କର କୋଷ ଅର୍ଥଶୂନ୍ୟ, କର୍ମଚାରୀଗଣ ଆଳସ୍ୟପରାୟଣ, ସୈନ୍ୟଗଣ ଉଚ୍ଛୃଙ୍ଖଳ । ଆଜି ତାଙ୍କର ଭିତରେ ଶତ୍ରୁ, ବାହାରେ ଶତ୍ରୁ । ଚନ୍ଦ୍ରଗୁପ୍ତ ପ୍ରତିଜ୍ଞା କଲେ, ଅତିର ସମସ୍ତ ଶକ୍ତି ପ୍ରୟୋଗ କରି ସମର ବହ୍ନି ପ୍ରଜ୍ୱଳିତ କରିବେ, ସେଥିରେ ଶତ୍ରୁପକ୍ଷ ଧ୍ୱଂସ ହେଲେ ପ୍ରଭୂତ ଆନନ୍ଦ ଓ ଗୌରବର ବିଷୟ । ନୋହିଲେ ସେ ନିଜେ ମଗଧବାହିନୀ ସହ ସେଥିରେ ଜୀବନ ଆହୁତି ଦେବେ ।

ଚାଣକ୍ୟଙ୍କ ଅଜ୍ଞେୟ ନୀତିବଳରୁ ମଗଧ ସୈନ୍ୟଙ୍କ ମଧ୍ୟରେ ବିଶୃଙ୍ଖଳା ଦେଖାଯାଇ ଥିଲା । ତାହା ପ୍ରକୃତରେ କିନ୍ତୁ ବିଶୃଙ୍ଖଳା ନୁହେଁ, ଚନ୍ଦ୍ରଗୁପ୍ତଙ୍କୁ ଛଳନା କରିବା ସକାଶେ ଉପାୟ ବିଶେଷ ମାତ୍ର । କିନ୍ତୁ ଚନ୍ଦ୍ରଗୁପ୍ତ କାଳେ ଧୈର୍ଯ୍ୟଚ୍ୟୁତ ହେବେ, ଏହି ଆଶଙ୍କାରେ ସୈନ୍ୟମାନେ ପ୍ରକାଶ୍ୟ ବିଦ୍ରୋହ ନକରି କେବଳ ଉଦାସୀନ ଭାବ ଦେଖାଉଥିଲେ, ଏହା ଚାଣକ୍ୟଙ୍କ କୌଶଳ । ଚନ୍ଦ୍ରଗୁପ୍ତଙ୍କ ବିପଦ ଦେଖି,

Digitized by srujanika@gmail.com

ଚାଣକ୍ୟ ଶକଟାରଙ୍କୁ ଆହ୍ୱାନ କଲେ । ମଗଧ ସେନା ଏକପ୍ରକାର ତାଙ୍କର ଅଜ୍ଞାବର୍ତ୍ତୀ । ସେ ଶକଟାରଙ୍କ ସାହାଯ୍ୟରେ ମଗଧ ସେନାଙ୍କୁ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ରଖିଲେ । କାହ୍ନା ନଷ୍ଟ ଛଦ୍ମବେଶରେ, ତାଙ୍କ ଚର ଗଣ ଗ୍ରୀକ ଶିବିରରେ ଅବସ୍ଥାନ କରୁଥିଲେ ଏବଂ ସେଲୁକସଙ୍କ ସମରୋଦ୍ୟମ ଚାଣକ୍ୟ ଠିକ୍ ସମୟରେ ଅବଗତ ହୋଇଥିଲେ ।

ସେଲୁକସଙ୍କ ପତ୍ର ଚନ୍ଦ୍ରଗୁପ୍ତଙ୍କ ହସ୍ତଗତ ହେଲା । ପତ୍ର ପଠାଇବାର ଦୁଇଦିନ ପରେ ପାଟଳୀପୁତ୍ରଠାରୁ ଦୁଇକୋଶ ଦୂରରେ ଗ୍ରୀକ ସୈନ୍ୟ ସହ ରାକ୍ଷସ ମିଳିତ ହେବା କଥା ପତ୍ରରେ ଲେଖାଥିଲା । କିନ୍ତୁ ପତ୍ରଟି ଆଉ ରାକ୍ଷସଙ୍କର ହସ୍ତଗତ ହୋଇପାରିଲା ନାହିଁ ।

ଏତେଣ ସୈନ୍ୟଙ୍କୁ ନଦେଖି ସେଲୁକସ ଭାବିନେଲେ, ସେ ରାକ୍ଷସଙ୍କ ଠାରୁ ଅଧିକ କୁଟିଳ ଚାଣକ୍ୟଙ୍କ ଷଡ଼ଯନ୍ତ୍ରରେ ପଡ଼ି ପ୍ରବଞ୍ଚିତ ହୋଇ ଅଛନ୍ତି । ସୁତରାଂ ସେ ରାକ୍ଷସ ଓ ଚାଣକ୍ୟ ଉଭୟଙ୍କ ଉପରେ କ୍ରୁଦ୍ଧ ହୋଇ ସମର ପ୍ରତୀକ୍ଷା କରିବାକୁ ଲାଗିଲେ; କିନ୍ତୁ ଯେଉଁ ଅତର୍କିତ ଆକ୍ରମଣ ପାଇଁ ସଂକଳ୍ପ କରିଥିଲେ, ତାହା ସେକ୍ଷଣି ପରିତ୍ୟାଗ କଲେ ।

ବିରାଟ ଗ୍ରୀକ ବାହିନୀର ଭୟହାସ୍ୟାସ୍ପଦ ହୋଇ ଅଳ୍ପ ସଂଖ୍ୟକ ମଗଧ ସୈନ୍ୟ ଚନ୍ଦ୍ରଗୁପ୍ତଙ୍କ ଅଧୀନରେ ଆକ୍ରମଣ କରିବେ । ଗ୍ରୀକ-ବାହିନୀଙ୍କ ଉଭୟ ପାର୍ଶ୍ୱରେ ଅନୁଚ୍ଚ ପାହାଡ଼ ଓ କ୍ଷୁଦ୍ର ଅରଣ୍ୟ । ଅର୍ଦ୍ଧ-ଚନ୍ଦ୍ରରେ ପ୍ରତିବନ୍ଧ କରି ସେଲୁକସ ଏହି ସମର ଉପଯୋଗୀ ସ୍ଥାନ ନିର୍ବାଚନ କରିଥିଲେ । କିନ୍ତୁ ସ୍ଥାନ ଅଧିକାରର ପରକ୍ଷଣରେ ଚାଣକ୍ୟ ପ୍ରେରିତ ପାଞ୍ଚ ସହସ୍ର କ୍ଷିପ୍ର ଅଶ୍ୱାରୋହୀ ରଣଭେରୀ ବଜାଇ ଗ୍ରୀକ

Digitized by srujanika@gmail.com

ସୈନ୍ୟଙ୍କୁ ଅତର୍କିତ ଭାବରେ ଆକ୍ରମଣ କଲେ । ସେଲ୍ୟୁକସଙ୍କ ଆଦେଶରେ ପନ୍ଦର ସହସ୍ର ଗ୍ରୀକ ସୈନ୍ୟ ସେମାନଙ୍କୁ ଏକାବେଳକେ ପ୍ରତି-ଆକ୍ରମଣ କରିବାରୁ ସେମାନେ ଅତିଶୀଘ୍ର କ୍ଷିପ୍ରତା ସହକାରେ ପଳାୟନ କଲେ । ଚାଣକ୍ୟଙ୍କର ଉଦ୍ଦେଶ୍ୟ, ପୁନଃପୁନଃ ଆକ୍ରମଣର ଆଶଙ୍କା କରି ଗ୍ରୀକ ସୈନ୍ୟ ରାତି ବିଶ୍ରାମ କରିପାରିବେ ନାହିଁ । ଫଳରେ ତାହାହିଁ ହେଲା ।

ପରଦିନ କତିପୟ ସୈନ୍ୟ ନେଇ ଚନ୍ଦ୍ରଗୁପ୍ତ ଗ୍ରୀକ ସେନାଙ୍କୁ ଆକ୍ରମଣ କରିବେ । ଚାଣକ୍ୟଙ୍କ କୌଶଳରେ ମଧ୍ୟାହ୍ନ ସମୟହିଁ ଯାତ୍ରାର ଶୁଭ ମୁହୂର୍ତ୍ତ ବୋଲି ଜ୍ୟୋତିଷୀ ଚନ୍ଦ୍ରଗୁପ୍ତଙ୍କୁ କହିଥିଲେ । ଫଳରେ ମଧ୍ୟାହ୍ନ ବେଳେ ଚନ୍ଦ୍ରଗୁପ୍ତ ମୟୂରଧ୍ୱଜା ଉଡାଇ ସମର ଯାତ୍ରା କଲେ । ରଣଶିଙ୍ଗା ଶବ୍ଦରେ ଗ୍ରୀକ ସୈନ୍ୟ ଜାଗ୍ରତ ହେଲେ । ସେତେବେଳକୁ ସେମାନେ ରନ୍ଧନ ଭୋଜନ ପରେ ବିଶ୍ରାମ କରିବାକୁ ଉଦ୍ୟତ । ସୁତରାଂ ସମସ୍ତେ ପ୍ରାୟ ଆହାରକ୍ଳାନ୍ତ । ଅପ୍ରତ୍ୟାଶିତ ଭାବରେ ମଗଧ ସୈନ୍ୟଙ୍କୁ ଦେଖି ସମସ୍ତେ ବ୍ୟସ୍ତ ହୋଇ ପଡ଼ିଲେ । ତଥାପି ସେଲ୍ୟୁକସଙ୍କ ସତର୍କତା ଓ ପ୍ରତ୍ୟୁତ୍ପନ୍ନମତିତ୍ୱରୁ କୌଣସିପ୍ରକାରେ ବ୍ୟୂହାକାରରେ ଗ୍ରୀକ ସୈନ୍ୟ ସଜ୍ଜିତ ହେଲେ । ସେମାନେ ଦେଖିଲେ ମୁଷ୍ଟିମେୟ ସୈନ୍ୟ ନେଇ ଚନ୍ଦ୍ରଗୁପ୍ତ ଯୁଦ୍ଧ ନିମନ୍ତେ ଆସୁଅଛନ୍ତି । ସେମାନଙ୍କର ଆନନ୍ଦର ସୀମା ରହିଲା ନାହିଁ ।

ଚନ୍ଦ୍ରଗୁପ୍ତ ଆକ୍ରମଣ କଲେ । କିନ୍ତୁ ଗ୍ରୀକ ସୈନ୍ୟଙ୍କ ଶ୍ରେଣୀ ବିନ୍ୟସ୍ତ ବର୍ଶାଫଳକର ଝଲସିତ ପ୍ରଖର ସୂର୍ଯ୍ୟ କିରଣ ଦୂରଦୂରରେ ନୃତ୍ୟ କରିବାକୁ ଲାଗିଲା । ମଗଧ ସୈନ୍ୟ ଗୋଟିଏ ହେଲେ ବର୍ଶା ସ୍ଥାନଚ୍ୟୁତ କରି ପାରିଲେ ନାହିଁ । ବ୍ୟୂହଭଙ୍ଗ ଅସମ୍ଭବ ପ୍ରତୀୟମାନ ହେଲା ।

Digitized by srujanika@gmail.com

ଚନ୍ଦ୍ରଗୁପ୍ତ ପୁଣି ଆକ୍ରମଣ କଲେ । ସମ୍ମୁଖସ୍ଥ ଗ୍ରୀକ ସୈନ୍ୟ ସ୍ତବ୍ଧ ହୋଇ ବ୍ୟୂହ ତ୍ୟାଗ କରି ମଗଧ ସେନାଙ୍କୁ ପ୍ରତି-ଆକ୍ରମଣ କଲେ । ସେ ବେଗ ମଗଧ ସୈନ୍ୟ ସହ୍ୟ କରି ନପାରି ପଛଘୁଞ୍ଚା ଦେଲେ ।" ନିଜର ସଂଖ୍ୟାଧିକ୍ୟ ଶକ୍ତିରେ ଅନୁପ୍ରାଣିତ ଗ୍ରୀକ ସୈନ୍ୟ ସେମାନଙ୍କୁ ଘଉଡ଼ି ନେବାକୁ ଲାଗିଲେ । ଚନ୍ଦ୍ରଗୁପ୍ତଙ୍କର ଆଶା ବିଲୁପ୍ତ ହେବାକୁ ବସିଲା ।

ଦୂର ଅରଣ୍ୟରେ ତ୍ରିଂଶତି ସହସ୍ର ସୈନ୍ୟ ଲୁକ୍କାୟିତ ଥିଲେ । ସେମାନଙ୍କର ଅଧିନାୟକ ସ୍ୱୟଂ ଚାଣକ୍ୟ । ଏହି ସୈନ୍ୟ ନିଃଶବ୍ଦ ପଦସଞ୍ଚାର କରି ପ୍ରବଳ ବେଗରେ ଆସି ଗ୍ରୀକର ପଶ୍ଚାଦ୍ଭାଗ ଆକ୍ରମଣ କଲେ । ଦୁଇ ସହସ୍ର ଗ୍ରୀକରକ୍ଷୀ ମୁହୂର୍ତ୍ତକ ମଧ୍ୟରେ ଧରାଶାୟୀ ହେଲେ । ମୟୂରଧ୍ୱଜା ଉଡ଼ାଇ ସ୍ୱୟଂ ଚାଣକ୍ୟ ହସ୍ତିପୃଷ୍ଠରୁ ଆଦେଶ କଲେ, "ଆକ୍ରମଣ କର ।" ଆଦେଶ ଶ୍ରବଣମାତ୍ରେ ହସ୍ତୀସେନା ଉଭୟ ପାର୍ଶ୍ୱରେ ଶ୍ରେଣୀବଦ୍ଧ ହୋଇ ମୁହୂର୍ତ୍ତ ଅପେକ୍ଷାରେ ରହିଲେ । ପୁଣି ବିଂଶ ସହସ୍ର ସୈନ୍ୟ ମୌର୍ଯ୍ୟଧ୍ୱଜା ଉଡ଼ାଇ ଲୁକ୍କାୟିତ ସ୍ଥାନରୁ ଦ୍ରୁତ ଗତିରେ ଆସି ପଶ୍ଚାଦ୍ଭାଗ ଆକ୍ରମଣ କଲେ । ଫଳରେ ଗ୍ରୀକ ବ୍ୟୂହର ଅର୍ଦ୍ଧେକ ସୈନ୍ୟ ପଶ୍ଚାଦ୍ଭାଗକୁ ମୁଖ ଫେରାଇଲେ । ଏପରି ସମୟରେ ଚାଣକ୍ୟ ଘୋଷଣା 'କୁହାଟ' ଦେଲେ । ସେ ଧ୍ୱନିରେ ମଗଧ ସୈନ୍ୟ ଭୀତ ତ୍ରସ୍ତ ହୋଇ ଶଙ୍କାକାତରରେ ପଛକୁ ଘୁଞ୍ଚିଗଲେ । ଗ୍ରୀକ ସୈନ୍ୟ ନିଜର ଅସୀମସାହସିକତାର ପ୍ରଶଂସା ନିଜେ ନିଜେ କରି ମଗଧ ସୈନ୍ୟଙ୍କୁ ଆକ୍ରମଣ କରି କରି ଘଉଡ଼ି ନେବାକୁ ଲାଗିଲେ ।

ଏହାହିଁ ଚାଣକ୍ୟଙ୍କ ଉଦ୍ଦେଶ୍ୟ । ଗ୍ରୀକ ସୈନ୍ୟ ପାର୍ଶ୍ୱସ୍ଥିତ ପାହାଡ଼-ପ୍ରାଚୀର ପରିତ୍ୟାଗ କରି କିଛିଦୂର ଯାଇଛନ୍ତି, ଚାଣକ୍ୟ ପୁଣି

Digitized by srujanika@gmail.com

'ଲୁହାଣ୍ଠ' ଦେବାରୁ ଅଦୂରେ ଉଭୟପାର୍ଶ୍ୱରେ ଶ୍ରେଣୀବଦ୍ଧ ହସ୍ତୀସେନା ପ୍ରବଳ ବେଗରେ ଧାଇଁ ଆସି ଉଭୟ ପାହାଡ଼ ମଧ୍ୟସ୍ଥିତ ଗ୍ରୀକ ସ୍ଥାନ ଅଧିକାର କଲେ । ହସ୍ତିଗଣ ଅନାବୃତ ପ୍ରାୟ, ପ୍ରତ୍ୟେକ ହସ୍ତୀ ଶୁଣ୍ଡରେ ବିଂଶହସ୍ତ ଦୀର୍ଘ, ବର୍ତ୍ତୁଳ ଲୌହଫଳକ, ଅଗ୍ର କଣ୍ଟକିଷ୍ଟ କଳିଙ୍ଗ ଦେଶୀୟ ଲୌହ ଶୃଙ୍ଖଳ ଧାରଣ କରିଥିଲେ । କଳିଙ୍ଗସାଠରେ ସେହି ଶୃଙ୍ଖଳ ଘୂର୍ଣ୍ଣନ କରିବାରୁ ପାହାଡ଼ ମଧ୍ୟସ୍ଥିତ ସୈନ୍ୟ ସମ୍ମୁଖ ଦିଗରେ ଧାଇଁବାକୁ ଲାଗିଲେ ! ସମ୍ମୁଖରେ ଚନ୍ଦ୍ରଗୁପ୍ତ, ପଶ୍ଚାତ୍‌ଦେଶରେ ହସ୍ତୀବାହିନୀ । ସୁତରାଂ ବିଶୃଙ୍ଖଳ ସୈନ୍ୟଙ୍କୁ ଶ୍ରେଣୀବଦ୍ଧ କରି ସେଲ୍ୟୁକସ ଚନ୍ଦ୍ରଗୁପ୍ତଙ୍କ ଉଭୟ ପାର୍ଶ୍ୱ ଆକ୍ରମଣ କଲେ । ଚନ୍ଦ୍ରଗୁପ୍ତଙ୍କର ଘୋର ସଙ୍କଟ ।

ଅଦୂରେ ରଣଶିଙ୍ଗା ବାଜି ଉଠିଲା । ଚନ୍ଦ୍ରଗୁପ୍ତ ପଛକୁ ଚାହିଁ ଦେଖିଲେ ସମର ପତାକା ହସ୍ତରେ ଜଣେ ନବୀନ ଯୁବକ କୃଷ୍ଣକାୟ ଅଶ୍ୱପୃଷ୍ଠରେ ତାଙ୍କ ପ୍ରତି ଧାବମାନ — ସଙ୍ଗେ ସଙ୍ଗେ ପ୍ରାୟ ଦୁଇ ସହସ୍ର ପାର୍ବତ୍ୟ ଅଶ୍ୱାରୋହୀ ତାଙ୍କର ଅନୁଗାମୀ । ତାଙ୍କୁ ବୁଝିବାକୁ ଆଉ ବାକୀ ରହିଲା ନାହିଁ ଯେ ମଳୟକେତୁ ତାଙ୍କର କଣ୍ଟପକ୍ଷ ସୈନ୍ୟ ଧରି ଆକ୍ରମଣ କରିବାକୁ ଆସୁଛନ୍ତି; ଅବଶିଷ୍ଟ ସୈନ୍ୟ ଅଳ୍ପ ସମୟ ପରେ ପହଞ୍ଚିବେ । ଚନ୍ଦ୍ରଗୁପ୍ତ କ୍ରୋଧରେ ଭୀଷଣ ହୁଙ୍କାର ଧ୍ୱନି କଲେ । ଚତୁର୍ଦ୍ଦିଗରେ ବିପଦ ଦେଖି ଆଜି ତାଙ୍କର ଆଉ କୌଣସି ସତର୍କତା ରହିଲା ନାହିଁ । ସମର-ଯଜ୍ଞରେ ପ୍ରାଣ-ଆହୁତି ଦେବାପାଇଁ ସେ ରକ୍ତାକ୍ତ ଅସି ଦୃଢ଼ ମୁଷ୍ଟିରେ ଧାରଣ କଲେ । ଥରେ ଇଷ୍ଟ-ଦେବଙ୍କ ନାମ ସ୍ମରଣ କରିବା କ୍ଷଣି 'ଜୟ ମହାରାଜ ଚନ୍ଦ୍ରଗୁପ୍ତଙ୍କ ଜୟ' ଧ୍ୱନି ନବାଗତ ସୈନ୍ୟଙ୍କ ମୁଖରୁ ଉତ୍ଥିତ ହେଲା । ଏ କି ଛଳନା-ନା ସତ୍ୟ ? ଚନ୍ଦ୍ରଗୁପ୍ତ କିଛିହିଁ ସ୍ଥିର କରିପାରିଲେ ନାହିଁ ।

Digitized by srujanika@gmail.com

ରଣାଙ୍ଗନରେ ମଳସ୍ୱସୂଦନ

Digitized by srujanika@gmail.com

ଦେଖୁ ଦେଖୁ ନବାଗତ ଗାନ୍ଧାର ସୈନ୍ୟ ଦୁଇଭାଗରେ ବିଭକ୍ତ ହୋଇଗଲେ । ଏକ ଦଳ ଜଣେ ପ୍ରବୀଣ ସେନାପତିଙ୍କ ଅଧୀନରେ ଗ୍ରୀକ ସୈନ୍ୟଙ୍କ ଦକ୍ଷିଣ ପାର୍ଶ୍ୱ ଏବଂ ଅନ୍ୟଦଳ ସେହି କୃଷ୍ଣବର୍ଣ୍ଣ ଯୁବକଙ୍କ ଅଧୀନରେ ବାମ ପାର୍ଶ୍ୱ ଆକ୍ରମଣ କଲେ । ଅଶ୍ୱାରୋହୀଗଣ ଏତେ କ୍ଷିପ୍ର ଯେ ସୁଶିକ୍ଷିତ ଗ୍ରୀକ ଅଶ୍ୱଗଣ ସୁଦ୍ଧା ସେମାନଙ୍କ ସଙ୍ଗେ ସମ କ୍ଷିପ୍ରତା ରକ୍ଷା କରିପାରିଲେ ନାହିଁ । ଗ୍ରୀକଗଣ ଏପରି ନୂତନ ଆକ୍ରମଣ ପାଇଁ ପ୍ରସ୍ତୁତ ନଥିଲେ । ତହିଁରେ ସମସ୍ତ ରାତ୍ରି ଜାଗରଣ ପରେ ମଧ୍ୟାହ୍ନ ବିଶ୍ରାମ ମଧ୍ୟ ସେମାନଙ୍କ ଭାଗ୍ୟରେ ଘଟି ନଥିଲା । ଏଣେ ହସ୍ତିବାହିନୀର ଶୃଙ୍ଖଳାଘାତରେ ସମସ୍ତଙ୍କ ହୃଦୟ ଶୁଷ୍କ ହୋଇଗଲା । ବର୍ତ୍ତମାନ ଏ ଅଶ୍ୱିନୀକୁମାରଙ୍କ ଆକ୍ରମଣରେ ସେମାନେ ଅଳ୍ପ ସମୟ ମଧ୍ୟରେ ଅବସନ୍ନ ହୋଇପଡ଼ିଲେ । ନବୀନ ଯୁବକ ସେଲୁକସଙ୍କୁ ଲକ୍ଷ୍ୟ କରି ଅଶ୍ୱଚାଳନା କଲେ ।

ପଶ୍ଚାତ୍‌ଦେଶରୁ ହସ୍ତିବାହିନୀ ମଧ୍ୟ ସେଲୁକସଙ୍କ ପ୍ରତି ଗତି କରୁଥିଲା । ଗୋଟିଏ ହସ୍ତୀର ଶୃଙ୍ଖଳାଘାତରେ ସେଲୁକସଙ୍କ ଅଶ୍ୱ ଧରାଶାୟୀ ହେଲା । ସେଲୁକସ ଅନ୍ୟ ଅଶ୍ୱ ଅନ୍ୱେଷଣ କରିବାକୁ ଉଦ୍ୟତ, ଏପରି ସମୟରେ ନବାଗତ ଯୁବକ ତରବାରି-ହସ୍ତରେ ତାଙ୍କ ଶିର ଲକ୍ଷ୍ୟ କଲେ । ଚନ୍ଦ୍ରଗୁପ୍ତ ସେହି ସ୍ଥାନରେ ଉପସ୍ଥିତ ହୋଇ ନିଜ ଅସିର ପ୍ରବଳ ଆଘାତରେ ଯୁବକଙ୍କ ଲକ୍ଷ୍ୟ ବ୍ୟର୍ଥ କରି ସଙ୍ଗେ ସଙ୍ଗେ ତାଙ୍କର ବହୁତ ପ୍ରଶଂସା କରିବାକୁ ଲାଗିଲେ । ମନେ ହେଲା, ଯେପରି ବହୁକାଳ ପୂର୍ବେ ସେ ତାଙ୍କୁ କେଉଁଠାରେ ଦେଖିଅଛନ୍ତି । ଦୂରରୁ ଅଶ୍ୱପୃଷ୍ଠରୁ ଚାଣକ୍ୟ ଆଦେଶ କଲେ, ବନ୍ଦୀ କର । ଚନ୍ଦ୍ରଗୁପ୍ତଙ୍କ ରକ୍ଷୀଗଣ ମୁହୂର୍ତ୍ତ ମଧ୍ୟରେ ସେଲୁକସଙ୍କୁ ବନ୍ଦୀ କଲେ । ସେଲୁକସଙ୍କ ଅଭିମାନ ଶିର ଅବନତ ହେଲା । ସମସ୍ତଙ୍କୁ ବିସ୍ମୟ ମୁଗ୍ଧ କରି ନବାଗତ ଯୁବକ

Digitized by srujanika@gmail.com

ସୈନ୍ୟ ସହ ଯେଉଁ ବାଟରୁ ଆସିଥିଲେ, ସେହି ବାଟରେ ପୁଣି ପ୍ରସ୍ଥାନ କଲେ ।

ଅଭିନବ ସନ୍ଧି

"As man's prayers are a disease of the will. sc are their creeds a disease of the intellect"

—Emerson.

ଆଜିର ନେତା କାଲିର ବନ୍ଦୀ । ଜଗତ୍‌ ବିଜେତା ସେଲୁକସ ଆଜି ମଗଧ କାରାଗାରରେ ବନ୍ଦୀ । ତାଙ୍କର ଗର୍ବ ଖର୍ବ ହୋଇଅଛି; କିନ୍ତୁ ଚନ୍ଦ୍ରଗୁପ୍ତଙ୍କ ପ୍ରତି, ସମଗ୍ର ଜାତି ପ୍ରତି ଦ୍ୱେଷ ଶତଗୁଣ ବୃଦ୍ଧି ପାଇ-ଅଛି । ସେ ଚନ୍ଦ୍ରଗୁପ୍ତଙ୍କୁ ଏହାର ସମୁଚିତ ପ୍ରତିଫଳ ନଦେଇ ଛାଡ଼ିବେ ନାହିଁ । କିନ୍ତୁ ପ୍ରଥମେ ସେ ମୁକ୍ତ ହେବା ଆବଶ୍ୟକ । ତେଣେ ପୁଣି ରାକ୍ଷସ ତାଙ୍କୁ ପ୍ରବଞ୍ଚିତ କରିଅଛନ୍ତି—ମଳୟକେତୁ ବିଶ୍ୱାସଘାତକତା କରି ଅଛନ୍ତି । ଏସବୁ ଭାବି ସେଲୁକସ ଅତ୍ୟନ୍ତ ବିଚଳିତ ଓ ଅସ୍ଥିର । ସେ ପିଞ୍ଜରାବଦ୍ଧ କେଶରୀ ପରି ବୃଥା ଗର୍ଜ୍ଜନ କରୁଅଛନ୍ତି ।

ସେଲୁକସଙ୍କର ସଭ୍ୟତାଭିମାନ ଚାଣକ୍ୟଙ୍କର ଅଜ୍ଞାତ ନଥିଲା । ସୁଯୋଗ ଉପସ୍ଥିତ ଦେଖି ତାଙ୍କର ସମସ୍ତ ଅହଂକାର ଚୂର୍ଣ୍ଣ କରିବା ପାଇଁ ଚାଣକ୍ୟ ଉପାୟ ସ୍ଥିର କରିଲେ । ତାଙ୍କ ମୁକ୍ତି ସକାଶେ ସେ କେତେକ ଗୂଢ଼ ଏବଂ ନୂତନ ପ୍ରଣୟନ କଲେ । ସେଥି ମଧ୍ୟରେ ପ୍ରଧାନ, ଯେ ତାଙ୍କ

Digitized by srujanika@gmail.com

କନ୍ୟା ଚନ୍ଦ୍ରଗୁପ୍ତଙ୍କୁ ପ୍ରଦାନ କରିବେ । ଏହା ଶ୍ରବଣ କରି ସେଲୁକସଙ୍କ କ୍ରୋଧର ସୀମା ରହିଲାନାହିଁ । ପ୍ରାଣ ଯାଉ, ଗ୍ରୀସ ଯାଉ, ଜଗତ ବିଧ୍ୱସ୍ତ ହେଉ, ସେ କଦାପି ବର୍ବର ହସ୍ତରେ ତାଙ୍କ ଦୁହିତା ସମ୍ପ୍ରଦାନ କରିବେ ନାହିଁ । ସେ ସ୍ଥିର କଲେ, ମୁକ୍ତ ଲାଭ ନକଲେ ମଗଧ କାରାଗାରରେ ଜୀବନର ଅନ୍ତିମ ନିଶ୍ୱାସ ଗ୍ରହଣ କରିବେ ପଛେ, କିନ୍ତୁ ଏପରି ଅପମାନକର ସନ୍ଧି ପତ୍ରରେ ସ୍ୱାକ୍ଷର କରିବେ ନାହିଁ । ସେ ତାଙ୍କ ପ୍ରତିଜ୍ଞା ଦୂତ ସମ୍ମୁଖରେ ଜ୍ଞାପନ କଲେ ।

ସେଲୁକସଙ୍କ ସଂକଳ୍ପ ଶୁଣି ଚାଣକ୍ୟ ସ୍ଥିର କଲେ, ସନ୍ଧି ପ୍ରସ୍ତାବର ସମସ୍ତ ସର୍ତ୍ତ ସେ ଅସି ଧାରରେ ଆଦାୟ କରିବେ । ଉଭୟଙ୍କର ପ୍ରତିଜ୍ଞା ବିଷୟ ଯଥା ସମୟରେ ହେଲେନଙ୍କ କର୍ଣ୍ଣଗୋଚର ହେଲା । ଚାଣକ୍ୟଙ୍କ ଆଦେଶରେ ହେଲେନଙ୍କର ସର୍ବତ୍ର ଅବାଧ ଗତି ଥିଲା । ସେ ପିତାଙ୍କ ସଙ୍ଗେ ଏ ବିଷୟର ଆଲୋଚନା ନିମନ୍ତେ ସାକ୍ଷାତ କଲେ । ପିତାଙ୍କ କାରାକ୍ଲେଶରେ ସେ ଦୁଃଖ ପ୍ରକାଶ କଲେ । ପିତା କ୍ରନ୍ଦନ କରି ତାଙ୍କୁ ସାନ୍ତ୍ୱନା ଦେବାକୁ ଲାଗିଲେ । ପରେ ହେଲେନ ସନ୍ଧି ବିଷୟର ଅବତାରଣା କଲେ । କ୍ରୋଧରେ ସେଲୁକସଙ୍କର ସର୍ବାଙ୍ଗ ପ୍ରକମ୍ପିତ ହେଲା । ସେ ହତାହତ ଜ୍ଞାନରହିତ ହୋଇ ଚନ୍ଦ୍ରଗୁପ୍ତ, ଚାଣକ୍ୟ ଓ ଭାରତବାସିଙ୍କ ପ୍ରତି ବିଜାତୀୟ ଘୃଣା ପ୍ରକାଶ କରିବାକୁ ଲାଗିଲେ । ପିତାଙ୍କୁ ପରିତ୍ୟାଗ କରି ହେଲେନ୍ ସ୍ୱର୍ଗରେ ମଧ୍ୟ ସୁଖଲାଭ କରିବେ ନାହିଁ । ତଥାପି ପିତାଙ୍କ ମୁକ୍ତି କାମନାରେ ସମସ୍ତ ସୁଖ ଶାନ୍ତି, ଐଶ୍ୱର୍ଯ୍ୟ ସମ୍ପଦ ଆବଶ୍ୟକ ବେଳେ ବଳି ଦେବାକୁ ହେବ, ଚନ୍ଦ୍ରଗୁପ୍ତଙ୍କୁ ବରଣ କରି ପିତାଙ୍କ ସ୍ୱାଧୀନତା କ୍ରୟ କରିବାକୁ ହେବ । ସେ ସନ୍ଧିପତ୍ରେ ସ୍ୱାକ୍ଷର ସକାଶେ ପିତାଙ୍କୁ ଅନୁରୋଧ କଲେ ।

Digitized by srujanika@gmail.com

ସେଲୁକସ ସନ୍ଦେହ କଲେ, ହେଲେନ ଚନ୍ଦ୍ରଗୁପ୍ତଙ୍କୁ ସ୍ନେହ କରନ୍ତି । ନାନା ସମୟରେ ଯୁକ୍ତି ତର୍କ ବେଳେ ସେଲୁକସ ଅନୁମାନ କରିଥିଲେ, ହେଲେନ କପଟ ଚନ୍ଦ୍ରଗୁପ୍ତଙ୍କର ସମ୍ମାନ ରକ୍ଷା କରିବାକୁ ଚେଷ୍ଟା କରନ୍ତି । ବର୍ତ୍ତମାନ ସେ ସ୍ପଷ୍ଟ ତାଙ୍କର ଏ ସନ୍ଦେହର ସମ୍ପୂର୍ଣ୍ଣ ଅନୁମୋଦନ କଲେ । ସେ ଆଉ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ । ତାଙ୍କର ଅଶଙ୍କିତ ଅଭିମାନ ଅତି ଭୟଙ୍କର ଆଘାତ ପ୍ରାପ୍ତ ହେଲା । ସେ କିଛି କହିନପାରି କେବଳ ଅଶ୍ରୁମୋଚନ କରିବାକୁ ଲାଗିଲେ । ଏଥିରୁ ହେଲେନ ଅନୁମାନ କଲେ, ତାଙ୍କୁ ତ୍ୟାଗ କରି ଏକାକୀ ରହିବାକୁ ହେବ ବୋଲି ପିତା ଅଶ୍ରୁମୋଚନ କରୁଅଛନ୍ତି, ପିତାଙ୍କ ପ୍ରତି ତାଙ୍କର ସ୍ନେହ ଗାଢ଼ତର ହେଲା । ସେ କହିଲେ, "ପିତା, ଚିରଦିନ ପିତା ଓ କନ୍ୟା ଏକତ୍ରବାସ କରିପାରିବେ ନାହିଁ । ସ୍ନେହର ବନ୍ଧନ ଦିନେ ନିଶ୍ଚୟ ଛିନ୍ନ କରିବାକୁ ହେବ, ଅନ୍ତର ବଳି ଦେବାକୁ ହେବ । ସ୍ୱାଧୀନତା ପାଇଁ ଆପଣଙ୍କୁ ମୋର ମାୟାମମତା ତ୍ୟାଗ କରିବାକୁ ହେବ ।"

ସେଲୁକସ ସ୍ଥିର କଲେ ହେଲେନ ସ୍ୱାଧୀନ ସୁଖ ପାଇଁ ଲାଳାୟିତା । ସେ ଆଉ କିଛି ଭାବି ପାରିଲେ ନାହିଁ—ଜଗତ ତାଙ୍କୁ ଅନ୍ଧକାର ଦେଖାଗଲା । ପୃଥିବୀ ଘୂରିଲା, କାରାଗୃହ କମ୍ପିତ ହେଲା । ଜନକ କନ୍ୟାର ସୁଖ ପଥରେ କଣ୍ଟକ ହୋଇ ରହିବାକୁ ସେ ଆଉ ଇଚ୍ଛା କଲେ ନାହିଁ । ଆଦରିଣୀ କନ୍ୟା ପାଇଁ ତାଙ୍କ ଜୀବନର ସମସ୍ତ ସାଧନା, ସମସ୍ତ ଯଶୋଲିପ୍ସା; ସମସ୍ତ ସାମ୍ରାଜ୍ୟ ପିପାସା । ସେହି କନ୍ୟା ଯଦି ଚନ୍ଦ୍ରଗୁପ୍ତଙ୍କ ଅନୁରାଗିଣୀ, ଚନ୍ଦ୍ରଗୁପ୍ତଙ୍କ ସହିତ ସଂସାର ବାହିନୀ ହେବ, ସେଲୁକସ କାହିଁକି ନିଜର ସଭ୍ୟତାଭିମାନ ଧରି ସେଥିରେ ଅନ୍ତରାୟ ହେବେ ? ସେ ଦ୍ୱିରୁକ୍ତି ବାକ୍ୟ ବ୍ୟୟରେ ସନ୍ଧିପତ୍ର ସ୍ୱାକ୍ଷର କରିଦେଲେ । ସନ୍ଧିର ସମସ୍ତ ସର୍ତ୍ତ ଏଠାରେ ପ୍ରଦତ୍ତ ହେଲା—

Digitized by srujanika@gmail.com

ପ୍ରଥମ—ସେଲୁକସ ଅଧିକାରରେ ଥିବା ଭାରତ ତ୍ୟାଗ କରିବେ ।

ଦ୍ୱିତୀୟ—ଭାରତ ସହିତ ଅନ୍ତଃକରଣରେ, ବ୍ୟବହାରରେ ବୈରଭାବ ପୋଷଣ କରିବେ ନାହିଁ । ଏହାର ନିଦର୍ଶନ ସ୍ୱରୂପ ଚନ୍ଦ୍ରଗୁପ୍ତଙ୍କ ସହ ତାଙ୍କ କନ୍ୟାର ବିବାହ ଦେବେ ।

ତୃତୀୟ – ଭାରତ ବାହାରେ ଥିବା ଗ୍ରୀକ ଅଧିକୃତ ପ୍ରଦେଶ ମଧ୍ୟରୁ କନ୍ୟାର ଯୌତୁକ ସ୍ୱରୂପ କାବୁଲ, ହିରାଟ, କାନ୍ଦାହାର ଓ ବେଲୁଚିସ୍ଥାନ ମଗଧ ସାମ୍ରାଜ୍ୟ ଭୁକ୍ତ କରିବେ ।

ଏହି ଯେ ଅଭିନବ ସନ୍ଧି, ସିରିଆ ଓ ଭାରତ ମଧ୍ୟରେ ସଂସ୍ଥାପିତ ହେଲା ତାହା ବହୁକାଳ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥିଲା । ଗ୍ରୀକବାହିନୀ ଚତୁରଙ୍ଗ ନଥିଲା । ସେଲୁକସଙ୍କ ଅନୁରୋଧରେ ଚାଣକ୍ୟ ତାଙ୍କୁ ପାଞ୍ଚଶତ ରଣହସ୍ତୀ ପ୍ରଦାନ କଲେ । ଗ୍ରୀକ ଐତିହାସିକଗଣ କୌଶଳ ସହକାରେ ଏହି ପାଞ୍ଚଶତ ହସ୍ତୀ ପ୍ରଦାନ ସନ୍ଧିର ଅନ୍ୟତମ ସର୍ତ୍ତ ଥିବା ଲିପିବଦ୍ଧ କରି ଗ୍ରୀସର ଟେକ ରଖିବା ପାଇଁ ଚେଷ୍ଟା କରିଅଛନ୍ତି ।

ମଗଧ ରାଜଧାନୀରେ ଦୂତ ସ୍ୱରୂପ ଅବସ୍ଥାନ କରିବା ପାଇଁ ମେଗାସ୍ଥିନିସ ନାମକ ଜଣେ ଗ୍ରୀକ ପଣ୍ଡିତ ପ୍ରେରିତ ହୋଇଥିଲେ । ତାଙ୍କର ଭାରତ ବିଦ୍ୱେଷ ସେଲୁକସଙ୍କ ପରି ଏତେ ମାତ୍ରାରେ ନଥିଲା । ସୁତରାଂ ସେ ଭାରତ ସମ୍ବନ୍ଧ ଯାହା ଲେଖି ଯାଇଅଛନ୍ତି, ସେଥିରୁ ତତ୍କାଳୀନ ଭାରତର ଅବସ୍ଥାର ବହୁ ତଥ୍ୟ ମିଳେ । ଦୁଃଖର ବିଷୟ, ମେଗାସ୍ଥିନିସଙ୍କ ବିବରଣୀ ସମ୍ପୂର୍ଣ୍ଣ ଭାବରେ ଐତିହାସିକଗଣଙ୍କର ହସ୍ତଗତ ହୋଇପାରିନାହିଁ । ତାଙ୍କ ବିବରଣୀରୁ ଜଣାଯାଏ, ମଗଧ ସାମ୍ରାଜ୍ୟ

Digitized by srujanika@gmail.com

ଅତ୍ୟନ୍ତ ସମୃଦ୍ଧିଶାଳୀ ଥିଲା । ଜ୍ଞାନର ଚର୍ଚ୍ଚା ଏବଂ ଶିଳ୍ପର ଉନ୍ନତି ସେ ସମୟରେ ବହୁ ପରିମାଣରେ ହୋଇଥିଲା । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରର ଯାହା ଅଛି, ସେଥିରୁ ଜଣାଯାଏ, ପାଟଳୀପୁତ୍ର ରାଜଧାନୀ ପରି ସର୍ବାଙ୍ଗ ସୁନ୍ଦର, ସୁଶାସିତ ନଗର ଅଦ୍ୟାପି ପୃଥିବୀରେ ଦେଖା ଦେଇନାହିଁ ।

ଭାଗୁରାୟଣ

"The beautiful laws and substances of the world persecute and whip the traitor."

—Emerson

ଯେଉଁଦିନ ଗ୍ରୀକ ଓ ମଗଧ ସୈନ୍ୟଙ୍କ ମଧ୍ୟରେ ଯୁଦ୍ଧ ହେଲା, ମଳୟକେତୁଙ୍କ ଶିବିରରେ ସେହିଦିନ ଅଭୂତପୂର୍ବ କେତେ ଘଟନା ସଂଘଟିତ ହୋଇଥିଲା । ରାକ୍ଷସ ଆଶା କରିଥିଲେ, ଗ୍ରୀକ ସୈନ୍ୟଙ୍କ ସହ ମିଳିତ ହୋଇ ଚନ୍ଦ୍ରଗୁପ୍ତଙ୍କର ଉଚ୍ଛେଦ ସାଧନ କରିବେ । କିନ୍ତୁ ଘଟଣା ସ୍ରୋତରେ ତାହା ବିପରୀତ ଫଳ ପ୍ରସବ କଲା । ତେଣେ ଗ୍ରୀକ ସୈନ୍ୟ ବିଧ୍ୱସ୍ତ ଓ ସେଲୁକସ ବନ୍ଦୀ ହେଲେ । ଏଣେ ରାକ୍ଷସଙ୍କ ଉଦ୍ୟମର ଷଡ଼-ଯନ୍ତ୍ର ଫଳରେ ସେ ନିଜେ ପରିତ୍ୟକ୍ତ, ଅପମାନିତ ଏବଂ ସମସ୍ତ ନିର୍ଭରତା ବିହୀନ ହୋଇ ବସିଲେ । ଯାହା ନିମନ୍ତେ ସେ ବିଦେଶୀୟ ଶତ୍ରୁର ସାହାଯ୍ୟ ଭିକ୍ଷା କରିଥିଲେ, ତାହା ସହିତ ସେହି ଦିନରୁ ଶତ୍ରୁ ହୋଇ ଉଠିଲେ ।

Digitized by srujanika@gmail.com

ପାଠକମାନଙ୍କର ସ୍ମରଣ ଥିବ, ଭାଗୁରାୟଣ ମଳୟକେତୁଙ୍କ ଆଶ୍ରୟ ନେଇଥିବା କଥା ଉପରେ ଚନ୍ଦ୍ରଗୁପ୍ତ ଓ ଚାଣକ୍ୟଙ୍କ ମଧ୍ୟରେ କୃତ୍ରିମତର୍କ ବେଳେ ଉତ୍ଥାପିତ ହୋଇଥିଲା । ଚାଣକ୍ୟ କହିଥିଲେ ଯେ ପର୍ବତକଙ୍କ ବନ୍ଧୁ ଥିବାରୁ ଭାଗୁରାୟଣ ମଳୟକେତୁଙ୍କ ପକ୍ଷ ଗ୍ରହଣ କରିଅଛନ୍ତି । କିନ୍ତୁ ପ୍ରକୃତ ପକ୍ଷରେ ଭାଗୁରାୟଣଙ୍କ ମଳୟକେତୁଙ୍କ ସହିତ ଯୋଗଦାନ ଚାଣକ୍ୟଙ୍କ ପ୍ରରୋଚନାରେ ହୋଇଥିଲା । ବିନା ପ୍ରୟୋଜନରେ ଚାଣକ୍ୟ କୌଣସି ଗୁପ୍ତ କଥା କାହାରିକି ପ୍ରକାଶ କରି କହୁନଥିଲେ । ସୁତରାଂ ଚନ୍ଦ୍ରଗୁପ୍ତ ସେ କଥାର ଆଭାସ ମାତ୍ର ପାଇନଥିଲେ । ରାକ୍ଷସ ଓ ମଳୟକେତୁ ଉଭୟଙ୍କ ମଧ୍ୟରେ ଶତ୍ରୁତା ସଂଘଟନ କରିବା ପାଇଁ ପ୍ରଚୁର ଅର୍ଥ ଦ୍ୱାରା ପୁରସ୍କୃତ ହୋଇ ଭାଗୁରାୟଣ ରାକ୍ଷସଙ୍କ ନିକଟରେ ବନ୍ଧୁଭାବରେ ଅବସ୍ଥାନ କରୁଥିଲେ । ସେ ମଳୟକେତୁଙ୍କର ଅକୃତ୍ରିମ ବନ୍ଧୁରୂପେ ପରିଚିତ ହୋଇଥିଲେ । କେହି ଶିବିର ତ୍ୟାଗ କଲାବେଳେ ତାଙ୍କଠାରୁ 'ମୁଦ୍ରା' (Pass-port) ନେବାକୁ ହେଉଥିଲା । ମଳୟକେତୁ ଓ ରାକ୍ଷସ ସମସ୍ତ ଗୁପ୍ତ ମନ୍ତ୍ରଣାରେ ଭାଗୁରାୟଣଙ୍କ ପରାମର୍ଶ ଆବଶ୍ୟକ କରୁଥିଲେ ।

ରାକ୍ଷସଙ୍କୁ ହସ୍ତଗତ କରି ମଗଧର ମନ୍ତ୍ରୀ ନିଯୁକ୍ତ କରିବା ପାଇଁ ଚାଣକ୍ୟଙ୍କର ସମସ୍ତ ଉଦ୍ୟମ । ସେହି ଉଦ୍ଦେଶ୍ୟରେ ଭାଗୁରାୟଣ, ସିଦ୍ଧାର୍ଥକ, ଜୀବସିଦ୍ଧି ଇତ୍ୟାଦି ଯଥା ସ୍ଥାନରେ ନିଯୁକ୍ତ । ଶାସନ ହିସାବରେ ରାକ୍ଷସ ପାରଦର୍ଶୀ, କିନ୍ତୁ ବୁଦ୍ଧି ହିସାବରେ ସେପରି ବିଚକ୍ଷଣ ନୁହନ୍ତି । ଚାଣକ୍ୟ ଯେପରି ଅଗନ୍ତୁକମାନଙ୍କୁ ନିଜ ବିଶ୍ୱାସର ପାତ୍ର କରନ୍ତିନାହିଁ, ରାକ୍ଷସ ସେପରି ସନ୍ଦେହ-ପ୍ରକୃତିକ ନୁହନ୍ତି । ସୁତରାଂ ସେ ଯେ ଗୋଟିଏ ଭୟଙ୍କର ଷଡ଼ଯନ୍ତ୍ର ମଧ୍ୟରେ ନିକ୍ଷେପିତ ହେବେ, ସେ କଥାର ଅଣୁମାତ୍ର ଅବଗତ ନୁହନ୍ତି ।

Digitized by srujanika@gmail.com

ଭାଗୁରାୟଣ ଏକାକୀ ଆସୀନ । ନିଜର ଅବସ୍ଥା ନେଇ ମ୍ରିୟମାଣ । କେବଳ ଅର୍ଥ ଲୋଭରେ ସେ ଯେଉଁ କାର୍ଯ୍ୟରେ ହାତ ଦେଇଅଛନ୍ତି, ଭରଣପୋଷଣ ପାଇଁ, ରାକ୍ଷସ ଓ ମଳୟକେତୁଙ୍କର ବିଶ୍ୱାସଭାଜନ ହୋଇ ତାଙ୍କର ପତନ ନିମନ୍ତେ ଯେଉଁ ଷଡ଼ଯନ୍ତ୍ରରେ ଲିପ୍ତ ଅଛନ୍ତି, ସେଥିପାଇଁ ସେ ବ୍ୟଥିତ । ଚାଣକ୍ୟଙ୍କ ଆଦେଶ ପାଳନ ନକଲେ ହିଁ ଚଳେ । ଚାଣକ୍ୟଙ୍କ କୁଟିଳ ନୀତି ସମ୍ବନ୍ଧେ ସେ ଚିନ୍ତିତ । ରାଜନୀତି କ୍ଷେତ୍ରରେ କୋମଳତା ବଳି ଦେବାକୁ ହେବ; ବିଶ୍ୱାସ, ସ୍ନେହ, ମାୟା ମମତା ବର୍ଜନ କରିବାକୁ ହେବ, କୃତ୍ରିମତା ଅବଲମ୍ବନ କରିବାକୁ ହେବ । ଏହା ମ୍ଳେଚ୍ଛ ଦେଶର ରାଜନୀତି । ଚାଣକ୍ୟ ମ୍ଳେଚ୍ଛମାନଙ୍କ ସକାଶେ ଏ ରାଜନୀତିର ଆଶ୍ରୟ ନେବା ଉଚିତ । କିନ୍ତୁ ଭାରତୀୟ ରାଜନୀତି ଯେ ସତ୍ୟ ଉପରେ, ଧର୍ମ ଉପରେ ପ୍ରତିଷ୍ଠିତ ! ଚାଣକ୍ୟ କହନ୍ତି, ସ୍ୱୟଂ ସତ୍ୟବାନ ଯୁଧିଷ୍ଠିର ମଧ୍ୟ ରାଜନୀତି କ୍ଷେତ୍ରରେ କୌଶଳ ଅବଲମ୍ବନ କରିଥିଲେ ।

ମଳୟକେତୁଙ୍କ ସ୍ନେହ କି ପ୍ରଗାଢ଼, ବିଶ୍ୱାସ କି ଅଟଳ ! ତଥାପି ଚାଣକ୍ୟଙ୍କ ଆଦେଶରେ ତାଙ୍କରି ଅନିଷ୍ଟ ସାଧନ କରିବାକୁ ହେବ । ସ୍ତ୍ରୀର ଅର୍ଥ ନିମନ୍ତେ, ପରିବାର ବର୍ଗଙ୍କ ବୈଷୟିକ ସୁଖସ୍ୱାଚ୍ଛନ୍ଦ୍ୟ ନିମନ୍ତେ, ସେ ସମସ୍ତ ସାଧୁତା ବର୍ଜନ କରିବାକୁ ବାଧ୍ୟ । ଆଉ ଚିନ୍ତା କଲେ କି ଲାଭ ? ଦାରିଦ୍ର୍ୟର କଶାଘାତରେ ସମସ୍ତ ମାନବିକତା ତାଙ୍କୁ ବର୍ଜନ କରିବାକୁ ହେବ । ଅଭାବଗ୍ରସ୍ତର ନୈତିକ ଜୀବନଯାପନ ଅସମ୍ଭବ, ଅସମ୍ଭବ । ଧନ୍ୟ ଚାଣକ୍ୟଙ୍କ କୁଟିଳନୀତି !

ରକ୍ଷୀ ସହ ମଳୟକେତୁ ଉପସ୍ଥିତ ହେଲେ । ଭାଗୁରାୟଣଙ୍କୁ ଚିନ୍ତାମଗ୍ନ ଦେଖି କିଛି ଦୂରରେ ସେ ଉପବେଶନ କଲେ । ପ୍ରହରୀ

Digitized by srujanika@gmail.com

ଅସି ଭାଗୁରାୟଣଙ୍କ ଚିନ୍ତା ଭଙ୍ଗ କରି କହିଲା, ଜଣେ ସନ୍ୟାସୀ 'ମୁଦ୍ରା' ପାଇଁ ତାଙ୍କର ସାକ୍ଷାତପ୍ରାର୍ଥୀ । ଭାଗୁରାୟଣଙ୍କ ଆଦେଶରେ ସନ୍ୟାସୀ ଭିତରେ ପ୍ରବେଶ କଲେ । ଭାଗୁରାୟଣ ଚିହ୍ନି ପାରିଲେ, ସନ୍ୟାସୀ ଅନ୍ୟ କେହି ନୁହେଁ; ସ୍ୱୟଂ ଜୀବସିଦ୍ଧି । ଭାଗୁରାୟଣ ପ୍ରଶ୍ନ କଲେ — "ବୋଧହୁଏ ଆପଣ ରାକ୍ଷସଙ୍କ କାର୍ଯ୍ୟରେ ଯାଉଅଛନ୍ତି ?" ସନ୍ୟାସୀ ଉତ୍ତର କଲେ, "ଭଗବାନ କରନ୍ତୁ, ସେପରି ସ୍ଥାନକୁ ଯିବି, ଯେଉଁଠାରେ ରାକ୍ଷସ କିମ୍ବା ପିଶାଚର ନାମ ଗନ୍ଧ ନଥିବ ।"

ପାଠକଙ୍କୁ ଏଠାରେ କହି ରଖିବା ଉଚିତ, ଭାଗୁରାୟଣ ଓ ଜୀବସିଦ୍ଧି ଚାଣକ୍ୟଙ୍କ ଆଦେଶ ମତେ କାର୍ଯ୍ୟ କରୁଅଛନ୍ତି । ରାକ୍ଷସଙ୍କ ଅନ୍ତରଙ୍ଗତା ଓ ସତତାରେ ମଳୟକେତୁଙ୍କ ସନ୍ଦେହ ଜାତ କରିବା ଉଭୟଙ୍କର ଉଦ୍ଦେଶ୍ୟ । ଅଥଚ ତାହା ହଠାତ୍ ନକରି ଧୀର ସ୍ଥିର ଭାବରେ କରିବାକୁ ହେବ । ଭାଗୁରାୟଣ ପୁଣି ପଚାରିଲେ, "ଆପଣ ତ ରାକ୍ଷସଙ୍କର ସୁହୃଦ୍ ବନ୍ଧୁ । ସମ୍ଭବତଃ ରାକ୍ଷସ କୌଣସି ଅନ୍ୟାୟ କରିଅଛନ୍ତି, ନୋହିଲେ ଅଭିମାନ ହୁଅନ୍ତା କାହିଁକି ?" ସନ୍ୟାସୀ କହିଲେ, "ନା, ନା, ମୁଁ ନିଜ କାର୍ଯ୍ୟ ପାଇଁ ଲଜ୍ଜିତ, ତାଙ୍କର କୌଣସି ଦୋଷ ନାହିଁ ।" ଭାଗୁରାୟଣ ଯେପରିକି ମଳୟକେତୁଙ୍କୁ ଦେଖିନାହାନ୍ତି । ଅଥଚ ମଳୟକେତୁ ଏ ସମସ୍ତ ଶୁଣନ୍ତୁ, ଏହା ତାଙ୍କ ଉଦ୍ଦେଶ୍ୟ । ସନ୍ୟାସୀଙ୍କ କଥାରେ ଯେପରି ତାଙ୍କର କୌତୁହଳ ବଢ଼ିଅଛି, ସେପରି ଛଳନା କରି ସେ ପଚାରିଲେ, "କିନ୍ତୁ ଯେ ବୁଝିପାରୁ ନାହିଁ । ରହସ୍ୟ ଫିଟାଇ କହ ।" ସନ୍ୟାସୀ ଆପତ୍ତି କରିବାରୁ ଭାଗୁରାୟଣ କହିଲେ, "ଯଦି ଏହା ଗୋପନୀୟ, ତାହାହେଲେ ପ୍ରକାଶ କରିବା ଆଉ ଆବଶ୍ୟକ ନାହିଁ ।"

ଜୀବସିଦ୍ଧି — ନା, ସେପରି କିଛି ନୁହେଁ । ତଥାପି ସେ କଥା ପ୍ରକାଶ କରିବା ଉଚିତ ମନେ କରୁନାହିଁ ।

Digitized by srujanika@gmail.com

ଭାଗୁ—ତାହାହେଲେ ଶିବିର ତ୍ୟାଗ କରିବା ପାଇଁ ମୁଁ 'ମୁଦ୍ରା' ଦେବ ନାହିଁ ।

ଜୀବସିଦ୍ଧି—ତେବେ ଆଉ ଗତି କଅଣ ? ଶୁଣନ୍ତୁ, ମୁଁ ରାକ୍ଷସଙ୍କ ବନ୍ଧୁ ଭାବରେ ପୁଷ୍ପପୁରଠାରେ ଥିବାବେଳେ 'ସେ ମୋ ହସ୍ତରେ ବିଷକନ୍ୟା ପଠାଇ ନିର୍ଦ୍ଦୋଷ ପର୍ବତେଶ୍ୱରଙ୍କୁ ଗୋପନରେ' ହତ୍ୟା କଲେ । ମୋର ବନ୍ଧୁ ଦ୍ୱାରା ଏପରି ନୃଶଂସ ବ୍ୟାପାର ଅଗୌରବର ବିଷୟ ବୋଲି ପ୍ରକାଶ କରିବାକୁ ମୁଁ ପଶ୍ଚାତ୍‌ପଦ ।

ମଳୟକେତୁ କୌତୂହଳୀ ହୋଇ ସମସ୍ତ କଥା ଶୁଣୁଥିଲେ । କୌଶଳକ୍ରମେ ଚାଣକ୍ୟହିଁ ତାଙ୍କ ପିତାଙ୍କୁ ହତ୍ୟା କରିଥିବା କଥା ଏ ପର୍ଯ୍ୟନ୍ତ ସେ ବିଶ୍ୱାସ କରିଥିଲେ । ରାକ୍ଷସଙ୍କ ପରି ବିଶ୍ୱସ୍ତ ବନ୍ଧୁ ଏଡ଼େ କାଣ୍ଡ କରିଥିବେ, ତାହା ତାଙ୍କ କଳ୍ପନାର ଅତୀତ ଥିଲା । କିନ୍ତୁ ବର୍ତ୍ତମାନ ଜୀବସିଦ୍ଧିଠାରୁ ଏ କଥା ଶୁଣି ତାଙ୍କ ଶରୀର କ୍ରୋଧରେ ଥର-ହର କମ୍ପିବାକୁ ଲାଗିଲା । ସେ ନିର୍ବାକ୍ ହେଲେ—ଦାରୁଣ ବେଦନାରେ ତାଙ୍କର ବାକ୍ ସ୍ଫୁରଣ ହେଲା ନାହିଁ । ସେ ଅତି କଷ୍ଟରେ ଆତ୍ମ ସମ୍ବରଣ କରି ଅଧିକ ସମ୍ବାଦ ଶୁଣିବା ପାଇଁ ଉଦ୍‌ବିଗ୍ନ ହେଲେ ।

ଭାଗୁରାୟଣ—ପରେ କଅଣ ହେଲା ?

ଜୀବସିଦ୍ଧି—ମୁଁ ରାକ୍ଷସଙ୍କ ବନ୍ଧୁ ବୋଲି ଜାଣିପାରି ଚାଣକ୍ୟ ମୋତେ ଅପମାନିତ ଓ ବିତାଡ଼ିତ କଲେ । ବର୍ତ୍ତମାନ ରାକ୍ଷସ ସେପରି ଆଉ ଏକ ଦୁଷ୍କାର୍ଯ୍ୟ କରିଅଛନ୍ତି, ଯାହା ପାଇଁ ପୃଥିବୀରୁ ମୋତେ ଚିରବିଦାୟ ନେବାକୁ ହେବ ।

Digitized by srujanika@gmail.com

ଭାସୁ— ଚାଣକ୍ୟ ପର୍ବତକଙ୍କୁ ଅର୍ଦ୍ଧରାଜ୍ୟ ଦେବା ପାଇଁ ପ୍ରତିଶ୍ରୁତ ଥିଲେ । ସୁତରାଂ ସେହି ଅର୍ଦ୍ଧରାଜ୍ୟ ରକ୍ଷା ନିମନ୍ତେ ଚାଣକ୍ୟହିଁ ତାଙ୍କୁ ହତ୍ୟା କରିଥିବା ସମ୍ବାଦ ସର୍ବଜନ ଓ ଆମ୍ଭମାନଙ୍କର ମଧ୍ୟ ବିଦିତ ।

ଜୀବ—ରାମ ରାମ । ଚାଣକ୍ୟ ହତ୍ୟା କରିଥିବା କଥା ଦୂରରେ ଥାଉ, ବିଷକନ୍ୟାର ନାମ ଗନ୍ଧ ଜାଣନ୍ତି ନାହିଁ । ପୁଣି ସେ ଉଦ୍ଦେଶ୍ୟ ଥିଲେ କୁମାର ମଳୟକେତୁଙ୍କ ଅକସ୍ମାତ୍ ମଗଧ ତ୍ୟାଗରେ ଦୁଃଖିତ ହୋଇ ଚାଣକ୍ୟ ପର୍ବତକଙ୍କ ଭ୍ରାତା ବୈରୋଧକଙ୍କୁ ଅର୍ଦ୍ଧ ରାଜ୍ୟରେ ଅଭିଷେକ କରନ୍ତେ କିପରି ?

ମଳୟକେତୁ ସରଳ ବିଶ୍ୱାସୀ । ପଲ୍ଲୀର ନିଭୃତ କୋଡ଼ରେ— ଯେଉଁଠାରେ ନଗରର କୃତ୍ରିମ ସଭ୍ୟତା ଓ ତାହାର ଆନୁସଙ୍ଗିକ ଦୋଷ ଆଦି ପ୍ରବେଶ କରି ନଥାଏ, ସେହି ନିର୍ଦ୍ଦୋଷ ସରଳ ସୁନ୍ଦର ପଲ୍ଲୀରେ ସେ ଲାଳିତ, ପାଳିତ ଓ ପରିବର୍ଦ୍ଧିତ । ସୁତରାଂ ସେ ଏତେ ଛଳନା ଚାତୁରୀ କପଟତା ମଧ୍ୟରେ ନଥିଲେ । ତେଣୁ ତାଙ୍କ ମୁଖରୁ ଏପରି ତଥ୍ୟ ପାଇ ସେ ହତବୁଦ୍ଧି ହେଲେ । କ୍ରୋଧ, ପ୍ରତିହିଂସା ଏକାବେଳକେ ତାଙ୍କୁ ଉନ୍ମତ୍ତ କଲା । ସେ ଅତି ସ୍ଥିର ହୋଇପାରିଲେ ନାହିଁ । କିନ୍ତୁ ଚାଣକ୍ୟଙ୍କର ଭାଗୁରାୟଣଙ୍କ ପ୍ରତି ବିଶେଷ ଉପଦେଶ, ସେ ମଳୟକେତୁ ଓ ରାକ୍ଷସ ମଧ୍ୟରେ ବୈରଭାବ ଜନ୍ମାଇବେ, କିନ୍ତୁ ସାବଧାନତା ସହକାରେ ରାକ୍ଷସଙ୍କର ପ୍ରାଣରକ୍ଷା କରିବେ । ମଳୟକେତୁଙ୍କ ଚିନ୍ତାର ଗତି ପରିବର୍ତ୍ତନ କରିବା ପାଇଁ ଭାଗୁରାୟଣ କହିଲେ—"କୁମାର, ବିଚଳିତ ହେଲେ କୌଣସି ଫଳ ହୁଏ ନାହିଁ । ଧୈର୍ଯ୍ୟ ଧରନ୍ତୁ, ଆପଣଙ୍କ ସହିତ ଅନେକ ପରାମର୍ଶ କରିବାକୁ ହେବ ।"

Digitized by srujanika@gmail.com

ମଳୟକେତୁ କୌଣସି କଥା ଆଉ ଶୁଣିପାରିଲେ ନାହିଁ । ସେ ଦନ୍ତରେ ଦନ୍ତ ଘର୍ଷଣ କରି ରାକ୍ଷସଙ୍କୁ ସମୁଚିତ ପ୍ରତିଫଳ ଦେବା ଚିନ୍ତା କରିବାକୁ ଲାଗିଲେ । ସେତେବେଳେ ମଳୟକେତୁ ଉନ୍ମତ୍ତ, ବଧିର । ଚେତାଶକ୍ତି ଯେ ସେ ପର୍ଯ୍ୟନ୍ତ ଜୀବିତ !

ଜାଲପତ୍ର

"And the crimes of a single individual marked and punished at the distance of half the earth."

—Dr Thomas Brown

ଏ ସବୁ କାଣ୍ଡ ଚାଣକ୍ୟଙ୍କର ଅପୂର୍ବ ସୃଷ୍ଟି—ରାକ୍ଷସଙ୍କର କୌଣସି ହାତ ଏଥିରେ ନାହିଁ, ସତ, କିନ୍ତୁ ଈର୍ଷାରେ ସେ ଶକଟାରଙ୍କର ଯେ ଭାବରେ ଉଚ୍ଛେଦ ସାଧନ କରିଥିଲେ, ଯେ ଭାବରେ ତାଙ୍କର ସମସ୍ତ ପରିବାରଙ୍କର ନିର୍ମମ ଶୋଚନୀୟ ମୃତ୍ୟୁ ସଂଘଟନ କରିଥିଲେ, ତାହା ବିଶ୍ୱ ସୃଷ୍ଟିରୁ ବିଲୁପ୍ତ ହେବାର ନୁହେ । ତାହାର ପ୍ରତିକ୍ରିୟା ଆଜି ତିର୍ଯ୍ୟକ୍ ଗତିରେ ଘୂରି ଆସି ଯେ ବିଷମୟ ଫଳ ଧାରଣ କରୁଅଛି, ପାଠକମାନେ ଏଠାରୁ ଅନୁଧାବନ କରନ୍ତୁ ।

ମଳୟକେତୁଙ୍କ କ୍ରୋଧ ଉପଶମ କରିବା ସଙ୍ଗେ ସଙ୍ଗେ ରାକ୍ଷସଙ୍କ ପ୍ରତି ପ୍ରଗାଢ଼ ଅସୂୟାର ଉଦ୍ରେକ କରିବା ପାଇଁ ଭାଗୁରାୟଣ ନାନା କଳ୍ପନା କଲେ । ନାନା ପ୍ରକାରରେ ତାଙ୍କୁ ଆଶ୍ୱାସନା ଦେବାକୁ

Digitized by srujanika@gmail.com

ଲଭିଲେ । କାହିଁରେ ତାଙ୍କ ଅନ୍ତର୍-ଜ୍ୱାଳା ନିର୍ବାପିତ ହେଲନାହିଁ । ଅବଶେଷରେ ଭାଗୁରାୟଣ କହିଲେ—"କୁମାର, ରାଜନୀତିର ରୀତି ହିଁ ଏହି ପ୍ରକାର । ଶତ୍ରୁକୁ ମିତ୍ର ଓ ମିତ୍ରକୁ ଶତ୍ରୁ କରିବା ରାଜନୀତିର ଲକ୍ଷଣ ମାତ୍ର । ଯାହା ଅନ୍ୟତ୍ର ଅନ୍ୟାୟରୂପେ ବର୍ଜିତ, ରାଜନୀତି-କ୍ଷେତ୍ରରେ ତାହା ସେପରି ନୁହେ । ସାଧାରଣ ନ୍ୟାୟାନ୍ୟାୟର ସୀମା ଆବଶ୍ୟକମତେ ରାଜନୀତି ଅତିକ୍ରମ କରିଥାଏ । ଯିଏ ସେ ସେକନ୍ଦର ସାହା ସୁଦୂର, ମାସିଡୋନିଆରୁ ଆସି ଭାରତ ଆକ୍ରମଣ କଲେ, ଅପର ରାଜ୍ୟର ସୁଖଶାନ୍ତି ଐଶ୍ୱର୍ଯ୍ୟ ନଷ୍ଟକଲେ, ଅର୍ଥାତ୍ ତାଙ୍କର ଯେ ପରଶ୍ରୀ-କାତରତା ନୀତିଶାସ୍ତ୍ରରେ ଦୋଷାବହ, ତାହା ରାଜନୀତିର ଅଂଶବିଶେଷ ମାତ୍ର । ପର୍ବତକଙ୍କ ନିଦାରୁଣ ହତ୍ୟା, ରାକ୍ଷସ ରାଜନୀତି-ହିସାବରେ କର୍ତ୍ତବ୍ୟ ମନେକଲେ । ତାଙ୍କ ଉଦ୍ଦେଶ୍ୟ, ପର୍ବତକ ଜୀବିତ ଥିଲେ ଚନ୍ଦ୍ରଗୁପ୍ତଙ୍କୁ ଦମନ କରି 'ହେବନାହିଁ । ସେ ତାଙ୍କ ହିସାବରେ ନିଜ ଉଦ୍ଦେଶ୍ୟ-ସିଦ୍ଧି-ପଥ ପରିଷ୍କାର କରିଅଛନ୍ତି । ତାହା ବୋଲି ହଠାତ୍ କଳହ କରି ନନ୍ଦରାଜ୍ୟ ଅଧିକାର ପୂର୍ବରୁ ତାଙ୍କୁ ତ୍ୟାଗ କରିବା ରାଜନୀତିଜ୍ଞ ପକ୍ଷରେ ସୁବିବେଚନାର କାର୍ଯ୍ୟ ହେବନାହିଁ । 'ପ୍ରଥମେ ମଗଧ ବିଜୟ, ତା'ପରେ ରାକ୍ଷସଙ୍କ ପ୍ରତି ଇଚ୍ଛାନୁରୂପ ବ୍ୟବହାର ।

ମଳୟକେତୁ କହିଲେ—ଏପରି ରାଜନୀତି କି ମୁଁ ଅନ୍ତର ସହିତ ଘୃଣା କରେ । ଯେଉଁଠାରେ ହୃଦୟ ହୃଦୟର ମିଳନ ନାହିଁ, ଶତ୍ରୁ ମିତ୍ରର ପାର୍ଥକ୍ୟ ନାହିଁ, ପାପ ପୁଣ୍ୟର ପ୍ରଭେଦ ନାହିଁ, ସେଠାରେ ରାଜନୀତି ନାମରେ ପାପ ଅର୍ଜ୍ଜନ କରିବା ଅସଙ୍ଗତ । ସେ ଯାହାହେଉ, ରାକ୍ଷସଙ୍କ ସହିତ କୃତ୍ରିମ ସଖ୍ୟ ରକ୍ଷା କରି ଚଳିବାକୁ ହେବ ।

Digitized by srujanika@gmail.com

ଏପରି ସମୟରେ ଭାଗୁରାୟଣଙ୍କ ରକ୍ଷୀଗଣ ଜଣେ ଲୋକକୁ ଧରି ଆସିଲେ । ତାହାର ଅପରାଧ, ସେ ବିନା 'ମୁଦ୍ରା'ରେ ଶିବିର ତ୍ୟାଗ କରିବାକୁ ଚେଷ୍ଟା କରୁଥିଲା । ଭାଗୁରାୟଣ ପ୍ରଶ୍ନ କଲେ, "ତୁମେ କିଏ ? 'ମୁଦ୍ରା' ନପାଇ ଶିବିରରୁ କିପରି ବହିର୍ଗତ ହେଉଥିଲ ?"

ଉ—ଆଜ୍ଞା, ମୁଁ ରାକ୍ଷସଙ୍କ ଅନୁଚର । ବିଶେଷ ପ୍ରୟୋଜନ ଥିବାରୁ ବିଳମ୍ବରେ କାର୍ଯ୍ୟ ସିଦ୍ଧ ହେବନାହିଁ ଭାବି, ଉଦ୍ବିଗ୍ନ ହୋଇ ବାହାରି ଯାଉଥିଲି ।

ପ୍ର—ରାଜାଜ୍ଞା ଅମାନ୍ୟ କରି ତୁମେ ଅପରାଧୀ ହୋଇଅଛ । କାହିଁକି ଏପରି ଯାଉଥିଲ, ଶୀଘ୍ର କହ ।

ଏହି ଲୋକଟି ସିଦ୍ଧାର୍ଥକ, ଚାଣକ୍ୟଙ୍କ ପ୍ରେରିତ ଗୁପ୍ତଚର । ସିଦ୍ଧାର୍ଥକଙ୍କ ହାତରେ ଗୋଟିଏ ମୋହରାଙ୍କିତ ପତ୍ର ଥିଲା । ମଳୟକେତୁ ଯେତେବେ ତାହା ଦେଖିବା ପାଇଁ ଇଚ୍ଛା ପ୍ରକାଶ କଲେ, ଭାଗୁରାୟଣ ତାଙ୍କ ହାତରୁ ପତ୍ରଟି ଛଡ଼ାଇ ନେଇ ଦେଖିଲେ, ସେଥିରେ ରାକ୍ଷସଙ୍କ ନାମାଙ୍କିତ ମୋହର ଦିଆ ଯାଇଅଛି । ମୋହର ନଷ୍ଟ ନକରି ସତର୍କ ଭାବରେ ପତ୍ରର ଆବରଣ ଉନ୍ମୋଚନ କରିବା ପାଇଁ ମଳୟକେତୁ କହିଲେ । ଭାଗୁରାୟଣ ଦେଖିଲେ, କିଏ କେଉଁ ସ୍ଥାନରୁ କାହାପାଖକୁ ଲେଖିଛି, ପତ୍ରରେ ଏ ସବୁ କିଛି ନାହିଁ । ମଳୟକେତୁ ପତ୍ର ପାଠକଲେ—

"ଆମ୍ଭର ଶତ୍ରୁ ଚାଣକ୍ୟଙ୍କୁ ପଦଚ୍ୟୁତ କରି ସତ୍ୟପରାୟଣତାର ଯଥେଷ୍ଟ ପରିଚୟ ଦେଇଅଛନ୍ତି । ଆମ୍ଭର ଯେଉଁ ମିତ୍ରବର୍ଗ ସନ୍ଧି-

Digitized by srujanika@gmail.com

ସୂତ୍ରରେ ଆବଦ୍ଧ, ସେମାନଙ୍କୁ ଯଥାସମୟରେ ପୁରସ୍କୃତ କରିବା ଆଶା ଦେଇ ବୁଦ୍ଧିମାନର କାର୍ଯ୍ୟ କରିଅଛନ୍ତି । ବର୍ତ୍ତମାନ ସେମାନଙ୍କୁ ତାହା ଦେବାର ସମୟ ଆସିଅଛି । ଅନୁଗ୍ରହ ଲାଭ କଲେ ସେମାନେ ବର୍ତ୍ତମାନର ଆଶ୍ରୟ ଧ୍ୱଂସ କରି ଆପଣଙ୍କ ଆଶ୍ରୟ ଗ୍ରହଣ କରିବେ । ଆପଣ ଏହା ବିସ୍ମୃତ ହୋଇ ନଥିଲେହେଁ ସ୍ମରଣ କରାଇ ଦେଉଅଛି । ସେମାନଙ୍କ ମଧ୍ୟରୁ କେହି କେହି ପ୍ରଭୂତ ଅର୍ଥ-ପ୍ରାର୍ଥୀ, କେହି ସେନା-ନାୟକତ୍ୱ ପ୍ରାର୍ଥୀ, କେହିବା ଭୂମି-ବୃତ୍ତି-ପ୍ରାର୍ଥୀ । ଅଳଙ୍କାର ଢେନୋଟି ପ୍ରାପ୍ତ ହୋଇଅଛି । ବିଶ୍ୱାସ ନିମନ୍ତେ ମୁଁ ମଧ୍ୟ ଏକ ସଙ୍କେତ ପ୍ରେରଣ କରିଅଛି, ଗ୍ରହଣ କଲେ ପ୍ରୀତ ହେବି । ଅନ୍ୟାନ୍ୟ ଯାହା ବକ୍ତବ୍ୟ ବିବରଣ, ଅମୂର ଏହି ବିଶ୍ୱସ୍ତ, ଭୃତ୍ୟ ସିଦ୍ଧାର୍ଥକଠାରୁ ମୌଖିକ ଶ୍ରବଣ କରିବେ ।" ପତ୍ରର ନିମ୍ନଭାଗରେ ରାକ୍ଷସଙ୍କ ମୋହର ଅଙ୍କିତ ।

ମଳୟକେତୁଙ୍କର ବିସ୍ମୟ ବୃଦ୍ଧିହେଲା । ଭାଗୁରାୟଣ ପୁଣି ପ୍ରଶ୍ନ-କଲେ "ଏ କାହାର ପତ୍ର ?"

ସିଦ୍ଧାର୍ଥକ—ମୁଁ ଜାଣେ ନାହିଁ ।

ଭାଗୁ—ପତ୍ର-ବାହକ ହୋଇ କାହାର ପତ୍ର ଜାଣନା, ଏ କିରୂପ କଥା ? ଏଠାରେ ଛଳନା, ଗୃତୁର୍ଣ୍ଣ ବହୁକ୍ଷଣ ଚଳିବ ନାହିଁ । ପ୍ରଶ୍ନର ଠିକ୍ ଉତ୍ତର ଦିଅ । ତୁମଠାରୁ ମୌଖିକ ସମ୍ବାଦ କିଏ ଶୁଣିବ ?

ସିଦ୍ଧାର୍ଥକ—ଆପଣମାନେହିଁ ଶୁଣିବେ ।

ଏ କଥାରେ ଉଦ୍ଧତ୍ୱର ଲକ୍ଷଣ ଦେଖି ରୋଷ କଷାୟିତ ନୟ-ନରେ ଭାଗୁରାୟଣ କହିଲେ—"କ'ଣ, ଆମ୍ଭେମାନେହିଁ ଶୁଣିବୁ ? ଅଚ୍ଛା ।"

Digitized by srujanika@gmail.com

ସେ ପ୍ରହରୀଙ୍କ ଦ୍ୱାରା ସିଦ୍ଧାର୍ଥକକୁ ବାହାରକୁ ନେବାପାଇଁ ଇଙ୍ଗିତ କଲେ । ପ୍ରହରୀ ତାଙ୍କୁ ନେଇ ପ୍ରହାର କରିବାକୁ ଉଦ୍ୟତ ହେବା କ୍ଷଣି ଗୋଟିଏ ବୁଜୁଲି ତାଙ୍କ କାଖରୁ ଖସି ପଡ଼ିଲା । ପ୍ରହରୀ ତାହା ନେଇଆସି ଭାଗୁରାୟଣଙ୍କୁ ପ୍ରଦାନ କଲା । ବୁଜୁଲିର ଗଣ୍ଠିରେ ରାକ୍ଷସଙ୍କ ମୋହର । ବୁଜୁଲି ଫିଟାଇ ପରୀକ୍ଷା କରିବାରେ ଦେଖାଗଲା, ମଳୟକେତୁଙ୍କ ରାକ୍ଷସଙ୍କୁ ପ୍ରଦତ୍ତ ଉପହାର ସ୍ୱରୂପ ଅଳଙ୍କାରଗୁଡ଼ିକ ସେଥିରେ ଅଛି । ସେଥିରୁ ସେ ଅନୁମାନ କଲେ ଯେ ପତ୍ର ଓ ଅଳଙ୍କାର ଚନ୍ଦ୍ରଗୁପ୍ତଙ୍କ ଉଦ୍ଦେଶ୍ୟରେ ପ୍ରେରିତ । ଭାଗୁରାୟଣ ପ୍ରହରୀଙ୍କ ପ୍ରତି ସଙ୍କେତ କଲେ । ପ୍ରହରୀ ଭୀଷଣଭାବରେ ସିଦ୍ଧାର୍ଥକକୁ ପ୍ରହାର କରିବାକୁ ଉଦ୍ୟତ ହେଲାରୁ ସେ ଭୟରେ ଛଳନା କରି ସମସ୍ତ ପ୍ରକାଶ କରିବାକୁ କହିଲେ । ସେ ପ୍ରଥମେ ମଳୟକେତୁଙ୍କଠାରୁ ଅଭୟ ପ୍ରାର୍ଥନା କଲେ । ଅଭୟ ପ୍ରାପ୍ତ ହୋଇ ସେ ପତ୍ରଟି ଚନ୍ଦ୍ରଗୁପ୍ତଙ୍କଠାକୁ ଯାଉଥିବାର କହିଲେ । ମଳୟକେତୁଙ୍କ ପ୍ରଶ୍ନରେ ସିଦ୍ଧାର୍ଥକ କହିଲେ, "ମୌଖିକ ଭାବରେ ଏତିକି କହିବା ପାଇଁ ରାକ୍ଷସ ମୋତେ ଉପଦେଶ ଦେଇ ଅଛନ୍ତି—ଆପଣଙ୍କ ମିତ୍ର ରାଜନ୍ୟବର୍ଗଙ୍କ ମଧ୍ୟରୁ ସିଂହନାଦ, କୁଳୂତଦେଶ ରାଜା ଚିତ୍ରବର୍ମା, କାଶ୍ମୀର ରାଜା ପୁଷ୍କରାକ୍ଷ, ଏ ତିନିଜଣ ଆପଣଙ୍କ ରାଜ୍ୟ ପ୍ରାର୍ଥୀ । ସିନ୍ଧୁରାଜ ପରନ୍ତପ ଏବଂ ପାରସ୍ୟ ରାଜ ମେଘାକ୍ଷ ଯଥାକ୍ରମେ ଆପଣଙ୍କର କୋଷ ଓ ହସ୍ତୀ-ସେନା-ପ୍ରାର୍ଥୀ । ସମସ୍ତେ ସନ୍ଧି-ସୂତ୍ରରେ ଆବଦ୍ଧ ହୋଇଅଛନ୍ତି । ଚାଣକ୍ୟଙ୍କୁ ପଦଚ୍ୟୁତ କରି ରାକ୍ଷସଙ୍କୁ ଯେପରି ପ୍ରୀତ କରିଅଛନ୍ତି, ଏମାନଙ୍କ ପ୍ରାର୍ଥନା ପୂର୍ତ୍ତି କରି ସେପରି ପ୍ରୀତି ସମ୍ପାଦନ କରିବେ । ଏତିକି ମୌଖିକ ସମ୍ବାଦ ।"

ମଳୟକେତୁ ରାକ୍ଷସଙ୍କୁ ଆହ୍ୱାନ କଲେ ।

Digitized by srujanika@gmail.com

ଚିନ୍ତାର ପରିଣାମ

"Alas! till now I had not known,
My guide and fortune's guide are one.
—Hafiz

ନିଷ୍ଠୁରତର କିମ୍ବା ମନ୍ଥର, କିନ୍ତୁ ଅକାଟ୍ୟ । ଏହାର ନିୟମ ଯେ ଯେତେ ଅମାନ୍ୟ କରିବାକୁ ଯାଏ, ସେ ସେତେ ପରାଜିତ ହୁଏ । ଆଜି ଯଦି ତୁମେ କାହାର ଅନିଷ୍ଟ କଳ୍ପନା ବା ଚିନ୍ତା କର, କାଲି ସେହି ଚିନ୍ତା ଶତ ଶତ ସମଚିନ୍ତା ଧରି ମୂର୍ତ୍ତି ଅନିଷ୍ଟ ହୋଇ ତୁମର ଦ୍ୱାରେହିଁ ଉପସ୍ଥିତ ହେବ । ଏ ପାର୍ଥିବ ଜଗତର ସମସ୍ତ ଜୀବିତ ପ୍ରାଣୀ ସେହି ଚିନ୍ତା-ସ୍ରୋତ ଦ୍ୱାରା ନିୟନ୍ତ୍ରିତ । ସେ ଚିନ୍ତାସ୍ରୋତରେ ଭଗବାନ ଶ୍ରୀକୃଷ୍ଣଙ୍କ ଚିନ୍ତାଠାରୁ ଆରମ୍ଭ କରି ସାମାନ୍ୟ କୃଷକର କ୍ଷୁଦ୍ର ନିକୃଷ୍ଟ ସ୍ଥୂଳ ଚିନ୍ତା ପର୍ଯ୍ୟନ୍ତ ସଞ୍ଚିତ ରହିଅଛି । ଯାହାର ଚିନ୍ତା ଯେତେ ବଳବତୀ, ତାହାର କାର୍ଯ୍ୟ ସେତେ କ୍ଷିପ୍ର । ପ୍ରତ୍ୟେକ ମାନବର ଚିନ୍ତା-କେନ୍ଦ୍ର ଅଛି । ଯାହାଙ୍କ ଚିନ୍ତା କ୍ଷୁଦ୍ର, ଦୁର୍ବଳ, ପ୍ରତ୍ୟେକଙ୍କର ଚିନ୍ତା-କେନ୍ଦ୍ରରୁ ଆହରଣ କରି ତାହାର ଚିନ୍ତା ସମୂହରେ ବୃହତ୍ ଚିନ୍ତା ତରଙ୍ଗରେ ପରିଣତ ହୋଇ ତାହାଠାକୁ ଫେରି ଆସିବ । ମହାତ୍ମାମାନେ ଚିନ୍ତା କଲାମାତ୍ରେ ତାହା ଅଚିରେ ରକ୍ତ-ମାଂସ-ଶରୀର ଧାରଣ କରି ଜଗତରେ ବିସ୍ମୟକର କାର୍ଯ୍ୟ କରିଯିବ । ଚିନ୍ତାର ସନ୍ତାନ ଜଗତରେ ଅସାଧ୍ୟ ସାଧନ କରେ, ସମଗ୍ର ଜଗତକୁ ମନ୍ତ୍ରମୁଗ୍ଧ ଓ କ୍ରିୟାଶୀଳ କରେ ।

ସମସ୍ତ ପ୍ରାକୃତିକ ନିୟମରେ ସମତୁଲ ବିଦ୍ୟମାନ । ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ଅଛି । ଅନ୍ଧାର ଆଲୋକ, ଉଷ୍ଣ ଶୀତଳ, ନିଶ୍ୱାସ

Digitized by srujanika@gmail.com

ପ୍ରଶ୍ୱାସ, ସ୍ତ୍ରୀ ପୁରୁଷ ସମ୍ବନ୍ଧ ଏହି ପରସ୍ପର ବିରୋଧିତା ଦେଖିବାକୁ ମିଳେ । ତାହାର ସମନ୍ୱୟରେହିଁ ସୃଷ୍ଟି । ଗୋଟିଏ ଅଙ୍ଗହାନି ହେଲେ ସଂହାର । ଜଗତର ଏ ଦ୍ୱୈଧ ଭାବ, ତାର ପ୍ରତ୍ୟେକ ଅଙ୍ଗରେ ପରିବ୍ୟାପ୍ତ । ଜଗତ ତାର ଅଙ୍ଗବିଶେଷର ବୃହତ୍ ସଂସ୍କରଣ ମାତ୍ର । ଯେ କୌଣସି ଜୀବଠାରେ, ଏପରିକି ଗୋଟିଏ ଶସ୍ୟ ଠାରେ ପର୍ଯ୍ୟନ୍ତ ପ୍ରକୃତିର ଏ ଅନ୍ଧାର ଆଲୋକ, ଜୁଆର ଭଟ୍ଟା ପରି କଛି ବିଦ୍ୟମାନ । ଗୋଟିଏ ଦିଗରେ ଅଭାବ ହେଲେ ଅନ୍ୟ ଦିଗରେ ଅତିରିକ୍ତତା ସୁନିଶ୍ଚିତ । ଚୌର୍ଯ୍ୟ-ବୃତ୍ତି ଦ୍ୱାରା ନିମିଷକେ ଧନୀ ପରିଣତ ହେଲେ; ଅନ୍ୟ ଦିଗରେ ଅତିରିକ୍ତ ବ୍ୟୟଦ୍ୱାରା ସର୍ବସ୍ୱାନ୍ତ ହେବାକୁ ପଡ଼େ । ଚୋରର ଲୁଚିବା ପାଇଁ ବିଶାଳ ଜଗତରେ ସ୍ଥାନାଭାବ । କ୍ଷୁଦ୍ର ହେଉ ବା ବୃହତ୍ ହେଉ, ଯେ ପରର ଅନିଷ୍ଟ କରେ, ତାହା ଶତଗୁଣ କ୍ଷିପ୍ରତା ସହକାରେ ତାହାଠାକୁ ଫେରିଆସେ । ମହାତ୍ମାମାନଙ୍କ ପ୍ରତି ଅତ୍ୟାଚାରର ଯେଉଁ ଇତିହାସ ଅଛି, ତାହା ନିଷ୍ଫଳ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଉଦ୍ୟମର ଇତିହାସ, ପାହାଡ ଶିଖରକୁ ଜଳସ୍ରୋତ ବୁହାଇବା, ବାଲୁକାରେ ଅଟ୍ଟାଳିକା ଗଠନ କରିବା ଚେଷ୍ଟାର ଇତିହାସ ମାତ୍ର । ଏହିପରି ଚେଷ୍ଟା ଫଳବତୀ ହେବା ଏକାବେଳକେ ଅସମ୍ଭବ, ଏହା ବାରମ୍ବାର ପ୍ରମାଣିତ ହୋଇଅଛି ।

ପାଠକଙ୍କର ସ୍ମରଣ ଥିବ, ନନ୍ଦ ଶକଟାରଙ୍କ ପଦଗୌରବରେ ଈର୍ଷାନ୍ୱିତ ହୋଇ ତାଙ୍କ ବଂଶ-ନିଧନର ବ୍ୟବସ୍ଥା କରିଥିଲେ । ପ୍ରତ୍ୟେକ ମାନବ ଜୀବନ-ସନ୍ଧ୍ୟାରେ ଅବସରେ, ଶାନ୍ତି ନିବାସରେ ଆତ୍ମୀୟ ସ୍ୱଜନ ବନ୍ଧୁ ବାନ୍ଧବଙ୍କ ସ୍ନେହ-ସୁଖରେ ସନ୍ଧ୍ୟାଟି ଶାନ୍ତିମୟ ଭାବରେ କଟାଇବାକୁ ଚେଷ୍ଟା କରେ । କିନ୍ତୁ ଶକଟାର ବିନା ଦୋଷରେ ତାଙ୍କ ଜୀବନ-ସନ୍ଧ୍ୟା ନିରାନନ୍ଦ କରିବାକୁ ବାଧ୍ୟ ହେଲେ ।

Digitized by srujanika@gmail.com

ପଦେ ଆଶ୍ୱାସନା, ଟିକଏ ସ୍ନେହ-ବାଣୀ ତାଙ୍କ କର୍ତ୍ତବ୍ୟସାଧନ ଶୁଷ୍କ ବୃଦ୍ଧ ଜୀବନରେ ଝୀଳ ଦେଇ ତାଙ୍କୁ ହସାଇବା ପାଇଁ ଆଜି କେହି ନାହାନ୍ତି । ସମସ୍ତ ଦେଶ ହରାଇ ସେ ଆଜି ଯେଉଁ ମୃତ୍ୟୁ-ଯନ୍ତ୍ରଣା ଅନୁଭବ କରୁଅଛନ୍ତି, ମାନବ ଜୀବନର ଶେଷ ସାର୍ଥକତା ସ୍ଥାନରେ ଆଜି ଶ୍ମଶାନର ଯେଉଁ ନୀରବତା, ଶୁଷ୍କ ହୃଦୟରେ ଯେଉଁ ନୀରବ ବେଦନା ଉପଭୋଗ କରୁଅଛନ୍ତି, ତାହା ବୃଥା ଲୁପ୍ତ ହେବାର ନୁହେଁ । ରାକ୍ଷସଙ୍କ ବିଶ୍ୱାସ-ଘାତକତା ଆଜି ଶାନ୍ତ ହୃଦୟ ଅଧିକାର କରି ତାହାର ପ୍ରତିକ୍ରିୟା ସ୍ୱରୂପ ତାଙ୍କ ଦ୍ୱାରରେ ଉପସ୍ଥିତ । ରାକ୍ଷସ ତାହା ବରଣ କରିବାକୁ ବାଧ ।

ଚିନ୍ତା ନିବଦ୍ଧ ରାକ୍ଷସ ଶିବିର ମଧ୍ୟରେ ଏକାକୀ ଆସୀନ । କିରୂପେ ଯୁଦ୍ଧ କରିବାକୁ ହେବ, ଚାଣକ୍ୟଙ୍କର ସମସ୍ତ କୂଟନୀତି ପଣ୍ଡ କରି ଚନ୍ଦ୍ରଗୁପ୍ତଙ୍କର ପରାଜୟ କିପରି ଘଟାଇବାକୁ ହେବ, ଏହିପରି ନାନା ଚିନ୍ତାରେ ତାଙ୍କର ମନ ଆନ୍ଦୋଳିତ । ଏହି ସମୟରେ ପ୍ରହରୀ ଆସି ପ୍ରଣାମ କରି ଜଣାଇଲା, କୁମାର ମଳୟକେତୁ ତାଙ୍କ ସାକ୍ଷାତ ପ୍ରାର୍ଥୀ । ରାକ୍ଷସଙ୍କ ଚିନ୍ତାର ଗତି ବନ୍ଦ ହେଲା । ସେ ବେଶଭୂଷା ପରିଧାନ କରି ପ୍ରହରୀ ସଙ୍ଗେ ମନ୍ତ୍ରଣା-ଭବନରେ ଉପସ୍ଥିତ ହେଲେ । ମଳୟକେତୁ ଆସନରୁ ଉଠି ସସମ୍ଭ୍ରମ ପ୍ରଣାମ କଲେ । ରାକ୍ଷସ ତାଙ୍କୁ ଯଥାରୀତି ଆଶୀର୍ବାଦ କଲାପରେ ଉଭୟେ ଆସନରେ ଉପବେଶନ କଲେ ।

କୁମାର ଜିଜ୍ଞାସା କଲେ—ଆର୍ଯ୍ୟ, ପୁଷ୍ପପୁରଠାକୁ କେବେ ଯାତ୍ରା କରନ୍ତିକି ?

ରାକ୍ଷସ କହିଲେ—ବର୍ତ୍ତମାନ ଆଉ କେହି ଯିବା ଆବଶ୍ୟକ ନାହିଁ, ଏହି ପାର୍ଷଦଙ୍କ ମଧ୍ୟରେ ସମସ୍ତ ସୈନ୍ୟ ସହିତ ସେଠାକୁ ଯିବା ।

Digitized by srujanika@gmail.com

ସିଦ୍ଧାର୍ଥକଙ୍କୁ ଦେଖାଇ କୁମାର ପ୍ରଶ୍ନ କଲେ—ତାହାହେଲେ ପତ୍ର ଦେଇ ଏହାଙ୍କୁ କି ଉଦ୍ଦେଶ୍ୟରେ ସେଠାକୁ ପଠାଉଥିଲେ ?

ବିସ୍ମିତ ରାକ୍ଷସ କହିଲେ—କାହିଁ ? କାହାରିକି ତ ମୁଁ ପଠାଇ ନାହିଁ ! ଏ କଅଣ ସିଦ୍ଧାର୍ଥକ ?

ଲଜ୍ଜାରେ ଅଭିନୟ କରି ସିଦ୍ଧାର୍ଥକ କହିଲେ, "ମନ୍ତ୍ରୀ ମହାଶୟ, କ୍ଷମା କରିବେ । ଅତି ପ୍ରହାର ଭୟରେ ସମସ୍ତ ପ୍ରକାଶ କରି ଦେଇଅଛି ।" ସେ ମସ୍ତକ ତଳକୁ ପୋତି ରହିଲେ । ଅଧିକ ବିସ୍ମିତ ହୋଇ ରାକ୍ଷସ ପଚାରିଲେ—"କଅଣ ପ୍ରକାଶ କରିଦେଇ ଅଛ ? ଗୋପନୀୟ କଅଣ ବା ଥିଲା ? ମୁଁ ଯେ କିଛି ବୁଝିପାରୁ ନାହିଁ ।"

ଟିକିଏ ଇତସ୍ତତ ହେବା ଅଭିନୟ କରି ସିଦ୍ଧାର୍ଥକ କହିଲେ— "କହୁଛି ତ, ପ୍ରହାର ଭୟରେ—" ସେ ଅଧିକ କହିପାରିଲେ ନାହିଁ । ଗୁପ୍ତ ସମ୍ବାଦ ଦେଇଥିବା ହେତୁ ଯେପରି ଲଜ୍ଜିତ ଓ ଦୁଃଖିତ, ଏପରି ଅଭିନୟ କରି ମସ୍ତକ ଅବନତ କଲେ । ତହୁଁ କୁମାର କହିଲେ, ଭାଗୁରାୟଣ, ମନ୍ତ୍ରୀଙ୍କ ସମ୍ମୁଖରେ ସମସ୍ତ ପ୍ରକାଶ କରି କହିବାପାଇଁ ସିଦ୍ଧାର୍ଥକ ଅନିଚ୍ଛୁକ । ତାଙ୍କୁ ସେ କଥା କହିଦିଅ । ଭାଗୁରାୟଣ କହିଲେ— "ଆପଣଙ୍କ ଆଦେଶରେ ସିଦ୍ଧାର୍ଥକ ପତ୍ର ଓ ମୌଖିକ ସମ୍ବାଦ ନେଇ ଚନ୍ଦ୍ରଗୁପ୍ତଙ୍କ ନିକଟକୁ ଯାଉଅଛନ୍ତି ।"

ରାକ୍ଷସ କ୍ରୁଦ୍ଧ ହେଲେ । ଯାହା ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନଥିଲେ, ଯେଉଁଟି ନରକର କୀଟର ମଧ୍ୟ ଅଯୋଗ୍ୟ, ଯାହାଠାରୁ ହୀନ କାମନା ନିତାନ୍ତ ପାତକଠାରେ ମଧ୍ୟ ସମ୍ଭବ ନୁହେଁ, ସେହିପରି

Digitized by srujanika@gmail.com

ନିକୃଷ୍ଟ ଛବ ଏ କପଟତା ତାଙ୍କଠାରେ ସମ୍ଭବ ବୋଲି ବିଶ୍ୱାସ କରୁଥିବା ଯୋଗୁଁ ସେ ମଳୟକେତୁଙ୍କ ପ୍ରତି ଦୁଃଖିତ ନହୋଇ ରହି ପାରିଲେ ନାହିଁ । କିନ୍ତୁ ଏ ସମୟରେ ହଠାତ୍ ଯାହା ତାହା କହି ନଦେଇ ଧୀର ସ୍ଥିର ଭାବରେ ଅବସ୍ଥା ସମ୍ଭାଳି ନେବାକୁ ହେବ । ତାହା ନହେଲେ ତାଙ୍କର ସମସ୍ତ ଉଦ୍ଦେଶ୍ୟ ବିନଷ୍ଟ ହେବ । ଏହିପରି ନାନାକଥା ଭାବି ସେ ସିଦ୍ଧାର୍ଥକଙ୍କୁ ପଚାରିଲେ—'ଏ କ'ଣ ସତ୍ୟ ସିଦ୍ଧାର୍ଥକ ?' ସିଦ୍ଧାର୍ଥକ ଅତି କରୁଣ ସ୍ୱରରେ ଉତ୍ତର କଲେ, "ମନ୍ତ୍ରି ମହାଶୟ, ମୁଁ ଆଉ କ'ଣ କରନ୍ତି ? ପ୍ରହାର ଭୟରେ ସବୁକଥା ପ୍ରକାଶ କରି ଦେଇଅଛି ।" ଭାଗୁରାୟଣ ଦେଖିଲେ, ଏ ସମୟରେ ପତ୍ରଟି ବଡ଼ କାର୍ଯ୍ୟକାରୀ ହେବ । ସେ ତାହା ମନ୍ତ୍ରୀଙ୍କ ହାତକୁ ବଢ଼ାଇ ଦେଲେ, ମନ୍ତ୍ରୀ ତାହା ପାଠକରି ଅବାକ୍ ହେଲେ । ତାଙ୍କ ଅଜ୍ଞାତସାରରେ ଏତେ କାଣ୍ଡ ଘଟିପାରେ, ସେ ତାହା କଳ୍ପନା କରି ନଥିଲେ । ଏତେ ବଡ଼ ଭୀଷଣ ଷଡ଼ଯନ୍ତ୍ରର ସେ ସମ୍ପୂର୍ଣ୍ଣ ଅଜ୍ଞାତସାରରେ ଜଡ଼ିତ ହେବେ, ଏତେ କ୍ଷମତା ସେ କାହାର ଅଛି, ସେ କଥାରେ ବିଶ୍ୱାସ କରିବା ତାଙ୍କ ପକ୍ଷରେ ସହଜ ହେଲା ନାହିଁ । ସେ କହିଲେ "ଭୀଷଣ ଷଡ଼ଯନ୍ତ୍ର ! ଏ ସବୁ ଶତ୍ରୁର କାଣ୍ଡ !! ଏ ପତ୍ର ନିଶ୍ଚୟ ଜାଲ !!!"

ମଳୟକେତୁଙ୍କର ବିଶ୍ୱାସ, ରାକ୍ଷସ ଆତ୍ମ ଗୋପନ ପାଇଁ ଚେଷ୍ଟା କରୁଅଛନ୍ତି । ଏହି ସମୟରେ ଅନ୍ୟ ପ୍ରମାଣ ଦେଇ ତାଙ୍କର ସେ ଚେଷ୍ଟା ବ୍ୟର୍ଥ କରିବାକୁ ହେବ । ସେ ଅଳଙ୍କାରଗୁଡ଼ିକ ଦେଖାଇ କହିଲେ— ଆପଣ ଏ ଅଳଙ୍କାର କାହିଁକି ପଠାଇଥିଲେ ? ରାକ୍ଷସ ଅଳଙ୍କାରଗୁଡ଼ିକ ଭଲକରି ପରୀକ୍ଷା କରି କହିଲେ —ଏ ସବୁ ଆପଣଙ୍କ ପ୍ରଦତ୍ତ ଅଳଙ୍କାର । ମୁଁ ସିଦ୍ଧାର୍ଥକଙ୍କୁ ତାହା ସବୁ ପୁରସ୍କାର ସ୍ୱରୂପ ଦେଇଥିଲି ।" ମଳୟକେତୁ ପୁଣି ନୂତନ ପ୍ରମାଣ ସ୍ଥାପନ କଲେ — "ପତ୍ରରେ ଯେଉଁ ଆପଣ-

Digitized by srujanika@gmail.com

ଙ୍କର ମୋହର ଦଶ ଯାଉଅଛି।" ରାକ୍ଷସ କହିଲେ– "ସେ ଯାହା ହେଉ, ଏ ସମସ୍ତ ଶତ୍ରୁର ଚକ୍ରାନ୍ତ ବ୍ୟତୀତ ଅନ୍ୟକିଛି ନୁହେଁ।"

ଏହି ସମୟରେ ଭାଗୁରାୟଣ ନୂତନ ମୁକ୍ତି ବାହାର କଲେ। ସେ ସିଦ୍ଧାର୍ଥକଙ୍କୁ ପଚାରିଲେ —ଏ ଲେଖା କାହାର? ସିଦ୍ଧାର୍ଥକ ନୀରବ ହେଲେ। ଭାଗୁରାୟଣ ପୁଣି ପ୍ରହରୀକୁ ଡାକିବାରୁ ପ୍ରହାରଭୟରେ ଭୀତ ହେବା ଛଳନା କରି ସିଦ୍ଧାର୍ଥକ କହିଲେ —ତାହା ମନ୍ତ୍ରୀଙ୍କ ବନ୍ଧୁ ଶକଟ ଦାସଙ୍କ ହାତଲେଖା। ରାକ୍ଷସ ତତ୍‌କ୍ଷଣାତ୍ ପରୀକ୍ଷା କରି ଦେଖିଲେ, ପ୍ରକୃତରେ ତାହା ଶକଟ ଦାସଙ୍କ ସ୍ୱହସ୍ତ ଲିଖିତ ପତ୍ର। ତେବେ ପତ୍ରରେ କିଏ କେଉଁଠାରୁ କାହାଠାକୁ କେଉଁ ଦିନ ଲେଖିଛି, କିଛି ଜଣାଯାଉ ନାହିଁ। କୁଟିଳ କୌଟିଲ୍ୟଙ୍କ କୁଟିଳ କୌଶଳରେ ନିଶ୍ଚୟ ଶକଟ ଦାସ ଏହା ଲେଖି ଦେଇଥିବେ। ଅଥବା ଶକଟ ଦାସ ବନ୍ଧୁଦ୍ରୋହୀ? ନା, ତାହା କଦାପି ସମ୍ଭବ ନୁହେ। ବନ୍ଧୁ ବିପଦ ଦୁର୍ଦ୍ଦିନରେ ଯାହାର ହୃଦୟ ପରୀକ୍ଷିତ, ସେ କି ଏତେ ନୀଚ ହେବେ? ଅସମ୍ଭବ। ତେବେ ତାଙ୍କ ନିର୍ଦ୍ଦୋଷତା ଏ ସ୍ଥଳରେ ବର୍ଦ୍ଧକ୍ଷନକ ହୋଇଅଛି

ରାକ୍ଷସ ଭାବିଲେ, ଏପରି କାହିଁକି ଘଟିଲା! ସେ ଜୀବନର ସମସ୍ତ ଘଟଣା ସ୍ମରଣ କଲେ। ବୃଦ୍ଧ ଶକଟାରଙ୍କ ପରିବାର ପ୍ରତି ତାଙ୍କ ଷଡ଼ଯନ୍ତ୍ରର କଥା ମନେ ପଡ଼ିଲା। ସେ ଦିନେ ଶକଟାରଙ୍କୁ ପଦଚ୍ୟୁତ କରିଥିଲେ, ଅସ୍ପୃଶ୍ୟ ସ୍ୱଜନ ଶୂନ୍ୟ କରିଥିଲେ। ଆଜି ସେ ବୀଜ ବିଷ ବୃକ୍ଷରେ ପରିଣତ ହୋଇଅଛି, ଆଜି ତାହାର ଫଳ ତାଙ୍କୁହିଁ ଭୋଗ କରିବାକୁ ପଡ଼ିବ। ତାଙ୍କ ପୂର୍ବ ସ୍ୱାର୍ଥପରତା ଆଜି ପରାର୍ଥପରତାରେ ଅନୁସୃତ ହୋଇଅଛି। ଅହୋ! ମାନବ ଯଦି କର୍ମଫଳ ମାନନ୍ତା—!

Digitized by srujanika@gmail.com

ଜଗତରେ କୌଣସି ଦୁଷ୍କର୍ମ ବୃଥା ହୁଏନାହିଁ. ଏକଥା ଯଦି ଅନୁମାନ କରିପାରନ୍ତୀ, ତାହାହେଲେ ଏ ଜଗତ ସ୍ୱର୍ଗରେ ପରିଣତ ହୁଅନ୍ତା । ସେ ନିଜ କୃତ କର୍ମଫଳ ପାଇଁ ପ୍ରସ୍ତୁତ ହେବାକୁ ବାଧ୍ୟ—ଅନ୍ୟ ଗତି ନାହିଁ ?

ବର୍ତ୍ତମାନ ମଳୟକେତୁ ଅଳଙ୍କାରଗୁଡ଼ିକ ଦେଖିଲେ, ଠିକୋଷ୍ଟି ତାଙ୍କ ପିତାଙ୍କ ଅଳଙ୍କାର । ରାକ୍ଷସଙ୍କ ସେଗୁଡ଼ିକ ପାଇଥିବା ସମ୍ଭବ, କାରଣ ପର୍ବତକଙ୍କର ଶବଦାହ-ସତ୍କାର ପାଟଳୀପୁତ୍ରଠାରେ ହୋଇଥିଲା । ମଳୟକେତୁ ଯେତେବେଳେ ନିଜ ପିତାଙ୍କ ଅଳଙ୍କାର ଚିହ୍ନିପାରିଲେ, ରାକ୍ଷସ କହିଲେ, ସେ ତାହା କୌଣସି ବଣିକ ନିକଟରୁ କିଣି ଅଛନ୍ତି । ଏଥିରେ କୁମାର ଅଧିକ କ୍ରୁଦ୍ଧ ହୋଇ କହିଲେ—"ଚନ୍ଦ୍ରଗୁପ୍ତ କ'ଣ ଆପଣଙ୍କ ନିକଟକୁ ଅଳଙ୍କାର ବିକ୍ରୟାର୍ଥ ପ୍ରେରଣ କରିଥିଲେ ଯେ ଆପଣ ତାହା କିଣିନେଲେ ? କୃତଘ୍ନ ! ବିଷକନ୍ୟା ପଠାଇ ମୋର ପିତାଙ୍କର ମୃତ୍ୟୁ ସଂଘଟନ କରି, ପୁଣି ବିଶ୍ୱାସଘାତକ ଭାବରେ ମୌଟିତ ବଳାଦେଇ ଚନ୍ଦ୍ରଗୁପ୍ତଙ୍କ ମନ୍ତ୍ରୀ ହେବାପାଇଁ ଚେଷ୍ଟା ! ଏବେ ଅଳଙ୍କାର ପଠାଇ ସ୍ୱ ବୁଦ୍ଧିରେ ପିତାଙ୍କ ହତ୍ୟା କରିଅଛ, କହ ଲାଭବାନ ହେବା ଚେଷ୍ଟା ! ବିଶ୍ୱାସଘାତକ, ଆପଣଙ୍କର ପରାମର୍ଶ, ସାହାଯ୍ୟ ଆବଶ୍ୟକ ନାହିଁ—ଯେଉଁଠାକୁ ଇଚ୍ଛା ଯାଇ ବିଶ୍ୱାସଘାତକତା, କୃତଘ୍ନତାର ଜାଲ ବିସ୍ତାର କରି ଶାନ୍ତିଲାଭ କରିପାର । ଯେଉଁମାନେ ଆପଣଙ୍କ ସହାୟକାରୀ, ସେମାନଙ୍କୁ ଉପଯୁକ୍ତ ଶାସ୍ତି ପ୍ରଦାନ କରୁଅଛି ।"

ମଳୟକେତୁ ପ୍ରହରୀକ ଡାକି କହିଲେ—ସେନାପତିଙ୍କି ଏହି ଆଦେଶ ଜଣାଅ, ଚିତ୍ରବର୍ମା, ସିଂହନାଦ ଓ ପୁଷ୍କରାକ୍ଷ, ଏ ତିନିଜଣ

Digitized by srujanika@gmail.com

ମୋର ରାଜ୍ୟ ନେବୀ; ଏ ନନ୍ଦଙ୍କ ଜୀବନ୍ତ ସମାଧି ହୋଇଯିବ । ଅନ୍ୟ ପରନ୍ତପ ଓ ମେଘାକ୍ଷ ମୋହର ହସ୍ତୀ ସେନା ପ୍ରାର୍ଥୀ । ସେମାନଙ୍କ ପ୍ରାର୍ଥନା ଉପଯୁକ୍ତ ହସ୍ତୀ-ପଦ ତଳେ ସେମାନଙ୍କୁ ନିକ୍ଷେପ କରା-ଯିବ ।" ସେତେବେଳେ ମଳୟକେତୁଙ୍କର କ୍ରୋଧବଶତଃ ହିତାହିତ ଜ୍ଞାନ ନଥିଲା । ସେ ଶିଖରଙ୍କୁ ଉପସ୍ଥିତ ଦେଖି କହିଲେ—ଯାଅ, ଅଧିକ ପ୍ରତାରଣା ପାଇଁ ଚେଷ୍ଟା କରନାହିଁ । ଶୀଘ୍ର ଯାଇ ତୁମ୍ଭର ପ୍ରଭୁପୁଣ ବୃଷଳ ସହିତ ଯୋଗଦାନ କର । ମୁଁ ଯାଇ ଉଭୟଙ୍କର ଉପ-ଯୁକ୍ତ ବ୍ୟବସ୍ଥା କରିଦେଇ ଆସିବି ।" ଭାଗୁରାୟଣ କହିଲେ—କୁମାର ଅଉ ବିଳମ୍ବରେ ପ୍ରୟୋଜନ ନାହିଁ । ବର୍ତ୍ତମାନହିଁ ପାଟଳୀପୁତ୍ର ଅଭିଯାନ କରିବା । ସେନାପତିଙ୍କି ଆଦେଶ ଦିଆଗଲା, ପଞ୍ଚ ସାମନ୍ତ ରାଜାଙ୍କ ବଧ ସଙ୍ଗେ ସଙ୍ଗେ ପାଟଳୀପୁତ୍ର-ଯାତ୍ରା ପାଇଁ ସମସ୍ତେ ପ୍ରସ୍ତୁତ ହେବେ ।

ବୁଦ୍ଧିମାନ ରାକ୍ଷସ ଚାଣକ୍ୟଙ୍କ କୌଶଳର ବହୁତ ପ୍ରଶଂସା କଲେ । ତାଙ୍କର ଏତେ ଚକ୍ରାନ୍ତ ସେ ନିମିଷକରେ ନଷ୍ଟକରି ତାଙ୍କୁହିଁ ନିଜ ଚକ୍ରାନ୍ତରେ ପଥର ଭିଖାରୀ କରିପାରିବେ, ଏତେଦୂର କ୍ଷମତାପନ୍ନ ଯେ ଚାଣକ୍ୟ, ଏ କଥା ଆଜି ସେ ହୃଦୟଙ୍ଗମ କଲେ । ଜୀବସିଦ୍ଧି, ସିଦ୍ଧାର୍ଥକ ପ୍ରଭୃତି ଚାଣକ୍ୟଙ୍କର ଚର ବୋଲି ଏତେକାଳ ସେ ସନ୍ଦେହ ମଧ୍ୟ କରି ନଥିଲେ । ଚାଣକ୍ୟ ଓ ଚନ୍ଦ୍ରଗୁପ୍ତ ମଧ୍ୟରେ ମନୋ-ମାଳିନ୍ୟର ସୃଷ୍ଟି ପାଇଁ ସେ ଯେଉଁ ଷଡଯନ୍ତ୍ର କରିଥିଲେ, ନିଜେ ସେଥିରେ ବିଜଡ଼ିତ ହେଲେ । ଏହା ଚାଣକ୍ୟଙ୍କର ଅପୂର୍ବ ସୃଷ୍ଟି । ଚାଣକ୍ୟଙ୍କ ପ୍ରତି ତାଙ୍କ କ୍ରୋଧ ବହୁଗୁଣିତ ହେଲା । ସେ ଏକାକୀ ହୁଅନ୍ତୁ, ସହାୟ ସମ୍ବଳହୀନ ହୁଅନ୍ତୁ, ନିଜେ ଯାଇ ସ୍ୱହସ୍ତରେ ଅସ୍ତ୍ର ଧାରଣ କରି ଯୁଦ୍ଧ କରିବେ । ସେ ସମୟରେ ବନ୍ଧୁ ଚନ୍ଦନ ଦାସ ଓ

Digitized by srujanika@gmail.com

ନିଜ ପଣ୍ଡିତଙ୍କର କଥା ମନେ ପଡ଼ିଲା । ଚନ୍ଦନ ଦାସଙ୍କ ଉଦ୍ଧାର ପାଇଁ ସେ ଅସି ଧାରଣ କରିବେ, ତାଙ୍କୁ ମୁକ୍ତ କରି ନପାରିଲେ ଯୁଦ୍ଧରେ ପ୍ରାଣ ଉତ୍ସର୍ଗ କରିବେ । ସେଥିରୁ ତାଙ୍କୁ ଶତ ସହସ୍ର ଚାଣକ୍ୟ ବଞ୍ଚିତ କରିପାରିବେ ନାହିଁ । ଚିର ରାଜ୍ୟ ତାଙ୍କର ।

ମଳୟକେତୁଙ୍କ ଆଦେଶରେ ପ୍ରଧାନ ପାଞ୍ଚଜଣ ସାମନ୍ତ-ରାଜାଙ୍କୁ ବଧ କରାଗଲା । ଅନ୍ୟାନ୍ୟ ରାଜାମାନେ ଭୟରେ ସସୈନ୍ୟ ଶିବିର ତ୍ୟାଗ କରି ପଳାୟନ କଲେ । ମଳୟକେତୁଙ୍କ ସୈନ୍ୟ ସେନାପତିଙ୍କ ଅଧୀନରେ ପାଟଳୀପୁତ୍ର ଅଭିମୁଖରେ ଯାତ୍ରା କଲେ । ଏହି ଅବସରରେ ଭାଗୁରାୟଣ, ଭଦ୍ରଭଟ୍ଟ ପ୍ରଭୃତି କେତେଜଣ ଗୁପ୍ତଚର ଚାଣକ୍ୟଙ୍କ ପ୍ରେରିତ କେତେ ଲୋକଙ୍କ ସାହାଯ୍ୟରେ ସୁବିଧା ଦେଖି ମଳୟକେତୁଙ୍କୁ ବନ୍ଦୀ କଲେ । ସେତେବେଳେ ମଳୟକେତୁ ବୁଝିଲେ, ସମସ୍ତ ଷଡ଼ଯନ୍ତ୍ର, ସମସ୍ତ ଚାଣକ୍ୟଙ୍କ କୁଟିଳନୀତି । ରାକ୍ଷସଙ୍କ ପ୍ରତି ଅନ୍ୟାୟାଚରଣ ଓ ସାମନ୍ତ ରାଜଗଣଙ୍କ ପ୍ରତି ଅତ୍ୟାଚାର ଯୋଗୁଁ ସେ ଅତିଶୟ ଅନୁତପ୍ତ ହେଲେ । କିନ୍ତୁ ଅଉ ପ୍ରତିକାରର ସମୟ ନାହିଁ—ସେ ଯେ ଆଜି ଚାଣକ୍ୟଙ୍କ ବନ୍ଦୀ ।

ଭାଗ୍ୟ ସ୍ୱୀକାର

> "But what torments of pain you endured
> From evils that never arrived."
>
> —French Verse

ପାଟଳୀପୁତ୍ର ନଗର-ପ୍ରାନ୍ତରେ ଗୋଟିଏ ବହୁକାଳର ପୁରାତନ, ପରିତ୍ୟକ୍ତ ଉଦ୍ୟାନ ଥିଲା । ମହାପଦ୍ମ ନନ୍ଦ ବଡ଼ ଆଦର ଓ ଯତ୍ନରେ ତାହା ତିଆରି କରାଇଥିଲେ । ତାହା ଥିଲା ତାଙ୍କର କ୍ରୀଡ଼ା-ଉଦ୍ୟାନ ।

Digitized by srujanika@gmail.com

ବର୍ତ୍ତମାନ ମଧ୍ୟ କେହି ଦୃଷ୍ଟିପାତ କଲେ ସହଜରେ ମାନିବେ, ତାହାର ପ୍ରଭୂତ ଅତୀତ ଗୌରବ ଥିଲା । ନାନା ଲତା-ଭବନର ସଂସ୍କାରହୀନ କଙ୍କାଳ, ବିହାର ଉଦ୍ଦେଶ୍ୟରେ ନିର୍ମିତ ପଥ-ଶ୍ରେଣୀର ଉଭୟ ପାର୍ଶ୍ୱସ୍ଥିତ ପୁଷ୍ପ ବୃକ୍ଷର ରୋପଣ ପାରିପାଟୀ, ଜଳ-ସେଚନ-ପ୍ରଣାଳୀ, କେନ୍ଦ୍ରସ୍ଥିତ ପ୍ରମୋଦ ସରୋବରର ତଟରେ ସୁଦୀର୍ଘ ସମ-ଉଚ୍ଚ ଗୁବାକ ବୃକ୍ଷଶ୍ରେଣୀ, ସରୋବରର ଚତୁଷ୍କୋଣରେ ନିର୍ମିତ ରକ୍ତପ୍ରସ୍ତର ସୋପାନାବଳୀ ଓ ତହିଁ ନିକଟରେ ସମୟେ ସମୟେ ଦେଖାଯାଉଥିବା ନାନାରଙ୍ଗର ବୃହତ୍ ମତ୍ସ୍ୟ ବିଶେଷ । ଏହିସବୁ ଦେଖିଲେ ଜଣାଯାଏ, ଏହି ଉଦ୍ୟାନଟି ପ୍ରକୃତ ରାଣୀଙ୍କର ବିହାର-ସ୍ଥଳୀ ହୋଇଥିଲା । ଆଜି ସବୁଥିରେ ଧ୍ୱଂସର ଚିହ୍ନ । ତମାଳ ବୃକ୍ଷ ତଳର ସେ ସୁନ୍ଦର ପ୍ରସ୍ତର ଆସନ ଅର୍ଦ୍ଧଭଗ୍ନ, ଅଥଚ ସେହି ଶୀତଳ କୃଷ୍ଣ ଛାୟା ସେହିପରି ପଡ଼ୁଅଛି । ମାଧବୀ ମଣ୍ଡପ ଭିତରେ ଶାନ୍ତିମୟ ଛାୟା ସ୍ଥାନରେ ଆଜି ପ୍ରଖର ସୂର୍ଯ୍ୟ କିରଣ ଯୋଗୁ ବିଶ୍ରାମ ଗ୍ରହଣ ଅସମ୍ଭବ ହୋଇଅଛି । ଅଶୋକ-ନିକୁଞ୍ଜ ଝଙ୍କା ଗହଳଥିବାରୁ ସର୍ପାଦିଙ୍କ ଭୟରେ ତାହା ନିକଟକୁ ଯିବା କେହି ଯାଉ-ନାହାନ୍ତି । ଏତେ ବଡ଼ ଉଦ୍ୟାନ ନିର୍ଜନ ଅନ୍ଧକାରମୟ, ନୀରବ ପ୍ରାୟ । ବେଳେବେଳେ ପକ୍ଷୀ କଳରବ କିମ୍ବା କେହି ପଥିକର କ୍ଷଣ ବିଶ୍ରାମ ଯୋଗୁଁ ତାହାର ନୀରବତା କିଛି ଭଙ୍ଗ ହେଉଅଛି ।

ଉନ୍ଦୁର ନାମକ ଚର ସଙ୍ଗେ ରାକ୍ଷସ ପାଟଳୀପୁତ୍ରଠାରେ ଗୋପନରେ ଉପସ୍ଥିତ ହେଲେ । ସେଠାରୁ ଏକାକୀ ତସ୍କର ପରି ସେ ସେହି ପୁରାତନ ଉଦ୍ୟାନରେ ପ୍ରବେଶ କଲେ । ଉଦ୍ୟାନର ଦଶା ଦେଖି ସେ ଦୀର୍ଘଶ୍ୱାସ ନ ଛାଡ଼ି ରହିପାରିଲେ ନାହିଁ; ଗୋଟିଏ ପ୍ରସ୍ତର ଉପରେ ବସି ପୂର୍ବ କଥା ସ୍ମରଣ କରିବାକୁ ଲାଗିଲେ । ଯେତେବେଳେ ସେ ମହାରାଜା ମହାପଦ୍ମ ନନ୍ଦଙ୍କ ସହ ସ୍ୱୟଂ ଭ୍ରମଣ ପାଇଁ ସେଠାକୁ ଆସୁଥିଲେ ସେତେ

ବେଳେ କି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଉପବନଟି ହସି ଉଠୁଥିଲା ! ଯେତେବେଳେ ସାମନ୍ତ-ରାଜାମାନଙ୍କ ସହ ମହାରାଜ ଲତା-ମଣ୍ଡପରେ ବସି ରହସ୍ୟାଳାପ କରୁଥିଲେ, ସେତେବେଳେ କି ମୋହନ ଶ୍ରୀ ସମ୍ପଦରେ ଉଦ୍ୟାନଟି ପୂରି ରହୁଥିଲା ! ଆଜି ସେ ସୌନ୍ଦର୍ଯ୍ୟର ହସ ନାହିଁ କି ସେ ଶ୍ରୀ ସମ୍ପଦ ନାହିଁ । ସେ ଅପୂର୍ବ ସୁନ୍ଦର, ନନ୍ଦନ କାନନ ଯୋଗ୍ୟ ପୁଷ୍ପ ବୃକ୍ଷ ସବୁର ଚିହ୍ନ ମାତ୍ର ନାହିଁ କିମ୍ବା ସେ ବିହଙ୍ଗିନୀଙ୍କର କଳ କଣ୍ଠର ସ୍ୱର ପର୍ଯ୍ୟନ୍ତ ନାହିଁ । ଅଛି ନିବିଡ଼ କୃଷ୍ଣ ଘନାନ୍ଧକାର- ଶାଖାବହୁଳ, ପରସ୍ପର ଶାଖା ଛନ୍ନାଛନ୍ନ କେତେ ପ୍ରାଚୀନ ବୃକ୍ଷର ଅନ୍ଧକାରର ସୃଷ୍ଟି । ଉଦ୍ୟାନଟି ଆଜି ଦିନବେଳେ ସରିସୃପ ଆଶ୍ରୟ ସ୍ଥଳ ହୋଇ-ଅଛି । ସେଥିପାଇଁ ଉତ୍କଳ ଦିବାଲୋକ ସତ୍ତ୍ୱେ କେହି ସେଠାକୁ ଯିବାକୁ ସାହସ କରନ୍ତି ନାହିଁ । ସର୍ବତ୍ର ବଲ୍ମୀକର ଅବାଧ ଗୃହ-ନିର୍ମାଣ । କେତେ ଗୁଡ଼ିଏ ଭଗ୍ନ ଦ୍ୱାର, ଭଗ୍ନ ପ୍ରାଚୀର, ଜୀର୍ଣ୍ଣ ମଣ୍ଡପ ଅତୀତ ସମ୍ପଦର ମୂକ ସାକ୍ଷୀ ରୂପେ ବର୍ତ୍ତମାନ । ସେସବୁ ହେତୁ ଉଦ୍ୟାନଟିର ନିର୍ଜ୍ଜନତା, ଅଯତ୍ନ ଓ ପ୍ରାଚୀନତା ପରିସ୍ଫୁଟ । ଉଦ୍ୟାନ ଗୃହଟି ପର୍ଯ୍ୟନ୍ତ ଭୂମିସାତ ଓ ବନ୍ୟଲତା ପୂର୍ଣ୍ଣ ।

ଉପବନର ହୀନ ଅବସ୍ଥା ସନ୍ଦର୍ଶନ କରି ରାଘବଙ୍କ ପ୍ରାଣର ଗଭୀର ଚିନ୍ତା ଓ ଅନୁତାପ ଦ୍ୱିଗୁଣିତ ହେଲା । ଅତୀତର କେତେ ସୁଖ ଦୁଃଖର ଚିତ୍ର ଛାୟା ପରି ତାଙ୍କ ନୟନ ସମ୍ମୁଖରେ ପ୍ରତିଭାତ ହୋଇ ପୁଣି ବିଲୀନ ହେବାକୁ ଲାଗିଲା । ଉଦ୍ୟାନର ସେ ଶୋଭା ଆଜି ନାହିଁ, ରାଜ୍ୟର ସେ ସମ୍ପଦ ନାହିଁ, ତାଙ୍କ ନିଜର ସେ ପଦ ଗୌରବ କ୍ଷମତା ନାହିଁ ? ଉଦ୍ୟାନର ଅବସ୍ଥା ପରି, ରାଜ୍ୟର ଅବସ୍ଥା ପରି ତାଙ୍କ ନିଜର ଅବସ୍ଥା ମଧ୍ୟ କି ଶୋଚନୀୟ ହୋଇଅଛି ! ଯେଉଁ ଉଦ୍ୟାନରେ ସେ ରାଜମନ୍ତ୍ରୀ ଭାବରେ ରାଜାଙ୍କ ସମାନ ଆଦରର ଅଭ୍ୟର୍ଥନା ପାଉଥିଲେ, ଆଜି ତାହାର

Digitized by srujanika@gmail.com

ପରେ ସେଠାରେ ସେ ଲୁକ୍କାୟିତ । ନିୟତି—ଭାଗ୍ୟ—କର୍ମଫଳ ? ନିୟତି କ'ଣ ବ୍ୟକ୍ତି ବିଶେଷଙ୍କୁ ନେଇ କ୍ରୀଡ଼ା କରିବାକୁ ସମୟ ପାଏ ? ଭାଗ୍ୟ କ'ଣ ପ୍ରତିଶୋଧ ନିଏ ? କର୍ମଫଳ ଇହ କିମ୍ବା ପୂର୍ବ ଜନ୍ମର ? ଯଦି ପୂର୍ବ ଜନ୍ମର, ସେ ତାହା କାହିଁକି ଭୋଗ କରିବେ ? ଅନ୍ତତଃ ଭୋଗ କରିବା ପୂର୍ବରୁ ସେ ତାହା ଜାଣିବା ଉଚିତ । ତାହା ନହେଲେ କର୍ମ-ଫଳ ନିୟନ୍ତା ବିଧାତାଙ୍କ ସୃଷ୍ଟିର ଦୋଷ ସଂଶୋଧନ ହେବା ପ୍ରୟୋଜନ ।

ଉନ୍ମତ୍ତପ୍ରାୟ ରାକ୍ଷସ ଭାବିଲେ, ନିଶ୍ଚୟ କି ଏକ ଅଜ୍ଞେୟ, ଅଚିନ୍ତ୍ୟ ଶକ୍ତି ଦ୍ୱାରା ତାଙ୍କର ପ୍ରତି କାର୍ଯ୍ୟ ପ୍ରତିହତ । ନହେଲେ କି ସେ ଆଜି ସମ୍ପଦଶୂନ୍ୟ, ସନ୍ତାନଶୂନ୍ୟ, ଆତ୍ମୀୟ ପରିଜନଶୂନ୍ୟ ? ତା' ନହେଲେ କି ଆଜି ନିଜ ରାଜ୍ୟ ମଧ୍ୟରେ ତସ୍କର ଭାବରେ ସେ ଲୁକ୍କାୟିତ ? ତା' ନହେଲେ କି ମଳୟକେତୁ ତାଙ୍କ ପ୍ରତି ସନ୍ଦେହାପନ୍ନ ? ରାକ୍ଷସ "ଉନ୍ମାଦଗ୍ରସ୍ତ" ପରି କାଳ ସହିତ କଥା କହିବାକୁ ଆରମ୍ଭ କଲେ, କାଳ ତାଙ୍କୁ ବିଦ୍ରୂପ କରିବାକୁ ଲାଗିଲା । କ୍ରୋଧରେ ସେ କାଳକୁ ବାନ୍ଧି ଦେବା ଚେଷ୍ଟା କଲେ । କାଳ ଦୂରକୁ ପଳାୟନ କଲା । ରାକ୍ଷସଙ୍କର ଚୈତନ୍ୟ ଲାଭ ହେଲା । ଅନ୍ୟମନସ୍କ ଭାବ ଦୂର ହେବା ସଙ୍ଗେ ସଙ୍ଗେ ହୃଦୟର ଶୋକୋଚ୍ଛ୍ୱାସ ତାଙ୍କ ନୟନ ପ୍ରାନ୍ତରେ ଦେଖା ଦେଲା । ଚତୁର୍ଦ୍ଦିଗ ଶୂନ୍ୟ ଦେଖି ସେ ବାଷ୍ପଗଦ୍‌ଗଦ ସ୍ୱରରେ କହିଲେ—"ଭାଗ୍ୟ"

ମଧ୍ୟାହ୍ନର ପ୍ରଖର ଯୌବନ କ୍ରମେ ମ୍ଳାନ ହେବାକୁ ଲାଗିଲା । ଦିନର ବୟୋବୃଦ୍ଧି ସଙ୍ଗେ ଯୌବନର ଉଗ୍ର ଉଷ୍ଣତା ନ୍ୟୂନ ହୋଇ କ୍ରମେ ଶକ୍ତିହୀନ ହେଲା । ଅବଶ ଶିଥିଳ ଅଙ୍ଗ ଦେଖି ସେ ବିଶ୍ରାମ ନିମନ୍ତେ ସ୍ୱ-ପୁର ପ୍ରସ୍ଥାନର ଉଦ୍ୟୋଗ କଲା, ଶୀତଳ ବାୟୁ ସ୍ପର୍ଶରେ

Digitized by srujanika@gmail.com

ରାକ୍ଷସଙ୍କ ଚିନ୍ତା ଉପଶମିତ ହେଲା । ସେ ଦେଖିଲେ, ଅଦୂରେ ଜଣେ ମଗଧବାସୀ ବୃକ୍ଷମୂଳରେ ରଜ୍ଜୁ ହସ୍ତରେ ଦଣ୍ଡାୟମାନ ହୋଇ ଆତ୍ମ-ହତ୍ୟାର ଚେଷ୍ଟା କରୁଅଛି । ଉଦ୍‌ବିଗ୍ନ ହୋଇ ତାହା ନିକଟକୁ ଦଉଡ଼ି ଯାଇ ସେ ପଚାରିଲେ, "କିଏ ତୁମେ ? କଅଣ କରିବାକୁ ଯାଉଛ ?" ମଗଧବାସୀ ଉତ୍ତର କଲା, "ମହାଶୟ, ମୋର ଜୀବନରେ ଗୋଟିଏ ବଡ଼ କ୍ଷତି ହୋଇଅଛି । ତାହା ସହ୍ୟ କରିନପାରି ଇହଧାମରୁ ଅଚିରେ ବିଦାୟ ନେବାକୁ ବସିଅଛି ।"

ରାକ୍ଷସ—ଘଟଣା କ'ଣ, କହିବାକୁ ଆପତ୍ତି ଅଛି କି ?

ମଗଧବାସୀ—କୌଣସି ଆପତ୍ତି ନାହିଁ ; ତେବେ କହିବା ପାଇଁ ସମୟ ନାହିଁ । ମୁଁ ଅଳ୍ପ ମୁହୂର୍ତ୍ତେ ମଧ ବିଳମ୍ବ କରି ନପାରେ । ଆପଣ ବିଦାୟ ନେଉନ୍ତୁ, ମୁଁ ଯାଏ ।

ରାକ୍ଷସ—ପ୍ରତ୍ୟେକ ବିଷୟର ପ୍ରତୀକାର ଅଛି । କହିବାରେ ଯଦି କୌଣସି ଆପତ୍ତି ନାହିଁ, ତେବେ ମୋତେ ତାହା ଫିଟାଇ କହିଲେ ଉପାୟ ଚିନ୍ତା କରନ୍ତେ ଅବା ।

ମଗଧବାସୀ—ନା' ମହାଶୟ, କ୍ଷମା କରନ୍ତୁ । ଆପଣଙ୍କ ଆଗ୍ରହ ଦେଖି କହିବାକୁ ଇଚ୍ଛା ହୁଏ, କିନ୍ତୁ ଅଳ୍ପ ସମୟ ନାହିଁ । ମୋତେ ଛାଡ଼ନ୍ତୁ ।

ରାକ୍ଷସ—ଏ ଦୁର୍ଲଭ ମାନବ ଜୀବନ ବୃଥା ଏପରି ପରିତ୍ୟାଗ କରିବା ପରିବର୍ତ୍ତେ କ୍ଷତିର ପ୍ରତୀକାର ଚିନ୍ତା କରିବା ବିଧେୟ । ମୁ ତୁମ

Digitized by srujanika@gmail.com

ଦୁର୍ଦ୍ଦଶାରେ ନିତାନ୍ତ ଦୁଃଖୀ, କାରଣ ମୋଠାରୁ ଦୁଃଖୀ ଅଉ କେହି ନାହାନ୍ତି । ମୁଁ ତୁମ ଦୁର୍ଦ୍ଦଶାର କାରଣ ଜାଣିବା ପାଇଁ ଏକାନ୍ତ ଇଚ୍ଛୁକ । ମୋର ବିଶେଷ ଅନୁରୋଧ, ମୋତେ ତାହା କହିବାକୁ ହେବ ।

ମଗଧବାସୀ—ଆପଣ ଯେତେବେଳେ ଶୁଣିବେ ନାହିଁ, ମୁଁ ନ କହିଲେ ମୋର ଏ ଚେଷ୍ଟା ସଫଳ ହେବନାହିଁ । ମହାଶୟ; ମୋର ଜଣେ ବନ୍ଧୁଙ୍କ ମୃତ୍ୟୁ ସକାଶେ ମୁଁ ହତାଶ ହୋଇ ପ୍ରାଣତ୍ୟାଗ କରୁଅଛି । ଆଉ ଅଧିକ ବିଳମ୍ବ କରିପାରିବି ନାହିଁ । ମୋତେ ଛାଡ଼ନ୍ତୁ ।

ଏହା କହି ମଗଧବାସୀ ରଜ୍ଜୁ ଠିକ କରି ଆତ୍ମହତ୍ୟା ଚେଷ୍ଟାର ଅଭିନୟ କଲା । ରାକ୍ଷସ ପୁଣି ଚିନ୍ତାମଗ୍ନ ହେଲେ । ବନ୍ଧୁ ପ୍ରତି ଏହାର କି ଆନ୍ତରିକ ସ୍ନେହ, କି ପ୍ରଗାଢ଼ ଅନୁରାଗ; ଅନ୍ୟପକ୍ଷେ ବନ୍ଧୁଙ୍କ ବିପଦରେ ମଧ୍ୟ ମୁଁ ନିଶ୍ଚିନ୍ତ ! ସେ ପୁଣି ପଚାରିଲେ, "ଘଟଣା ବିଶଦ ଭାବରେ ବିବୃତ କର । ତା' ନହେଲେ ମୁଁ ଯେ ଉପାୟ ଚିନ୍ତା କରି ପାରୁନାହିଁ ।"

ମଗଧବାସୀ କହିଲା—"ଆପଣଙ୍କ ଏକାନ୍ତ ଆଗ୍ରହ ଦେଖି ନକହି ରହିପାରୁ ନାହିଁ । ଏ ନଗରରେ ବିଷ୍ଣୁଦାସ ନାମକ ମୋର ଜଣେ ବନ୍ଧୁ ଅଛନ୍ତି । ଆଜି ସେ ଜ୍ୱଳନ୍ତ ଅନଳରେ ପଶି ପ୍ରାଣତ୍ୟାଗ କରିବେ । ତାଙ୍କ ମୃତ୍ୟୁ ସମ୍ବାଦ ଶୁଣିବା ପୂର୍ବରୁ ମୁଁ ମଧ୍ୟ ଆତ୍ମହତ୍ୟା କରି ପ୍ରାଣ ହରାଇବି ।" ରାକ୍ଷସ ଅବାକ୍ ହେଲେ । ଏହି ବିଷ୍ଣୁଦାସହିଁ ତାଙ୍କ ଅନ୍ତରଙ୍ଗ ବନ୍ଧୁ, ଚନ୍ଦନ ଦାସଙ୍କର ସଖା । ତେବେ ସେ କ'ଣ ଚନ୍ଦନ ଦାସଙ୍କ ବିପଦରେ ଏପରି କରୁଅଛନ୍ତି ? ଚନ୍ଦନ ଦାସଙ୍କ ସମ୍ବାଦ ନିଶ୍ଚୟ ସେ

Digitized by srujanika@gmail.com

ପାଇବେ । ଅଧିକ ଆଗ୍ରହ ଓ ଔତ୍ସୁକ୍ୟ ସହ ସେ ପ୍ରଶ୍ନ କଲେ, "ତୁମ ବନ୍ଧୁ କାହିଁକି ଅଗ୍ନି ପ୍ରବେଶ କରିବେ ? ବୋଧହୁଏ କୌଣସି ଦୁରାରୋଗ୍ୟ ବ୍ୟାଧିରେ ସେ ଯନ୍ତ୍ରଣା ଅନୁଭବ କରୁଥିବେ, କିମ୍ବା ରାଜାଙ୍କଠାରୁ ଅସହ୍ୟ ଦଣ୍ଡାଜ୍ଞା ପ୍ରାପ୍ତ ହୋଇଥିବେ, କିମ୍ବା ଚାଣକ୍ୟଙ୍କ କୁଟିଳ ନୀତିରେ ଜଡ଼ିତ ହୋଇଥିବେ ।"

ମଗଧବାସୀ—ରାମ ରାମ, ଶାସନ ସମ୍ବନ୍ଧୀୟ କୌଣସି କଥାରେ ସେ ଜଡ଼ିତ ନୁହନ୍ତି; କିମ୍ବା କୌଣସି ବ୍ୟାଧି ପୀଡ଼ିତ ନୁହନ୍ତି ।

ରାକ୍ଷସ—ତେବେ କି ତୁମ ପରି ସେ ବନ୍ଧୁ ବିଚ୍ଛେଦ ଦୁଃଖରେ କାତର ?

ମଗଧବାସୀ—ଠିକ୍ ଅନୁମାନ କରିଛନ୍ତି, ମହାଶୟ । ଏହା କହିବା ସଙ୍ଗେ ସଙ୍ଗେ ସେ ପୁଣି ଆତ୍ମହତ୍ୟା ପାଇଁ ଉଦ୍ୟତ ହେଲା । ରାକ୍ଷସ ତାହାକୁ ବାଧା ଦେଇ କହିଲେ—"ସବୁକଥା ନକହିଲେ ମୁଁ ତୁମକୁ ଛାଡ଼ି ଦେବିନାହିଁ ।

ମଗଧବାସୀ—ମହାଶୟ, ଶୀଘ୍ର ଶୁଣନ୍ତୁ, ଏଣେ ଅଯଥା ବିଳମ୍ବ ହେଉଅଛି ।

"ଏହି ନଗରରେ ଚନ୍ଦନ ଦାସ ନାମକ ବିଷ୍ଣୁ ଦାସଙ୍କର ଜଣେ ବନ୍ଧୁ ଅଛନ୍ତି । ସେ ମନ୍ତ୍ରୀ ରାକ୍ଷସଙ୍କ ପରିବାରକୁ ଆଶ୍ରୟ ଦେଇଥିବା ଅପରାଧରେ ମୃତ୍ୟୁଦଣ୍ଡାଜ୍ଞା ପାଇ ଅଛନ୍ତି । ବିଷ୍ଣୁ ଦାସ ନିଜର ସମସ୍ତ ସମ୍ପତ୍ତି ଦେଇ ତାଙ୍କ ପ୍ରାଣରକ୍ଷା ପାଇଁ ମହାରାଜଙ୍କୁ ବହୁ ପ୍ରାର୍ଥନା କଲେ ।

Digitized by srujanika@gmail.com

ମହାରାଜ କହିଲେ, ସେ ଅର୍ଥ ନିମନ୍ତେ ତାଙ୍କୁ ଦଣ୍ଡ ଦେଇନାହାନ୍ତି—କିନ୍ତୁ ସତ୍ୟ ଗୋପନ କରି ରାଜଦ୍ରୋହୀ ହେବାରୁ । ବର୍ତ୍ତମାନ ଚନ୍ଦନ ଦାସଙ୍କୁ ବଧ୍ୟ ଭୂମିକି ନିଆଯାଉଅଛି । ତାଙ୍କର ମୃତ୍ୟୁ ପୂର୍ବରୁ ବିଷ୍ଣୁଦାସ ଅଗ୍ନିରେ ଝାସ ଦେବେ ଏବଂ ସେ ଅଗ୍ନିରେ ପ୍ରବେଶ କରିବା ପୂର୍ବରୁ ମୁଁ ଆତ୍ମହତ୍ୟା କରିବି ।"

ଜଣକ ମୃତ୍ୟୁ ପୂର୍ବରୁ ଆଉ ଜଣକର ମୃତ୍ୟୁ ଆଲିଙ୍ଗନ—ତାହା ପୂର୍ବରୁ ପୁଣି ଆଉ ଜଣକର, ଏ କଳ୍ପନା ରାକ୍ଷସଙ୍କ ପରି ବୁଦ୍ଧିମାନ ବ୍ୟକ୍ତି ଘଟଣା ଜାଲରେ ରହି ସ୍ୱାଭାବିକ ମଣିଲେ । ସୁସ୍ଥ ମନରେ ଯେ କେହି ଏ ଅସ୍ୱାଭାବିକ ବିଷୟରେ ସନ୍ଦିହାନ ହେବା କଥା । ସାଧାରଣ ବୁଦ୍ଧିରେ ଏହା କେବଳ ଛଳନା ବୋଲି ସହଜରେ ଜଣା-ଯାଏ । କିନ୍ତୁ ବନ୍ଧୁଙ୍କ ବିପଦରେ ରାକ୍ଷସଙ୍କର ପ୍ରବଳ ଦୁଶ୍ଚିନ୍ତା ଜାତ ହୋଇଥିଲା । ତାଙ୍କ ପରିବାରକୁ ଆଶ୍ରୟ ଦେଇ ଚନ୍ଦନ ଦାସ ହସ ହସ ମୁହଁରେ ମୃତ୍ୟୁକୁ ଆଲିଙ୍ଗନ କରୁଅଛନ୍ତି । ଜଗତରେ ସ୍ନେହ ପରି ଆଉ କିଛି ନାହିଁ । ଚନ୍ଦନଦାସ ସ୍ନେହ ଓ ବିଶ୍ୱାସର ଚରମ ଉତ୍କର୍ଷତା ଦେଖାଇଅଛନ୍ତି । ରାକ୍ଷସ ଆଉ ନିଶ୍ଚିନ୍ତ ରହନ୍ତେ କିପରି ? ସେ ଅବି-ଳମ୍ବେ ଯାଇ ବନ୍ଧୁଙ୍କ ପ୍ରାଣରକ୍ଷା କରିବେ—ନିଜ ପ୍ରାଣର ବିନିମୟରେ, ନିଜ ତରବାରିର ଅଦ୍ଭୁତ ଖେଳାରେ । ସେ ଲୋକଟିକୁ କହିଲେ—"ତେବେ ତୁମେ ଯାଇ ବିଷ୍ଣୁଦାସଙ୍କୁ କହ, ସେ ଆଉ ଅଗ୍ନିରେ ପଡ଼ନ୍ତୁ ନାହିଁ । ମୁଁ ଏହିକ୍ଷଣି ଯାଇ ଚନ୍ଦନ ଦାସଙ୍କ ପ୍ରାଣରକ୍ଷା କରିବି ।" ମଗଧବାସୀ ପ୍ରଶ୍ନକଲା—"କି ଉପାୟରେ କରିବେ ?" ରାକ୍ଷସ କହିଲେ, "ମୋର ଏ ତରବାରି ସାହାଯ୍ୟରେ ।" ମଗଧବାସୀ କହିଲା, "ଚନ୍ଦନ ଦାସଙ୍କ ମୃତ୍ୟୁ ସମ୍ବାଦରେ ଆପଣ ଯେପରି ଚକିତ, ମୁଁ ଅନୁମାନ କରେ, ଆପଣହିଁ ମନ୍ତ୍ରୀ ରାକ୍ଷସ ।" ଏହା କହି ସେ ରାକ୍ଷସଙ୍କ ପାଦତଳେ ପଡ଼ି

Digitized by srujanika@gmail.com

ହୋଇ କହିଲା—"ମୋର ସୌଭାଗ୍ୟ, ମୁହିଁ ପ୍ରଥମେ ଆପଣଙ୍କୁ ଦେଖିଛି । ମୋର ସମସ୍ତ ଅସାବଧାନତା ଓ ଅବଜ୍ଞା ମାର୍ଜନା କରନ୍ତୁ । ଆପଣଙ୍କୁ ଗୋଟିଏ କଥା କହିବି । ଅଟେ ଶକଟଦାର ଆପଣଙ୍କ ଷଡ଼-ଯନ୍ତ୍ରରେ ଯୋଗଦେଇଥିବା ଅପରାଧରେ ପ୍ରାଣଦଣ୍ଡ ଆଦେଶ ପାଇଥିଲେ । ବଧ୍ୟଭୂମିରୁ ତାଙ୍କୁ ଜଣେ ମୁକ୍ତ କରି ନେଇ ପଳାୟନ କଲା । ସେଥି-ପାଇଁ ସମସ୍ତ ଘାତକ ପ୍ରାଣଦଣ୍ଡ ଲାଭ କଲେ । ସେହି ଦିନଠାରୁ ଘାତକ-ମାନେ ବହୁତ ସାବଧାନ । ଆପଣ ସଶସ୍ତ୍ର ସେଠାକୁ ଯିବା ଦେଖିଲେ ସେମାନେ ପ୍ରାଣ ଭୟରେ ଅର୍ଦ୍ଧ ପଥରେ ଚନ୍ଦନଦାସଙ୍କୁ ବଧ କରିବେ । ଆପଣଙ୍କ ଅସ୍ତ୍ରହିଁ ତାଙ୍କର ମୃତ୍ୟୁର କାରଣ ହେବ ।"

ଏତେବେଳେ ରାକ୍ଷସଙ୍କର କପାଳ ଟିକିଏ ସନ୍ଦେହ ହେଲା । ଏସବୁ ଯେ ଚାଣକ୍ୟଙ୍କର କୁଟିଳ ଚକ୍ରାନ୍ତ ନୁହେଁ, କିଏ କହିବ ? ଚାଣକ୍ୟଙ୍କର ସମସ୍ତ କାର୍ଯ୍ୟ ଯେ ଗୂଢ଼, ଦୁର୍ଭେଦ୍ୟ, ଦୁର୍ବୋଧ । ଶକଟଦାରଙ୍କ ମୁକ୍ତିରେ ଘାତକଗଣ କାହିଁକି ପ୍ରାଣଦଣ୍ଡ ପାଇବେ ? ତାଙ୍କର ସ୍ମରଣ ହେଲା, ସେହି ଜାଲପତ୍ର, ଯାହା ତାଙ୍କର ସମସ୍ତ ଉଦ୍ୟମ ପଣ୍ଡ କଲା । ଏ ଭିତରେ ତାଙ୍କ ବଚଳିତ ବୁଦ୍ଧି ବହୁତ ଆଉ ପଶି ପାରିଲାନାହିଁ । ଏସବୁ ସ୍ୱାଭାବିକ ଘଟଣା କିମ୍ବା ଚାଣକ୍ୟଙ୍କ ଚକ୍ରାନ୍ତ ସ୍ଥିର କରିବା ବେଳକୁ ଯଦି ବନ୍ଧୁଙ୍କର ପ୍ରାଣନାଶ ଘଟେ, ତେବେ ଯୁକ୍ତି ସିଦ୍ଧାନ୍ତରେ କିଫଳ ହେବ ? ପୁଣି ଚନ୍ଦନ ଦାସଙ୍କୁ ପ୍ରକାଶ୍ୟ ଯୁଦ୍ଧରେ ରକ୍ଷା କରିବାକୁ ହେଲେ, ତାଙ୍କର ଲୋକବଳ ଅଗ୍ରହ ଓ ସାଜସଜ୍ଜା ପୂର୍ବରୁ ହିଁ ପ୍ରାଣ ହରାଇବା ଅସମ୍ଭବ ନୁହେଁ ! ସେ ଆଉ ବିଳମ୍ବ ନକରି ନିରସ୍ତ୍ର ହୋଇ ବଧଭୂମି ଉଦ୍ଦେଶ୍ୟରେ ବାହାରିଲେ ।

Digitized by srujanika@gmail.com

ଗୃହସ୍ଥାଶ୍ରମ

"He lives as his own self; dear as his eye
They are to him; He'll never them forsake."

Henry More

ପୁଷ୍ପପୁର ରାଜଧାନୀରେ ଆଜ ମହାକୋଳାହଳ—ଦୈନନ୍ଦିନ ବ୍ୟବସାୟ ଓ ଯାତାୟାତ ବନ୍ଦ ପ୍ରାୟ । ସବୁଆଡ଼େ ସେହି ଆଲୋଚନା, ଚନ୍ଦନ ଦାସଙ୍କ ପ୍ରାଣଦଣ୍ଡ । ଚନ୍ଦନ ଦାସଙ୍କ ଲୋକପ୍ରିୟତା, ନିସ୍ୱାର୍ଥତା, ନିର୍ଦ୍ଦୋଷିତା ଓ ନାନା ସଦ୍‌ଗୁଣାବଳୀର ସମସ୍ତଙ୍କ ମୁଖରେ ପ୍ରଶଂସା । ତାଙ୍କ ପ୍ରତି ଅନ୍ୟାୟ କଠୋର ଦଣ୍ଡର ସର୍ବତ୍ର ନିନ୍ଦାବାଦ । ବଜ୍ରପାତ ପରି ଏ ଅପ୍ରତ୍ୟାଶିତ ଦଣ୍ଡାଜ୍ଞାରେ ସମସ୍ତେ ବିସ୍ମିତ, ଉତ୍‌କଣ୍ଠିତ । ସର୍ବତ୍ର ଚୌକିଦାର, ସ୍ଥାନେ ସ୍ଥାନେ ସୈନ୍ୟଗଣ ଶାନ୍ତିରକ୍ଷା ନିମନ୍ତେ ସଶସ୍ତ୍ର ଦଣ୍ଡାୟମାନ । ନାଗରିକଗଣଙ୍କ ଜନତା ବା ଏକତ୍ର ସମବେତ ନିଷିଦ୍ଧ । ଚନ୍ଦନ ଦାସଙ୍କ ସମ୍ବନ୍ଧେ ପ୍ରକାଶ୍ୟ କଥୋପକଥନ ନିୟମ ବିରୁଦ୍ଧ । ସମସ୍ତଙ୍କ ମୁଖରେ ହାହାକାର । ସର୍ବତ୍ର ଅଶାନ୍ତିର ପୂର୍ଣ୍ଣ ସୂଚନା—ତଥାପି ଶାନ୍ତିରକ୍ଷା ପାଇଁ ଦଳେ ଦଳେ ସୈନିକ ନାନା ସ୍ଥାନରେ ସତର୍କ ଦଣ୍ଡାୟମାନ ।

ପ୍ରକାଶ୍ୟ ରାଜପଥରେ ଚନ୍ଦନ ଦାସ ସହ ଘାତକଗଣ ବଧ-ଭୂମିକୁ ଯାଉଅଛନ୍ତି । ପଛରେ ତାଙ୍କ ସ୍ତ୍ରୀ ଓ ଶିଶୁପୁତ୍ର, ଉଭୟେ ରୋରୁଦ୍ୟମାନ । ଚନ୍ଦନ ଦାସ ସ୍କନ୍ଧରେ ତାଙ୍କ ମୃତ୍ୟୁ ନିମନ୍ତେ ଉଦ୍ଦିଷ୍ଟ ଗୋଟିଏ ଶୂଳ ବହନ କରୁଅଛନ୍ତି । ଅନେକ ଦର୍ଶକ ତାଙ୍କ ସଙ୍ଗେ ସଙ୍ଗେ ବଧଭୂମି ଉଦ୍ଦେଶ୍ୟରେ ଚାଲିଅଛନ୍ତି । ଚୌକି-

Digitized by srujanika@gmail.com

ଦାରଗଣ ସେମାନଙ୍କ ଜନତା ଭଙ୍ଗ କରିବାରେ ବ୍ୟସ୍ତ । ନାଗରିକଗଣ ନିଜ ନିଜ ଗୃହ ସମ୍ମୁଖରେ ନୀରବରେ ଦଣ୍ଡାୟମାନ । ଯେପରି ସ୍ୱୟଂ ମହାରାଜଙ୍କ ବିଜୟ-ଯାତ୍ରାର ଉତ୍ସବ ଦର୍ଶନ ପାଇଁ ସମସ୍ତେ ସମବେତ । ଚନ୍ଦନ ଦାସଙ୍କ ଅପମାନରେ ସମସ୍ତେ ଅଶ୍ରୁମୋଚନ କରୁଅଛନ୍ତି । ତାଙ୍କ ଅପମାନ ବୃଦ୍ଧି କରିବା ପାଇଁ ଘାତକଗଣ ଉଚ୍ଚ-ସ୍ୱରରେ କହୁଅଛନ୍ତି—"ଶୁଣ ମଗଧର ପ୍ରଜାବୃଣ ! ଏହାଙ୍କ ପରି ଯେ ମହାରାଜାଂଙ୍କ ଅପ୍ରିୟ କାର୍ଯ୍ୟ କରେ, ସେ ଏପରି ଫଳ ଭୋଗିବା ସୁନିଶ୍ଚିତ । ବର୍ତ୍ତମାନ ମଧ୍ୟ କାଳ ଅତୀତ ହୋଇନାହିଁ । ରାକ୍ଷସଙ୍କ ପରିବାର ସନ୍ଧାନରେ ଚନ୍ଦନ ଦାସଙ୍କର ମୁକ୍ତି, ନଚେତ ଏହି ଶୂଳହିଁ ତାଙ୍କର ଶେଷ ଗତି ।"

ଚନ୍ଦନ ଦାସ ନୀରବ, ଚିନ୍ତିତ । ସେ ଭଗବାନଙ୍କ ଅପୂର୍ବ ଲୀଳା ଦେଖି ବିସ୍ମିତ, ମୁଗ୍ଧ । କେବଳ ବେଳେ ବେଳେ ସ୍ତ୍ରୀ ଓ ପୁତ୍ରର କରୁଣ କ୍ରନ୍ଦନ ସ୍ୱର କର୍ଣ୍ଣରେ ପ୍ରବେଶ କରି ତାଙ୍କୁ ଅଧୀର, ଉତ୍ତେଜିତ କରୁଅଛି । ସେ ଭାବୁଛନ୍ତି ଭଗବାନଙ୍କର ଏ କି ଖେଳା ? ଯେ ପରର ଅନିଷ୍ଟ କଳ୍ପନାରେ ସୁଦ୍ଧା କରିନାହିଁ, ସେ ରାଜାପରାଧରେ ପ୍ରାଣଦଣ୍ଡ-ଭୋଗୀ । ଶରଣାଗତକୁ ଆଶ୍ରୟ ପ୍ରଦାନ ଭଗବାନଙ୍କର ପ୍ରିୟ କାର୍ଯ୍ୟ ହେବା ସ୍ଥଳେ, ଆଶ୍ରୟଦାତାର ଅନିଷ୍ଟ କିପରି ସମ୍ଭବ ହୁଏ ? ଅଥବା ଏହା ଭଗବାନଙ୍କର ପରୀକ୍ଷା ମାତ୍ର ? ତେବେ ଭଗବାନଙ୍କ ଦ୍ୱାରା ଏପରି କଠୋର ପରୀକ୍ଷା କରାଗଲେ, ସେଥିରେ ଉତ୍ତୀର୍ଣ୍ଣ ହେବା ପାଇଁ ଶକ୍ତି ମଧ୍ୟ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ହେବା ଆବଶ୍ୟକ । ତାହା ନହେଲେ ଅସୀମ ଶକ୍ତିମାନ, ଅଚିନ୍ତ୍ୟ, ଅଜ୍ଞେୟଙ୍କ ପକ୍ଷରେ ଜଣେ ନଗଣ୍ୟ, ଦୁର୍ବଳ ମାନବର ଶକ୍ତି ପରୀକ୍ଷା ହାସ୍ୟାସ୍ପଦ ମାତ୍ର ।

Digitized by srujanika@gmail.com

ବନ୍ଧୁଙ୍କ ପରିବାରକୁ ଆଶ୍ରୟ ଦାନ—ତାହା ଗୃହସ୍ଥର ସ୍ୱଧର୍ମ । ଗୃହସ୍ଥାଶ୍ରମରେ ରହି ସେ କିପରି ବା ତାହା ପାଳନ ନକରିବେ ? ସ୍ୱଧର୍ମ ପାଳନ ସକାଶେ ସଂସାରର ବିଳାସ, ମାୟା ମମତା, ସ୍ନେହବନ୍ଧନ ସୁଖ ସ୍ୱାଚ୍ଛନ୍ଦ୍ୟ ସମସ୍ତ ତ୍ୟାଗ କରିବାକୁ ହୁଏ । ସ୍ୱଧର୍ମ ସାଧନରେ ପ୍ରାଣ ଉତ୍ସର୍ଗ କରିବା ମହର୍ଷିମଣ୍ଡିତ ଆର୍ଯ୍ୟଙ୍କ ବିଧାନ । ସେଥିପାଇଁ ସେ ଦୁଃଖ କରିବେ କାହିଁକି ? ମହର୍ଷି ଜନକ କିପରି ଗୃହସ୍ଥାଶ୍ରମରେ ରହି ନିର୍ଲିପ୍ତ ଭାବରେ ବହୁକାଳ ଗୋଟିଏ ରାଜ୍ୟଚାଳନ କରିଥିଲେ ! ସେ ସ୍ୱଧର୍ମ ପାଳନରେ ତିଳେମାତ୍ର କୁଣ୍ଠା କରି ନାହାନ୍ତି । ମହାରାଜ ଶିବି ଗୃହସ୍ଥ-ଧର୍ମ ପାଳନ ସକାଶେ ଶରଣାଗତକୁ ନିଜ ପ୍ରାଣ ପର୍ଯ୍ୟନ୍ତର ବିନିମୟରେ କିପରି ଆଶ୍ରୟ ଦେଇଥିଲେ ? ସଂସାର ଅନିତ୍ୟ—ନିତ୍ୟ କେବଳ ଗୃହସ୍ଥର ସ୍ୱଧର୍ମ ପାଳନ । ଜଣେ ଗୃହସ୍ଥ ସ୍ୱଧର୍ମ ପାଳନ କରି ପାରିଲେ ସଂସାର ପାଇଁ ଯଥେଷ୍ଟ । ଅଳ୍ପ ସେ କଳ୍ପିତ ପରିମାଣରେ ତାହା ପାଳନ କରି ଜୀବନର ସାର୍ଥକତା ଲାଭ କରିବେ, କଳ୍ପିତ ଅକ୍ଷୟ ସ୍ୱର୍ଗର ଅଧିକାରୀ ହେବେ । କିନ୍ତୁ ସେ କି ସ୍ୱର୍ଗଯାତ୍ରା ସକାଶେ ସେପରି କିଛି କରିଅଛନ୍ତି ? ସୁସ୍ଥ ବ୍ୟକ୍ତି ଯେପରି ନିଜ ଶରୀରର ଅସ୍ଥିର ଅସ୍ତିତ୍ୱ ଅନୁଭବ କରିପାରେ ନାହିଁ, ଧର୍ମନିଷ୍ଠ ଚନ୍ଦନ ଦାସ ନିଜକୃତ ଅଶେଷ ସତ୍କାର୍ଯ୍ୟାବଳି ସ୍ମରଣ କରିପାରିଲେ ନାହିଁ ।

ଘାତକଗଣଙ୍କ ବାକ୍ୟରେ ତାଙ୍କ ଚିନ୍ତା-ସ୍ରୋତ ବନ୍ଦ ହେଲା । ସ୍ତ୍ରୀ ଓ ପୁତ୍ରକୁ ବିଦାୟ ଦେବା ପାଇଁ ସେମାନେ ଚନ୍ଦନ ଦାସଙ୍କୁ ଅନୁରୋଧ କଲେ । କିନ୍ତୁ ସହଧର୍ମିଣୀ ସ୍ୱାମୀଙ୍କୁ ନିଦାରୁଣ ଦଣ୍ଡଦାତା ହାତରେ ଛାଡ଼ିଦେଇ ଯାଇପାରେ କି ? ସେ ଅଜସ୍ର ଅଶ୍ରୁ ବର୍ଷଣ ମାତ୍ର କରିବାକୁ ଲାଗିଲେ । ପତିଙ୍କ ତ୍ୟାଗ କରି ଘରେ ଏକାକୀ ରହିବା ଉଦାହରଣ ଆର୍ଯ୍ୟ-ପ୍ରଥାରେ ନାହିଁ—ଅଛି କେବଳ ପଶ୍ଚାତ୍-ପଥ ଅନୁଗାମିନୀ ହେବା

Digitized by srujanika@gmail.com

ଜ୍ୱଳନ୍ତ ମୃତ୍ୟୁ । ସେ ତାହା ପାଳନ କରିବେ । ଚନ୍ଦନ ଦାସ ସ୍ତ୍ରୀଙ୍କି କହିଲେ—ନିର୍ଦ୍ଦୋଷ ଦଣ୍ଡ ଭୋଗ କରିବା ହେତୁ ମୋର ଅତି ବଡ଼ ଆନନ୍ଦ । କେବଳ ଦୁଃଖ ଏତିକି, ତୁମେ ମୋ କଥାରେ କର୍ଣ୍ଣପାତ ନକରି ବିନା ପ୍ରୟୋଜନରେ ପ୍ରାଣଦାନ କରିବ । ତେବେ ଏ ଦୁଗ୍ଧ-ପୋଷ୍ୟ ସ୍ନେହ ପିଣ୍ଡୁଳାର ଲାଳନ ପାଳନ ଓ ରକ୍ଷା ଆଉ କିଏ କରିବ ? ଏହାର ରକ୍ଷା ନିମନ୍ତେ ତୁମେ ମୋର ପ୍ରତିନିଧି ହୋଇ ରହିବ । ମାତାର ମହତ୍ କର୍ତ୍ତବ୍ୟ—ବୃଥାରେ ପତିଙ୍କ ସକାଶେ ପ୍ରାଣତ୍ୟାଗରେ ନୁହେଁ, କିନ୍ତୁ ଶିଶୁ ସନ୍ତାନକୁ ପ୍ରକୃତ ମନୁଷ୍ୟ କରିବାରେ । ତାହା ନକଲେ ମାତାର ଧର୍ମରେ ହାନି ଘଟିବ । ଅକ୍ଷୟ ସ୍ୱର୍ଗ ପରିବର୍ତ୍ତେ ଅନନ୍ତ ନରକହିଁ ମାତାର ଏ କ୍ଷେତ୍ରରେ ଚରମ ପରିଣାମ ।"

ସ୍ତ୍ରୀ ବଡ ଧାର୍ମିକା ଓ ପତିଭକ୍ତା । ସେ କହିଲେ, "ଭଗବାନ ଯେତେବେଳେ ସମସ୍ତ ଜୀବପ୍ରାଣୀର ସୃଷ୍ଟି ଓ ପାଳନ କରନ୍ତି, ଏହାର ପାଳନ କି କରିବେ ନାହିଁ ?" ଚନ୍ଦନ ଦାସ ଉତ୍ତର କଲେ, "ଠିକ୍‌କଥା । କିନ୍ତୁ ଭଗବାନ ଆଉ ନିଜେ ଆସି ପ୍ରତ୍ୟେକଙ୍କର ପ୍ରତ୍ୟକ୍ଷ ରକ୍ଷା ଓ ପାଳନ କରିବେ ନାହିଁ । ସେଥିପାଇଁ ମାନବକୁ ସେ ଜ୍ଞାନ, ବୁଦ୍ଧି, ବିବେକ ପ୍ରଦାନ କରିଅଛନ୍ତି । ନିଜ ନିଜ ବିବେକ-ଜ୍ଞାନରେ ମାନବକୁ ସମସ୍ତ କରିବାକୁ ହେବ । କେବଳ କୌଣସି ଅବସ୍ଥାରେ କୌଣସି କାର୍ଯ୍ୟ ନିଜ ଜ୍ଞାନ କିମ୍ବା ଶକ୍ତିର ଅତୀତ ହେଲେ, ଭଗବାନଙ୍କ ଉପରେ ନିର୍ଭର କରି ନିଶ୍ଚିନ୍ତ ହେବା କ୍ଷମଣୀୟ ହୋଇପାରେ । ଭଗବାନ୍‌ଙ୍କ ପ୍ରଦତ୍ତ ଶରୀର ବିନା କାରଣରେ ନଷ୍ଟ କରି ନିଜ ପୁତ୍ରର ଲାଳନ ସକାଶେ ଭଗବାନଙ୍କୁ ଦାୟୀ କରିବା ମୂର୍ଖତା, ଭିନ୍ନ କିଛି ନୁହେଁ । ଭଗବାନ ଯଦି ଏତେ ସହଜଲଭ୍ୟ ହୁଅନ୍ତେ, ମନୁଷ୍ୟର ସ୍ୱକର ହୋଇ କାମ କରନ୍ତେ, ତାହାହେଲେ ଆଜି ତୁମେ ଭଗବାନଙ୍କ ଉପରେ

Digitized by srujanika@gmail.com

ଏ ମହତ୍ ସତ୍ୟ ଏତେ ସହଜରେ ବୋଧ ହୁଏ ଗ୍ରାହ୍ୟ ହୁଅନ୍ତା ନାହିଁ, ଭଗବାନଙ୍କର ମୂଲ୍ୟ ଏତେ ରହନ୍ତା ନାହିଁ । ତଥାପି ଯେତେବେଳେ ଚିନ୍ତାର ବହିର୍ଭୂତ, ଅଘଟନ ଘଟନ ଯେତେବେଳେ ସୁନିଶ୍ଚିତ, ସମସ୍ତ ଶକ୍ତି ଯେତେବେଳେ ପରାଭୂତ, ବିନା ନିମନ୍ତ୍ରଣରେ ଭଗବାନ ସ୍ୱତଃ ଆସି ସେଠାରେ ବିପନ୍ନଙ୍କର ଉଦ୍ଧାର କରିଥାନ୍ତି । ଏ କଥା ଶାସ୍ତ୍ରରେ ବହୁ ପ୍ରମାଣ ସହ ବିବୃତ ହୋଇଅଛି । ଯେ କୌଣସି କଥାରେ ଭଗବାନଙ୍କ ପ୍ରତ୍ୟକ୍ଷ ସାହାଯ୍ୟ ଆଶା କରିବାରେ ସୃଷ୍ଟିର ଅର୍ଥ କିଛି ନାହିଁ । ଏ ସୃଷ୍ଟିର ସ୍ରଷ୍ଟା ସେପରି ଉପହାସର ପାତ୍ର ନୁହନ୍ତି ।

ଚନ୍ଦନ ଦାସଙ୍କ ସ୍ତ୍ରୀ ନିରସ୍ତ ହେଲେ । ପିତାଙ୍କୁ ପ୍ରଣାମ କରିବା ପାଇଁ ପୁତ୍ରକୁ କହିବାରୁ ବାଳକ ଚନ୍ଦନ ଦାସଙ୍କ ପଦ ତଳେ ପଡି କାନ୍ଦି କାନ୍ଦି ପଚାରିଲା, "ବାପା, ମୁଁ କଅଣ କରିବି ?" ପିତା ଗମ୍ଭୀର ଭାବରେ ଉତ୍ତର ଦେଲେ, "ଯେଉଁ ଦେଶରେ ଗୃଣକ୍ୟ ନାହିଁ, ସେଠାକୁ ଯାଇ ବାସ କରିବୁ ।" କହୁ କହୁ ତାଙ୍କର କଣ୍ଠରୋଧ ହେଲା । ତିନିହେଁ କାନ୍ଦି ଉଠିଲେ । ଚଣ୍ଡାଳଗଣ ଉଚ୍ଚ ରବରେ ଡାକିଦେଲେ, "ମହାଶୟ ! ଶୂଳ ପ୍ରସ୍ତୁତ । ଆପଣ ଚଞ୍ଚଳ ଆସିବା ହେଉନ୍ତୁ ।" ସ୍ତ୍ରୀ ଓ ଶିଶୁଙ୍କ ହୃଦୟ 'ଶୂଳ' ନାମ ଶ୍ରବଣରେ ପ୍ରବଳ ଭୟରେ ଥରି ଉଠିଲା । ଚନ୍ଦନ ଦାସ କିନ୍ତୁ ସ୍ଥିର, ଅଟଳ । ସେ ସାନ୍ତ୍ୱନା ଦେଇ ସ୍ତ୍ରୀଙ୍କୁ କହିଲେ—"ସୁଖକର ଆନନ୍ଦକର ମୃତ୍ୟୁରେ ଅମଙ୍ଗଳ ସୂଚକ କ୍ରନ୍ଦନ ଅଛି କାହିଁକି ? ବନ୍ଧୁଙ୍କ ହିତ କାମନା କରି ପ୍ରାଣ ହରାଇବା; ଏପରି ସୁଖର କଥା ଯେପରି ନାହିଁ, ଏପରି ଦଣ୍ଡଦାତା ମଧ୍ୟ କେଉଁଠାରେ ନାହାନ୍ତି । ବାପ, ତୁ କଣ ଏଥିରେ ଅଧୀର ହେଉ ? ତୁ କଣ ତୋ ପିତାର ପ୍ରତିଶୋଧ ନେବାପାଇଁ ମନୁଷ୍ୟ ହେବୁ ନାହିଁ ? ତୁ ଫେରି ଯାଇ ବିଦ୍ୟାର୍ଜ୍ଜନ କର । ତାପରେ ମୋ ପ୍ରତି ହେବା ଅନ୍ୟାୟର

Digitized by srujanika@gmail.com

ପ୍ରଚାର କରୁଛୁ । ବାପା, ଶିଶୁ ଅଭିମନ୍ୟୁ କ'ଣ ଚୋପର ଜାଣୁଥିଲେ ? ତୁ କ'ଣ ତାଙ୍କପରି ଶୂର ହେବୁ ନାହିଁ ?" ପୁତ୍ର କହିଲା—"ନା, ଆଉ ମୁଁ କାନ୍ଦିବି ନାହିଁ ।"

ଘାତକଗଣ ଚନ୍ଦନଦାସଙ୍କୁ ଧରି ଶୂଳ ଉପରକୁ ନେବାକୁ ଉଦ୍ୟତ । ଏହା ଦେଖି ତାଙ୍କ ସ୍ତ୍ରୀ ଚିତ୍କାର କରି କାନ୍ଦି ଉଠିଲେ "ରକ୍ଷା କର, ରକ୍ଷା କର । ବିନା ଦୋଷରେ ମୋ ସ୍ୱାମୀଙ୍କର ଜୀବନ ନେଉଅଛନ୍ତି । ସଂସାରେ କି ଧର୍ମ ନାହିଁ ? କେଉଁଠାରେ ଅଛ ଧର୍ମଦେବତା, ରକ୍ଷା କର, ରକ୍ଷା କର ।"

ପୂର୍ଣ୍ଣ ଆହୁତି

His politics are those of the 'Soul's Errand' of Sir Walter Raleigh; or of *Krishna* in the Bhagavata,— 'There is none who is worthy of my love and hatred.'

—Emerson.

ମଗଧବଂଶୀର ଉପଦେଶ ଅନୁଯାୟୀ ରାକ୍ଷସ ନଗର ଶେଷ ସୀମାର ସ୍ୱୀୟ ଶାଣୋଜ୍ଜ୍ୱଳ ତରବାରି ଖଣ୍ଡିକ ଦୂରକୁ ନିକ୍ଷେପ କରି ଖରତର ନିଶ୍ୱାସରେ ଧାଇଁବାକୁ ଲାଗିଲେ । ରାକ୍ଷସ ବୃଦ୍ଧ—ଅଙ୍ଗ ପ୍ରତ୍ୟଙ୍ଗ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଲେ ସୁଦ୍ଧା, ଚରଣ ଶିଥିଳ, ଅବଶ ହୋଇ-ଅଛନ୍ତି । ତଥାପି ବନ୍ଧୁଙ୍କ ପ୍ରାଣରକ୍ଷା ହୋଇ ନପାରିଲେ ସେ ବୃଥା-

Digitized by srujanika@gmail.com

ନସ୍ତୁର୍ଶୀଙ୍କ ନିକଟରେ ଦାୟୀ ରହିବେ । ଏହି ଦାୟିତ୍ୱଜ୍ଞାନ ଉଦିତ ହେବାରୁ ସେ ଶତ ଯୁବକର ଶକ୍ତି ଲାଭ କଲେ । ସେ ଅତି ଚଞ୍ଚଳ ଗତିରେ ଧାଇଁ ଆସି ବଧଭୂମିରେ ଉପସ୍ଥିତ ହେବା ମାତ୍ରେ ଏହି ଚିତ୍କାର ଶୁଣିଲେ “ରକ୍ଷାକର, ରକ୍ଷାକର ।” ସେହି ଶବ୍ଦ ଭୀଷଣ ବଜ୍ର ନାଦରେ ତାଙ୍କ କର୍ଣ୍ଣ ଗୋଚର ହେଲା । ସେ ସେଥିରେ ଅସମ୍ଭାଳ ହୋଇଗଲେ । ଶ୍ୱାସ ଶକ୍ତିର ଅଭାବ, ନିଶ୍ୱାସ ନେଇ ଆଉ ଗ୍ରହଣ କରି ହେଉନାହିଁ । ଚନ୍ଦ୍ରଙ୍କୁ ଲକ୍ଷ୍ୟ କରି ଶକଟ ଧାଇଁଲା ପରି ସେ ଅଳ୍ପ ନିମିଷେ ମଧ୍ୟ ଠିଆ ହୋଇ ଥରେ ପୂର୍ଣ୍ଣ ନିଶ୍ୱାସ ଗ୍ରହଣ କରିବା ପାଇଁ ଅବକାଶ ପାଇଲେ ନାହିଁ । ଏ ଡାକରେ ସେ ଉତ୍ତର ପାଇଁ ଚେଷ୍ଟା କରି ଉଚ୍ଚ ସ୍ୱରରେ କହି ଉଠିଲେ, “ଭୟ ନାହିଁ ମା, ଭୟ ନାହିଁ ।”

ସମସ୍ତେ ବିସ୍ମିତ ହୋଇ ଦେଖିଲେ, ଶୀର୍ଣ୍ଣକାୟ, ପକ୍ୱବୟସ୍କ ବୃଦ୍ଧ ଜଣେ ଶୂଳ ନିକଟକୁ ଧାଇଁ ଆସୁଅଛନ୍ତି । ଚଣ୍ଡାଳ ଦ୍ୱୟଙ୍କର ବୁଝିବାକୁ ବାକି ରହିଲା ନାହିଁ, ଏହି ମହାମନା ହିଁ ରାକ୍ଷସ । ଚନ୍ଦନଦାସଙ୍କ ହୃଦୟ ଆନନ୍ଦରେ ଉଚ୍ଛୁଳି ଉଠିଲା । ମରିବା ପୂର୍ବରୁ ଥରେ ଅନ୍ତରର ପ୍ରିୟତମ, ପ୍ରାଣର ସଖାଙ୍କୁ ସେ ଦେଖିପିବେ । ତାଙ୍କର ଅସ୍ଥିର ମନ ରାକ୍ଷସଙ୍କ ଦର୍ଶନରେ ପୁନଃ ସ୍ଥିର ଓ ହର୍ଷପୁଲକିତ ହେଲା । ସେ ଭୂମିଷ୍ଠ ପ୍ରଣାମ କରି ତାଙ୍କୁ ଅଭିବାଦନ କଲେ । ତାଙ୍କ ସ୍ତ୍ରୀ ମଧ୍ୟ ରାକ୍ଷସଙ୍କୁ ପ୍ରଣାମ କରି କାନ୍ଦିବାକୁ ଲାଗିଲେ । ପିତାଙ୍କ ଇଙ୍ଗିତରେ ଶିଶୁପୁତ୍ର ତାଙ୍କ ପଦଧୂଳି ଗ୍ରହଣ କଲା । କାହାରି ସହିତ ବାକ୍ୟାଳାପ ନକରି ରାକ୍ଷସ ଘାତକଗଣଙ୍କୁ ଲକ୍ଷ୍ୟ କରି କହିଲେ—“ଘାତକଗଣ, ତୁମେମାନେ ଯାଇ ଚାଣକ୍ୟଙ୍କୁ ଜଣାଅ, ଯାହା ପାଇଁ ଚନ୍ଦନଦାସଙ୍କୁ ଆଜି ମୃତ୍ୟୁଦଣ୍ଡ ଦିଆଯାଉଅଛି, ସେହି ରାକ୍ଷସ ସ୍ୱୟଂ ବଧମଞ୍ଚରେ ପ୍ରାଣ ଦେବା ପାଇଁ ବଧ ଭୂମିରେ ଉପସ୍ଥିତ । ଅଥବା ତୁମେମାନେ ମଧ୍ୟ ଚନ୍ଦନଦାସଙ୍କୁ

Digitized by srujanika@gmail.com

ଗୁଡ଼ ଯେ ସ୍ଥାନରେ ମୋତେ ନେଇ ଶୂଳରେ ବସାଇପାର । ମୁଁ ମଗଧର ଶତ୍ରୁ । ମୋତେ ଧରିବା ନିମନ୍ତେ ଚାଣକ୍ୟଙ୍କର ଏତେ ପରିଶ୍ରମ ।" ଘାତକମାନଙ୍କ ମଧ୍ୟରୁ ଜଣେ ଚାଣକ୍ୟଙ୍କ ଉଦ୍ଦେଶ୍ୟରେ ଦଉଡ଼ିଲା । ଏଣେ ଚନ୍ଦନଦାସ କହିଲେ, "ଆପଣଙ୍କ ଦର୍ଶନ ଏ ସମୟରେ ମୋର ମୋକ୍ଷର ଉପାଦାନ ହୋଇଅଛି । କିନ୍ତୁ ଆପଣ ଯାହା କରିବାକୁ ବସିଛନ୍ତି, ତଦ୍ୱାରା ମୋର ଅଶେଷ କାମନା ଯେ ଆତ୍ମବଳିଦାନ, ତାହା ବ୍ୟର୍ଥ ହେବ । ସୁତରାଂ ମୋତେ ସେଥିରୁ ଆଉ ବଞ୍ଚିତ କରନ୍ତୁ ନାହିଁ ।"

ରାକ୍ଷସଙ୍କ ଦୁଇ ଚକ୍ଷୁରୁ ଅଜସ୍ର ଅଶ୍ରୁଧାର ବହିବାକୁ ଲାଗିଲା । ସେ କାନ୍ଦି କାନ୍ଦି କହିଲେ, "ଆଉ ତିରସ୍କାର କରନାହିଁ ବନ୍ଧୁ, ମୁଁ ବଡ଼ ହୀନସ୍ଥାନ । ମୁଁ ଭିକ୍ଷାର୍ଥୀ, ତୁମର ଶିବିରଜଙ୍କ ଅପେକ୍ଷା ବଢ଼ିବାର ଉଚ୍ଚ ଗୃହସ୍ଥ ଆଦର୍ଶର କଣାଏ ମାତ୍ର ଲାଭ କରିବା ପାଇଁ । ଯେ ଏତେ କାଳ ନୀଚ, ଭ୍ରାନ୍ତ ହୋଇ ଉପକାରୀ ବନ୍ଧୁଙ୍କର ସର୍ବନାଶ କରୁଥିଲା, ତାକୁ ଶେଷ ସମୟରେ ତୁମ ଦେବବାଞ୍ଛିତ ଚରିତ୍ରର ଟିକିଏ ମାତ୍ର ଅନୁକରଣ କରିବାକୁ ସୁବିଧା ଦିଅ । ଆଜି ରାକ୍ଷସର ସମ୍ମୁଖ ଥଳସ୍ୟ ବୃତ୍ତି ହୋଇ ଦିବ୍ୟ ଆଲୋକର କ୍ଷୀଣ ରେଖାଟିଏ ଦେଖା ଦେଉଅଛି । ଓଃ ମନେ ପଡ଼ିଲେ ହୃଦୟ—" ରାକ୍ଷସଙ୍କ କଣ୍ଠରୋଧ ହେଲା ।

ଏତିକିବେଳେ କେତେଜଣ ପାର୍ଶ୍ୱଚର ସହ ଚାଣକ୍ୟ ବଧ୍ୟଭୂମିରେ ଉପସ୍ଥିତ ହେଲେ । ରାକ୍ଷସ ଓ ଚାଣକ୍ୟ ପରସ୍ପର ଦୂରରୁ ଜଣକୁ ଜଣେ ଚାହିଁବାକୁ ଲାଗିଲେ । ଚାଣକ୍ୟଙ୍କର ଆନନ୍ଦ କହିଲେ ନସରେ । ସେ ବଧ୍ୟଭୂମିରେ ଉପସ୍ଥିତ ହୋଇ କହିଲେ—"ଅମାତ୍ୟ ରାକ୍ଷସ, ଚନ୍ଦ୍ରଗୁପ୍ତର ପ୍ରଣାମ ଗ୍ରହଣ କରନ୍ତୁ ।"

Digitized by srujanika@gmail.com

ରାକ୍ଷସ କହିଲେ—"ଏ ଅମାତ୍ୟ ସମ୍ବୋଧନ ଆଜି ଉପହାସର କଥା ମାତ୍ର । ମୋର ଆକାଂକ୍ଷା ଆଜି ଚରମ ସ୍ଥାନରେ ଉପନୀତ । ସୁତରାଂ ମୁଁ ଆଉ ବ୍ୟଙ୍ଗ ଉପହାସର ପାତ୍ର ନୁହେଁ । ଯେ ଯାହା ହେଉ, ମୋତେ ସ୍ପର୍ଶ କରିବେ ନାହିଁ, ଯେହେତୁ ମୁଁ ଚଣ୍ଡାଳସ୍ପୃଶ୍ୟ ।"

ଚାଣକ୍ୟ କହିଲେ—"ଜାତି ସଂଗଠନର ବିଶୃଙ୍ଖଳା ଆଜି ବିଧି ବିପର୍ଯ୍ୟସ୍ତ । ତଥାପି ସମାଜ ନିତାନ୍ତ ଦୁର୍ବଳ ନୁହେଁ ବୋଲି ବ୍ରାହ୍ମଣ କ୍ଷତ୍ରିୟର, କ୍ଷତ୍ରିୟ ଶୂଦ୍ରର ସ୍ଥାନ ପୂରଣ କରୁଅଛନ୍ତି । କେବଳ କ୍ଷତ୍ରିୟ କ୍ଷତ୍ରିୟତ୍ୱ ବିସ୍ମୃତ ହୋଇ ଚଣ୍ଡାଳର ହୀନ ଆଚରଣ କରିବା ଏକମାତ୍ର ଲଜ୍ଜାର ବିଷୟ ; ଯେଉଁମାନେ ଚଣ୍ଡାଳ ଔରସରେ ଜାତ, ସେମାନେ ମଧ୍ୟ ଆଜି ସଂସ୍କୃତ ହୋଇ ଉଚ୍ଚ ସୋପାନକୁ ଅଗ୍ରସର । ସେ ଯାହାହେଉ ବର୍ତ୍ତମାନ ଆପଣ ଯେଉଁମାନଙ୍କୁ ଚଣ୍ଡାଳ ଭାବୁଛନ୍ତି, ଟିକିଏ ଭଲକରି ଦେଖିଲେ ବୁଝିବେ, ସେମାନେ ପ୍ରକୃତରେ ଆପଣଙ୍କ ପରିଚିତ ସିଦ୍ଧାର୍ଥକ ଓ ବନ୍ଧୁ ସମିଦ୍ଧାର୍ଥକ ।

ରାକ୍ଷସ ଅବାକ୍ ହେଲେ । ତେବେ କି ଏହିମାନେହିଁ ତାଙ୍କ ନିକଟରେ ବିଶ୍ୱସ୍ତ ଭୃତ୍ୟ ଓ ବନ୍ଧୁ ରୂପେ ରହି ତାଙ୍କର ସମସ୍ତ କୌଶଳ ବ୍ୟର୍ଥ କରିଅଛନ୍ତି ? ସେ ଯେତିକି ବିସ୍ମିତ ହେଲେ, ଚାଣକ୍ୟଙ୍କ ଛଳଚାତୁରୀର ସେତିକି ମନେ ମନେ ପ୍ରଶଂସା କଲେ । ତାଙ୍କ ମନର ଭାବ ଅନୁମାନ କରି ଚାଣକ୍ୟ କହିଲେ; "ଅଧିକ ଗୋପନୀୟର କିଛି ନାହିଁ । ଏ ଦୁହିଁଙ୍କ ସାହାଯ୍ୟରେ ନିରୀହ ଶକଟଦାସ ହାତରେ ସେ ଜାଲପତ୍ର ଲେଖାଇ ଥିଲି ଯାହା ଆଜି ଆପଣଙ୍କୁ ଏଠାକୁ ନେଇ ଆସିଅଛି । ସିଦ୍ଧାର୍ଥକ, ଭାଗୁରାୟଣ, ଆପଣଙ୍କ କପଟ ବନ୍ଧୁ ଜୀବସିଦ୍ଧି, ଆପଣ କ୍ରୟ କରିଥିବା ନିଟିମାନି ଅଳଙ୍କାର, ଏ ସମସ୍ତ ଆପଣଙ୍କୁ ହସ୍ତଗତ କରିବା

Digitized by srujanika@gmail.com

ପାଇଁ ନାନା କୌଶଳ ମାତ୍ର । ସେହି ଉଦ୍ଦେଶ୍ୟରେ ଚନ୍ଦନଦାସ ଉପରେ କୃତ୍ରିମ ଅତ୍ୟାଚାର, ସେହି ଉଦ୍ଦେଶ୍ୟରେ ଜୀର୍ଣ୍ଣ ଉଦ୍ୟାନରେ ଆତ୍ମହତ୍ୟା ଅଭିନୟର ଛଳନା । ଆଉ ସେ ସବୁର ଅବତାରଣା ନିଷ୍ପ୍ରୟୋଜନ । ବର୍ତ୍ତମାନ ମହାରାଜ ଚନ୍ଦ୍ରଗୁପ୍ତ ଆପଣଙ୍କ ଦର୍ଶନାଭିଳାଷୀ ହୋଇ ଆସୁଅଛନ୍ତି ।”

ରାକ୍ଷସ ଚିନ୍ତା କରିବାକୁ ଲାଗିଲେ । ପୁଣି ଚାଣକ୍ୟଙ୍କର ଏ କି ନୂତନ ଷଡ଼ଯନ୍ତ୍ର, ନା କୌଶଳ ? ସେ ଦେଖିଲେ, ମହାରାଜ ଚନ୍ଦ୍ରଗୁପ୍ତ ଶକଟାର ଓ କଞ୍ଚୁକୀ ପାର୍ଶ୍ୱଚର ସହ ତାଙ୍କ ନିକଟକୁ ଆସୁଅଛନ୍ତି । ସେ ଉପସ୍ଥିତ ହେବା କ୍ଷଣି ଚାଣକ୍ୟ କହିଲେ—“ମହାରାଜ, ଅମାତ୍ୟ ରାକ୍ଷସ ସମ୍ମୁଖରେ । ତାଙ୍କୁ ପ୍ରଣାମ କର ।” ଚନ୍ଦ୍ରଗୁପ୍ତ ରାକ୍ଷସଙ୍କ ସମ୍ମୁଖରେ ସସମ୍ଭ୍ରମ ପ୍ରଣତ ହେଲେ । ରାକ୍ଷସ ଆଶୀର୍ବାଦ କଲେ, “ଜୟଯୁକ୍ତ ହୋଇ ଅଖଣ୍ଡ ସାମ୍ରାଜ୍ୟ ଉପଭୋଗ କର ।” ପ୍ରତ୍ୟୁତ୍ପନ୍ନମତି ଚାଣକ୍ୟ ସଙ୍ଗେ ସଙ୍ଗେ କହିଲେ, “ଅମାତ୍ୟ, ଆପଣଙ୍କ ଆଶୀଷବାଣୀ ଅବଶ୍ୟ ଅକୃତ୍ରିମ ଓ ସରଳ । ଚନ୍ଦ୍ରଗୁପ୍ତଙ୍କୁ ଅକଣ୍ଟକ ରାଜ୍ୟ ପ୍ରଦାନ କରିବା ଯଦି ଆପଣଙ୍କ ଅନ୍ତରର ଅଭିଳାଷ, ଏହି ଅସ୍ତ୍ର ଗ୍ରହଣ କରି ତାର ସମର୍ଥନ କରନ୍ତୁ ।” ଏହା କହି ସେ ନିଜର ଅମାତ୍ୟପଦ-ସୂଚକ ତରବାରି ରାକ୍ଷସଙ୍କ ସମ୍ମୁଖରେ ସ୍ଥାପନ କଲେ ।

ରାକ୍ଷସ କିଂକର୍ତ୍ତବ୍ୟବିମୂଢ଼ । ତାଙ୍କର ସନ୍ଦେହ ବର୍ତ୍ତମାନ ନିଶ୍ଚିତ ହୋଇ ଜଣାଗଲା । ଚାଣକ୍ୟଙ୍କ ଅସ୍ତ୍ର ପ୍ରଦାନପରେ ତାଙ୍କର ସମସ୍ତ ପୂର୍ବ-ସ୍ମୃତି, ଚକ୍ରାନ୍ତ ମଧ୍ୟରେ ତାଙ୍କର ବିଫଳତା ସବୁ ମନେ ପଡ଼ିଲା । ବର୍ତ୍ତମାନ କର୍ତ୍ତବ୍ୟ କ'ଣ ? ସେ ତାହା ଗ୍ରହଣ କରିବେ କି ? ନନ୍ଦବଂଶ ଧ୍ୱଂସର ପ୍ରତିଶୋଧ ପରିବର୍ତ୍ତରେ ଚନ୍ଦ୍ରଗୁପ୍ତଙ୍କ ସଚିବତ୍ୱ ଗ୍ରହଣ, ମୃତ

Digitized by srujanika@gmail.com

ପ୍ରଭୁଙ୍କ ପ୍ରତି କର୍ତ୍ତବ୍ୟ ସାଧନ ସ୍ଥାନରେ ଶତ୍ରୁର ଭିକ୍ଷା ଗ୍ରହଣ, କର୍ତ୍ତବ୍ୟ କି ନୁହେଁ ? ଯଦି ସମସ୍ତ ଜଗତର ସମ୍ପଦ ବିନିମୟରେ କେହି ତାଙ୍କର ଏ ସମସ୍ୟା ସମାଧାନ କରି ଦିଅନ୍ତି, ରାକ୍ଷସ ଆଜୀବନ ତାହାର ଆଜ୍ଞା-ବର୍ତ୍ତୀ ହେବେ । କିନ୍ତୁ କର୍ତ୍ତବ୍ୟ ସାଧନରେ ସେ କେବେ ତ୍ରୁଟି କରି-ନାହାନ୍ତି । କେବଳ ମୂଢ଼ ମଳୟକେତୁଙ୍କ ଅବିଶ୍ୱାସ ଯୋଗୁଁ ତାଙ୍କୁ ଏ ହୀନତାର ସମ୍ମୁଖବର୍ତ୍ତୀ ହେବାକୁ ପଡ଼ୁଅଛି । ଏପରି ଅବିଶ୍ୱାସ, ଅସ୍ଥିରତା ଦେଖିବା କୌଣସି ଶ୍ରୀ ସାଧନ କରାଇ ହୁଏ ନାହିଁ । ନଚେତ୍ ହେଲେ ଆଜି ସେ ଅନ୍ୟ ଭାବରେ ମଗଧର ମନ୍ତ୍ରୀ ହୋଇଥାନ୍ତେ ।

ଯେଉଁ ମୌର୍ଯ୍ୟ ସାମ୍ରାଜ୍ୟର ଧ୍ୱଂସ ସାଧନ ମାନସରେ ତାଙ୍କ ପ୍ରତିଜ୍ଞା ମୂର୍ତ୍ତି ହୋଇ ଉଠିଥିଲା, ତାହାର ସମ୍ପର୍କର ନାମ ମାତ୍ର ସ୍ମରଣ କଲେ ଘୃଣା ଓ କ୍ରୋଧରେ ତାଙ୍କର ପ୍ରକୃତି ଅସ୍ଥିର ହେଉଥିଲା, ଆଜି ତାହାରିହିଁ ସମର୍ଥନ ଓ ପରିଚାଳନ କରିବେ । ଯେଉଁ ପ୍ରଜାବର୍ଗଙ୍କୁ ମୌର୍ଯ୍ୟ ଛିଦ୍ରାନ୍ୱେଷଣରେ ସେ ଉତ୍ତେଜିତ କରୁଥିଲେ, ସାମ୍ରାଜ୍ୟ ବିରୁଦ୍ଧରେ ଦଣ୍ଡାୟମାନ କରିଥିଲେ, ରାଜକର୍ମରୁ ବିଚ୍ଛିନ୍ନ ହୋଇ ବିଦ୍ରୋହ କରିବା ପାଇଁ ନାନା କୌଶଳରେ ପ୍ରବର୍ତ୍ତାଇଥିଲେ, ସେହିମାନଙ୍କୁ ବର୍ତ୍ତମାନ ପୁଣି ସେ ମୌର୍ଯ୍ୟ ଶାସନର ଆଜ୍ଞାବହ କରି ରଖିବେ ? ଏହା କି ସମ୍ଭବ ? ରାକ୍ଷସଙ୍କ ଚକ୍ଷୁ ଫାଟି ଅଶ୍ରୁ ବିଗଳିତ ହେଲା ।

ତାଙ୍କ ଚିନ୍ତା ଭଙ୍ଗ କରି ଚାଣକ୍ୟ କହିଲେ, "ଆପଣ ସଖ ଚନ୍ଦନ ଦାସଙ୍କୁ ପ୍ରାଣ ଦଣ୍ଡରୁ ରକ୍ଷା କରିବେ ? ବିନା ଅସ୍ତ୍ର ଗ୍ରହଣରେ ତାହା କିପରି ହେବ ?" ରାକ୍ଷସଙ୍କ ଚିନ୍ତା-ସ୍ରୋତ ପୁଣି ମୁକ୍ତ ହେଲା । ଅବିଶ୍ୱାସ, ନିଜ ଦଳ ମଧ୍ୟରେ ପରସ୍ପର ପ୍ରତି ସନ୍ଦେହ, ବାହ୍ୟ ଶତ୍ରୁର ଉଚ୍ଛେଦ ସାଧନ ଉଦ୍ୟମ ବେଳେ ଭିତରେ ଶତ୍ରୁର ପ୍ରବେଶ, ଶତ୍ରୁ

Digitized by srujanika@gmail.com

ସୈନ୍ୟର ସଂଖ୍ୟାଧିକ୍ୟ, ଘଡ଼ିର ଘଡ଼ିରେ ଅଜ୍ଞତା-ପ୍ରସୂତ ଅଯଥା ଭୀତିର ସଞ୍ଚାର, ଏ ସବୁ ନୀତି ପକ୍ଷରେ ଯେ କୌଣସି ସମଷ୍ଟିର ଅବନତିର ଉପାଦାନ । ଅନ୍ତ ଜଗତର ରାଷ୍ଟ୍ର-ସଙ୍କଟରେ ସେ କି ସମାଧାନ ଦେବେ ? ବ୍ୟଷ୍ଟିର ଚରିତ୍ର-ବଳ ନ ଥିଲେ ସମଷ୍ଟିଗତ ଉଦ୍ୟମ ଅସମ୍ଭବ । ଏହି ଅବସ୍ଥାରେ ବରଂ ଯେଉଁଠାରୁ ପାଅ, ସାହାଯ୍ୟ ନେଇ ନିଜ ଦଳର ଅନ୍ତର ସଂଶୋଧନ କର, ପ୍ରତ୍ୟେକଙ୍କୁ ଯୋଗ୍ୟ କର । ତାହାହେଲେ ଏତେ ଚେଷ୍ଟାର, ଏତେ ଆୟୋଜନର ପ୍ରୟୋଜନ ନାହିଁ । ଯେ କୌଣସି ଉଦ୍ୟମ ଆରମ୍ଭ ମାତ୍ରେ ଆପେ ଆପେ ସଫଳ ହେବ, ନିଶ୍ଚୟ ହେବ । ବର୍ତ୍ତମାନର ସୁବିଧା ନେଇ ଯେ ସମାଜ ସଂସ୍କାର ନିମନ୍ତେ ଦୃଢ଼ ଉଦ୍ୟମ କରିବେ କି ?

ବନ୍ଧୁଙ୍କ ଜୀବନ ରକ୍ଷା, ପରିବାରବର୍ଗଙ୍କ ଆଶ୍ରୟ-ଦାତାଙ୍କ ରକ୍ଷା ନିମନ୍ତେ ସେ ପୁଣି ମୌର୍ଯ୍ୟବଂଶ ଶାସନର ସମର୍ଥନ କରିବେ, ମନ୍ତ୍ରୀତ୍ୱ ଗ୍ରହଣ କରିବେ । ତାଙ୍କର ଏ ଦୁର୍ବଳତା ରାଷ୍ଟ୍ରନୀତିରେ ଯାହା ହେଉ, ଧର୍ମନୀତିରେ ସ୍ୱାଭାବିକ ମାତ୍ର । ଅସ୍ତ୍ର ତ୍ୟାଗ କରିବେ ? ରାକ୍ଷସଙ୍କ ସମସ୍ତ ଅନ୍ତଃପ୍ରକୃତି ସଙ୍କୁଚିତ ହେଲା । ସେ ଧୀରେ ଧୀରେ କମ୍ପିତ ହସ୍ତ ବଢ଼ାଇ ତରବାରିଟି ଧାରଣ କଲେ—ସଙ୍ଗେ ସଙ୍ଗେ ମସ୍ତକ ଅବନତ କଲେ । ଚାଣକ୍ୟ କହିଲେ, "ଅମାତ୍ୟ, ଏଥିରେ ଅପମାନ, ସଂକୋଚର କଥା କଅଣ ଅଛି ? ଚନ୍ଦ୍ରଗୁପ୍ତ କ'ଣ ଆପଣଙ୍କ ମୃତ ପ୍ରଭୁଙ୍କ ପୁତ୍ର ନୁହନ୍ତି ? ମଗଧ କ'ଣ ଆପଣଙ୍କର ଜନ୍ମଭୂମି ନୁହେ ? ଭାରତର ଶ୍ରୀ ବୃଦ୍ଧିରେ ଆପଣଙ୍କ ଗୌରବବୋଧ କରନ୍ତି ନାହିଁ ? ଗ୍ରୀକମାନେ କି ଆପଣଙ୍କର ସ୍ୱାଭାବିକ ବନ୍ଧୁ ?" ରାକ୍ଷସ ଲଜ୍ଜିତ ହେଲେ । ଚାଣକ୍ୟ ଆଦେଶ କଲେ, "ଚନ୍ଦନ ଦାସଙ୍କୁ ମୁକ୍ତ କର ସାମ୍ରାଜ୍ୟର ଶ୍ରେଷ୍ଠ ଧନ କୁବେର କରାଯାଉ ।" ଏ ଉକ୍ତିରେ ରାକ୍ଷସ ଅତ୍ୟନ୍ତ ପ୍ରୀତ ହୋଇ କହିଲେ, "ଆପଣଙ୍କ ଅଦମ୍ୟ

Digitized by srujanika@gmail.com

ସାଧନା, ଜ୍ୱଳନ୍ତ ଅସ୍ତ୍ରତ୍ୟାଗ ଭାରତର ଘରେ ଘରେ ଆଦର୍ଶ ହେବ । ଆପଣଙ୍କ ସ୍ୱଜନପ୍ରୀତି ଜଗତରେ ଚିରଦିନ ଆଲୋକ-ସ୍ତମ୍ଭ ରୂପେ ଦେଦୀପ୍ୟମାନ ହୋଇ ରହିବ ।"

ଏହି ସମୟରେ ଶୃଙ୍ଖଳାବଦ୍ଧ ମଳୟକେତୁଙ୍କୁ ନେଇ ଭାଗୁରାୟଣ ସେଠାରେ ଉପସ୍ଥିତ ହେଲେ । ଚାଣକ୍ୟ କହିଲେ, "ବୁଦ୍ଧିମାନ ରାକ୍ଷସହିଁ ଅମାତ୍ୟ, ସେ ତାଙ୍କର ବିଚାର କରିବେ ।" ଏ କଥାରେ ରାକ୍ଷସ ନିଜକୁ ଗୌରବାନ୍ୱିତ ବୋଧ କରି ଶୀଘ୍ର ତାଙ୍କ ମୁକ୍ତିର ଆଦେଶ ଦେଲେ । ମଳୟକେତୁ ଓ ଚନ୍ଦ୍ରଗୁପ୍ତ ପୁଣି ପରସ୍ପର ଆଲିଙ୍ଗନ କରି ହସ୍ତ ଧରି ଦଣ୍ଡାୟମାନ ହେଲେ । ଚାଣକ୍ୟ କହିଲେ, "ବତ୍ସ, ବର୍ତ୍ତମାନ ରାଜନୀତିର ଚର୍ଚ୍ଚା ହେଉନାହିଁ । ମଧୁର ତରଳ ସ୍ନେହର ସ୍ରୋତରେ, ଆନନ୍ଦର ସ୍ରୋତରେ ସମସ୍ତେ ଇଚ୍ଛାମତେ ଭାସିଯାଅ । ସଂସାର ସ୍ନେହ-ରସରେ ସିକ୍ତ ହେଉ ।"

ମନ୍ତ୍ରୀ ରାକ୍ଷସଙ୍କ ଆଦେଶରେ ସମସ୍ତ ରାଜନୈତିକ ବନ୍ଦୀ ମୁକ୍ତ ହେଲେ । ମଳୟକେତୁ ନିଜ ରାଜଧାନୀକୁ ଫେରି ଯାଇ ଅତି ଶୀଘ୍ର ମଳୟସୁନ୍ଦରୀଙ୍କ ସହ ପାଟଳୀପୁତ୍ରରେ ସସୈନ୍ୟ ଉପସ୍ଥିତ ହେଲେ । ଶୁଭ ମୁହୂର୍ତ୍ତରେ ମଳୟସୁନ୍ଦରୀ ଓ ହେଲେନଙ୍କ ସହ ଚନ୍ଦ୍ରଗୁପ୍ତଙ୍କର ଶୁଭ ପରିଣୟ ମହା ସମାରୋହରେ ସମ୍ପନ୍ନ ହେଲା । ଚାଣକ୍ୟ ନବ-ଦମ୍ପତିଙ୍କୁ ଆଶୀର୍ବାଦ କଲେ । ହେଲେନ ଓ ମଳୟସୁନ୍ଦରୀ ପରସ୍ପରକୁ ଆଲିଙ୍ଗନ କରି ସୁଖୀ ହେଲେ । ମଳୟସୁନ୍ଦରୀ କହିଲେ "ଗ୍ରୀକ ରାଜକନ୍ୟା ମଗଧର ନବୀନ ରତ୍ନ—ମହାରାଜାଙ୍କର ଆଦରର ଧନ" ଏ ପରିହାସ ବାକ୍ୟରେ ହାସ୍ୟ ସମ୍ବରଣ କରି ନପାରି ହେଲେନ ଯୋଗ ଦେଲେ— "ନନ୍ଦିନୀ, କେବେ ହେଲେ ମହାରାଜଙ୍କ ସ୍ୱଦେଶ-ପ୍ରୀତି ସ୍ୱଦେଶ

Digitized by srujanika@gmail.com

ଜାଣଣକୁ ହିଁ ଅଧିକ ଆଦର କରନ୍ତି । ତେବେ ନିକୃଷ୍ଟ ନହେଲେ ବିଦେଶୀୟ ଜାତକୁ ସେ କେବେ କପର ନିକଟରେ ରଖିପାରନ୍ତ ।" ମଳୟସୁନ୍ଦରୀ କହିଲେ, "ଭଉଣି ମୋର କଳାକୁଶଳା, ସୁତରାଂ ସକଳ ପ୍ରକାରେ ସେ ମହାରାଜଙ୍କର ହୃଦୟ ଆଦର ଆକର୍ଷଣ କରିପାରିବେ ।" ହେଲେନ୍ ମଳୟକନ୍ୟାଙ୍କ ଚିବୁକରେ କୋମଳ ସ୍ପର୍ଶଟିଏ ପ୍ରହାର କରି କହିଲେ—"ତା, ନହେଲେ କି ପର୍ବୀର କଳାନିପୁଣା ସୁନ୍ଦରୀଙ୍କୁ ମହାରାଜ ପର୍ବତ-କନ୍ଦର ଖୋଜି ଖୋଜି ବାଛି ଆଣିଥାନ୍ତେ ।" ମଳୟସୁନ୍ଦରୀ ଲଜ୍ଜିତା ହୋଇ ଭିତରକୁ ଦଉଡ଼ି ଗଲେ । ହେଲେନ ତାଙ୍କ ପଛେ ପଛେ ଯାଇ ତାଙ୍କ ଗଳା ଧରି କହିଲେ, "ତାହା ହେଲେ କଣ ବୁଝିଛ, ପର୍ବତ-ନନ୍ଦିନୀ ସାଗରର ଏକ-ସ୍ନାତା ସ୍ନେହାକାଂକ୍ଷିଣୀ ?" ଲଜ୍ଜିତା ପର୍ବତ-କନ୍ୟା କହିଲେ, "କ୍ଷମାକର ଭଉଣି ନବଭଗିଣୀ ବିଦେଶିନୀ ଯେଉଁଥିର ବେଶୀ ସ୍ନେହ ନିଶ୍ଚୟ ଲାଭ କରିବେ ।" ଏଥିରେ ହେଲେନ ତାଙ୍କୁ ଅତି ଗାଢ଼ ଆଲିଙ୍ଗନ କଲେ । ଉଭୟଙ୍କ ସଂଯୋଗ ଗଙ୍ଗା ଯମୁନା-ସଙ୍ଗମ ପରି ସରଳ, ପବିତ୍ର ଓ ମଧୁର ହୋଇ ଉଠିଲା ।

Digitized by srujanika@gmail.com

ବାନପ୍ରସ୍ଥ

And thefts from satellites and rings
And broken stars I drew,
And out of spent and aged things,
I formed the world anew;
—Emerson

ଚାଣକ୍ୟଙ୍କ କାର୍ଯ୍ୟ ଶେଷ ହୋଇଅଛି । ସାଧାରଣ କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରିବା ସମୟ ଆସିଅଛି । ସେ ଆଜ ପ୍ରଜାମାନ୍ୟ ଗୁରୁ-ଦେବଙ୍କ ସଙ୍ଗେ ବାନପ୍ରସ୍ଥ-ଯାତ୍ରା କରିବେ । ବର୍ଣ୍ଣାଶ୍ରମ ଧର୍ମ ଲୁପ୍ତ ହେବାକୁ ବସିଥିଲା । ତାର ପୁନରୁଦ୍ଧାର କରି ଚାଣକ୍ୟ ଆଜ ଆର୍ଯ୍ୟ-ଗୌରବ ରକ୍ଷା କରୁଅଛନ୍ତି । ଯେଉଁ ଧର୍ମ-ରାଜ୍ୟ-ପ୍ରତିଷ୍ଠା ସକାଶେ ଏତେ କାଳ ସେ କୁଟିଳ ଦୁର୍ଗମ ରାଜନୀତି ଗ୍ରହଣ କରିଥିଲେ, ତାହାର ପ୍ରତିଷ୍ଠା ହେବା ସଙ୍ଗେ ସଙ୍ଗେ ସେ ସଂସାରବାସୀର କାର୍ଯ୍ୟ ସାଙ୍ଗ କରି ଆତ୍ମଚିନ୍ତା ଓ ସାଧନା ପାଇଁ ପ୍ରସ୍ତୁତ ହେଲେ ।

ମହାପଦ୍ମ ନନ୍ଦ ଓ ତାଙ୍କର ପୁତ୍ରଗଣ ଯେପରି ଧନୀ, ସେପରି ବିଳାସୀ । ତାଙ୍କ ରାଜତ୍ୱରେ ସତୀର ମାନ, ଦୀନ ଦୁଃଖୀର ପ୍ରାଣ, ଧାର୍ମିକର ଆତ୍ମ-ସମ୍ମାନ ରହିବା ଅସମ୍ଭବ ହୋଇଥିଲା, ବ୍ୟଭିଚାର ଓ ଉଚ୍ଛୃଙ୍ଖଳତାରେ ଆର୍ଯ୍ୟ-ଭୂମି କଳଙ୍କିତ ହୋଇଥିଲା । ସେମାନେ ରାଜାର କର୍ତ୍ତବ୍ୟ, ମନୁଷ୍ୟର କର୍ତ୍ତବ୍ୟ ବିଳାସର ବ୍ୟାମୋହରେ ଭୁଲି ଯାଇଥିଲେ । ପ୍ରଜାରଞ୍ଜନ, ପ୍ରଜାପାଳନ ରାଜାର ପ୍ରଥମ କର୍ତ୍ତବ୍ୟ । ସେଥିରୁ ରେଣୁମାତ୍ର ଭ୍ରଷ୍ଟ ହେଲେ ରାଜା ଧର୍ମତଃ ସିଂହାସନର ଅଯୋଗ୍ୟ ।

Digitized by srujanika@gmail.com

ନନ୍ଦରାଜଙ୍କ ଅତ୍ୟାଚାରର ସୀମା ଲଙ୍ଘନ କରିଥିଲା । ଶକଟାରଙ୍କ ବଂଶର ନିର୍ମମ ହତ୍ୟା ତାହାର ଗୋଟିଏ ନମୁନା ମାତ୍ର । ଅତ୍ୟାଚାରର ସୀମା-ଲଙ୍ଘନ କଲା କ୍ଷଣି ନିୟତିର ପ୍ରତିକ୍ରିୟା ତାହାର ସଂଶୋଧନ କରିଥାଏ । ଚାଣକ୍ୟ ନିୟତିର ପ୍ରତିକ୍ରିୟା । ଶକଟାରଙ୍କ ବଂଶର ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ଅତୃପ୍ତ ଦୀର୍ଘ ନିଶ୍ୱାସ ତାହାର ଚାଳକ, ଅଗ୍ନିରେ ଘୃତ ସଂଯୋଗ, ଶକଟାରଙ୍କ ପରି ପୁରୋଧାଙ୍କ ଉଦ୍ୟମରେ ନନ୍ଦ-ଧ୍ୱଂସ-ଯଜ୍ଞର ପୂର୍ଣ୍ଣ ଆହୁତି । ଏହା ନିୟତିର ସାଧାରଣ କ୍ରିୟା ।

ଚାଣକ୍ୟ ପ୍ରାଣର ଆବେଗରେ କିମ୍ବା କ୍ରୋଧରେ ଉତ୍ତେଜିତ ହୋଇ ନନ୍ଦବଂଶ ଧ୍ୱଂସ କରି ନଥିଲେ, ସ୍ୱାର୍ଥପର କିମ୍ବା ବିଦ୍ୱେଷ ପରାୟଣ ହୋଇ ପ୍ରତିଶୋଧ ଗ୍ରହଣ କରି ନଥିଲେ, କେବଳ ଆତ୍ମସମ୍ମାନ-ରକ୍ଷା କାମନାରେ ନନ୍ଦବଂଶ ନିର୍ମୂଳ କରି ନଥିଲେ । ସେ ବାଲ୍ୟ ଜୀବନରେ ଯେପରି ଜନନୀଙ୍କ ପରିଚର୍ଯ୍ୟା ଲାଭ କରିଥିଲେ, ଯୌବନରେ ସେପରି ଜନ୍ମଭୂମିକୁ ଚାହିଁ ପାରିଥିଲେ । ଦେଶାତ୍ମବୋଧ ପୂର୍ଣ୍ଣ ହୋଇଥିବାରୁ ତାଙ୍କର ସମସ୍ତ ଅନ୍ତଃପ୍ରକୃତି ଏ ଘୋର ଅତ୍ୟାଚାରର ରାଜତ୍ୱ ବିନଷ୍ଟ କରିବାକୁ ଉଦ୍ୟତ ହେଲା । ଅତ୍ୟାଚାରର ସ୍ଥାନରେ ଧର୍ମାଚରଣର ପ୍ରତିଷ୍ଠା ହିଁ ତାଙ୍କ ଜୀବନର ସାଧନା । ସେ ବ୍ରାହ୍ମଣ; ତାଙ୍କ ଜୀବନ ଗୋଟିଏ ମହାନ ତ୍ୟାଗ । ସେ ସଂସାର ସୁଖ ସକାଶେ ସହ-ଧର୍ମିଣୀ ଗ୍ରହଣ କରି ନାହାନ୍ତି, ଧର୍ମରାଜ୍ୟ ପ୍ରତିଷ୍ଠା କରି ତାର କ୍ଷମତାପନ୍ନ ସ୍ଥାନ ଗ୍ରହଣ କରି ନାହାନ୍ତି ।

ଆତ୍ମତ୍ୟାଗହିଁ ସର୍ବଧର୍ମର ଚୂଡ଼ାନ୍ତ ପ୍ରତିଷ୍ଠା । ତାହାହିଁ ଜାତୀୟ ଜୀବନର ମୂଳଭିତ୍ତି । ସ୍ୱାର୍ଥପରତା ଜାତୀୟ ଅବନତିର ଏକମାତ୍ର କାରଣ । ଚାଣକ୍ୟ ସ୍ୱାର୍ଥକୁ ଜୀବନରେ କେବେ ବଡ଼ କରି ଦେଖି

Digitized by srujanika@gmail.com

ନାହାନ୍ତି, କିମ୍ବା ଆତ୍ମ-ସୁଖକୁ ପ୍ରଧାନ କରି ଗଣି ନାହାନ୍ତି । ଧର୍ମପ୍ରତିଷ୍ଠା ନିମନ୍ତେ ସେ ଆତ୍ମ-ବଳି-ଦାନ କରିଅଛନ୍ତି । ସ୍ୱାର୍ଥପର ହୋଇଥିଲେ ଚନ୍ଦ୍ରଗୁପ୍ତଙ୍କୁ ଅକ୍ଲେଶରେ ସିଂହାସନଚ୍ୟୁତ କରି ନିଜେ ସେହି ସ୍ଥାନ ଅଧିକାର କରିଥାନ୍ତେ । ଦ୍ୱେଷକୁ ହୃଦୟରେ ଅଦୌ ସ୍ଥାନ ଦେଇ ଥିଲେ; ଶତ୍ରୁସକୁ ଅନାୟାସରେ ହତ୍ୟା କରିଥାନ୍ତେ । ସେ ବ୍ରାହ୍ମଣ, ବ୍ରାହ୍ମଣର ଆଦର୍ଶହିଁ ତ୍ୟାଗ—ସେ ତାହାର ପରାକାଷ୍ଠା ଦେଖାଇ ଯାଇ ଅଛନ୍ତି । ଲକ୍ଷ୍ୟ-ସାଧନ ନହେବା ଯାଏ କର୍ତ୍ତବ୍ୟ-ପଥରୁ ତିଳେ ମାତ୍ର ବିଚଳିତ ହୋଇ ନାହାନ୍ତି ।

ଗୁରୁ ଗୁଣରେ ଶିଷ୍ୟ । ଚାଣକ୍ୟ ଶକଟାରଙ୍କ ଉପଯୁକ୍ତ ଶିଷ୍ୟ । ଶକଟାର ସ୍ୱାର୍ଥଶୂନ୍ୟ, ଧର୍ମପରାୟଣ । ରାକ୍ଷସ ଇଚ୍ଛା ପ୍ରକାଶ କରିଥିଲେ ତାଙ୍କୁ ପ୍ରଧାନ ମନ୍ତ୍ରୀତ୍ୱ ପ୍ରଦାନ କରି ସେ ଅବସର ଗ୍ରହଣ କରନ୍ତେ । ମହାଭାରତ ଯୁଦ୍ଧର ଶକୁନିଙ୍କ ଅବସ୍ଥା ସେ ବନ୍ଦୀ କାରଣରେ ଉପଭୋଗ କଲେ । ଶକୁନିଙ୍କ ପରି ବଂଶଲୋକଙ୍କର ଦୁର୍ଗମ, ନିର୍ଦ୍ଦୟ ମରଣ ଅବଲୋକନ କଲେ—ଶକୁନିଙ୍କ ପରି ସମସ୍ତ ସ୍ନେହ, ତରଳ ଆସକ୍ତି ବିସର୍ଜନ କରି ମୃତ ବଂଶଧରଗଣଙ୍କ ଉଦ୍ଧାର ନିମନ୍ତେ ପ୍ରତିଶୋଧ ନେଇଥିଲେ । ସାମାନ୍ୟ ଆହାର୍ଯ୍ୟ ବ୍ୟତୀତ ସେ ସମାଜରୁ ଅନ୍ୟ କିଛି ଗ୍ରହଣ କରି ନାହାନ୍ତି । ସଂସାରରୁ ଅବସର ଗ୍ରହଣ ସମୟରେ, ଜରା-ଜୀର୍ଣ୍ଣ ଶରୀରରେ ଦିନ-ରାତି ଚିନ୍ତାକରି ସମାଜ ନିମନ୍ତେ ଚାଣକ୍ୟଙ୍କୁ ଖଟି ଅଛନ୍ତି ।

ଚାଣକ୍ୟ ଥିଲେ ଆଦର୍ଶ ଆର୍ଯ୍ୟ-ସନ୍ତାନ, ଆଦର୍ଶ ମାନବ, ଆଦର୍ଶ ଶାସକ ଓ ବ୍ୟବସ୍ଥାପକ । ସ୍ୱାର୍ଥକୁ ସମ୍ପୂର୍ଣ୍ଣ ବିସର୍ଜ୍ଜନ ନକଲେ ମାନବ-ପ୍ରତିଭା ପୂର୍ଣ୍ଣ ବିକଶିତ ହୁଏ ନାହିଁ । ଫଳରେ ଆମ୍ଭେମାନେ ସେହି-

Digitized by srujanika@gmail.com

ଠାରେ କିଛି ଅଦ୍ଭୁତ ବା ଅସାଧାରଣ ଦେଖି ତାହା ଅତିମାନୁଷୀ କ୍ରିୟା ବୋଲି ଭ୍ରମ କରୁଥାଉ । ଚାଣକ୍ୟ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ବଳିଦାନ ଦେଇଥିଲେ । ସେ ସେଥିପାଇଁ ସଂସାରର ସେବା ଓ ଧର୍ମ-ପ୍ରତିଷ୍ଠା କରିପାରିଥିଲେ । ନିଷ୍କାମ କର୍ମର ପ୍ରବର୍ତ୍ତକ ଭଗବାନ ଶ୍ରୀକୃଷ୍ଣଙ୍କୁ ସଦା ଲକ୍ଷ୍ୟ-ସୀମାରେ ରଖି ସେ ପଥ ଅନୁସରଣ କରୁଥିଲେ । ସେ ତାଙ୍କ-ଠାରେ ସମ୍ପୂର୍ଣ୍ଣ ଆତ୍ମ-ସମର୍ପଣ କରିଥିଲେ ବୋଲି କୌଣସି ସୁଖ ଦୁଃଖରେ ବିଚଳିତ ହେଉ ନଥିଲେ, କିମ୍ବା କୌଣସି ଫଳରେ ଲିପ୍ତ ହେଉ ନଥିଲେ ।

ଚାଣକ୍ୟ ବୀର—ବୀରପ୍ରସୂ ଭାରତର ସନ୍ତାନ । ନିଜେ ଅସ୍ତ୍ର ଧାରଣ ନକରି ମଧ୍ୟ ବୀର ହୃଦୟ ଲାଭ କରିଥିଲେ । ଦୁର୍ବଳତା ଶାରୀରିକ ଓ ମାନସିକ ପାପ ବୋଲି ସେ ହୃଦୟଙ୍ଗମ କରିଥିଲେ । ତାଙ୍କ ମତରେ ଜଗତରେ ଦୁର୍ବଳ ସକାଶେ ସ୍ଥାନର ଅଭାବ । ଯୋଗ୍ୟତମର ଅଭ୍ୟୁତ୍ଥାନ, ଏହା ପ୍ରକୃତିର ଚିରନ୍ତନ ନିୟମ । ସେ ଏଥିରେ ପୂର୍ଣ୍ଣ ବିଶ୍ୱାସ ରଖିଥିଲେ । ସେ ପ୍ରକୃତି-ସନ୍ତାନ—ପ୍ରକୃତିର ଯେ କୌଣସି ବିକାରର ମୂଳ ସେ ଦେଖି ପାରୁଥିଲେ । ଦୁର୍ଭିକ୍ଷ, ମହାମାରୀ, ଅରାଜକତା ଇତ୍ୟାଦି ରାଶିକୃତ ସଞ୍ଚିତ ପାପର ରୂପାନ୍ତର ମାତ୍ର, ଏବଂ ସେହି ସଞ୍ଚିତ ପାପର ପ୍ରକାଶ ଏହିପରି ଭାବରେ ହୋଇଥାଏ, ଏ କଥା ସେ ଭଲ ବୁଝିଥିଲେ । ସୁତରାଂ ପାପରାଶି ନିଃଶେଷ କରି ସେ ମନ୍ତ୍ରୀ ରାକ୍ଷସଙ୍କୁ କୌଶଳରେ ହସ୍ତଗତ କରିଥିଲେ । ସେ ତାନ୍ତ୍ରିକ, ମାତୃଶକ୍ତିରେ ତାଙ୍କର ଅଗାଧ ବିଶ୍ୱାସ । ଏ ସଂସାର ଆନନ୍ଦରୁ ଜାତ, ଆନନ୍ଦରେ ଘୂର୍ଣ୍ଣାୟମାନ ହୋଇ ଆନନ୍ଦର ଉତ୍ସ ପ୍ରତି ଧାବମାନ । ସେ ମାୟାବାଦୀ ନୁହନ୍ତି ।

ଶକ୍ତି-ମନ୍ତ୍ରରେ ସେ ବଳୀୟାନ ହୋଇଥିଲେ । ଜଗତର ସମସ୍ତ ବସ୍ତୁ ଶକ୍ତି-ଚାଳିତ । ଜଗତ ଶକ୍ତିମାନର ହିଁ ଅନୁସରଣ କରିବ । ଯେ

Digitized by srujanika@gmail.com

ଶକ୍ତିମାନ ନୁହେଁ, ସେ ପ୍ରକୃତିର ବ୍ୟଭିଚାର ମାତ୍ର—ସୃଷ୍ଟିର ଅପଦାର୍ଥ ମାତ୍ର । ସେ ନିଜେ ନିଜର ଶତ୍ରୁ—ତାହାର ଅନ୍ତରେ ଉଚ୍ଛେଦ ସାଧନ ହେବା ଉଚିତ, କାରଣ ସେ ଶକ୍ତିମାନର ଶକ୍ତି ନଷ୍ଟ କରି ଜୀବନ ଧାରଣ କରେ । ଦେଶପାଇଁ, ଧର୍ମପାଇଁ ଶକ୍ତିସମ୍ପନ୍ନ ବ୍ୟକ୍ତି ଆବଶ୍ୟକ । ଜଗତର ମଙ୍ଗଳ ପାଇଁ, ଭାରତର ପରମ୍ପରା ରକ୍ଷା ପାଇଁ ଯୁଗେ ଯୁଗେ ସଙ୍କଟ-ସମୟରେ ଏପରି ମହାତ୍ମା ଏ ଦେବ-ଭୂମିରେ ଜନ୍ମ ଗ୍ରହଣ କରନ୍ତି ।

"ଯଦା ଯଦାହି ଧର୍ମସ୍ୟ ଗ୍ଲାନି ର୍ଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ ।"

Digitized by srujanika@gmail.com

ପରିଶିଷ୍ଟ (କ)

ଚାଣକ୍ୟ-ନୀତି

— ॰○॰ —

ଉପାଦାନ

ମୌର୍ଯ୍ୟ-ଶାସନର ଇତିହାସ ପ୍ରାୟଶଃ ମେଗାସ୍ଥିନିସ୍‌ଙ୍କ ଲିଖିତ ବିବରଣୀରୁ ଜଣାଯାଏ । ଦୁଃଖର ବିଷୟ ଏତିକି, ତାଙ୍କର ସମସ୍ତ ବିବରଣୀ ବର୍ତ୍ତମାନ ଦୁଷ୍ପ୍ରାପ୍ୟ । କେବଳ ପରବର୍ତ୍ତୀ ଐତିହାସିକଗଣଙ୍କ ଦ୍ୱାରା ସେଥିରୁ ଯେଉଁ ଯେଉଁ ଅଂଶ ସେମାନଙ୍କ ଇତିହାସରେ ଉଦ୍ଧୃତ ହୋଇଅଛି, ସେତିକି ଉପାଦାନ ମାତ୍ର ଆମ୍ଭମାନଙ୍କର ସମ୍ବଳ । କିନ୍ତୁ ମେଗାସ୍ଥିନିସ୍ କେତେକ ପରିମାଣରେ ଭାରତ-ବିଦ୍ୱେଷରୁ ମୁକ୍ତ ଥିଲେ ମଧ୍ୟ ହେଭେଲ୍ ସାହେବଙ୍କ ମତରେ ଗ୍ରୀକ ଇତିହାସ-ଲେଖକଗଣ ତତ୍‌କାଳୀନ ଭାରତୀ ସଭ୍ୟତାର ବିଷୟ ବିକୃତ ଓ ଖର୍ବ କରିଥିବାରୁ ଆଜି ପ୍ରକୃତ ତଥ୍ୟ ଆମ୍ଭମାନଙ୍କର ଦୁଷ୍ପ୍ରାପ୍ୟ ହୋଇଅଛି । ତଥାପି ସ୍ମରଣୀୟ ହେଭେଲ ସାହେବଙ୍କ ଇତିହାସରୁ ଏବଂ କୌଟିଲ୍ୟଙ୍କ ଅର୍ଥ-ଶାସ୍ତ୍ରରୁ ଯାହା ଜଣାଯାଏ, ତାର ସଂକ୍ଷିପ୍ତ ପରିଚୟ ମାତ୍ର ଏଠାରେ ପ୍ରଦତ୍ତ ହେଲା ।

ମୌର୍ଯ୍ୟ-ଶାସନ

ମହାପଦ୍ମ ନନ୍ଦ ଓ ତାଙ୍କ ପୁତ୍ରଗଣ ଅତ୍ୟାଚାରୀ ଓ ଉତ୍ପୀଡ଼କ ଥିବାରୁ ନନ୍ଦ ଶାସନ ପ୍ରଜାଙ୍କର ଅପ୍ରିୟ ହୋଇଥିଲା । କିନ୍ତୁ ଚନ୍ଦ୍ରଗୁପ୍ତଙ୍କ

Digitized by srujanika@gmail.com

ରାଜତ୍ୱ ସୁଖ ଓ ଶାନ୍ତିପୂର୍ଣ୍ଣ ଥିଲା । ତାଙ୍କ ସମୟରେ ମୌର୍ଯ୍ୟ-ସାମ୍ରାଜ୍ୟ ଉତ୍ତରରେ ଅଫଗାନ ସ୍ଥାନରୁ ଆରମ୍ଭ କରି ଦକ୍ଷିଣରେ ମହୀଶୂର ପର୍ଯ୍ୟନ୍ତ ବିସ୍ତୃତ ହୋଇଥିବା କିମ୍ବଦନ୍ତୀ ମହୀଶୂରଠାରେ ପ୍ରଚଳିତ ଅଛି । କେବଳ କଳିଙ୍ଗ (ଉତ୍କଳ) ମୌର୍ଯ୍ୟ ଅଧୀନତା-ସ୍ୱୀକାର କରିନଥିଲା । ସେଥିପାଇଁ ଚନ୍ଦ୍ରଗୁପ୍ତଙ୍କ ପୌତ୍ର ଅଶୋକ ସମସ୍ତ ମଗଧବାହିନୀ ଧରି କଳିଙ୍ଗ ଆକ୍ରମଣ କରିଥିଲେ ଏବଂ ଘୋରତର-ଯୁଦ୍ଧରେ କଳିଙ୍ଗ-ଗୌରବ ତାଙ୍କର ଚୂର୍ଣ୍ଣୀକୃତ ହୋଇଥିଲା । ଚନ୍ଦ୍ରଗୁପ୍ତଙ୍କ ସମୟରେ ବୌଦ୍ଧଧର୍ମର ଆରମ୍ଭ । କିନ୍ତୁ ଶିଥିଳ ହୋଇ ଆସୁଥିବା ବର୍ଣ୍ଣାଶ୍ରମ ଧର୍ମ ଚାଣକ୍ୟଙ୍କ ବ୍ୟବସ୍ଥାରେ ପୁଣି ସୁଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଥିଲା । ଜୈନମାନଙ୍କ ବୃଦ୍ଧି ହୋଇଆସିବାରୁ କେହି କେହି ଚନ୍ଦ୍ରଗୁପ୍ତଙ୍କୁ ଜୈନଧର୍ମାବଲମ୍ବୀ ବୋଲି କହନ୍ତି । କିନ୍ତୁ ସେ ବାସ୍ତବରେ ସନାତନ ଧର୍ମୀ—କେବଳ ଅର୍ଥ-ଶାସ୍ତ୍ରର ବିଧାନ ଅନୁସାରେ ସର୍ବ ଧର୍ମ ପ୍ରତି ସମଦୃଷ୍ଟି ରଖିବା ତାଙ୍କର କର୍ତ୍ତବ୍ୟ ଥିଲା ।

ପରବର୍ତ୍ତୀ ଶାସନ ସଙ୍ଗେ ତୁଳନା କଲେ ଚନ୍ଦ୍ରଗୁପ୍ତଙ୍କ ଶାସନ ବହୁପରିମାଣରେ ଉନ୍ନତ ଥିବା ଜଣାଯାଏ । ଉଦାହରଣ ସ୍ୱରୂପ ଆଦର୍ଶ ମୋଗଲ ସମ୍ରାଟ ଆକବରଙ୍କ ଶାସନ ସହିତ ତୁଳନା କରାଯାଉ । ଅକବରଙ୍କ ଶାସନରେ ସମସ୍ତ କର୍ମଚାରୀ ସେନା ବିଭାଗର ଅଧୀନ ଥିଲେ । କିନ୍ତୁ ମୌର୍ଯ୍ୟ ଶାସନରେ ସେନା ଓ ଦେଓ୍ୱାନୀ (Civil) ବିଭାଗ ଏକମତ ସ୍ୱତନ୍ତ୍ର କରାଯାଇଥିଲା । ଆକବରଙ୍କ ମୋଗଲ ଓ ରାଜପୁତ ବାହିନୀ ଅପେକ୍ଷା ଚନ୍ଦ୍ରଗୁପ୍ତଙ୍କର ସ୍ଥାୟୀ-ବାହିନୀ ବୃହତ୍ତର ଥିଲା । କାରଣ ଆକବରଙ୍କ ସୈନ୍ୟ ପୋର୍ତ୍ତୁଗୀଜ୍‌ମାନଙ୍କ ଦ୍ୱାରା ପରାଜିତ ହୋଇଥିଲା । କିନ୍ତୁ ମୌର୍ଯ୍ୟ-ବାହିନୀ ବିରାଟ ଗ୍ରୀକବାହିନୀକୁ ପରାଜିତ କରିପାରିଥିଲା । ମଧ୍ୟ ମୌର୍ଯ୍ୟ-ଶାସନର ଗୁପ୍ତଚର-ବିଭାଗ ଆକବରଙ୍କର ନଥିଲା ଏବଂ

Digitized by srujanika@gmail.com

ଯେଉଁ ସୀମାନ୍ତ ପ୍ରଦେଶ ଅଛି ପର୍ଯ୍ୟନ୍ତ କାହାର ପୂର୍ଣ୍ଣ ଅଧୀନତା ମାନୁ-ନାହିଁ, ତାହା ମୌର୍ଯ୍ୟମାନଙ୍କର ପ୍ରତ୍ୟକ୍ଷ ଶାସନରେ ଅପି ନବପଦ ବାଣିଜ୍ୟର ପଥ ହୋଇଥିବ ।

ରାଜଧାନୀ

ଅର୍ଥ-ଶାସ୍ତ୍ରୋକ୍ତ ଆଦର୍ଶର ପ୍ରକୃଷ୍ଟ ସ୍ଥାନରେ ଶୋଣ ଓ ଗଙ୍ଗାନଦୀର ସଙ୍ଗମ ସ୍ଥଳରେ 'ପାଟଳୀ' ଗ୍ରାମଠାରେ ପାଟଳୀପୁତ୍ର ଦୁର୍ଗ ନିର୍ମିତ ହୋଇଥିଲା । ଅଜାତଶତ୍ରୁ ଏହାର ଭିତ୍ତିସ୍ଥାପନ କରିଥିଲେ । ତାଙ୍କ ପୌତ୍ର ଉଦୟ ସେଠାରେ ପାଟଳୀପୁତ୍ର ନଗର ସ୍ଥାପନ କଲେ । 'ପାଟଳୀ' ଫୁଲରୁ ଗ୍ରାମର ନାମ ହୋଇଥିବାରୁ ତାହା ପୁଷ୍ପପୁର ଓ କୁସୁମପୁର ନାମରେ ମଧ୍ୟ ପରିଚିତ ଥିଲା । କ୍ରମେ ମୌର୍ଯ୍ୟ-ସାମ୍ରାଜ୍ୟର ଅଭ୍ୟୁତ୍ଥାନ ଓ ସୌନ୍ଦର୍ଯ୍ୟ ବୃଦ୍ଧି ହେବାରୁ ତାହା 'ବାଣିଜ୍ୟ-କେନ୍ଦ୍ର' ହୋଇଥିଲା । ସେ ସମୟରେ ଏହା ନଅ ମାଇଲରୁ ଊର୍ଦ୍ଧ୍ୱ ଦୀର୍ଘ ଏବଂ ଦୁଇ ମାଇଲ ପ୍ରାୟ ପ୍ରସ୍ଥ ଥିଲା । ପ୍ରାକୃତିକ ନଦୀ-ପରିଖା ବ୍ୟତୀତ ତିନିଗୋଟି ଇଷ୍ଟକ ନିର୍ମିତ ନଦୀ-ଜଳପୂର୍ଣ୍ଣ ସୁଗଭୀର ପରିଖା ଓ ସୁଦୃଢ଼ କାଷ୍ଠ ପ୍ରାଚୀର ଦ୍ୱାରା ପାଟଳୀପୁତ୍ର ସୁରକ୍ଷିତ ଥିଲା । ଏହି ପ୍ରାଚୀର ୬୪ ଗୋଟି ଦ୍ୱାର ଏବଂ ୫୭୦ ଗୋଟି ସ୍ତମ୍ଭଯୁକ୍ତ ଥିଲା । ପ୍ରାଚୀର ଉପରେ ସଶସ୍ତ୍ର ସୈନ୍ୟ ଅହୋରାତ୍ର ପ୍ରହରୀ ଦେଉଥିଲେ ।

ନଗରର କେନ୍ଦ୍ର ସ୍ଥଳରେ ରାଜ-ପ୍ରାସାଦ ନିର୍ମିତ ହୋଇଥିଲା । ଏହି ପ୍ରାସାଦ ସ୍ୱର୍ଣ୍ଣାଚ୍ଛାଦିତ ଅସଂଖ୍ୟ ସ୍ତମ୍ଭରେ ସୁଶୋଭିତ ଓ ପୃଥିବୀର ଯାବତୀୟ ବିଳାସ-ସାମଗ୍ରୀରେ ପୂର୍ଣ୍ଣ ଥିଲା । ପ୍ରାସାଦର ଗଠନ-ପରିପାଟୀ ଓ ଶିଳ୍ପ-କଳାରେ ଆର୍ଯ୍ୟ-ସ୍ଥାପତ୍ୟର ପରାକାଷ୍ଠା ପ୍ରକଟିତ ହୋଇଥିଲା ।

Digitized by srujanika@gmail.com

ବୃହତ୍‌ ବୈଦୂର୍ଯ୍ୟ-ଆଧାରରେ ଉତ୍କୀର୍ଣ୍ଣ ପଦ୍ମ ଓ ପୁଷ୍ପ ବୃକ୍ଷ ଖୋଦିତ ହୋଇ ମନ୍ତ୍ରଣା ଓ ବିଚାରାଗାରର ଶୋଭା ବର୍ଦ୍ଧନ କରୁଥିଲା । ନାନା ପ୍ରକାର ବହୁମୂଲ୍ୟ ପ୍ରସ୍ତରରେ କାନ୍ଥ ଓ ଗୃହତଳ ସୁଶୋଭିତ ଥିବାରୁ ତାହା ସୁଧର୍ମା ସଭା ବୋଲି ପ୍ରଖ୍ୟାତ ହୋଇଥିବା କଥା ଇତିହାସରୁ ଜଣାଯାଏ ।

ନଗରର ଉତ୍ତର ପ୍ରାନ୍ତରେ ଇଷ୍ଟଦେବତାଙ୍କ ମନ୍ଦିର, ବ୍ରାହ୍ମଣ ଓ ସ୍ୱର୍ଣ୍ଣକାରଗଣଙ୍କ ବାସ; ଉତ୍ତର ପଶ୍ଚିମାଞ୍ଚଳରେ ପଣ୍ୟବୀଥି ଓ ଚିକିତ୍ସାଳୟ; ପୂର୍ବରେ କ୍ଷତ୍ରିୟ, ଶିଳ୍ପୀ ଓ ବଣିକଗଣଙ୍କ ବାସ; ପଶ୍ଚିମରେ ଶୂଦ୍ର ଜାତୀୟ, କାର୍ପାସ ସୂତା ବ୍ୟବସାୟୀ ଏବଂ ଅନ୍ୟାନ୍ୟ ଚତୁର୍ଥ ଜାତିଙ୍କ ବାସ ନିର୍ଦ୍ଦିଷ୍ଟ ହୋଇଥିଲା । ବ୍ରାହ୍ମଣମାନେ ତ୍ରିବେଦରେ ପାରଦର୍ଶୀ ଥିଲେ ଏବଂ ରାଜାଙ୍କଠାରୁ ଭୂମି-ବୃତ୍ତି ଲାଭ କରୁଥିଲେ । ଚିକିତ୍ସାଳୟର ସମସ୍ତ ବ୍ୟୟ ରାଜକୋଷରୁ ନିର୍ବାହିତ ହେଉଥିଲା—ବିନାମୂଲ୍ୟରେ ସମସ୍ତେ ଔଷଧ ଓ ଚିକିତ୍ସା ଲାଭ କରୁଥିଲେ । ପଶୁମାନଙ୍କ ଚିକିତ୍ସାଳୟ ସ୍ୱତନ୍ତ୍ର ଥିଲା ଏବଂ ଜଣେ ବିଶେଷଜ୍ଞ ଅଶ୍ୱ ଚିକିତ୍ସକ ପଶୁ-ଚିକିତ୍ସା-ବିଭାଗର ଅଧ୍ୟକ୍ଷ ଥିଲେ । ସର୍ବ ବର୍ଣ୍ଣ ମଧ୍ୟରେ ସଦ୍‌ଭାବ ଥିଲା —ଜାତି ବିଭାଗର ସଙ୍କୀର୍ଣ୍ଣତା କାହାରିକି ସ୍ପର୍ଶ କରିନଥିଲା । ନଗରର ଚତୁର୍ଦ୍ଦିଗର ଚାରିଗୋଟି ସିଂହଦ୍ୱାର ବ୍ରହ୍ମା, ଇନ୍ଦ୍ର, ଯମ ଓ ସେନାପତି (କାର୍ତ୍ତିକେୟ) ଙ୍କୁ ଉତ୍ସର୍ଗ କରାଯାଇଥିଲା ।

ଗୁପ୍ତ ସୁଡ଼ଙ୍ଗ ଦ୍ୱାରା ପ୍ରାସାଦ ଅଭ୍ୟନ୍ତର ନଗର ବାହାର ସହିତ ସଂଯୁକ୍ତ ଥିଲା । ଆତ୍ମରକ୍ଷା ଦିଗରୁ ଏହା ବ୍ୟତୀତ ପ୍ରାସାଦଟି ଏପରି ଭାବରେ ଯନ୍ତ୍ର-ବିଶିଷ୍ଟ ଥିଲା ଯେ ଆବଶ୍ୟକ ବେଳେ ମୁହୂର୍ତ୍ତକ ମଧ୍ୟରେ ତାହା ଭୂମିସାତ୍‌ ହୋଇଯାଉଥିଲା । "ବିଷଧରଙ୍କଠାରୁ ରକ୍ଷା ସକାଶେ

Digitized by srujanika@gmail.com

ବିଡ଼ାଳ, ମୟୂର, ନକୁଳ, ଶୁକ, ସାରିକା, ମାଲବାରର ଭୃଙ୍ଗରାଜ ପକ୍ଷୀ, କ୍ରୌଞ୍ଚ ମତ୍ସ୍ୟ କୋକିଳ ଇତ୍ୟାଦି ପୋଷା ଯାଉଥିଲା ।

ନଗ୍ରୀ ବଟିରେ ଜନପଦ ହେବା ସକାଶେ ରାଜଧାନୀର ସମସ୍ତ ଗୃହ କାଷ୍ଠନିର୍ମିତ ହୋଇଥିଲା । ଅଗ୍ନି ଉତ୍ପାତରୁ ରକ୍ଷା ପାଇଁ ପ୍ରତି ଦଶ ଗୋଟି ଗୃହ ସକାଶେ ଗୋଟିଏ କୂପର ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟେକ ଗୃହପତି ଜଳକୁମ୍ଭ ଓ ଆବଶ୍ୟକୀୟ ଉପକରଣ ସହ ଅଗ୍ନି ନିର୍ବାପିତ କରିବା ପାଇଁ ପ୍ରସ୍ତୁତ ରହୁଥିଲେ । ଇଚ୍ଛା ପୂର୍ବକ ଅଗ୍ନି ସଂଯୋଗ କରିବା ବ୍ୟକ୍ତିକ ସେହି ଅଗ୍ନିରେ ନିକ୍ଷେପ କରିବା ଦଣ୍ଡ-ବିଧାନ ଥିଲା ।

ମିଉନିସିପାଲିଟୀ

ପ୍ରାଚୀନ ପଲ୍ଲି-ସଂଗଠନ-ଗ୍ରନ୍ଥରେ ନଗର ପରିକଳ୍ପିତ ହୋଇଥିଲା । ପାଟଳୀପୁତ୍ରର ସ୍ଥାନୀୟ ସ୍ୱାୟତ୍ତ ଶାସନ (Local Self Gevernment) ନିମନ୍ତେ ତିରିଶ ଜଣ ସଭ୍ୟଙ୍କୁ ନେଇ ଗୋଟିଏ ସ୍ଥାନୀୟ ପର୍ଷଦ ଗଠିତ ହୋଇଥିଲା । ଏହାର ପ୍ରତି ପାଞ୍ଚଜଣ ସଭ୍ୟଙ୍କୁ ନେଇ ଗୋଟିଏ ହିସାବରେ ଛଅଟି ସମିତି ଥିଲା । ପ୍ରଥମ ସମିତିର କାର୍ଯ୍ୟଥିଲା—ରାଜଧାନୀର ଶିଳ୍ପ ଓ କାରୁକାର୍ଯ୍ୟ ନିୟନ୍ତ୍ରଣ ଓ ପର୍ଯ୍ୟବେକ୍ଷଣ ।

ଦ୍ୱିତୀୟର—ବିଦେଶାଗତ ବ୍ୟକ୍ତିଙ୍କ ବସା, ଚିକିତ୍ସା, ଆବଶ୍ୟକ ମତେ ପାନ ଓ ଭୋଜନର ବ୍ୟବସ୍ଥା । ବିଦେଶୀୟ କେହି ମୃତ ହେଲେ ସତ୍କାର ବିଧାନ ।

Digitized by srujanika@gmail.com

ତୃତୀୟର— ଜନ୍ମ-ମୃତ୍ୟୁ-ହିସାବ ପରୀକ୍ଷା ।

ଚତୁର୍ଥର—ମାପ ଓ ଓଜନ (Weights and measures) ପରୀକ୍ଷା, କାରବାର ନିୟନ୍ତ୍ରଣ, ବଣିକମାନଙ୍କୁ ଅନୁମତି ପତ୍ର ପ୍ରଦାନ ।

ପଞ୍ଚମର—ଶିଳ୍ପ ଦ୍ରବ୍ୟର ବିକ୍ରି ଦର ନିର୍ଣ୍ଣୟ ।

ଷଷ୍ଠର—ବିକ୍ରି ହେବା ଦ୍ରବ୍ୟାଦିର ଦଶମାଂଶ ଶୁଳ୍କ ଅଦାୟ ।

ଏହି ସଭା ସମୂହ ଭାବରେ ନଗରର ସ୍ୱାସ୍ଥ୍ୟ, ଜଳ ପ୍ରଦାନ, ଦୂଷିତ ଜଳ ନିଷ୍କାସନ, ସାଧାରଣ ବାସ ଗୃହାଦିର ରକ୍ଷଣାବେକ୍ଷଣ, ପ୍ରମୋଦ ଉଦ୍ୟାନ ପର୍ଯ୍ୟବେକ୍ଷଣ କରୁଥିଲେ । ମଗଧ ସାମ୍ରାଜ୍ୟର ଅନ୍ୟାନ୍ୟ ନଗରରେ ମଧ୍ୟ ଏହି ସ୍ୱାୟତ୍ତ ଶାସନ ପ୍ରତିଷ୍ଠିତ ହୋଇଥିଲା । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ମଗଧ ଶାସନ ଆଧୁନିକ ସ୍ୱାୟତ୍ତ ଶାସନର ପୂର୍ଣ୍ଣ ପ୍ରତିଷ୍ଠା କରିପାରିଥିଲା ।

ଶାସନ-ତନ୍ତ୍ର

ଚାଣକ୍ୟ ପ୍ରାଚୀନ ରାଜତନ୍ତ୍ରର ପୋଷକ ଥିଲେ । ପ୍ରାଚୀନ ପଲ୍ଲି-ଗଣତନ୍ତ୍ର (Village Republic) ଉପରେ ସେ ହସ୍ତକ୍ଷେପ କରିନଥିଲେ । କିନ୍ତୁ ପଲ୍ଲି-ସଂଗଠନ କ୍ରମେ ଶିଥିଳ ଓ ଦୁର୍ବଳ ହେବାରୁ ଏବଂ ପ୍ରତ୍ୟେକ ସ୍ୱାଧୀନ ରାଜା ମହାରାଜ ଜାତୀୟ ଭାବ ଓ ଆଦର୍ଶ ବିସ୍ମୃତ ହୋଇ ପରସ୍ପରଠାରୁ ବିଚ୍ଛିନ୍ନ ଓ ସ୍ୱତନ୍ତ୍ର ଭାବରେ ନିଜ ନିଜ କ୍ଷୁଦ୍ର ଅଧିକାର ଅକ୍ଷୁର୍ଣ୍ଣ ରଖିବାକୁ ଯାଇ ଗ୍ରୀକ୍ ଆକ୍ରମଣ ସମ୍ମୁଖରେ ହୀନବଳ ହେବାରୁ ଏବଂ ପରସ୍ପର ପ୍ରତି ବିଦ୍ୱେଷ ପୋଷଣ କରି ସମ୍ମିଳିତ ଉଦ୍ୟମରେ ଆତ୍ମରକ୍ଷା କରିବା ପରିବର୍ତ୍ତେ କେହି କେହି ପରରାଜ୍ୟ ଆଶାରେ ଗ୍ରୀକ-

Digitized by srujanika@gmail.com

ମାନଙ୍କ ସହ ମିଳିତ ହୋଇ ଭାରତର ପରାଜୟ ସାଧନ କରିଥିବାରୁ, ଚାଣକ୍ୟ ଏକ ସାମ୍ରାଜ୍ୟର କଳ୍ପନା କଲେ । ସେଥିପାଇଁ ସୁଚିନ୍ତିତ ଶାସନପ୍ରଣାଳୀ (Constitution) ଗଠନ କରି ସେ ତାହାର ପ୍ରଚଳନ କରିଥିଲେ ।

ସଚିବ-ତନ୍ତ୍ର

ଏହି ଗଠନରେ ରାଜା ସର୍ବେସର୍ବା ହୋଇ ପାରୁନଥିଲେ । ଇନ୍ଦ୍ରଙ୍କ ମନ୍ତ୍ରଣା ସଭା ସହସ୍ର ଜ୍ଞାନବାନ୍ ଋଷିଙ୍କ ଦ୍ୱାରା ଗଠିତ ଏବଂ ସେମାନଙ୍କ ପରୀକ୍ଷିତ ନୀତିହିଁ ଇନ୍ଦ୍ର କରିଥାନ୍ତି ବୋଲି ତାଙ୍କର ଅନ୍ୟନାମ 'ସହସ୍ରାକ୍ଷ' । ରାଜା ସେହିପରି ମନ୍ତ୍ରିଗଣଙ୍କ ମତ ଅନୁସାରେ ଚାଳିତ ହେଉଥିଲେ । କାର୍ଯ୍ୟର ବିଭାଗ ଅନୁସାରେ ୩୦ ଜଣ କିମ୍ବା ଅଧିକ ମନ୍ତ୍ରୀ ରଖିବା ବ୍ୟବସ୍ଥା ଥିଲା ।

ମନ୍ତ୍ରୀ-ସଭା

ଚନ୍ଦ୍ରଗୁପ୍ତଙ୍କର ମନ୍ତ୍ରୀ ସଂଖ୍ୟା ୩୦ରୁ ଅଧିକ ଥିଲା । ପ୍ରଧାନ ପୁରୋହିତ ମନ୍ତ୍ରୀ ସଭାର ସ୍ଥାୟୀ ସଭାପତି ବା 'ପ୍ରଧାନ' ଥିଲେ । ସେ ଥିଲେ ଅମାତ୍ୟ ବା Prime Minister. ଯୁବରାଜ ଥିଲେ ସେହି ସଭାର ସହକାରୀ 'ପ୍ରଧାନ' । ପ୍ରତି ମନ୍ତ୍ରୀ ଓ ଦୁଇଜଣ ସହକାରୀ (Under-Secretary)ଙ୍କ ଦ୍ୱାରା ଗୋଟିଏ ଗୋଟିଏ ବିଭାଗ ଚଳାଯାଇଥିଲା । ରାଜାଙ୍କ ଉପସ୍ଥିତ କିମ୍ବା ଅନୁପସ୍ଥିତିରେ ହେଉ, ମନ୍ତ୍ରୀ-ସଭା ଅର୍ଥ-ସମସ୍ୟା, ବୈଦେଶୀକ ସମସ୍ୟା ଏବଂ ଅନ୍ୟାନ୍ୟ ଗୁରୁତର

Digitized by srujanika@gmail.com

ବିଷୟର ଆଲୋଚନା କରୁଥିଲେ । ଏହି ସମିତିଙ୍କ ହାତରେ ପ୍ରାଦେଶିକ କର୍ତ୍ତା (Provincial Governor) ଓ ଅନ୍ୟାନ୍ୟ ଉଚ୍ଚ କର୍ମଚାରୀ ନିଯୁକ୍ତିର ଭାର ଥିଲା । ସଭାରେ ଅନୁପସ୍ଥିତ ହେଲେ କୌଣସି ମନ୍ତ୍ରୀ ନିଜ-ମତ ଲିଖିତ ଭାବରେ ଦେଇ ପାରୁଥିଲେ । ମନ୍ତ୍ରୀ-ସଭାର ନିର୍ଦ୍ଧାରଣ ସେମାନଙ୍କ ସ୍ୱାକ୍ଷରରେ ଲିପିବଦ୍ଧ ହେଉଥିଲା । ସୂକ୍ଷ୍ମ କର୍ପାସ ବସ୍ତ୍ର ଉପରେ ଲେଖିବା ପ୍ରଣାଳୀ ଥିଲା । ଚନ୍ଦ୍ରଗୁପ୍ତଙ୍କ ମନ୍ତ୍ରିଗଣ ଚରିତ୍ରବାନ୍ ଓ ବୁଦ୍ଧିମାନ ଥିବା ମେଗାସ୍ଥିନିସ୍ କହନ୍ତି । ମୌର୍ଯ୍ୟ ଶାସନ ଚାଣକ୍ୟଙ୍କ ବ୍ୟବସ୍ଥା ହେତୁ ଏକଚ୍ଛତ୍ର ସମ୍ରାଟତ୍ୱ (Absolute Monarchy ପରିବର୍ତ୍ତେ ମୂଳତନ୍ତ୍ରରେ ଗଠନଶୀଳ ହୋଇଥିଲା ।

ରାଜାର କର୍ତ୍ତବ୍ୟ

ଅର୍ଥଶାସ୍ତ୍ର ଅନୁସାରେ ରାଜା ଶକ୍ତିଶାଳୀ ଓ କର୍ମଠ ହେବା ଆବଶ୍ୟକ । ସେ ଦାୟିତ୍ୱଶୂନ୍ୟ ହେଲେ ପ୍ରଜାଗଣ ତାଙ୍କୁ ଅନୁକରଣ କରି ତାଙ୍କ କାର୍ଯ୍ୟର ଉଦ୍ଦେଶ୍ୟ ଓ ପ୍ରକୃତ ନଷ୍ଟ କରିବେ । ବି-ବିଦ୍ୟାରେ ପାରଦର୍ଶୀ ପଣ୍ଡିତ ପରିବୃତ ହୋଇ ରାଜା ପ୍ରଜାଙ୍କ ଅଭ୍ୟୁତ୍ଥାନର ଚିନ୍ତା କରିବେ । ପ୍ରଜାଙ୍କ ସୁଖରେ ତାଙ୍କ ସୁଖ, ପ୍ରଜାଙ୍କ ଉନ୍ନତିରେ ତାଙ୍କର ଉନ୍ନତି । କର୍ମତତ୍ପରତା ରାଜାଙ୍କର ଏକମାତ୍ର ଧର୍ମ, ସନ୍ତୋଷ ଜନକ କାର୍ଯ୍ୟ-ନିର୍ବାହ ଏକମାତ୍ର ଯଜ୍ଞ, ସମଦର୍ଶିତା ଏକମାତ୍ର ପୁରସ୍କାର ।

କାମ, କ୍ରୋଧ, ଲୋଭ, ମାନ, ମଦ ଓ ଅତିରିକ୍ତ ହର୍ଷ ବର୍ଜିତ ହୋଇ ରାଜା ଚିତ୍ତ-ଶୁଦ୍ଧି କରିବେ, ସାଧୁଜନଙ୍କ ସହବାସରେ ଜ୍ଞାନାର୍ଜନ କରିବେ, ଚରଗଣଙ୍କ ମୁଖରୁ ରାଜ୍ୟର ଅବସ୍ଥା ଜ୍ଞାତ ହେବେ, କର୍ମ ପ୍ରବୃତ୍ତି ଦେଇ ପ୍ରଜାଙ୍କୁ ନିରାପଦ ରଖିବେ, ନିଜ ଆଦେଶ ଯେମାନେ

Digitized by srujanika@gmail.com

ପାଳନ କରିବା ପାଇଁ ଦୃଷ୍ଟି ଦେବେ । 'ଅନ୍ୱୀକ୍ଷୀ' (ସାଂଖ୍ୟ, ଯୋଗ ଓ ଲୋକାୟତ ବା Atheism) 'ତ୍ରୟୀ' [ତିନିବେଦ] ବାର୍ତ୍ତା [କୃଷି ଗୋପାଳନ ଓ ବାଣିଜ୍ୟ] ଏବଂ ଦଣ୍ଡନୀତି, ଏହି ନୀତି [ବିଜ୍ଞାନ] ଚତୁଷ୍ଟୟର ଆଲୋଚନା ଦ୍ୱାରା ରାଜା ଅନ୍ତଃକରଣ କରିବେ । ସେ ପର ସ୍ତ୍ରୀ ଓ ପରସ୍ୱର ସମ୍ମାନ କରିବେ, ସ୍ୱପ୍ନରେ ମଧ୍ୟ ମିଥ୍ୟାଚରଣ କରିବା ପାଇଁ ତାଙ୍କ ପ୍ରବୃତ୍ତି ଚରିତାର୍ଥ ନକରି ଇଚ୍ଛାନୁରୂପେ ଆମୋଦପ୍ରମୋଦ କରିବେ, ଯେପରିକି ନିଜକୁ ସନ୍ତୋଷ ରଖିବେ କୌଣସିଥରେ ଅତ୍ୟ-ଧିକ ହେବେ ନାହିଁ । ଅମାତ୍ୟ ଓ ଶିକ୍ଷକ ତାଙ୍କ ଦୈନନ୍ଦିନ କର୍ମରେ ଶିଥିଳ ଦେଖି ସତର୍କ କରାଇଦେଲେ ପୁରସ୍କାର ସ୍ୱରୂପ ରାଜା ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବେ । ଏକ ଚକ୍ର-ଯାନ ପରି ଅନ୍ୟ ସହଯୋଗ ବିନା ରାଜକାର୍ଯ୍ୟ ସମ୍ଭବ ନୁହେଁ, ସୁତରାଂ ସର୍ବଦା ପଣ୍ଡିତ ଗଣଙ୍କ ମତାନୁସାରେ ସେ ଚାଳିତ ହେବେ ।

ରାଜା ଯେ କୌଣସି ପ୍ରକାର ଅଗମ୍ୟ ହେବେ ନାହିଁ । ସାହାଯ୍ୟାର୍ଥୀଗଣଙ୍କୁ ଦ୍ୱାର ଦେଶରେ ଅପେକ୍ଷା କରିବାକୁ ନଦେଇ ଶୀଘ୍ର ବିଚାର ସମ୍ପନ୍ନ କରିବେ । ନ୍ୟାୟାନ୍ୟାୟ ବସ୍ତୁର ଭାର କର୍ମଚାରୀଗଣଙ୍କ ଉପରେ ନ୍ୟସ୍ତ ନକରି ରାଜା ନିଜେ ଗ୍ରହଣ କଲେ, ରାଜ୍ୟରେ ବିଶୃଙ୍ଖଳା ଓ ଅସନ୍ତୋଷର ସ୍ଥାନ ରହିବ ନାହିଁ । ଧାର୍ମିକ, ପାପୀ, ଅନାଥ ଅସହାୟ ଅତ୍ୟାଚାରିତ, ବୃଦ୍ଧ, ବାଳକ, ବିଧବା ସମସ୍ତଙ୍କର ତତ୍ତ୍ୱାବଧାନ ସେ ନିଜେ କରିବେ । ଯାହାର ଅଭିଯୋଗ ଶୀଘ୍ର ବିଚାର୍ଯ୍ୟ, ତାହା ଅବିଳମ୍ବ ସମ୍ପନ୍ନ କରିବେ । ପ୍ରୟୋଜନୀୟ କାର୍ଯ୍ୟ କଦାପି ପକାଇ ରଖିବେ ନାହିଁ । ରାଜା ସର୍ବଦା ବିନୟ [discipline] ଭୂଷିତ ହେବେ । ପ୍ରତ୍ୟକ୍ଷ, ପରୋକ୍ଷ ଓ ଆନୁମାନିକ, ଏହି ତ୍ରିବିଧ ଉପାୟରେ ସେ ରାଜ୍ୟର ଅବସ୍ଥା ଜ୍ଞାତ ହେବେ । ପତିତ ଜାତିକ ବେଦ-ଶିକ୍ଷା ଦେବାପାଇଁ ଅନିଚ୍ଛୁକ ହେଲେ ପୁରୋହିତଙ୍କୁ କାର୍ଯ୍ୟଚ୍ୟୁତ କରିବେ ।

Digitized by srujanika@gmail.com

ରାଜାର ନିତ୍ୟକର୍ମ

ନିମ୍ନଲିଖିତ ଭାବରେ ରାଜା ନିତ୍ୟକର୍ମ କରିବେ । ସେଥି ପାଇଁ ଅଷ୍ଟ 'ନାଳିକ' ବା ଅଷ୍ଟମାଂଶ [ଦେଢ଼ଘଣ୍ଟା]ରେ ଦିନ ବିଭକ୍ତ କରି

ପ୍ରଥମ 'ନାଳିକ'ରେ — ପ୍ରତିରକ୍ଷାର ନିଯୋଗ, ରାଜକୋଷ ଓ ଅସ୍ତ୍ର-ଶସ୍ତ୍ର-ଭଣ୍ଡାର-ପର୍ଯ୍ୟବେକ୍ଷଣ ଏବଂ ସାମ୍ରାଜ୍ୟ-ରକ୍ଷା ବିଷୟକ ଆଲୋଚନା କରିବେ ।

ଦ୍ୱିତୀୟରେ — ନାଗରିକ ଓ ଜନପଦବାସୀଙ୍କ ଅଭିଯୋଗ ଶ୍ରବଣ ଓ ବିଚାର କରିବେ ।

ତୃତୀୟରେ - ସ୍ନାନାହାର ଓ ଧର୍ମଗ୍ରନ୍ଥ ପାଠ କରିବେ ।

ଚତୁର୍ଥରେ — ରାଜସ୍ୱ [ସୁବର୍ଣ୍ଣ] ଗ୍ରହଣ ଓ ଅଧ୍ୟକ୍ଷ ନିଯୋଗ କରିବେ ।

ପଞ୍ଚମରେ — ମନ୍ତ୍ରୀ-ସଭାର ଅଭିମତ ଓ ଚରଗଣଙ୍କଠାରୁ ସମ୍ବାଦ ଗ୍ରହଣ କରିବେ ।

ଷଷ୍ଠରେ — ରାଜାଙ୍କ ଅବସର ଗ୍ରହଣ । ସେ ଇଚ୍ଛାନୁରୂପେ ବିଳାସ ସମ୍ଭୋଗ କିମ୍ବା ଆତ୍ମଚିନ୍ତା କରିବେ ।

ସପ୍ତମରେ — ହସ୍ତୀ, ଅଶ୍ୱ, ରଥ ଓ ପଦାତିକ ସେନା ପରିଦର୍ଶନ କରିବେ ।

ଅଷ୍ଟମରେ - ପ୍ରଧାନ ସେନାନାୟକ ସହିତ ବିବିଧ ସାମରିକ ବିଷୟ ଆଲୋଚନା କରିବେ ।

ସନ୍ଧ୍ୟାବେଳେ ସନ୍ଧ୍ୟା ବନ୍ଦନା କରିବେ ।

ରାତ୍ରି ମଧ୍ୟ ଦିନ ପରି ଅଷ୍ଟଭାଗରେ ବିଭକ୍ତ ହୋଇଥିଲା ।

ପ୍ରଥମ 'ନାଳିକ'ରେ — ଗୁପ୍ତଚରଗଣଙ୍କ ସହ ସାକ୍ଷାତ ।

Digitized by srujanika@gmail.com

ଦ୍ୱିତୀୟରେ – ସ୍ନାନାହାର ଓ ଗ୍ରନ୍ଥ-ପାଠ ।

ତୃତୀୟରେ – ତୂର୍ଯ୍ୟଧ୍ୱନି ଶ୍ରବଣ କରି ଶୟନ ମନ୍ଦିରରେ ପ୍ରବେଶ ।

ଚତୁର୍ଥ
ପଞ୍ଚମ } ରେ—ବିଶ୍ରାମ ବା ନିଦ୍ରା

ଷଷ୍ଠରେ—ପୁଣି ତୂର୍ଯ୍ୟ ଧ୍ୱନି ଶ୍ରବଣ କରି ଶଯ୍ୟାତ୍ୟାଗ, ଶାସ୍ତ୍ରାଲୋଚନା, ଏଦିବସର କର୍ତ୍ତବ୍ୟ ଚିନ୍ତା, ସଶସ୍ତ୍ର ସ୍ତ୍ରୀ ରକ୍ଷିଗଣଙ୍କ ସହ ସାକ୍ଷାତ ।

ସପ୍ତମ—ଶାସନ ନୀତି ସମ୍ବନ୍ଧୀୟ ଚିନ୍ତା ଓ ଗୁପ୍ତଚର ପ୍ରେରଣ ।

ଅଷ୍ଟମ—ଦେବାର୍ଚ୍ଚନ, ଆଗ୍ନ୍ୟର୍ଘ୍ୟ, ଶିକ୍ଷକ ଓ ପ୍ରଧାନ ପୁରୋହିତଙ୍କ ଆଶୀର୍ବାଦ ଗ୍ରହଣ, ରାଜଭ୍ରାତା, ଜ୍ଞାତି, ରାଜକୁମାରଗଣଙ୍କ ସହ ଆଳାପ, ପ୍ରଧାନ ଚିକିତ୍ସକ, ପାଚକ ଓ ଜ୍ୟୋତିଷୀଙ୍କ ସହ ସାକ୍ଷାତ, ସବତ୍ସା ଧେନୁ ଓ ବୃଷଭ ପ୍ରଦକ୍ଷିଣ କରି ରାଜ-ସଭାରେ ପ୍ରବେଶ ।

ଯୁବରାଜ

ପୁତ୍ରଗଣଙ୍କ ଶିକ୍ଷା ନିମନ୍ତେ ରାଜା ସତର୍କ ଦୃଷ୍ଟି ରଖିବେ । ଷୋଳ-ବର୍ଷ ବୟସ ପର୍ଯ୍ୟନ୍ତ ସେମାନେ ବ୍ରହ୍ମଚର୍ଯ୍ୟ-ଜୀବନ ଯାପନ କରି ପୂର୍ବାହ୍ନରେ ଯୁଦ୍ଧ ଶିକ୍ଷା ଓ ଅପରାହ୍ନରେ ଇତିହାସ ପାଠ କରିବେ । ପୁରାଣ, ଇତିବୃତ୍ତ, ଆଖ୍ୟାୟିକା, ଉଦାହରଣ [ଗଳ୍ପ] ଧର୍ମଶାସ୍ତ୍ର, ଅର୍ଥଶାସ୍ତ୍ର ଇତ୍ୟାଦି ଇତିହାସର ଅଙ୍ଗ । ସେମାନେ ଯେପରି କୌଣସି ମନ୍ଦ ବିଷୟ ନ ଶୁଣନ୍ତି, ଶିକ୍ଷକ ସେଥିପ୍ରତି ଲକ୍ଷ୍ୟ ରଖିବେ । ତୀକ୍ଷ୍ଣମେଧା-ସମ୍ପନ୍ନ ରାଜକୁମାରହିଁ 'ଯୁବରାଜ' କିମ୍ବା ପ୍ରଧାନ ସେନାଧ୍ୟକ୍ଷ ହେବେ । ଅନୁପଯୁକ୍ତ ରାଜକୁମାର ସିଂହାସନର ଉତ୍ତରାଧିକାରୀ ହୋଇ ପାରିବେ

Digitized by srujanika@gmail.com

ନାହିଁ । ଏହି ଅଟ୍ଟାରେ ଅନ୍ୟ ଜନ୍ତୁବଧିକାଙ୍କ ଅନ୍ୱେଷଣ କରିବା ବ୍ୟବସ୍ଥା ଥିଲା ।

ଆତ୍ମରକ୍ଷା

ଶଯ୍ୟାତ୍ୟାଗ ପରେ ପ୍ରଥମ କକ୍ଷରେ ରାଜା ସଶସ୍ତ୍ର ସ୍ତ୍ରୀରକ୍ଷୀଙ୍କ ସହି ସାକ୍ଷାତ କରିବେ, ଦ୍ୱିତୀୟ କକ୍ଷରେ କଞ୍ଚୁକୀ ଓ ଉଷ୍ଣୀଷୀଠାରୁ ପରିଧେୟ ଓ ଉଷ୍ଣୀଷ ଗ୍ରହଣ କରିବେ । ବୈଦେଶିକ କିମ୍ବା ଅପୁରସ୍କୃତ ବ୍ୟକ୍ତି ପାର୍ଶ୍ୱଚର କିମ୍ବା ଅନ୍ତଃପୁର କର୍ମଚାରୀ ହେବେ ନାହିଁ । ଯେଉଁମାନଙ୍କ ପିତା, ପିତାମହ ରାଜକର୍ମଚାରୀ କିମ୍ବା ଯେଉଁମାନେ ରାଜବଂଶ ସମ୍ଭୂତ ଘନିଷ୍ଠତା-ପାଶରେ ଆବଦ୍ଧ, ସେମାନେହିଁ ସାଧାରଣତଃ ଏହି କାର୍ଯ୍ୟରେ ନିଯୁକ୍ତ ହେବେ । ତୃତୀୟ କକ୍ଷରେ ଖର୍ବକାୟ ଅନ୍ତଃପୁରରକ୍ଷୀ ଓ ଚତୁର୍ଥ କକ୍ଷରେ, ମନ୍ତ୍ରିଗଣ, ଜ୍ଞାତି ଓ ଦୌବାରିକଗଣଙ୍କ ସାକ୍ଷାତ କରିବେ ।

ସୁରକ୍ଷିତ ସ୍ଥାନରେ ପ୍ରଧାନ ପାଚକର ତତ୍ତ୍ୱାବଧାନରେ ରାଜାଙ୍କ ସକାଶେ ସ୍ୱାଦଯୁ ଖାଦ୍ୟ ପ୍ରସ୍ତୁତ ହେବ । ପ୍ରଥମେ ଅଗ୍ନି ଓ ପରେ ପକ୍ଷୀଗଣଙ୍କୁ ଆହାର ପ୍ରଦାନ କରି ରାଜା ନିଜେ ଭୋଜନ କରିବେ । ଅଗ୍ନିର ଶିଖା ଓ ଧୂମ ନୀଳବର୍ଣ୍ଣ ଧାରଣ କଲେ କିମ୍ବା ପକ୍ଷୀଗଣ ଭକ୍ଷଣ କରି ପ୍ରାଣତ୍ୟାଗ କଲେ ଆହାର ବିଷମିଶ୍ରିତ ବୋଲି ଜଣାଯିବ । ଖାଦ୍ୟ ଦ୍ରବ୍ୟ ଅଁଠାପରି ବା ଜଳମୟ କିମ୍ବା ଫେନଯୁକ୍ତ ଦେଖାଗଲେ ତାହା ବିଷମିଶ୍ରିତ ବୋଲି ପ୍ରମାଣିତ ହେବ । ନରମ ଖାଦ୍ୟ କଠିନ କିମ୍ବା କଠିନ ନରମ ଦେଖାଯିବା ବିଷ ମିଶ୍ରଣର ଅନ୍ୟତମ ଲକ୍ଷଣ । ପ୍ରଧାନ ଚିକିତ୍ସକ ରାଜାଙ୍କ ସଙ୍ଗେ ରହି ଖାଦ୍ୟ ପରୀକ୍ଷା କରିବେ ।

Digitized by srujanika@gmail.com

ରାଜକୋଷରୁ ଔଷଧ ନେଇ ପରୀକ୍ଷା ପରେ ଚିକିତ୍ସକ, ପାଚକ ଓ ଔଷଧ ବାହକ ପ୍ରଥମେ ତାହା ଆସ୍ୱାଦନ କରି, ସେବନ ପାଇଁ ରାଜାଙ୍କ ହସ୍ତରେ ପ୍ରଦାନ କରିବେ । ଅନ୍ୟାନ୍ୟ ସାମଗ୍ରୀ ଦ୍ରବ୍ୟ ଏହି ନିୟମରେ ରାଜା ଗ୍ରହଣ କରିବେ । ଭୃତ୍ୟଗଣ ସ୍ନାନ-ପରିଷ୍କୃତ ହୋଇ ରାଜାଙ୍କୁ ବସ୍ତ୍ର ଓ ପ୍ରସାଧନ-ଦ୍ରବ୍ୟ ପ୍ରଦାନ କରିବେ । ତତ୍ପୂର୍ବରୁ ପ୍ରତ୍ୟେକ ଦ୍ରବ୍ୟ ଚକ୍ଷୁ, ଚର୍ମ ଓ ବାହୁ ଦ୍ୱାରା ସ୍ପର୍ଶ କରିବେ । ପ୍ରତ୍ୟେକ ଦ୍ରବ୍ୟ ଅନ୍ତଃପୁର ଅଧ୍ୟକ୍ଷଙ୍କ ମୋହରଯୁକ୍ତ ହୋଇଥିବ । ଯେଉଁଥିରେ ଅଗ୍ନି ଅସ୍ତ୍ର ଓ ବିଷ ବ୍ୟବହୃତ ହୁଏ ନାହିଁ, ସେପରି ଆମୋଦପ୍ରମୋଦ-କର ମନ୍ତ୍ରରେ ବାଦକଗଣ ରାଜାଙ୍କୁ ପରିତୁଷ୍ଟ କରିବେ । ରଥ, ଗଜ କିମ୍ବା ଅଶ୍ୱ ଆରୋହଣ କରିବା ପୂର୍ବରୁ ସାରଥି ବା ଭୃତ୍ୟ ତାହା ଆରୋହଣ କରି ପରୀକ୍ଷା କରିବା ଆବଶ୍ୟକ । (ଜଳଯାତ୍ରା ବେଳେ) ନୌକାଚାଳକ ବିଶ୍ୱସ୍ତ ହୋଇଥିଲେ ଏବଂ ଆରୋହଣ ପାଇଁ ଉଦ୍ଦିଷ୍ଟ ତରୀ ସହିତ ଅପର ଗୋଟିଏ ତରୀ ସଂଯୁକ୍ତ ହୋଇଥିଲେ ରାଜା ନୌକା-ରୋହଣ କରିବେ । ଜଳ-ବିହାର ବେଳେ ସୈନ୍ୟଗଣ ତୀରରେ ଦଣ୍ଡାୟମାନ ହୋଇ ଅପେକ୍ଷା କରିବେ । ଜଳ ଓ ବାୟୁ ଦ୍ୱାରା ଜୀର୍ଣ୍ଣ ହୋଇଥିବା ପୋତରେ ରାଜା ଆରୋହଣ କରିବେ ନାହିଁ ।

ବୃହତ୍କାୟ ମତ୍ସ୍ୟ ଓ କୁମ୍ଭୀର ଶୂନ୍ୟ ଜଳାଶୟରେ ରାଜା ସ୍ନାନ କରିବେ । ସର୍ପ ଓ ଗ୍ରାହ (କୁମ୍ଭୀର)-ବର୍ଜିତ ଅରଣ୍ୟରେ ସେ ଭ୍ରମଣ କରିବେ । ଧନୁଃଶିକ୍ଷା ପାଇଁ ଶତ୍ରୁ, ଦସ୍ୟୁ ଓ ସର୍ପ ବିହୀନ ବନଭୂମିରେ ଗତିଶୀଳ ବସ୍ତୁ ପ୍ରତି ଶର ନିକ୍ଷେପ କରିବେ । ବିଶ୍ୱସ୍ତ ଅସ୍ତ୍ରଧାରୀ ପାର୍ଶ୍ୱ-ରକ୍ଷୀଙ୍କ ରକ୍ଷଣରେ ସାଧୁ ସନ୍ନ୍ୟାସୀଙ୍କ ସାକ୍ଷାତ କରିବେ । ମନ୍ତ୍ରିଗଣ କର୍ତ୍ତୃକ ପରିବେଷ୍ଟିତ ହୋଇ ବିଦେଶୀୟ ଦୂତ କିମ୍ବା ରାଜାଙ୍କ ସହିତ ସାକ୍ଷାତ କରିବେ । ସମର ସଜ୍ଜାରେ ସଜ୍ଜିତ ହୋଇ ଅଶ୍ୱ, ରଥ କିମ୍ବା

Digitized by srujanika@gmail.com

ହସ୍ତୀ ଆରୋହଣ କରି ରାଜା ସୈନ୍ୟ ପରିଦର୍ଶନ କରିବେ । ରାଜାଙ୍କ ଯାତାୟାତ ସମୟରେ ରାଜପଥର ଉଭୟପାର୍ଶ୍ୱ ସୈନ୍ୟମାନେ ରକ୍ଷା କରିବେ । କୌଣସି ଅସ୍ତ୍ରଧାରୀ ବ୍ୟକ୍ତି, ସନ୍ନ୍ୟାସୀ ଅଥବା 'ବ୍ୟଙ୍ଗ' ବ୍ୟକ୍ତି ସେଠାରେ ରହିପାରିବ ନାହିଁ । ରାଜା ସବୁ ପ୍ରକାର ବାହ୍ୟ ଭୟ-ରୁ ନିଜକୁ ରକ୍ଷା କରିବା କର୍ତ୍ତବ୍ୟ ।

ଜନପଦ-ପ୍ରତିଷ୍ଠା

ରାଜା ନିଜରାଜ୍ୟରେ ନୂତନ ଜନପଦ ସ୍ଥାପନ କରିବେ । ବୈଦେଶିକଗଣଙ୍କୁ କୃଷିଯୋଗ୍ୟ ଭୂମିରେ ପ୍ରଲୁବ୍ଧ କରି କିମ୍ବା ନିଜ ରାଜ୍ୟର ଜନବହୁଳ ନଗରରୁ ଅତିରିକ୍ତ ପ୍ରଜାମାନଙ୍କୁ ଉପଯୁକ୍ତ ନୂତନ ସ୍ଥାନରେ କିମ୍ବା ପୁରାତନ ଧ୍ୱଂସପ୍ରାପ୍ତ ନଗରରେ ନୂତନ ପଲ୍ଲୀ ଓ ନଗର ସ୍ଥାପନ କରିବେ । ପ୍ରତ୍ୟେକ ଗ୍ରାମରେ ଏକଶତଠାରୁ ପାଞ୍ଚଶତ ପର୍ଯ୍ୟନ୍ତ କୃଷକ ଜାତୀୟ ଶୂଦ୍ର ପରିବାର ରହିବେ । ଗ୍ରାମର ଆୟତନ ସାଧାରଣତଃ ଏକ ବା ଦୁଇ କ୍ରୋଶ (କ୍ରୋଶ=୨୨୫୦ ଗଜ) ରହିବ । ନଦୀ, ନାଳ, ପାହାଡ, ଅରଣ୍ୟ ସେତୁବନ୍ଧ ଅଥବା ବୃକ୍ଷାଦି ଦ୍ୱାରା ଗ୍ରାମର ସୀମା ନିରୂପିତ ହେବ । ଗ୍ରାମଗୁଡ଼ିକର ଅବସ୍ଥିତି ଏହିପରି ହେବ, ଯଦ୍ୱାରା ପରସ୍ପର ସାହାଯ୍ୟରେ ସେମାନେ ଆତ୍ମରକ୍ଷା କରି ପାରିବେ ।

ଦୁର୍ଗ-ସ୍ଥାପନ

ମୌର୍ଯ୍ୟ ରାଜ୍ୟରେ ଆଠଶହ ଗ୍ରାମ (ପ୍ରଦେଶ)ର କେନ୍ଦ୍ରସ୍ଥଳରେ 'ସ୍ଥାନୀୟ', ଚାରିଶହ ଗ୍ରାମ (ଜିଲ୍ଲା) ମଧ୍ୟସ୍ଥଳରେ 'ଦ୍ରୋଣମୁଖ', ଦୁଇ ଶତ

Digitized by srujanika@gmail.com

ଗ୍ରାମ (ତାଲୁକା ବା ସବ୍ ଡ଼ିଭିଜନ)ର କେନ୍ଦ୍ରରେ 'ଖର୍ବଟକ' ଏବଂ ଦଶଟି ଗ୍ରାମ (ଚକଡ଼ା) ମଧ୍ୟରେ 'ସଂଗ୍ରହଣ' ନାମକ ଦୁର୍ଗ ରହୁଥିଲା । ସୀମାନ୍ତ ରେଖାରେ 'ଅନ୍ତପାଳ' ବା ସୀମାନ୍ତ-ଅଧ୍ୟକ୍ଷଙ୍କ ସୈନ୍ୟ ସାମନ୍ତ ସକାଶେ ସୀମାନ୍ତ ଦୁର୍ଗ ନିର୍ମିତ ହେଉଥିଲା । ସୀମାନ୍ତ 'ଅନ୍ତପାଳ' ଦ୍ୱାରା ଏବଂ ରାଜ୍ୟର ଅଭ୍ୟନ୍ତର 'ବାଗୁରକ' (ଯେ ବାଗୁରାରେ ନିପୁଣ) ଶବର 'ପୁଳିନ୍ଦ' ବା ଶିକାରୀ, ଚଣ୍ଡାଳ ଓ ଅରଣ୍ୟଚରଙ୍କ ଦ୍ୱାରା ସୁରକ୍ଷିତ ଥିଲା । ଦୁର୍ଗଗୁଡ଼ିକ ତତ୍‌ପାର୍ଶ୍ୱବର୍ତ୍ତୀ ଗ୍ରାମସମୂହର ବାଣିଜ୍ୟ ଓ ନ୍ୟାୟ ବିଚାରର ସ୍ଥଳ ଥିଲା ।

ସ୍ଥାୟୀ ବାହିନୀ

ମୌର୍ଯ୍ୟ ପ୍ରଥାନୁସାରେ ଚନ୍ଦ୍ରଗୁପ୍ତଙ୍କର ଚତୁରଙ୍ଗ ବାହିନୀ ଥିଲା । ଏଠାରେ ତତ୍‌କାଳୀନ କେତେଗୋଟି ରାଜ୍ୟର ସ୍ଥାୟୀ ବାହିନୀର ପରିଚୟ ଦିଆଗଲା ।

	ମୌର୍ଯ୍ୟ ବାହିନୀ	କଳିଙ୍ଗ (ଉତ୍କଳ)ବାହିନୀ	ଆନ୍ଧ୍ର ବାହିନୀ
ଅଶ୍ୱ	୩୦,୦୦୦	୧୦ ୦୦୦	୨,୦୦୦
ରଥ	୮,୦୦୦	?	?
ହସ୍ତୀ	୯,୦୦୦	୭୦୦	୧,୦୦୦
ପଦାତିକ	୬,୦୦,୦୦୦	୬୦,୦୦୦ +୩,୦୦,୦୦୦	୧,୦୦,୦୦୦

କଳିଙ୍ଗ ଓ ଆନ୍ଧ୍ର ସ୍ଥାୟୀ-ବାହିନୀର ସଂଖ୍ୟା Buddhist India ରୁ ଗୃହୀତ । ସେଥିରେ ରଥର ସଂଖ୍ୟା ନାହିଁ । ଉତ୍କଳରେ ଟେର୍

ଛଅଲକ୍ଷ ପଦାତିକର କଥା ଉଲ୍ଲେଖ ଅଛି, ତାହା କୃଷକ ସେନା (Peasant militia) । ଏହା ହଣ୍ଟର ସାହେବଙ୍କ ଲେଖାରୁ ଜ୍ଞାତ । ଉତ୍କଳର ଏତେ କୃଷକ ସେନା ଥିଲେ ବୋଲି ସ୍ଥାୟୀବାହିନୀ ସଂଖ୍ୟାରେ ଊଣା ଥିଲା । ଏହି କୃଷକ ସେନା ମୁହୂର୍ତ୍ତକର ତୂର୍ଯ୍ୟ ଧ୍ୱନିରେ ଏକତ୍ରିତ ହେଉଥିବା କଥା ମଧ୍ୟ ହଣ୍ଟର ସାହେବ କହନ୍ତି । ଏହା ବ୍ୟତୀତ କଳିଙ୍ଗର ହସ୍ତୀ ଭାରତରେ ସର୍ବୋତ୍କୃଷ୍ଟ ଥିବାର ଅର୍ଥଶାସ୍ତ୍ରରେ ଲିଖିତ ଅଛି । * ରଥ ଦୁଇପ୍ରକାର ଥିଲା । ଦୁଇଅଶ୍ୱ ବିଶିଷ୍ଟ ରଥରେ ସାରଥି ବ୍ୟତୀତ ଦୁଇଜଣ ରଥୀ ଏବଂ ଚାରି ଅଶ୍ୱ ରଥରେ ୫।୬ ରଥୀ ରହୁଥିଲେ । ପ୍ରତ୍ୟେକ ହସ୍ତୀ ମାହୁନ୍ତ ବ୍ୟତୀତ ତିନିଜଣ ଯୋଦ୍ଧାଙ୍କୁ ବହନ କରୁଥିଲା । ଉତ୍କଳର ହସ୍ତୀ ଶୁଣ୍ଢରେ ଶୃଙ୍ଖଳା ଘୂର୍ଣ୍ଣିତ କରି ଯୁଦ୍ଧ କରୁଥିଲା । ଏ ପ୍ରଥା ଅଦ୍ୟାବଧି ପ୍ରାୟ ଗଞ୍ଜାମ-ଅଞ୍ଚଳରେ ପ୍ରଚଳିତ ଥିଲା । ପ୍ରୌଢ଼ ଅଶ୍ୱାରୋହୀ କଣ୍ଟକମଣ୍ଡିତ ତରବାରୀ ବ୍ୟତୀତ ଦୁଇଟି ବର୍ଚ୍ଛା ଧାରଣ କରୁଥିଲେ । ପଦାତିକମାନଙ୍କର ଖଡ୍ଗ ଧନୁ ବର୍ଚ୍ଛା ଇତ୍ୟାଦି ଅସ୍ତ୍ରଥିଲା । ତତ୍କାଳୀନ ଭାରତୀୟ ଧନୁଦ୍ଧମାନଙ୍କ ଅବ୍ୟର୍ଥ ସନ୍ଧାନରେ ନେଣ୍ଡ ଗ୍ରୀକସ ବର୍ଣ୍ଣିତ ହୋଇଥିବା କଥା ଇତିହାସରୁ ଜଣାଯାଏ ।

ସମର ବିଭାଗ

ଚନ୍ଦ୍ରଗୁପ୍ତଙ୍କ ବାହିନୀ ଗୋଟିଏ ସମର-ସମିତି ଦ୍ୱାରା ପରିଚାଳିତ ହେଉଥିଲା । ଏଥିରେ ୩୦ ଜଣ ସଭ୍ୟ ରହୁଥିଲେ । ପ୍ରତ୍ୟେକ ପାଞ୍ଚଜଣ ସଭ୍ୟଙ୍କୁ ନେଇ ଗୋଟିଏ ହିସାବରେ ଛଅଟି ପଞ୍ଚାୟତ ଗଠିତ ହୋଇଥିଲା । ପ୍ରତ୍ୟେକ ପଞ୍ଚାୟତ ଗୋଟିଏ ଗୋଟିଏ ବିଭାଗ ପରିଚାଳନ କରୁଥିଲେ ।

---

*Arthashastra, Book II Chapter II, P 54

Digitized by srujanika@gmail.com

ପ୍ରଥମ ଅଧ୍ୟାୟ—ନୌ-ସେନା
ଦ୍ୱିତୀୟ ,, —ସୈନ୍ୟଙ୍କ ଖାଦ୍ୟ ସାମଗ୍ରୀ, ସମର ସରଞ୍ଜାମ ଯୋଗାଇବା ଓ ଯାତାୟତ ବ୍ୟବସ୍ଥା ଦେବା ।
ତୃତୀୟ ,, —ପଦାତିକ ସୈନ୍ୟ ।
ଚତୁର୍ଥ ,, —ଅଶ୍ୱାରୋହୀ ସୈନ୍ୟ ।
ପଞ୍ଚମ ,, —ଯୁଦ୍ଧ-ରଥ ।
ଷଷ୍ଠ ,, —ହସ୍ତୀ-ସେନା ।

ଏ ନିୟମ ଅନ୍ୟାନ୍ୟ ରାଜାଙ୍କ ଅମଳରେ ନଥିବାରୁ ଏଥିପାଇଁ ବୁଦ୍ଧିମାନ କୌଶଳୀ ଏକମାତ୍ର ଚାଣକ୍ୟ ଦାୟୀ । ପଦାତିକ, ଅଶ୍ୱ, ହସ୍ତୀର ଆତ୍ମରକ୍ଷା ପ୍ରକାରେ ଚର୍ମ ବର୍ମ ବ୍ୟବହାର ନିୟମ ଥିଲା । ଖାଦ୍ୟ ଓ ଯୁଦ୍ଧ ସରଞ୍ଜାମ ଗାଈ, ବୃଷ ଓ ଖଚର ଉପରେ ବୋହୀଯାଇ ନେଉଥିଲେ । ପ୍ରତି ବାହିନୀର ପଶ୍ଚାଦ୍‌ଭାଗରେ ଏକଦଳ ଶୁଶ୍ରୂଷାକାରୀ ଚିକିତ୍ସକ ଓ ସେବକ (Ambulance) ଉପସ୍ଥିତ ଥିଲେ ।

'ସର୍ବତୋଭଦ୍ର' ନାମକ ଯନ୍ତ୍ରରୁ ଚତୁର୍ଦ୍ଦିଗ ମାରେ କାମାନ-ଯନ୍ତ୍ର ବା (machine gun) ପରି ଅନବରତ ଶର ନିକ୍ଷିପ୍ତ ହେଉଥିଲା । ଯୁଦ୍ଧରେ ଏହିପରି ଦଶ ପ୍ରକାର ସ୍ଥିର (fixed) ଯନ୍ତ୍ର ଏବଂ ସତାଇଶ ପ୍ରକାର ଚଳନଶୀଳ ଯନ୍ତ୍ର ବ୍ୟବହୃତ ହେଉଥିଲା । ତଦ୍‌ଭିନ୍ନ ଊର୍ଦ୍ଧ୍ୱ ବତିଶ ହସ୍ତ ବ୍ୟବହୃତ ଅସ୍ତ୍ର ଶସ୍ତ୍ରର ପ୍ରଚଳନ ଥିଲା ।

ଶାସନ-ନୀତି

ଚାଣକ୍ୟ ମୌର୍ଯ୍ୟ ଶାସନକୁ ସାମ୍ୟନୀତି ଉପରେ ପ୍ରତିଷ୍ଠିତ କରିଥିଲେ । ମନୁଷ୍ୟ ମନୁଷ୍ୟ ମଧ୍ୟରେ ବ୍ରାହ୍ମଣ ବା ଚଣ୍ଡାଳର ସମ-

Digitized by srujanika@gmail.com

ଭାରତରେ ନ୍ୟାୟ ଓ ଜନ୍ମଗତ ସ୍ୱାଧୀନତା ସମସ୍ତଙ୍କର ପ୍ରାପ୍ୟ ଥିଲା । ଚିକିତ୍ସାଳୟ ପ୍ରତିଷ୍ଠା କରି ପ୍ରଜାଙ୍କ ସ୍ୱାସ୍ଥ୍ୟ ପ୍ରତି ତୀବ୍ର ଦୃଷ୍ଟି ଦିଆ ଯାଉଥିଲା । ଦୁର୍ଭିକ୍ଷ-ପୀଡ଼ିତ ଓ ବିପନ୍ନ ଲୋକଙ୍କ ଅନ୍ନ-ସଂସ୍ଥାନ, କର ନିର୍ଦ୍ଧାରଣ କରିବାରେ ସାବଧାନତା ଅବଲମ୍ବନ ଚାଣକ୍ୟଙ୍କ ଉଦାର ନୀତିର ପରିଚାୟକ ।

ପଞ୍ଚଦଶ ଶତାବ୍ଦୀରେ ଇଟାଲୀର ପ୍ରଖ୍ୟାତନାମା ମେକିଭେଲି ଯେ ଶାସନ-ନୀତି ପ୍ରଣୟନ କରିଅଛନ୍ତି, ତାହା କେବଳ ବୈଷୟିକ ପରିସରରେ ବର୍ଦ୍ଧିତ ମସ୍ତିଷ୍କ ପ୍ରସୂତ । ପାଶ୍ଚାତ୍ୟ ରାଜନୀତି ବ୍ୟବହାରରେ ତାହା ଉତ୍କୃଷ୍ଟ । ମେକିଭେଲି ଲେଖିଅଛନ୍ତି --Therefore it is necessary to be a fox to discover the snares and a lion to terrify the wolves "ରାଜା ଚତୁର ଓ ଶକ୍ତିମାନ ହେବା ଆବଶ୍ୟକ ।" ଏହା କେବଳ ଚତୁରତା ଓ ଶାରୀରିକ ବଳସମ୍ପନ୍ନର କଥା । କିନ୍ତୁ ଚାଣକ୍ୟ ଏ ନୀତିର ପୋଷକ ଥିଲେ ସୁଦ୍ଧା, କେବଳ ସେତିକରେ ସେ ତୃପ୍ତ ନଥିଲେ । ତାଙ୍କ ନୀତି ଆଧ୍ୟାତ୍ମିକ ଭିତ୍ତି ଉପରେ ପ୍ରତିଷ୍ଠିତ ଥିଲା । 'ଆତ୍ମ ସଂଯମ' ଓ 'ଚିତ୍ତଶୁଦ୍ଧି' କରିଥିବା ରାଜା ଚାଣକ୍ୟଙ୍କ ମତରେ ଏହି ଚାତୁରୀ ଅବଲମ୍ବନ କରିବାକୁ ଯୋଗ୍ୟ ଥିଲେ । ସୁତରାଂ ଶକ୍ତିର ଅପବ୍ୟବହାର କରିବା ଆଶଙ୍କା ମେକିଭେଲିଙ୍କ ବ୍ୟବସ୍ଥାରେ ଯେପରି ସମ୍ଭବ ଏ କ୍ଷେତ୍ରରେ ସେପରି ନଥିଲା । ଅନ୍ୟଥା, ଉଭୟଙ୍କ ନୀତିର ମୂଳଗତ ସାମଞ୍ଜସ୍ୟ ଅନେକ ପରିମାଣରେ ବିଦ୍ୟମାନ ।

ଦୁର୍ଗ ଜୟ ନିମନ୍ତେ ଚାଣକ୍ୟଙ୍କ ପଞ୍ଚନୀତି, ଷଡ଼୍‌ଯନ୍ତ୍ର, ଗୁପ୍ତଚର, ଶତ୍ରୁବଶ, ଅବରୋଧ ଓ ଆକ୍ରମଣ ତୃମୌର୍ଯ୍ୟ ସମର ନୀତିର ପ୍ରକୃଷ୍ଟ

Digitized by srujanika@gmail.com

ନିର୍ଣ୍ଣୟ କରେ । ଗ୍ରୀକମାନଙ୍କ କୂଟ ଯୁଦ୍ଧର ପ୍ରତିକ୍ରିୟା ସ୍ୱରୂପ ଚାଣକ୍ୟ ଅନେକ ସ୍ଥାନରେ ଷଡ଼ଯନ୍ତ୍ର ଓ କୂଟ ଯୁଦ୍ଧର ସମର୍ଥନ କରିଥିବା ଅନୁମିତ ହୁଏ ।

ନାଗରିକତା

ମୌର୍ଯ୍ୟ ସାମ୍ରାଜ୍ୟରେ ପ୍ରଜାମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତା ବିଶେଷଭାବରେ ଅଦ୍ଭୁତ ହୋଇଥିଲା । ଯେ କୌଣସି ଆର୍ଯ୍ୟ ସନ୍ତାନ ବ୍ରାହ୍ମଣ ବା ଚଣ୍ଡାଳ ହେଉ, ଦାସଭାବରେ ବନ୍ଦୀ ହେବା ଆଇନ ବିରୁଦ୍ଧ ଥିଲା । 'ମ୍ଲେଚ୍ଛ' (ବିଦେଶୀୟ) କେହି ନିଜ ସନ୍ତାନ ସନ୍ତତିଙ୍କୁ ବନ୍ଦୀ କରି ପାରୁଥିଲେ । ଚନ୍ଦ୍ରଗୁପ୍ତଙ୍କ ସ୍ତ୍ରୀ ରକ୍ଷୀଗଣ ବିଦେଶାଗତ କ୍ରୀତ ଦାସୀ ମାତ୍ର । ହେବେଲ୍ ସାହେବ କହନ୍ତି, ସେ ସମୟରେ ପଞ୍ଚଗୌଡ଼ (ଉତ୍କଳୀୟ, ବଙ୍ଗ, ମଗଧ, ମିଥିଳା ଓ କାନ୍ୟକୁବ୍ଜ)ର ପ୍ରଜା ସାଧାରଣ ଗ୍ରୀସୀୟ 'ନାଗରିକ' (citizen) ର ପୂର୍ଣ୍ଣ ସ୍ୱାଧୀନତା ଲାଭ କରିଥିଲେ । ପଲ୍ଲୀ ଗଣତନ୍ତ୍ର ଆର୍ଯ୍ୟାବର୍ତ୍ତରେ ଶିଥିଳ ଥିଲେ ସୁଦ୍ଧା, ମେଗାସ୍ଥିନିସଙ୍କ ମତରେ ଦାକ୍ଷିଣାତ୍ୟରେ ତାହା ଏତେ ପ୍ରଭାବଶାଳୀ ଥିଲା ଯେ, ତଦ୍ଦ୍ୱାରା ତତ୍ରତ୍ୟ ରାଜାମାନଙ୍କର କ୍ଷମତା ଓ ଆଧିପତ୍ୟ ଅନେକ ପରିମାଣରେ ଖର୍ବ ହୋଇଥିଲା ।

ରାଜସ୍ୱ ବିଭାଗ

ଆୟତନ ଅନୁସାରେ ଜନପଦଗୁଡ଼ିକ ସାଧାରଣତଃ ତିନିଶ୍ରେଣୀରେ ବିଭକ୍ତ ହୋଇଥିଲେ ସୁଦ୍ଧା ରାଜସ୍ୱ ସୁବିଧା ନିମନ୍ତେ କାର୍ଯ୍ୟତଃ ତାହା ପାଞ୍ଚଭାଗ କରାଯାଇ ଥିଲା । ଯଥା—

Digitized by srujanika@gmail.com

(୧) 'ନୃବର'—ଧର୍ମାନୁଷ୍ଠାନ କିମ୍ବା ଶିକ୍ଷା ନିମନ୍ତେ ରାଜାଙ୍କ ଦାନ ।

(୨) 'ସୈନିକ'—ଏହି ସବୁ ଗ୍ରାମର ଅଧିବାସୀଗଣ ରାଜ୍ୟ ପରିବର୍ତ୍ତେ ସୈନ୍ୟ ବାହିନୀ ସକାଶେ ସୈନିକ ଯୋଗାଉଥିଲେ ।

(୩) 'ସକର'—ଏଥିରୁ ନିୟମିତ ରାଜସ୍ୱ ସକାଶେ ଶସ୍ୟାଦି, ପଶୁ, ସ୍ୱର୍ଣ୍ଣ କିମ୍ବା ଜଙ୍ଗଲ ଆଦାୟ ହେଉଥିଲା ।

(୪) "ଶ୍ରମିକ"—ଏହି ସମସ୍ତ ଗ୍ରାମ ପୂର୍ତ୍ତ ବିଭାଗ (Public Works Department) ନିମନ୍ତେ ମଜୁର କିମ୍ବା ରାଜାଙ୍କ ନିମନ୍ତେ ଶିଳ୍ପଜାତଦ୍ରବ୍ୟ ଯୋଗାଉଥିଲେ ।

(୫) 'ଗୋଧନ'—କୃଷି ପ୍ରଧାନ ଗ୍ରାମ,—ରାଜଭବନ ଓ କର୍ମଗୃହଗଣଙ୍କ ପକ୍ଷରେ ଗୋରସ ଘୃତ ଇତ୍ୟାଦି ଯୋଗାଉଥିଲେ ।

ସ୍ଥାନୀୟ ସମବାୟ ସମିତି (Cooperative Society) ବ୍ୟତୀତ ଅନ୍ୟ କୌଣସି 'ସଙ୍ଘ' ଗ୍ରାମରେ ବାନ୍ଧିବା ନିୟମ ବିରୁଦ୍ଧ ଥିଲା ! ଶିଳ୍ପ-ସଙ୍ଘ ତଥା ଋଣଦାତା-ବଣିକ-ସଙ୍ଘ ପ୍ରଭାବରୁ ଗ୍ରାମବାସିଙ୍କି ରକ୍ଷା କରିବା ଏହି ନିୟମର ପ୍ରଧାନ ଉଦ୍ଦେଶ୍ୟ ଥିଲା । ଏଦ୍ୱାରା ଗ୍ରାମର ଆର୍ଥିକ ଉନ୍ନତି ପୂର୍ଣ୍ଣ ଓ ପଲ୍ଲୀ କୃଷକ ଆତ୍ମନିର୍ଭରଶୀଳ ହେଉଥିଲା ।

ରାଜସ୍ୱ

ପ୍ରଧାନତଃ ଦ୍ୱାଦଶ ପ୍ରକାର ରାଜସ୍ୱ ଆଦାୟ ହେଉଥିଲା । (୧) ଉତ୍ପନ୍ନ ଦ୍ରବ୍ୟ, ଯଥା ଶସ୍ୟାଦି ଓ ଜଳଜାତ ମତ୍ସ୍ୟାଦିର ଏକ ଷଷ୍ଠାଂଶ (୨) ଖାସମହଲର ଆଦାୟ (୩) 'ଖଣି ଶୁଳ୍କ' [୪] ସମୁଦ୍ରରୁ ମୁକ୍ତା ପଥର [୫] ଖନିଜ ଦ୍ରବ୍ୟ (୬) ଲୁଣ ଯୋଗାନ [୭] ଜଳ-

Digitized by srujanika@gmail.com

ଯାନର ଶୁଳ୍କ (୮) କୃଷି ନିମନ୍ତେ ଜଳକର (୯) ବାଣିଜ୍ୟ ଶୁଳ୍କ (୧୦) ମଦ୍ୟ ଓ ଦ୍ୟୂତକ୍ରୀଡ଼ା (୧୧) କାରବାର, ଓଜନ ଓ ମାପ weights and measures) ଶୁଳ୍କ (୧୨) ଜରିମାନା।

ଆକବରଙ୍କ ରାଜତ୍ୱରେ ଶସ୍ୟାଦି ଉତ୍ପନ୍ନ ଦ୍ରବ୍ୟର ଏକ ଚତୁ-ର୍ଥାଂଶ ରାଜସ୍ୱ ଗୃହୀତ ହେଉଥିଲା।

ପ୍ରତ୍ୟେକ ଗ୍ରାମର ରାଜସ୍ୱ ସେହି ଗ୍ରାମର 'ମୋଗାଦ' ବା ପ୍ରଧାନ ବ୍ୟକ୍ତି ଆଦାୟ କରିବା ନିୟମ ଥିଲା। ଜିଲ୍ଲାର ରାଜସ୍ୱ ସକାଶେ ଜଣେ ଜିଲ୍ଲା କର୍ମଗୃହ (Mayor), କେତେଜଣ ତହସିଲଦାର ଓ କାନୁନ୍-ଗୋଙ୍କ ସହ ଦାୟୀ ଥିଲେ। ଧାତୁଖଣି, କୁସୁମ କୁଞ୍ଜ, ଫଳ ଉଦ୍ୟାନ, ବନ (ମୃଗୟା ସକାଶେ ରକ୍ଷିତ ଓ ହସ୍ତୀବାସ) ଓ ପଥକର ପ୍ରାଦେଶିକ ବା 'ସୁବାଦାର' ଶାସକଙ୍କ ଅଧୀନ ଥିଲା। ବିନା 'ମୁଦ୍ରା' [Fa.. Port] ରେ କେହି ବାଣିଜ୍ୟ କଲେ ଶୁଳ୍କର ଦୁଇଗୁଣ ଅର୍ଥଦଣ୍ଡ ଏବଂ ଜାଲ 'ମୁଦ୍ରା' ବ୍ୟବହାର କଲେ ବଣିକଗଣ ଅଠଗୁଣ ଅର୍ଥଦଣ୍ଡ ଦେଉଥିଲେ।

ଅର୍ଥ-ସଂକଟ

ଶାସନ ବ୍ୟୟ ସକାଶେ ରାଜସ୍ୱ ଯଥେଷ୍ଟ ନହେଲେ ଉତ୍କର୍ଷ ଉପାୟ ଅବଲମ୍ବନ କରିବା ରୀତି ଥିଲା। ଶାସନର ପରିବର୍ତ୍ତନ ଏବଂ ସୈନ୍ୟଙ୍କ ଅବିରତ ଯୁଦ୍ଧ ଯୋଗୁଁ ମଝିରେ ଅର୍ଥ ସଙ୍କଟ ହେଉଥିଲା। ବାଣିଜ୍ୟ ସମ୍ପ୍ରଦାୟର ସମ୍ପତ୍ତିଶାଳୀ ବ୍ୟକ୍ତିଙ୍କୁ 'ସାହାଯ୍ୟ' ନିମନ୍ତେ ଆବେଦନ କରୁଥିଲେ। ସଙ୍କଟ ମୁକ୍ତ ହେବା ପାଇଁ ଦେବୋତ୍ତର

Digitized by srujanika@gmail.com

ଭଣ୍ଡାରର ଗଚ୍ଛିତ ବହୁଳ ଧନରାଶି ବିଷୟରେ ହସ୍ତକ୍ଷେପ କରିବା ବାହାରେ ରାଜକୀୟ 'ମୁଦ୍ରାଶାଳା'(Royal Mint) ରୁ ୮୦ କୋଟି କୃତ୍ରିମ ରୌପ୍ୟ ମୁଦ୍ରା ରାଜ୍ୟରେ ପ୍ରଚଳନ କରାଯାଇ ଥିଲା ।

ଭୂ-ସମ୍ପତ୍ତି

ଏକ ପୁରୁଷ ପର୍ଯ୍ୟନ୍ତ କୃଷକଗଣ ଚାଷ କରିବା ଭୂମି ନିଜ ଅଧିକାରରେ ରଖିବା ନିୟମ ବିରୁଦ୍ଧ ନଥିଲା । କେହ ପରେ ନିଜେ ଚାଷ ନକରି ଅନ୍ୟଦ୍ୱାରା କରାଇ ନେଉଥିଲେ, ଫଳତଃ ତାଙ୍କ ଭୂମି ଅନ୍ୟ କୃଷକଙ୍କୁ ପ୍ରଦତ୍ତ ହେଉଥିଲା । କୃଷକମାନଙ୍କ ପରିଶ୍ରମ ଲବ୍ଧ ଅର୍ଥରେ କେହ ବସି ଖାଇ ପୁଷ୍ଟ ହେବା ନିୟମ ନଥିଲା । ଋତ୍ୱିକ, ଆଚାର୍ଯ୍ୟ, ପୁରୋହିତ ଓ ଶ୍ରୋତ୍ରିୟ ବ୍ରାହ୍ମଣଙ୍କୁ ଓ ରାଜ କର୍ମଚାରୀଙ୍କୁ ଭୃତ୍ୟ ଭୂମି ବୃତ୍ତି ସ୍ୱରୂପ ଦିଆ ଯାଉଥିଲା । ଏମାନେ ସ୍ୱ ବୃତ୍ତିର ଲୋକଙ୍କୁ ମାତ୍ର ନିଜ ଭୂମି ବନ୍ଧା ବା ବିକ୍ରୀ କରି ପାରୁଥିଲେ । ମୋଟ ଉପରେ, ଯେଉଁ ଉଦ୍ଦେଶ୍ୟରେ ରାଜାଙ୍କ ଦାନ ସେ ଉଦ୍ଦେଶ୍ୟ ନଷ୍ଟ ହେଉ ନଥିଲା ।

ପଶୁ ପାଳନ

ରାଜାଙ୍କ ଖାସ ମହଲରେ (ଧାତୁଖଣି ଓ କୃଷିଯୋଗ୍ୟ ଭୂମି ବ୍ୟତୀତ) ହସ୍ତୀ ବନ ରହୁଥିଲା । ହସ୍ତୀ, ଅଶ୍ୱ, ଗୋ ମହିଷ ପ୍ରଭୃତି ପଶୁଙ୍କ ସ୍ୱାସ୍ଥ୍ୟ ଓ ତତ୍ତ୍ୱ ବୁଝିବା ପାଇଁ ବିଶେଷଜ୍ଞ ଚିକିତ୍ସକ Veterinary surgeon ରହୁଥିଲେ ।

Digitized by srujanika@gmail.com

ଜନ-ଗଣନା

ପ୍ରତ୍ୟେକ ଗୋପ ନିଜ ଗ୍ରାମବାସିଙ୍କ ନାମ, ଧର୍ମ, ଗୋତ୍ର, ଜାତି, ଆୟ ଓ ବ୍ୟୟବୃତ୍ତି ଲିଖିତ ବିବରଣୀ ରଖୁଥିଲେ । ନଗର-ଅଧ୍ୟକ୍ଷ ବା 'ନାଗରିକ' ନଗରର ଏହି ସବୁ ହିସାବ ରଖିବା ନିୟମ ଥିଲା । ଜନ୍ମ ଓ ମୃତ୍ୟୁ ସଂଖ୍ୟା ସଦରକୁ ଯଥାମତ ପ୍ରେରିତ ହେଉଥିଲା ।

ବାର୍ତ୍ତାବହ

ସେ ସମୟରେ ସମ୍ବାଦ ପତ୍ରର ପ୍ରଚଳନ ନଥିଲା । ସେଥିପାଇଁ ଏକ ଦଳ ବାର୍ତ୍ତାବହ ସାମ୍ରାଜ୍ୟର ସର୍ବତ୍ର ଅନୁ-ଚେତନ କରି ଅବସ୍ଥାନ କରୁଥିଲେ । ସେମାନେ ବିଚକ୍ଷଣ ପଣ୍ଡିତ ଥିଲେ । କୌଣସି ସ୍ଥାନରେ ଶାସନ ବିରୁଦ୍ଧରେ ଆନ୍ଦୋଳନ ଦେଖିଲେ କୌଶଳରେ ତାହା ବନ୍ଦ କରୁଥିଲେ । ବିଦେଶାଗତ ଚର କୌଣସି ସ୍ଥାନରେ ଲୋକଙ୍କୁ ରାଜ୍ୟ ବିପକ୍ଷରେ ଉତ୍ତେଜିତ କରୁଥିବା ଦେଖିଲେ ଉକ୍ତ ସମ୍ବାଦ ରାଜଧାନୀକୁ ପଠାଉଥିଲେ । ପ୍ରଜାବର୍ଗଙ୍କ ଅଭ୍ୟନ୍ତରୀଣ ଆର୍ଥିକ, ସାମାଜିକ ଅବସ୍ଥା ସେମାନଙ୍କ ଦ୍ୱାରା ରାଜାଙ୍କ କର୍ଣ୍ଣଗୋଚର ହେଉଥିଲା । ଏମାନେ ସକଳ ସମୟରେ ନିର୍ଭୁଲ ତଥ୍ୟ-ସମ୍ବାଦ ପ୍ରେରଣ କରୁଥିବା ଦେଖି ମେଗାସ୍ଥେନିସ ବିସ୍ମିତ ହୋଇ ଅଛନ୍ତି । ଇତିହାସ-ଲେଖକ ଆରିଏନ ଷ୍ଟ୍ରାବୋ ଓ ପଣ୍ଡିତ ଟମାସ୍‌ସ୍ମିଥ୍‌ଙ୍କ ମଧ୍ୟ ବାର୍ତ୍ତାବହମାନଙ୍କ ସତ୍ୟାଚରଣ ଓ ସତ୍ୟପ୍ରିୟତାର କଥା ଦୃଢ଼ତା ସହକାରେ ଉଲ୍ଲେଖ କରି ଅଛନ୍ତି ।

Digitized by srujanika@gmail.com

ଗୁପ୍ତଚର ବିଭାଗ

ମହାଭାରତୀୟ ଯୁଗରେ ଶ୍ରୀକୃଷ୍ଣ ଓ ଶକୁନି ଯେଉଁ 'ଗୁପ୍ତଚର'ର ପ୍ରବର୍ତ୍ତକ ଥିଲେ ଚାଣକ୍ୟ ସେହି ଧରଣର ଗୁପ୍ତଚର ବିଭାଗ ସୃଷ୍ଟି କରିଥିଲେ । ତାହା ଶାସନର ଅଙ୍ଗୀଭୂତ ହୋଇଥିଲା । ଗୁପ୍ତଚରଗଣ ଚୋର, ତାପସୀ, ଅଜନ୍ମ ବ୍ରହ୍ମଚାରୀ, ବିଚକ୍ଷଣ ବ୍ରାହ୍ମଣ ଥିଲେ । ଟେହେବେଲ ସାହେବଙ୍କ ମତରେ ଆଧୁନିକ ଚରମାନଙ୍କ ଅପେକ୍ଷା ସେ ସମୟର ଚରଗଣଙ୍କର ଉକ୍ତ ଚରିତ୍ରବତ୍ତା ପ୍ରଥମ ଓ ପ୍ରଧାନ ଯୋଗ୍ୟତା ଥିଲା । ବ୍ୟକ୍ତିଗତ ବିଦ୍ୱେଷ, ଈର୍ଷା କିମ୍ବା ମନାନ୍ତରର ବଶବର୍ତ୍ତୀ ହୋଇ ଚର-ଗଣ କାହାର ଅଣୁମାତ୍ର ଅନିଷ୍ଟ କରିବା ଦେଖାଯାଉ ନଥିଲା । ନାନା ଭାଷା, ଇତିହାସ, ଭୂଗୋଳ ସମାଜ ବିଜ୍ଞାନ [Sociology] ମନୋ-ବିଜ୍ଞାନ [Psychology] ରାଷ୍ଟ୍ରନୀତି [Diplomacy] ଇତ୍ୟାଦିରେ ଚରଗଣ ପାରଦର୍ଶୀ ଥିଲେ । ସାମ୍ରାଜ୍ୟର କେଉଁଠାରେ ପାହାଡ଼, ନଦନଦୀ, ସମତଳ ଭୂମି, ଅରଣ୍ୟ ବିଶେଷତଃ ସମରର ଉପଯୁକ୍ତ ସ୍ଥାନ ବିଦ୍ୟମାନ, ସେମାନେ ବିଶଦ ଭାବରେ ଜ୍ଞାତ ଥିଲେ । ପ୍ରଜାଗଣଙ୍କ ଅବସ୍ଥା କେଉଁଠାରେ କପରି, କିଏ ଅସନ୍ତୁଷ୍ଟ, କିଏ ଅନ୍ୟ ପ୍ରଜାଙ୍କୁ ଉତ୍ପୀଡ଼ନ କରି ନିଜର ବିଷୟ ବୃଦ୍ଧି କରେ, ରାଜାଙ୍କ ସମ୍ବନ୍ଧରେ କିଏ କଅଣ କହେ, କେଉଁ ଘରେ କେତେ ଲୋକ, ସେମାନଙ୍କ ସ୍ୱାସ୍ଥ୍ୟ-ସ୍ୱଭାବ, ଏ ସମସ୍ତ ସମ୍ବାଦ ସେମାନେ ସଂଗ୍ରହ କରୁଥିଲେ । ଆତ୍ମଗୋପନ କରି ସ୍ୱପକ୍ଷ ଓ ବିପକ୍ଷ ଶିବିରରେ ରହି ସମସ୍ତ ଆବଶ୍ୟକୀୟ ସମ୍ବାଦ ଜ୍ଞାତ ହେଉଥିଲେ । ବ୍ରହ୍ମଚାରୀ ହେଲେ ମଧ୍ୟ ଯନ୍ତ୍ରଅସ୍ତ୍ର ରସିକତା ଥିବାରୁ ଚରଗଣ ସହଜରେ ଶତ୍ରୁ ଶିବିରରେ ଲୋକପ୍ରିୟ ହୋଇ ପାରୁଥିଲେ । ସେମାନେ ଏପରି ଆତ୍ମଗୋପନ କରିପାରୁ ଥିଲେ ଯେ, ସ୍ୱବନ୍ଧୁ ବାନ୍ଧବ ମଧ୍ୟ ସେମାନଙ୍କୁ ଚିହ୍ନିବା ଅସମ୍ଭବ ହେଉଥିଲା । ଚାଣକ୍ୟଙ୍କ ଗୁପ୍ତଚର

Digitized by srujanika@gmail.com

ବର୍ତ୍ତି ଏକାଧାରରେ ଅଧୁନିକ ସମ୍ବାଦଦାତା, ଗୋଏନ୍ଦା ପୁଲିସ ଓ ଛଦ୍ମବେଶୀ ଚର (spy) ର କାର୍ଯ୍ୟ କରୁଥିଲେ । କେଉଁଠାରେ ବିଦ୍ରୋହ ବା ଚକ୍ରାନ୍ତ ଦେଖିଲେ ଏମାନେ ସଙ୍ଗେ ସଙ୍ଗେ ତାର ପ୍ରତୀକାର କରୁଥିଲେ ।

'ଶୁକ୍ର ନୀତିସାର'ରେ କଥିତ ଅଛି – ରାଜା ଗୁପ୍ତଚର ମୁଖରେ ନିଜଦୋଷ ଅବଗତ ହୋଇ ତାର ପ୍ରତୀକାର କରିବେ, କିନ୍ତୁ ତତ୍‌ସମ୍ପର୍କୀୟ ପ୍ରଜାଙ୍କୁ ଦଣ୍ଡ ଦେବେ ନାହିଁ । ଚାଣକ୍ୟ ଏକଥାର ବିଶ୍ଳେଷ ଓ ସମର୍ଥନ କରିଅଛନ୍ତି । ଶାସନ ନୀତି ସମ୍ପର୍କେ ଶୁକ୍ରାଚାର୍ଯ୍ୟହିଁ ଚାଣକ୍ୟଙ୍କ ଆଦର୍ଶ ଥିଲେ ।

ଗୁପ୍ତଚର ନିର୍ବାଚନ

ମନ୍ତ୍ରୀଗଣଙ୍କ ସାହାଯ୍ୟରେ ରାଜା ଉପଯୁକ୍ତ ଗୁପ୍ତଚର ନିର୍ବାଚନ କରୁଥିଲେ । ଗୁପ୍ତଚର ବହୁବିଧ; ଯଥା— (୧) କାପଟିକ ଗୁପ୍ତଚର (୨) ଉଦାସ୍ଥିତ ବା ଉଦାସୀନ ଚର (୩) 'ଗୃହପତି' [କ] ଚର (୪) ବଣିକ ଚର (୫) ତାପସ ଚର (୬) ସତ୍ରୀ ବା ଶିକ୍ଷାର୍ଥୀ ଚର (୭) ତୀକ୍ଷ୍ଣ ଚର (୮) 'ରସଦ' ବା ବିଷପ୍ରୟୋଗକାରୀ ଚର (୯) ଭିକ୍ଷୁକୀ (ସ୍ତ୍ରୀ) ଚର ଇତ୍ୟାଦି । ଏମାନେ ସାମୁଦ୍ରିକ ନିୟମରେ ହସ୍ତଲିପି ପଠନ ଛଳନା କରି ବ୍ୟକ୍ତି ବିଶେଷଙ୍କ ମୁଖର ଭାବଭଙ୍ଗିରୁ ଅନ୍ତର କଥା ଅନୁମାନ ବଳରେ ଜାଣି ସେମାନଙ୍କର ଭବିଷ୍ୟତ କହୁଥିଲେ । ଲୋକବଶ ପାଇଁ ଏ ପ୍ରବୃତ୍ତି ଚାଣକ୍ୟଙ୍କ ମତରେ ଉପାଦେୟ । କେହି ଷଡ଼ଯନ୍ତ୍ର ଚେଷ୍ଟା କଲେ ଗୋପନରେ ତାଙ୍କର ଦଣ୍ଡ ବିଧାନ ହେଉଥିଲା । ଶିକ୍ଷାର୍ଥୀ ଚର ସାମୁଦ୍ରିକ, ଯାଦୁବିଦ୍ୟା, ଇନ୍ଦ୍ରଜାଲ, ସାମୁ-

Digitized by srujanika@gmail.com

ଦାର୍ଶନିକ ସିଦ୍ଧାନ୍ତ, ଶକୁନ ବିଦ୍ୟା, ଲକ୍ଷଣ ଅଧ୍ୟୟନ କରୁଥିଲେ । ଲୋକ ସାଧାରଣଙ୍କ ସମାଗମ ସ୍ଥାନରେ ଏମାନେ ନାନା ଯୁକ୍ତିତର୍କ ଛଳରେ ରାଜାଙ୍କର ଗୁଣ କୀର୍ତ୍ତନ ଦ୍ୱାରା ତାଙ୍କ ପ୍ରତି ପ୍ରଜାମାନଙ୍କ ମନୋଭାବ କିପରି, ତାହା ଲକ୍ଷ୍ୟ କରୁଥିଲେ । ପ୍ରତିବେଶୀ ଶତ୍ରୁ ବା ରାଜା କିମ୍ବା କୌଣସି ଅରଣ୍ୟ ଜାତି ସହିତ ପ୍ରଜାମାନେ କିପରି ଯୋଗ ରଖନ୍ତି, ସେଥିପ୍ରତି ଦୃଷ୍ଟି ରଖୁଥିଲେ । ରାଜାଙ୍କ ପ୍ରତି ଅସନ୍ତୁଷ୍ଟ ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରି, ତାହା ବିଫଳ ହେଲେ ଅନ୍ୟମାନଙ୍କ ସହିତ ତାଙ୍କର ବିରୋଧ ଘଟାଉଥିଲେ ।

ପ୍ରତିବେଶୀ ରାଜ୍ୟରେ ପ୍ରବେଶ କରି ଚରଗଣ ସେହି ରାଜ୍ୟର ଅପମାନିତ, ପ୍ରତାରିତ, ପରିତ୍ୟକ୍ତ ବା ନିର୍ଯ୍ୟାତିତ ବ୍ୟକ୍ତିଙ୍କୁ ସେହି ରାଜାଙ୍କ ବିରୁଦ୍ଧରେ ଉତ୍ତେଜିତ କରୁଥିଲେ ।

ରାଜାଙ୍କ ଉତ୍ତରାଧିକାରୀ ବା ଯୁବରାଜ, ପ୍ରଧାନ ସେନାଧ୍ୟକ୍ଷ, ଦ୍ୱୌବାରିକ [Police Superintendent] ପ୍ରଶାସ୍ତା [Magistrate] ସମାହର୍ତ୍ତା [Collector-general] ସନ୍ନିଧାତା [Chamberlain] ନାୟକ [City constable] ପ୍ରଭୃତି ବିଭାଗର ଅଧ୍ୟକ୍ଷ, ମନ୍ତ୍ରୀପରିଷଦ ଦଣ୍ଡପାଳ [Commissary-general] ଓ ସାମନ୍ତ ଅଧ୍ୟକ୍ଷ, ଏମାନଙ୍କ କାର୍ଯ୍ୟକଳାପ ଓ ଗତିବିଧି ଚରଗଣ ରାଜାଙ୍କୁ ଜଣାଉଥିଲେ ।

ସମସ୍ଥାନ-ଚର ବିଷୟରେ ଅଧ୍ୟକ୍ଷ [Espionage] ଏମାନଙ୍କ ସମ୍ବାଦର ସତ୍ୟାସତ୍ୟ ନିଜ ବିଶ୍ୱସ୍ତ ଚର ଦ୍ୱାରା ପରୀକ୍ଷା କରୁଥିଲେ । ସମ୍ବାଦ ମିଥ୍ୟା ପ୍ରମାଣିତ ହେଲେ ସମ୍ପୃକ୍ତ ଗୁପ୍ତଚରକୁ ଗୋପନରେ

Digitized by srujanika@gmail.com

ଦଣ୍ଡ ପ୍ରଦାନ ଅଥବା କାର୍ଯ୍ୟଚ୍ୟୁତ କରାଯାଉଥିଲା । ରାଷ୍ଟ୍ରର ପଲ୍ଲୀମାନଙ୍କରେ କୃଷକଙ୍କର ମଧ୍ୟ ବସବାସ ସ୍ଥାପନ କରୁଥିଲେ । ବୁଦ୍ଧିମତୀ, ଚତୁରା, ଚରିତ୍ରବତୀ ବିଧବା ବ୍ରାହ୍ମଣୀଗଣ ଭିକ୍ଷୁକ ବା ପରିବ୍ରାଜିକା ଚର ନିଯୁକ୍ତ ହେଉଥିଲେ । ରାଜମନ୍ତ୍ରିଗଣଙ୍କ ଅନ୍ତଃପୁରକୁ ଯାତାୟାତ କରି ସେମାନଙ୍କ ଗୃହର ସମସ୍ତ ସନ୍ଧାନ ରଖିବା ଏମାନଙ୍କର ପ୍ରଧାନ କାର୍ଯ୍ୟ ଥିଲା ।

ଦୂତ

ଅର୍ଥଶାସ୍ତ୍ର ବର୍ଣ୍ଣିତ ଦୂତ ତ୍ରିବିଧ ପ୍ରକାର, ଯଥା—

(୧) ମନ୍ତ୍ରୀଭାବରେ ଯେ ସୁଚାରୁରୂପେ ଶାସନ ପରିଚାଳନ କରି ଅଭିଜ୍ଞତା ଅର୍ଜ୍ଜନ କରୁଥିଲେ, ସାଧାରଣତଃ ସେ ଦୂତ (Envoy) ରୂପେ ନିଯୁକ୍ତ ହେଉଥିଲେ ।

(୨) ଯେ ମନ୍ତ୍ରୀପଦ ସକାଶେ ଯୋଗ୍ୟତା ମାତ୍ର ବିଶିଷ୍ଟ ଅଥଚ ମନ୍ତ୍ରୀ କାର୍ଯ୍ୟ କରି ନଥିଲେ ତାଙ୍କୁ 'ନିଶୃଷ୍ଟାର୍ଥ' (Charge d) Affaires) ନିଯୁକ୍ତ କରାଯାଉଥିଲା ।

(୩) ଯେ ଏଥିରୁ ଏକପାଦ ମାତ୍ର ଊଣା ଯୋଗ୍ୟତା ବିଶିଷ୍ଟ, ସେ କୌଣସି ବିଶେଷ କାର୍ଯ୍ୟୋପଲକ୍ଷ୍ୟରେ 'ପରିମିତାର୍ଥ' (Agent) ବା ପ୍ରତିନିଧି ରୂପେ ମନୋନୀତ ହେଉଥିଲେ ।

(୪) କେବଳ ଅର୍ଦ୍ଧେକ ମାତ୍ର ଯୋଗ୍ୟତା ବିଶିଷ୍ଟ ବ୍ୟକ୍ତି 'ଶାସନହର' ବା ରାଜକୀୟ ପତ୍ର (Royal writ) ବାହକ ଭାବରେ ପ୍ରେରିତ ହେଉଥିଲେ ।

Digitized by srujanika@gmail.com

କୌଣସି ବିଶେଷ ଉଦ୍ଦେଶ୍ୟରେ 'ପର' ଦେଶକୁ ଯାତ୍ରା କଲାବେଳେ ଦୂତ ଯାନ ବାହନ, ଭୃତକ କର୍ମଚାରୀ, ଗୁପ୍ତଚର ଇତ୍ୟାଦିଙ୍କୁ ସଙ୍ଗରେ ନେଇ 'ରାଜକୀୟ ଛଟା'ରେ ପ୍ରସ୍ଥାନ କରୁଥିଲେ । କେତେ କଣ କହିବାକୁ ହେବ, ମନ୍ତ୍ରୀଗଣଙ୍କ ମୁଖରୁ ଅବଗତ ହୋଇ 'ପର' ରାଜ୍ୟର ଦୂତ ବା ରାଜାଙ୍କୁ କେବଳ ତାହା କହିବା ନିୟମ ଥିଲା । ବିପକ୍ଷୀୟ ବନ୍ୟ ପ୍ରଦେଶର ଅଧ୍ୟକ୍ଷ ବା ଆଟବିକ, ସୀମାନ୍ତ ଅଧ୍ୟକ୍ଷ ବା 'ଅନ୍ତପାଳ' ନଗର ଅଧ୍ୟକ୍ଷ ବା 'ନାଗରିକ' ଜନପଦ ଅଧ୍ୟକ୍ଷ ବା 'ପୌର' ସହିତ ଦୂତ ସୌହାର୍ଦ୍ଦ୍ୟ ସ୍ଥାପନ କରୁଥିଲେ । 'ପର' ପକ୍ଷର ଦୁର୍ଗର ସଂଖ୍ୟା ଓ ଦୃଢ଼ତା, ଶତ୍ରୁ ସୈନ୍ୟର ଅବସ୍ଥାନ ଓ ଶକ୍ତି, ସମର ଉପକରଣ ଓ ଅସ୍ତ୍ର ଶସ୍ତ୍ର, ଆକ୍ରମଣ ସମ୍ଭବ ଓ ଅସମ୍ଭବ ସ୍ଥାନ ଇତ୍ୟାଦିର ତଥ୍ୟ ଅବଗତ ହୋଇ ସ୍ୱପକ୍ଷର ସେହି ସବୁ ସହିତ ତୁଳନା କରି ଅବସ୍ଥାର ଗୁରୁତ୍ୱ ବିବେଚନା କରୁଥିଲେ । 'ପର' ରାଜଧାନୀରେ ଅବସ୍ଥାନ କାଳରେ ମଦ୍ୟପାନ, ସ୍ତ୍ରୀ ସହବାସ ବା ଅପର ବ୍ୟକ୍ତି ସହିତ ଏକତ୍ର ଶୟନ ଦୂତଙ୍କ ନିଷିଦ୍ଧ ଥିଲା । ତୀର୍ଥ ସ୍ଥାନକୁ ଗମନ କରି ଦୂତ ସେଠାରେ ସମାଗତ ଯାତ୍ରୀ ଓ ଭିକ୍ଷୁକଗଣଙ୍କ କଥା-ବାର୍ତ୍ତାରୁ, କିମ୍ବା କୌଣସି ମାଦକ ସେବୀ, ସ୍ଥୂଳବୁଦ୍ଧି ଲୋକସହ ଆଳାପ ଛଳରେ କିମ୍ବା ନିଦ୍ରିତ ବ୍ୟକ୍ତିର ପ୍ରଳାପରୁ 'ପର' ପକ୍ଷର ଅବସ୍ଥା ଜ୍ଞାତ-ହେବା ରୀତି ଥିଲା । ସ୍ୱପକ୍ଷୀୟ ରାଜାଙ୍କ 'ପ୍ରସ୍ତାବ' (Ultimatum) ବା ଶେଷ ସିଦ୍ଧାନ୍ତ 'ପର' ଦେଶ ରାଜାଙ୍କ ହସ୍ତଗତ କରିବାଠାରୁ ଆରମ୍ଭ କରି ସନ୍ଧି ସ୍ଥାପନ ବା ରାଜନୈତିକ ସମ୍ବନ୍ଧ ଛିନ୍ନ କରିବା ପର୍ଯ୍ୟନ୍ତ ଦୂତର କାର୍ଯ୍ୟ ଥିଲା । ସେ ସମ୍ପର୍କରେ ସମ୍ବାଦ ବା ସାଙ୍କେତିକ 'ଲିପି' ଲିଖିତ ପାରାବତ ଦ୍ୱାରା କିମ୍ବା ଅନ୍ୟ ଉପାୟରେ ପ୍ରେରଣ କରିବା ପ୍ରଥା ପ୍ରଚଳିତ ଥିଲା ।

Digitized by srujanika@gmail.com

'ମୁଦ୍ରା' ବା ଛାଡ଼ପତ୍ର

'ମୁଦ୍ରା' (PassPort) ବ୍ୟତୀତ କେହି 'ରାଷ୍ଟ୍ରତ୍ୟାଗ କିମ୍ବା ରାଷ୍ଟ୍ର ମଧ୍ୟରେ ପ୍ରବେଶ କରିପାରୁ ନ ଥିଲେ । ଏହା ଅମାନ୍ୟ କଲେ ଅପରାଧୀ ଗୁରୁତର ଦଣ୍ଡର ଭାଗୀ ହେଉଥିଲେ । 'ପଣ୍ୟଗ୍ରହଣ' ଅଧ୍ୟକ୍ଷ କିମ୍ବା ସୀମାନ୍ତ ରକ୍ଷକ ଏହି ସବୁ ଛାଡ଼ପତ୍ର ପରୀକ୍ଷା କରୁଥିଲେ । ଶତ୍ରୁପକ୍ଷର କିମ୍ବା ଅସଭ୍ୟ ବର୍ଣ୍ଣକ ଜାତିର ପ୍ରବେଶ ବାର୍ତ୍ତା 'ମୁଦ୍ରା' ବାର୍ତ୍ତା ପାରିଚତ ଦ୍ୱାରା ରାଜଧାନୀଠାକୁ ପ୍ରେରିତ ହେଉଥିଲା ।

ସ୍ଥଳ-ପଥ

ଅର୍ଥ-ନୀତି ଓ ସମର ନୀତି ହିସାବରେ ସଡ଼କ ନିର୍ମାଣ ଓ ସଂରକ୍ଷଣ ରାଜାଙ୍କର ପ୍ରଧାନ କର୍ତ୍ତବ୍ୟ ଥିଲା । ପ୍ରତି ଜନପଦ ଓ ନଗରୀ ସାମରିକ ପ୍ରୟୋଜନ ଦୃଷ୍ଟିରେ ପୂର୍ବରୁ ପଶ୍ଚିମକୁ 'ରାଜପଥ' ଏବଂ ବାଣିଜ୍ୟ ସକାଶେ ଉତ୍ତରରୁ ଦକ୍ଷିଣକୁ 'ମହାକଳା' ନାମରେ ସଡ଼କ ନିର୍ମିତ ହୋଇଥିଲା । ମୌର୍ଯ୍ୟ ସାମ୍ରାଜ୍ୟର ପ୍ରଧାନ ରାଜପଥ ଦାକ୍ଷିଣାତ୍ୟରୁ ଆରମ୍ଭ କରି ପାଟଳୀପୁତ୍ର ବାଟେ ତକ୍ଷଶିଳା ନଗର ଦେଇ ଉତ୍ତର ପଶ୍ଚିମ ସୀମାନ୍ତ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ବର୍ତ୍ତମାନର Grand Trunk Road. ଏହାର ସ୍ଥାନରେ ପ୍ରାୟ ନିର୍ମିତ । ଏହାର ପ୍ରତି ଅର୍ଦ୍ଧକ୍ରୋଶ ବା ୧୦୧୧½ ଗଜ ଅନ୍ତରରେ ଦୂରତା ସୂଚକ ପ୍ରସ୍ତର ପ୍ରୋଥିତ ହୋଇଥିଲା । ସଡ଼କର ପାର୍ଶ୍ୱରେ ବୃକ୍ଷ, କୂପ, ଡାକଘର [PostOffice] କରୁଆଳ କାର୍ଯ୍ୟାଳୟ [Police Station] ଓ ଶ୍ରାମାଗାର [Rest House] ଅଳ୍ପସଂ ନିରୂପିତ ଦୂରତାରେ ରହୁଥିଲା । ସଡ଼କ ଅବରୋଧ କିମ୍ବା ତାର କ୍ଷତି କରିବା

Digitized by srujanika@gmail.com

ଦଣ୍ଡନୀୟ ଥିଲା । ଅନ୍ୟାନ୍ୟ ଅନେକ ପ୍ରକାର ସଡ଼କ ମଧ୍ୟରେ ଯୁଦ୍ଧ-ରଥର ଯାତାୟାତ ନିମନ୍ତେ ପ୍ରସ୍ତର କିମ୍ବା ତାଳପଟ୍ଟାରେ ନିର୍ମିତ ଶକ୍ତ, କଠିନ ସଡ଼କ ପ୍ରଧାନତଃ ଉଲ୍ଲେଖଯୋଗ୍ୟ ।

ଜଳ-ପଥ

ସେ ସମୟରେ ଚୀନ, ବ୍ରହ୍ମଦେଶ, ମିଶର ଓ ଗ୍ରୀସ ଇତ୍ୟାଦି ପାଶ୍ଚାତ୍ୟ ଦେଶ ସହିତ ଜଳପଥରେ ଭାରତର ବାଣିଜ୍ୟ ଚାଲୁଥିଲା । ସେଥିପାଇଁ ମୌର୍ଯ୍ୟ ଶାସନ ଅଧୀନରେ ବହୁ ରଣତରୀ ଓ ବାଣିଜ୍ୟ-ପୋତ ଥିଲା । ବ୍ୟକ୍ତିବିଶେଷଙ୍କର ମଧ୍ୟ ବାଣିଜ୍ୟ ଜାହାଜ ଥିଲା । ବଣିକମାନଙ୍କୁ ଜଳଦସ୍ୟୁ ହସ୍ତରୁ ରକ୍ଷା କରିବା କିମ୍ବା ତଦ୍ଦ୍ୱାରା କ୍ଷତିଗ୍ରସ୍ତ ବଣିକର କ୍ଷତିପୂରଣ-ଶାସନ-ତନ୍ତ୍ରର କର୍ତ୍ତବ୍ୟ ଥିଲା । ଉଚିତ କର ନେଇ ସେହି କେନ୍ଦ୍ର ରାଜ୍ୟର ଜାହାଜ ବାଣିଜ୍ୟ ସକାଶେ ଭଡ଼ା ଦେଉଥିଲେ । ମୁକ୍ତା ଓ ଶଙ୍ଖ ଆହରଣ ସକାଶେ ବଣିକମାନେ ଏହି ନିଗ୍ରତଦ ଜାହାଜ ସମୂହର ସୁବିଧା ଗ୍ରହଣ କରୁଥିଲେ । ରାଜକୋଷରୁ ଆର୍ଥିକ ସାହାଯ୍ୟ ଦ୍ୱାରା ସାମୁଦ୍ରିକ ବାଣିଜ୍ୟକୁ ଉତ୍ସାହ ଦିଆ ଯାଉଥିଲା ।

ଜଳ-ପ୍ରଣାଳୀ

ସେ ସମୟରେ ଜଳସେଚନ ପ୍ରଣାଳୀ (Irrigation) ବ୍ୟବସ୍ଥାରେ କୃଷକଗଣଙ୍କୁ ଜଳ ଯୋଗାଇବା ରୀତି ଥିଲା । ଚନ୍ଦ୍ରଗୁପ୍ତଙ୍କର 'ସ୍ଥାନୀୟ' କର୍ମଚାରୀ (Provincial Governor) ପୁଷ୍ୟଗୁପ୍ତ ସୁଦୂର କାଠିଆ-ବାଡ଼ର ପାହାଡ଼ ମଧ୍ୟରେ ଗୋଟିଏ ଗିରି ନିର୍ଝରିଣୀର ଗତିରୋଧ

Digitized by srujanika@gmail.com

କର 'ସୁଦର୍ଶନ' ହ୍ରଦର ସୃଷ୍ଟି କରିଥିଲେ । ଏଥିରେ ଅକୁଣ୍ଠିତ ଭାବରେ ବହୁ ଅର୍ଥ ବ୍ୟୟ କରାଯାଇଥିଲା । ନନ୍ଦରାଜାଙ୍କ ଅମଳର ଗୋଟିଏ ଜଳ 'ସେତୁ' (Reservior) ବନ୍ୟା ପ୍ରଭାବରେ ଧ୍ୱଂସ ମୁଖରେ ପତିତ ହେଉଥିବା ଦେଖି ଚନ୍ଦ୍ରଗୁପ୍ତଙ୍କ ପରବର୍ତ୍ତୀ ସମୟର 'କଳିଙ୍ଗ [କଳିଙ୍ଗ] ସମ୍ରାଟ ଖାରବେଳ ଖ୍ରୀଷ୍ଟପୂର୍ବାବ୍ଦ ୧୬୫ ସାଲରେ ବହୁ ଅର୍ଥ ବ୍ୟୟରେ ତାହାର ସଂସ୍କାର କରିଥିଲେ । ଏକଥା ଉଦୟଗିରିର ହାତୀ ଗୁମ୍ଫାରେ ଖୋଦିତ ଅଛି [୧] ଖାରବେଳ ନୀର ଯେତେବେଳେ ଅଫଗାନି ସ୍ଥାନ ପର୍ଯ୍ୟନ୍ତ ଦିଗ୍‌ବିଜୟ କରି କାବୁଲ ରାଜକନ୍ୟା 'ଧୁସି'ଙ୍କୁ ବିବାହ କରି ଫେରୁଥିଲେ, ସେ ସମୟରେ ଉପରୋକ୍ତ 'ସେତୁ' ବା ଭଣ୍ଡାରର ସଂସ୍କାର ବିଧାନ ହୋଇଥିଲା । ସେ ସମୟରେ କୃଷିକ୍ଷେତ୍ରକୁ ଜଳ ବିତରଣ ବାୟୁକଳ (Wind Mill) ଦ୍ୱାରା କରାଯାଉଥିଲା । [୨]

ସୁରା ଓ ଦ୍ୟୁତକ୍ରୀଡ଼ା

ସୁରା ବିକ୍ରୟ ଓ ଦ୍ୟୁତକ୍ରୀଡ଼ା ଶାସନ-ତନ୍ତ୍ର ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ପଲ୍ଲୀ ଗ୍ରାମରେ ଏହାର ପ୍ରବେଶ ନିଷିଦ୍ଧ ଥିଲା । ସହରରେ ଅନୁମତି ବା (License) ବ୍ୟତିରେକେ କେହି ସୁରା ବିକ୍ରୀ କରୁ ନଥିଲେ । ମଦ୍ୟ ଓ ଦ୍ୟୁତାଗାର ଅତି ଅଳ୍ପ ସଂଖ୍ୟାରେ ରହୁଥିଲା । ଅତ୍ୟଧିକ ବିଜ୍ଞାପନ ଓ କଡ଼ା ଆଇନ ଦ୍ୱାରା ଏ ଉଭୟର ପ୍ରଚଳନ

---

(1) V. A. Smith's Early History of India—1st Edition foot note 3 to P 35

(2) Havell's Early History of Aryan Rule in India — P. 73

Digitized by srujanika@gmail.com

ହ୍ରାସ କରିବା ପାଇଁ ରଜାଙ୍କର ତୀବ୍ର ଦୃଷ୍ଟି ଥିଲା । ଗ୍ରାହକମାନଙ୍କ ମନଃତୁଷ୍ଟି ସକାଶେ ମଦ୍ୟଗୃହ ସୁବାସିତ ପୁଷ୍ପ ଓ ସୁଗନ୍ଧ ଦ୍ରବ୍ୟରେ ପୂର୍ଣ୍ଣ ହୋଇଥିଲା । ଜଣେ କର୍ମଚାରୀ (Excise Inspector) ସର୍ବଦା ସେହି ସ୍ଥଳରେ ଉପସ୍ଥିତ ରହି ବିଷୟ ନିରୂପଣ କରୁଥିଲେ । ଦ୍ୟୂତଶାଳାରେ ମଧ୍ୟ ଜଣେ କର୍ମଚାରୀ ରହି କାହାପ୍ରତି କୌଣସି ଅତ୍ୟାଚାର ନହେବା ସକାଶେ ତତ୍ପର ଥିଲେ । ବ୍ରାହ୍ମଣମାନଙ୍କ ପକ୍ଷରେ 'ସେବନ' ଓ 'କ୍ରୀଡ଼ା' ନିଷିଦ୍ଧ ଥିଲା ।

ବିଚାର ବିଭାଗ

ଚନ୍ଦ୍ରଗୁପ୍ତଙ୍କ ଶାସନରେ ସମର ଓ ଫୌଜଦାରୀ ବିଭାଗରୁ ଦେଓ୍ୱାନୀ ବିଭାଗ ସ୍ୱତନ୍ତ୍ର ଥିଲା । ପଲ୍ଲୀର ବିବାଦ ବିସମ୍ବାଦ ସେଠା 'ଗ୍ରାମଣୀ' ଓ ପଞ୍ଚାୟତ ଦ୍ୱାରା ନିଷ୍ପତ୍ତି ହେଉଥିଲା । ସହରମାନଙ୍କରେ ନିମ୍ନ ଓ ଉଚ୍ଚ ଦୁଇଟି ବିଚାରାଳୟ ଥିଲା । ପ୍ରତ୍ୟେକରେ ତିନିଜଣ ବିଚାରପତି ରହୁଥିଲେ । ବିଚାରପତିଗଣ ଦେଶୀୟ ବିଧି ବିଧାନ, ଧର୍ମ, ସାହିତ୍ୟ, ବେଦ ଏବଂ ପାରମ୍ପରିକ ଅର୍ଥଶାସ୍ତ୍ରରେ ପାରଦର୍ଶୀ ଥିଲେ । ସ୍ଥାନୀୟ ରୀତିନୀତି ପ୍ରଥା ପଦ୍ଧତିରେ ଅଭିଜ୍ଞ ତିନିଜଣ ପ୍ରତିନିଧି (Jury) ଙ୍କ ସାହାଯ୍ୟରେ ନ୍ୟାୟପତିଗଣ ବିଚାର ନିଷ୍ପନ୍ନ କରୁଥିଲେ । ଚୁକ୍ତିପତ୍ର, ଋଣଗ୍ରହଣ, ଅପମାନ ଓ ମାନହାନି, ଚୌର୍ଯ୍ୟ, ସୀମା ବିବାଦ, ଫସଲ, ପ୍ରାନ୍ତର ଓ ସଡ଼କର କ୍ଷତିକରଣ, ପାରିବାରିକ କଳହ, ଶିଳ୍ପି-ସଙ୍ଘ, ସମବାୟ ସମିତି ସଂକ୍ରାନ୍ତ ବିଷୟ ନିମ୍ନ ବିଚାରାଳୟର ଅଧୀନ ଥିଲା ।

Digitized by srujanika@gmail.com

ଉଚ୍ଚ ବିଚାରାଳୟ

[High Court of Judicature]

କାରୁ ଶିଳ୍ପିଗଣ [Handicrafts-men] ରାଜକର୍ମଚାରୀ ରୂପେ ପରିଗଣିତ ହେଉଥିଲେ । ସେମାନଙ୍କ ଅପମାଚରଣ ଶାସନ-ତନ୍ତ୍ରର ବିରୁଦ୍ଧାଚରଣ ବୋଲି ଗୃହୀତ ହେଉଥିଲା । ଉଚ୍ଚ ବିଚାରାଳୟରେ କାରୁଶିଳ୍ପି ଓ ବଣିକଗଣଙ୍କ ସ୍ୱାର୍ଥ ସଂରକ୍ଷଣ, ଦୁର୍ଭିକ୍ଷାଦି ରାଷ୍ଟ୍ରୀୟ ଦୁର୍ଗତି ସଂକ୍ରାନ୍ତ ବିଷୟର ବ୍ୟବସ୍ଥା ଦିଆ ଯାଉଥିଲା । ଏକାଧାରରେ ବିଚାର ଓ ବ୍ୟବସ୍ଥା ଦାନ ଏହାର ପ୍ରକୃତି ଥିଲା । ସନ୍ଦେହ-ଜନକ ହତ୍ୟା, ଗୁରୁତର ଚୌର୍ଯ୍ୟ-ଅଭିଯୋଗ, ବ୍ରାହ୍ମଣମାନଙ୍କ ପ୍ରତି ଅଭିଯୋଗ ଇତ୍ୟାଦି ଏହାର ବିଚାରାଧୀନ ଥିଲା ।

ଶେଷ ନିଷ୍ପତ୍ତି

[Supreme Court of appeal]

କୌଣସି ବ୍ୟକ୍ତି ଉପରୋକ୍ତ ନିମ୍ନସ୍ଥ ବିଚାରାଳୟରେ ନ୍ୟାୟ ପ୍ରାପ୍ତ ହୋଇ ନଥିବା ମନେ କଲେ ଚରମ ବିଚାରସଭାକୁ ଆବେଦନ କରୁଥିଲେ । ବିଶେଷଭାବରେ ମନୋନୀତ ଶାସ୍ତ୍ରଜ୍ଞ ବ୍ରାହ୍ମଣ ପରିବେଷ୍ଟିତ ହୋଇ ସଚିବ ସହିତ ଏହିସବୁ ଆବେଦନର ବିଚାର କରୁଥିଲେ । ରାଜା ଏହି ବିଚାରକ ଦଳର ସଭାପତି ଥିଲେ । ଏହାର ନିଷ୍ପତ୍ତିହିଁ ଶେଷ ନିଷ୍ପତ୍ତି ହେଉଥିଲା ।

Digitized by srujanika@gmail.com

ପ୍ରଜା ପାଳନ

ସର୍ବଧର୍ମ, ସର୍ବକର୍ମ ସକଳ ଶ୍ରେଣୀର ପ୍ରଜା ରାଜାଙ୍କ ଦୃଷ୍ଟିରେ ସମାନ । ସମସ୍ତେ ସମାନ ଭାବରେ ବିଚାର ଲାଭ କରୁଥିଲେ । ବ୍ରାହ୍ମଣ-ମାନେ ମଧ୍ୟ ଦଣ୍ଡରୁ ମୁକ୍ତ ନଥିଲେ । ପ୍ରଜାଙ୍କ ବୈଷୟିକ ଉନ୍ନତି ନିମନ୍ତେ, ଶିଳ୍ପ ଓ ବାଣିଜ୍ୟକୁ ଆର୍ଥିକ ସାହାଯ୍ୟ ଦ୍ୱାରା ଉତ୍ସାହ ଦିଆଯାଉଥିଲା । ରାଜସ୍ୱ ସ୍ୱରୂପ ଆଦାୟ ଶସ୍ୟରୁ ଅର୍ଦ୍ଧେକ ଦୁର୍ଭିକ୍ଷାଦି ସଙ୍ଗ ସଙ୍କଟ ନିମନ୍ତେ ସ୍ୱତନ୍ତ୍ର ଭାବରେ ସଂରକ୍ଷିତ ହେଉଥିଲା । ଦୁର୍ଭିକ୍ଷବେଳେ ପ୍ରପୀଡ଼ିତ ପ୍ରଜାଙ୍କୁ ଶସ୍ୟ ବିତରଣ, ପରବର୍ତ୍ତୀ ଚାଷ ପାଇଁ ବିହନ ଦାନ, ନିରନ୍ନ ବ୍ୟକ୍ତିଙ୍କ ଅନ୍ନ ସଂସ୍ଥାନ ସକାଶେ ଜଳ ଭଣ୍ଡାର ବା ଅନ୍ୟ ସାଧାରଣ କାର୍ଯ୍ୟ ପ୍ରତିଷ୍ଠା; ଶସ୍ୟଶାଳୀ ପ୍ରଦେଶ, ନଦୀ, ହ୍ରଦ ବା ସମୁଦ୍ର ତୀରକୁ ଲୋକ-ନିବାସ ସ୍ଥାନାନ୍ତର-କରଣ ଇତ୍ୟାଦି ପ୍ରତୀକାର କରାଯାଉଥିଲା । ସମାଜର ଚିନ୍ତାଶୀଳ ବ୍ୟକ୍ତିଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ରାଜା ତୀବ୍ର ଦୃଷ୍ଟି ରଖୁଥିଲେ । ସମାଜରେ ଜ୍ଞାନଚର୍ଚ୍ଚାର ଆଦର ଥିଲା । ବାଣିଜ୍ୟ ସୁବିଧା ସକାଶେ ରାଜପଥ ଓ ଜାହାଜ ନିର୍ମାଣ, ସାଧାରଣଙ୍କ ସୁଖ ସୁବିଧା ନିମନ୍ତେ ଜଳାଶୟ ଓ କୂପ ଖନନ, ରାଷ୍ଟ୍ର ମଧ୍ୟରୁ ଦସ୍ୟୁ ଓ ହିଂସ୍ର ପଶୁ ଦୂରୀକରଣ, ବିଶ୍ରାମ ଗୃହ ନିର୍ମାଣ, ବନଜାତ ଦ୍ରବ୍ୟରୁ ପଣ୍ୟ ପ୍ରସ୍ତୁତ ସକାଶେ ଶିଳ୍ପାଗାର (Factory) ସ୍ଥାପନ, ରୁଗ୍ଣ, ପଙ୍ଗୁ, ନିରାଶ୍ରୟ, ଅନାଥ ଅବଳା ଓ ସେମାନଙ୍କ ସନ୍ତାନ ସନ୍ତତିଙ୍କ ସଂରକ୍ଷଣ, ସମ୍ଭାବ୍ୟ ଉଦ୍ୟମ ପ୍ରତି କୃଷକ ଓ ଶିଳ୍ପୀମାନଙ୍କ ମନୋଯୋଗ ଆକର୍ଷଣ ଓ ଉତ୍ସାହ ଦାନ, ଯୁଦ୍ଧ ସମୟରେ ସେମାନଙ୍କ ସ୍ୱାର୍ଥ ସଂରକ୍ଷଣ ଇତ୍ୟାଦିର ବିଶେଷ ବ୍ୟବସ୍ଥା ଥିଲା । ସ୍ତ୍ରୀ ଓ ସନ୍ତାନଙ୍କର ଅନ୍ନ ବ୍ୟବସ୍ଥା ନକରି ସନ୍ୟାସ ଧର୍ମ ଗ୍ରହଣ କରିବା ଦଣ୍ଡନୀୟ ଥିଲା ।

Digitized by srujanika@gmail.com

ପରିଶିଷ୍ଟ (ଖ)

କ୍ୟାଟୋର୍ଟି କଥା

ଭାରତର ଉତ୍ତରାଞ୍ଚଳରେ ଗ୍ରୀକ ସାମ୍ରାଜ୍ୟ ନାମ ମାତ୍ର ଥିଲା। ଗ୍ରୀକ ଶିବିର ଯେଉଁକ ସ୍ଥାନରେ ଥିଲା,-ସେତକ ମାତ୍ର ଗ୍ରୀକମାନେ ଅଧି-କାର କରିଥିଲେ ବୋଲି ହଣ୍ଟର ସାହେବଙ୍କ ଏ ନିମ୍ନ ଉଦ୍ଧୃତ ଲେଖାରୁ ଜଣାଯାଏ।

"The country was hostile and the Greeks held only the land on which they encamped"

Sir William Hunter's— The Indian Empire
P 212

କେବଳ ଏତିକି ନୁହେଁ, ଗ୍ରୀକ ସୈନ୍ୟ ବହୁ ସଂଖ୍ୟକ ଓ ବଳିଷ୍ଠ ଥିଲା କଥା ପ୍ରତିପନ୍ନ କରାଇବା ସକାଶେ ସେଲେଉକସ ସାହା-ଯୋଗ୍ୟ ଏ ଅନ୍ୟ ଉପାୟ ଅବଲମ୍ବନ କରିଥିଲେ ବୋଲି ଭିନ୍‌ସେଣ୍ଟସ୍ମିଥ୍ ସାହେବ କହନ୍ତି। ଅର୍ଥାତ୍ ଯେତକ ସ୍ଥାନରେ ଗ୍ରୀକ ଶିବିର ଥିଲା,-ତା'ଠାରୁ ବହୁଗୁଣ ବଡ଼ ଆୟତନ ମଧ୍ୟରେ, ଅଶ୍ୱଶାଳା, ଅସ୍ଥାୟୀ ବାସ ଭବନ ଏବଂ ବୃହଦାକାର ସ୍ତୂପ ପ୍ରଭୃତି ନିର୍ମାଣ କରିଥିଲେ। ତାଙ୍କ ଭବିଷ୍ୟ-ଇତିହାସ ଲେଖକଗଣ ଭାବି ନେବେ, ତାଙ୍କ ସେନା ବଳିଷ୍ଠ ଥିବାରୁ ଏତେ ବିସ୍ତୃତ ସ୍ଥାନ ମାଡ଼ି ରହିଥିଲା। ଦୁଃଖର କଥା ସେ ସତ୍ୟ ଗୋପନ କରିପାରି ନାହାନ୍ତି। ସେଲେଉକସଙ୍କର ଏ ସଙ୍କୀର୍ଣ୍ଣତା ଆଜି ଇତି-ହାସ-ମୁଖରେ ତାଙ୍କ କଳଙ୍କ ରଚନା ମାତ୍ର କରୁଅଛି।

[୨] ମୌର୍ଯ୍ୟ ରାଜତ୍ୱ କାଳରେ ଭାରତୀୟ ସମାଜର ନୈତିକ ଭିତ୍ତି କେତେ ସୁଦୃଢ଼ ଥିଲା, ମେଗାସ୍ଥିନିସଙ୍କ ବର୍ଣ୍ଣନାରୁ ଜଣାଯାଏ—

"The Greek ambassador observed with admiration the absence of slavery in India,

Digitized by srujanika@gmail.com

the chastity of the women, and the courage of the men."

Sir William Hunter's— The Indian Empire P 217.

ଏହାର ମର୍ମ— "ଭାରତବର୍ଷ ଦାସତ୍ୱ ପ୍ରଥା ନଥିବା, ପୁଣି ଭାରତୀୟ ନାରୀର ସତୀତ୍ୱ ଏବଂ ପୁରୁଷର ସାହସ ଦେଖି ଗ୍ରୀକ ଦୂତ ବିସ୍ମିତ ଓ ମୁଗ୍ଧ ହୋଇଥିଲେ ।"

(୩) ମୁରାଙ୍କ ପିତା 'ମୟୂର ପୋଷକ' ଥିବାରୁ ମୁରାଙ୍କ ବଂଶଧରଗଣ 'ମଉର୍ଯ୍ୟ' ବା 'ମୌର୍ଯ୍ୟ' ନାମରେ ପରିଚିତ ହେବା କଥା କେହି କେହି କହନ୍ତି । ଏହା ସଙ୍ଗତ ବୋଧହୁଏ । Beglar ସାହେବ କହନ୍ତି—

"That Mayurbhanj family were once very powerful, there cannot be any reason for doubting and although the speculation appears wild, it is not impossible that this family may have been descended from Asoka himself, who we know, was a Maurya— *so called perhaps from being of Mayur family.*"

Report— Arch. Survey of India Vol XIII P 74

[୪] ଉପରୋକ୍ତ ଉଦ୍ଧୃତାଂଶରୁ ଏହା ମଧ୍ୟ ଅନୁମିତ ହୁଏ ଯେ ଉତ୍କଳର ବିଖ୍ୟାତ ଭଞ୍ଜବଂଶ (ମୟୂରଭଞ୍ଜର) ଚନ୍ଦ୍ରଗୁପ୍ତଙ୍କ ବଂଶଧର ମାତ୍ର । ଅଶୋକଙ୍କ କଳିଙ୍ଗ ବିଜୟ ପରେ ତାଙ୍କ ବଂଶର କେହି ପ୍ରତିନିଧି ଉତ୍କଳରେ ଅବସ୍ଥାନ କରି ଉତ୍କଳ ପୁଣି ସ୍ୱାଧୀନତା ଘୋଷଣା କଲା ପରେ ଉତ୍କଳ ରାଜାଙ୍କ ଅଧୀନରେ ଅରଣ୍ୟ-ଅଞ୍ଚଳରେ ରାଜ୍ୟ ସ୍ଥାପନ କରିଥିବା ସମ୍ଭବ ।

Digitized by srujanika@gmail.com

[୫] ନନ୍ଦଙ୍କଠାରୁ କ୍ଷତ୍ରିୟ ବଂଶର ଲୋପ ସାଧନ କଥା ବିଷ୍ଣୁ ଓ ଅନ୍ୟାନ୍ୟ ପୁରାଣରେ ଲେଖାଅଛି । ମହାପଦ୍ମ ନନ୍ଦ ଶୂଦ୍ର ଔରସରେ ଜାତ ହୋଇ ମଧ୍ୟ ରାଜା ହେବାରୁ ପୁରାଣକାର ଏହି ମତ ଦେଇଅଛନ୍ତି । ଚାଣକ୍ୟ କିନ୍ତୁ ଏପରି-ଜନ୍ମଗତ ଦାବୀରେ ଜାତି ନିର୍ଣ୍ଣୟ କରୁ ନଥିଲେ। ସେ 'ଗୁଣକର୍ମ ବିଭାଗ'ର ପୁନଃ ପ୍ରଚଳନ କରିଥିବା ପ୍ରମାଣ ଯଥେଷ୍ଟ ମିଳେ । କାରଣ ମହାପଦ୍ମ ନନ୍ଦଙ୍କ ଶୂଦ୍ରପତ୍ନୀ ଜାତ ପୁତ୍ର ଚନ୍ଦ୍ରଗୁପ୍ତଙ୍କ ଠାରେ କ୍ଷତ୍ରିୟୋଚିତ ଗୁଣାବଳୀର ପରିଚୟ ପାଇ ତାଙ୍କୁ ସିଂହାସନରେ ବସାଇ ଥିଲେ ଏବଂ ତାଙ୍କଠାରୁ ପୂତ କ୍ଷତ୍ର ପ୍ରତିଷ୍ଠିତ ଶାସନ ପ୍ରଚଳିତ ହେବା ଘୋଷଣା କରିଥିଲେ । ସେ ନିଜ ଅଦମ୍ୟ ଓ ଅପ୍ରତିହତ ଉଦ୍ୟମ ବଳରେ ସମାଜର ସଞ୍ଚିତ ରକ୍ଷଣଶୀଳତା ଓ ଅନ୍ଧବିଶ୍ୱାସ ଧ୍ୱଂସ କରି ନବ ସଂସ୍କାର ବିଧାନ କରିଥିଲେ ।

[୬] ଶକଟାର, ଚାଣକ୍ୟ, ରାକ୍ଷସ ସମସ୍ତେ ବ୍ରାହ୍ମଣ ମନ୍ତ୍ରୀ ଥିଲେ, ଏଥିରୁ ଅନୁମିତ ହୁଏ, ସେତେବେଳେ ମନ୍ତ୍ରୀ କାର୍ଯ୍ୟ ସକାଶେ କେବଳ ଶିକ୍ଷିତ ବ୍ରାହ୍ମଣ ମନୋନୀତ ହେଉଥିଲେ । ବ୍ରାହ୍ମଣମାନେ ସମାଜର ଜ୍ଞାନ ଦାତା ଓ ନିଜର ଉର୍ବର ମସ୍ତିଷ୍କ ପ୍ରସୂତ ଚିନ୍ତା ଦ୍ୱାରା ସମାଜର ରକ୍ଷକ ଥିଲେ। ସମାଜର ମଙ୍ଗଳ ନିମନ୍ତେ କେବଳ ଚିନ୍ତା କରିବା ପାଇଁ ସେ ଦଳେ ସଙ୍ଗତି-ସମ୍ପନ୍ନ ଲୋକ ଥିଲେ, ଏଥିରୁ ସେ କାଳର ସମାଜ କି ଉନ୍ନତ ଥିଲା, ସହଜରେ ଅନୁମିତ ହୁଏ ।

ବ୍ରହ୍ମପୁର 'ଆଶା' ପ୍ରେସରେ ଶ୍ରୀ ଶଶିଭୂଷଣ ରଥଙ୍କ ଦ୍ୱାରା ମୁଦ୍ରିତ

Digitized by srujanika@gmail.com

ପୁସ୍ତକ ପରାମର୍ଶ

'ଚାଣକ୍ୟ' ସଙ୍କଳନରେ ମୁଁ ନିମ୍ନଲିଖିତ ପୁସ୍ତକାବଳୀର ସାହାଯ୍ୟ ନେଇଅଛି ; କୌଣସି ପାଠକ ଇଚ୍ଛା କଲେ ସେଥିରୁ ଏସମ୍ବନ୍ଧେ ଅନ୍ୟାନ୍ୟ ପ୍ରକୃତ ତଥ୍ୟ ଲାଭ କରିପାରିବେ—

[୧] ମୁଦ୍ରା-ରାକ୍ଷସ ନାଟକ [ଓଡ଼ିଆ ଅନୁବାଦ]
୰ ପଣ୍ଡିତ ମୃତ୍ୟୁଞ୍ଜୟ ରଥ, କାବ୍ୟତୀର୍ଥ

(2) Mudra-Rakshasa — [English translation] H. H. Wilson, 3rd Edition

[୩] ଚନ୍ଦ୍ରଗୁପ୍ତ ନାଟକ [ବଙ୍ଗଳା]
୰ ଦ୍ୱିଜେନ୍ଦ୍ର ଲାଲ ରାୟ

(4) Kautilya's Artha-shastra—
R. Shamashastry

[୫] ଚାଣକ୍ୟ [ବଙ୍ଗଳା]
ଶ୍ରୀ ଜରଣେଚନ୍ଦ୍ର ମୁଖୋପାଧ୍ୟାୟ

(6) History of Aryan Rule in India
E. B Havell

(7) Early History of India—
Vincent. A. Smith

(8) Ancient India—
E. J. Rapson

(9) The Indian Empire
Sir William W. Hunter

(10) The Prince—
Niccolo Machiavelli

Digitized by srujanika@gmail.com

ଗଞ୍ଜାମ ଷ୍ଟୋରଙ୍କ

ସଚିତ୍ର

ଶିଶୁରଞ୍ଜନ ଗ୍ରନ୍ଥମାଳା

୧—କୀର୍ତ୍ତିମାଳା—ଶ୍ରୀ ଗୋଦାବରୀଶ ମହାପାତ୍ର ମୂ ।୬.

୨—ଶ୍ରୀଚୈତନ୍ୟ— ,, ମୂ ।/

୩—କଥା-କାହାଣୀ ,, ମୂ ।୬

୪—ସତ୍ୟଭାମା—ପଣ୍ଡିତ ଲିଙ୍ଗରାଜ ଶାସ୍ତ୍ରୀ ମୂ ।/

୫—ଏକଲବ୍ୟ—ଶ୍ରୀ ଈଶ୍ୱର ପାଢ଼ୀ (ଯନ୍ତ୍ରସ୍ଥ)

୬—ଶର୍ମିଷ୍ଠା—ପଣ୍ଡିତ ବନମାଳୀ ମିଶ୍ର କାବ୍ୟତୀର୍ଥ ,,

୭—ଯଶୁଶ୍ରୀମ—ଶ୍ରୀ ଗୋଦାବରୀଶ ମହାପାତ୍ର ,,

୮—ପାର୍ବତୀ - ଶ୍ରୀ ଈଶ୍ୱର ପାଢ଼ୀ ,,

ଶୀଘ୍ର ପ୍ରକାଶିତ ହେବ

୯—ଦଧୀଚି

୧୦—ଶ୍ରୀକୃଷ୍ଣ

୧୧—ବିଭୀଷଣ

୧୨—ଗୌତମ

୧୩—ହନୁମାନ

୧୪—ଶଙ୍କରାଚାର୍ଯ୍ୟ

—:୦:—

Digitized by srujanika@gmail.com

ଗଞ୍ଜାମପ୍ରେସ୍‌ରେ ଅନ୍ୟାନ୍ୟ ପୁସ୍ତକ

୧—ବୀର ସୁରଥ-ଶ୍ରୀ ବାସୁଦେବ ମହାପାତ୍ର ଟ ୴

୨—ନବଗୀତିକା-ଶ୍ରୀ ପାରଥି ସାହୁ ଟ ୴

୩—ହିନ୍ଦୁ ରମଣୀ-ଶ୍ରୀ ଅଶ୍ୱିନୀକୁମାର ଘୋଷ ଏମ୍,ଏ ଟ ୧

୪—ସୁଭଦ୍ରା-ଶ୍ରୀ ଦୟାନିଧି ମିଶ୍ର ବି.ଏ ଏଲ୍.ଟି, ଟ ୴

୫—ତୃଣକଣା-ଶ୍ରୀ ଈଶ୍ୱର ସାହୁ ଟ ୧୴

୬—ପ୍ରବନ୍ଧ-ପ୍ରସୂନ-ଶ୍ରୀ କୁଳମଣି ମିଶ୍ର ବି.ଏ ଏଲ୍.ଟି, ଟ ।୵

୭—ଗୀତ-ମାଧୁରୀ-ଶ୍ରୀ ପାରଥି ସାହୁ ଟ ୴୵

୮—ରଚନା ବୋଧ ପ୍ରଥମଭାଗ-ଶ୍ରୀ ଗୋ: ମିଶ୍ର ଏମ୍.ଏ, ବିଟି. ଟ ।୵

୯—ରଚନାବୋଧ ଦ୍ୱିତୀୟ ଭାଗ „ ଟ ୴

୧୦—ଆଦର୍ଶ ବ୍ୟାକରଣ-ପଣ୍ଡିତ ନାରାୟଣ ତ୍ରିବେଦୀ ଟ ୵୬

୧୧—ଖଣ୍ଡ [ତେଲଙ୍ଗ] ଟ ।୵

ଶୀଘ୍ର ପ୍ରକାଶିତ ହେବ

୧୨—ଶକୁନ—ପଣ୍ଡିତ ନୀଳକଣ୍ଠ ଦାଶ ଏମ୍.ଏ,

୧୩—ନେପୋଲିଅନ-ପଣ୍ଡିତ ଗୋଦାବରୀଶ ମିଶ୍ର ଏମ.ଏ ବିଟି

୧୪—ଶୁକ୍ରାଚାର୍ଯ୍ୟ—

୧୫—ଦ୍ରୋଣାଚାର୍ଯ୍ୟ—

୧୬—ବୀଣାର ତାନ- ଶ୍ରୀପାରଥି ସାହୁ

Digitized by srujanika@gmail.com